# ପ୍ରାଚୀନ ଉତ୍କଳ

## ( ଦ୍ୱିତୀୟ ଭାଗ )

ଜଗବନ୍ଧୁ ସିଂହ

ଓଡ଼ିଶା ସାହିତ୍ୟ ଏକାଡ଼େମୀ
ଭୁବନେଶ୍ୱର-୧୪

# ପ୍ରାଚୀନ ଉତ୍କଳ ( ଦ୍ୱିତୀୟ ଭାଗ )

ଲେଖକ : ୰ଜଗବନ୍ଧୁ ସିଂହ

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪

ତୃତୀୟ ସଂସ୍କରଣ : ୧୯୮୨

ମୁଦ୍ରଣ : ଲିଲି ପ୍ରିଣ୍ଟର୍ସ, କଟକ-୩

ମୂଲ୍ୟ : ଟ ୨୦-୦୦ ( କୋଡ଼ିଏ ଟଙ୍କା )

**PRACHIN UTKAL (2nd Part)**

*Writer Late :* **Jagabandhu Singh**

*Published by :* Orissa Sahitya Akademi
Bhubaneswar-14

**Third Publication-1982**

*Printed at -* **Lily Printers,**
Cuttack-3

*Price :* **Rs. 20/-** ( Twenty only )

# ଭୂମିକା

ପ୍ରାଚୀନ ଉତ୍କଳର ପ୍ରଥମ ଖଣ୍ଡରେ ଅଶୋକ, ଖାରବେଳଙ୍କ କାଳରୁ ଶେଷ ହିନ୍ଦୁ ରାଜ ବଂଶ ଭୋଇ ବଂଶ ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ଓ ସଂସ୍କୃତି ଉପରେ ଲେଖକ ଆଲୋକପାତ କରିଥିଲେ । ଏହି ଦ୍ୱିତୀୟ ଖଣ୍ଡରେ ଆଫଗାନ-ମୋଗଲ ରାଜତ୍ୱ ଠାରୁ ଆରମ୍ଭକରି ମରହଟ୍ଟା ରାଜତ୍ୱର ବିଲୋପ ଓ ବ୍ରିଟିଶ୍ ରାଜତ୍ୱର ଆରମ୍ଭ ପର୍ଯ୍ୟନ୍ତ ଇତିହାସ ଲେଖକ ଆଲୋଚନା କରି ଅଛନ୍ତି । ଏହା ବ୍ୟତୀତ ଏହି ଖଣ୍ଡରେ ଓଡ଼ିଶାର ମନ୍ଦିର ଶିଳ୍ପ, ନୌବାଣିଜ୍ୟ, ଅର୍ଥନୀତି ଓ ଭୂସ୍ୱତ୍ୱ ପ୍ରଭୃତି କେତେକ ବିଷୟ ଆଲୋଚିତ ହୋଇଅଛି । ଓଡ଼ିଶାର ଶିଳ୍ପଶାସ୍ତ୍ର ଓ ନୌବାଣିଜ୍ୟ ସମ୍ପର୍କରେ, ଏଥିରେ ଯେଉଁ ମୌଳିକ ଆଲୋଚନା କରାଯାଇଅଛି, ଆଜିର ଆଲୋଚକ ଓ ଗବେଷକମାନଙ୍କ ପକ୍ଷରେ ତାହା ଯେ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିବ, ସେଥିରେ ମୋର ସନ୍ଦେହ ନାହିଁ ।

**ସୁରେନ୍ଦ୍ର ମହାନ୍ତି**
ସଭାପତି
ଓଡ଼ିଶା ସାହିତ୍ୟ ଅକାଦମୀ
ଭୁବନେଶ୍ୱର

# ସୂଚିପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ୧ । ଆଫଗାନ ମୋଗଲ୍ ଓ ମରହଟ୍ଟା ଶାସନ | ... | ... | ୧ |
| ୨ । ଆର୍ଥିକ ଅବସ୍ଥା | ... | ... | ୨୬ |
| ୩ । ଗୃହନିର୍ମାଣ ପ୍ରଥା | ... | ... | ୩୮ |
| ୪ । ଶିଳ୍ପ | ... | ... | ୫୪ |
| ୫ । ଜଗନ୍ନାଥ ଦେଉଳ | ... | ... | ୮୩ |
| ୬ । ବ୍ୟବସାୟ ବାଣିଜ୍ୟ | ... | ... | ୧୩୬ |
| ୭ । ଖୋଦିତ ଲିପି | ... | ... | ୧୫୨ |
| ୮ । ଗଡ଼ଜାତ | ... | ... | ୧୯୮ |
| ୯ । ବିବିଧ ପ୍ରସଙ୍ଗ | ... | ... | ୨୩୪ |
| (କ) ଧର୍ମ | ... | ... | ୨୩୪ |
| (ଖ) ମଠ | ... | ... | ୨୪୦ |
| (ଗ) ଚିଲିକା | ... | ... | ୨୪୩ |
| (ଘ) ଭୂତତ୍ତ୍ୱ | ... | ... | ୨୪୪ |

# ପ୍ରାଚୀନ ଉତ୍କଳ

## ଦ୍ୱିତୀୟ ଭାଗ

## ଆଫଗାନ, ମୋଗଲ ଓ ମରହଟ୍ଟା ଶାସନ

କୌଣସି ଜାତି ଉପରେ ବାରମ୍ବାର ଅତ୍ୟାଚାର ହେଲେ ସେ କେତେ ଦିନ ତାହା ସହ୍ୟ କରିପାରେ ? ଜାତି କଥା ଛାଡ଼ିଦେଇ ଆମ୍ଭେ ଜଣେ ବ୍ୟକ୍ତି ବିଷୟ ବିଚାର କରିବା, କାରଣ ବ୍ୟକ୍ତିମାନଙ୍କ ସମଷ୍ଟି ହିଁ ଜାତି । ଜଣେ ଲୋକ ବେଶ୍ ଧନୀ ହୋଇ ଆପଣା ସୁଖସ୍ୱଚ୍ଛନ୍ଦରେ ରହି କାଳାତିପାତ କରୁଛି, ମୁଠିଏ ଖାଇପିଇ ସୁଖରେ ଅଛି । ସାହିତ୍ୟଚର୍ଚ୍ଚା ଧର୍ମଚର୍ଚ୍ଚା କରି କାଳାତିପାତ କରୁଅଛି । ପ୍ରତିବେଶୀ ହୁଅନ୍ତୁ ବା ବିଦେଶୀ ହୁଅନ୍ତୁ, ମନେ କଲେ ଯେ ଏ ଲୋକଟାର ସର୍ବନାଶ କରିବା । ଏହା ଘରୁ ଧନ ଆଣି ଆତ୍ମ-ସୁଖ ଚରିତାର୍ଥ କରିବା । ଏହି ସଙ୍କଳ୍ପ ମନରେ ପୋଷଣ କରି ବାରମ୍ବାର ତାହା ଉପରେ ଆକ୍ରମଣ କଲେ, ନାନା ଅତ୍ୟାଚାର ଦ୍ୱାରା ତାର ଧନ-ରତ୍ନ ଅପହରଣ କଲେ ତାର ମାନ ମହତ୍ତ୍ୱ, ଧର୍ମ ପ୍ରଭୃତି ଉପରେ ଅତ୍ୟାଚାର କଲେ, ଫଳତଃ ଲୋକଟିର ଅବସ୍ଥା କଣ ହେବ ? ସେ ଅଳ୍ପକାଳ ପରେ ପଥର ଭିଖାରୀ ହୋଇ ହା ଅନ୍ନ ହା ଅନ୍ନ କହି ଦ୍ୱାରେ ଦ୍ୱାରେ ତା ଦ୍ୱାରେ ଆପଣାର ଦୁଃଖ କାହାଣୀ କହି ବୁଲିବ ।

ଓଡ଼ିଶାର ଅବସ୍ଥା ଠିକ୍ ଏହିପରି ହୋଇଛି । ଉତ୍କଳ ଦିନେ ସମୃଦ୍ଧିଶାଳୀ ଥିଲା । ଉତ୍କଳର ଶିଳ୍ପ, ସାହିତ୍ୟ, ବାଣିଜ୍ୟ ପ୍ରଭୃତି ବିଭବ ଥିଲା । ଉତ୍କଳ ଦିନେ ରଣାଙ୍ଗନରେ ବୀରତ୍ୱ ଦେଖାଇଥିଲା । ଉତ୍କଳ ଦିନେ ଧର୍ମଧ୍ୱଜା ଯେନି ବିଜୟ ବୈଜୟନ୍ତୀ ଉଡ଼ାଇ ଥିଲା । ମାତ୍ର ଆଜି ଉତ୍କଳର ସେ ଦିନ ନାହିଁ, ଆଜି ସେ ବିଭବ ନାହିଁ, ଆଜି ଉତ୍କଳ ହୀନହୀନ ଅବସ୍ଥାରେ ପଡ଼ିଛି, ଆଜି ଉତ୍କଳର ପ୍ରାଚୀନ ଇତିହାସ କାଳର କରାଳ ଗ୍ରାସରେ ପଡ଼ି ତମସାଚ୍ଛନ୍ନ ହୋଇ ରହିଛି । ଏହାର ହେତୁ କଣ ? କେହି କହିପାରେ ହେତୁ ଆଉ କଣ, ହେତୁ ବିଧିର ବିଧାନ । ଉତ୍ଥାନ ପତନ ସଂସାରର ଧର୍ମ । ଉତ୍କଳ ଦିନେ ଉନ୍ନତିର ଉଚ୍ଚତମ ସୋପାନକୁ ଉଠିଥିଲା । କିନ୍ତୁ ପତନ ତ ଅବଶ୍ୟମ୍ଭାବୀ ? ନୈସର୍ଗିକ ଧର୍ମାନୁସାରେ ଉତ୍କଳର ପତନ ହେଲା,

ଏଥିରେ ଆଉ ଆଶ୍ଚର୍ଯ୍ୟ ବିଷୟ କଣ ଅଛି ? ସେ ପଚ୍ଛକଥାଗୁଡ଼ାକ ଘାଣ୍ଟିଲେ କଣ ହେବ ? ଏପରି ଉତ୍ତର କେହି ଦେଲେ ତାହା ନିତାନ୍ତ ଅଯୌକ୍ତିକ ହେବନାହିଁ ସତ, କିନ୍ତୁ ପଚ୍ଛକଥା ଘାଣ୍ଟିବା ଯେ ଏକାବେଳେ ନିରର୍ଥକ ତାହା ନୁହେ । ଏକଥା ସ୍ୱୀକାର କଲେ ଇତିହାସର ଆବଶ୍ୟକତା କେଉଁଠି ରହିବ ?

ଇତିହାସରେ ତ କେବଳ ଗତ ଘଟଣାବଳୀ ଲିପିବଦ୍ଧ ହୋଇଥାଏ । ସେଗୁଡ଼ିକ ଲୋକେ ପାଠକରନ୍ତି କାହିଁକି ? ଇତିହାସ ପାଠକଲେ ଲୋକ ବହୁତ ଜାଣିପାରେ, ବହୁତ ଶିକ୍ଷାଲାଭ କରିପାରେ, ବହୁତ ଜାତିର ଚରିତ ଆଲୋଚନା କରିବାର ସୁବିଧା ପାଏ । ସେ ସମସ୍ତ ଗତ ଅଭିଜ୍ଞତା ନେଇ ଭବିଷ୍ୟତକୁ ସାବଧାନ ହୁଏ । କେଉଁ ଜାତି କି ନୀତି ଅବଲମ୍ବନ କରି ଉନ୍ନତ ହେଲା ବା ଅବନତ ହେଲା ତାହା ବୁଝିପାରେ, ଇତ୍ୟାଦି । ଆପଣା ଜାତିର ପ୍ରାଚୀନ ଗୌରବ, ପ୍ରାଚୀନ ବିଭବ ସ୍ମରଣ କଲେ ଲୋକ ଆଶାନ୍ୱିତ ହୁଏ । ପ୍ରାଚୀନତାକୁ ଅବଲମ୍ବନ କରି ନୂତନ ଇତିହାସ ଗଠନ କରିବା ଲାଗି ଯେ ମାଲମସଲା ଆବଶ୍ୟକ, ତାହା ମଧ୍ୟ ଇତିହାସ ପାଠରୁ ମିଳେ । ଏ ସମସ୍ତ କାରଣରୁ ଇତିହାସ ଆବଶ୍ୟକ ।

ମୁସଲମାନ ଓ ମୋଗଲମାନଙ୍କ ଅତ୍ୟାଚାରଦ୍ୱାରା ଭାରତ ଯେପରି ଛାରଖାର ହେଲା, ଉତ୍କଳ ମଧ୍ୟ ସେମାନଙ୍କ ତୀବ୍ର କଟାକ୍ଷରୁ ରକ୍ଷା ପାଇ ନଥିଲା ।

କଥା ଅଛି "ଅର୍ଥମନର୍ଥଂ ଭାବୟ ନିତ୍ୟଂ, ନାସ୍ତି ତତଃ ସୁଖଲେଶ ସତ୍ୟଂ" ଅର୍ଥାତ୍ ଅର୍ଥହିଁ ଅନର୍ଥର ମୂଳ । କେହି କେହି କହିଛନ୍ତି, ରୂପବତୀ ସ୍ତ୍ରୀ ଓ ଧନ ଏ ଦୁଇଟି ପ୍ରଧାନ ଶତ୍ରୁ । ଅର୍ଥାତ୍ ଏ ଦୁଇଟି ହେତୁରୁ ଅନେକ ଶତ୍ରୁ ଆସି ଲୋକର ଜୀବନକୁ ବିପନ୍ନାକୁଳ କରନ୍ତି । କଥାଟି ଯେ ଅକ୍ଷରେ ଅକ୍ଷରେ ସତ୍ୟ ଏଥିରେ ଲେଶମାତ୍ର ଭୁଲ ନାହିଁ । ଭାରତ ରତ୍ନପ୍ରସୂ ବୋଲି ଖ୍ୟାତ, ସୁତରାଂ ତା କପାଳରେ ଶାନ୍ତି ନାହିଁ । ଉତ୍କଳର ଦଶା ମଧ୍ୟ ତଦ୍ରୂପ । ଉତ୍କଳର ଆଉ କେଉଁଠି କଣ ଥିଲା କେ ଜାଣେ, କିନ୍ତୁ ଉତ୍କଳର ଜଗନ୍ନାଥ ଦେଉଳହିଁ ଉତ୍କଳର ଶତ୍ରୁ ହୋଇ ଠିଆହୋଇଛି । ଏଡ଼େ ବଡ଼ ଦେଉଳ ମଧ୍ୟରେ କେଜାଣି କେତେ ଧନରତ୍ନ ପ୍ରଚ୍ଛନ୍ନଭାବରେ ରହିଛି, ତାହା କିଏ କଳନା କରିପାରିବ ? ଏହି ଭାବଟି ସନ୍ତତ ବୈଦେଶିକମାନଙ୍କ ମନରେ ଜାଗ୍ରତ ହୁଏ । ଏ ଭାବ ଜାଗ୍ରତ ହେବା ମାତ୍ରକେ ସେମାନେ ଲୋଭ ସମ୍ବରଣ କରି ନପାରି ଉତ୍କଳ ଉପରେ ଚଢ଼ାଉ କରନ୍ତି । ଆଫଗାନ ମୋଗଲମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ପରସ୍ୱାପହରଣ କରି ଆପଣା ବିଳାସ ବାସନା ଚରିତାର୍ଥ କରିବା । ଧନଲାଭ କରିବା ଉଦ୍ଦେଶ୍ୟରେ ଯେ କୌଣସି ନୃଶଂସତା କରିବାକୁ ସେମାନେ ଶଙ୍କିତ ହେଉ ନଥିଲେ ।

ଉତ୍କଳର ବିଭବ ବହୁକାଳରୁ ମୁସଲମାନମାନଙ୍କ ଆଖି ଆଗରେ ନୃତ୍ୟ କରିଥିବା ଏବଂ ସେମାନେ ଏହି ନୃତ୍ୟର ବିମୋହିନୀ ଶକ୍ତିଦ୍ୱାରା ବାରମ୍ବାର ଆକର୍ଷିତ ହୋଇଥିବା ବିଷୟର ପରିଚୟ ଆମ୍ଭେ ପାଇ ଆସୁଅଛୁଁ । କିନ୍ତୁ ଅନେକ କାଳ ଉତ୍କଳୀୟମାନେ ସେମାନଙ୍କ ବାହୁବଳ ଦ୍ୱାରା ଏମାନଙ୍କୁ ପରାସ୍ତ କରିବାକୁ ସମର୍ଥ ହୋଇଥିଲେ । ପ୍ରାଚୀନ ଉତ୍କଳର ବୀରତ୍ୱ ପ୍ରସଙ୍ଗ ଅଧ୍ୟାୟରେ ତାର ପରିଚୟ ଦେଇଅଛୁଁ ।

ମୁସଲମାନ ଧର୍ମସଂସ୍ଥାପକ ମହାତ୍ମା ମହମ୍ମଦ ୫୭୦ ଖ୍ରୀଷ୍ଟାବ୍ଦରେ ଆରବ ପ୍ରଦେଶର ମକ୍କା ନଗରରେ ଜନ୍ମଗ୍ରହଣ କଲେ । ମହମ୍ମଦଙ୍କ ମତରେ ପୌତ୍ତଳିକତା ପ୍ରକୃତ ଧର୍ମ ନୁହେ, ଏକେଶ୍ୱରୋପାସନା ହିଁ ପ୍ରଧାନ ଧର୍ମ । ଏହି ଧର୍ମ ପ୍ରଚାର କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଲା । ମାତ୍ର ଉଦ୍ଦେଶ୍ୟ ସିଦ୍ଧ ହେବ କିପରି ? ଯୁଦ୍ଧ ହିଁ ପ୍ରଧାନ ଉପାୟ ବୋଲି ସ୍ୱୀକୃତ ହେଲା । ମହମ୍ମଦ ୬୩୨ ଖ୍ରୀଷ୍ଟାବ୍ଦରେ ମଲେ, ମାତ୍ର ତାଙ୍କ ଶିଷ୍ୟମାନେ ତାଙ୍କ ଗୁରୁଙ୍କ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ଲାଗି ବିଦେଶକୁ ଯୁଦ୍ଧଯାତ୍ରା ଆରମ୍ଭ କଲେ । ଧର୍ମପ୍ରଚାର ପ୍ରବୃତ୍ତି କ୍ରମେ ଧନାପହରଣ ପ୍ରବୃତ୍ତିରେ ପରିଣତ ହେଲା ଏବଂ ଧନାପହରଣ ପ୍ରବୃତ୍ତି କ୍ରମେ ରାଜ୍ୟସ୍ଥାପନ ପ୍ରବୃତ୍ତିରେ ପରିଣତ ହେଲା ।

କ୍ରମେ ଭାରତ ପାଳି ପଡ଼ିଲା । ୧୧୯୩ ଖ୍ରୀଷ୍ଟାବ୍ଦରେ ଆଫଗାନିସ୍ଥାନ ଅନ୍ତର୍ଗତ 'ଘୋର' ନାମକ ପ୍ରଦେଶବାସୀ ଉଦ୍ଦିନମହମ୍ମଦ ଦିଲ୍ଲୀ ଅଧିକାର କଲେ ଏବଂ କୁତବୁଦ୍ଦୀନ ତାଙ୍କର ପ୍ରତିନିଧି ନିଯୁକ୍ତ ହେଲେ । କିଛି ଦିନ ପରେ ସେ ସ୍ୱାଧୀନତା ଲାଭକଲେ ଏବଂ ରାଜପୁତାନା ଓ ଅଯୋଧ୍ୟା ଅଧିକାର କଲେ । ବକତିଆର ଖିଲିଜି ପୂର୍ବ ଭାଗରେ ରାଜ୍ୟ ବିସ୍ତାର କରିବାକୁ ଆଗମନ କଲେ । ୧୨୦୩ ଖ୍ରୀଷ୍ଟାବ୍ଦରେ ବଙ୍ଗ ଅଧିକାର କଲେ ।

୫୭୦ ଖ୍ରୀଷ୍ଟାବ୍ଦ ପୂର୍ବେ ମାଦଳାପାଞ୍ଜିରେ ଆମ୍ଭେ ଯେଉଁ ମୁସଲମାନ ଆକ୍ରମଣ କଥା ଦେଖୁଁ ସେମାନେ ଯବନ ନାମରେ ଅଭିହିତ । ସୁତରାଂ ମ୍ଳେଚ୍ଛଜାତୀୟ ଅନ୍ୟାନ୍ୟ ବୈଦେଶିକ ଥିଲେ ।

୧୨୧୨ ଖ୍ରୀଷ୍ଟାବ୍ଦରେ ଗ୍ୟାସୁଦ୍ଦିନ ଓଡ଼ିଶା ରାଜାଙ୍କୁ କର ଦେବାକୁ ବାଧ୍ୟ କଲା । ବଙ୍ଗ ପାଳି ଗଲାରୁ ଓଡ଼ିଶା ପାଳି ପଡ଼ିବା କଥା । ବଙ୍ଗଳା ହିତାକୁ ଓଡ଼ିଶା ଲାଗିଛି, ସହଜରେ ହାତ ବଢ଼ାଇ ଦିଆଯାଇ ପାରେ । ମାତ୍ର ଏତେବେଳେ ଓଡ଼ିଶାର ମଧ୍ୟାହ୍ନ ସମୟ । ଓଡ଼ିଶା ରାଜସିଂହାସନ ଏତେବେଳେ ପ୍ରବଳ ପ୍ରତାପୀ ଲାଙ୍ଗୁଳା

ନରସିଂହ ଦେବଙ୍କଦ୍ୱାରା ଅଲଙ୍କୃତ । ସ୍ୱାଧୀନତା ରକ୍ତ ତେତେବେଳେ ପ୍ରଚୁର-ଭାବରେ ଓଡ଼ିଶା ନାଡ଼ିରେ ପ୍ରବାହିତ ହେଉଥିଲା । ସୁତରାଂ ଗ୍ୟାସୁଦ୍ଦୀନଙ୍କ ପ୍ରାର୍ଥନା ଅଗ୍ରାହ୍ୟ ହେଲା । ମୁସଲମାନମାନେ ଅନେକ ଥର ଚେଷ୍ଟା କରି ପରାଜିତ ହେଲେ ।

୧୨୪୩ ଖ୍ରୀଷ୍ଟାବ୍ଦରେ ପୁଣି ତୋଗାନ ଖାଁ ଓଡ଼ିଶା ଆକ୍ରମଣ କଲେ, ଓଡ଼ିଆ-ମାନେ ଏମାନଙ୍କୁ ତଡ଼ିଦେଇ ଗୌଡ଼ ଅବରୋଧ କରି ବୀରଭୂମି ଲୁଣ୍ଠନ କଲେ ।

୧୨୫୩ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆଉଥରେ ଓଡ଼ିଶା ଆକ୍ରମଣ କଲେ, ମାତ୍ର ପରାସ୍ତ ହୋଇ ପଳାୟନ କଲେ ।

ଯାହାର ଯାହା ଉପରେ ନଜର ପଡ଼େ ଏବଂ ଯାହାକୁ ସେ ପାଇବାକୁ ଇଚ୍ଛା କରେ ସେ ସେଥିରୁ ସହଜରେ ନିବୃତ୍ତ ହୁଏ ନାହିଁ । ମୁସଲମାନମାନେ ବାରମ୍ବାର ପରାସ୍ତ ହେଲେ ମଧ୍ୟ ଓଡ଼ିଶା ଅଧିକାର ନ କରିବା ଯାଏ ସେମାନଙ୍କ ମନରେ ଶାନ୍ତି ନଥିଲା । ମୁସଲମାନମାନେ ଦୁଇ ଦିଗରୁ ଓଡ଼ିଶାକୁ ଆକ୍ରମଣ କରିବା ଲାଗି ଚେଷ୍ଟା କଲେ । ଉତ୍ତର ଓ ଦକ୍ଷିଣ ଉଭୟ ଦିଗରୁ ଆକ୍ରାନ୍ତ ହୋଇ ଓଡ଼ିଶା ବଡ଼ ଲଣ୍ଡଭଣ୍ଡ ହେଲା । ଦକ୍ଷିଣ ଦିଗରୁ ପଠାଣମାନେ ପ୍ରବଳଭାବରେ ଆକ୍ରମଣ କଲେ, ମାତ୍ର ପରାସ୍ତ ହେଲେ । ଯେତେ ଦିନ ଯାଏ ଦେଶରକ୍ଷା କରିବା ଲାଗି ଓଡ଼ିଶା ରାଜା ଓ ଓଡ଼ିଆ ସୈନ୍ୟମାନେ ଏକମନ ଏକପ୍ରାଣରେ କାର୍ଯ୍ୟ କରୁଥିଲେ, ତେତେଦିନ ଯାଏ ମୁସଲମାନମାନେ ଓଡ଼ିଶା ଆକ୍ରମଣ କରି ପରାସ୍ତ ହେଉଥିଲେ, ତେତେଦିନ ଯାଏ ମୁସଲମାନମାନେ ବାହୁ ପ୍ରବେଶ କରାଇପାରି ନଥିଲେ ।

କଥା ଅଛି, ଦୁଇ ଜଣଙ୍କର କଳି ହେଲେ ଅନ୍ୟ ଜଣଙ୍କର ଲାଭ ହୁଏ । ଘର ବିବାଦ ଦାଣ୍ଡକୁ ନେଲେ ଅନ୍ୟ ଜଣଙ୍କର ଲାଭ ହୁଏ । ରାଜା ପ୍ରଜା ମଧ୍ୟରେ ବିବାଦ ହେଉ ବା ଭାଇ ଭାଇ ମଧ୍ୟରେ ବିବାଦ ହେଉ, ଜଣେ ଯଦି ଅନ୍ୟର ଶରଣାପନ୍ନ ହେଲା ତେବେ ନିଶ୍ଚୟ ଅନ୍ୟ ଜଣକ ତା ନିଜର ସୁବିଧା କରିନେବାକୁ ଚେଷ୍ଟା କରିବ । ଅବଶ୍ୟ ଅନେକ ନିରପେକ୍ଷ ମଧ୍ୟସ୍ଥକାରୀ ଅଛନ୍ତି, ଯେଉଁମାନେ କେବଳ ବିବାଦ ନିଷ୍ପତ୍ତି କରିଦେବାକୁ ଆପଣାର ସ୍ୱାର୍ଥ ବୋଲି ମନେ କରନ୍ତି । ମାତ୍ର ଭଲଲୋକଟା ଯେବେ ସ୍ୱାର୍ଥାନ୍ଧ ଧନଲୋଭୀଙ୍କ ହାତରେ ପଡ଼ିଲା, ତେବେ ସେମାନେ ଆପଣା ସ୍ୱାର୍ଥସିଦ୍ଧି କରିବସନ୍ତି ।

ଓଡ଼ିଶା ରାଜାଙ୍କ କପାଳରେ ଏହାହିଁ ଘଟିଲା । ଆପଣା ପ୍ରଜାମାନଙ୍କ ବିରୁଦ୍ଧରେ ସେ ୧୩୦୧ ଖ୍ରୀଷ୍ଟାବ୍ଦରେ ମୁସଲମାନମାନଙ୍କ ସାହାଯ୍ୟ ଲୋଡ଼ିଲେ । ଏହା ଗୋଟିଏ ଦୁର୍ଲକ୍ଷଣ ! ମୁସଲମାନମାନେ ଏହିଠାରୁ ବଳ କଳି ନେଲେ ।

ପ୍ରଜା ରାଜାର ପୁତ୍ର ତୁଲ୍ୟ । ଏହି ବାତ୍ସଲ୍ୟ ଦୃଷ୍ଟିରେ ପ୍ରଜାମାନଙ୍କୁ ଦେଖିଲେ ଆଉ କିଛି ଗଣ୍ଡଗୋଳ ହେବନାହିଁ । ରାଜାଙ୍କ ହସ୍ତରେ ଶାସନ ଦଣ୍ଡ ଅଛି, ସେ ଯାହା ବିଚାର କରିବେ ତାହାହିଁ କରିପାରିବେ । ଶ୍ରୀଭାଗବତ କହେ "ଦଣ୍ଡିବା ଶକ୍ତି ଯାର ଥାଇ ସେପୁଣି କ୍ଷମା ଆଚରଇ ।" ଏହା ବୋଲି ପ୍ରଜାମାନଙ୍କ ମନକୁ ରାଜା ଏକାବେଳକେ ଏଡ଼ିଦେଲେ ଚଳିବ କିପରି ? ପ୍ରଜା ଅନେକ; ରାଜ ସେମାନଙ୍କ ମତ ଏଡ଼ିଦେଲେ ଫଳ ହେବ ମତଭେଦ ଏବଂ ଏହି ମତଭେଦ କ୍ରମେ ବିଦ୍ରୋହାଗ୍ନି ପ୍ରଜ୍ଜ୍ୱଳିତ କରେ । ରାଜା ପ୍ରଜା ମଧ୍ୟରେ କୌଣସି ବିଷୟରେ ମତଭେଦ ହେଲେ ତହିଁର ସାମଞ୍ଜସ୍ୟ କରି ପାରିବା ଲାଗି ରାଜନୀତି ଆବଶ୍ୟକ । ରାଜ ପ୍ରଜା ମଧ୍ୟରେ ବିବାଦ ହେଲେ ରାଜା କ'ଣ ଅନ୍ୟ ଏକ ଜାତିର ଆଶ୍ରୟ ନେବା ନୀତିସଙ୍ଗତ ନୁହେଁ ? କଦାପି ନୁହେଁ । ଏକଥା ଯେ କରେ ତାର ଭାବୀ ଅମଙ୍ଗଳ ଅବଶ୍ୟମ୍ଭାବୀ ! ପ୍ରକୃତ ନୀତି ହେଉଛି ପ୍ରଜାମାନଙ୍କ ଆପତ୍ତି ଶୁଣିବା । ଆପତ୍ତି ଶୁଣି ପ୍ରଜାମାନଙ୍କ ମତପ୍ରତି ସୁବିଚାର କରିବା ଆବଶ୍ୟକ । ଆବଶ୍ୟକ ହେଲେ ପ୍ରଜାମାନଙ୍କ ମତ ରକ୍ଷା କରିବାକୁ ପଡ଼ିବ । ଯଦି କେହି ରାଜା କହେ, "ଆମ୍ଭେ ରାଜା, ଆମ୍ଭର ଯାହା ଇଚ୍ଛା ତାହା କରୁଁ, ତୁମ୍ଭେ ପ୍ରଜାଗୁଡ଼ାକ କଣ ଆମ୍ଭଙ୍କୁ ନୀତିଶିକ୍ଷା ଦେବ ?" ମୁଁ କହେ, ସେ ରାଜାର ଆଦୌ ରାଜନୀତି ଜ୍ଞାନ ନାହିଁ । ଏ ପ୍ରକାର ନୀତି ଅବଲମ୍ବନ କରି ଶାସନ କଲେ ଫଳ ବିଷମୟ । ଏଥିରେ ରାଜାର କ୍ଷତି ଓ ପ୍ରଜାର କ୍ଷତି । ଆହୁରି କଦର୍ଯ୍ୟ ନୀତି ପ୍ରଜାମାନଙ୍କୁ ଦମନ କରିବା ଲାଗି ଅନ୍ୟର ଆଶ୍ରୟ ଗ୍ରହଣ ।

ଓଡ଼ିଶା ରାଜା ଉପରୋକ୍ତ ନୀତିର ଅବମାନନା କରି ପଠାଣମାନଙ୍କ ଆଶ୍ରୟ ନେବା ହେତୁ ଓଡ଼ିଶା ଭବିଷ୍ୟତରେ ମୁସଲମାନଙ୍କ ଭୀଷଣ କରାଳ କବଳରେ ପଡ଼ିଲା ।

୧୩୦୯ ସନଠାରୁ ୧୪୫୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମୁସଲମାନମାନେ ଓଡ଼ିଶା ଆକ୍ରମଣରୁ କ୍ଷାନ୍ତ ଥିଲେ । ୧୪୫୧ ଖ୍ରୀଷ୍ଟାବ୍ଦରେ ଦଳେ ପଠାଣ ଆସି ଓଡ଼ିଶାରେ ଲୁଟପାଟ ଆରମ୍ଭ କଲେ । ସେତେବେଳେ ମୁସଲମାନମାନେ ମାନ୍ଦ୍ରାଜରେ ବସତି କରୁଥିଲେ । ଓଡ଼ିଶା ରାଜା ଦକ୍ଷିଣ ରାଜାଙ୍କ ସହିତ ମିଳିତ ହୋଇ ପଠାଣମାନଙ୍କୁ ଆକ୍ରମଣ କଲେ । ମାତ୍ର ଶେଷରେ ୪୦୦୦୦୦ ପାଉଣ୍ଡ ବା ୮୦୦୦୦୦୦ ଟଙ୍କା ଦେଇ ଓଡ଼ିଶା ରାଜା ସାନନ୍ଦରେ ସନ୍ଧି କିଣିଲେ । ସୁତରାଂ ମୁସଲମାନମାନେ ଓଡ଼ିଶା ରାଜାଙ୍କର ମିତ୍ର ହେଲେ ।

ପୁନଶ୍ଚ ଗୃହବିବାଦ ଆରମ୍ଭ ହେଲା । ଓଡ଼ିଶା ରାଜା ଓ ଦକ୍ଷିଣ ରାଜାଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଓଡ଼ିଶା ରାଜା ଆପଣା ମିତ୍ର ମୁସଲମାନମାନଙ୍କ

ଆଶ୍ରୟ ନେଲେ । ମିତ୍ର ତ ଯେପରି ସେପରି ମିତ୍ର ନୁହନ୍ତି । ଏ ସୁଯୋଗ ପାଇ ରାଜମହେନ୍ଦ୍ରୀ ଓ କଣ୍ଡାପାଲି ଦୁଇଟି ଦୁର୍ଗ ହସ୍ତଗତ କଲେ । ହାତରୁ ଛୁଟିଲେ ଅଣଆୟତ୍ତ ବୋଲି ଯାହା କହନ୍ତି ଓଡ଼ିଶା ରାଜା ଦୁଇଟି ଦୁର୍ଗ ଛାଡ଼ିଦେଇ ପଶ୍ଚାତ୍ତାପ କଲେ । ଚୈତନ୍ୟ ଉଦୟ ହେଲା । ମନେ ପାଞ୍ଚିଲେ, ଗୃହବିବାଦର ବିଷମୟ ଫଳ ହେବ ତା କିଏ ଜାଣିଥିଲା ? ପୁନଶ୍ଚ ଦକ୍ଷିଣ ରାଜାଙ୍କ ସଙ୍ଗେ ମିଳିଗଲେ । ମାତ୍ର କଥାଟା ମିତ୍ର ମୁସଲମାନମାନଙ୍କୁ ସୁଖ ଲାଗିଲା ନାହିଁ । ୧୦୦୦୦ ମୁସଲମାନ ଓଡ଼ିଶା ଆକ୍ରମଣ କଲେ, କେତେକ ଟଙ୍କା ଆଦାୟ କଲେ, ମାତ୍ର ଫଳରେ ଓଡ଼ିଶା ଜୟକରି ପାରିଲେ ନାହିଁ । ପଞ୍ଚଦଶ ଶତାବ୍ଦୀର ଶେଷ ଭାଗ । ଓଡ଼ିଶା ରାଜା ଓ ତାଙ୍କ ମିତ୍ର ମୁସଲମାନମାନେ ଦକ୍ଷିଣ ରାଜମହେନ୍ଦ୍ରୀ ରାଜାଙ୍କ ବିପକ୍ଷରେ ଯୁଦ୍ଧ କରୁଥିବା ଦୃଶ୍ୟ ଶେଷ ହେଲା ।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରୁ ଏକ ନୂତନ ଦୃଶ୍ୟ ଆରମ୍ଭ ହେଲା । ଇତି-ମଧ୍ୟରେ ରାଜମହେନ୍ଦ୍ରୀ ରାଜା ବହୁତ ଶକ୍ତି ସଂଗ୍ରହ କରି ପଠାଣମାନଙ୍କୁ ସମୁଦ୍ରକୁ ପକାଇ ଦେବାର ଚେଷ୍ଟା କରିଥିଲେ ।

କୃଷ୍ଣରାୟ ରାଜମହେନ୍ଦ୍ରୀର ରାଜା ଥିଲେ । ତାଙ୍କର ବୀରତ୍ୱ ଓ ରଣକୁଶଳତା ଅସାଧାରଣ ପ୍ରକାରର ଥିଲା । ତାଙ୍କ ବୀରତ୍ୱ ସିଲୋନଠାରୁ ତିବ୍ବତ ଯାଏ ଇତିହାସ ସ୍ୱୀକାର କରୁଛି । ମୁସଲମାନ ଆକ୍ରମଣକୁ ସେ ଶେଷ ବାଧା ଦେଇଥିଲେ । ଓଡ଼ିଶା ରାଜା ପରାସ୍ତ ହେଲେ, ମାତ୍ର କୃଷ୍ଣରାୟ ତାଙ୍କ ଦୁହିତାଙ୍କୁ ଓଡ଼ିଶା ରାଜାଙ୍କ ସହିତ ବିବାହ ଦେଲେ ।

ଫେରସ୍ତାଙ୍କ କଲବର୍ଗାର ବାହାମଣି ରାଜ୍ୟର ଇତିହାସରୁ ଏ ସମ୍ବନ୍ଧେ ଅନେକ କଥା ମିଳେ ।

ମାଦଳାପାଞ୍ଜିରୁ ଜଣାଯାଏ ଗଙ୍ଗବଂଶର ଶେଷ ରାଜା ଅକଟାଅବଟା ଭାନୁଙ୍କ ଅମଳରେ ମୋଗଲ ଆସିଲେ, ଭେଟି ନେଇ ଯାଇଥିଲେ । ମାତ୍ର କପିଳେନ୍ଦ୍ର-ଦେବଙ୍କ ଅମଳରେ ବହୁତ ଯୁଦ୍ଧ, ଆକ୍ରମଣ ଇତ୍ୟାଦି ଘଟିଥିଲା । ଏଥିର ବିଶଦ ବିବରଣ ଫେରସ୍ତାଙ୍କ ଇତିହାସରୁ ନିମ୍ନଲିଖିତ ମତେ ମିଳେ ।

ଦକ୍ଷିଣର ମୁସଲମାନ ରାଜାମାନେ ତେଲିଙ୍ଗାନା ଓ କର୍ଣ୍ଣାଟ ରାଜାମାନଙ୍କ ସହିତ ବହୁକାଳ ବିଦ୍ରୋହ କରି ଓଡ଼ିଶା ବିଷୟ କିଛି ଚିନ୍ତା କରିପାରି ନ ଥିଲେ । ମୁସଲମାନ ଇତିହାସ କହେ, ଓଡ଼ିଶା ରାଜା କପିଳେନ୍ଦ୍ରଦେବଙ୍କ ହେତୁ ଯୁଦ୍ଧ ଆରମ୍ଭ ହେଲା । ମାତ୍ର ଏକଥା ସତ୍ୟ ଥିଲାପରି ବୋଧ ହେଉନାହିଁ । ମୁସଲମାନ-

ମାନେ ପ୍ରଥମ ଆକ୍ରମଣକାରୀ ଥିବା ସତ୍ୟ ଅଟେ । ହୁମାୟୁନସା ବାହାମଣିଙ୍କ ରାଜତ୍ୱ କାଳରେ ତେଲଙ୍ଗାମାମାନେ ମୁସଲମାନମାନଙ୍କ ଅତ୍ୟାଚାର ଦ୍ୱାରା ପ୍ରପୀଡ଼ିତ ହୋଇ ଓଡ଼ିଶା ରାଜା ଓ ଓଡ଼ିଆମାନଙ୍କ ଆଶ୍ରୟ ନେଲେ । ଓଡ଼ିଶା ରାଜା ବହୁତ ହସ୍ତୀ ଓ ସୈନ୍ୟ ପଠାଇ ତେଲଙ୍ଗାନାମାନଙ୍କୁ ସାହାଯ୍ୟ ଦେଲେ । ମିଳିତ ସୈନ୍ୟମାନେ ମୁସଲମାନମାନଙ୍କୁ ପରାଜିତ କରି ଯୁଦ୍ଧକ୍ଷେତ୍ରରୁ ଅନେକ ମାଇଲ ଦୂର ପର୍ଯ୍ୟନ୍ତ ପଶ୍ଚାଦ୍ଧାବନ କଲେ । ହୁମାୟୁନଙ୍କ ପୁତ୍ର ନିଜାମ ଶାହଙ୍କ ବେଳେ ଓଡ଼ିଶା ରାଜା ତେଲଙ୍ଗାନାର କ୍ଷମତାଶାଳୀ ଛନ୍ଦିସ୍ଥ ଓ ଜମିଦାରଙ୍କ ସହିତ ମିଳିତ ହୋଇ ଦକ୍ଷିଣର ରାଜାଙ୍କ ରାଜ୍ୟକୁ ରାଜମହେନ୍ଦ୍ରୀ ପଥ ଦେଇ କୋଲ ପର୍ଯ୍ୟନ୍ତ ଆକ୍ରମଣ କରି ଲୁଟପାଟ କଲେ ଏବଂ ମୁସଲମାନମାନଙ୍କ କବଳରୁ ସମସ୍ତ ତେଲଙ୍ଗାନା ରାଜ୍ୟଜୟକରି ସେମାନଙ୍କଠାରୁ ଭେଟି ଆଦାୟ କରିବା ନିମିତ୍ତ ବାଧ୍ୟ କରିଥିଲେ । ଅହମଦାବାଦ (ବିଦର) ମୁସଲମାନମାନଙ୍କ ରାଜଧାନୀ ଥିଲା । ସୈନ୍ୟମାନେ ରାଜଧାନୀଠାରୁ ଦଶମାଇଲ ଦୂରରେ ପ୍ରବେଶ ହେଲାରୁ ମନ୍ତ୍ରୀମାନେ ଓଡ଼ିଶା ରାଜାଙ୍କଠାକୁ ଖବରଦେଲେ, "ମୁସଲମାନ ରାଜା ବହୁକାଳରୁ ଓଡ଼ିଶା ଓ ଯାହାନଗର ଜୟ କରିବାର ବାସନା ମନରେ ପୋଷଣ କରିଅଛନ୍ତି; କିନ୍ତୁ ଦୂରତା ହେତୁ ସେ କାର୍ଯ୍ୟ ହୋଇପାରି ନାହିଁ । ମାତ୍ର ରାଜା ନିଜେ ଆସି ଆମ୍ଭ କବଳ ମଧ୍ୟରେ ପ୍ରବେଶ କରିଥିବା ହେତୁ ଜୟୀ ମୁସଲମାନ ସୈନ୍ୟମାନେ ବହୁ ପରିଶ୍ରମରୁ ରକ୍ଷା ପାଇଲେ ।" ଏହି ଗର୍ବିତ ସମ୍ବାଦ ସଙ୍ଗେ ସଙ୍ଗେ ଏକଦଳ ଅଶ୍ୱାରୋହୀ ସୈନ୍ୟ ଆସି ଆକ୍ରମଣ କଲେ । ସୁତରାଂ ହିନ୍ଦୁମାନଙ୍କ ସାହସ ଟିକିଏ ଶୀତଳ ହୋଇଗଲା ଏବଂ ସେମାନେ ହଟିଗଲେ । ଆନନ୍ଦରେ ୫୦୦୦୦୦ ଟଙ୍କା ଦେଇ ନିରାପଦରେ ଆପଣା ଦେଶର ସୀମାନ୍ତ ପ୍ରଦେଶ ପର୍ଯ୍ୟନ୍ତ ଫେରି ଆସିଲେ ।

୧୪୧୭ ଖ୍ରୀଷ୍ଟାବ୍ଦରେ ଉଡ଼ିଆ ରାଜା ହମ୍ବିର ରାଜା ମହମ୍ମଦ ଶାହଙ୍କ ନିକଟରେ ଓଡ଼ିଶା ରାଜାଙ୍କଠାରୁ ସାହାଯ୍ୟପ୍ରାପ୍ତ ଜଣେ ଆକ୍ରମଣକାରୀ ବିରୁଦ୍ଧରେ ଅଭିଯୋଗ କଲା ଏବଂ ଚୁକ୍ତି କଲା ଯେ, ଯେବେ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ପାଇ ଯଦି ତାର ସ୍ୱାର୍ଥ ବଜାୟ ରହେ, ତେବେ ସେ ମୁସଲମାନମାନଙ୍କ ଅଧୀନତା ସ୍ୱୀକାର କରିବ ଏବଂ କେତେଗୋଟି ଦୁର୍ଗ ଛାଡ଼ିଦେବ ।

( ଏଠାରେ "ଉଡ଼ିସ୍ୟା" କି ଅର୍ଥରେ ବ୍ୟବହୃତ ହୋଇଛି ବୁଝାଯାଉ ନାହିଁ । ଷ୍ଟର୍ଲିଂ ସାହେବଙ୍କ ମତରେ ଉଡ଼ିଆ ଅର୍ଥ ବୋଧହୁଏ ରାଜମହେନ୍ଦ୍ରୀଠାରୁ କଣ୍ଡାପାଲି ପର୍ଯ୍ୟନ୍ତ ରାଜ୍ୟ । ସମ୍ଭବତଃ ଏ ରାଜ୍ୟ ଜଣେ ଓଡ଼ିଆ ସାମନ୍ତ ରାଜା ଅଧୀନରେ ଥିଲା ଏବଂ ଓଡ଼ିଶା ରାଜ୍ୟର ଏହା ଏକ ଅଂଶ ଥିଲା । ମାଦଳାପାଞ୍ଜିରେ ବର୍ଣ୍ଣିତ ବିଷୟରୁ ମଧ୍ୟ ଏହି କଥା ଜଣାଯାଏ । )

ବାହ୍ମାମଣି ରାଜା ବହୁକାଳ ପୋଷିତ ବାସନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ହମ୍ବୀରଙ୍କ ପ୍ରସ୍ତାବ ସାନନ୍ଦରେ ଗ୍ରହଣ କଲେ ଏବଂ ସୈନ୍ୟ ପ୍ରେରଣ କଲେ । ଆକ୍ରମଣକାରୀ ମଙ୍ଗଲ ରାୟୁଙ୍କୁ ପରାସ୍ତ କଲେ, ନଷ୍ଟଦେଶ ମିତ୍ରରାଜାଙ୍କ ନିମିତ୍ତ ଉଦ୍ଧାର କରିଦେଲେ ଓ ନିଜେ ରାଜମହେନ୍ଦ୍ରୀ ଓ କଣ୍ଡାପାଲି ନାମକ ଦୁଇ ଦୁର୍ଗ ନେଲେ ।

କେତେ ଦିନ ପରେ ଓଡ଼ିଆ ରାୟୁଙ୍କର ଚୈତନ୍ୟ ଉଦୟ ହେଲା । ମୁସଲମାନମାନଙ୍କ ସହିତ ମିତ୍ରତାର ଫଳ ବୁଝିପାରି ଓଡ଼ିଶା ରାଜାଙ୍କ ସହିତ ମିତ୍ରତା ପୁନଃ ସଂସ୍ଥାପନ ଲାଗି ଚିନ୍ତାକଲେ । ଇତମଧ୍ୟରେ ଦକ୍ଷିଣ ପ୍ରଦେଶରେ ଘୋର ଲୋକକ୍ଷୟକାରୀ ଦୁର୍ଭିକ୍ଷ ଉପସ୍ଥିତ ହେବାରୁ ଓଡ଼ିଆ ରାୟୁ ଓଡ଼ିଶା ରାଜାଙ୍କୁ ଖବର ଦେଲେ, "ଯଦି ତେଲିଙ୍ଗାନାର ପୈତୃକ ରାଜ୍ୟ ସମସ୍ତ ଉଦ୍ଧାର କରିବାର ଇଚ୍ଛାଥାଏ, ତେବେ ଏହି ସୁଯୋଗ ଛାଡ଼ିବାର ନୁହେଁ" । ଓଡ଼ିଶା ରାଜା ସୁସମ୍ବାଦ ପାଇ ୧୦୦୦୦ ପଦାତିକ, ୮୦୦୦ ଅଶ୍ୱାରୋହୀ ସଂଗ୍ରହ କଲେ ଏବଂ ଅନ୍ୟାନ୍ୟ ଗଡ଼ଜାତ ରାଜାମାନଙ୍କୁ ସଙ୍ଗେ ନେଇ ତେଲିଙ୍ଗାନା ଯାତ୍ରା କଲେ । ମହମ୍ମଦ ଶାହ ଏ ସମ୍ବାଦ ପାଇ ଓଡ଼ିଶା ଓ ଓଡ଼ିଆର ମିଳିତ ସୈନ୍ୟଙ୍କୁ ବାଧାଦେଲା ଏବଂ ଶୀଘ୍ର ରାଜମହେନ୍ଦ୍ରୀର ଦୁର୍ଗ ଦେଇ ପଳାଇ ଆସିବାକୁ ବାଧ୍ୟ କଲା । ଏହି ପ୍ରତିହିଂସା ନେବାଲାଗି ମହମ୍ମଦ ଶାହ ୨୦୦୦୦ ସୈନ୍ୟ ନେଇ ଓଡ଼ିଶା ଆକ୍ରମଣ କଲା ଏବଂ ରାଜଧାନୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଦେଶ ଲୁଟପାଟ କରି ଛାରଖାର କଲା । ଓଡ଼ିଶା ରାଜା ବାଧ୍ୟହୋଇ ସନ୍ଧିସ୍ଥାପନ କଲେ, ବହୁତ ସୁନାରୂପା ଓ ହାତୀ ଦେଲେ । ମହମ୍ମଦ ଶୀଘ୍ର କଣ୍ଡାପାଲିକୁ ଫେରିଆସି ଓଡ଼ିଆ ରାଜାଙ୍କୁ ପରାସ୍ତ କଲା । କପିଳେନ୍ଦ୍ର ଦେବଙ୍କ ରାଜତ୍ୱର ଶେଷାଂଶରେ ଏ ଘଟଣା ଘଟିଥିଲା ।

(ଉପରେ ଯେଉଁ "କଲବର୍ଗ" କଥା ଲେଖିଛୁଁ ତାହା ଏକ ସମୟରେ ଓଡ଼ିଶା ରାଜାଙ୍କ ଅଧୀନରେ ଥିଲା ଏବଂ ଓଡ଼ିଶା ରାଜା 'କଲବରଗେଶ୍ୱର" ଉପାଧି ଧାରଣ କରିଥିଲେ । କଲବର୍ଗ 'ହାଇଦରାବାଦ" ମଧ୍ୟରେ । )

ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ ପୁନର୍ବାର ମୁସଲମାନମାନେ ଉତ୍ତର ଦିଗରୁ ଆସି କଟକ ଆକ୍ରମଣ କଲେ । ଶାସନକର୍ତ୍ତା ଅନନ୍ତ ସାମନ୍ତ-ସିଂହାର କଟକ ଦୁର୍ଗ ରକ୍ଷା କରିବାକୁ ଅସମର୍ଥ ହୋଇ ସାରଙ୍ଗଗଡ଼ରେ ବାସ କଲେ । ସାରଙ୍ଗଗଡ଼ କାଠଯୋଡ଼ିର ଦକ୍ଷିଣରେ । ମୁସଲମାନମାନେ ରାଜଧାନୀ ଲୁଣ୍ଠନ କରି ସାରି ପୁରୀ ପର୍ଯ୍ୟନ୍ତ ଆଗମନ କଲେ ଏବଂ ଏଠାରେ ବହୁତ ଅତ୍ୟାଚାର କଲେ । ଇତିପୂର୍ବେ ସେବକମାନେ ଠାକୁରଙ୍କୁ ସ୍ଥାନାନ୍ତରିତ କରି-ଥିବାର ସମ୍ବାଦ ପାଇ ଆହୁରି କ୍ରୋଧାନ୍ଧ ହେଲେ ମାତ୍ର ଶତ୍ରୁପକ୍ଷମାନଙ୍କୁ

ପ୍ରତାପରୁଦ୍ର ଦେବଙ୍କ ଅମଳରେ ଟଙ୍କା ଦେଇ ସନ୍ଧି କରିଲେ; କାରଣ ମହମ୍ମଦ ସେତେବେଳେ ଆପେ ହୀନଶକ୍ତି ହୋଇପଡ଼ିଥିଲେ । ୧୫୩୧ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ର ଦେବ ପ୍ରାଣତ୍ୟାଗ କଲେ ଏବଂ ଏହାଙ୍କ ଅମଳ ପରେ କ୍ରମେ ଉତ୍କଳ-ଭାଗ୍ୟରବି ଅସ୍ତାଚଳ ଆଡ଼କୁ ଗମନ କଲେ ।

ଫେରସ୍ତାଙ୍କ ଇତିହାସରୁ ଜଣାଯାଏ ଯେ ଏହି ସମୟରେ ରାଜମହେନ୍ଦ୍ରୀ ଓ ଗୋଦାବରୀ ନିକଟସ୍ଥ ଅନ୍ୟାନ୍ୟ ସ୍ଥାନମାନଙ୍କ ଦଖଲ ନେଇ ଓଡ଼ିଶା ରାଜା ଏବଂ ବାହାମଣି ଓ ଗୋଲକୁଣ୍ଡାର କୁତବସାହୀ ରାଜାମାନଙ୍କ ମଧ୍ୟରେ ବହୁତ ବିବାଦ ଚାଲିଥିଲା । କିନ୍ତୁ ଏତେ କାଳ ଓଡ଼ିଶା ବିଜୟ ମୁସଲମାନମାନଙ୍କ ପକ୍ଷେ ଏକାବେଳକେ ଅସମ୍ଭବ ହୋଇ ପଡ଼ିଥିଲା ।

ଅନ୍ତର୍ବିବାଦ ହେଲେ ଦେଶ ଛାରଖାର ହୁଏ । ପରସ୍ପର ମଧ୍ୟରେ ଏକତା ନ ରହିଲେ ବହିଃଶତ୍ରୁମାନେ ଦେଶ ମଧ୍ୟରେ ପ୍ରବେଶ କରିବା ଲାଗି ସୁବିଧା ସୁଯୋଗ ପାଆନ୍ତି । ଅନ୍ତର୍ବିବାଦ ହେତୁ ଶକ୍ତି ହୀନ ହେଲେ ଆଉ ବହିଃଶତ୍ରୁ ମୁଖରୁ ଦେଶ-ରକ୍ଷା କରିବା କଠିନ ହୋଇପଡ଼େ । ଓଡ଼ିଶା କପାଳରେ ଏହାହିଁ ଘଟିଲା । ପ୍ରତାପରୁଦ୍ର ଦେବଙ୍କ ପରେ ରାଜସିଂହାସନରେ ବଡ଼ ଗଣ୍ଡଗୋଳ ଜାତ ହେଲା । ନରହତ୍ୟା ରାଜସିଂହାସନ ଲାଭର ଏକମାତ୍ର ଅବଲମ୍ବନ ହେଲା ! ପ୍ରଥମ ମୁକୁନ୍ଦଦେବଙ୍କ ରାଜ୍ୟଲାଭ ପର୍ଯ୍ୟନ୍ତ ସମୟ ମଧ୍ୟରେ କେବଳ ନରହତ୍ୟା ଓ ଷଡ଼ଯନ୍ତ୍ର ଦୃଶ୍ୟ ଓଡ଼ିଶା ରାଜସିଂହାସନରେ ଅଭିନୀତ ହେଲା । ପ୍ରବଳ ମୁସଲମାନ ଶତ୍ରୁ ଉଭୟ ଉତ୍ତର ଓ ଦକ୍ଷିଣ ଦିଗରୁ ମୁଖବ୍ୟାଦାନ କରି ଓଡ଼ିଶାକୁ ଗ୍ରାସ କରିବାକୁ ଚାହିଁ ରହିଛନ୍ତି । ମାତ୍ର ସେ ଦିଗକୁ ଦୃଷ୍ଟି ନ ଦେଇ ଆପଣା ସ୍ୱାର୍ଥସିଦ୍ଧି ନିମିତ୍ତ ନରହତ୍ୟା କରି ରାଜସିଂହାସନ ଅଳଂକୃତ କରିବା ଲାଗି ଚେଷ୍ଟା ଲାଗିଲା । ଏଥିରେ ବହୁତ ଶକ୍ତି କ୍ଷୟ ହେଲା । ଏ ପାପର ପ୍ରାୟଶ୍ଚିତ ସ୍ୱରୂପ ଓଡ଼ିଶା ଆଫଗାନମାନଙ୍କ ହସ୍ତରେ ପଡ଼ିଲା ।

ମୁକୁନ୍ଦଦେବ ୧୫୫୭ ଖ୍ରୀଷ୍ଟାବ୍ଦରେ ରାଜା ହେଲେ । ଏହାଙ୍କ ୧୦ ଅଙ୍କରେ ଅର୍ଥାତ୍ ୧୫୬୫ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଆଫଗାନ ରାଜା ବା ଶାସନକର୍ତ୍ତା ସୁଲେମାନ ଗିରାନି ଓଡ଼ିଶା ଆକ୍ରମଣ ଲାଗି ସୈନ୍ୟ ସଂଗ୍ରହ କରି ଆକ୍ରମଣ କଲେ । ମୁକୁନ୍ଦଦେବ ସୁଦୃଢ଼ ଦୁର୍ଗ ନିର୍ମାଣ କରି ଏମାନଙ୍କ ଆକ୍ରମଣକୁ ବାଧା ଦେଇ କୃତକାର୍ଯ୍ୟ ହୋଇଥିଲେ । ମାତ୍ର ଅବଶେଷରେ ପ୍ରବଳ ସେନାପତି କଳାପାହାଡ଼ ଆସି ଓଡ଼ିଶା ଜୟ କଲା ।

ପ୍ରବାଦ ଅଛି କଳାପାହାଡ଼ ଜାତରେ ବ୍ରାହ୍ମଣ ଥିଲା । ତାଙ୍କ ଅନନ୍ୟ-ସାଧାରଣ ସୌନ୍ଦର୍ଯ୍ୟ ଅବଲୋକନ କରି ଗୌଡ଼ ରାଜକନ୍ୟା ବିମୋହିତା ହୋଇ କୌଶଳ ଦ୍ୱାରା ତାଙ୍କୁ ଜାତିଚ୍ୟୁତ କରାଇ ତାଙ୍କ ସହିତ ବିବାହ ସୂତ୍ରରେ ଆବଦ୍ଧା ହେଲେ । ଫଳତଃ କଳାପାହାଡ ମୁସଲମାନ ହେଲେ । ସୁତରାଂ ସମସ୍ତ ହିନ୍ଦୁ-ମାନଙ୍କୁ ମୁସଲମାନ କରାଇବା ଚେଷ୍ଟାରେ ନାନା ଅତ୍ୟାଚାର ଆରମ୍ଭ କଲେ । ହିନ୍ଦୁ ଦେବଦେବୀଙ୍କୁ ନଷ୍ଟ କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଓଡ଼ିଶାକୁ ଆସି ଏହି ଅତ୍ୟାଚାର ଆରମ୍ଭ କଲେ ଏବଂ ଏହାଙ୍କ ନାମ ଆଜିପର୍ଯ୍ୟନ୍ତ ଲୋକେ ଭୁଲି ନାହାନ୍ତି ।

କଳାପାହାଡ଼ ଓଡ଼ିଶା ଆସିବା ପୂର୍ବରୁ ଅନେକ ଅଶୁଭ କଥା ଦେଖାଗଲା । ବଡଦେଉଳରୁ ପଥର ଖସିଲା ଏବଂ ସେ କ୍ଷେତ୍ରରେ ପ୍ରବେଶ କଲାବେଳେ ଚତୁର୍ଦ୍ଦିଗ ଅନ୍ଧକାର ହୋଇଥିଲା ବୋଲି ପ୍ରବାଦ ଅଛି ।

ବହୁତ ଯୁଦ୍ଧ ପରେ ମୁକୁନ୍ଦଦେବ ପରାସ୍ତ ଓ ନିହତ ହେଲେ ଏବଂ ଓଡ଼ିଶା ଆଫଗାନମାନଙ୍କ ଅଧୀନ ହେଲା । ଓଡ଼ିଶାର ସ୍ୱାଧୀନତା ରବି ଏହିଠାରୁ ଅସ୍ତ ହେଲେ ।

ଇତିମଧ୍ୟରେ ଲୋକମାନେ ସ୍ୱାଧୀନତା ହରାଇ ବିକଳ ହେଲେ । ଘୋର ଅତ୍ୟାଚାର, ଘୋର ଅପମାନ ଧର୍ମ୍ମ ଉପରେ ଅତ୍ୟାଚାର ଲୋକେ ସହ୍ୟ କରି ପାରିଲେ ନାହିଁ । ଏ ଜାତୀୟ ଅପମାନ କିଏ ସହ୍ୟ କରିପାରେ ? ସୁତରାଂ ମନ୍ତ୍ରୀ ଓ ରାଜ୍ୟର ପ୍ରଧାନ ପ୍ରଧାନ ନେତାମାନେ ମିଳି ସ୍ୱାଧୀନତା ଲାଭ କରିବା ଉଦ୍ଦେଶ୍ୟରେ ଦନେଇ ବିଦ୍ୟାଧରଙ୍କ ପୁତ୍ର ରଣେଇ ରାଉତରାଙ୍କୁ "ରାମଚନ୍ଦ୍ରଦେବ" ଉପାଧି ଦେଇ ଓଡ଼ିଶା ମହାରାଜା ବୋଲି ମନୋନୀତ କଲେ ।

ଫେରିସ୍ତାଙ୍କ ଇତିହାସରୁ ଜଣାଯାଏ ଯେ ସୁଲେମାନ କାରସାନି ବା ଗିରଜାନଙ୍କ ପୁତ୍ର ଦାଉଦ ଖାଁ କେତେଦିନଯାଏ ଓଡ଼ିଶାରେ ଦଖଲକାର ଥିଲେ । ଦିଲ୍ଲୀ ସମ୍ରାଟ ଆକବର ବଙ୍ଗର ଆଫଗାନ ଶାସନକର୍ତ୍ତାମାନଙ୍କ ଅତ୍ୟାଚାର ଦେଖି ବଡ଼ ଅସନ୍ତୁଷ୍ଟ ଥିଲେ ଏବଂ ଆକବରଙ୍କ ସେନାପତି ମନେମଖାଁ ଓ ଖାଁଯାହାନମାନେ ବହୁବାର ଆକ୍ରମଣ କରି ଓଡ଼ିଶାକୁ ଆଫଗାନମାନଙ୍କଠାରୁ ଛଡ଼ାଇ ନେଇ ୧୫୬୮ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସାମ୍ରାଜ୍ୟଭୁକ୍ତ କଲେ ।

ସମ୍ରାଟ ଆକବରଙ୍କ ସେନାପତି ଶିବାଇ ଜୟସିଂହ ସାମ୍ରାଜ୍ୟ ସମ୍ପର୍କୀୟ କାର୍ଯ୍ୟ ଦେଖିବା ଲାଗି ଓଡ଼ିଶାକୁ ଆସିଲେ । ଭୁବନେଶ୍ୱରର ଦେବାଳୟମାଳା,

ବ୍ରାହ୍ମଣ ଶାସନମାନ ଦେଖି ତାଙ୍କ ମନରେ ଭକ୍ତିଭାବ ଉଦିତ ହେଲା ଏବଂ ମନୁଷ୍ୟ ଦ୍ୱାରା ଏ ରାଜ୍ୟ ଶାସିତ ହେବାର ଉପଯୁକ୍ତ ନୁହେ ବୋଲି ତାଙ୍କର ଧାରଣା ହେଲା । ଅଳ୍ପଦିନ ପରେ ରାମଚନ୍ଦ୍ର ଦେବଙ୍କ ହସ୍ତେ ସମ୍ପୂର୍ଣ୍ଣ ଶାସନଭାର ଅର୍ପଣ କରି ଫେରିଗଲେ ।

୧୫୮୨ ଖ୍ରୀଷ୍ଟାବ୍ଦରେ ବିଖ୍ୟାତ ଦେବାନ ଟୋଡ଼ରମଲ ଓଡ଼ିଶାକୁ ଆସିଲେ । ତାଙ୍କ ପ୍ରଚଳିତ ତକସିମଜମା ଓ ଟଙ୍କା ରକ୍ମି ନାମକ ବନ୍ଦୋବସ୍ତ କାର୍ଯ୍ୟ ପରିଦର୍ଶନ କରିବା ଉଦ୍ଦେଶ୍ୟରେ ସେ ଆସିଥିଲେ । ୧୨ ଦର୍ସ୍ତି ପଦ୍ଧକାରେ ନଳମାପ ହେଉଥିଲା; ଜଳେଶ୍ୱର, ଭଦ୍ରଖ ଓ କଟକ ତିନି ସରକାରରେ ଏ ବନ୍ଦୋବସ୍ତ ହୋଇଥିଲା । ଟୋଡ଼ରମଲ ରାମଚନ୍ଦ୍ର ଦେବଙ୍କୁ ବହୁତ ମାନ୍ୟ ଓ ଭକ୍ତି କଲେ ଏବଂ ଜଗନ୍ନାଥ ମନ୍ଦିର ଓ ମୂର୍ତ୍ତି ଦେଖି ମୁଗ୍ଧ ହୋଇଥିଲେ ଏବଂ ପୁରୀକୁ ଖଜଣାଦାୟରୁ ମୁକ୍ତ କରିଦେଲେ । ୧୫୮୩ରେ ଟୋଡ଼ରମଲ ଫେରିଗଲେ ।

ଓଡ଼ିଶାରେ ମୋଗଲ ସୁବାର ଶାସନପ୍ରଣାଳୀ ୧୫୯୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନଥିଲା । ଏହି ବର୍ଷ ସମ୍ରାଟଙ୍କ ବଙ୍ଗ ପ୍ରତିନିଧି ରାଜା ମାନସିଂହ ଶାସନଭାର ଗ୍ରହଣ କରିବାକୁ ଆଗମନ କଲେ । ତାଙ୍କ ଆଗମନରେ ଦୁଇଗୋଟି ଉଦ୍ଦେଶ୍ୟ ଥିଲା—ଆଫଗାନମାନଙ୍କୁ ବିତାଡ଼ିତ କରିବା ଏବଂ ରାମଚନ୍ଦ୍ର ଦେବଙ୍କ ସହିତ ତେଲେଙ୍ଗା ମୁକୁନ୍ଦଦେବଙ୍କ ଦୁଇ ପୁତ୍ରଙ୍କ (ରାମଚନ୍ଦ୍ର ରାୟ ଓ ଛକଡ଼ି ଭ୍ରମରବର) ବିବାଦ ନିଷ୍ପତ୍ତି କରିବା ।

ମାନସିଂହ ଦେଖିଲେ ବିବାଦ ବଡ଼ ଭୟଙ୍କର ପ୍ରକାରର । ଉଭୟ ପକ୍ଷରେ ସାହାଯ୍ୟକାଂକ୍ଷୀ ଅନେକ । ସେ ଦେଖିଲେ ଯେ ଓଡ଼ିଶା ରାଜବଂଶର ପୈତୃକ ସମ୍ପତ୍ତି ମଧ୍ୟରୁ ଯାହା କିଛି ଅବଶିଷ୍ଟ ଅଛି ତାକୁ ବଣ୍ଟନ କରିଦେବାହିଁ ଶ୍ରେୟସ୍କର । ଫଳରେ ଏହାହିଁ ହେଲା । ପୁରୁଷୋତ୍ତମକ୍ଷେତ୍ର ସହିତ ଖୋର୍ଦ୍ଧା ଜିଲ୍ଲାର ଭାବରେ ଏବଂ ଅନ୍ୟାନ୍ୟ କେତେକ ମାହାଲ ମହାରାଜା ଉପାଧି ସହିତ ରାମଚନ୍ଦ୍ର ଦେବ ପାଇଲେ ଏବଂ ୫୦୦୦ ସୈନ୍ୟଙ୍କ ଉପରେ ସେନାପତିତ୍ୱ ମଧ୍ୟ ପାଇଲେ । ୧୨୯ କିଲ୍ଲାଜାତ ରାଜାମାନଙ୍କଠାରୁ ଭେଟି ଆଦାୟ କରିବା ଏବଂ ସେମାନଙ୍କ ମଧ୍ୟରେ ପ୍ରଧାନ ହୋଇ କର୍ତ୍ତୃତ୍ୱ ପରିଚାଳନା କରିବା କ୍ଷମତା ପାଇବା, କଟକ ଜିଲ୍ଲାର ସମସ୍ତ ଗଡ଼ଜାତ ଯାହାକି ମହାନଦୀର ଦକ୍ଷିଣ ତରଫରେ ଅବସ୍ଥିତ ଘୁମୁସର, ମହୁରୀ ପ୍ରଭୃତି; ଗଞ୍ଜାମରେ ଖେମଣ୍ଡି ସୀମାନ୍ତ ପର୍ଯ୍ୟନ୍ତ ରାଜ୍ୟମାନଙ୍କ ଉପରେ ରାମଚନ୍ଦ୍ର ଦେବଙ୍କର ଆଧିପତ୍ୟ ରହିଲା । ଆଳି ଏବଂ ତାହା ଅଧିନସ୍ଥ ରାଜ୍ୟମାନ ମୁକୁନ୍ଦଦେବଙ୍କ ବଡ଼ପୁଅ

ରାମଚନ୍ଦ୍ର ପାଇଲେ ଜମିଦାରୀ ସ୍ୱରୂପ ଏବଂ ଛକଉଡ଼ି ଭ୍ରମରବର ସାରଙ୍ଗଗଡ ପାଇଲେ ।

ମାନସିଂହ ଆଫଗାନମାନଙ୍କୁ ପରାସ୍ତ କରି ବିଦ୍ରୋହ ଦମନ କଲେ ଏବଂ ଦୁର୍ଗମାନ ସୁଦୃଢ଼ କଲେ । ଶାନ୍ତି ସ୍ଥାପିତ ହେଲା ଏବଂ ୧୫୯୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଦିଲ୍ଲୀ ସାମ୍ରାଜ୍ୟଭୁକ୍ତ ହେଲା ।

ରାମଚନ୍ଦ୍ର ଦେବ ୧୩୪୨ ବର୍ଗମାଇଲ ମଧ୍ୟରେ ୧୨୯ ଗୋଟି ଦୁର୍ଗର ଅଧିପତି ହେଲେ ଏବଂ ରାଜତ୍ୱ କଲେ । ଆଫଗାନମାନଙ୍କୁ ଖଜଣା ନଦେଇ ସମ୍ରାଟଙ୍କ କର୍ମଚାରୀଙ୍କୁ ଦେଲେ; ୩୫୦୦ ଅଶ୍ୱାରୋହୀ ସୈନ୍ୟ ରଖିବାର କ୍ଷମତା ପାଇଲେ ।

ରାମଚନ୍ଦ୍ର ଦେବଙ୍କ ରାଜ୍ୟର ଆୟ ୨୧୫୬୧ ପାଉଣ୍ଡ । ଏହି ସମୟରୁ ଓଡ଼ିଶାରୁ ଆଫଗାନ ସମ୍ପର୍କ ତୁଟିଲା ଏବଂ ମୋଗଲମାନେ ରାଜତ୍ୱ କଲେ ।

ଆଫଗାନମାନେ କେବଳ ପାଶବିକ ବଳ ପ୍ରୟୋଗ କରି ଯେପରି ରାଜ୍ୟଲାଭ କରିଥିଲେ ସେହିପରି ହରାଇ ବସିଲେ । ଅଧର୍ମ ଅନ୍ୟାୟ କେତେ ଦିନ ରାଜତ୍ୱ କରିପାରେ ? ଆଫଗାନମାନେ ପରାସ୍ତ ହୋଇ ସୁଦ୍ଧା ଉତ୍କଳ ଲାଲସା ଛାଡ଼ି ପାରିଲେ ନାହିଁ । ୧୫୦୯ ମସିହାରେ ପୁଣି ବିଦ୍ରୋହୀ ହେଲେ, ମାତ୍ର ପରାସ୍ତ ହେଲେ । ୧୬୧୧ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆଫଗାନମାନେ ବିଦ୍ରୋହୀ ହେଲେ, ମାତ୍ର ପରାସ୍ତ ହେଲେ । ଏହିପରି ବାରମ୍ବାର ପରାସ୍ତ ହୋଇ ଶେଷରେ ନିରସ୍ତ ହେଲେ । କିଛି କିଛି ଜମି ହାସଲ କରି ପ୍ରଜା ହୋଇ ବାସ କଲେ । ପ୍ରଜା ହୋଇ ବାସ କଲେ ସତ, କିନ୍ତୁ ମନରୁ "ଆମେ ନବାବ ଜାତି" ଗର୍ବ ଛାଡ଼ିଲେ ନାହିଁ । ଶିଳ୍ପ ବାଣିଜ୍ୟାଦି କଲେ ନାହିଁ । କ୍ରମେ ନିର୍ଦ୍ଧନ ହୋଇଗଲେ । ଅମୀର ଥିଲେ, ଫକୀର ହେଲେ ।

କଟକ ଜିଲ୍ଲାର ଲୋକସଂଖ୍ୟା ମଧ୍ୟରୁ ମୁସଲମାନ ପ୍ରାୟ ଏକ ଚତୁର୍ଦ୍ଦଶାଂଶ । ପୁରୀ ଲୋକସଂଖ୍ୟାରୁ ଏମାନେ ପ୍ରାୟ ଶତକଡ଼ା ୧ । ଏହିପରି ଆଫଗାନ ଅତ୍ୟାଚାରର ଶେଷ ହେଲା ।

୧୬୦୦ ଖ୍ରୀଷ୍ଟାବ୍ଦରେ ଆକବର ବାଦଶାହ ବଙ୍ଗଳା ସହିତ ଓଡ଼ିଶାର ଶାସନଭାର ବଡ଼ପୁଅକୁ ଦେଲେ । ପାଞ୍ଚବର୍ଷ ପରେ ଆକବରଙ୍କ ମୃତ୍ୟୁବେଳେ ଏ ଶାସନଭାର ନାତି ପାଇବ ବୋଲି କହିଗଲେ । ମାତ୍ର ନୂତନ ବାଦଶାହ ଏ ଶାସନଭାର ତାଙ୍କ ଭାଇଙ୍କୁ ଅର୍ପଣ କଲେ । ପୁନଶ୍ଚ ୧୬୧୨—୨୨ ପର୍ଯ୍ୟନ୍ତ ଏ ଶାସନଭାର ସମ୍ରାଟଙ୍କ ଆଜ୍ଞାନୁସାରେ ତାଙ୍କ ଶାଳକଙ୍କ ହସ୍ତରେ ଅର୍ପିତ ହେଲା ।

୧୬୨୧ ଖ୍ରୀଷ୍ଟାବ୍ଦରେ ସାହାଯାହାନ ଲଗି ବଦ୍ରୋହୀ ହୋଇ ଓଡ଼ଶାକୁ ପଳାଇ ଆସିଲ । ଏଠାରେ ଯୁଦ୍ଧକର ସମ୍ରାଟଙ୍କ ଶାସନକର୍ତ୍ତାଙ୍କୁ ମାରପକାଇ ୧୬୨୨—୧୬୨୪ ସାଲ ପର୍ଯ୍ୟନ୍ତ ବଙ୍ଗଦେଶ ଶାସନ କଲ । ୧୬୨୪ରେ ସେଠାରେ ପରାସ୍ତ ହୋଇ ପୁନଶ୍ଚ ଓଡ଼ଶାକୁ ପଳାଇ ଆସିଲ ।

୧୬୧୮ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସରେ ଜାହାଙ୍ଗିର ତାଙ୍କ କାଗଜପତ୍ରରେ ଓଡ଼ଶା ସମ୍ବନ୍ଧେ କେତେକ କଥା ଲେଖିଥିଲେ । ତାହା ବିହାର-ଓଡ଼ଶା ରିସର୍ଚ୍ଚ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲ । ତାର ମର୍ମ୍ମ ନିମ୍ନରେ ପ୍ରକାଶିତ ହେଲ ।

ଆଓରଙ୍ଗଜେବଙ୍କ ରାଜତ୍ୱ ପ୍ରାରମ୍ଭ ସମୟରେ ମାଲୁ (ମାଲୁଦ) ମୋଗଲବନ୍ଦ ଓଡ଼ଶାର ଦକ୍ଷିଣ ଫାଣ୍ଡି ଥିଲ । ତଦୁତ୍ତରୁ କୁତବସାହି ଜିଲାର ଚକାକୋଲ । ଏଥିରୁ ଗୋଲକୁଣ୍ଡାକୁ ୨୦୦୦୦ ଟଙ୍କା ଦିଆଯାଉଥିଲ ।

ଏ ସମୟରେ ମୁଁ ଖବର ପାଇଲି ଯେ ମକର ଖାଁ ଓଡ଼ଶାର ଶାସନକର୍ତ୍ତା ଥିଲେ । ସେ ଖୋର୍ଦ୍ଧା ଜୟ କଲେ । ଓଡ଼ଶା ରାଜା ରାଜମହେନ୍ଦ୍ରୀକୁ ପଳାୟନ କଲେ । ଗୋଲକୁଣ୍ଡା ଓ ଓଡ଼ଶା ମଧ୍ୟରେ ଦୁଇ ଜମିଦାର, ଯଥା—ଖୋର୍ଦ୍ଧା ରାଜା ଓ ରାଜମହେନ୍ଦ୍ରୀ ରାଜା । ଖୋର୍ଦ୍ଧା ଅଧିକାରକୁ ଆସିଲ; ଏଥର ରାଜମହେନ୍ଦ୍ରୀ ପାଳି ।

ଖ୍ରୀ ୧୬୨୯—୩୦ ଶୀତ ସମୟରେ ବାଖର ଖାଁ ଓଡ଼ଶାର ଶାସନକର୍ତ୍ତା ହେଲେ । ସେ ଖିରପଡାକୁ ଗଲେ । ସେ କୁତବସାହି ଶ୍ରେଷ୍ଠ ରାସ୍ତା ଛତ୍ରଦୁଆରଠାରୁ ୪ମାଇଲ ଏବଂ ଓଡ଼ଶା ମଧ୍ୟରେ ମହେନ୍ଦ୍ରଠାରୁ ୨୪ମାଇଲ ପର୍ଯ୍ୟନ୍ତ ଲୁଟପାଟ କରି ଛାରଖାର କଲ । ବର୍ଷା ସମୟ ହେବାରୁ ଫେରି ଆସିଲ । ପୁନଶ୍ଚ ୧୬୩୦ ଶରତ୍ କାଳରେ ବନ୍ଧୁ ଜମିଦାର ଆଲୀ, ଖଲକୋଟ ଓ କୁଡ଼ାଲମାନଙ୍କ ସୈନ୍ୟ ସହିତ ଯାତ୍ରା କଲେ । ଡ଼ିସମ୍ବର ମାସ ୩ତାରଖରେ ମନସୁରଗଡ଼ଠାରେ ପ୍ରବେଶ ହେଲେ । ଏ ଦୁର୍ଗ ଅଇରପୁରଠାରୁ ୮ମାଇଲ ଦୂରରେ ଅବସ୍ଥିତ । ମନସୁର ନାମକ ଗୋଲକୁଣ୍ଡାର ଜଣେ କର୍ମଚାରୀ ପ୍ରସ୍ତୁତ କରିଥିଲେ । ଏଠାରେ ଯୁଦ୍ଧ ହେଲ । ବାଖର ଦୁର୍ଗ ଅଧିକାର କରି ଫେରିଗଲେ । କୁତବସାହୀମାନେ ପୁଣି ବିଦ୍ରୋହୀ ହେଲେ । ମାତ୍ର ବାଖରଦ୍ୱାରା ପରାଜିତ ହେଲେ । ବାଖର ଖାଁ ଜମିଦାର ଓ ପ୍ରଜାମାନଙ୍କ ଉପରେ ବଡ଼ ଅତ୍ୟାଚାର କଲ । ସାହାଯାହାନ ଏ କଥା ଶୁଣିପାରି ୨୪-୬-୧୬୩୨ରୋତକୁ ବରଖାସ୍ତ କଲେ । ବାଖରଖାଁ ଜମିଦାରମାନଙ୍କୁ କଏଦ

କରି ରାଜସ୍ୱ ଆଦାୟ କରୁଥିଲା । ୭୦୦ କଏଦଙ୍କୁ ମାରି ପକାଇଲା । ମାତ୍ର ଜଣେ ପଳାୟନ କରି ସାହାଯାହାନଙ୍କୁ ସମ୍ବାଦ ଦେଲା ।

ପଳାତକ କଏଦୀ ସାହାଯାହାନଙ୍କୁ ଜଣାଇଲା ଯେ ବାଖର ଖାଁ ୪୦ଲକ୍ଷ ଟଙ୍କା ନେଇଛି । ସାହାଯାହାନ ତାକୁ ତଲବ କରି ହିସାବ ବୁଝିଲେ ।

ବାଖର ପରେ ମତାକତ ଖାଁ ଶାସନକର୍ତ୍ତା ନିଯୁକ୍ତ ହେଲା । ସେ ଉତ୍ତମ-ରୂପେ ଶାସନକରି ୧୭-୧୦-୧୬୪୧ ଖ୍ରୀଷ୍ଟାବ୍ଦରେ ବୃଦ୍ଧବୟସରେ ପ୍ରାଣତ୍ୟାଗକଲା ।

ଶାନଓ୍ୱାଜ ଖାଁ (୧୬୪୧—୧୬୪୨), ମହମ୍ମଦ ଜମନ ତିହରାନି (୧୬୪୨—୧୬୪୫), ମତାକତ ଖାଁ (୧୬୪୫—୧୬୪୮), ତରିନୟତ ଖାଁ (୧୬୪୮—୧୬୫୬) ପର୍ଯ୍ୟନ୍ତ ଶାସନକାର୍ଯ୍ୟ ଚଳାଇଲେ । ୧୬୫୭ ସେପ୍ଟେମ୍ବର ମାସଠାରୁ ୧୬୬୦ ଖ୍ରୀଷ୍ଟାବ୍ଦ ମେ ମାସ ପର୍ଯ୍ୟନ୍ତ ଅରାଜକ ହେଲା । ସାହାଯାହାନ ପୀଡ଼ିତ ହେବାରୁ ପୁତ୍ରମାନଙ୍କ ମଧ୍ୟରେ ବିବାଦ ମନାନ୍ତର ଆରମ୍ଭ ହେଲା । ୧୬୬୦ ରେ ସୁଜା ପଳାୟନ କଲା ଓ ଆଓରଙ୍ଗଜେବ ଏକାଧିପତ୍ୟ କଲେ । ସୁଜା ସମସ୍ତ ସୈନ୍ୟମାନଙ୍କୁ ନେଇ ମୀରଜୁମଲା ସଙ୍ଗେ ରାଜମହଲ ଓ ମାଲଦାଠାରେ ଯୁଦ୍ଧ କଲା । ଓଡ଼ିଶାର ରାଜାମାନେ ଖଜଣା ଦେଲେ ନାହିଁ । ଅଧିକାଂଶ ଦୁର୍ଗ ନିର୍ମାଣ କରି ଲୁଟପାଟ ଆରମ୍ଭ କଲେ ।

୧୬୬୧ ମସିହାରେ ମୀରଜୁମଲା ପଶ୍ଚିମ ବଙ୍ଗଳାରେ ବ୍ୟସ୍ତ ହୋଇ ବସିଲା । ତା ପାଖରେ ଯଥେଷ୍ଟ ସୈନ୍ୟଥିଲେ । ସେଥିରୁ କେତେକ ଓଡ଼ିଶାକୁ ପଠାଇଲା । ସେ ଅଳ୍ପଦିନ ଶାସନ କରିଥିଲା । ତାଙ୍କର ପ୍ରଥମ ଆଦେଶ ହେଲା ଯେ ଓଡ଼ିଶାର ସବୁ ମସଜିଦ୍‌ରେ ଖତବ୍ ପାଠ ହେବ, ଆଓରଙ୍ଗଜେବଙ୍କ ନାମରେ । ଆପଣା ନିଯୁକ୍ତି ବିଷୟ ଜଣାଇ ଦେବା ଲାଗି ପରଓ୍ୱାନା ହେଲା ଏବଂ ଆଦେଶ ହେଲା ଯେ ନାରଣଗଡ଼ଠାରେ ସମସ୍ତେ ତାଙ୍କୁ ସାକ୍ଷାତ କରିବେ । ସେଠାରୁ ସେ ମେଦିନୀପୁର ଯିବେ । ଏଠାରୁ ନିର୍ଦ୍ଦିଷ୍ଟ ଦିନ ଯାଇ ରାଜା ନୀଳକଣ୍ଠ ଦେବଙ୍କ ଭାଇମାନଙ୍କୁ, ଭରତ ପଟ୍ଟନାୟକ ଭାଇ ଗୋପୀନାଥଙ୍କୁ, ରାଜା ମୁକୁନ୍ଦଦେବଙ୍କ କର୍ମଚାରୀଙ୍କୁ ଏବଂ ନିକଟବର୍ତ୍ତୀ ଅନ୍ୟାନ୍ୟ ଜମିଦାରମାନଙ୍କୁ ବନ୍ଦୀ କରି ନେଇଗଲା । ଏମାନଙ୍କ ଅନୁପସ୍ଥିତିରେ ଖଜଣା ଆଦାୟ ହୋଇ ପାରିଲା ନାହିଁ । ସୁତରାଂ ମୋଗଲ ଫଉଜଦାର ସେମାନଙ୍କୁ ଯାମିନୀ ନେଇ ଖଲାସ ଦେଲା ।

ଇତିମଧ୍ୟରେ ଖାନଦୁରାନ ଶାସନକର୍ତ୍ତା ହେଲେ (୧୬୬୦—୧୬୬୩) । ତାଙ୍କର ପ୍ରଥମ ଉଦ୍ୟମ ଓଡ଼ିଶାର ପୁନର୍ବିଜୟ । ସେ ଅରାଜକତା ବିଷୟ ନିମ୍ନ-ଲିଖିତମତେ ବର୍ଣ୍ଣନା କରିଅଛନ୍ତି ।

ଶାସନ ଶିଥିଳତା ହେତୁ ଜମିଦାରମାନେ ଅମାନିଆ ହୋଇଅଛନ୍ତି । କାଠଯୋଡ଼ି ଅପରପାର୍ଶ୍ୱର ଜମିଦାରମାନେ ଖଜଣା ନ ଦେଇ ଯୁଦ୍ଧ ଘୋଷଣା କରିଥିଲେ । ହରିପୁର (ମୟୂରଭଞ୍ଜ) ଜମିଦାର କୃଷ୍ଣଭଞ୍ଜ ପ୍ରଧାନ ଜମିଦାର । ସେ କ୍ଷମତା ବିସ୍ତାର କରି ମେଦିନୀପୁରଠାରୁ ଭଦ୍ରଖ ଯାଏ ୫୦ କି ୬୦ କୋଶ ଅଧିକାର କରି ଲୋକମାନଙ୍କ ସମ୍ପତ୍ତି ନେବାକୁ ଅତ୍ୟାଚାର କରୁଅଛନ୍ତି ! କେନ୍ଦୁଝର ଜମିଦାର ଲକ୍ଷ୍ମୀନାରାୟଣ ଭଞ୍ଜ ମାଛର ବା ନାଛର ଦୁର୍ଗ ଅଧିକାର କରିଛି । ୩ବର୍ଷ ହେଲା ଏମାନେ ସୈନ୍ୟ ସଂଗ୍ରହ କରି ଯୁଦ୍ଧ ଲାଗି ପ୍ରସ୍ତୁତ ହୋଇ ଅଛନ୍ତି । ହିଜଲି ଜମିଦାର ବାହାଦୂର ବିଦ୍ରୋହୀ । ସ୍ଲେଚ୍ଛରାୟ ରଏତଙ୍କୁ ମେଳକରି ଜଙ୍ଗଲ ମଧ୍ୟରେ ଦୁର୍ଗ ନିର୍ମାଣ କରି ମନ୍ଦ ଉଦ୍ଦେଶ୍ୟରେ ଅଛି ।

ଖାନଦୁରାନ ଆଲାହାବାଦରେ ସୁବେଦାର ଥିଲେ । ୧୭୬୦ ମସିହା ଅପ୍ରେଲ ୩ ତାରିଖରେ ନିଯୁକ୍ତି ପରୱାନା ପାଇ ବର୍ଷା ସମୟରେ ବଢ଼ି ବର୍ଷା ନ ମାନି ମେଦିନୀପୁରରେ ସେପ୍‌ଟେମ୍ବର ମାସ ୨୬ ତାରିଖରେ ପ୍ରବେଶ ହେଲେ । ଏଠାରେ କେତେ ଦିନ ରହି ଶାସନ ଦୋରସ୍ତ କରି ଜଲେଶ୍ୱର ଗଲେ । ଜମିଦାର-ମାନଙ୍କୁ ସାକ୍ଷାତ କରିବା ଲାଗି ଆଦେଶ ହେଲା । ପ୍ରଥମେ ହିଜଲି ଆକ୍ରମଣ କରିବାର ବାସନା ଥିଲା । ମାତ୍ର ଦୁର୍ଗମ ପଥ ଯୋଗୁଁ ରହିତ ହେଲେ । ଅକ୍‌ଟୋବର ଶେଷରେ ଜଲେଶ୍ୱରଠାରେ ପ୍ରବେଶ ହେଲେ । ଖାନଦୁରାନ ପ୍ରବେଶ ବାର୍ତ୍ତା ପାଇ ବାହାଦୂର ଓ କୃଷ୍ଣଭଞ୍ଜମାନେ ବଶ୍ୟତା ସ୍ୱୀକାର କଲେ । ରେମୁଣାର ମୋଗଲ ଫଉଜଦାର ଏ କଥା ଲେଖି ସମ୍ବାଦ ଦେଲେ । ହରିହରପୁର ଭଞ୍ଜେ ଆସିଲେ; ମାତ୍ର ତାଙ୍କର ବଡ଼ ଦୁର୍ଦ୍ଦଶା ହେଲା । ଦୁରାନଙ୍କି ଶୁଭଦିନ ମିଳୁ ନାହିଁ କହି ମାସେଯାଏ ଦେଖା ଦେଲେ ନାହିଁ । ଖଜଣା କେତେ ଦେବେ ତଦାରଖ ହେବାରୁ ଯୁଦ୍ଧ କଲେ, ମାତ୍ର ହାଣ ଖାଇଲେ । ଉଦଣ୍ଡ ଜମିଦାର, ନରସିଂହପୁର ଜମିଦାର, ଘାଟଶିଲାର ଚନ୍ଦ୍ରେଶ୍ୱର ଧଲ ଓ ନୀଳଗିରି ଜମିଦାର ହରିଚନ୍ଦନ ମାନେ ଅସ୍ତ୍ରତ୍ୟାଗ କରି ବନ୍ଦୀ ହେଲେ । ମୟୂରଭଞ୍ଜ ରାଜାଙ୍କ ଆତ୍ମୀୟମାନେ ଗୋଳମାଳ କଲେ । ଦୁରାନ ସେମାନଙ୍କୁ ଦଣ୍ଡଦେବାକୁ ଯାଇ ରେମୁଣାଠାରେ ରହିଲେ । ରାଜ ଜୟୀଭଞ୍ଜ ବଶ ହେଲି, କ୍ଷମାପ୍ରାର୍ଥନା କଲି ଏବଂ ତାଙ୍କ ମାତା ୩ହାତୀ, କେତେ ଟଙ୍କା ପୁରସ୍କାର (ପେସ୍‌କସ୍‌) ଦେଇ ପୁଅ ଲାଗି ରାଜଗାଦିର ଟୀକା ଓ ଜମିଦାରୀ ପ୍ରାର୍ଥନା କରିବାରୁ ଦୁରାନ ସମ୍ମତ ହେଲେ ।

ସେଠାରୁ ଦୁରାନ କଟକ ଗଲେ । ଚଳନ୍ତି ବିଷ୍ଣୁ ଖୋର୍ଦ୍ଧା ଜମିଦାର ଶରଣାଗତ ହେଲେ । ଅନ୍ୟାନ୍ୟ ଜମିଦାର ଓ ଖଣ୍ଡାଏତମାନେ ତାଙ୍କ ସାଥିରେ

ଆସିଥିଲେ । କେତେଦିନ ଉତ୍ତାରୁ ରାଜା ମୁକୁନ୍ଦଦେବ ପୁଣି ଗୋଲମାଲ କଲେ । ମୋଗଲ ସୈନ୍ୟମାନେ ବିଦ୍ରୋହ ଦମନ କଲେ । ମୋଗଲ ସୈନ୍ୟମାନେ ବିଦ୍ରୋହ ଦମନ କରି ଅନେକ ଦୁର୍ଗ ନେଲେ । ୧୬ ତାରିଖ ଫେବୃୟାରୀରେ ଦୁରାନ କାଲୁପଡ଼ା, ମଟ୍ରି, କର୍କାନ୍ଧ, ଖରଡିହ ଏବଂ ଅନ୍ୟ ତିନିଗୋଟି ଦୁଗ ନିକଟରେ ପ୍ରବେଶ ହେଲା । ଏସବୁ ଦୁର୍ଗମାନଙ୍କ ପର୍ବତ ନିକଟରେ ମୋଗଲ ସୈନ୍ୟ ପ୍ରବେଶ ହେଲେ । ଶତ୍ରୁପକ୍ଷର ଅସଂଖ୍ୟ ସୈନ୍ୟ, ଖଡ଼ଗାନ ଓ ବାଙ୍କି ରଣପୁର ଏବଂ ଅନ୍ୟାନ୍ୟ ଭୂୟାଁମାନେ ଖଣ୍ଡାୟତ ମାନଙ୍କ ସହିତ ମିଶି ଯୁଦ୍ଧ କଲେ । ଶତ୍ରୁପକ୍ଷ ସୈନ୍ୟମାନେ ତୋଡ଼ାଦାର ବନ୍ଧୁକ, ତୀର, ଖଣ୍ଡା, ଶାବଳ ଦୁଆର, ଧକଣ ଓ ସିନ୍ତୁ ପ୍ରଭୃତି ବ୍ୟବହାର କଲେ, ମାତ୍ର ଶେଷରେ ହାରିଲେ । ସାତ ଦୁର୍ଗ ମୋଗଲ ଅଧିକାରଭୁକ୍ତ ହେଲା । ଦୁଇ ତିନିଦିନ ମଧ୍ୟରେ ଶାନ୍ତି ସ୍ଥାପିତ ହେଲା ଓ ଥାନା ବସିଲା ।

୧୬୬୧ ମସିହା ଫେବୃୟାରୀ ୨୦ ତାରିଖରେ ଦୁରାନ ଖୋରଧା ଯାତ୍ରା କଲେ ଏବଂ ଏକ ମାଇଲ ଦୂରରେ ଛାଉଣୀ ପଡ଼ିଲା । ରାଜା ପଳାୟନ କଲେ ।

ବହୁତ ଲୁଟ ହେଲା ଏବଂ ଅନେକଲୋକ ବନ୍ଦୀ ହେଲେ । ଗତ ୫୦ବର୍ଷ ମଧ୍ୟରେ କୌଣସି ସୁବେଦାର ଏଠାକୁ ଆସି ନଥିଲେ । ମୁକୁନ୍ଦ ଦେବଙ୍କ ସାନଭାଇ ଭ୍ରମରବରଙ୍କୁ ଗାଦିରେ ବସାଇଲେ । ସମସ୍ତେ ବଶ୍ୟତା ସ୍ୱୀକାର କଲେ । ମୁକୁନ୍ଦଦେବ ଓ ଭରତପଟ୍ଟନାୟକମାନେ ଦୁରାନକୁ ସାକ୍ଷାତ କଲେ । ୮।୩।୬୧ରେ କେନ୍ଦୁଝର ଦୁର୍ଗ ଅଧିକାର କରାଗଲା ପରେ ବାହାଦୂର ସବଂଶରେ ଧୃତ ହେଲା । ରଣପୁର ଜମିଦାର ଖଣ୍ଡ ନରେନ୍ଦ୍ର ଓ ମକାପଡ଼ା, ଡ଼ମପଡ଼ା ଜମିଦାରମାନେ ବଶ୍ୟତା ସ୍ୱୀକାର କରି କର ପ୍ରଦାନ କଲେ । ଅନ୍ୟାନ୍ୟମାନେ ପରାଜିତ ହେଲେ । ମାଲୁଦର ମୋଗଲ ଫଉଜଦାର ଅନ୍ଧାରୀ ଜମିଦାର ପିତାମ୍ବ ମାଲୁଦ ଜମିଦାର କୁମାର ଗୁରୁଙ୍କ ବିଦ୍ରୋହ ଦମନ କଲା । ମିଆନ ମହମ୍ମଦଯାନ କନକା ଜମିଦାରୀ ଅଧିକାର କଲା, ରାଜାଙ୍କୁ ସମୁଦ୍ର ମଧ୍ୟସ୍ଥ ରଜା ନାମକ ଦୁର୍ଗକୁ ତଡ଼ିଦେଲା । ସେଠାରେ ତାଙ୍କୁ ଘେରାଉ କରିବା ଲାଗି ମହାନଦୀରୁ ଛୋଟ ବୋଟ ଓ ବଡ଼ ବୋଟମାନ କୁଜଙ୍ଗ ଜମିଦାର ଗୋପାଳ ସାହାଯ୍ୟରେ ପଠାଯାଇ ଥିଲା ।

ରାଉତରା କୁଇଲୁ ମଧୁପୁର ଜମିଦାର ବାକି ଖଜଣା ଲାଗି ବନ୍ଦୀ ହେଲେ । କୁଜଙ୍ଗ ଗୋପାଳ ଦଶା ସେହିପରି ହେଲା । କଳସ ଦୁର୍ଗ ଅଧିକୃତ

ହେଲା । କିଲାଦାର ଶ୍ରୀଚନ୍ଦନ କ୍ଷମା ପ୍ରାର୍ଥନା କଲା । ପ୍ରାଣରକ୍ଷା ହେଲା, ମାତ୍ର ବନ୍ଦୀ ହେଲା । କଟକ ଦୁର୍ଗ ଏହିପରି ଅଧିକୃତ ହେଲା । କାଇଲକଟ (ନୟାଗଡ ନିକଟ) ଜମିଦାରଙ୍କ ପୁଅମାନେ ବନ୍ଦୀ ହେଲେ ।

ରାଜା ନୀଳକଣ୍ଠ ଦେବ ସମ୍ରାଟଙ୍କ ପକ୍ଷ ହେଲେ ଓ ବିଶ୍ୱାସୀ ହେଲେ । କୁତବସାହି ପ୍ରଗଣା ତାଙ୍କ ଜାଗିର ଥିଲା । ସେ ଗଜାଧର ଦ୍ୱାରା ଶାସନ କରୁଥିଲେ । ତାଙ୍କ ଭାଇମାନେ ବନ୍ଦୀଥିଲେ, ସେମାନେ ମୁକ୍ତ ହେଲେ; ଶାନ୍ତି ସ୍ଥାପିତ ହେଲା ।

ତେଲଙ୍ଗଣା ବଣରେ ବହୁତ ହାତୀ ଥିଲେ । ପୁରସ୍କାର ମଧ୍ୟରେ ହାତୀ ପ୍ରଧାନ ପୁରସ୍କାର ଥିଲା । ୧୬୬୨ ମସିହାରେ ସରକାରଙ୍କ ପୁତ୍ରର ବିବାହ ବେଳେ ୫ ହାତୀ ପୁରସ୍କାର ପଠାଯାଇ ଥିଲା । ୧୬୨୮ ମସିହାରେ ସାହାଯାହାନ ବାଖରଖାଁ ଠାରୁ ୫ହାତୀ ପାଇଥିଲେ ଏବଂ ୧୬୩୦ରେ ମାତକତଖାଁ ଠାରୁ ୮ହାତୀ ପାଇଥିଲେ । ଖାଁ ଦୁରାନ ୧୫ ଲକ୍ଷ ଟଙ୍କା ଓ ୭ ଖଣ୍ଡ ବସ୍ତ୍ର ପଠାଇଲେ । ରାଜମୁଖଯାଏ ଏ ଟଙ୍କା ଯାଇ ବଙ୍ଗଳା ଖଜଣା ସାମିଲରେ ପଠାଗଲା ।

ଗୋଲକୁଣ୍ଡା ଓଡ଼ିଶା ଅନ୍ତର୍ଗତ ଥିଲା । ଏଥିରୁ ଆଠ ହଜାର ଟଙ୍କା ଖଜଣା ଆଦାୟ ହେଉଥିଲା । ସାରଙ୍ଗଗଡ ଲାଗି ପୁରୁଷୋତ୍ତମଦେବ ୧୦୦୦୦ ଟଙ୍କା ଓାରସ ଫିସ୍ ଦେଲେ । ନିର୍ଦ୍ଦିଷ୍ଟ ଖଜଣା ନଥିଲା, ଦୁଇତିନ ବର୍ଷରେ ଥରେ ନଜର ଦେଉଥିଲେ । ଖଜଣା ଆଦାୟ ଲାଗି ମଫସଲ କୋରଖ ହେଉଥିଲା, ଫସଲ ନୋକ ହେଉଥିଲା, ଭାଗ ଆଦାୟ ହେଉଥିଲା । ମଲାଙ୍ଗି ବୋଟଦ୍ୱାରା ଧାନ ପଠାଯାଉଥିଲା, ମହମ୍ମଦ ବାଖର ବାଲେଶ୍ୱର ବନ୍ଦରର ଜାହାଜ ତିଆରି ଦାରୋଗା ଥିଲା । ହରଣପୁର ବନ୍ଦରଠାରେ ଉତ୍କୃଷ୍ଟ କାରିଗର ଥିଲେ । ସେମାନେ ଯାଇ ବାଲେଶ୍ୱର ବନ୍ଦରଠାରେ ଜାହାଜ ନିର୍ମ୍ମାଣ କରୁଥିଲେ ।

ପ୍ରଜାମାନଙ୍କଠାରୁ ଜିନିଷ ନେଇ ମୂଲ୍ୟ ଖଜଣାରେ ମଜୁରା ଦେଉଥିଲେ । ଆଗତୁରା ଟଙ୍କା ମଧ୍ୟ ଦିଆଯାଉ ଥିଲା ।

### ଓଡ଼ିଶାର ମୋଗଲ ସୁବେଦାରମାନଙ୍କ ନାମ

| | | |
|---|---|---|
| ୧ । ବାଖର ଖାଁ ନାଜମସାନି | ୧୬୨୮—୩୨ | ଖ୍ରୀଷ୍ଟାବ୍ଦ |
| ୨ । ମାତାକତ ଖାଁ । | ୧୬୩୨—୪୧ | ,, |
| ୩ । ଶାନଓ୍ୱାଜ ଖାଁ | ୧୬୪୧—୪୨ | ,, |
| ୪ । ମହମ୍ମଦ ଜମନତହାରାନ | ୧୬୪୨—୪୫ | ,, |

| | | |
|---|---|---|
| ୫ । ମାତକତ୍ ଖାଁ | ୧୬୪୨—୪୮ | ,, |
| ୬ । ତରନସ୍ତ ଖାଁ | ୧୬୪୮—୫୬ | ,, |

( ୧୬୫୬—୫୯ ଅରାଜକ )

| | | |
|---|---|---|
| ୭ । ଇତ୍ତାସାମ ଖାଁ | ୧୬୫୯—୬୦ | ,, |
| ୮ । ଖାନଦୁରାନ | ୧୬୬୦—୬୭ | ,, |
| ୯ । ତରବୟତ ଖାଁ | ୧୬୬୭—୬୯ | ,, |
| ୧୦ । ସାଫି ଖାଁ | ୧୬୬୯—୭୬ | ,, |
| ୧୧ । ରସିଦ ଖାଁ | ୧୬୭୬—୭୬ | ,, |
| ୧୨ । ସାଏସ୍ତ ଖାଁ | ୧୬୭୬—୭୬ | ,, |
| ୧୩ । ନରୁଲ | ୧୬୭୬—୭୮ | ,, |
| ୧୪ । କମଗର ଖାଁ | ୧୬୭୮—୧୭୦୪ | ,, |
| ୧୫ । ମୁର୍ଶିଦକୁଲି ଖାଁ | ୧୭୦୫—୨୫ | ,, |

ମିଆନ ମହମ୍ମଦସାନ, ମୀରଇସମାଲ, ମିର୍ଜାଇବ୍ରାହିମବକ୍ସ, ମହମ୍ମଦ-ହାସିମ୍, ମହମ୍ମଦତାହିର, ମହମ୍ମଦତକ, ଖାଜା ମହମ୍ମଦମମୀନ୍ ୧୬୨୭—୬୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦେଓ୍ୱାନ ଥିଲେ । ଟଙ୍କାଶାଳା ଥିଲା । ଦେଓ୍ୱାନମାନେ ଯାହା ଇଚ୍ଛା ତା କରୁଥିଲେ । ଅମୀନମାନଙ୍କଠାରୁ ଟଙ୍କା ନେଇ କାର୍ଯ୍ୟରେ ନିଯୁକ୍ତ କରୁଥିଲେ । ଏ ଅମଳକୁ ଏକପ୍ରକାର ଅଶାସନ କହିଲେ ଚଳେ । ପ୍ରଜାମାନେ ଜମି ଛାଡ଼ି ପଳାଇ ଯାଇଥିଲେ । ଆଓରଙ୍ଗଜେବ ବ୍ୟବହାର୍ଯ୍ୟ ପଦାର୍ଥ ଉପରୁ ଟିକସ ଉଠାଇ ଦେଇଥିଲେ । ସେକଯୁନେଦ କଟକର ମହତାସିବ ହେଲେ । ବାଳକ ବିକ୍ରୀ ବନ୍ଦ କରାଗଲା । ମୁସଲମାନ ଶାସନକର୍ତ୍ତାମାନେ ଧାର୍ମିକ ଲୋକମାନଙ୍କୁ ନିଷ୍କର ବାହେଲ ସମ୍ପତ୍ତି ଦାନ କରୁଥିଲେ (ମୁସଲମାନ ଧର୍ମରେ ଧାର୍ମିକ) । ହିନ୍ଦୁ ଦେଉଳ ଭାଙ୍ଗି ମସଜିଦ୍ କରିବାର ନୀତି ଥିଲା ।

ମନ୍ତ୍ରୀଗଡ—ମୁଟୁଙ୍ଗା କାଳୁପଡାଠାରୁ ଉତ୍ତର-ପଶ୍ଚିମ ଏକ ମାଇଲ ଦୂର ।

କୁଲରାବ—ଖୁଲରାବ କଟକଠାରୁ ୮ ମାଇଲ ।

ମାଛରା - ପଞ୍ଜିରା କେନ୍ଦୁଝରର ପ୍ରବେଶ ଦ୍ୱାରରେ ।

୧୬୯୫ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଜଣେ ଆଫଗାନ ଜମିଦାର ରହିମ ଖାଁ ବିଦ୍ରୋହୀ ହେଲେ । ୩ ବର୍ଷ ଯୁଦ୍ଧ ହେଲା । ଢାକା ଓ ମହାନଦୀ ଯୁଦ୍ଧକ୍ଷେତ୍ର ହେଲା । ଏହି ଯୁଦ୍ଧ ହେତୁ ଫରାସୀ, ଡଚ୍ ଓ ଇଂରେଜମାନେ ବାଣିଜ୍ୟକୋଠି ପାଇବାର

ଅନୁମତି ପାଇଲେ । ଆଫଗାନର ଏହି ଶେଷ ଚେଷ୍ଟା ବିଫଳ ହେଲା । ଏ ଯୁଦ୍ଧରେ ଦୁଇଗୋଟି ଲୋମହର୍ଷଣ କାଣ୍ଡ ଘଟିଲା । ବର୍ଦ୍ଧମାନ ଅବରୋଧ ହେଲାରୁ ରାଜାନ୍ତଃପୁରର ସ୍ତ୍ରୀମାନେ ବିଷଖାଇ ମରିଗଲେ । ଜଣେ ବଞ୍ଚିଥିଲା, ତାକୁ ନେଇଗଲେ; ମାତ୍ର ସେ ଆତ୍ମସମର୍ପଣ କଲାନାହିଁ । ବଳପ୍ରୟୋଗ କରିବାରୁ ସେ ଛୁରିଦ୍ୱାରା ଶତ୍ରୁକୁ ହତ୍ୟାକରି ପରେ ଆତ୍ମହତ୍ୟା କଲା । ୧୬୯୮ରେ ଆଫଗାନମାନେ ପୂର୍ଣ୍ଣ ପରାଜିତ ହେଲେ । ସେହିଦିନଠାରୁ ସେମାନଙ୍କ ନାମ ଶୁଣା ନାହିଁ ।

୧୭୦୪ ଖ୍ରୀଷ୍ଟାବ୍ଦରେ ମୁର୍ଶିଦକୁଲି ଖାଁ ବଙ୍ଗଳାର ଏକମାତ୍ର ଶାସନକର୍ତ୍ତା ନିଯୁକ୍ତ ହେଲେ । ଓଡ଼ିଶାରୁ ସହଜରେ କର ଆଦାୟ ହେଉ ନଥିବାର ଦେଖି ସେ ସୈନ୍ୟମାନଙ୍କ ହାତରେ ରାଜସ୍ୱ ଆଦାୟର ଭାର ଦେଲେ । ସେମାନେ ତରବାରି ଦେଖାଇ ରାଜସ୍ୱ ଆଦାୟ କଲେ । ଆଦାୟ ରାଜସ୍ୱରୁ ଯଥେଚ୍ଛା ଆତ୍ମସାତ୍ କଲେ । କ୍ରମେ ଶାସନକର୍ତ୍ତାଙ୍କ କ୍ଷମତା ବୃଦ୍ଧି ହେଲା । ସେ ତାଙ୍କ ଜାମାତା ସୁଜାଉଦ୍ଦିନଙ୍କୁ ଓଡ଼ିଶା ଶାସନ କରିବାକୁ ପଠାଇଲେ । ସେ ୧୭୦୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଉତ୍ତରାଂଶକୁ ଅର୍ଥାତ ମେଦିନୀପୁର ପ୍ରଭୃତିକୁ ବଙ୍ଗଳା ସାମିଲ୍ କଲେ । ୧୭୨୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଠିକ୍‌ମତେ ଶାସନକାର୍ଯ୍ୟ ଚଳାଇଲେ । ସେ ଘୋଡ଼ା ଡାକ ବସାଇଲେ । ପଥ ସୁଗମ ହେବା ଏବଂ ମୁର୍ଶିଦାବାଦ ପର୍ଯ୍ୟନ୍ତ ଡାକ ବସିବାରୁ ସମସ୍ତ ବିଦ୍ରୋହ ଭାଙ୍ଗିଗଲା ।

୧୭୨୫—୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନାଏବ ମହମ୍ମଦ ତକିଖାଁ ବଙ୍ଗର ଶାସନକର୍ତ୍ତା ହେଲେ । ଏ ସୁଜା ଏବଂ ଦିନ୍ ମହମ୍ମଦ, ଯେ କି ବଙ୍ଗ-ବିହାର-ଓଡ଼ିଶାର ନିଜାମ ଥିଲେ, ତାଙ୍କ ତରଫରୁ ଶାସନ କଲେ । ଏ ଅମଳରେ ଓଡ଼ିଶାର ସୀମା ଆହୁରି ଖର୍ବତା ପ୍ରାପ୍ତହେଲା । ଜଳେଶ୍ୱର ସରକାରର ଅବଶିଷ୍ଟାଂଶ ଅର୍ଥାତ୍ ତମଲୁକ, ମେଦିନୀପୁର ଓ ସୁବର୍ଣ୍ଣରେଖାର ମଧ୍ୟବର୍ତ୍ତୀ ଜିଲ୍ଲାମାନ ବଙ୍ଗ ସାମିଲ ହେଲା । ନିଜାମ ଗଭର୍ଣ୍ଣମେଣ୍ଟ ବଳଦ୍ୱାରା ହେଉ ବା କୌଶଳଦ୍ୱାରା ହେଉ ଚିକିଲି ରଘୁନାଥପୁରଠାରୁ ଚିଲିକା ପର୍ଯ୍ୟନ୍ତ୍ୟଦେଶର ଦଖଲ ପାଇଲେ । ଫଳତଃ ଓଡ଼ିଶା ରାଜାଙ୍କ କ୍ଷମତା ଓ ଆୟ ଅନେକ ହ୍ରାସ ହୋଇଗଲା । କାରଣ ଏଥିପୂର୍ବେ ଖୋର୍ଦ୍ଧା ରାଜାଙ୍କ କ୍ଷମତା ଘୁମୁସରଠାରୁ ଚିକାକୋଲ୍ ପର୍ଯ୍ୟନ୍ତ ଥିଲା । ଏହି ଶାସନକର୍ତ୍ତା ଓ ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ଶେଷରେ କଟକରେ ବନ୍ଦୀ ହେଲେ । ମୁସଲମାନମାନେ ଖୋର୍ଦ୍ଧାକୁ କେତେଦିନ ଦଖଲ କଲେ ଏବଂ ବାଣପୁରଠାରୁ ବଲବନ୍ତ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ୨୨ ଥାନା ବସାଇଲେ ଏବଂ ଲୋକମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରିବାର ଚେଷ୍ଟାକଲେ । ରାମଚନ୍ଦ୍ର ଦେବଙ୍କ ମୃତ୍ୟୁପରେ ବୀରକେଶରୀ ଦେବ ରାଜା ହେଲେ ଏବଂ ଏ ଥାନାମାନ ଉଠିଗଲା ।

ଖ୍ରୀ ୧୭୦୪ରେ ଆଲିବର୍ଦ୍ଦିଖାଁ ବଙ୍ଗଳାର ଶାସନକର୍ତ୍ତା ହେଲେ । ସ୍ଥାନୀୟ ଶାସନକର୍ତ୍ତା ମୁର୍ଶିଦକୁଲିଖାଁଙ୍କ ସହିତ ତାଙ୍କର ବିବାଦ ହେଲା । ବୀରକେଶରୀଦେବ ସ୍ଥାନୀୟ ଶାସନକର୍ତ୍ତାଙ୍କ ପକ୍ଷାବଲମ୍ବନ କଲେ ଏବଂ ଏହାଙ୍କ ସାହାଯ୍ୟ ପାଇ ସ୍ଥାନୀୟ ଶାସନ କର୍ତ୍ତାଙ୍କ ଜାମାତା ବାଖର ଖାଁ କେତେ ସମୟ ପର୍ଯ୍ୟନ୍ତ ବିବାଦ ଲଗାଇଲେ ।

୧୫୯୦ ଖ୍ରୀଷ୍ଟାବ୍ଦଠାରୁ ୧୬୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମୋଗଲ ସମ୍ରାଟ ଆକବରଙ୍କର ଦୁଇ ହିନ୍ଦୁ ମନ୍ତ୍ରୀଙ୍କ ସୁଶାସନ ହେତୁ ଓଡ଼ିଶାରେ ଟିକିଏ ଶାନ୍ତି ଥିଲା; ମାତ୍ର ଅନ୍ୟାନ୍ୟ ସମୟରେ ଓଡ଼ିଶା କେବଳ ଅଶାନ୍ତି ଓ ଲୁଟପାଟର ଲୀଳାଖେଳା ଭୂମି ହୋଇଥିଲା ।

କଥା ଅଛି, "ଛିଦ୍ରେଷ୍ୱନର୍ଥା ବହୁଲୀ ଭବନ୍ତି" ଅର୍ଥାତ୍ ବିପଦ ଆସିଲାବେଳେ ବହୁଧା ହୋଇ ଆସେ । ଆଫଗାନମାନେ ଆସି ଓଡ଼ିଶାରେ ଅତ୍ୟାଚାର କାଣ୍ଡ ଶେଷ ନ ହେଉଣୁ ମୋଗଲମାନଙ୍କ ଅତ୍ୟାଚାର ଆରମ୍ଭ ହେଲା । ମୋଗଲମାନଙ୍କ ଅତ୍ୟାଚାର ଶେଷ ନ ହେଉଣୁ ମରହଟ୍ଟାମାନଙ୍କ ଅତ୍ୟାଚାର ଆରମ୍ଭ ହେଲା । ଏତେ ଅତ୍ୟାଚାର ସହ୍ୟ କରି କେଉଁ ଦେଶ ଉଠି ପାରେ ? ମୋଗଲମାନଙ୍କ ଅତ୍ୟାଚାର ଦ୍ୱାରା ଓଡ଼ିଶାର ବହୁତ କ୍ଷତି ହେଲା । ଅନ୍ୟ କଥା ଦୂରେ ଥାଉ ଲୋକ ସୁଖଶାନ୍ତିରେ ଆପଣା ଇଷ୍ଟଦେବତାଙ୍କ ପୂଜା କରିବାର ସୁବିଧା ପାଇଲେ ନାହିଁ ।

୧୭୪୨—୪୩ ଖ୍ରୀଷ୍ଟାବ୍ଦରେ ବେରାରର ମରହଟ୍ଟାମାନେ ବହୁତ ସୈନ୍ୟ ନେଇ ଓଡ଼ିଶାରେ ଦେଖା ଦେଲେ । ଭାସ୍କର ପଣ୍ଡିତ, ଆଲିସା ଏବଂ ଅନ୍ୟାନ୍ୟ ସରଦାରମାନେ ସୈନ୍ୟମାନଙ୍କ ସହିତ ଆସିଥିଲେ । ଏମାନଙ୍କ ଆଗମନର ଉଦ୍ଦେଶ୍ୟ ଚଉଠ ଆଦାୟ କରିବା ।

ତେତେବେଳେ ଓଡ଼ିଶାରେ ଉପଯୁକ୍ତ ସଂଖ୍ୟକ ସୈନ୍ୟ ନ ଥିଲେ । ସୁତରାଂ ମରହଟ୍ଟାମାନଙ୍କୁ ବାଧା ଦେବା ଅସମ୍ଭବ ହେଲା । ମରହଟ୍ଟାମାନେ ଅବାଧରେ ବାରବାଟୀ ଦୁର୍ଗ ପର୍ଯ୍ୟନ୍ତ ସମସ୍ତ ରାଜ୍ୟକୁ ଲୁଟପାଟ କରି ଛାରଖାର କଲେ, ନିର୍ଦ୍ଦୟ ଭାବରେ ଯେଉଁଠି ଯାହା ପାଇଲେ ତାହା ନେଲେ । ପରବର୍ଷ ଏହି ଦୃଶ୍ୟ ଅଭିନୀତ ହେଲା । ରଘୁଜୀ ଭେଁସଲା ଆହୁରି ଅଧିକ ସୈନ୍ୟ ନେଇ ସ୍ୱୟଂ ଆଗମନ କଲେ ଏବଂ ବିଖ୍ୟାତ ହବିବୁଲ୍ଲା ଏହାଙ୍କ ସାଥିରେ ଆସିଲେ ।

ଆଲିବର୍ଦ୍ଦିଖାଁ ବହୁତ ଚେଷ୍ଟା ସତ୍ତ୍ୱେ ଦେଶକୁ ମରହଟ୍ଟା ଅତ୍ୟାଚାରରୁ ରକ୍ଷା କରି ପାରିଲେ ନାହିଁ । ଶେଷରେ ନବାବ ଓ ଭୋଁସଲାଙ୍କ ମଧ୍ୟରେ ଏହିପରି ସନ୍ଧି ହେଲା ଯେ ବଙ୍ଗ, ବିହାର, ଓଡ଼ିଶା ଲାଗି ମରହଟ୍ଟାମାନେ ବାକି ସହିତ ୨୪୦୦୦୦୦

ଟଙ୍କା ଚଉଠ ପାଇବେ । ବଙ୍ଗ ଶାସନକର୍ତ୍ତା ଏ ସନ୍ଧିର ସର୍ତ୍ତ ରକ୍ଷାକରି ପାରିଲେ ନାହିଁ । ସୁତରାଂ ପୁନର୍ବାର ମରହଟ୍ଟାମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆକ୍ରମଣ କଲେ । ରାଜା ଯାନୋଜି ଭୋଁସଲା ଏବଂ ମୀର ହବିବୁଲ୍ଲାମାନେ ସେନାପତି ହୋଇ ଆସିଲେ । ଏମାନେ ସେହି ବର୍ଷ ଆପଣା ଆପଣା ସୈନ୍ୟମାନଙ୍କ ବ୍ୟୟଭାର ବହନ କରିବା ଲାଗି ଓଡ଼ିଶା ପ୍ରଦେଶ ବାଣ୍ଟିବାର ପ୍ରସ୍ତାବ କଲେ । ଓଡ଼ିଶାର ଆୟ ସେତେବେଳେ ଦଶ ଲକ୍ଷ ଧରା ଯାଇଥିଲା । ଉତ୍ତରାଂଶ ପଞ୍ଚାସପୁରଠାରୁ ବରୁଆଁ ପର୍ଯ୍ୟନ୍ତ ଆଫଗାନ ସୈନ୍ୟଙ୍କ ବ୍ୟୟ ନିମିତ୍ତ ରକ୍ଷିତ ହେଲା । ଏଥିର ଆୟ ଛ'ଲକ୍ଷ । ବରୁଆଁଠାରୁ ମାଲୁଦ ପର୍ଯ୍ୟନ୍ତ ମରହଟ୍ଟା ସୈନ୍ୟଙ୍କ ବ୍ୟୟ ନିମିତ୍ତ ରକ୍ଷିତ ହେଲା । ଏଥିର ଆୟ ଚାରି ଲକ୍ଷ । ମହାନଦୀ ନିକଟ ଚଉଦ୍ୱାର ଛାଉଣୀରେ ବସି ଏମାନେ ବଣ୍ଟାବଣ୍ଟି କରି ନେଲେ ।

ଅଳ୍ପ ସମୟ ପରେ ହବିବୁଲ୍ଲା ଖାଁ ହତ୍ୟା ହେଲା । ଯାନୋଜି ଭୋଁସଲା ପଞ୍ଚାସପୁରଠାରୁ ମାଲୁଦ ପର୍ଯ୍ୟନ୍ତ ସମସ୍ତ ଭୂଖଣ୍ଡର ଅଧିକାରୀ ହେଲେ । ବାଲେଶ୍ୱର ନିକଟ ଗଡ଼ପେଡ଼ା ଛାଉଣୀରେ ହବିବୁଲ୍ଲା ହତ୍ୟା ହେଲେ । ଯାନୋଜି ଜଣେ ସରଦାରଙ୍କୁ ଗୋଟିଏ ଲେଖାଏଁ ମାହାଲ ଦେଲେ । ଏହିପରି ଦୁରବସ୍ଥାରେ କେତେକ ଦିନ ଚଳିବା ପରେ ଆଲିବର୍ଦ୍ଦି ଖାଁଙ୍କ ସହିତ ନୂତନ ସନ୍ଧି ହେଲା । ମେଦାନୀପୁର ଓ ଅନ୍ୟାନ୍ୟ ନିକଟବର୍ତ୍ତୀ ଜମିଦାରମାନେ ଅତ୍ୟାଚାର ପ୍ରପୀଡ଼ିତ ହୋଇ ତହିଁରୁ ରକ୍ଷା ପାଇବା ଲାଗି ଯାହା କିଛି ଟଙ୍କା ଚଉଠସ୍ୱରୂପ ବଙ୍ଗଳାର ମୁକରରୀ ରାଜସ୍ୱ ସହିତ ଦେଇ ଏପରି ସନ୍ଧି କରିବାଲାଗି ଆଲିବର୍ଦ୍ଦି ଖାଁଙ୍କୁ ପ୍ରବର୍ତ୍ତାଇଲେ । ମସାଲ୍ଲାଦିନ୍‌ଙ୍କୁ ମୁର୍ଶିଦାବାଦ ସରକାରରୁ ନାଗପୁରକୁ ପଠାଗଲା । ତାଙ୍କୁ କ୍ଷମତା ଦିଆଗଲା ଯେ ସେ ଏଥିର ସର୍ତ୍ତମାନ ସ୍ଥିର କରିବେ । ସ୍ଥିର ହେଲା ୩ ସୁବାର ଚଉଠ ୧୨୦୦୦୦୦ ଟଙ୍କା ବାର୍ଷିକ । ଓଡ଼ିଶା ସୁବା (ଅର୍ଥାତ୍ ପଞ୍ଚାସପୁରଠାରୁ ମାଲୁଦ ପର୍ଯ୍ୟନ୍ତ) ବଙ୍ଗଳାର ନିଯୁକ୍ତ ଜଣେ ସୁବେଦାର ଦ୍ୱାରା ଶାସିତ ହେବ ଏବଂ ସେ କଟକସ୍ଥିତ ଜଣେ ମରହଟ୍ଟା ଭୋଁସଲାଙ୍କ କର୍ମଚାରୀଙ୍କ ଉଦ୍‌ବୃତ୍ତ ରାଜସ୍ୱ ୪୦୦୦୦୦ ଟଙ୍କା ଆଦାୟ ଦେବ, ଅବଶିଷ୍ଟ ଆଠ ଲକ୍ଷ ମୁର୍ଶିଦାବାଦ ପ୍ରଭୃତିରୁ ଆଦାୟ ହେବ । ମରହଟ୍ଟା ସୈନ୍ୟମାନେ ଶୀଘ୍ର ଓଡ଼ିଶା ତ୍ୟାଗ କରି ଯିବେ ।

ଉପରୋକ୍ତ ମତେ ସନ୍ଧି ସ୍ଥିର ହେବାରୁ ଯାନୋଜି ଭୋଁସଲା ଓଡ଼ିଶା ତ୍ୟାଗ କଲେ; ମହମ୍ମଦ ମସାଲ୍ଲା ଦ୍ଦିନ ନାଏବ ସୁବେଦାର ହେଲେ ଏବଂ ସେଓ ଭଟ୍ଟ ସାଠା ମରହଟ୍ଟାଙ୍କ ପକ୍ଷରୁ କର୍ମଚାରୀ ନିଯୁକ୍ତ ହେଲେ ଏବଂ ତାଙ୍କ ଉପରେ ଚଉଠ ଆଦାୟ କରିବାର ଭାର ନ୍ୟସ୍ତ ହେଲା ।

ମସଲଆ ଦୁଇବର୍ଷ ଚଉଠ ଆଦାୟ କରିଦେବା ପରେ କାର୍ଯ୍ୟ ତ୍ୟାଗ କରିବା ଲାଗି ଅନୁମତି ପ୍ରାର୍ଥନା କଲା । କାରଣ ଦେଶର ଆୟ ଊଣା ହୋଇଗଲା । ସେ ଚଉଠ ଆଦାୟ କରିପାରିବାକୁ ଅକ୍ଷମ ହେଲା । ବହୁତ ସୈନ୍ୟ ନ ରଖିଲେ ଖଣ୍ଡାଏତ ଓ କ୍ଷତ୍ରୀୟ ଜମିଦାରମାନଙ୍କୁ ଶାସନ କରିବା ଅସମ୍ଭବ; ମାତ୍ର ସୈନ୍ୟ ରଖିଲେ ଦେଶର ସମସ୍ତ ରାଜସ୍ୱ ସେମାନଙ୍କ ଖର୍ଚ୍ଚରେ ବ୍ୟୟ ହେଲେ ଚଳିବାର ଅସମ୍ଭବ ଦେଖିଲା । ଏସବୁ ଯୁକ୍ତିଯୁକ୍ତ କାରଣ ଦେଖି ଆଲିବର୍ଦ୍ଦି ଖାଁ ଆଉ ବେଶି ଦିନ ଏ ସନ୍ଧି ସର୍ତ୍ତ ରକ୍ଷା କରିପାରିବାର ଅସମ୍ଭବ ମନେକଲେ ଏବଂ ମରହଟ୍ଟାମାନଙ୍କୁ ସମ୍ପୂର୍ଣ୍ଣ ଶାସନ-ଭାର ଅର୍ପଣ କଲେ । ସୁତରାଂ ୧୭୫୧—୫୨ ଖ୍ରୀଷ୍ଟାବ୍ଦରୁ କଟକ ସୁବା ମରହଟ୍ଟା-ମାନଙ୍କ ପୂର୍ଣ୍ଣ ଅଧିକାରରେ ଆସିଲା ।

ମୋଗଲମାନେ ଓଡ଼ିଶା ଅଧିକାର ତ୍ୟାଗ କରି ଆଶ୍ୱସ୍ତ ହେଲେ । ଓଡ଼ିଶା ବିଦ୍ରୋହୀ ଦେଶ; ଗଲା, ଭଲ ହେଲା ବୋଲି ମନେକଲେ ।

୧୭୫୨—୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାଙ୍କ ଶାସନାଧୀନରେ ରହିଲା । ଏ ଶାସନାଧୀନରେ ଦେଶର ସୁଖ, ଶାନ୍ତି ସମସ୍ତ ସମୂଳେ ବିନାଶ ହେଲା । ଅଶାସନ, ଅରାଜକତା, ଲୁଟପାଟ, ଅତ୍ୟାଚାର, ଅନ୍ୟାୟାଚାରର ଦେଶ ବିହାର ଭୂମି ହୋଇ ଉଠିଲା । ସମାଜ ଏ ଅସମୟରେ ବର୍ତ୍ତିବା ଅସମ୍ଭବ । ଜିଲ୍ଲାର ବଡ ବଡ ଚାକିରି, ସୁବାଦାରି, ଦେବାନ ଓ ବାରବାଟୀର କିଲାଦାରି କାର୍ଯ୍ୟମାନ ନାଗପୁର-ଠାରେ କଣା ବିକା ହେଲା । ଏକା କାର୍ଯ୍ୟ ଦୁଇ ତିନି ଲୋକ ଏକ ସମୟରେ ପାଇଲେ ଏବଂ ଯେ ଥରେ ନିଯୁକ୍ତ ହେଲା, ସେ କାର୍ଯ୍ୟ ତ୍ୟାଗ କରିବାକୁ ନାନା-ପ୍ରକାର ଆପତ୍ତି କଲା । ଉଭୟ ଅଧିକାରୀର ସ୍ୱତ୍ୱ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ନାନାପ୍ରକାର ଗଣ୍ଡଗୋଳ ଆରମ୍ଭ ହେଲା । ଦାବିଦାରମାନେ ପରସ୍ପର ମଧ୍ୟରେ କଳହ ତକରାର ମନାନ୍ତର ଓ ଯୁଦ୍ଧ ଆରମ୍ଭ କଲେ । ନାଗପୁରଠାରୁ ସବଦା ଟଙ୍କା ପଠାଇବା ତାଗଦାରେ ପ୍ରପୀଡ଼ିତ ହୋଇ କର୍ମଚାରୀମାନେ ଲୋକମାନଙ୍କଠାରୁ ଅନ୍ୟାୟରେ ଟଙ୍କା ଆଦାୟ କଲେ ଏବଂ ନିଜର କାର୍ଯ୍ୟ ଖର୍ଦ୍ଦି କରିବାକୁ ଯେତେ ଟଙ୍କା ବ୍ୟୟ କରିଥିଲେ ସେଗୁଡ଼ିକ ପ୍ରଜାଙ୍କଠାରୁ ଆଦାୟ କଲେ । ଦେଶର ନାନା ସ୍ଥାନରେ ସୈନ୍ୟ ରହିଥିଲେ ମଧ୍ୟ ପାଇକ ଓ ଖଣ୍ଡାଏତମାନେ ବିଶୃଙ୍ଖଳ ହେଲେ । ସମୁଦ୍ରକୂଳ ଓ ପାର୍ବତ୍ୟ ପ୍ରଦେଶର ଖଣ୍ଡାଏତ ଓ ପାଇକମାନେ ଦେଶ ମଧ୍ୟକୁ ଆସି ଲୁଟପାଟ ଆରମ୍ଭ କଲେ । ଲୋକମାନେ ଅତ୍ୟାଚାର ଭୟରେ ଘରଦ୍ୱାର ଛାଡ଼ି ଜଙ୍ଗଲରେ ଲୁଚି ରହିଲେ । ସେମାନଙ୍କ ବାରିରେ ଶାଗପତ୍ର ରହିଲା ନାହିଁ । ନିମ୍ନଲିଖିତ ସୁବେଦାର-ମାନେ ଓଡ଼ିଶା ଶାସନ କଲେ ।

୧ ସେଓଭଟ୍ଟ ସାନ୍ଥା—୧୭୫୪-୧୭୬୨ ଖ୍ରୀଷ୍ଟାବ୍ଦ । ଏ ପୂର୍ଣ୍ଣ କ୍ଷମତା ପାଇ ଆଠବର୍ଷ ଶାସନ କଲେ । ସେ ଜମା ବନ୍ଦୋବସ୍ତ କରିଥିଲେ । ଓଡ଼ିଶା ପ୍ରଦେଶର ରାଜସ୍ୱ ବାର୍ଷିକ ନାମ ମାତ୍ର ୧୮୦୦୦୦୦ ସିକା ଟଙ୍କା ସ୍ଥିର ହେଲା । ଏଥିମଧ୍ୟରୁ ୧୪୦୦୦୦୦ ଭୂରାଜସ୍ୱ ଏବଂ ୪୦୦୦୦୦ ଆବୱାବ । ଏହାଙ୍କ ଅମଲରେ ଖୋର୍ଦ୍ଧା ମହାରାଜାଙ୍କ ଇଲାକା ଆହୁରି ଖର୍ବତା ପ୍ରାପ୍ତ ହେଲା । ୧୭୬୧ ଖ୍ରୀଷ୍ଟାବ୍ଦରେ ଖେମଣ୍ଡିର ବିଖ୍ୟାତ ଜମିଦାର ନାରାୟଣ ଦେବ, ଯେ କି ଓଡ଼ିଶା ରାଜାଙ୍କ ବଂଶଧର ଥିଲେ, ସେ ବାଣପୁର ଦେଇ ଖୋର୍ଦ୍ଧା ଆକ୍ରମଣ କଲେ । ତଦାନୀନ୍ତନ ରାଜା ବୀରକେଶରୀଦେବ ମରହଟ୍ଟାମାନଙ୍କ ଆଶ୍ରୟ ନେଲେ । ମରହଟ୍ଟାମାନେ ଏ ଯୁଦ୍ଧରେ ସମସ୍ତ ବ୍ୟୟ ଓଡ଼ିଶା ରାଜାଙ୍କଠାରୁ ପାଇବା ସର୍ତ୍ତରେ ଆଶ୍ରୟ ଦେଲେ । ମରହାଟ୍ଟମାନଙ୍କ ସାହାଯ୍ୟରେ ଖେମଣ୍ଡି ପରାସ୍ତ ହେଲେ । ମାତ୍ର ବୀରକେଶରୀ ଦେବ ଟଙ୍କା ଦେଇ ନ ପାରିବାରୁ ଆପଣା ରାଜ୍ୟର ପ୍ରଧାନ ଅଂଶ ଲେମ୍ବାଇ, ରାହାଙ୍ଗ, ପୁରୁଷୋତ୍ତମ କ୍ଷେତ୍ର ପ୍ରଭୃତି ମାହାଲମାନ ଟଙ୍କା ପରିଶୋଧ ପର୍ଯ୍ୟନ୍ତ ମରହଟ୍ଟାଙ୍କ ଦଖଲରେ ଛାଡ଼ିଦେଲେ । ଦୟାନଦୀ ସମୁଦ୍ର ଓ ଚିଲିକା ମଧ୍ୟସ୍ଥିତ ସମସ୍ତ ମାହାଲ ଏବଂ ୧୪ ରାଜାଙ୍କ ରାଜସ୍ୱ ଏଥି ମଧ୍ୟରେ ଗଲା । ମରହଟ୍ଟାମାନେ ଆପଣା ଅମିନ ରଖି ଆଦାୟ ଅସୁଲ କଲେ ଏବଂ ପରେ ଆଉ ସେ ମାହାଲ ସବୁ ଛାଡ଼ି ଦେଲେ ନାହିଁ । ଏଥିରେ ମରହଟ୍ଟାମାନଙ୍କର ବିଶେଷ କିଛି ଲାଭ ହେଲା ତାହା ନୁହେଁ । ଖୋର୍ଦ୍ଧା ରାଜାମାନଙ୍କ ସହିତ ଶତ୍ରୁତା ବୃଦ୍ଧି ହେଲା ଏବଂ ଅନ୍ୟାନ୍ୟ ରାଜୁଡ଼ାମାନଙ୍କରୁ ଟଙ୍କା ଆଦାୟ କରିବାକୁ ଯାଇ ସେମାନଙ୍କ ସହିତ ପ୍ରତିବର୍ଷ କଳହ ମନାନ୍ତର ବୃଦ୍ଧି ହେଲା । ଏଥିରେ ଲୋକକ୍ଷୟ ଓ ଧନବ୍ୟୟ ସାର ହେଲା । ୧୭୬୩ ଖ୍ରୀଷ୍ଟାବ୍ଦରେ ସେଓଭଟ୍ଟ ବରଖାସ୍ତ ହେଲେ । ଚିମନ ସହୁ ଓ ଉଦଦପୁର ଗୋସାଇଁମାନେ ପରେ ଶାସନକାର୍ଯ୍ୟ ଚଳାଇଲେ, ମାତ୍ର ଅଳ୍ପ ସମୟ ନିମିତ୍ତ । ପରେ ଭବାନୀ କାଲୁ ପଣ୍ଡିତ ସନନ୍ଦ ଘେନ ସୁବେଦାର ନିଯୁକ୍ତ ହୋଇ ଓଡ଼ିଶାକୁ ଆସିଲେ । ସାବକ ସୁବେଦାର ସହଜରେ ଛାଡ଼ିବା ଲୋକ ନୁହେ । ସେ ପୂର୍ବଦିଗର ରାଜୁଡ଼ାର ପାଇକମାନଙ୍କୁ ମେଳକରି ଗୋଳମାଳ ଆରମ୍ଭ କଲା ଏବଂ ଅନେକ ଦିନ ଯାଏ ତା ଉତ୍ତରାଧିକାରୀଙ୍କ ଶାସନରେ ବାଧା ଜାତ କଲା । ଅନ୍ୟାନ୍ୟ କିଲାର ପାଇକମାନେ ବିପକ୍ଷ ପକ୍ଷ ସମର୍ଥନ କଲେ । ନାନା ଦିଗରୁ ସୈନ୍ୟ ଆସିଲେ । ବିଦ୍ରୋହ ଦମନ ହେବା ଦୂରେ ଥାଉ, ହରିହରପୁର, ଖଣ୍ଡିଝଙ୍କର, ଦେଓଗାଁ ପ୍ରଭୃତି ପ୍ରଗନାମାନଙ୍କ ରୟତମାନଙ୍କର ବିପଦ ଉପସ୍ଥିତ ହେଲା । କନକା, କୁଜଙ୍ଗ ଓ ଶିରଣ୍ଡୋ ପାଇକମାନେ ଅତ୍ୟନ୍ତ ଅତ୍ୟାଚାର ଆରମ୍ଭ କଲେ । ଓଡ଼ିଶାର ଛନ୍ଦିସ୍ୱ ଜମିଦାର ଓ ସେମାନଙ୍କ ପକ୍ଷର ଲୋକମାନେ ଏ ସମସ୍ତ ଘଟଣାଦ୍ୱାରା ଉତ୍ତେଜିତ ହେଲେ ଏବଂ ବହୁକାଳ ପର୍ଯ୍ୟନ୍ତ ଏମାନେ ଶାନ୍ତ ହେଲେ ନାହିଁ । ୧୭୬୭

ଖ୍ରୀଷ୍ଟାବ୍ଦରେ ଭବାନୀ ପଣ୍ଡିତ କାର୍ଯ୍ୟ ତ୍ୟାଗ କଲେ ଏବଂ ସମ୍ଭାଜୀ ଗଣେଶ ତାଙ୍କର ଉତ୍ତରାଧିକାରୀ ହେଲେ । ଏହାଙ୍କ ବନ୍ଦୋବସ୍ତ ଅତି କଠୋର ଥିଲା । ସେ ରଯ୍ୟତ-ମାନଙ୍କ ଉପରେ ନାନାପ୍ରକାର ନୂତନ କର ଧାର୍ଯ୍ୟ କଲେ । ଜାଗିର, ନଷ୍କର, ଅୟମା, ମାଲ୍କ, ଖରିଦଗି ମୁରଯିବ ଓ ଡଗରାଇ ଜମିମାନ ବାଜ୍ୟାପ୍ତ କଲେ । ଏମାନେ ଦଖଲକାର ଥିଲେ; ମାତ୍ର ରାଜସରକାରର ଅବଶ୍ୟକ ହେତୁ ଭିନ୍ନ ଭିନ୍ନ ସୈନ୍ୟଦଳମାନଙ୍କୁ ସେମାନେ ରାଜସ୍ୱ ଦେଲେ ।

ଦୁଇବର୍ଷ ଉତ୍ତାରୁ ବାବାଜୀ ନାଏକ ନାମକ ଜଣେ ମହାଜନ ସୁବେଦାର ପରଓ୍ୱାନା ପାଇଲା । ମାତ୍ର ପୁରାତନ ଲୋକ ଆପତ୍ତି ଉତ୍ଥାପନ କଲା ଏବଂ ୧୭୭୦ ଖ୍ରୀଷ୍ଟାବ୍ଦରେ ତାର ମୁକରରୀ ସ୍ଥିର ହେଲା । କଟକ ଜିଲାରେ ଦୁର୍ଭିକ୍ଷ ହେଲା ୧୭୬୯-୭୦ ସାଲରେ । ଦେଶ ଛାରଖାର ହେଲା । ଟଙ୍କାରେ ଦୁଇସେର ଚାଉଳ ମିଳିଲା ନାହିଁ ଏବଂ ଅନେକ ଲୋକ ମଲେ । ସୈନ୍ୟମାନଙ୍କ ମଧ୍ୟରେ ଗୋଳମାଳ ଆରମ୍ଭ ହୋଇ ଦୁର୍ଦ୍ଦଶା ବୃଦ୍ଧି କଲା ।

ସିବାଜୀ ଭୋଁସଲା ନାଗପୁରରେ ଗାଦିନସିନ ହେବାରୁ ମାଧଜୀ ହରି କଟକର ଶାସନକର୍ତ୍ତା ହୋଇ ଆସିଲେ । ମାଧଜୀ ତାର ପୂର୍ବବର୍ତ୍ତୀ ଶାସନକର୍ତ୍ତାଙ୍କୁ ଜେଲ ଦେଲା ଏବଂ ଦେଶରେ ରାଜସ୍ୱ ବୃଦ୍ଧି କରିବାର ବନ୍ଦୋବସ୍ତ କଲା । ଇତି ମଧ୍ୟରେ ମାଧଜୀ ଭୋଁସଲା ନାଗପୁର ସିଂହାସନାରୋହଣ କରିବାରୁ ଶାସନ ବିଭାଗର ପରିବର୍ତ୍ତନ ଘଟିଲା । ପୁଣି ବାବାଜୀ ନାଏକ ସୁବେଦାର ସନନ୍ଦ ପାଇଲା ଏବଂ ଜେଲରୁ ଆସି ଏକାବେଳକେ ଶାସନକର୍ତ୍ତା ହେଲା । ବହୁତ କଳ କୌଶଳରେ ବାବାଜୀଙ୍କ ଚାକରୀ ଗଲା ଓ ମାଧଜୀ ତାଙ୍କ କାର୍ଯ୍ୟରେ ବାହାଲ ହେଲେ । ୧୭୭୫ ସାଲରେ କଟକରେ ଶସ୍ୟ ବଡ ଦୁର୍ମୂଲ୍ୟ ହେଲା । କଟଙ୍କା ଏକ ସେର ଚାଉଳ ଦର ପଣକୁ ମିଳିବାର କଷ୍ଟ ହେଲା । ଏହିସବୁ କାରଣରୁ ସାତ ଲକ୍ଷ ଟଙ୍କା ରାଜସ୍ୱ ଛାଡ଼ି ଦିଆଯାଇ ଥିଲା । ୧୭୭୭ ବା ୧୭୭୮ ଖ୍ରୀଷ୍ଟାବ୍ଦରେ ରାଜାରାମ ପଣ୍ଡିତ ସୁବେଦାର ଥିଲେ । ରାଜାରାମ ପୂର୍ବରେ ସୁବେଦାରଙ୍କ ଅଧିନସ୍ଥ କର୍ମଚାରୀ ଥିଲେ ଓ ସକଳ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଥିଲା । ରାଜ ରାମ ବଡ଼ ଗୁଣବାନ ଓ ଚରିତ୍ରବାନ ଲୋକ ଥିଲେ ଏବଂ ସକଳ କାର୍ଯ୍ୟରେ ତାଙ୍କର ଦକ୍ଷତା ଥିଲା । ତାଙ୍କ ଅମଳରେ ଶାସନ ବିଭାଗର ମର୍ଯ୍ୟାଦା ଓ ସ୍ଥାୟିତ୍ୱ ବୃଦ୍ଧି ହେଲା । ସେ ମୌରସୀ ଚୌଧୁରୀ, କାନୁନ୍‌ଗୋ ବା ତାଲୁକଦାରୀ ପ୍ରଥା ରହିତ କରି ଆପଣା କର୍ମଚାରୀଙ୍କ ଦ୍ୱାରା ରଯ୍ୟତମାନଙ୍କଠାରୁ ଖଜଣା ଆଦାୟ କଲେ । ସେ ପ୍ରଥମେ ଖୋର୍ଦ୍ଧା ମହାରାଜାଙ୍କ ଉପରେ କର ଧାର୍ଯ୍ୟ କଲେ । ରାଜା ବୀରକେଶରୀଦେବ ୪୧ ବର୍ଷ ରାଜା ହେଲା ପରେ ପାଗଳ ହେଲେ ଓ ନାନାପ୍ରକାର ଅମାନୁଷିକ କାର୍ଯ୍ୟ କଲେ । ମରହଟ୍ଟାମାନେ ଏ ସୁଯୋଗ ଛାଡ଼ିଲେ

| | | |
|---|---|---|
| ୫ । ଦରପଣ ହରଚନ୍ଦ୍ର | ଟ | ୩୭ ୮୮/ |
| ୬ । ରଣ୍ଡୁର ପୁରୁଷୋତ୍ତମ ଭଞ୍ଜ | ଟ | ୧୦୮୮୩୬/ |
| ୭ । କୁଜଙ୍ଗର ରଘୁନାଥ ସାନ୍ଥ | ଟ | ୯୧୨୬୨/ |
| ୮ । ମଧୁପୁର ରାଉତରା | ଟ | ୫୯୨୧୧/ |
| ୯ । କେରାପୁର ତେଜଚନ୍ଦ୍ର ଧଳ | ଟ | ୬୪୭୦/ |
| ୧୦ । ନାଗପୁର ରାନସା | ଟ | ୯୭୦୬/ |
| ୧୧ । ଛତରାର ଜଗନ୍ନାଥ ଧଳ | ଟ | ୧୬୧୭ / |
| ୧୨ । କାଶୀପୁଡ଼ାର ମହମ୍ମଦସ୍ଥାଜ | ଟ | ୨୦୦୦/ |
| ୧୩ । ଚଉରାଶୀପୁଡ଼ା ଗିରଧାରୀ ନାରାୟଣ | ଟ | ୬୨୩୫/ |
| ୧୪ । ମାନପୁଡ଼ା ବଳଭଦ୍ର | ଟ | ୪୭୦୦/ |
| ୧୫ । ନଉକାର ଓଗର | ଟ | ୫୬୩୦/ |
| ମୋଟରେ ୨୭ ମାହାଲ ଓ କଦମ ମାହାଲ | ଟ | ୮୭୩୫୯୮/ |

ଆଲବର୍ଦ୍ଦି ଖାଁ ଓଡ଼ିଶାର ଯେଉଁ ଅଂଶ ନାଗପୁରଭୁକ୍ତ କଲେ ତହିଁର ରାଜସ୍ୱ ଟ ୨୬୭୩୨୮୮ ଏବଂ ମରହଟ୍ଟାମାନଙ୍କ କୁଶାସନ ହେତୁ ୧୭୬୮-୬୯ରେ ଜମା ଟ ୨୧୨୦୪୧୫/ କୁ କମି ଆସିଲା । ଏ ଜମା ପ୍ରକୃତରେ ଟ ୧୫୦୬୭୯୯ ହେବ, କାରଣ ଟ ୬୨୫୧୧୬/ କେବଳ ନାମ ମାତ୍ର ଜମା ଥିଲା, ଆଦାୟ ହେଉ ନ ଥିଲା । ଖୋର୍ଦ୍ଧାରାଜା ବୀରକେଶରୀଦେବଙ୍କ ରାଜ୍ୟ ପୃଥକ୍ ହେବାରୁ କେବଳ ଏଥିରୁ ଅର୍ଦ୍ଧେକ ଅର୍ଥାତ୍ ପ୍ରାୟ ୩ ଲକ୍ଷ ଟଙ୍କା ମରହଟ୍ଟା ଜମାବନ୍ଦ ଭୁକ୍ତ ହେଲା ।

ମୋଗଲମାନଙ୍କ କାଗଜପତ୍ରରେ ଦୁଇ ପ୍ରକାର ଜମାର ଉଲ୍ଲେଖ ଥିଲା । ଯଥା - ଟଙ୍କାରକ୍ମ ଓ କାମିଲ । ପ୍ରଥମଟି ଟଙ୍କାରେ ଏବଂ ଦ୍ୱିତୀୟଟି କଉଡ଼ିରେ ପ୍ରକାଶିତ ହେଉଥିଲା । ପ୍ରଥମ ଜମାଟି କାଳ୍ପନିକ ଏବଂ ସେହି ଜମାରେ କର୍ମଚାରୀଙ୍କୁ ଜାଗିର ଜମିମାନ ଦିଆଯାଉଥିଲା । କାମିଲ ଅର୍ଥ ସଂଶୋଧିତ ଜମା । କାମନ ମହମ୍ମଦ ଏ ଜମା ସଂଶୋଧନ କରିଥିବା ହେତୁ ଏହାର ନାମ କାମିଲ ବୋଲି କେହି କେହି କହନ୍ତି । ଗ୍ରାଣ୍ଟ ସାହେବଙ୍କ ମତରେ ଯାଫର ଖାଁ ବନ୍ଦୋବସ୍ତ କରି କହିଲେ, "ତୁମର ଜମା କାମିଲ", ସୁତରାଂ ଏପରି ନାମ ହେଲା ।

ମରହଟ୍ଟାମାନଙ୍କ କାଗଜପତ୍ରରୁ ନିମ୍ନଲିଖିତ ହିସାବ ମିଳେ ।

ମୋଗଲ ଜମାବନ୍ଦ—

| | |
|---|---|
| ୧୩ ସର୍କାର | ୨୯୭ ମାହାଲ |
| ବଙ୍ଗଳାରେ ଅସୁଲ | ୬୭ ,, |
| | ୬୭୦ ମାହାଲ ଜମା |

ମରହଟ୍ଟା ଜମାବନ୍ଦ—

ଭୌଁସଲଙ୍କ ତହସିଲ ଟ ୨୪୨୨୩୬୪୵ ବା ୪୭୩୬୮୦୩ କାହାଣ । ଏଥି ମଧ୍ୟରେ

| | | |
|---|---|---|
| ମାହାଲତ | ଟ ୨୨୪୦୭୯।୵ | କା ୩୬୪୨୯୭୮ |
| କଲ୍ଲାକାତ | ଟ ୧୮୧୫୭୵ | କା ୧୦୯୩୮୨୫ |

ଖର୍ଚ୍ଚ—

| | |
|---|---|
| ନାଗପୁର ଖଜଣାଖାନାକୁ ରସାଲ | ଟ ୬୦୦୦୦୦ |
| ଅସୁଲ ଖର୍ଚ୍ଚ ଓ ସୈନ୍ୟମାନଙ୍କ ଖର୍ଚ୍ଚ | ଟ ୯୦୦୦୦୦ |
| | ଟ ୧୫୦୦୦୦୦ |

=ସିକା ଟଙ୍କା ୧୩୫୦୦୦୦୦ ମରହଟ୍ଟାମାନେ ଆଦାୟ କରୁଥିଲେ ।

୧ । ସେଓଭଟ୍ଟ ସାମନ୍ତଙ୍କ· ୧୭୫୧ ଖ୍ରୀ: ବନ୍ଦୋବସ୍ତ —

| | |
|---|---|
| ସୁନା ମୋହର | ୨୩୧ |
| ଟଙ୍କା | ଟ ୩୮୨୮୨୯୫ |
| କଉଡ଼ି | କା ୨୭୮୨୪୪୬/ |

୨ । ସମ୍ବୃରଜ୍ଞ ଗଣେଶ ୧୭୬୦ ଖ୍ରୀ: ବନ୍ଦୋବସ୍ତ—

| | |
|---|---|
| ଅସର୍ଫି | ୧୧ |
| ଟଙ୍କା | ଟ ୫୦୧୩୯୪ ୳ |
| କଉଡ଼ି | କା ୪୨ ୭୬୬ |

| | |
|---|---|
| ୩ । ରାଜାରାମ ପଣ୍ଡିତଙ୍କ ବନ୍ଦୋବସ୍ତ | ଟ ୧୧୦୩୧୮୳୵ |
| କଉଡ଼ି | କା ୨୩୩୭୬୮୫ |
| ୪ । ଇଙ୍କାଜି ଶୁକଦେବଙ୍କ ବନ୍ଦୋବସ୍ତ | ଟ ୧୫୧୪୩୫ |
| କଉଡ଼ି | କା ୫୭୭୮୨୨୪ |

୧୮୦୩ ମସିହାରେ ବ୍ରିଟିଶ ରାଜତ୍ୱ ଆରମ୍ଭ ହେବାରୁ ସିକା ଏକ ଟଙ୍କାର ମୂଲ୍ୟ ୪ କାହାଣ କଉଡ଼ି ସ୍ଥିର ହେଲା ଏବଂ ୧୮୦୭ ମସିହାଠାରୁ ରାଜସ୍ୱ ଟଙ୍କାରେ ଆଦାୟ ହେଉଛି । ସନ ୧୨୨୯ ବା ୧୮୨୧ ଖ୍ରୀଷ୍ଟାବ୍ଦ ବନ୍ଦୋବସ୍ତ ନିମ୍ନଲିଖିତମତେ ଜମା ଧାର୍ଯ୍ୟ ହେଲା ।

୧ । ମୋଗଲବନ୍ଦି (ପଟାସପୁର ପ୍ରଗନା ପ୍ରଭୃତି ବ୍ୟତୀତ ଯାହାର ଜମା ମରହଟ୍ଟାମାନେ ୩୦୮୦୦ ଟଙ୍କା ଧାର୍ଯ୍ୟ କରିଥିଲେ) ।

ଟ ୯୨୬୪୩୮

୨ । ଖାସମାହାଲ କିଲ୍ଲା ଖୋର୍ଦ୍ଧା ଯେ ମରହଟ୍ଟାମାନଙ୍କୁ ୧୦୦୦୦ ଟଙ୍କା ପେସ୍‌କସ୍ ଦେଉଥିଲା । ଟ ୭୧୧୬୯

| | | |
|---|---|---|
| ୩ । | ୩୯ ରାଜାଙ୍କଠାରେ ମୁକରର | ଟ ୧୨୮୪୧୯ |
| | ମୋଟ | ଟ ୧୪୪୫୯୫୦ |
| ୪ । | ଲୁଣ | ଟ ୧୯୦୦୦୦୦ |
| ୫ । | ଯାତ୍ରୀକର ପ୍ରଭୃତି | ଟ ୯୦୦୦୦୦ |
| | ମୋଟ | ଟ ୩୪୪୫୯୫୦ |

ଏପର୍ଯ୍ୟନ୍ତ ଆମ୍ଭେ ପ୍ରାଚୀନ ଉତ୍କଳର ଆୟ ସମ୍ବନ୍ଧେ କିଞ୍ଚିତ୍ ଆଭାସ ଦେଲୁଁ । ଉତ୍କଳୀୟ ରାଜାମାନଙ୍କ ସମୟର ବ୍ୟୟ କିପରି ଥିଲା ତାର କିଞ୍ଚିତ ଆଲୋଚନା କରିବା ଆବଶ୍ୟକ । ବ୍ୟୟର କୌଣସି ହିସାବ ନ ଥିଲେ ମଧ୍ୟ ବ୍ୟୟସଙ୍କୁଳ ଅନୁଷ୍ଠାନମାନ ଦେଶର ମୂକସାକ୍ଷୀ ସ୍ୱରୂପ ଅଦ୍ୟାପି ବିଦ୍ୟମାନ ଅଛି ଏବଂ ସେଗୁଡ଼ିକ ବ୍ୟୟର ପରିମାପକ ସ୍ୱରୂପ ।

କେବଳ ଭୁବନେଶ୍ୱ ମନ୍ଦିର, ଜଗନ୍ନାଥ ମନ୍ଦିର ଇତ୍ୟାଦି ବୃହତ୍ ବୃହତ୍ ଶିଳ୍ପଭାସ୍କରକାର୍ଯ୍ୟ ସମନ୍ୱିତ ମନ୍ଦିରମାନ, ବିନ୍ଦୁସାଗର ନରେନ୍ଦ୍ର, ମାର୍କଣ୍ଡ ପ୍ରଭୃତି ବୃହତ୍ ବୃହତ୍ ଜଳାଶୟମାନ, କାଠଯୋଡ଼ିର ପଥରବନ୍ଧ, ଅଠରନଳା ପ୍ରଭୃତି କାର୍ଯ୍ୟମାନ ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥାର ପରିଚାୟକ ଓ ପରିମାପକ । ରାଜ-ଭଣ୍ଡାରରୁ ବ୍ୟୟ ହୋଇ ଉପରୋକ୍ତ କାର୍ଯ୍ୟମାନଙ୍କ ବ୍ୟତୀତ ଦେଶର ଚତୁର୍ଦ୍ଦିଗରେ ଅସଂଖ୍ୟ ଦେବମନ୍ଦିର ଓ ପୁଷ୍କରିଣୀ ଦେଖାଯାଏ । ଏଗୁଡ଼ିକ ଲୋକସାଧାରଣଙ୍କ ସ୍ୱଚ୍ଛଳ ଅବସ୍ଥାର ପରିଚାୟକ ଓ ପରିମାପକ । ଏ ପ୍ରକାର ସାଧାରଣ କାର୍ଯ୍ୟ ବ୍ୟତୀତ ଆମ୍ଭେମାନେ ଅନ୍ୟ ପ୍ରକାର ବ୍ୟୟର ପରିଚୟ ପାଉଁ । ଉତ୍କଳୀୟ ରାଜାମାନେ

ମୁକ୍ତହସ୍ତ ହୋଇ ନିଷ୍କର, ସ୍ୱଳ୍ପକର ଓ ଅର୍ଦ୍ଧକରରେ ବିପୁଳ ଭୂମିଦାନ କରିଯାଇ ଅଛନ୍ତି । ଏହାର ନିଦର୍ଶନ ବର୍ତ୍ତମାନ ସୁଦ୍ଧା ଜ୍ୱଳନ୍ତ ଭାବରେ ରହିଅଛି । ବ୍ରାହ୍ମଣମାନଙ୍କୁ ଚକଡ଼ା ଦାନ, ମଠମାନଙ୍କୁ ଦାନ, ଖଏରାତ ଲାଗି ଦାନ, ଦେବତାମାନଙ୍କ ଭୋଗ ରାଗନୀତିଗତ ଯାନଯାତ୍ରା ଲାଗି ବିପୁଳ ଅର୍ଥଦାନ ଓ ଭୂମିଦାନ ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥାର ଅକାଟ୍ୟ ପ୍ରମାଣ ।

ଲୋକସାଧାରଣଙ୍କ ଉପକାରାର୍ଥେ ଏହି ସମସ୍ତ ବ୍ୟୟ ହେଉଥିଲା ଏବଂ ରାଜ୍ୟ-ରକ୍ଷା ଲାଗି ସୈନ୍ୟମାନଙ୍କ ବ୍ୟୟ ଥିଲା । ଉପରୋକ୍ତ କାର୍ଯ୍ୟରେ ଯେତେ ବ୍ୟୟ ହୋଇଥିଲା ସେ ସମସ୍ତର ପ୍ରମାଣ ସହଜରେ ମିଳି ପାରିବ ନାହିଁ । ପ୍ରମାଣ ସ୍ୱରୂପ ଯେ କେତେ ଗୋଟିର ପ୍ରମାଣ ମିଳୁଛି ତାହାର ଆଭାସ ନିମ୍ନରେ ଦିଆଯାଉଅଛି ।

୧ । ଜଗନ୍ନାଥ ଦେଉଳ ନିର୍ମାଣ ଲାଗି ଅନଙ୍ଗଭୀମଦେବ ଦେଲେ ସୁନା ୧୨୧୦୦୦୦ ମାଢ଼ ଓ ଜଗନ୍ନାଥ ଦେବଙ୍କ ଅଳଙ୍କାର ଲାଗି ୪୦୦୦୦ ମାଢ଼ ଓ ୧୩୨ । ୯ ବାଟି ଭୂମିଦାନ କରିଥିଲେ । ଏହାଙ୍କ ପୂର୍ବ ରାଜାମାନେ ମଧ୍ୟ ସହସ୍ର ସହସ୍ର ବାଟି ଭୂମି ଜଗନ୍ନାଥଙ୍କୁ ଦାନ କରିଥିଲେ । ଏହାର ବିଶେଷ ବିବରଣ ବଡ଼ଦେଉଳ ଅଧ୍ୟାୟରେ ଦିଆଯିବ । ଏହାଙ୍କ ଅନ୍ୟାନ୍ୟ ବ୍ୟୟ ସମ୍ବନ୍ଧେ ରାଜବଂଶାନୁଚରିତ ଦେଖ ।

୨ । କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଓଡ଼ିଶାର ବାରବର୍ଷର ରାଜସ୍ୱ ବ୍ୟୟିତ ହୋଇଥିଲା । ତେତେବେଳେ ବାର୍ଷିକ ରାଜସ୍ୱ ୩ କୋଟି ଟଙ୍କା ଥିଲା ।

୩ । ଯଯାତିକେଶରୀ ଅଠର ଶାସନ ବସାଇ ୧୫୧୭ । ୧୩ ବାଟି ଭୂମି ଦାନ ଦେଇଥିଲେ ।

ଅନ୍ୟାନ୍ୟ ରାଜାମାନଙ୍କ ଦାନ ସମ୍ବନ୍ଧେ ରାଜବଂଶାନୁଚରିତ ଓ ଖୋଦିତ ଲିପି ଦ୍ରଷ୍ଟବ୍ୟ ।

ଏତେ ଆୟ ଓ ବ୍ୟୟ ସତ୍ତ୍ୱେ ପ୍ରଜାମାନଙ୍କଠାରୁ କେତେ ରାଜସ୍ୱ ଆଦାୟ ହେଉଥିଲା ତାର ନିଦର୍ଶନ ପୂର୍ବେ ଦେଇଅଛୁଁ । ଓଡ଼ିଶାର ଅଙ୍ଗହାନି ହେବା ସଙ୍ଗେ ଆୟ ଊଣା ହୋଇ ଆସିଲା ଏବଂ ଭୂରାଜସ୍ୱ କ୍ରମେ ବୃଦ୍ଧି ହେଲା ।

ଉତ୍କଳର ପ୍ରାଚୀନ ଆର୍ଥିକ ଅବସ୍ଥା ସତ୍ତ୍ୱେ ବାରମ୍ବାର ଦୁର୍ଭିକ୍ଷ ଦେଖା ଦେଇଥିଲା । ବର୍ଷା ତୋଫାନ ସାଧାରଣତଃ ଏହି ଦୁର୍ଭିକ୍ଷମାନଙ୍କର କାରଣ ଥିଲା । ନିମ୍ନଲିଖିତ ସମୟମାନଙ୍କରେ ଦୁର୍ଭିକ୍ଷ ହୋଇଥିବାର ପରିଚୟ ମିଳେ ।

କପିଳେନ୍ଦ୍ର ଦେବଙ୍କ ୧୧ ଅଙ୍କ ଅର୍ଥାତ୍ ୧୪୪୪ ଖ୍ରୀଷ୍ଟାବ୍ଦରେ ପ୍ରଥମବାର ଓଡ଼ିଶାରେ ଦୁର୍ଭିକ୍ଷ ଦେଖା ଦେଇଥିବାର ପରିଚୟ ମିଳେ । ଏଥିର ଧାନ ଭରଣକୁ ୧୦୫ କାହାଣ କଉଡ଼ି ହୋଇଥିଲା । ଏହାଙ୍କ ୨୭ ଅଙ୍କ ଦୁର୍ଭିକ୍ଷ ସମୟରେ ଧାନ ଭରଣକୁ ୧୦୩ କାହାଣ । ୩୨ ଓ ୩୩ ଅଙ୍କରେ ସବା ଧୋଇ ବତାସ ଓ ଦୁର୍ଭିକ୍ଷ ହୋଇଥିଲା ।

୨ । ପ୍ରତାପରୁଦ୍ର ଦେବଙ୍କ ୧୩ ଅଙ୍କରେ ଯେ ଦୁର୍ଭିକ୍ଷ ହୋଇଥିଲା ଧାନ ଭରଣକ ମୂଲ୍ୟ ହେଲା ୧୨୦ କାହାଣ ।

୩ । ମୁକୁନ୍ଦଦେବଙ୍କ ୧୮ ଅଙ୍କରେ ଦୁର୍ଭିକ୍ଷ—ଧାନ ଭରଣକୁ ୪୫ କାହାଣ ।

୪ । ଦନାଇ ବିଦ୍ୟାଧରଙ୍କ ରାଜତ୍ୱ ସମୟରେ ଦୁର୍ଭିକ୍ଷ ହୋଇଥିଲା—ଧାନ ଭରଣକୁ ୧୦ କାହାଣ ।

୫ । ୧ମ ବୀରସିଂହ ଦେବଙ୍କ ୧୦ ଅଙ୍କରେ ଦୁର୍ଭିକ୍ଷ—ଧାନ ଭରଣ ୨୪ କାହାଣ ।

୬ । ୨ୟ ବୀରସିଂହ ଦେବଙ୍କ ୯ ଅଙ୍କରେ ଘୋର ଦୁର୍ଭିକ୍ଷ ହୋଇଥିଲା ।

ଓଡ଼ିଶାର ଦୁର୍ଭିକ୍ଷ ମୋଗଲମାନଙ୍କ ଆଗମନ ସଙ୍ଗେ ସଙ୍ଗେ ଆଗମନ କଲା ଓ କ୍ରମେ ଓଡ଼ିଶାରେ ସ୍ଥାୟୀ ବସତି କରି କରାଳ ମୁଖବ୍ୟାଦାନ ପୂର୍ବକ ଓଡ଼ିଶାବାସୀମାନଙ୍କୁ ଲଣ୍ଡଭଣ୍ଡ କରୁଅଛି ।

ଓଡ଼ିଶାର ସୁଭିକ୍ଷ ବେଳେ ଲୋକେ ନିଶ୍ଚିନ୍ତରେ ଖାଇପିଇ କାଳାତିପାତ କରୁଥିଲେ । ରାଜା ଚନ୍ଦ୍ରପ୍ରତାପଙ୍କ ୫ ଅଙ୍କରେ ଅର୍ଥାତ୍ ୧୫୪୭ ଖ୍ରୀଷ୍ଟାବ୍ଦରେ ଧାନ ଭରଣ କା ୩୲ ଥିବା ବିଷୟ ମାଦଳାପଞ୍ଜିରୁ ପ୍ରମାଣ ମିଳେ ।

# ଗୃହନିର୍ମାଣ ପ୍ରଥା

ଏ ସମ୍ବନ୍ଧରେ ଗୋଟିଏ ବଢ଼ାଇ ଘରୁ ଖଣ୍ଡିଏ ଶିଳ୍ପଶାସ୍ତ୍ର ନାମକ ପ୍ରାଚୀନ ତାଳପତ୍ର ପୋଥି ପାଇଥିଲୁଁ । ପୁସ୍ତକର ରଚୟିତା କିଏ ସେ ବିଷୟ ସେଥିରେ କିଛୁ ଉଲ୍ଲେଖ ନାହିଁ । କେବେ ତାହା ରଚିତ ହୋଇଥିଲା ତହିଁର ମଧ୍ୟ ନିଦର୍ଶନ ନାହିଁ । ତହିଁରେ ଲେଖାଥିବା ବିଷୟଗୁଡ଼ିକର ସାରମର୍ମ ନିମ୍ନରେ ଲେଖା ଯାଉଛି ।

ଭୂମି ନିର୍ବାଚନ—ଯେଉଁ ଭୂମିରୁ ସୁଗନ୍ଧ ବାହାରୁଥିବ ଏବଂ ବୃକ୍ଷଲତା ଦ୍ୱାରା ଶୋଭିତ ହୋଇଥିବ, ସେ ଜମି ଗୃହନିର୍ମାଣ ନିମିତ୍ତ ଶୁଭପ୍ରଦ । ଭୂମି ୪ ପ୍ରକାର ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

ବ୍ରାହ୍ମଣ ଜାତୀୟ ଭୂମି—ଶୁକ୍ଳବର୍ଣ୍ଣ, କଷାୟ, ଅଶ୍ୱଗନ୍ଧ ।

କ୍ଷତ୍ରିୟ ଜାତୀୟ ଭୂମି—ରକ୍ତବର୍ଣ୍ଣ, ଅମ୍ଳ, ରକ୍ତଗନ୍ଧ ।

ବୈଶ୍ୟ ଜାତୀୟ ଭୂମି—ପୀତବର୍ଣ୍ଣ ତିକ୍ତ, କ୍ଷାରଗନ୍ଧ ।

ଶୂଦ୍ର ଜାତୀୟ ଭୂମି—କୃଷ୍ଣବର୍ଣ୍ଣ, ମଧୁ, ବିଷ୍ଠାଗନ୍ଧ ।

ଭୂମିର ଜାତି ପରୀକ୍ଷା ପ୍ରଣାଳୀ—ସାବିତ୍ରୀ ମନ୍ତ୍ରୋଚ୍ଚାରଣ ପୂର୍ବକ ଭୂମିରେ ତିଳ ବୁଣିବ । ବ୍ରହ୍ମଜାତି ଭୂମି ହୋଇଥିଲେ ୩ ଦିନରେ ଗଛ ହେବ, କ୍ଷତ୍ରିୟ ଜାତି ହୋଇଥିଲେ ୫ ଦିନରେ ଗଛ ହେବ, ବୈଶ୍ୟ ଜାତି ହୋଇଥିଲେ ୭ ଦିନରେ ଏବଂ ଶୂଦ୍ର ଜାତୀୟ ହୋଇଥିଲେ ୯ ଦିନରେ ଗଛ ହେବ ।

ସ୍ୱଜାତି ଭୂମିରେ ରହିଲେ ଲୋକ ସୁଖୀ ଅର୍ଥାତ୍ ବ୍ରାହ୍ମଣ ଚାରି ଜାତି ଭୂମି ଉପରେ ଗୃହ ନିର୍ମାଣ କରିପାରେ, କ୍ଷତ୍ରିୟ ବ୍ରାହ୍ମଣ ଜାତି ବ୍ୟତୀତ ଅନ୍ୟ ୩ ଜାତି ଭୂମି ଉପରେ ଗୃହ ନିର୍ମାଣ କରିପାରେ, ବୈଶ୍ୟ ବ୍ରାହ୍ମଣ ଓ କ୍ଷତ୍ରିୟ ବ୍ୟତୀତ ଅନ୍ୟ ଦୁଇ ଜାତି ଭୂମି ଉପରେ ରହିଲେ ସୁଖୀ ଏବଂ ଶୂଦ୍ର କେବଳ ଆପଣା ଜାତୀୟ ଜମି ଉପରେ ଗୃହ କଲେ ସୁଖୀ ହେବ । ଅନ୍ୟଥା କଲେ ଲୋକ ଦୁଃଖଭାଜନ ହୁଏ ।

ସ୍ୱଜାତୀୟ ଭୂମି ଉପରେ ବାସ କଲେ ଅର୍ଥଲାଭ ହୁଏ ଏବଂ ଜେଷ୍ଠ ଭୂମିରେ ବାସ କଲେ ଅର୍ଥହାନି ହୁଏ ଏବଂ ତିହରେ ବଲୁଆ ବୋବାଏ ।

ଭୂମି ବର୍ଣ୍ଣରେ ସ୍ଥାନ ହେବ ଏବଂ ଗୃହସ୍ଥ ବର୍ଣ୍ଣରେ ଶ୍ରେଷ୍ଠ ହୋଇଥିବ ଏପରି ଘରରେ ରହିଲେ ଧନ-ଜନ-ଗୋପ-ଲକ୍ଷ୍ମୀ ମାଡିଯାନ୍ତି ।

ଭୂମିର ଆକାର—ଆୟତ. ଚତୁରସ୍ର, ଷୋଡଶ,, ଭଦ୍ରାସନ, ଚକ୍ର, ବିଷମ-ବାହୁ, ତ୍ରିକୋଣ, ଶକଟାକାର, ଦଣ୍ଡପ୍ରଣାମ, ସର୍ପଚ, ବୃହନ୍ମୁଖ, ବ୍ୟଞ୍ଜନ, କୂର୍ମପୃଷ୍ଠ, ସୂର୍ପ, ଚକ୍ର ଓ ଧନୁ ଏପରି ୧୬ ପ୍ରକାର ।

କେଉଁ ମାସରେ ଗୃହ ଆରମ୍ଭ କରିବ ବୈଶାଖରେ ଧନଲାଭ, ଜ୍ୟେଷ୍ଠ ମାସରେ ଗୃହସ୍ଥର ମୃତ୍ୟୁ, ଆଷାଢ଼ରେ ଧନହାନି, ଶ୍ରାବଣରେ ଭୂମିଲାଭ, ଭାଦ୍ରବରେ ସର୍ବନାଶ, ଆଶ୍ୱୀନରେ ଭାର୍ଯ୍ୟାନାଶ, କାର୍ତ୍ତିକରେ ବହୁଧାନ୍ୟ, ମାର୍ଗଶିରରେ ସମ୍ପତ୍ତି ଲାଭ, ପୌଷମାସରେ ଚୌରଭୟ, ମାଘ ମାସରେ ଅଗ୍ନିଭୟ, ଫାଲ୍‌ଗୁନରେ ରତ୍ନ-ଲାଭ, ଚୈତ୍ରରେ ଶୋକ ।

ରବିଶୁଦ୍ଧି—ପ୍ରଥମେ ସୂର୍ଯ୍ୟ ଗୋଚରରେ ତୃତୀୟ, ଦଶମ, ଷଷ୍ଠ, ଏକାଦଶ ଏ ଘର ରାଶିରୁ ଏକ ରାଶି ଶୁଭ ହେବ । ଦ୍ୱିତୀୟ, ପଞ୍ଚମ, ନବମ ଏତେସ୍ଥାନରେ ଥିଲେ ତେର ଦିନ ଉତ୍ତାରୁ ଶୁଭ । ଚତୁର୍ଥ, ସପ୍ତମ, ଅଷ୍ଟମ, ଦ୍ୱାଦଶ ଏତେଠାରେ ସୂର୍ଯ୍ୟ ଥିଲେ ଘର ବିଘ୍ନ ହୁଏ ।

ତିଥିଫଳ—ପ୍ରତିପଦ୍‌ରେ ଗୃହାରମ୍ଭ କଲେ ବହୁତ ଦୁଃଖ ମିଳେ, ଷଷ୍ଠୀରେ ଅର୍ଥନାଶ, ପଞ୍ଚମୀରେ ଉଚ୍ଚାଟ, ଦଶମୀରେ ଚୌରଭୟ, ଏକାଦଶୀ ଦ୍ୱାଦଶୀରେ ନୃପଭୟ, ପୌର୍ଣ୍ଣମୀରେ ଭାର୍ଯ୍ୟାର ମୃତ୍ୟୁ, ଅମାବାସ୍ୟାରେ ଗୃହସ୍ଥର ମୃତ୍ୟୁ, ଚତୁର୍ଥୀ, ନବମୀ, ଚତୁର୍ଦ୍ଦଶୀରେ ଶସ୍ତ୍ରଭୟ ।

ଦ୍ୱିତୀୟା, ତୃତୀୟା, ସପ୍ତମୀ, ଅଷ୍ଟମୀ, ତ୍ରୟୋଦଶୀ ଏ ପାଞ୍ଚ ତିଥି ଶୁଭ । ସ୍ଥିର ଲଗ୍ନ ଓ ଶୁଭ ବେଳାରେ ଗୃହାରମ୍ଭ ଶୁଭ ଦେଲେ ଶ୍ରୀସମ୍ପତ୍ତି ଲାଭ ହୁଏ ।

ବାର ବିଚାର – ସୋମବାରେ କଳହ, ରବିବାରେ ଅଗ୍ନିଭୟ, ଶନିବାରେ ଶୋକ; ମଙ୍ଗଳବାରେ ପତିନାଶ, ବୁଧ, ଗୁରୁ ଓ ଶୁକ୍ରବାରେ ଧନ ସମ୍ପତ୍ତି ଲାଭ ।

ନକ୍ଷତ୍ର ଫଳ—୨।୩।୬।୭।୧।୧୧।୧୪।୧୫।୧୬।୨୦।୨୪।୨୫ ଓ ୨୭ ଏ ନକ୍ଷତ୍ରମାନ ଅଶୁଭ, ଅବଶିଷ୍ଟ ନକ୍ଷତ୍ର ଶୁଭ । ରବି ଯେଉଁ ନକ୍ଷତ୍ରରେ ଥିବା ସେଠାରୁ

ତୃତୀୟ ନକ୍ଷତ୍ର ଶୁଭ । ଦଶମ ନକ୍ଷତ୍ର, ସପ୍ତମ, ଏକାଦଶ ନକ୍ଷତ୍ର ଜ୍ଞାନଦଣ୍ଡ, ଏକୋଇଶ ନକ୍ଷତ୍ର ଧୂମ୍ରଦଣ୍ଡ ଏବଂ ତୃତୀୟ ନକ୍ଷତ୍ର ବ୍ରହ୍ମଦଣ୍ଡ । ବ୍ରହ୍ମ ଦଣ୍ଡର ବିନାଶ ଧୂମ୍ର ଦଣ୍ଡରେ ମୃତ୍ୟୁ, ଜ୍ଞାନ ଦଣ୍ଡରେ ସ୍ଥାନ ଚଳନ, ମୂଳ ଦଣ୍ଡରେ ସକଳ ନାଶ ।

$\text{ବନ୍ଧ} = \frac{\text{ଦୀର୍ଘ} \times \text{ପ୍ରସ୍ଥ}}{୮}$ ବାସ୍ତୁ ଯେତେ ବଖରା ହେବ ତାହା ଦୀର୍ଘ, ଘରର ଗର୍ଭ ଯେତେ ହେବ ତାହା ପ୍ରସ୍ଥ । ଦୀର୍ଘକୁ ପ୍ରସ୍ଥରେ ଗୁଣି ଆଠରେ ହରିଲେ ଅବଶିଷ୍ଟାଂଶ ଅଙ୍କରୁ ବନ୍ଧ ଜଣା ପଡ଼ିବ । (୧) ଧ୍ୱଜ ବନ୍ଧ, (୨) ଧୂମ୍ର ବନ୍ଧ, (୩) ସିଂହ ବନ୍ଧ, (୪) ଶ୍ୱାନ ବନ୍ଧ, ( ) ବୃଷ ବନ୍ଧ, (୬) ଖର ବନ୍ଧ, (୭) ଗଜ ବନ୍ଧ, (୮) ଧ୍ୱାଙ୍କ୍ଷ ବନ୍ଧ ।

ଦେବାଳୟ ଧ୍ୱଜବନ୍ଧରେ, ହୋମଶାଳା ଧୂମ୍ର ବନ୍ଧରେ, ଶ୍ରୀଘର ସିଂହବନ୍ଧରେ, କୁଟୁଣୀଶାଳା ଶ୍ୱାନବନ୍ଧରେ, ଗୋଶାଳା ବୃଷବନ୍ଧରେ, ଅଶ୍ୱଶାଳା ଖରବନ୍ଧରେ, ଭଣ୍ଡାରଘର ଗଜବନ୍ଧରେ, ଶସ୍ତ୍ରଗୃହ ଧ୍ୱାଙ୍କ୍ଷବନ୍ଧରେ ନିର୍ମାଣ କରିବ ।

ଗୃହର ରାଶି ନକ୍ଷତ୍ର—ଘରପିଣ୍ଡ ଅର୍ଥାତ୍ $\frac{\text{ଦୀର୍ଘ} \times \text{ପ୍ରସ୍ଥ} \times ୮}{୨୭}$ ଅବଶିଷ୍ଟାଂଶ ଅଙ୍କରୁ ଗୃହର ରାଶି ନକ୍ଷତ୍ର ଜଣା ପଡ଼ିବ । ତିନି ବା ଏକ ପାଦ ରହିଲେ ବହୁତ ବିଘ୍ନ ହୁଏ । ଦୁଇପାଦ ଚାରିପାଦ ହେବ ଏବଂ ନିଧନ ନାଡ଼ି ନ ହେଲେ ସୁଖପ୍ରଦ ହୁଏ । ଏ ଘର ନକ୍ଷତ୍ର ଯେତେ ଅଙ୍କ ହେବ ତାକୁ ଆଠରେ ହରିବ ଅବଶିଷ୍ଟାଙ୍କ ବ୍ୟୟଭାଗ ହେବ । ଘରର ନକ୍ଷତ୍ରକୁ ୪ରେ ଗୁଣିବ, ଫଳକୁ ୯ ଦ୍ୱାରା ହରିବ, ଯାହା ରହିବ ତାହା ନବାଂଶ । (୧) ତସ୍କର, (୨) ଭୋଗ୍ୟ, (୩) ବିତରଣ (୪) ଦାତା, (୫) ନୃପତି (୬) ଅଭୟ, (୭) ନପୁଂସକ, (୮) ଦରିଦ୍ର (୯) ଦେବାଳୟ ।

$\frac{\text{ଘରପିଣ୍ଡ} \times \text{ଘର ନକ୍ଷତ୍ର}}{୮}$ = ଅବଶିଷ୍ଟାଙ୍କ ନାଗ । (୧) ଅନନ୍ତ, (୨) ବା କ, (୩) ତକ୍ଷକ, (୪) କର୍କଟ, (୫) ଶଙ୍ଖ, (୬) କୁଳିକ, (୭) ପଦ୍ମ, (୮) ମହାପଦ୍ମ ।

$\frac{\text{ଘରପିଣ୍ଡ} \times ୮}{୨୦}$ = ଅବଶିଷ୍ଟାଙ୍କ ଘରର ଆୟୁ । ଆୟୁ ଯେତେ ହେବ ତାକୁ ୫ ଦ୍ୱାରା ଭାଗ କରିବ । ଅବଶିଷ୍ଟାଙ୍କ ଘରର ମରଣ ସୂଚକ । ୫ ଅର୍ଥ ମହାଭୂତ ପୃଥ୍ୱୀ, ଅପ୍, ତେଜ, ବାୟୁ ଓ ଆକାଶ ।

(୧) ପୃଥ୍ୱୀ ରହିଲେ ଘର ଅଚ୍ଛଘର ହୋଇ ଭାଙ୍ଗିଯିବ, (୨) ଅପ୍‌ରେ ଗୃହ ଭାଙ୍ଗି ଜଳରେ ଭାସେ, (୩) ତେଜ ପଡ଼ିଲେ ଅଗ୍ନିରେ ଦହନ ହେବ, (୪) ବାୟୁ ବତାସରେ ଭାଙ୍ଗିଯିବ, (୫) ଆକାଶ ପଡ଼ିଲେ ଚଡ଼କରେ ଭାଙ୍ଗିଯିବ ।

ସୂତାସୂକ୍ଷ୍ମ ଆରମ୍ଭ=ବାଳ୍ କୁଶାଗ୍ର । ୪ କୁଶାଗ୍ର=ସୂକା; ୪ସୂକା=୧×ସୂତା; ସୂତା=୧ ଅଙ୍ଗୁଳ । ଏ ପ୍ରମାଣରେ ବଶ୍ୱାକୁ ମଣିବ । ଆଙ୍ଗୁଳେ ଆଙ୍ଗୁଳେ ପ୍ରମାଣ ଭାଗ ଦେବ ।

ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ ଏ ତିନି ମାସରେ ନାଗର ଶିର ପୂର୍ବରେ ଥାଏ । ଫାଲ୍‌ଗୁନ, ଚୈତ୍ର, ବୈଶାଖରେ ପଶ୍ଚିମଦଗକୁ ଥାଏ ।

ବାସ୍ତୁ ଯେତେ ସର୍ପଗାତ୍ର ଚେତେ । ବାମଅଙ୍ଗ ମାଡ଼ି ଶୋଇଥାଏ. ତିନମାସେ ଗୋଟିଏ ଦଗ ଭ୍ରମି ଭ୍ରମି ବୁଲେ । ନାଗର ଶିର ପ୍ରଥମେ ପୂର୍ବ ଦଗରେ ଥାଏ । ଐଶାନ୍ୟ କୋଣରୁ ୧ ମାସ ଲେଖାଏଁ ତିନମାସରେ ଚଳିଯାଏ; ଦଗକେ ୯୦ ଦିନ ଭୋଗ କରେ ।

ଶିରପୃଷ୍ଠ, ଲଞ୍ଜମାନଙ୍କରେ ଖୋଳିବ ନାହିଁ । ତିନି ଦଗ ମାଡ଼ିଥାଏ, ଦଗେ ଶ୍ରୁଣିଥାଏ । ପେଟରେ ଖୁଣ୍ଟ ଦେଲେ ସର୍ବ ଭୋଗ ହଏ । ନାଗର ଶରୀର ୮ ତାଳ । (୧) ଫଣିଶିର, (୨) କଣ୍ଠ, (୩) ଉଦର, (୪) କଣ୍ଠଦେଶ, (୫) ନାଭି, (୬) ଶୁକ୍ର, (୭) ଜାନୁଦେଶ, (୮) ଗୁହ୍ୟ । ଉଦର ସର୍ବସିଦ୍ଧିପ୍ରଦ ।

ଶିରରେ ଖୁଣ୍ଟ ଦେଲେ ଭାର୍ଯ୍ୟା ପୁତ୍ର ମରନ୍ତି, ହୃଦରେ ଦେଲେ ଶ୍ରୀସମ୍ପତ୍ତି ହୁଏ. ନାଭିରେ ଦେଲେ ନାନା ବରୋଧ ହୁଏ ଓ ଶତ୍ରୁଭୟ ହୁଏ, ଗୁହ୍ୟଦେଶରେ ରୋଗବ୍ୟାଧି ହୁଏ. ଜାନୁରେ ଦେଲେ ଦୀର୍ଘ ପ୍ରବାସୀ, ଲାଙ୍ଗୁଳରେ ଦେଲେ ନାନା ବଘ୍ନ । ଭୂମିରେ ଶରଣ ପଞ୍ଚକ ହେଲେ ଖୁଣ୍ଟ ଦେବା ନିଷେଧ ।

ଶରଣପଞ୍ଚକ—ଉତ୍ତରାଷାଢ଼ା ୪ ନକ୍ଷତ୍ରକୁ ଶରଣପଞ୍ଚକ କହନ୍ତି । ଚନ୍ଦ୍ର ଧନୁରାଶି ତ୍ୟାଗକର ମକର ଓ କୁମ୍ଭକୁ ଗଲେ ଶରଣପଞ୍ଚକ ହୁଏ ।

ଉତ୍ତରାଷାଢ଼ା=ବିଶ୍ୱଦେବା—ଏଥିରେ ଅଗ୍ନିଭୟ ।

ଶ୍ରବଣା=ଶତ୍ରୁଭୟ ।

ଧନିଷ୍ଠା=ରୋଗଭୟ ।

ଶତଭିଷା=ମରଣଭୟ ।

ପୂର୍ବଭାଦ୍ରପଦ=ନୃପଭୟ ।

ସୂତା ଧରିଲାବେଳେ ହାତରୁ ଖସିଗଲେ ଅନେକ ବିପଦ ପଡ଼େ, ଛିଣ୍ଡିଗଲେ ଗୃହସ୍ଥ ମରେ ।

ଭୂମି ଚତୁରସ୍ର ହେବ ଖାଇଣ୍ଡ କରି ଝପରାମାନ କଢ଼ାଯିବ, ହାଡଚର୍ମମାନ ନଥିବ ଏପରି ଭୂମି ବାସ୍ତୁର ଉପଯୋଗୀ ।

ସୂତା ପକାଇବାବେଳେ ଗୋରୁ ରୋଦନ କଲେ ଭୂମିରେ ଗୋରୁହାଡ଼ ଅଛୁ ବୋଲି ଜାଣିବ । ହାଡ ନ କାଢି ଘର କଲେ ଗୃହସ୍ଥର ମୃତ୍ୟୁ ହୁଏ ।

ସୂତା ଧରିବାବେଳେ ଗଧ, ସର୍ପ ଓ ଭିକ୍ଷୁକ ଲୋକ ଦେଖାଗଲେ ଗୃହସ୍ଥର ମୃତ୍ୟୁ ନିଶ୍ଚିତ । ବାମନ ଓ ଚନ୍ଦୀ, ରୋଗୀ, ଅନ୍ଧଲୋକ ଦେଖିଲେ ଅଶୁଭ ହୁଏ, ଧନ କ୍ଷୟ ହୁଏ ଓ ପ୍ରାଣପୀଡ଼ା ହୁଏ ।

ସୂତା ଧରିବାବେଳେ ହାତୀ ରଡ଼ି କଲେ ତଳେ ହାତୀ ହାଡ ଅଛୁ ବୋଲି ଜାଣିବ । ଘରଡିହ ଯେତେ ହାତ, ଆଙ୍ଗୁଳି ଥିବ ହାତ ଓ ଆଙ୍ଗୁଳି ସମସ୍ତଙ୍କୁ ଆଙ୍ଗୁଳି କରି ୯ ଦ୍ୱାରା ଭାଗ କରିବ, ଶେଷ ଛାଡିବ, ଅବଶିଷ୍ଟରୁ ଜଣାଯିବ ଯେ ମଧ୍ୟ-ଭାଗ ବୁକେ ଗଭୀରରେ ହାତୀ ହାଡ ଅଛି ।

ସୂତା ଧରିବାବେଳେ ଘୋଡା ହେଁ ହେଁ ହେଲେ ଘୋଡ଼ାହାଡ ଅଛୁ ବୋଲି ଜାଣିବ ।

ଘର ଯେତେ ହାତ ଛଅ ଭାଗ କରିବ । ପୂର୍ବଭାଗର ପ୍ରଥମ ଭାଗ ଯେତେ ହାତ ହେବ, ତାହା ନୈର୍ଋତରେ ସେତେ ହାତ ଖୋଳିଲେ ହାଡ଼ ବାହାରିବ ।

ସୂତା ଧରିବାବେଳେ ଗୋରୁ ବୋବାଇଲେ ଘରତଳେ ଗୋରୁମୁଣ୍ଡ ଅଛୁ ବୋଲି ଜାଣିବ ।

ଘର ଯେତେ ହାତ ଲମ୍ବ ହେବ, ତାକୁ ଦୁଇଭାଗ କରି ପ୍ରଥମଭାଗ କଟି-ପର୍ଯ୍ୟନ୍ତ ଖୋଳାଇଲେ ମୁଣ୍ଡ ବାହାରିବ ।

ସୂତା ଧରିବାବେଳେ ମନୁଷ୍ୟ ବୋବାଳି ପକାଇଲେ ମନୁଷ୍ୟହାଡ ଥିବାର ଜଣାଯିବ ।

ଘର ଯେତେ ହାତ ହେବ ତାକୁ ୧୬ ଭାଗ କରିବ । ଉତ୍ତର-ଦକ୍ଷିଣ ଘର ହେଲେ ଉତ୍ତରକୁ ଚାରିଭାଗ ଛାଡିବ, ପଞ୍ଚମ ଭାଗ ଜଙ୍ଘ ଗଭୀର ଖୋଳିଲେ ମନୁଷ୍ୟ ହାଡ ପାଇବ । ପୂର୍ବ-ଦକ୍ଷିଣ ଘର ହୋଇଥିଲେ ଆଦ୍ୟ ଓ ପ୍ରାନ୍ତ ବୁଝିବ ।

ସୂତା ଧରିବାବେଳେ ଯଦି ସର୍ପ ଦେଖିବ, ତେବେ ଘର ତୋଳିବ ନାହିଁ । ତୋଳିଲେ ହାନି ହେବ, ସନ୍ତାନ ନାଶ ହେବ ।

ସୂତା ଧରିବାବେଳ ଗୋଳମାଳ ହେଲେ କିମ୍ବା ପବନ ବହିଲେ ସେ ଘର ଭାଙ୍ଗିପଡେ ।

ସୂତା ଧରିବାବେଳେ ମଇଁଷି, ବିରାଡି ପ୍ରଭୃତି ଜୀବ ଶବ୍ଦ ଶୁଭିଲେ ସେ ଜୀବର ହାଡ ଥିବାର ଜଣାଯିବ । ସେ ଘରେ ଲୋକମାନେ ଅନ୍ନକଷ୍ଟରେ ମରନ୍ତି । ବେଙ୍ଗ ବୋବାଇଲେ ଗୃହସ୍ଥ ମରେ, ବିଲୁଆ ଶବ୍ଦ ଶୁଭିଲେ ମହାଭୟ ହୁଏ, ଗଧ ବୋବାଇଲେ ସର୍ବଦୋଷ ହୁଏ । ସେ ଘରେ ବଡ ହାଡ଼ ଥାଏ ।

ସୂତା ଧରିବାବେଳେ ବ୍ରାହ୍ମଣର ବେଦଧ୍ୱନି, ମେଘଗର୍ଜ୍ଜନ ଶୁଣାଗଲେ ବଡ ଜୟ ହୁଏ ।

ଶୁଭ ଦେବା ନିୟମ—ଶୁକ୍ର, ବୃହସ୍ପତି ଗୋଚରେ ଶୁଭ ଦେବେ । ବାହୁ ଦଣ୍ଡ ଗମ୍ଭୀରରେ ଖାତ ଖୋଳିବ, ଗୋମୟଦ୍ୱାରା ଲିପିବ । ଖାତ ପୂର୍ବଭାଗରେ ପୂର୍ଣ୍ଣକୁମ୍ଭରେ ସୁବର୍ଣ୍ଣାଦି ପଞ୍ଚରତ୍ନ ପକାଇବ । ଆମ୍ବଡାଳ ଉପରେ ଶ୍ରୀଫଳ ଦେବ । ପୂର୍ଣ୍ଣକୁମ୍ଭ ସର ହୋଇ ପୂର୍ଣ୍ଣ ଥିବ । ଦେବତାମାନଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେବ, ତାମ୍ବୁଲ ସମର୍ପଣ କରି ପୂଜା କରିବ । ଦେବତାମାନଙ୍କୁ ସ୍ତୁତି କରିବ, ଦର୍ଶନ ନିମନ୍ତେ ଦଧି, ମାଛ, ଦର୍ପଣ ଥିବ । ମଙ୍ଗଳାରୋପଣ କରିବ । ବେଦଧ୍ୱନି କରାଯିବ, ମହାରଣାକୁ ଗନ୍ଧପୁଷ୍ପ ନୈବେଦ୍ୟ ଦେଇ, ନୂତନ ବସ୍ତ୍ର ଦେଇ ବରଣ କରିବ, ବିଶ୍ୱକର୍ମାଙ୍କୁ ପୂଜା କରିବ । "ହେ ବିଶ୍ୱକର୍ମା ମୋ ଗୃହାରମ୍ଭ କର" ବୋଲି ପ୍ରବୋଧି କହିବ । ଦାରା ସୁତ ଓ ସଖାମାନେ ବେଷ୍ଟିତ ଥିବେ । ପଞ୍ଚରତ୍ନ ଗୁଳୁଚଲତା ଗୁଡାଇ ଶୁଭାରୋପଣ କରିବ । ଚନ୍ଦନ, ପୁଷ୍ପ ଦେବ । କର୍ମାନ୍ତେ ବ୍ରାହ୍ମଣଙ୍କୁ ଜ୍ୟୋତିଷଙ୍କୁ ଭୋଜନ ଓ ଦକ୍ଷିଣା ଦେବ । ଜ୍ୟୋତିଷମାନେ ଗ୍ରହପୂଜା କରିବେ, ବ୍ରାହ୍ମଣ ଆଶୀର୍ବାଦ କରିବେ । ଏପରି ଶୁଭ ଦେଲେ ଧନ ଜନ ବୃଦ୍ଧି ହୁଏ । ଶୁଭ ପୋତିବାବେଳେ ଧ୍ୱଜ, ଶୁକ୍ଲବସ୍ତ୍ର, କନକ ଛତ୍ର ଚାମର ପୂର୍ଣ୍ଣକୁମ୍ଭ ଦେଖିଲେ ବହୁତ ଦ୍ରବ୍ୟ ଲାଭ ହୁଏ, ରତ୍ନଲାଭ ହୁଏ । ପାଉଁଶ ଅଙ୍ଗାର, ହାଡ, ରକ୍ତସ୍ରାବ କାଠ ବାଲି ଧୂମ, ଇଟାଳଆବର୍ଣ୍ଣ ଦନ୍ତ ଦେଖିଲେ ମାଟି ଭୂଇଁ ଗମ୍ଭୀର ଠାରେ ଅତି ଶୀତଳ ହୁଏ ସ୍ତ୍ରୀ-ଧନ-ପୁତ୍ର ନାଶ ହୁଏ ।

ମଙ୍ଗଳାରୋପଣ ଦ୍ରବ୍ୟ - ଭୂମି, ଦୀପ, ଫଳ, ଦୂବ, ପୁଷ୍ପ ଓ ଗୋରଚନା ଦଧି ଘୃତ ଇତ୍ୟାଦି । ବାସ୍ତୁ ଭୂମିରେ ଶୁଭ ଦେବା ବେଳେ ନିମ୍ନଲିଖିତ ବ୍ୟକ୍ତିମାନେ ଆସିବା ନିଷେଧ ।

ଭିକାରି, କଣାଧାରି, ସନ୍ୟାସୀ, ରୋଗୀ, ତପୀ, କୁଷ୍ଠରୋଗୀ ।

ବାର ତଥି ନକ୍ଷତ୍ର ତାରା ଚନ୍ଦ୍ର ଶୁଦ୍ଧି ଥାଇ ଶୁଭ ଲଗ୍ନରେ ଖାତ ଖୋଳା-ହେବ । ଖାତରେ ଅଷ୍ଟକୋଣ ଥାଇ ପଦ୍ମରେଖା କାଟିବ । ନାଗ ମଧ ଗର୍ଭରେ ପଦ୍ମକେଶର ହୋଇବ । ଭୂମିକୁ ଶୁଦ୍ଧ କରିବ । ଅଷ୍ଟନାଗକୁ ପୂଜା କରିବ, ମଙ୍ଗଳ ଧ୍ୱନି କରିବ । ସ୍ତମ୍ଭ ପୋତିବ । ଉପରେ ଗୋଟିଏ ଆଟିକା ଚନ୍ଦ୍ରକରି ଥୋଇବ । ଏପରି କଲେ ପକ୍ଷୀଜନ୍ତୁମାନେ ବସିବେ ନାହିଁ ।

ଘରତୋଳା ଶେଷ ହେଲେ କେଉଁ ଦିଗକୁ ବଢାଇଲେ କି ଫଳ ହୁଏ ?

ପୂର୍ବଦିଗକୁ ବଢ଼ାଇଲେ ଧନ ସମ୍ପତ୍ତି ହୁଏ । ପଶ୍ଚିମରେ ଧନହାନି ହୁଏ । ଦକ୍ଷିଣେ ମୃତ୍ୟୁ ଉତ୍ତରେ ଧନବୃଦ୍ଧି ।

ପୂର୍ବଆଡ଼କୁ ତୁଳି ଉଚ୍ଚ ହେଲେ ଗୃହସ୍ଥ ଧନେଶ୍ୱର ହୁଏ, ଦକ୍ଷିଣ ଆଡକୁ ଉଚ୍ଚ ହେଲେ ଧନବୃଦ୍ଧି, ପଶ୍ଚିମ ଆଡକୁ ଉଚ୍ଚ ହେଲେ ଧନକ୍ଷୟ ଏବଂ ଉତ୍ତରଆଡକୁ ଉଚ୍ଚ ହେଲେ ପତ୍ନୀନାଶ ହୁଏ ।

ଦୀର୍ଘ ୧୭, ପ୍ରସ୍ଥ ୭ ହାତ = ଗଜବନ୍ଧ ତିନିଶେଣିଆ, ଖମ୍ବ ଧାଡ଼ିକେ ୭ ଗୋଟି ଲେଖାଏଁ । ତିନି ବଖରାକୁ ଦୁଇଆଡେ ଆଠ ଖମ୍ବ । ପ୍ରାଙ୍ଗଣ ଉଚ୍ଚସାର ୫ ହାତ, ପ୍ରାଙ୍ଗଣ ଗୃହପାଖ ୧୫ହାତ । ପ୍ରାଙ୍ଗଣ ପିଣ୍ଡ ଉଚ୍ଚ ହେବ ୩.୫ ହାତ, ଏ ପିଣ୍ଡ ଉପରେ ଖମ୍ବ ଉଚ୍ଚ ହେବ ୬ ହାତ । ଏ ବାସ୍ତୁ ପ୍ରମାଣେ ଗର୍ଭ ୭ ହାତ, ପାଆଭାଗ ଓସାର ୧୫ ହାତ । ଖମ୍ବ ଗୃହପାଖ ଘର ବନ୍ଧା ହେବ । ଖମ୍ବମାନ ତାହା ଉପରେ ଖଞ୍ଜାଇବ । ତହିଁରେ ପାଣି ନାବ କରି ଖମ୍ବମାନଙ୍କରେ ଓଳମ ଦେଇ ସଳ-ଖିବ । ଈଶାନ କୋଣ, ଆଗ୍ନେୟକୋଣ ଦୁଇ କୋଣ ଖମ୍ବରେ ଦୁଇ ନିହାଣ ମାରିବ । ୧୫ ହାତ ଉପରେ ଡଙ୍ଗା ବସାଇବ । ଡଙ୍ଗାରେ ପାଣି ପୂରାଇବ, ସ୍ଥିର ହୋଇ-ଥିବ । ହାତେ ଲମ୍ବରେ କାଠି ଗୋଟିଏ ଆଣିବ, ଏ କାଠିର ଏକଆଡ଼େ ମୁନ ହୋଇଥିବ । ମୁନ ନେଇ ପାଣିରେ ଲଗାଇବ । ଖମ୍ବ ଉପରକୁ ଖୁଞ୍ଚ ଦେବ । ଏ ଖୁଞ୍ଚ ଉପର ସ୍ଥାନରେ ଦେବ । ଖମ୍ବରେ ଗାର ଦେବ । ପ୍ରଥମ ଖମ୍ବ ଗାରଠାରୁ ଆର 'ଖୁଞ୍ଚ ପ୍ରମାଣରେ ପାଣିରେ ମୁନ ଲଗାଇବ । ପୁନଶ୍ଚ ଅନ୍ୟ ବଖରାକୁ ନେବ । ଉପରୋକ୍ତ ପ୍ରକାରେ ଖୁଞ୍ଚ କାଠିରେ ମୁନ ଦେଇ ଶେଣୀ ୨ୟ ଖମ୍ବ ମାପ କରିବ । ତୃତୀୟ ଖମ୍ବ ସେହି ପ୍ରକାରେ ଦେବ । ଖମ୍ବ ମାପ ମଧ୍ୟଖମ୍ବ ମାପ ପ୍ରମାଣେ ଦେବ । ଏ ପ୍ରମାଣେ ପାରିଆ ଖମ୍ବ ଲଟି ଲାଗିବ । ଏପରି ଦୁଇ ବଖରା ସରି ହୁଏ । ଗାର ଯେତେ ଉଚ୍ଚ ହେବ ଏହା ପାଟିଆ ଉପରକୁ ଖୁଞ୍ଚ ଦେବ । ଖମ୍ବମାନ ମୁଣ୍ଡିବ । ଯେତେ ଓସାର ହେବ ତଦନୁଯାୟୀ ଖୁଞ୍ଚ ଦେଇ ଶେଣିଗୁଞ୍ଚିବ । ଗଣ୍ଠି କରିବାକୁ ସମ ଭୂମିରେ ପାରିବ । ଏଥି ଉପରେ ସୂତା ଦେବ । ମଝିଖଣ୍ଡ ଉଚ୍ଚ ନ ହେବ,

ମାଚ ନୋହିବ । ଉନଖଣ୍ଡ ସୂତା କୁଶସର ହେବ । ଏଥି ଉପରେ ଶେଣି ଥୋଇବ । ଶେଣିମୂଳ ଦକ୍ଷିଣଆଡ଼କୁ ହେବ ଆଗ ଉତ୍ତରଆଡ଼କୁ ହେବ । କଠାଉ ଗର୍ଣ୍ଣି ହେବ । ଗର୍ଣ୍ଣି ଲମ୍ବ ଚଉକେ ହେବ । ଶେଣିମୁଣ୍ଡ ପଞ୍ଚକଠାଉଆ ହେବ । ବାହାର କଠାଉଆ ଆର ଶେଣିରେ ବହଳ ଭାଗ ୩ ଆଙ୍ଗୁଳରୁ ୨ ଆଙ୍ଗୁଳ କଟାଇବ, ଭାଗେ ପଞ୍ଚ ରହିବ ଏପର ଗର୍ଣ୍ଣି ଯୋଡ଼ କରବ । ଶେଣି ଟାଣପାଖ ଉପରକୁ ହେବ । ପାଖ ସଟାଣ ବାହାର ଆଡ଼କୁ ହେବ । ଏ ଶେଣି ଓସାର ଯେତେ ହେବ, ଏଥିରୁ ୨ ଭାଗ ଖମ୍ବକନାରେ ବସିବ । ଉପରକୁ ଶେଣି ନଉଳା ଭାଗେ ଥିବ । କଠାଉଆ ଗର୍ଣ୍ଣି କ ପିଣ୍ଡ ଗଣ୍ଡ ବା ଭୃଣ୍ଡାଗର୍ଣ୍ଣି, କଙ୍କସାଲଆ ଗର୍ଣ୍ଣି କ ଦାରୁଗର୍ଣ୍ଣି ଏପର କଟାଇବ । ଏହିପର ଶେଣିମ.ନ ଖମ୍ବରେ ରହିବ ।

ମଉଡ଼ ଶେଣି—ବଖର୍ ଶେଣି ଦୁଇଭାଗ କାପ କାଟିବ । ଭାଗେ ତଳକୁ ରହିବ । ଏଥିରେ କାଣ୍ଡ କଣ ଗର୍ଣ୍ଣି ବନ୍ଧି ଫୋଡ଼ିବ । ଅନ୍ୟ ଶେଣୀରୁ ଭାଗେ ତଳକୁ କାଟିବ, ଉପରକୁ ଦୁଇ ଭାଗ ରହିବ । ଏଥିରେ କାଣ୍ଡ ଗର୍ଣ୍ଣି ବନ୍ଧି କାଟିବ । ଏ ପ୍ରକାର ଗୃହ କୋଣ କାଟିବ । ଶେଣି ମୁଣ୍ଡାଳମାନ ଖମ୍ବକୁ ନକଲ ୮ ଆଙ୍ଗୁଳି ଲେଖାଏଁ ଥିବ । ତଳ ଖମ୍ବ ମଝିରୁ ଗର୍ଭ ଯେଉଁ ମାପ ନଆଯାଇଛି, ସେ ବାଉଁଶ ଉପରେ ରଖିବ । ଶେଣି ମଝିରେ ଦେବ । ଖମ୍ବ ବାହାର ଭିତର ହୋଇ ଯାଉଥିଲେ ମଝିରେ କରବ । ଅନ୍ୟ ଶେଣି ଏହି ପ୍ରକାର ନେବ । ଶେଣି ଜଲାଲ ଯେତେ ଅଛି ତାକୁ ୩ ଭାଗ କରବ ଭାଗେ ଶେଣିରୁ କଟାଇବ । ଏ ପ୍ରକାର ଓର୍‌ କରବ । ଦୁଇ ଶେଣି ମଝିରେ ଫୁଲ ଦେବ । ଗୁଜ ଉପରେ ସୂତା ବାନ୍ଧିବ । ଘର ଗର୍ଭର ଉନ ଭାଗରୁ ଏକ ଭାଗ ପ୍ରମାଣେ ଗୁଜ କାଟିବ । ଓର୍ ପାଖେ ଯେ ସୂତା ବାନ୍ଧିଥିବ ସେ ସୂତା ଉପରକୁ କାଠିଏ ଦେବ । ଉପର ସାଲ ଭିତର ସାଲଠାରୁ ଅଧିକ ଦେବ । ଗୁଜ ଉପରେ ଶାକରପଟା ରହିବ । ଘରଦୀର୍ଘ ୧୭ – ୭ ଗର୍ଭ = ୧୦ ଚନ୍ଦପାଟୀ ଲମ୍ବ । ଦୁଇ ମୁଣ୍ଡରେ ମୁଣ୍ଡାଳ ଦେବ । ମୁଣ୍ଡାଳ ୬ ଆଙ୍ଗୁଳ ଲେଖାଏଁ ୧୨ ଆଙ୍ଗୁଳ । ସୁତରାଂ ଚନ୍ଦପାଟୀ ଲମ୍ବ ୧୦ ହାତ ୧୨ ଆଙ୍ଗୁଳ । ଗର୍ଣ୍ଣି କଠାଉ ହେବ । ଗର୍ଣ୍ଣି ଲମ୍ବ ୧୬ ଆଙ୍ଗୁଳ । ଗର୍ଣ୍ଣି ମଝିରୁ ବନ୍ଧିବ । ଚନ୍ଦପାଟୀ ଉପରେ ଲଦିବ ।

ରୁଅ ଲମ୍ବ ଘର ଓସାର ଅପେକ୍ଷା ହାତକେ ୨ ଆଙ୍ଗୁଳ ବେଶି ଅର୍ଥାତ୍ ୭ ହାତ ୧୪ ଆଙ୍ଗୁଳ ଏବଂ କାଣ୍ଡ ଲମ୍ବ ୮ ହାତ । $\frac{\text{ରୁଅ ଲମ୍ବ}}{୩}$ + ୧ ଭାଗ = ୮ ହାତ ।

ଭୃଣ୍ଡାଟ ଯେଉଁ ଘର ବଖର୍‌ରକ ହା ୫ । ୧୬ ପ୍ରମାଣେ ଖମ୍ବ ସଳଖ କର ଭୃଣ୍ଡାଟ ଗର୍ଣ୍ଣି କରବ । ଏଥିରୁ ଅନ୍ୟ ପ୍ରକାର କଲେ ଗର୍ଣ୍ଣି ଭେଦ ହେବ । ଗର୍ଣ୍ଣି ସର ହେଲେ ଅଚଳଭୂବ କୁହାଯାଏ ।

ବଖରା ୫ ହାତ ୧୬ ଆଙ୍ଗୁଳ । ଏଥିରେ ଘରଭାଗ ରୁଅ ୧୨ ପଡ଼ିବାକୁ ଧରଣା ଝୋପା ହା ୫ । ୧୬ ଆଙ୍ଗୁଳ = ୧୩୬ ଆଙ୍ଗୁଳ (ହାତକ ୨୪ ଆଙ୍ଗୁଳ ।)

$\frac{୧୩୬}{୧୨ରୁଅ}$ = ୧୧।/ ଆଙ୍ଗୁଳ ପ୍ରମାଣେ ଗୋଟିଏ କାଠି ନେବ । ପାଖକାଠି ଭିତର ପାଖରୁ ବନ୍ଧ ଫୋଡ଼ି ସେଠାରୁ ୨୫ ଆଙ୍ଗୁଳ ନେବ, ବାକି ରହିଲ ୮୵ । ଏଠାରେ ଗୋଟିଏ ଫୁଲ ଦେବ । ଏ ଖୁଣ୍ଟକାଠି ଯେଉଁ ମଝିଫୁଲ ତୁଣ୍ଡାଟ କାଠିରୁ ମଝିରେ ଘର କରିବ । ବନ୍ଧ ଫୋଡ଼ା କଟାଣ ଠାରୁ ୨୫ ଆଙ୍ଗୁଳ ପ୍ରମାଣେ ବନ୍ଧ ଫୋଡ଼ିବ । ଏପ୍ରକାରେ ତୁଣ୍ଡାଟ ଫୋଡ଼ିବ ।

ତୁଣ୍ଡାଟ ଖମ୍ବ ପୋତା ଭାଗ – ଓସାର ୭ହାତ, ଏଥିର ୪ ଭାଗରୁ ଏକ-ଭାଗ ହା ୧ । ୧୮ ଅଙ୍ଗୁଳ । ରୁଅ ହା ୭ । ୧୪ ଅଙ୍ଗୁଳ+ତୁଣ୍ଡାଟ ସାଲ ୬ ଆଙ୍ଗୁଳ = ହା ୭ । ୨୦ ଆଙ୍ଗୁଳ । ରୁଅ ଲଗଇ ଗୁଡ଼ ତୁଣ୍ଡି ଲଗିବ । ଗୁଡ଼ତୁଣ୍ଡି ୨୪ ଆଙ୍ଗୁଳ । ଏଥି ଉପରେ ଚଉକ ଗୁଡ଼ି ଗୁଡ଼ବଟା ବସିବ । ଗୁଡ଼ତୁଣ୍ଡିର ଉପର ହା ୧ । ୧୨ ଆଙ୍ଗୁଳ । ଏପ୍ରକାର ଡନଶେଣିଆ ଘରନିର୍ମାଣ ପ୍ରଣାଳୀ । ୫ ଶେଣିଆ, ୭ ଶେଣିଆ, ୯ ଶେଣିଆ, ୧୧ ଶେଣିଆ ବା ୨୧ ଶେଣିଆ ସମସ୍ତ ୩ ଶେଣିଆପର ଉଚ୍ଚ ସବୁ ଘର ସମାନ ।

ଦୀର୍ଘ ୭ ହାତ ୧ ଆଙ୍ଗୁଳ ଲେଖାଏଁ ଡନ ବଖରା, ୨୧ ହାତ ୩ ଆଙ୍ଗୁଳ ଓ ପ୍ରସ୍ଥ ଗର୍ଭ ୫ ହାତ ୧୨ ଆଙ୍ଗୁଳ ହେଲେ ଗଜବନ୍ଧ ଓ ୫ ଶେଣିଆ । ଏଥିରେ ଖମ୍ବ ୭ ହାତ, ଓରା ଲମ୍ବ ଖମ୍ବ ମଝିରୁ ୧୨ ହାତ । ଖମ୍ବ ମଝିରୁ ୦ ଭାଗ କରିବ, ଭାଗେ ଗୁଜ । ଦ୍ୱିତୀୟ ଗୁଜ ୩ ଆଙ୍ଗୁଳ ଊଣା, ତୃତୀୟ ଗୁଜ ୫ ଆଙ୍ଗୁଳ ଊଣା ୨ୟଠାରୁ । ମଉଡ଼ ଘର ହେଲେ କଣଓରା ଯିବ । କଣଗୁଜ ଅଣ୍ଟାଗୁଜ ପର କଟାଯିବ । ୩ ଆଙ୍ଗୁଳରୁ ବେଶି କାଟିଲେ ମଉଡ଼ ଖାଲ ହେବ । ୨ୟ ଗୁଜରୁ ପାଞ୍ଚ ଆଙ୍ଗୁଳରୁ ବେଶି କାଟିବ ନାହିଁ, କାଟିଲେ ମାଠ ହେବ । କଣଓରା ହା ୯ ୧୬ ଆଙ୍ଗୁଳ । ବଖରା ଶେଣି ହା ୬ । ୨୫ ଆଙ୍ଗୁଳ । ଅଚଳ ଶେଣି ହା୩।୦୨ ଆଙ୍ଗୁଳ । ଗଣ୍ଡିପଟ୍ଟ ୪ ଆଙ୍ଗୁଳ । ମୁଣ୍ଡିଆଲି ୧୨ ଆଙ୍ଗୁଳ । ରୁଅ ହା ୧୩ । ୧୮ ଆଙ୍ଗୁଳ । ଓସାଣାଠାରୁ ଗୁଡ଼ହାଣ୍ଡି ହା ୩।୫ ଆଙ୍ଗୁଳ । କାଣ୍ଡ ହା ୫ ୧୨୵ । ଶେଣି ନଳ ମଝିରୁ ଅଶେଣି କଳକା ମଝି ହା ୪ । ୧୧୫ । ପିଣ୍ଡା ଓହାର ହେବା ନିମନ୍ତେ ଚଉକ ଗୁରୁଜ ଭିତରକୁ ତୁଳିଆ ଆଡ଼କୁ ଓସାର ଭିତରକୁ ୧୨ ଆଙ୍ଗୁଳ ଘୁଞ୍ଚିବ ।

ଦ୍ୱାର ଲଗାଇବା ପ୍ରମାଣ -- ୧ । ୫ । ୯ ଅର୍ଥାତ୍ ମେଷ, ସିଂହ, ଧନୁ ଏ ତିନ ରାଶିକୁ ପୂର୍ବ ଦିଗକୁ ଘର ହେବ ପଶ୍ଚିମଦ୍ୱାର ହେବ । ଗୃହସ୍ୱାମୀ ପୂର୍ବଦିଗରୁ ଭିତରେ ପ୍ରବେଶ କରିବ । ଏଥିରେ ଧନ ସମ୍ପତ୍ତି ହୁଏ ।

ତୁଳ, ମିଥୁନ, କୁମ୍ଭ ରାଶିର ପଶ୍ଚିମ ଦିଗ ଓ ପୂର୍ବଦ୍ୱାର; ବିଚ୍ଛୁ, କର୍କଟ, ମୀନ ରାଶିର ଉତ୍ତର ଦିଗ ଓ ଦକ୍ଷିଣଦ୍ୱାର; ଅବଶିଷ୍ଟ ୩ ରାଶିର ଦକ୍ଷିଣ ଦିଗ ଓ ଉତ୍ତରଦ୍ୱାର। ଧ୍ୱଜ ଓ ଧୂମ୍ର ବନ୍ଧ ପୂର୍ବଦିଗରେ କରିବ, ସିଂହ ଓ ଶ୍ୱାନବନ୍ଧ ଦକ୍ଷିଣରେ, ବୃଷ ଓ ଖରବନ୍ଧ ପଶ୍ଚିମରେ ଏବଂ ଗଜ ଓ ଧ୍ୱାଙ୍କ୍ଷବନ୍ଧ ଉତ୍ତର-ଦିଗରେ କରିବ।

ବୃଷବନ୍ଧ ଘର—ପୂର୍ବଦ୍ୱାର।

ଗଜବନ୍ଧ ଘର—ଉତ୍ତର, ଦକ୍ଷିଣ ଦ୍ୱାର।

ଧ୍ୱଜବନ୍ଧ ଘର—ପଶ୍ଚିମ ଦ୍ୱାର।

ସିଂହବନ୍ଧ ଘର—ଉତ୍ତର ଦ୍ୱାର।

ପୂର୍ବଦ୍ୱାର କଲେ ଇଶାନ କୋଣରୁ ଗଣିବ, ଦକ୍ଷିଣ ଦ୍ୱାର କଲେ ଅଗ୍ନି କୋଣରୁ ପଶ୍ଚିମ ଦ୍ୱାର କଲେ ନୈଋତ, ଉତ୍ତର ଦ୍ୱାର କଲେ ବାୟବ୍ୟ କୋଣରୁ ଗଣିବ।

ଅଗ୍ନିକୋଣ—ଅଗ୍ନିଭୟ, କନ୍ୟାନାଶ, ତେଜହାନି, ରୋଦନ କରାଏ, ଚୋର କରେ।

ଦକ୍ଷିଣ—ଅଳ୍ପ ସୁତ, ଧନକ୍ଷୟ, ସୁତ ନାଶ।

ପଶ୍ଚିମଦ୍ୱାର—ସୁତ ପୀଡ଼ା, ଶତ୍ରୁ ବୃଦ୍ଧି, ଧନନାଶ, ରାଜଭୟ।

ଉତ୍ତର—ପ୍ରଥମଭାଗ ଧନଜନ ବୃଦ୍ଧି, ୨ୟ ଭାଗରେ ଶତ୍ରୁ ପୀଡ଼ା, ଧନହାନି ଓ ସୁତନାଶ।

ପୂର୍ବଦିଗ ଗୃହ ଆଠଭାଗ ହେବ, ଇଶାନ କୋଣଠାରୁ ୪ ଭାଗର ୩ ଭାଗ ଦ୍ୱାର ହେବ। ଦକ୍ଷିଣଦିଗ ଘରର ଅଗ୍ନି କୋଣଠାରୁ ୫ ଭାଗର ୪ ଭାଗରେ ଦ୍ୱାର କରିବ। ଉତ୍ତର ଦିଗ ଗୃହ ବାୟବ୍ୟ କୋଣଠାରୁ ୪ ଭାଗର ୩ ଭାଗରେ ଦ୍ୱାର କରିବ। ପଶ୍ଚିମ ଦିଗ ଗୃହର ନୈଋତ କୋଣଠାରୁ ୪ ଭାଗର ୩ ଭାଗରେ ଦ୍ୱାର କରିବ। ଏପରି କଲେ ଶୁଭ, ଅନ୍ୟଥା ଅଶୁଭ।

ଗୃହ ପଶ୍ଚିମଦିଗରେ ବଟବୃକ୍ଷ ଥିଲେ ନିରନ୍ତର କଳହ ହୁଏ, ଉତ୍ତର ଦିଗରେ ଉଦୁମ୍ବର ଥିଲେ ମୃତ୍ୟୁ, ଇଶାନ କୋଣରେ ରକ୍ତ ପୁଷ୍ପଥିଲେ ଶତ୍ରୁ ବୃଦ୍ଧି ହୁଏ। ଏ ବୃକ୍ଷରେ ସୁବର୍ଣ୍ଣ କୁସୁମ ଥିଲେ ମଧ୍ୟ ତ୍ୟାଜ୍ୟ।

ଗୃହଦ୍ୱାର ମଧ୍ୟରେ ମଲ୍ଲୀ, ମାଳତୀ, କୁନ୍ଦ, କାମୋଦ, ମନ୍ଦାରପୁଷ୍ପ ବୃକ୍ଷ ରହିଲେ ଧନ ଜନ ସମ୍ପଦ ବୃଦ୍ଧି ହୁଏ । ବେଲ, ଡାଳିମ୍ବ, ନଡିଆ, ପଣସ ବୃକ୍ଷମାନ ଶୁଭଫଳପ୍ରଦ ।

ପୁଷ୍କରିଣୀ, ଦେବମନ୍ଦିର ଓ ନଦୀକୂଳସ୍ଥ ବୃକ୍ଷମାନ ଯେଉଁ ଦିଗରେ ଥିଲେ ମଧ୍ୟ ଶୁଭଫଳପ୍ରଦ ।

ଗୃହ ପ୍ରବେଶ—ରବିବାର, ବୁଧବାର, ଗୁରୁବାର, ଶୁକ୍ରବାରମାନଙ୍କରେ ଗୃହପ୍ରବେଶ କରିବା । କନ୍ୟା କୁମ୍ଭ, ବୃଶ୍ଚ, ସିଂହ, ମିଥୁନ ରାଶି ଓ ହସ୍ତା, ପୁଷ୍ୟା, ପୁନର୍ବସୁ, ଶତଭିଷା ସ୍ୱାତୀ, ରୋହିଣୀ ରେବତୀ ଉତ୍ତରଫାଲ୍‌ଗୁନୀ, ଉତ୍ତରାଷାଢ଼ା, ଉତ୍ତରଭାଦ୍ରପଦ, ଶ୍ରବଣା, ମୃଗଶିର, ମୂଳା ଧନିଷ୍ଠା, ମଘା ନକ୍ଷତ୍ର ଓ ଗୃହସ୍ଥର ତାରାଚନ୍ଦ୍ର ଶୁଦ୍ଧି ବୁଝି ଗୃହପ୍ରବେଶ କରିବ ।

ଲଗ୍ନଠାରୁ ଗ୍ରହମାନେ ୪ର୍ଥ, ସପ୍ତମ ଦଶମ, ଏକାଦଶ ସ୍ଥାନରେ ଥିବେ କିମ୍ବା ଲଗ୍ନ ସହିତ ଶୁଭଗ୍ରହମାନେ ଥିବେ, ଚନ୍ଦ୍ରଙ୍କୁ ଶୁଭ ଗ୍ରହମାନେ ଦେଖୁଥିବେ, ଏମନ୍ତ ବୁଝି ଗୃହପ୍ରବେଶ କଲେ ଧନ ସମ୍ପତ୍ତି ହୁଏ ଓ ମଙ୍ଗଳ ଧ୍ୱନି ହୁଏ ।

ଗୃହପ୍ରବେଶ ବେଳେ ବିଶ୍ୱକର୍ମାଙ୍କୁ ବରଣ କରି ଆଣିବ, ଫୁଲ ଚନ୍ଦନ ଦେବ । ହରିନାମ କୀର୍ତ୍ତନ ହେଉଥିବ, ବ୍ରାହ୍ମଣ ବେଦଧ୍ୱନି କରୁଥିବ. ଦୈବଜ୍ଞ ମଙ୍ଗଳଧ୍ୱନି କରୁଥିବ, ସ୍ତ୍ରୀମାନେ ହୁଳହୁଳି ଦେଉଥିବେ, ଗୃହସ୍ଥ ସକୁଟୁମ୍ବରେ ସୁବାସିତ ଶୁକ୍ଳ ପୁଷ୍ପ ଓ ଶୁକ୍ଳ ବସ୍ତ୍ର ପିନ୍ଧି ଓ ଉତ୍ତରୀୟ ପକାଇ ଗୃହରେ ପ୍ରବେଶ କରିବ, ଦେବ ବ୍ରାହ୍ମଣଙ୍କୁ ପୂଜା କରିବ, ହୋମହେବ । ସମସ୍ତେ ଶୁଭ ଧ୍ୱନି କରିବେ । ରାତିରେ ବୀଣାବାଦ୍ୟ ହେବ ଏବଂ ଉନ୍ନିଦ୍ର ରହିବ । ଏପରି କଲେ ଚିରାୟୁ, ଧନ ଜନ ବୃଦ୍ଧି ହୁଏ, ଶତ୍ରୁ ପାଦପୂଜା କରେ, ମିତ୍ରଗଣମାନେ ସୁଖୀ ହୁଅନ୍ତି, ଲକ୍ଷ୍ମୀ ହୁଅନ୍ତି ।

ବନ୍ଧ ପରିମାଣ—(୧) ଧ୍ୱଜବନ୍ଧ ଦୀର୍ଘ ହା ୧।୧ ଓ ପ୍ରସ୍ଥ ହାତ ୧।୧ । ଦେବତା ଗୃହ । ଗୃହ ରାଶି ୨୭ ଓ ୯୨ । ଆୟୁ ୪୮ବର୍ଷ । ଅଗ୍ନି ସଂଯୋଗେ ନାଶ ।

ଦୀର୍ଘ ହା ୧୧।୧୧ ଓ ପ୍ରସ୍ଥ ହା ୧୧ । ଏ ଧ୍ୱଜବନ୍ଧ । ଆୟୁ ୮ବର୍ଷ । ଏଥିରେ ମହେଶ୍ୱର ବାସ କରନ୍ତି । ଦୀର୍ଘ ହା ୧୮। ଓ ପ୍ରସ୍ଥ ହା ୮।୧୮ । ଏ ଧୂମ୍ରବନ୍ଧ । ଏଥିରେ ହୋମଘର ହୁଏ । ଆୟୁ ୪୮ବର୍ଷ । ଜଳ ସଂଯୋଗରେ ନାଶ ।

ନାହିଁ । ରାଜାଙ୍କୁ ବାରବାଟୀରେ କଏଦୀ କଲେ ଓ ତାଙ୍କ ନାତି ଦିବ୍ୟସିଂହ ବାର୍ଷିକ ୧୦୦୦୦ ସିକା ଟଙ୍କା ପେସ୍‌କସ୍‌ ନ ଦେଲେ ତାଙ୍କୁ ସିଂହାସନର ଉତ୍ତରାଧିକାରୀ ବୋଲି ସ୍ୱୀକାର କରିବେ ନାହିଁ ବୋଲି କହିଲେ ।

୧୭୯୬ ଖ୍ରୀଷ୍ଟାବ୍ଦରେ ରାଜାରାମ ପଣ୍ଡିତ କାର୍ଯ୍ୟରୁ ଅବସର ନେଲେ ଏବଂ ତାଙ୍କ ପୁତ୍ର ସଦାଶିବ ରାଓ ନାଜିମ ନିଯୁକ୍ତ ହେଲେ ଓ ତାଙ୍କ ପରେ ଚିମନବାଲା ନିଯୁକ୍ତ ହେଲେ । ଇଙ୍ଗଜୀ ସୁକଦେବ, ବାଲାଜି କୁଅଁର (ବାରବାଟୀ ଦୁର୍ଗର ସେନାପତି)ମାନେ ଶାସନକାର୍ଯ୍ୟ ଚଳାଇଲେ । ଏହି ଅବସ୍ଥା ୧୮୦୩ ଯାଏଁ ଚାଲିଲା । ଏହି ବର୍ଷ ଓଡ଼ିଶା ଇଂରେଜମାନଙ୍କ ହସ୍ତରେ ପଡ଼ିଲା ।

ଏହି ଦୀର୍ଘକାଳ ଉତ୍କଳ ଜନନୀର ଉଦାର ବକ୍ଷ ଆଫଗାନ, ମୋଗଲ ଏବଂ ମରହଟ୍ଟା ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ଲୋକମାନଙ୍କ ଦମ୍ଭ, ସାହସ, ବଳବୀର୍ଯ୍ୟ, ଧନ ଧର୍ମ ପ୍ରଭୃତି ସମସ୍ତ ଜାତୀୟ ସମ୍ବଳଗୁଡ଼ିକ ଚୂର୍ଣ୍ଣୀଭୂତ ହୋଇଗଲା । ଦେଶରୁ ବାଣିଜ୍ୟ ବ୍ୟବହାର ଲୋପ ହେଲା, କଳାବିଦ୍ୟା ଲୋପ ହେଲା, କୃଷି ହାନି ହେଲା, ଧର୍ମଚର୍ଚ୍ଚା ଲୋପ ହେଲା । ଚତୁର୍ଦ୍ଦିଗରୁ ଅବନତି ସ୍ରୋତ ପ୍ରବଳ ବେଗରେ ମାଡ଼ି ଆସି ଓଡ଼ିଶାକୁ ଗ୍ରାସ କରି ପକାଇଲା । ଅନ୍ନଚିନ୍ତା ଚତୁର୍ଗୁଣ ବୃଦ୍ଧି ହେଲା । ବିଦ୍ୟାଚର୍ଚ୍ଚା ଲୋପ ହେଲା । ଲୋକେ ଟିକିଏ ଶାନ୍ତିରେ ଶୟନ କରି ପାରିଲେ ନାହିଁ । ଉଚ୍ଚଚିନ୍ତା ଲାଗି ଅବସର ମିଳିଲା ନାହିଁ । ଶାସନକର୍ତ୍ତାମାନେ ସର୍ବଦା ପ୍ରଜାମାନଙ୍କ ଆଡ଼କୁ ମୁଖବ୍ୟାଦାନ କରି ତୀକ୍ଷ୍ଣ ଦୃଷ୍ଟିରେ ରହିଁ ରହିଲେ । ପ୍ରଜା ରକ୍ତକୁ ଶୋଷଣ କରି ଛଳେ ବଳେ କୌଶଳେ ନ୍ୟାୟାନ୍ୟାୟ ବିବେଚନା ନ କରି ଧନ ଆଦାୟ କରିବାକୁ ବ୍ରତୀ ହେଲେ । ପ୍ରଜାମାନେ ସନ୍ତତ ସଶଙ୍କିତ ଭାବରେ କାଳଯାପନ କଲେ । କୃଷି, ବାଣିଜ୍ୟ, ବ୍ୟବସାୟ ଦିଗରେ ମନ ଦେବାର ଅବସର ପାଇଲେ ନାହିଁ । ଉତ୍କଳର ଅଙ୍ଗ ପ୍ରତ୍ୟଙ୍ଗ ଖଣ୍ଡ ଖଣ୍ଡ ହୋଇ ଛେଦିତ ହେଲା । ଗୋଟାଏ ଜାତି ଉପରେ ଏତେ ପ୍ରକାର ଅତ୍ୟାଚାର ହେଲେ ତା ପକ୍ଷରେ ବଞ୍ଚିକରି ରହିବା ଅସମ୍ଭବ ହେବା ସ୍ୱାଭାବିକ । ଆଜି ଯେ ଓଡ଼ିଆ ଜାତି ବଞ୍ଚି ରହିଛି ଏହାହିଁ ଆଶ୍ଚର୍ଯ୍ୟଜନକ କଥା !

# ଆର୍ଥିକ ଅବସ୍ଥା

ଭାଗବତ କହିଲେ, "ଧନ ଅର୍ଜିଲେ ଧର୍ମ କର, ଧର୍ମେ ପ୍ରାପତ ନରହର ।" ଆମ୍ଭ ଦେଶରେ ଧନ ଓ ଧର୍ମର ଏହାହିଁ ଆଦର୍ଶ । ଧନାର୍ଜନ କର ମାତ୍ର ସେ ଧନର ସଦ୍‌ବ୍ୟୟ ଧର୍ମକାର୍ଯ୍ୟରେ ହେବା ଆବଶ୍ୟକ ।

ଯେଉଁ ଦେଶର ଲୋକମାନେ ଆପଣା ବ୍ୟବହାର୍ଯ୍ୟ ପଦାର୍ଥ ଲାଗି ପରମୁଖାପେକ୍ଷୀ ନ ହୁଅନ୍ତି ଏବଂ ଆପଣା ଦେଶଜାତ ପଦାର୍ଥ ଦ୍ୱାରା ଆପଣା କାର୍ଯ୍ୟ ଚଳାନ୍ତି, ସେହି ଦେଶକୁ ସମୃଦ୍ଧିଶାଳୀ ଦେଶ କୁହାଯାଏ । ଯେଉଁ ଦେଶ ଆପଣା ଦେଶଜାତ ପଦାର୍ଥ ଅନ୍ୟ ଦେଶକୁ ପଠାଇ ଧନ ଆଣିପାରେ, ସେ ଦେଶକୁ ପ୍ରକୃତରେ ଧନୀ ବୋଲି କୁହାଯାଏ ।

ଦେଶର ସର୍ବପ୍ରକାର ଆୟର ପରିମାଣ ଦେଖିଲେ ଦେଶର ଆର୍ଥିକ ଅବସ୍ଥାର କଳନା କରି ଯାଇପାରେ । ପ୍ରାଚୀନ ଉତ୍କଳ ଦେଶ ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ରାଜା ସମସ୍ତ ପ୍ରଜାଙ୍କଠାରୁ କର ଗ୍ରହଣ କରି ପୁନଶ୍ଚ ପ୍ରଜାମାନଙ୍କ ହିତ-କାର୍ଯ୍ୟରେ ସେହି ଅର୍ଥ ବ୍ୟୟ କରୁଥିଲେ । ଏହାହିଁ ପ୍ରାଚୀନ ହିନ୍ଦୁରାଜାମାନଙ୍କର ଆଦର୍ଶ ଥିଲା । ରଘୁ ମହାରାଜାଙ୍କ ଶାସନପ୍ରଣାଳୀ ବର୍ଣ୍ଣନା କଲାବେଳେ ମହାକବି କାଳିଦାସ କହିଛନ୍ତି—ସୂର୍ଯ୍ୟ ଯେପରି ସକଳ ରସ ଟାଣିନେଇ ପୁନଶ୍ଚ ସେହି ରସକୁ ମେଘ ରୂପରେ ବାରି ବର୍ଷଣ କରନ୍ତି, ରଘୁ ମହାରାଜା ସେହିପରି ପ୍ରଜାମାନଙ୍କଠାରୁ କର ଗ୍ରହଣ କରି ପ୍ରଜାମାନଙ୍କ ହିତକାର୍ଯ୍ୟରେ ସେହି ଅର୍ଥ ବ୍ୟୟ କରୁଥିଲେ । ଏହାହିଁ ଶାସନର ପ୍ରଧାନ ନୀତି ଥିଲା ।

ଜଳବାୟୁର ତାରତମ୍ୟାନୁସାରେ ଦେଶର ଲୋକମାନଙ୍କର ଖାଦ୍ୟ, ପେୟ, ପରିଧେୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥମାନଙ୍କର ତାରତମ୍ୟ ହୋଇଥାଏ । ଯେଉଁ ଦେଶର ଆବଶ୍ୟକତା ଯେତେ ବେଶି ସେ ଦେଶର ଲୋକମାନେ ନୂତନ ନୂତନ ଅର୍ଥାଗମ ପନ୍ଥା ଆବିଷ୍କାର କରି ଅର୍ଥୋପାର୍ଜନ କରିବାରେ ବ୍ରତୀ ହୁଅନ୍ତି ଏବଂ ଆପଣା ଦେଶ ସେମାନଙ୍କ ବାସନା ଚରିତାର୍ଥ କରିବାକୁ ଅକ୍ଷମ ହେଲେ ସେମାନେ

ଅନ୍ୟ ଦେଶ ଉପରେ ଆକ୍ରମଣ କରି ଛଳେ ବଳେ କୌଶଳେ ଅର୍ଥ ସଂଗ୍ରହ କରି ଆପଣା ଦେଶର ଅଭାବ ଦୂର କରିବାର ଚେଷ୍ଟା କରନ୍ତି । ଏହି ନୈସର୍ଗିକ ନିୟମର ବଶବର୍ତ୍ତୀ ହୋଇ ସଂସାରର ପ୍ରତ୍ୟେକ ଜାତିର ଲୋକେ କାଳାତିପାତ କରୁଛନ୍ତି । ଏହି ଅଭାବ ମୋଚନାର୍ଥେ ପ୍ରବଳ ଦୁର୍ବଳ ଉପରେ ଅତ୍ୟାଚାର କରେ । ସୁତରାଂ କଥା ଆଛି "ଜୋର ଯାହାର ମୁଲକ ତାର" ।

ଉତ୍କଳ ଦେଶ ସାଧାରଣତଃ ଗ୍ରୀଷ୍ମପ୍ରଧାନ ଦେଶ । ଏ ଦେଶରେ ଶୀତ ପ୍ରଭୃତି ଋତୁର ସମତା ଦେଖାଯାଏ । ସୁତରାଂ ଏ ଦେଶରେ ପୋଷାକ ପରିଚ୍ଛଦ ଆବଶ୍ୟକ ସେତେ ନାହିଁ । ସର୍ବଦା ଦେହକୁ ଆବୃତ କରି ରଖିବାର ଆବଶ୍ୟକ ନାହିଁ । ସୁତରାଂ ଖଣ୍ଡେ ଧୋତି, ଖଣ୍ଡେ ଘୋଡ଼ଣୀ ଏବଂ ଖଣ୍ଡେ ଗାମୁଛା ହେଲେ କାର୍ଯ୍ୟ ଶେଷ । ଆଉ ଯାହା ଯେ ପରିଧାନ କରିବ ତାହା ଅଧିକ କଥା, ଆବଶ୍ୟକ ହେତୁ ନୁହେଁ । ଶୀତରକ୍ଷାପାଇଁ ବଡ଼ ବେଶି ହେଲେ ଖଣ୍ଡେ ମାଠ । ପ୍ରାଚୀନ କାଳରେ ଦେଶରେ କପା ହେଉଥିଲା, ସୂତା ହେଉଥିଲା, ଲୁଗା ବୁଣା ହେଉଥିଲା । ସୁତରାଂ ପରିଧାନ ଲାଗି ଉତ୍କଳ ଅନ୍ୟ ଦେଶକୁ ଚାହିଁ ବସି ନଥିଲା । ପରିଧାନ ସମ୍ବନ୍ଧେ ପ୍ରତ୍ୟେକ ବ୍ୟକ୍ତିର ବ୍ୟୟ ଶୀତପ୍ରଧାନଦେଶୀୟ ଲୋକର ବ୍ୟୟଠାରୁ ଅନେକାଂଶରେ ଊଣା ।

ପ୍ରାଚୀନ ଉତ୍କଳର ଲୋକମାନେ ବଡ଼ ସରଳଭାବରେ ଜୀବନ ଯାତ୍ରା ନିର୍ବାହ କରୁଥିଲେ । ଆପଣା ଖାଇବା ପିନ୍ଧିବା ଇତ୍ୟାଦିରେ ବିଳାସିତା ନଥିଲା । ବାସଭବନ ନିର୍ମାଣ କରିବାରେ କୌଣସି ଆଡ଼ମ୍ବର ନଥିଲା । ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ମଧ୍ୟରେ ବିଳାସିତା ସ୍ଥାନ ପାଉ ନଥିଲା । ଯାହା ନ ହେଲେ ନ ଚଳେ ତାହାଦ୍ୱାରା ଜୀବନଯାତ୍ରା ନିର୍ବାହିତ ହେଉଥିଲା । ସ୍ୱଦେଶଜାତ ପଦାର୍ଥଦ୍ୱାରା ଆପଣା କାରବାର ବେଶ୍ ଚଳୁଥିଲା । ଏହା ବୋଲି ଯେ ଲୋକେ ଧନୀ ନ ଥିଲେ ଏହା କୁହାଯାଇ ନପାରେ । ଉଦ୍‌ବୃତ୍ତ ଧନ ଆପଣା ସୁଖ ସ୍ୱଚ୍ଛନ୍ଦତା ଓ ବିଳାସ ବାସନା ଚରିତାର୍ଥ କରିବାରେ ବ୍ୟୟିତ ନ କରି ଧର୍ମକାର୍ଯ୍ୟରେ ବ୍ୟୟିତ କରୁଥିଲେ ।

ଧର୍ମକାର୍ଯ୍ୟରେ ଲୋକ ମନ ବଳାଏ କେତେବେଳେ ? ଉଦରଜ୍ୱାଳା ଶାନ୍ତ ହେଲେ ଏବଂ ସାଂସାରିକ ଚିନ୍ତାରେ ବ୍ୟତିବ୍ୟସ୍ତ ନଥିଲେ ଲୋକ ଉଚ୍ଚଚିନ୍ତା କରିବାକୁ ମନ ବଳାଏ । ଯେଉଁ ଜାତି ବା ବ୍ୟକ୍ତିର ଆର୍ଥିକ ଅଭାବ ଏତେ ବେଶି ଯେ ସେ ତାହାର ଅଭାବ ପୂରଣ କରିବା ଲାଗି ନାନାପ୍ରକାର ପାଶବିକ ଉପାୟ ଅବଲମ୍ବନ କରିବାକୁ ବାଧ୍ୟ ହୁଏ, ସେତେବେଳେ ଧର୍ମଭାବ ତା ମନରେ ସ୍ଥାନ ପାଇବ କିପରି ?

ପୃଥିବୀର ଯାବତୀୟ ଜାତିର ଇତିହାସ ଆଲୋଚନା କଲେ ଏହି ସତ୍ୟ ପ୍ରମାଣିତ ହୁଏ ।

ରାଜଭଣ୍ଡାରର ସଚ୍ଛଳ ଅବସ୍ଥା ଦେଖିଲେ ରାଜ୍ୟର ସଚ୍ଛଳ ଅବସ୍ଥା ଅଛି ବୋଲି ବୁଝିବାକୁ ହେବ । ପ୍ରଜାମାନଙ୍କ ଧନ ନାନାପ୍ରକାର ବାଟରେ ଯାଇ ରାଜ-ଭଣ୍ଡାରରେ ଏକତ୍ରିତ ହୁଏ । ବର୍ଷାଜଳ ଯେପରି ନାନା ନଦୀ, ପୁଷ୍କରଣୀ, କୂପ, ବାପି ପ୍ରଭୃତି ଜଳାଶୟମାନଙ୍କରେ ସ୍ଥାନ ପାଇ ଶେଷରେ ଆପଣା ଆପଣା ବାଟଦେଇ ସମୁଦ୍ରରେ ଏକତ୍ରିତ ହୁଏ ଏବଂ ସେଠାରୁ ଯାଇ ପୁଣି ନାନା ସ୍ଥାନକୁ ଯାଏ, ରାଜ-ଭଣ୍ଡାର ଓ ପ୍ରଜାଧନ ମଧ୍ୟରେ ଠିକ୍ ଏହି ସମ୍ପର୍କ । ସୁତରାଂ ଦେଶର ଆର୍ଥିକ ଅବସ୍ଥା ଆଲୋଚନା କରିବାକୁ ହେଲେ ଆମ୍ଭମାନଙ୍କୁ ରାଜଭଣ୍ଡାରର ଅବସ୍ଥା ଆଲୋଚନା କରିବାକୁ ହେବ ।

ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥା ବିଷୟ ଆଲୋଚନା କରିବାକୁ ହେଲେ ଆମ୍ଭମାନଙ୍କୁ ଉପରୋକ୍ତ ବିଷୟମାନଙ୍କ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । 'ରାଜାନୁଗତ ଧର୍ମ'' ବୋଲି କଥା ଅଛି । ଅର୍ଥାତ୍ ରାଜା ସମାଜର କର୍ଣ୍ଣଧାର । ରାଜା ଯେତେ-ବେଳେ ଯେଉଁ ନୀତି ଅବଲମ୍ବନ କରନ୍ତି ପ୍ରଜାମାନେ ମଧ୍ୟ ସେହିନୀତି ଅନୁସାରେ ପରିଚାଳିତ ହୁଅନ୍ତି । ରାଜା ଯଦି ଧର୍ମକାର୍ଯ୍ୟରେ ମନ ବଳାନ୍ତି ପ୍ରଜାମାନେ ମଧ୍ୟ ସେହି ପ୍ରବୃତ୍ତି ଅନୁକରଣ କରିଥାନ୍ତି ଏବଂ ରାଜନୀତି ସ୍ରୋତ ଦେଶରେ ପ୍ରବାହିତ ହୋଇ ପ୍ରଜାବୃନ୍ଦଙ୍କୁ ସେହି ସ୍ରୋତରେ ଭସାଇନିଏ । ଏହା ନୈସର୍ଗିକ ନିୟମ ।

ପ୍ରାଚୀନ ଉତ୍କଳର ସକଳ ବିଭବ ଲୋପ ହୋଇଅଛି ସତ, ମାତ୍ର ଯେଉଁ ଦେଉଳ, ପ୍ରାସାଦ, ପୁଷ୍କରିଣୀ ପ୍ରଭୃତି ଅଦ୍ୟାବଧି ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ ଅଛି, ସେଗୁଡ଼ିକ ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥା ଓ ଧର୍ମୋନ୍ନତି ଉଭୟର ଏକା-ଧାରରେ ପରିଚାୟକ ଓ ପରିମାପକ । ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥା ଉତ୍ତମ ନ ଥିଲେ ଏତେ ବ୍ୟୟ କରି ଅସଂଖ୍ୟ ଧର୍ମାନୁଷ୍ଠାନମାନ ସ୍ଥାପିତ ହୋଇ ନ ଥାନ୍ତା ।

ପ୍ରାଚୀନ ଉତ୍କଳୀୟ ରାଜାମାନେ ଆପଣା ବାହୁବଳ ଦ୍ୱାରା ଅନେକ ରାଜ୍ୟ ଜୟ କରିଥିଲେ । ଗଙ୍ଗାଠାରୁ ରାମେଶ୍ୱର ପର୍ଯ୍ୟନ୍ତ ଆପଣା ଅଧିକାରଭୁକ୍ତ କରି ବହୁତ ଧନ ଉପାର୍ଜନ କରିଥିଲେ । ମାତ୍ର ଧନ ଆଣି ଆପଣା ବିଳାସବାସନା ଚରିତାର୍ଥ କରିବାରେ ବ୍ୟୟ କରି ନ ଥିଲେ । ଧର୍ମାନୁଷ୍ଠାନମାନ ସ୍ଥାପିତ କରି ଲୋକମାନଙ୍କ ଧର୍ମଚର୍ଚ୍ଚା ବୃଦ୍ଧି କରାଇବା ଏବଂ ନାନାପ୍ରକାର ଅଭାବ ଦୂର କରିବା କାର୍ଯ୍ୟରେ ସେ ଧନ ବ୍ୟୟିତ ହୋଇଥିବାର ସ୍ପଷ୍ଟ ପ୍ରମାଣ ମିଳେ ।

କେହି କେହି କହନ୍ତି, ପ୍ରାଚୀନ ଉତ୍କଳ ଯଦି ସମୃଦ୍ଧିଶାଳୀ ଦେଶ ଥିଲା ତେବେ ଲୋକମାନେ କୋଠାଘର କରି ନଥିଲେ କାହିଁକି ? ଏ କଥାଟି ନିତାନ୍ତ ଅମୂଳକ ଯୁକ୍ତି । ଯେଉଁ ଦେଶର ଲୋକେ ଶତ ଶତ, ସହସ୍ର ସହସ୍ର, ଲକ୍ଷ ଲକ୍ଷ, କୋଟୀ କୋଟୀ ଟଙ୍କା ଖର୍ଚ୍ଚ କରି ଦେଉଳ ପ୍ରଭୃତି ଚିରସ୍ଥାୟୀ କାର୍ଯ୍ୟ କରି ପାରି-ଥିଲେ ସେମାନେ ଇଚ୍ଛା କରିଥିଲେ ଆପଣା ଘର ପକ୍କା କରି ପାରି ଥାନ୍ତେ, ଏ କଥା ସହଜରେ ଜଣାଯାଏ । ଆମ୍ଭେ ଯେତେଦୂର ଅନୁମାନ କରୁଁ ଏବଂ ଏହାହିଁ ଯୁକ୍ତିଯୁକ୍ତ ଯେ ପଥର ଘରର ଯୋଗ୍ୟ କେବଳ ଦେବତା ବୋଲି ଲୋକମାନଙ୍କର ଧ୍ରୁବ ବିଶ୍ୱାସ ଥିଲା । ଦେବତାଙ୍କ ନିମ୍ନରେ ସ୍ଥାନ ରାଜାଙ୍କର । ସୁତରାଂ ରାଜା-ମାନଙ୍କର ବାସଗୃହ ମଧ୍ୟ ପଥର ଘର ଥିଲା । ଅନ୍ୟାନ୍ୟ ସାଧାରଣ ଲୋକ ଆପଣା ଇଷ୍ଟଦେବତାଙ୍କ ପାଇଁ ଗୋଟିଏ ଦେଉଳ ତୋଳାଇ, ଚୂନ ଲଗାଇଦେଇ ପାରୁଥିଲେ ଆପଣାକୁ ଧନ୍ୟ ମନେ କରୁଥିଲା ! ଗ୍ରୀଷ୍ମପ୍ରଧାନ ଦେଶରେ କୋଠାଘରର ଆବଶ୍ୟକ ନାହିଁ । ଅଗ୍ନିଭୟ ବ୍ୟତୀତ ଚାଳଘରର ଅନ୍ୟ କିଛି ଅସୁବିଧା ନାହିଁ । ଏ ସମ୍ବନ୍ଧେ ମଧ୍ୟ ଲୋକଙ୍କର ବିଶ୍ୱାସ ଥିଲା ଯେ ପାପ ଧନ ଘରେ ରହିଲେ ତାକୁ ଅଗ୍ନି ଖାଇ-ଯାନ୍ତି । ଏ ସମସ୍ତ ଅବସ୍ଥା ପ୍ରତି ଦୃଷ୍ଟି ଦେଲେ ଆମ୍ଭ ଅନୁମାନଟି ଠିକ୍ ବୋଲି ବୋଧ ହୁଏ ନାହିଁ କି ?

ବ୍ୟୟରୁ ଆୟର ଅନୁମାନ କରାଯାଇ ପାରେ । ମାତ୍ର ଆୟ ସମ୍ବନ୍ଧରେ ଯାହା ପ୍ରମାଣ ମିଳୁଛି ତହିଁର ଆଲୋଚନା ପ୍ରଥମେ କରିବା ଆବଶ୍ୟକ । ରାଜ୍ୟର ସୀମା ବୃଦ୍ଧି ହେଲେ ଆୟବୃଦ୍ଧି ହେବା ସ୍ୱାଭାବିକ । ମାଦଳାପାଞ୍ଜିରୁ ଜଣାଯାଏ ଯେ ଗଙ୍ଗବଂଶ ରାଜାମାନଙ୍କ ରାଜତ୍ୱ ପୂର୍ବେ ଓଡ଼ିଶାର ଆୟ ଥିଲା ୧୫୦୦୦୦୦ ମାଢ଼ ସୁବର୍ଣ୍ଣ । ତେତେବେଳେ ଉତ୍କଳର ସୀମା ଥିଲା ଉତ୍ତର-ଦକ୍ଷିଣରେ ୧୮୫ ମାଇଲ ଓ ପୂର୍ବ-ପଶ୍ଚିମରେ ୬୦ ମାଇଲ । କାଂସବାଂସ ନଦୀଠାରୁ ଋଷିକୁଲ୍ୟା ନଦୀଯାଏଁ ଉତ୍ତର-ଦକ୍ଷିଣ ସୀମା ଏବଂ ସମୁଦ୍ରଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ପୂର୍ବ-ପଶ୍ଚିମ ସୀମା ଥିଲା । ମାଦଳାପାଞ୍ଜି ଅନୁସାରେ ପୂର୍ବଦିଗ ଅର୍କକ୍ଷେତ୍ରଠାରୁ ପଶ୍ଚିମ-ଦିଗ ଖିମନଗର ଦଣ୍ଡପାଟ ପର୍ଯ୍ୟନ୍ତ ଏବଂ ଉତ୍ତର ଦିଗରେ ଦକ୍ଷିଣ ମହୋଦଧି ତୀର-ଠାରୁ କାଂସବାଂସ ପର୍ଯ୍ୟନ୍ତ ଓ କାଂସବାଂସଠାରୁ ଋଷିକୁଲ୍ୟା ପର୍ଯ୍ୟନ୍ତ । ଏଥିପୂର୍ବ ସମୟର ଆୟ ସମ୍ବନ୍ଧରେ ମାଦଳାପାଞ୍ଜିରୁ ଅନ୍ୟ କିଛି ସମ୍ବାଦ ଜଣାଯାଉ ନାହିଁ । ସୁତରାଂ ୧୧୦୩ ଶକାବ୍ଦ ବା ୧୧୮୧ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ଦ୍ୱାଦଶ ଶତାବ୍ଦୀରେ ଉତ୍କଳର ଆୟ ବର୍ଷକୁ ୧୫ଲକ୍ଷ ମାଢ଼ ସୁବର୍ଣ୍ଣ ଥିବାର ପ୍ରଥମ ପରିଚୟ ମିଳେ । ହଣ୍ଟର ସାହେବଙ୍କ ହିସାବରେ ଏହାର ମୂଲ୍ୟ ୪୦୬୨୬୦ ପାଉଣ୍ଡ । ୧ ମୋହର ବର୍ଣ୍ଣକର ଚାରି ଭାଗରୁ ଏକ ଭାଗ । ୧ ବର୍ଣ୍ଣ=ଏକ ତୋଳା । ୧ ତୋଳାକ ୧

ଟଙ୍କା । ସୁତରାଂ ୧୫୦୦୦୦୦ ମୋହର=୩୭୫୦୦୦ ତୋଲା ବା ୩୭୫୦୦୦ ଟଙ୍କା ।

ବର୍ତ୍ତମାନ ଦେଖାଯାଏ ଯେ ୨ ମାଢ଼ରେ ୧ ଭରି ବା ୧ ମୋହର । ସୁତରାଂ ୧୫ ଲକ୍ଷ ମାଢ଼=୭୫୦୦୦୦ ଭରି । ମୋହରକର ମୂଲ୍ୟ ୨୦ ଟଙ୍କା ହେଲେ ୭୫୦୦୦୦ ଭରିର ମୂଲ୍ୟ ୧୫୦୦୦୦୦୦ ଟଙ୍କା ହେବ ।

ଗଙ୍ଗବଂଶୀୟ ରାଜାମାନଙ୍କ ଅମଳରେ ଓଡ଼ିଶାର ସୀମା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଆୟ ମଧ୍ୟ ବୃଦ୍ଧି ହୋଇଥିଲା । ଅନଙ୍ଗଭୀମଦେବ ଉତ୍ତର ଦିଗରେ କାଂସବାଂସଠାରୁ ଦନାଇକୁଣ୍ଡ ନଦୀ ପର୍ଯ୍ୟନ୍ତ ଏବଂ ଦକ୍ଷିଣ ଦିଗରେ ଋଷିକୁଲ୍ୟାଠାରୁ ରାଜମହେନ୍ଦ୍ରୀ ଦଣ୍ଡପାଟ ପର୍ଯ୍ୟନ୍ତ ରାଜ୍ୟ ପୂର୍ବରାଜ୍ୟ ସହିତ ଯୋଗ କଲେ । ଏହି ବୃଦ୍ଧି ରାଜ୍ୟର ଅଧିକ ଆୟ ୨୫୦୦୦୦୦ ମାଢ଼ ସୁନା=ଉପରୋକ୍ତ ହିସାବ ଅନୁସାରେ ୨ କୋଟି ଟଙ୍କା । ସୁତରାଂ ମୋଟ ଆୟ ୩୫ ଲକ୍ଷ ମାଢ଼ ସୁନା=୩ କୋଟି ୫୦ ଲକ୍ଷ ଟଙ୍କା । ଏ ତ ଗଲା ଭୂରାଜସ୍ୱ । ଅନ୍ୟାନ୍ୟ ବାଜେ ଆୟ ମିଶି ମୋଟ ବାର୍ଷିକ ଆୟ ୪୭୮୦୦୦ ମାଢ଼ ସୁନା=୪୭୮୦୦୦୦ ଟଙ୍କା । ଗଙ୍ଗବଂଶ ରାଜତ୍ୱ ସମୟରେ ନଳ ମାପ ହୋଇଥିଲା । ମୋଟ ଜମିର ପରିମାଣ ୬୨୨୮୦୦ ବାଟି । ଏଥିରୁ ଭଣ୍ଡୁଆ, ଭଣ୍ଡୁଆ, ନଦୀ, ପର୍ବତ ପ୍ରଭୃତି ୧୪୮୦୦୦୦ ବାଟି ଯାଇ ଅବଶିଷ୍ଟ ୪୭୪୮୦୦୦ ବାଟିରୁ ରାଜସ୍ୱ ଆଦାୟ ହେଉଥିଲା । ମେଦିନୀପୁର ଅଞ୍ଚଳ ଓ ତମଲୁକ ଏ ସମୟରେ ଓଡ଼ିଶାର ଅନ୍ତର୍ଗତ ଥିଲା । ଦ୍ୱାଦଶ ଶତାବ୍ଦୀ ଶେଷକୁ ଓଡ଼ିଶାର ବାର୍ଷିକ ଆୟ ପୂର୍ବୋକ୍ତ ମତେ ଥିଲା । ପ୍ରତାପରୁଦ୍ରଦେବ ଓ କପିଳେନ୍ଦ୍ରଦେବଙ୍କ ଅମଳରେ ଓଡ଼ିଶାର ସୀମା ସେତୁବନ୍ଧ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା ବିଷୟ ମାଦଳାପାଞ୍ଜିରୁ ପ୍ରମାଣିତ ହୁଏ । ସୁତରାଂ ଏମାନଙ୍କ ଅମଳରେ ଆୟ ଆହୁରି ବୃଦ୍ଧି ହୋଇଥିବ । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶା ସମୃଦ୍ଧିଶାଳୀ ପ୍ରଦେଶ ଥିବାର ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ।

| | | |
|---|---|---|
| ୧୫୯୪ | ଖ୍ରୀଷ୍ଟାବ୍ଦ | ଟ ୩୧୪୩୩୧୬୲ |
| ୧୬୪୮ | ,, | ଟ ୫୦୦୦୦୦୦୲ |
| ୧୬୫୪ | ,, | ଟ ୫୭୩୯୫୦୦୲ |
| ୧୬୬୫ | ,, | ଟ ୭୨୭୦୦୦୦୲ |
| ୧୬୯୦ | ;, | ଟ ୩୫୭୦୪୦୦୲ |
| ୧୬୯୬ | ,, | ଟ ୧୦୧୦୨୬୨୫୲ |
| ୧୬୯୬ | ,, | ଟ ୪୩୨୧୦୨୪୲ |

| | | |
|---|---|---|
| ୧୬୯୬-୧୭୦୭ | ,, | ଟ ୫୭୦୭୫୯ |
| ୧୭୦୭ | ,, | ଟ ୩୫୭୦୫୦୦୯ |

ହଣ୍ଟର ସାହେବଙ୍କ ମତାନୁସାରେ ୧୬ ଶତାବ୍ଦୀରେ ଓଡ଼ିଶାର ଆୟ ୪୩୫୦୦୦ ପାଉଣ୍ଡ, ଆକବରଙ୍କ ସମୟରେ ୪୩୫୩୧୯ ପାଉଣ୍ଡ ଏବଂ ୧୭ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ ବା ୪୯୬୧୪୯୭ ସିକା ଟଙ୍କା ବା ୫୩୭୪୯୫୫ ଟଙ୍କା ଥିଲା । ୧୮ଶ ଶତାବ୍ଦୀର ଆୟ ୫୭୦୭୫୦ ପାଉଣ୍ଡ ଏବଂ ବ୍ରିଟିଶ ରାଜତ୍ୱରେ ୫୪୦୦୦୦ ପାଉଣ୍ଡ । ହଣ୍ଟର ସାହେବ କହନ୍ତି, ଦେଶର ଆୟ ଯାହା, ବ୍ୟୟ ଯାଇ ଅତି ଅଳ୍ପ ବଳେ ।

ମୋଗଲମାନଙ୍କ ପୂର୍ବେ କି ହାରରେ କର ଧାର୍ଯ୍ୟ ହେଉଥିଲା ଦେଖାଯାଉ । ଯଯାତିକେଶରୀଙ୍କ ଅମଳରେ ଅର୍ଥାତ୍ ୭୨୭—୭୩୮ ସାଲରେ ଭୂମି ବାଟିକୁ କର ୫ କାହାଣ ଥିଲା । ବରାହକେଶରୀଙ୍କ ଅମଳ ଅର୍ଥାତ୍ ୧୦୫୩—୧୦୬୮ ମଧ୍ୟରେ ଭୂମି ମାଣକୁ କର ଏକ କାହାଣ । ସୁଜନକେଶରୀଙ୍କ ଅମଳରେ ଭୂମି ବାଟିକୁ ୫ କାହାଣ ।

ଏହାପରେ ଆମ୍ଭେମାନେ ରାଜା ଟୋଡରମଲଙ୍କ ବନ୍ଦୋବସ୍ତ ଦେଖିବାକୁ ପାଉଁ । ତାଙ୍କ ବନ୍ଦୋବସ୍ତର ନାମ ତକସିମ୍ ଜମା ଓ ଟଙ୍କାରକ୍ମ । ସେ ୧୨ ବର୍ଷ ପଦ୍ଧତିରେ ଜଲେଶ୍ୱର, ଭଦ୍ରଖ ଓ କଟକ ସରକାରମାନଙ୍କର ଜମିମାନ କରାଇବ କରାଇଥିଲେ । ପରେ ସେ ସବୁ ସଂଶୋଧନ ହେଲା । ତାହା କେବଳ ନଜର ଅନ୍ଦାଜ-ଦ୍ୱାରା କରାଗଲା । ପ୍ରଜାମାନେ କି ହାରରେ ରାଜସ୍ୱ ଦେବାର ସ୍ଥିର ହୋଇଥିଲା ତାହା ସ୍ପଷ୍ଟରୂପେ ଜଣାଯାଉ ନାହିଁ ।

ମାତ୍ର ଆବୁଲ୍ ଫଜଲ୍ ସମସ୍ତ ହିନ୍ଦୁସ୍ଥାନ ବିଷୟ ଲେଖିବାବେଳେ କହନ୍ତି ଯେ ଦଶ ବର୍ଷର ଅସୁଲର ଗୋଟିଏ ହାରାହାରି ସ୍ଥିର କରାଯାଇଥିଲା । ପ୍ରାଚୀନ ଜମା କାଏମ ରହିଥିଲା କି ବୃଦ୍ଧି ଜମା ହେଲା, ତାହା ସ୍ପଷ୍ଟରୂପେ ଜଣାଯାଉ ନାହିଁ । ମାତ୍ର ସାଧାରଣତଃ ଜଣାଯାଏ ଯେ ମୋଗଲମାନଙ୍କ ବନ୍ଦୋବସ୍ତ ଜମାଠାରୁ ବୋଧହୁଏ ହିନ୍ଦୁ ରାଜାମାନଙ୍କ ଜମା ବେଶି ଥିଲା । ମାତ୍ର ଓଡ଼ିଶା ରାଜାମାନେ ବାଜେ ବାବତରେ ପ୍ରଜାମାନଙ୍କଠାରୁ ଯାହା ଆଦାୟ କରୁଥିଲେ ତାକୁ ହିସାବରେ ନେଲେ ମୋଗଲମାନଙ୍କ ଜମା ସହିତ ସମାନ କିମ୍ବା ଅଳ୍ପ ତାରତମ୍ୟ ହୋଇପାରେ ।

ଆବୁଲ୍ ଫଜଲ୍ଙ୍କ ଇତିହାସରୁ ଜଣାଯାଏ ଯେ ସମସ୍ତ ସୁବାର ବନ୍ଦୋବସ୍ତ ଜମା ୧୬୦୬୩୩୨୩୭ ଡାମ ବା ଟ ୪୦୧୮୩୩୦ ଥିଲା ଏବଂ ଭଦ୍ରଖ ଓ କଟକ

ସରକାରର ଜମା (ସୁବର୍ଣ୍ଣରେଖାଠାରୁ ଚିଲିକା) ୨୭୫୩୦୧୫ ଟଙ୍କା ଥିଲା । ପାର୍ବତ୍ୟ ପ୍ରଦେଶର ରାଜାମାନଙ୍କ ଜମା ଏଥି ସହିତ ନଥିଲା ।

ଗ୍ରାଣ୍ଟ ସାହେବଙ୍କ ମତାନୁସାରେ ୧୬୨୭-୫୮ ସାଲ ମଧ୍ୟରେ ଅର୍ଥାତ୍ ଶାହାଯାହାନଙ୍କ ରାଜତ୍ୱ ବେଳେ ଓଡ଼ିଶା ଗୋଟିଏ ପୃଥକ୍ ସୁବା ହୋଇଥିଲା ଏବଂ ୩ ସରକାରରେ ବିଭକ୍ତ ହୋଇ ୧୨ ମାହାଲ ଥିଲା ।

| | | | |
|---|---|---|---|
| ୧ । କଟକ | ୧୦୦ ମାହାଲ | | ଟ ୩୩୮୧୦୨୩୯ |
| ୨ । ବରୁହାଁ | ୯ | ,, | |
| ୩ । ଯାଜପୁର | ୫ | ,, | |
| ୪ । ବାଦଶାହନଗର | ୧୬ | ,, | |
| ୫ । ଭଦ୍ରଖ | ୧୯ | ,, | |
| ୬ । ସୋର | ୧୫ | ,, | |
| ୭ । ରେମୁଣା | ୨୦ | ,, | ଟ ୧୫୮୦୪୭୪୯ |
| ୮ । ବସ୍ତା | ୧୦ | ,, | |
| ୯ । ଜଲେଶ୍ୱର | ୨୨ | ,, | |
| ୧୦ । ମାଲଝେଟିଆ | ୨୧ | ,, | |
| ୧୧ । ଗୋଆଲପଡ଼ା | ୨୮ | ,, | |
| ୧୨ । ମଜକୁରୀ | ୧୧ | ,, | |
| | ୨୭୬ | | ସର୍ବମୋଟ ଟ ୪୯୬୧୪୯୮୯ |

ଏଥିରେ ଓଡ଼ିଶା ରାଜାଙ୍କ ଦଖଲରେ ଥିବା ଏବଂ ଅନ୍ୟାନ୍ୟ ଗଡ଼ଜାତମାନ ଭୁକ୍ତ ଅଛି । ଏ ସମସ୍ତର ରାଜସ୍ୱ ଟ ୮୭୩୫୧୮ ଏବଂ ଏଥି ମଧ୍ୟରୁ ଓଡ଼ିଶା ଗଜପତିଙ୍କ ଅଧୀନସ୍ଥ ଗଡ଼ଜାତର ରାଜସ୍ୱ ଟ ୬୧୫୬୧୬୯ । ଏହି ଶେଷୋକ୍ତ ଜମା ଉପରୋକ୍ତ ଆଠ ମାହାଲର ଜମାରୁ ବାଦ ଦେଲେ ଅବଶିଷ୍ଟ ଆଇନି ଆକବରୀ ଲିଖିତ ଜମା ସହିତ ପ୍ରାୟ ସମାନ ।

ଗଡ଼ଜାତମାନଙ୍କରେ ୩୨ ମାହାଲ, ଯଥା—

| | |
|---|---|
| ୧ । ଖୋର୍ଦ୍ଧା କଲ୍ଲର ୧୧ ମାହାଲ | ଟ ୬୧୫୬୧୬୯ |
| ୨ । ଆଲର ମହେନ୍ଦ୍ର ରାଜା | ଟ ୨୬୧୨୧୧ |
| ୩ । ସାରଙ୍ଗଗଡର ରାମଚନ୍ଦ୍ର | ଟ ୩୬୯୭୮୯ |
| ୪ । ବାମୁଣହାଟୀର ସର୍ବେଶ୍ୱର ଭଞ୍ଜ | ଟ ୮୦୮୭୫୯ |

ଦୀର୍ଘ ହା ୬।୧୮ ଓ ପ୍ରସ୍ଥ ହା ୧୯।୯ । ଏ ଧୂମ୍ରବନ୍ଧ । ଏଥିରେ ହୋମକାର୍ଯ୍ୟ ହୁଏ ।

ଦୀର୍ଘ ହା ୫।୧୫ ଆଙ୍ଗୁଳ ଓ ପ୍ରସ୍ଥ ହା ୧୬।୬ । ଏ ଧ୍ୱଜବନ୍ଧ ।

ଦୀର୍ଘ ୨୭ ହାତ ଓ ପ୍ରସ୍ଥ ୯ ହାତ ଏ ସିଂହବନ୍ଧ । ଏହା ଶ୍ରୀଘର । ଆୟୁ ୨୪ ବର୍ଷ ନଚେତ୍ ୪୮ ବର୍ଷ ଏ ଘର ଅଗ୍ନିଯୋଗେ ନଷ୍ଟ ହୁଏ ।

ଦୀର୍ଘ ୩୧ ହାତ ଓ ପ୍ରସ୍ଥ ୫ ହାତ । ଏ ସିଂହବନ୍ଧ । ଆୟୁ ୪୦ ବର୍ଷ । ବଜ୍ରପାତରେ ନାଶ ହୁଏ ।

ଦୀର୍ଘ ହା ୨।୨୨। ପ୍ରସ୍ଥ ହା ୪।୪। ଶ୍ୱାନବନ୍ଧ । ଏ ଘର କୁଃଣୀଶାଳା । ଆୟୁ ୪୦ ବର୍ଷ । ଚଡ଼କ ପଡ଼ି ନାଶ ହୁଏ ।

ଦୀର୍ଘ ହା ୯୮ ଓ ପ୍ରସ୍ଥ ୬ ହାତ । ଏ ଶ୍ୱାନବନ୍ଧ । ଆୟୁ ୨୪ ବର୍ଷ । ପବନାଘାତରେ ଭାଜିଯାଏ ।

ଦୀର୍ଘ ହା ୩।୩୫ ଓ ପ୍ରସ୍ଥ ହା ୭।୭ ଏ ବୃଷବନ୍ଧ । ଗୋଶାଳା । ଆୟୁ ୪୦ ବର୍ଷ । ବଜ୍ରପାତରେ ନାଶ ହୁଏ ।

ଦୀର୍ଘ ହା୨।୨୫ ଓ ପ୍ରସ୍ଥ ହା୫।୫। ଏ ବୃଷବନ୍ଧ । ଭଣ୍ଡାର ଘର । ଆୟୁ ୪୮ ବର୍ଷ ଅଗ୍ନିଯୋଗେ ନାଶ ହୁଏ ।

ଦୀର୍ଘ ହା ୧୭, ପ୍ରସ୍ଥ ହା ୭ । ଏ ଗଜବନ୍ଧ । ଆୟୁ ୨୧ ବର୍ଷ । ପୃଥିବୀ ଯୋଗେ ନାଶ ହୁଏ ରନ୍ଧନଶାଳା ଓ ଭଣ୍ଡାର ।

ଦୀର୍ଘ ହା ୧୫ ପ୍ରସ୍ଥ ହା ୯ । ଏ ଗଜବନ୍ଧ । ଏଥିରେ ଭଣ୍ଡାର ହେବ । ଆୟୁ ୧୫ ବର୍ଷ । ଅନ୍ତପର ରହୁ ବର୍ଷା ଜଳ ଯୋଗେ ନାଶ ହେବ ।

ଦୀର୍ଘ ହା ୧୬।୬, ପ୍ରସ୍ଥ ହା ୫।୧୫ । ଏ ଧ୍ୱଜବନ୍ଧ । ଶସ୍ତ୍ରଘର । ସ୍ୱନାୟୁ ।
ସିଂହବନ୍ଧ, ବୃଷବନ୍ଧ, ଗଜବନ୍ଧ ଏ ତିନି ବନ୍ଧରେ ସମସ୍ତ କାର୍ଯ୍ୟ ଶୁଭ ହୁଏ ।

## ଗୁଜର ମାପ ।

୩ ଶେଣିଆ ଘର—ଓସାରର ୩ ଭାଗରୁ ଏକଭାଗ ଗୁଜର ଉଚ୍ଚତା ।

୫ ,, ଓସାରର ୭ ,,

| | | | |
|---|---|---|---|
| ୭ | ,, | ଓସାରର ୯ | ,, |
| ୯ | ,, | ଓସାରର ୧୨ | ,, |
| ୧୧ | ,, | ଓସାରର ୧୫ | ,, |
| ୧୩ | ,, | ଓସାରର ୧୮ | ,, |
| ୧୫ | ,, | ଓସାରର ୨୧ | ,, |
| ୧୭ | ,, | ଓସାରର ୨୪ | ,, |
| ୧୯ | ,, | ଓସାରର ୨୭ | ,, |
| ୨୧ | ,, | ଓସାରର ୩୦ | ,, |

ବଡଦେଉଳ—ହା ୧୨୦।୮।/ । ଏଥିପରେ ନୀଳଚକ୍ର ଦୀର୍ଘ ପ୍ରସ୍ଥ ସମାନ ୨ହାତ ୨୫ ଆଙ୍ଗୁଳ । ନେତ ହା ୧୨୦।୭ ଆଙ୍ଗୁଳ । ନେତ ଦକ୍ଷିଣ ପାର୍ଶ୍ୱରେ ହନୁମନ୍ତ ୩୩କୋଟି ଦେବତା ଘେନି ବସିଛନ୍ତି । ଏଥିରେ ମୁଦାପାଟ ଲାଗିଲା ୧୦୦ ଖର୍ବ ୩ଲକ୍ଷ ୬ ହଜାର ୯ ଶତ ୫୭ ଖଣ୍ଡ । ଭୋଗମଣ୍ଡପ କଳାବାହାଟ, ଜଗମୋହନ ସମସ୍ତ ନେଇ ଖମ୍ବ ୬୮ ।

ମୁକ୍ତିମଣ୍ଡପ · ମୁକ୍ତିମଣ୍ଡପ ଚକଡାରେ ମୁଗୁନିପାଟ ଲାଗିଛି ୫୦୦୮୦ ଖଣ୍ଡ, ଖମ୍ବ ୧୨ ।

ରତ୍ନସିଂହାସନ—ଲମ୍ବ ହା ୨୫।୧୭ ଆଙ୍ଗୁଳ, ପ୍ରସ୍ଥ ହା ୧୮।୨୫ ଆଙ୍ଗୁଳ । ବଡଠାକୁରଙ୍କ ଭାଗ ହା ୯।, ଜଗନ୍ନାଥଙ୍କ ଭାଗ ହା ୯।୭ ଓ ସୁଭଦ୍ରାଙ୍କ ଭାଗ ହା ୫।୪, ଉଚ୍ଚ ତଳ ବଇଠି ହା ୨। ଆଙ୍ଗୁଳ ।

ଗରୁଡ଼—ରତ୍ନସିଂହାସନଠାରୁ ଗରୁଡ ହା ୧୦୮।୭ ଆଙ୍ଗୁଳ ଦୂରରେ ଖମ୍ବ ଉପରେ ଅଛନ୍ତି । ଖମ୍ବ ଉଚ୍ଚ ହା ୩୪ ପ୍ରସ୍ଥ ହା ୩।୭, ମୋଟ ୩ ହାତ, ଅଗ୍ରଭାଗ ମୋଟ ହା ୪। ୧୨, କରପତ୍ର ଯୋଡ଼ି ବସିଛନ୍ତି ।

ମହାଦେବଙ୍କଠାରୁ ବୃଷଭ ୧୮ ଧନୁ ଦୂରରେ ଅଛନ୍ତି । ଉଚ୍ଚ ହା ୨।୧୧ ।

ଚଉକୀ ମଣ୍ଡପ ପୀଠ—ଗର୍ଭ ହା ୭।୧୨, ଦୁଇ ଆଡଭାଗ ୫ ହାତ· ମୋଟରେ ହା ୧୨। ୨· ଉତ୍ସର୍ଗ ହା ୧୦।୧୨ । ଇଟା ଗୋଟାକ ଦୀର୍ଘ ୧୮ ଆଙ୍ଗୁଳ ଭିତରେ ମାଟି ପୂରଣ ହେବ ।

ଦୀର୍ଘ ୧୨×ପ୍ରସ୍ଥ୧୨ = ଆଙ୍ଗୁଳ କର ଗୁଣ = ୨୮୮×୨୮୮ = ୮୨୯୪୪, ଏଥିରୁ ଭିତର ମାଟି ଫେଡ଼ିବାକୁ ହେବ ।

ପୀଠର ଦୀର୍ଘ ୧୨ ହାତ ହେଲେ ଇଟାବାଉ ହେବ ହା ୧।୧୨ ଲେଖାଏଁ। ଦୁଇ ପାଖରେ ୩ ହାତ ଗଲେ ଅବଶିଷ୍ଟ ଦୀର୍ଘ ୯ ହାତ, ପ୍ରସ୍ଥ ୯ ହାତ= ଆଙ୍ଗୁଳି ୨୧ ×୨୧୬ = ୪୬୬୫୬ । ୮୨୯୪୪—୪୬୬୫୬ = ୩୬୨୮୮ ପୀଠର ଉଚ୍ଚ ହା ୨।୧୨ = ୬୦ ଆଙ୍ଗୁଳ।

୩୬୨୮୮×୬୦ = ୨୧୭୭୨୮୦ ÷ ଇଟା ଗୋଟାକୁ ୧୮ ଆଙ୍ଗୁଳ×୧୨ ଆଙ୍ଗୁଳ×୪ ଆଙ୍ଗୁଳ = ୧୫୧୨୦ ଖଣ୍ଡ ଇଟାଲାଗିବ।

କୂଅ ଘଟଣା - ଦୀର୍ଘ ୪ ହାତ, ଗଭୀର ୨୦ ହାତ, ନନ୍ଦ ବହଳ ୩ ଆଙ୍ଗୁଳ, ଉଚ୍ଚ ୬ ଆଙ୍ଗୁଳ। କେତେ ପଟ ନନ୍ଦ ଲାଗିବ?

$$\frac{୨୦×୨୦}{୨} = \frac{୪୮୦\ ଆଙ୍ଗୁଳ\ ଗଭୀର}{୬\ ଉଚ୍ଚ} = ୮୦\ ପଟ\ କୂଅ\ ନନ୍ଦ\ ଲାଗିବ।$$

ମାଟିଲେଖା ସଂଖ୍ୟା—ଦୀର୍ଘ ୧ କାହାଣ ୪ ପଦକା, ଗର୍ଭ ପଦକାଏ, ଏପରି ହେଲା ଚଉକାଏ। ୪ ଚଉକ = ୧ବୁଡ଼ା = ଦୀର୍ଘ ୧ କାଠି, ଗଭୀର ୧ କାଠି ୬୪ ବୁଡ଼ା = ୧ ଓଆଣ = ଦୀର୍ଘ ୪ କାଠି ଓ ପ୍ରସ୍ଥ ୪ କାଠି। ମାଟି ୪ କଟି ୪ ପଦକା ୧୬ ବିଶ୍ୱା ୬୪ କାଣୀ। ଚୌକା = ୧୬ ପଦକା ୬୪୫୩୬ ବିଶ୍ୱା ୨୨୧୮୪ ଆଙ୍ଗୁଳ। ବୁଡ଼ା = ୬୪ ପଦକା ୪୦୯୦ ବିଶ୍ୱା ୨୬୨୧୪୪ କାଣୀ = ୧୬ ହାତ ୯୨୧୨ ଆଙ୍ଗୁଳ।

ଶୁଭଖମ୍ବ—ଐଶାନ୍ୟ କୋଣରେ ଖମ୍ବ ପୋତାଇବ। ଖମ୍ବଗାତ ବାହୁଦଣ୍ଡରେ ୨୪ ଆଙ୍ଗୁଳ। ଖାତ ପୂଜା କରିବ। ଖମ୍ବ ମଧ୍ୟରେ ହସ୍ତ ଦେବ। ଶିରରେ ଦ୍ୱାଦଶ ପୁଷ୍ପ ଦେବ। ଚନ୍ଦନ କୁଙ୍କୁମ ଦ୍ୱାରା ଖମ୍ବ ସ୍ନାନ କରାଇବ। ଗୃହସ୍ଥ ସ୍ନାନ କରିବ। ବସ୍ତ୍ର ପିନ୍ଧି ସ୍ତୁତି କରିବ ' ମୂଳେ ମହାଲକ୍ଷ୍ମୀ, ମଧ୍ୟେ ପାର୍ବତୀ, ଅଗ୍ରେ ସରସ୍ୱତୀ ନମ୍ୟମେବ ଚ'' କହି ଗୃହସ୍ଥ ଖମ୍ବରେ ହସ୍ତ ଦେବ। ତିନି ସ୍ଥାନରେ ଗନ୍ଧ ପୁଷ୍ପ ଧୂପ ଦୀପ ଅର୍ଘ୍ୟ ନୈବେଦ୍ୟ ଦେବ ଦୂବ ତଣ୍ଡୁଳ ଦେଇ ଖମ୍ବକୁ ସନ୍ତୋଷ କରାଇବ। ତିନିଥର ପ୍ରଦକ୍ଷିଣ କରି ନମସ୍କାର କରିବ। ଖମ୍ବକୁ ପ୍ରସନ୍ନ କରାଇବ, ''ଧନ ପୁତ୍ର କଳତ୍ର ଦିଅ'' ବୋଲି ବର ପ୍ରାର୍ଥନା କରିବ। ଖମ୍ବକୁ କୋଳ କରି ଆତ୍ମସମର୍ପଣ କରିବ। 'ସ୍ଥିରୋଭବ' ମନ୍ତ୍ର ପଢ଼ି ଖମ୍ବକୁ ଗାତରେ ପକାଇବ। ଶୁକ୍ଳଧାନ୍ୟ, ସୁବର୍ଣ୍ଣ, ଗୁଳୁଚଲଟି, ପାଷାଣ, ଇଟା, ଗୁଆ ଗାତରେ ପକାଇବ। ଗୃହସ୍ଥ ୩ ଅଞ୍ଜୁଳା ମୃତ୍ତିକା 'ସ୍ଥିରୋଭବ' ବୋଲି ଗାତରେ ପକାଇବ। ନାଗ କୋଳରେ ଖମ୍ବ ବସାଇବ, ପରେ ଅର୍ଘ୍ୟ ଦେବ।

ଅଡ଼ାବନ୍ଧ ୫ ହାତକୁ ଗୁଜ ହା ୧ । ୧୬ ଓ ୬ ହାତକୁ ଗୁଜି ହା ୧ । ୯ ଏବଂ ୯ ହାତ ଅଡାକୁ ଗୁଜ ହା ୧ । ୧୨ ଇତ୍ୟାଦ ।

ଠାକୁର ନର୍ମାଣ—ଶ୍ରୀକୃଷ୍ଣ ମୂର୍ତ୍ତି ନର୍ମାଣ କଲେ ଉଚ୍ଚ ହେବ ୮ କମ୍ବା ୪ କମ୍ବା ୯ ବା ୧୧ ଅଥବା ୧୩ ଆଙ୍ଗୁଳ । ୬, ୭, ୧୨ କମ୍ବା ୩ ଆଙ୍ଗୁଳ କରବ ନାହିଁ । ଏପର କଲେ ସେ ଠାକୁର ଯେଉଁଠାରେ ରହବେ ସେଠାରେ କଳହ ହୁଏ, ରାଜ୍ୟର ରାଣୀ ନାଶଯାଏ, ଗୃହସ୍ଥର ପୁତ୍ରଶୋକ ହୁଏ ବାନପ୍ରସ୍ଥ ଯୋଗ ଘଟେ ।

ଶ୍ରୀକୃଷ୍ଣ ୮ ଭାଗ ଶ୍ରୀରାଧୀକା ୬୲ ଭାଗ । ଶ୍ରୀକୃଷ୍ଣ ଆଠ ଅଙ୍ଗୁଳଠାରୁ ୧୦୮ ଆଙ୍ଗୁଳ ଯାଏଁ ଯେତେ ଉଚ୍ଚ ହେବେ ଶ୍ରୀରାଧା ତାଙ୍କଠାରୁ ୨୲/ ଆଙ୍ଗୁଳ ଊଣା ହେବେ ।

କୁନ୍ଦ—ଲମ୍ବ ହା ୧ । ୧୪ ଅଙ୍ଗୁଳ, ନହାଣ ୧୪ ଆଙ୍ଗୁଳ, ମୁଗୁର ୧୯ ଆଙ୍ଗୁଳ ୧୯ ପାଆ, ମୁଣ୍ଡ ୪ ଭାଗ ୧ ଆଙ୍ଗୁଳ, ମୁଠା ଆ ୫୲ । ବାରସି ଆ ୨୭୲, ବାହାର ଲମ୍ବ ଅଗଦାତ ୩ ଭାଗ, ମୁଣ୍ଡ କେଣ୍ଟ ୩ ଭାଗ, ପ୍ରସ୍ଥ ଆ ୪୲, ବାରସି ୧୪ ଅଙ୍ଗୁଳ କୁରଚି ଲମ୍ବ ୨୫ ଆଙ୍ଗୁଳ, ଦୀର୍ଘଦାଢ଼ ଆ ୯୲, ମୋଟ ଆ ୯୲ । ବେଣ୍ଟ ହା ୧ । ୧୬ ଆଙ୍ଗୁଳ । ଏ ଶସ୍ତ୍ରଧର କାର୍ଯ୍ୟାରମ୍ଭ କଲାବେଳେ ବଡାଇମାନେ ମନ୍ତ୍ର ପାଠ କରିବେ ନଚେତ୍ ନରକଗାମୀ ହେବେ । ପଦ୍ମପୁରାଣରେ ଏଥିର ବଶେଷ ବବରଣ ଅଛି ।

ତୁଳସୀଚଉରା ଭାଗ - ଦୀର୍ଘ ହା ୪।/, ଉଚ୍ଚ ହା ୪।/ , ପ୍ରଥମ ପାହାଚ ହାତ ୧।୧, ଦ୍ୱିତୀୟ ପାହାଚ ହା ୨।୨ ଓ ତୃତୀୟ ପାହାଚ ୨୦ ଆଙ୍ଗୁଳ ।

ସ୍ନାନ ମଣ୍ଡପ—ଦୀର୍ଘ ଉଚ୍ଚ ୭ କାଠି, ପ୍ରସ୍ଥ ୭ କାଠି, ଉଜାଣି ୩ କାଠି, ପାହାଚ ୧୩ । ଏଠାରେ ୧୭୯୨ ଖଣ୍ଡ ପଥର ଲାଗିବ ।

ଦୋଳ ମଣ୍ଡପ—ଦୀର୍ଘ ଉଚ୍ଚ ୮ କାଠି, ପ୍ରସ୍ଥ ଓସାର ୬ କାଠି ମଧ୍ୟରେ ଦୋଳମଣ୍ଡପ ଦୁଇଖମ୍ବ ଉପର ମୁଣ୍ଡ ଉଚ୍ଚ ୯ କାଠି । ପଥର ଲାଗିବ ୪୦୩୨୧୨ ଖଣ୍ଡ ।

ପାଲଙ୍କି ଭାଗ—ଦୀର୍ଘ ହା ୩।୯୮, ପ୍ରସ୍ଥ ହା ୨।୧୨୮, ଚୌପାହ ସୁରଖଣ୍ଡ ଦୁଇପାଖ ହା ୩।୧୨ । ଏଥି ଉପରେ କାଠି ଦୁଇପାଖ ହା ୧୨୲, ଖୁରା ଉଚ୍ଚ ଆ ୮, ମୁଦଆ ୪, ଉଜାଣି ସିଂହାସନ ଦୀର୍ଘ ହା ୧।୧୨ ଓ ପ୍ରସ୍ଥ ୮ ଆଙ୍ଗୁଳ ।

ମାର୍ଗଶିର, ବୈଶାଖ ଓ ଫାଲ୍‌ଗୁନ ଏ ତିନିମାସରୁ ମାସେ । ୨ୟା, ୧୩ଶୀ ୫ମୀ, ୩ୟା ଏ ତିଥିମାନ, ସ୍ୱାତି, ମୂଳା, ଧନିଷ୍ଠା, ରୋହଣୀ, ଅନୁରାଧା, ଅଶ୍ୱିନୀ, ରେବତୀ, ଅଶ୍ଳେଷା ନକ୍ଷତ୍ର, ତାରାଚନ୍ଦ୍ର ଶୁଦ୍ଧି ଦେଖି ପାଲଙ୍କ ନିର୍ମାଣ କରାଯିବ ।

ଗଜ ପ୍ରମାଣ—ଋଣପାଆ = ୧ ଆଙ୍ଗୁଳି, ୪ ଆଙ୍ଗୁଳି = ୧ ଚଉକ, ୧୨ ଆଙ୍ଗୁଳି = ଏକ ଗୃଣ୍ଟ, ୨୪ ଆଙ୍ଗୁଳି = ଏକ ହାତ, ୩୨ ଆଙ୍ଗୁଳି = ଏକ ଜୋଡ଼ହାତ, ୭୧ ଆଙ୍ଗୁଳି = ଏକ ଗଜ ।

# ଶିଳ୍ପ

ପଣ୍ଡିତ ମାକ୍ସମୁଲର କହିଛନ୍ତି, ଯେଉଁ ଲୋକମାନେ ସେମାନଙ୍କ ପୁରାତନ ଇତିହାସ ଓ ସାହିତ୍ୟ ବିଷୟରେ ବେଶ୍ ଅନୁଭବ ନ କରନ୍ତି ସେମାନେ ଆପଣା ଜାତୀୟ ଜୀବନର ମୂଳଦୁଆ ହରାଇ ବସନ୍ତି । ଯେଉଁ ଜାତି ଯେତେବେଳେ ରାଜନୈତିକ ଅବନତିର ଚରମ ସୀମାରେ ପହଞ୍ଚେ ତେତେବେଳେ ତାର ପୁରାତନ ସାହିତ୍ୟ ଆଡ଼କୁ ଚାହେଁ ଏବଂ ପୁରାତତ୍ତ୍ୱ ଆଲୋଚନା କରି ଭବିଷ୍ୟତ୍ ଲାଗି ବନ୍ଧ ବାନ୍ଧେ ।

ଉତ୍କଳ ଆଜି ସର୍ବସ୍ୱ ହରାଇ ବସିଛି । ଧନ ମାନ ଜ୍ଞାନ ଗୌରବ ଶିଳ୍ପ ବାଣିଜ୍ୟ ସମସ୍ତ ମ୍ରିୟମାଣ ହୋଇଛି । ଉତ୍କଳ ବର୍ତ୍ତମାନ ଘୋର ଅଜ୍ଞାନ-ତମିସ୍ରାନ୍ଧକାର କବଳିତ ହୋଇ ପଡ଼ିଛି । ଉତ୍କଳର ପୂର୍ବ ତେଜପୁଞ୍ଜ ନାହିଁ କି ପୂର୍ବ ଗୌରବ ନାହିଁ । ଉତ୍କଳର ଏହି ମ୍ଳାନକ୍ଷୀଣ ଅବସ୍ଥା ଦେଖିଲେ ମନରେ ନାନା ଦାରୁଣ ଯନ୍ତ୍ରଣା ଉପସ୍ଥିତ ହୁଏ । ଆଜି ଉତ୍କଳ ଅନ୍ୟାନ୍ୟ ଜାତିମାନଙ୍କର ବିଦ୍ରୂପର ପାତ୍ର । ଆଜି ଉତ୍କଳର ଏହି ମ୍ରିୟମାଣ ଅବସ୍ଥା ଦେଖି ଅନ୍ୟାନ୍ୟ ଜାତିମାନେ ଉତ୍କଳର ପୁରାତନ ଗୌରବର ଧ୍ୱଂସାବଶେଷ କୀର୍ତ୍ତି ଗୁଡ଼ିକକୁ ଉତ୍କଳର ବୋଲି କହିବାକୁ ଅନିଚ୍ଛୁକ ।

ଶିଳ୍ପ ଜାତୀୟ ଜୀବନ ଏବଂ ଜାତୀୟ ଭାବର ସୂଚପତ୍ର ସ୍ୱରୂପ । ଯେଉଁ ଜାତିର ଜାତୀୟ ଭାବ ଯେତେ ଉନ୍ନତ, ସେ ଜାତିର ଶିଳ୍ପ ତେତେ ଉନ୍ନତ । ଜାତି ଯେଉଁ କାର୍ଯ୍ୟ ଶିଳ୍ପ-ନୈପୁଣ୍ୟ ସହିତ କରେ ତହିଁରେ ତାହାର ଭାବଗୁଡ଼ିକ ପ୍ରତିଫଳିତ ହୁଏ । ଏହି ଆଦର୍ଶ ନେଇ ଦେଖିଲେ ଓଡ଼ିଶା ଶିଳ୍ପର ଅତ୍ୟୁନ୍ନତ ଅବସ୍ଥା ଓ ପତନାବସ୍ଥା ସହିଜରେ ଜଣାପଡ଼ିବ ।

ଓଡ଼ିଶାର ଆନ୍ୟାନ୍ୟ ଶିଳ୍ପ ମଧ୍ୟରେ ପାଷାଣ ଖୋଦିତ ଶିଳ୍ପ ସର୍ବୋତ୍କୃଷ୍ଟ । ଓଡ଼ିଶାରେ ବର୍ତ୍ତମାନ ଯେଉଁ ଦେବମନ୍ଦିରଗୁଡ଼ିକ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ିଛି ସେଗୁଡ଼ିକ ପ୍ରାଚୀନ ଶିଳ୍ପୋନ୍ନତିର ମୂକସାକ୍ଷୀ ସ୍ୱରୂପ । ଭୁବନେଶ୍ୱରରେ ଥିବା କେତେଗୋଟି ଦେଉଳ ଏବଂ କୋଣାର୍କ ଦେଉଳରେ

ଓଡ଼ିଆମାନେ ସେମାନଙ୍କ ଶିଳ୍ପନୈପୁଣ୍ୟର ପରାକାଷ୍ଠା ଦେଖାଇ ଯାଇଛନ୍ତି । କିନ୍ତୁ ଅନେକ ବୈଦେଶିକ ଲେଖକ ଏଗୁଡ଼ିକୁ ଓଡ଼ିଆଙ୍କଦ୍ୱାରା ହୋଇଛି ବୋଲି କହିବାକୁ କୁଣ୍ଠିତ । କେହି କହନ୍ତି, ଏ ଦେଉଳଗୁଡ଼ିକ ଗ୍ରୀକ୍ ଶିଳ୍ପୀମାନଙ୍କ ଦ୍ୱାରା ହୋଇଥିଲା; କେହି କହନ୍ତି, ବଙ୍ଗାଳୀମାନେ କରିଥିଲେ ଇତ୍ୟାଦି । ସମ୍ପ୍ରତି ଜଣେ ବଙ୍ଗୀୟ ଲେଖକ ଶ୍ରୀଯୁକ୍ତ ମନମୋହନ ଗାଙ୍ଗୁଲି ହାଓଡ଼ାର ଜିଲ୍ଲା ଇଞ୍ଜିନିଅର "ଓଡ଼ିଶା ଏବଂ ତାର ଧ୍ୱଂସାବଶେଷ" ନାମକ ଖଣ୍ଡିଏ ପୁସ୍ତକ ଲେଖି ୧୯୧୨ ମସିହାରେ ପ୍ରକାଶ କରିଛନ୍ତି । ସେ ମହାଶୟ ଜଣେ ପ୍ରକୃତ ପ୍ରତ୍ନତତ୍ତ୍ୱବିତ୍ । ସେ ସ୍ୱଦେଶପ୍ରେମ-ସ୍ରୋତରେ ଭାସି ସତ୍ୟର ଅପଲାପ କରି ନାହାନ୍ତି । ସେ ମହାଶୟ ସ୍ଥିର ସିଦ୍ଧାନ୍ତ କରିଛନ୍ତି ଯେ ଓଡ଼ିଶାର ଶିଳ୍ପ ସ୍ୱତନ୍ତ୍ର ଧରଣର, ଅନ୍ୟ କୌଣସି ଦେଶର ଧରଣ ଓଡ଼ିଶା ଶିଳ୍ପ କାର୍ଯ୍ୟରେ ପ୍ରତିଫଳିତ ହୋଇ ନାହିଁ । ଉପରୋକ୍ତ ଦେବାଳୟ ମାନଙ୍କରେ ଯେ ସମସ୍ତ ଶିଳ୍ପଚାତୁରୀ ଦେଖାଯାଏ ସେ ସମସ୍ତ ଓଡ଼ିଆ ହାତର । ଏହି ସିଦ୍ଧାନ୍ତ ଲାଗି ଆମ୍ଭେ ତାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛୁଁ ।

ଉତ୍କଳରେ କେତେଗୁଡ଼ିଏ ଗୁମ୍ଫା ଦେଖାଯାଏ, ଯଥା—ଖଣ୍ଡଗିରି, ଉଦୟଗିରି, ଧଉଳି । ଏ ସ୍ଥାନମାନଙ୍କରେ ଅନେକଗୁଡ଼ିଏ ଛୋଟ ବଡ ଗୁମ୍ଫା ଦେଖାଯାଏ । ଗୁମ୍ଫାମାନଙ୍କ ମଧ୍ୟରୁ କେହି ଏକତଲ ବା କେହି ଦ୍ୱିତଲ । ଏ ସମସ୍ତ ଜୈନ ଓ ବୌଦ୍ଧ ଯୁଗରେ ପ୍ରସ୍ତୁତ ହୋଇଥିବାର ସମ୍ଭବ । ଭାରତରେ ବୌଦ୍ଧ ଓ ଜୈନମାନେ ବିଶେଷ ପ୍ରଭାବଶାଳୀ ଥିଲେ ଏବଂ ଏମାନେ ଉତ୍କଳକୁ ଆସିଥିଲେ ।

(୧) ବୌଦ୍ଧ ଓ ଜୈନଯୁଗ—୫ ଖ. ପି. ଠାରୁ ୫ କି ୬ ଏ. ଡ଼ି. ପର୍ଯ୍ୟନ୍ତ ।
(୨) ଶୈବଯୁଗ—୫ କି ୬ ଏ. ଡ଼ି ଠାରୁ ୧୨ ଏ. ଡ଼ି ପର୍ଯ୍ୟନ୍ତ ।
(୩) ବୈଷ୍ଣବଯୁଗ—୧୨ ଏ. ଡ଼ି. ଠାରୁ ଆଜିପର୍ଯ୍ୟନ୍ତ ।

ଏହି ଗୁମ୍ଫାମାନ ଜୈନ ଓ ବୌଦ୍ଧ ଯୁଗରେ ଖୋଦିତ ହୋଇଥିବାର ଅନୁମିତ ହୁଏ । କେହି କେହି କହନ୍ତି, କାଷ୍ଠ ଆଦର୍ଶ ଦେଖି ଏହି ଗୁମ୍ଫାମାନ ପ୍ରସ୍ତୁତ ହୋଇଛି । ଇଭର୍ଓ ଲେଟଲୁଜୁ ଏଙ୍କ ମତରେ ଫରାସୀ ଶିଳ୍ପ ଧରଣରେ ଏ ଗୁମ୍ଫାଗୁଡ଼ିକ ନିର୍ମିତ । ମାତ୍ର ଏ ଧାରଣା ଅମୂଳକ ।

ଉଦୟଗିରି ଗୁମ୍ଫାମାନ ସର୍ବୋତ୍କୃଷ୍ଟ ଏବଂ ଭାରତର ପୁରାତନ ଗୁମ୍ଫା । ରାଣୀଗୁମ୍ଫା ଦ୍ୱିତଳ । ଏଥିରେ ସୈନ୍ୟମୂର୍ତ୍ତିମାନ ଖୋଦିତ ହୋଇଛି ଏବଂ ବୌଦ୍ଧ

ଚିହ୍ନମାନ ମଧ୍ୟ ଦେଖାଯାଏ । ଗଣେଶ ଗୁମ୍ଫା ଦ୍ୱିତଳ । ଏଥିରେ ତ୍ରିଶୂଳ ଓ ମକର ଚିହ୍ନ ଅଛି । ସୁତରାଂ ଏଗୁଡ଼ିକ ବୌଦ୍ଧ ଗୁମ୍ଫା । ଜୟବିଜୟ ଗୁମ୍ଫାଟି ଦ୍ୱିତଳ ଏବଂ ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ନିର୍ମିତ ବୋଲି ଅନୁମିତ ହୁଏ । ସ୍ୱର୍ଗପୁରୀ ଗୁମ୍ଫା ଦ୍ୱିତଳ । ବାଘ ଗୁମ୍ଫା, ସର୍ପ ଗୁମ୍ଫା, ହାତୀ ଗୁମ୍ଫାମାନ କ୍ଷୁଦ୍ର । ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଓ ପିନ୍‌ସେପଙ୍କ ମତରେ କଳିଙ୍ଗରାଜା ଐର ଏ ଗୁମ୍ଫାଗୁଡ଼ିକ ନିର୍ମାଣ କରାଇଥିଲେ । ଡାକ୍ତର ଭଗବାନ ଲାଲ ଇନ୍ଦ୍ରଜିଙ୍କ ମତରେ ଏଗୁଡ଼ିକ ଜୈନକୀର୍ତ୍ତି ।

ଖଣ୍ଡଗିରିରେ ତିନିଗୋଟି ଗୁମ୍ଫା ଅଛି । ସାତ ଘର ବା ୭ ବଖରା, ୨ନବମୁନି, ୩ ଅନନ୍ତ । ପ୍ରଥମ ଦୁଇଟି ଜୈନ ମନ୍ଦିର ଏବଂ ଦ୍ୱିତୀୟଟି ବୌଦ୍ଧ ମନ୍ଦିର ।

ଏଥିରେ ଯେଉଁ ମୂର୍ତ୍ତିମାନ ଖୋଦିତ ହୋଇଛି ତାହା ନିମ୍ନରେ ଦିଆଗଲା ।

୧ । ଋଷଭଦେବ—ଷଣ୍ଢ—ଦୁଇପାଖରେ ଦୁଇଜଣ ଲୋକ ହସ୍ତରେ ବାଦ୍ୟଯନ୍ତ୍ର ଧରିଛନ୍ତି ଏବଂ ଅନ୍ୟ ଏକଜଣ ଚାମର ବ୍ୟଜନ କରୁଛି । ଦୁଇଜଣ ସାଷ୍ଟାଙ୍ଗରେ ଶୋଇଛନ୍ତି, ତଳକୁ ନାଗୁଣୀ ହାତ ଯୋଡ଼ି ଉଭାହୋଇଛି । ଜଣେ ଭୋଗ ଧରି ଠିଆ ହୋଇଛି । ସିଂହ, ଶଙ୍ଖ ପ୍ରଭୃତିର ଚିହ୍ନ ମଧ୍ୟ ଦେଖାଯାଏ ।

୨ । ଅଜିତନାଥ—ଚନ୍ଦ୍ର—ଦୁଇଜଣ ଚାମର ବ୍ୟଜନ କରୁଛନ୍ତି ।

୩ । ସମ୍ଭବନାଥ—ଧ୍ୟାନମଗ୍ନ, ପଦ୍ମାସନ, ପରିଷଦବର୍ଗ ବାଦ୍ୟଯନ୍ତ୍ର ଧରି ରହିଛନ୍ତି, ଅଶ୍ୱ, ସିଂହ ।

୪ । ଧ୍ୟାନୀ—ଅଭିନନ୍ଦନ ନାଥ—ଦୁଇପାର୍ଶ୍ୱରେ ଦୁଇଟି ପଦ୍ମ, ମର୍କଟ ବାହନ ।

୫ । ନଂ ୩ ମୂର୍ତ୍ତିପରି, ହଂସବାହାନ, ସୁମତିନାଥ ।

୬ । ନଂ ୩ ମୂର୍ତ୍ତିପରି, ପଦ୍ମବାହାନ, କୁମ୍ଭ, ଜଳପାତ୍ର, ପଦ୍ମ, ପ୍ରଭୃ ।

୭ । ଧ୍ୟାନୀ ସୁପରଶ୍ୱନାଥ, ସ୍ୱସ୍ତିକବାହନ ।

୮ । ଚନ୍ଦ୍ରପ୍ରଭୁ—ଚନ୍ଦ୍ରମୂର୍ତ୍ତି ।

୯ । ନଂ ୮ ମୂର୍ତ୍ତିପରି, ପଦ୍ମ, ମୟୂର ।

୧୦ । ତୀର୍ଥଙ୍କର ମୂର୍ତ୍ତି, ଉପରେ ଶୁକ ।

୧୧ । ୧୦ ପର, ସର୍ପ ଉପରେ ପଦ୍ମବୃନ୍ଦ, ନମିତନାଥ, ୨୧ ତୀର୍ଥଙ୍କର ।

୧୨ । ୧୦ ପର ଅଦୃଶ୍ୟ ।

୧୩ । ୧ ପର ମୁଖଭଙ୍ଗା ।

୧୪ । ୫ ପର ଧ୍ୟାନୀ, କୁମ୍ଭୀର, ସୁବିଧିନାଥ, ୯ ତୀର୍ଥଙ୍କର ।

୧୫ । ଅଦୃଶ୍ୟ ।

୧୬ । ୧୫ ପର ଚାମରଧାରୀ ପାର୍ଶ୍ୱଚର, ମୁଖଭଙ୍ଗା ହରିଣ, ଶାନ୍ତିନାଥ ।

୧୭ । ଧ୍ୟାନୀ କୁନ୍ଥନାଥ, ମେଣ୍ଢା ।

୧୮ । ୧୫ ପର, ମତ୍ସ୍ୟ, ତୀର୍ଥଙ୍କରଙ୍କର ମତ୍ସ୍ୟଚିହ୍ନ ନାହିଁ ସମ୍ଭବତଃ କାଲ୍ପନିକ ।

୧୯ । ଧ୍ୟାନୀ, କୁମ୍ଭ ମଲ୍ଲିନାଥ ୧୭ ।

୨୦ । ୧୫ ପର ଧ୍ୟାନୀ, କାଳ୍ପନିକ ଲତା, ନମିତନାଥ ୨୧ ।

୨୧ । ୧୫ ପର, ଧ୍ୟାନୀ, କଚ୍ଛପ, ମୁନି ସୁବ୍ରତନାଥ ୨୦ ।

୨୨ । ଧ୍ୟାନୀ, ମୟୂର, ପଦ୍ମ, ନମିତ ନାଥ ୨୨ ।

୨୩ । ପଦ୍ମ, ଦୁଇ ପଦ୍ମ, କୁମ୍ଭ, ପାଣି ଆକାଙ୍କ୍ଷଲ ଅବସ୍ଥାରେ, ଗଣ୍ଡା ।

୨୪ । ଦୁଇ ପଦ୍ମ ସଯନ୍ତହସ୍ତ, ସିଂହ, ମହାବୀର ସ୍ୱାମୀ, ଅନନ୍ତ ଗୁମ୍ଫା । ଗୋଟିଏ ବୌଦ୍ଧ ଗୁମ୍ଫା, ଦେବସଭା, କେତେ ଖଣ୍ଡ ପ୍ରସ୍ତର ।

ଏ କେତେ କାଳର କଥା । ସେ କାଳରେ ପଥର ଫୁଟାଇବାର ଯନ୍ତ୍ର ଆବିଷ୍କୃତ ହୋଇ ନ ଥିଲା । ସୁତରାଂ ପଥରକୁ ଖୋଳି ଘର କରିବା, ପୁଣି ତା ଉପରେ ଚିତ୍ର ଖୋଦିତ କରିବା କେଡ଼େ କଠିଣ କାର୍ଯ୍ୟ ସହଜରେ ବୁଝି ଯାଉଛି । ଯେଉଁ ପାହାଡ଼ରେ ଏ ସମସ୍ତ ଖୋଳା ଯାଇଛି ସେ ସମସ୍ତ କନ୍ଦାପଥର । ଗୁମ୍ଫାଗୁଡ଼ିକ ଟିକିଏ ଢାଲୁ ଭାବରେ ଖୋଳା ଯାଇଛି । ଏହିହେତୁ ପାଣି ଗଡ଼ି ଆସିବାର ସୁବିଧା ହୋଇଛି । ଇଞ୍ଜିନିୟର ମହାଶୟ ଏସମସ୍ତ ଗୁମ୍ଫାମାନଙ୍କ ଗ୍ରୀବା, ଦୀର୍ଘ ଓ ପ୍ରସ୍ଥ ମାପ କରି ସ୍ଥିର କରିଛନ୍ତି ଯେ ଗାଣିତିକ ନିୟମ ଠିକ୍ ଅଛି । ଯେଉଁ ନିୟମରେ ଏଗୁଡ଼ିକ ନିର୍ମିତ, ଆଧୁନିକ ଯେ କୌଣସି ଇଞ୍ଜିନିୟର ଏକମତ ହେବେ ।

ହଣ୍ଟର ସାହେବଙ୍କ ମତରେ ଭାରତରେ ଯେତେ ମନୁଷ୍ୟ ବାସସ୍ଥାନ ଆବିଷ୍କୃତ ହୋଇଛି, ତହିଁମଧ୍ୟରେ ଏହି ଗୁମ୍ଫାଗୁଡ଼ିକ ଆଦିମ ମନୁଷ୍ୟବାସୋପଯୋଗୀ

ଗୁହ । ଏହି ଗୁମ୍ଫାମାନ କ୍ରମୋନ୍ନତ ପଥରେ ଅଗ୍ରସର ହୋଇ ବର୍ତ୍ତମାନ ଗୁହା-କାରରେ ପରିଣତ ହୋଇଛି । ଏ ଧାରଣା ସମ୍ପୂର୍ଣ୍ଣ ଅମୂଳକ । ଏ ସମସ୍ତ ଗୁମ୍ଫାମାନଙ୍କରେ ଯେଉଁ ମୂର୍ତ୍ତିମାନ ଖୋଦିତ ହୋଇଛି ସେ ସମସ୍ତକୁ ନିରୀକ୍ଷଣକରି ଦେଖିଲେ ଜଣାଯିବ ଯେ ପୁରାତନ ଶିଳ୍ପିମାନେ ଆକୃତି ଦେଖି ମନୋଗତ ଭାବ ବୁଝି ପାରିବା ବିଦ୍ୟାରେ ସୁପଣ୍ଡିତ ଥିଲେ । ଅନେକ ଜଳଜନ୍ତୁ ସମ୍ବନ୍ଧରେ ସେମାନଙ୍କ ଜ୍ଞାନ ଥିଲା । ହାତୀ ଚିତ୍ରର ବହୁଳତାରୁ ଜଣାଯାଏ ଯେ ତେତେବେଳେ ଓଡ଼ିଶାରେ ବହୁତ ହାତୀ ଥିଲେ । ଓଡ଼ିଶାରେ ଅପ୍ରାପ୍ତ କେତେକ ଜୀବଜନ୍ତୁଙ୍କ ମୂର୍ତ୍ତି ଖୋଦିତ ଅଛି ।

କେଉଁ ସମୟରେ କେଉଁ ଗୁମ୍ଫା ଖୋଦିତ ହୋଇଥିଲା ଏକଥା ସ୍ଥିର କରିବା ସହଜ ନୁହେ । ତେବେ ଯେତେ ଦୂର ଅନୁମାନ ଦ୍ୱାରା ସିଦ୍ଧାନ୍ତ କରାଯାଇଛି, ତାହା ନିମ୍ନରେ ଦିଆଗଲା ।

| | |
|---|---|
| ହାତୀଗୁମ୍ଫା— | ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ପୂର୍ବେ । |
| ଅନନ୍ତ ଗୁମ୍ଫା— | ,, ୧୫୦ ଠାରୁ ୨୦୦ ବର୍ଷ ପୂର୍ବେ । |
| ରାଣୀଗୁମ୍ଫା— | ,, ୨୦୦ ,, ୧୦୦ ,, ,, |
| ଜୟବିଜୟ— | ,, ୨୦୦ ,, ୧୦୦ ,, ,, |
| ଗଣେଶ— | ,, ୧୦୦ ,, ୧ ,, ,, |
| ସ୍ୱର୍ଗଗୁମ୍ଫା— | ,, ୧୦୦ ,, ୧ ,, ,, |
| ଜୈନଗୁମ୍ଫା— | ଖ୍ରୀଷ୍ଟାବ୍ଦ ୫୦ ଠାରୁ ୧୦୦ ବର୍ଷ ମଧ୍ୟରେ । |

ଧଉଳି ପାହାଡ଼— କିମ୍ବଦନ୍ତୀ ଅଛି ଯେ ବୁଦ୍ଧଦେବଙ୍କ ଦନ୍ତ ସିଂହଳ ଦ୍ୱୀପକୁ ନୀତ ହେବା ପୂର୍ବରୁ ଏହିଠାରେ ରକ୍ଷିତ ହୋଇଥିଲା । ଏ ଘଟଣା ଖ୍ରୀଷ୍ଟ ୪୦୦ ବର୍ଷ ମଧ୍ୟରେ ଘଟିଥିଲା ।

ଅଶ୍ୱତ୍ଥମା ପାହାଡ଼ରେ ଅଶୋକଙ୍କ ଏକାଦଶାଜ୍ଞା ଖୋଦିତ ହୋଇଅଛି । ଅଶ୍ୱତ୍ଥମା ପାହାଡ଼ ଧଉଳିକି ଲାଗିଛି । ଅଶୋକ କଳିଙ୍ଗ ରାଜ୍ୟକୁ ଜୟ କରିଥିଲେ ।

୧ । ଜୀବବଧ ନିଷେଧ ।

୨ । ପୀଡ଼ିତ ବ୍ୟକ୍ତିର ଚିକିତ୍ସା ।

୩ । ସତ୍ୟରକ୍ଷା, ପାପର ଦମନ, ପିତାମାତା ଆତ୍ମୀୟମାନଙ୍କ ପ୍ରତି କର୍ତ୍ତବ୍ୟ, ବ୍ରାହ୍ମଣମାନଙ୍କ ପ୍ରତି କର୍ତ୍ତବ୍ୟ ।

୪ । ଅପର ଆଜ୍ଞାର ବିଶଦ ବ୍ୟାଖ୍ୟା ।

୫ । ଧର୍ମ ପ୍ରଚାରକ ନିଯୁକ୍ତ ।

୬ । ଉପଦେଶକ ନିଯୁକ୍ତ ।

୭ । ଅନୁତାପର ଆବଶ୍ୟକତା ।

୮ । ରାଜାଙ୍କ କର୍ତ୍ତବ୍ୟ ।

୯ । ସୁଖର ମୂଲ୍ୟ ।

୧୦ । ମହାନୁଭବତା ।

୧୧ । ଲୋକେ ଏ ସମସ୍ତ ଆଜ୍ଞା ପ୍ରତିପାଳନ କରିବେ ।

କେହି କେହି କହନ୍ତି ଯେ ଓଡ଼ିଶା ଶିଳ୍ପ ଉପରେ ଗ୍ରୀକ୍ ରୋମନ୍ ଶିଳ୍ପର ଆଧିପତ୍ୟ ଅଛି । ରାଣୀଗୁମ୍ଫାରେ ଯେଉଁ ଦ୍ୱାରପାଳ ଅଛି ସେ ଚପକନ ଓ ବୁଟ୍‌ଯୋତା ପିନ୍ଧିଥିବାର ଦେଖି ଇଉରୋପୀୟ ପଣ୍ଡିତମାନେ କହନ୍ତି, ଏଗୁଡ଼ିକ କୌଣସି ବୈଦେଶିକ ହସ୍ତରେ କାରିଗରି । ରାଜେନ୍ଦ୍ରଲାଲ ମିତ୍ର ମହାଶୟ କହନ୍ତି ଯେ ଆମ୍ଭମାନଙ୍କର ବୁଟ୍‌ଯୋତା ଥିଲା । ପିକକ ସାହେବ ମହୋଦୟ କହନ୍ତି, ଭାରତବାସୀ ଗ୍ରୀସ ଦେଶକୁ ଯାଇ ସେଠାରେ ଉପନିବେଶ ସ୍ଥାପନ କରିଥିଲେ । ଗ୍ରୀକ୍ ପଣ୍ଡିତ ପିଥାଗୋରସ୍ ଶାକ୍ୟମୁନିଙ୍କ ନିକଟକୁ ଭାରତକୁ ଆସିଥିଲେ । ଯଦି ଏହାହିଁ ସତ୍ୟ, ତେବେ ଗ୍ରୀକ୍‌ମାନେ ଭାରତବାସୀଙ୍କଠାରୁ ଅନୁକରଣ କଲେ କି ଭାରତବାସୀ ଗ୍ରୀକଙ୍କଠାରୁ ଅନୁକରଣ କଲେ ଏକଥା କିପରି କୁହାଯିବ ?

ଭାରତୀୟ ଶିଳ୍ପ ଓ ଗ୍ରୀକ ଶିଳ୍ପ ମଧ୍ୟରେ ବହୁତ ପ୍ରଭେଦ ଅଛି । ଗ୍ରୀକ୍‌ର ସ୍ତମ୍ଭମାନ ସମଗୋଲାକାର, ମାତ୍ର ଭାରତର ସ୍ତମ୍ଭ ନାନା ପ୍ରକାରର ଅଟେ ।

ବ୍ରହ୍ମକାନ୍ତ—ସମଚତୁରସ୍ର

ଶିବକାନ୍ତ—ପଞ୍ଚକୋଣବିଶିଷ୍ଟ

ସ୍କନ୍ଦକାନ୍ତ—ଷଷ୍ଠକୋଣବିଶିଷ୍ଟ

ବିଷ୍ଣୁକାନ୍ତ—ଅଷ୍ଟକୋଣବିଶିଷ୍ଟ

ରୁଦ୍ରକାନ୍ତ—ଷଷ୍ଠଦଶକୋଣବିଶିଷ୍ଟ

ସ୍ୱର୍ଗର ଅରୁଣସ୍ତମ୍ଭ ଶେଷୋକ୍ତ ପ୍ରକାର ଅଟେ ।

ଗ୍ରୀକମାନଙ୍କ ଗାଣିତିକ ନିୟମ ଭାରତୀୟ ନିୟମଠାରୁ ପୃଥକ୍ । ମାତ୍ର ଫର୍ଗୁସନ ଭିନସେଣ୍ଟ ସ୍ମିଥ୍ ମଧ୍ୟ କହନ୍ତି ଯେ ଗ୍ରୀକ୍‌ମାନେ ଭାରତକୁ ଆସିବା ପରେ

ଭାରତରେ ପଥରକାମ ଆରମ୍ଭ ହେଲା । ଏନ୍‌ସାଇକ୍ଲୋପିଡ଼ିୟା ନାମକ ବିଶ୍ୱକୋଶ ଗ୍ରନ୍ଥରେ ମଧ୍ୟ ଏହିକଥା ଲେଖା ଅଛି । ସାର ଜର୍ଜ ଏଡ ଉଡ୍ ସାହେବ ତାଙ୍କ "ଭାରତୀୟ ଶିଳ୍ପ" ନାମକ ପୁସ୍ତକରେ ଏହିମତ ପ୍ରକାଶ କରିଛନ୍ତି । ସେ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀର ପ୍ରଥମ ଭାଗରେ ଭାରତକୁ ଆସିଥିଲେ । ସେ ଭାରତରେ ଅଳ୍ପକାଳ ଥିଲେ । ସେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଥିଲେ । ଓଡ଼ିଶାକୁ କେବେ ଆସି ନ ଥିଲେ । ଏତେ ଅଳ୍ପକାଳ ମଧ୍ୟରେ ଓଡ଼ିଆମାନେ ଯେ ଶିଳ୍ପକାର୍ଯ୍ୟ ଗ୍ରୀକ୍‌ମାନଙ୍କଠାରୁ ଶିଖିନେଲେ ଏକଥା ନିତାନ୍ତ ଅଯୌକ୍ତିକ ଓ ଅମୂଳକ । ଇଂରେଜମାନେ ୧୮ଶ ଦିନ ଭାରତରେ ତଥା ଓଡ଼ିଶାରେ ଥାଇ ଶିଳ୍ପାଦି କାର୍ଯ୍ୟର କୌଣସି ପରିବର୍ତ୍ତନ ଘଟାଇ ପାରି ନାହାନ୍ତି । ମାତ୍ର ଆଲେକ୍‌ଜାଣ୍ଡର ଓଡ଼ିଶାଠାରୁ ସୁଦୂର ପ୍ରଦେଶରେ ରହି ଯେ ଶିଳ୍ପ ଧରଣ ପରିବର୍ତ୍ତନ କରିଦେଲେ ଏକଥା ଆଦୌ ବିଶ୍ୱାସ କରି ଯାଇ ନପାରେ । ଓଡ଼ିଶାର ଗୁମ୍ଫାଗୁଡ଼ିକ ଆଲେକ୍‌ଜାଣ୍ଡରଙ୍କ ସମ-ସାମୟିକ । ଆଜିକାଲି ଓଡ଼ିଶାରେ ପୁରାତନ କୋଠାଘର ପ୍ରଭୃତି ଦେଖାଯାଉ ନ ଥିବାରୁ ବୈଦେଶିକମାନେ ଏହିପରି ଭ୍ରମ ଧାରଣା କରିଥାନ୍ତି । ଓଡ଼ିଶା ରାଜା-ମାନଙ୍କର କୋଠାଘର ଥିଲା, ମାତ୍ର କାଳକ୍ରମେ ଲୋପ ପାଇଛି । ଭୁବନେଶ୍ୱର ଶିଶୁପାଳ ପ୍ରଭୃତି ସ୍ଥାନରେ ଅନେକ ପୁରାତନ କୋଠାର ଚିହ୍ନ ପରିଲକ୍ଷିତ ହୁଏ । ମାତ୍ର ସେଗୁଡ଼ିକ କାଳର କରାଳ କବଳରେ । ଅଦ୍ୟାବଧି ପରିଖା ପ୍ରାଚୀର ଓ କୋଠାଘର ପ୍ରଭୃତିର ଭଗ୍ନାବଶେଷ ଦେଖାଯାଏ । କ୍ରମେ ଲତାଗୁଳ୍ମ ବିଜଡ଼ିତ ହୋଇ ଅଦୃଶ୍ୟ ହେବାକୁ ବସିଲାଣି । ଆଉ କେତେଦିନ ପରେ ତାର ଅସ୍ତିତ୍ୱ ରହିବ ନାହିଁ । ଏହି ଧ୍ୱଂସାବଶେଷଗୁଡ଼ିକ ପୁରା ଶିଳ୍ପନୈପୁଣ୍ୟର ଚିହ୍ନ ସ୍ୱରୂପ ।

ଡାକ୍ତର ବରଗେସ କହନ୍ତି ଏବଂ ଅନ୍ୟାନ୍ୟ କେତେକ ପାଶ୍ଚାତ୍ୟ ପଣ୍ଡିତମାନେ ସ୍ୱୀକାର କରନ୍ତି ଯେ ଓଡ଼ିଶାବାସୀମାନେ ପୋଲ ପ୍ରଭୃତି କାମ କରି ଜାଣୁଥିଲେ; ଏଗୁଡ଼ିକ ମଧ୍ୟ କଷ୍ଟ କାମ ।

ମାଦଳାପାଞ୍ଜିରୁ ଦେଖାଯାଏ, ଯବନମାନେ ୧୪୬ ବର୍ଷକାଳ ଓଡ଼ିଶାରେ ଶାସନ କରୁଥିଲେ ଏବଂ ଏହି ଯବନମାନେ ଗ୍ରୀକ୍ ଲୋକ । ଯବନ ଅର୍ଥ ତୁର୍କି, ପାର୍ଶି, ଆରବୀ, ସକ, ହୁନ ଓ ମାଗଧ ହୋଇପାରେ । ହରିବଂଶରେ ଲେଖାଅଛି, ରାଜା ସଗର ଯବନମାନେ ବେଦ ପାଠ କରି ପାରିବେ ନାହିଁ ବୋଲି ନିଷେଧ ଆଜ୍ଞା ଜାରି କରିଥିଲେ । ସ୍ମୃତି ବୌଦ୍ଧାୟନ ଗ୍ରନ୍ଥରେ ଯବନ ଅର୍ଥ ମ୍ଳେଚ୍ଛ ବୋଲି ଲେଖାଅଛି । ଅର୍ଥାତ୍ ମ୍ଳେଚ୍ଛ ଓ ଯବନ ଏକାର୍ଥବୋଧକ ଶବ୍ଦ । ମତ୍ସ୍ୟପୁରାଣରେ ଯବନମାନଙ୍କୁ ବର୍ଣ୍ଣନା କରିଛନ୍ତି କୃଷ୍ଣାଞ୍ଜନସମପ୍ରଭ, ମାତ୍ର ଗ୍ରୀକ୍‌ମାନଙ୍କର ବର୍ଣ୍ଣ ସେପରି ନୁହେଁ । ରାମାୟଣରେ ଲେଖାଅଛି, ବଶିଷ୍ଠଙ୍କ ଯବନ ସୈନ୍ୟମାନେ

ଚକଚକିଆ ପୀତ ପରିଧାନ ପିନ୍ଧିଥିଲେ । ମାତ୍ର ଗ୍ରୀକ୍‌ମାନଙ୍କ ପୋଷାକ ଏପରି ନୁହେ । ଏଥିରୁ ଜଣାଯାଏ ଯବନ ଅର୍ଥ ଅନାର୍ଯ୍ୟ । ପରାଶର ସଂହିତାରେ ଲେଖାଅଛି—

ହିମ ପର୍ବତ ବିନ୍ଧ୍ୟାଦ୍ରି ବିନାଶନ ପ୍ରୟାଗୟୋଃ
ମଧ୍ୟେ ତୁ ପାବନେ ଦେଶୋ ମ୍ଳେଚ୍ଛଦେଶ ଇତଃପରମ୍ ।

କାଳୀଦାସ ପାରସ୍ୟବାସୀମାନଙ୍କୁ ମ୍ଳେଚ୍ଛ ବୋଲି କହୁଥିଲେ । ଏ ସମସ୍ତ ଆଲୋଚନା କଲେ ଯବନ ଅର୍ଥରୁ ଗ୍ରୀକ୍ ଆସିଲା କପରି ଆମ୍ଭେମାନେ କିଛି ବୁଝି ପାରୁ ନାହିଁ । ଏ ପ୍ରକାର ଧାରଣା ନିତାନ୍ତ ଅମୂଳକ । ଭାରତର ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶା ଉନ୍ନତ ଥିଲା । ଜେନେରେଲ୍ କନିଂହାମ କହୁଛନ୍ତି ଯେ ଆଲେକଜାଣ୍ଡରଙ୍କର ଭାରତାଗମନ ପୂର୍ବରୁ ପ୍ରସ୍ତର ଉପରେ ଶିଳ୍ପକାର୍ଯ୍ୟ କରି ଜାଣିଥିବାର ଅଭିଜ୍ଞତା ଭାରତୀୟମାନଙ୍କର ଥିଲା । ଶିଳ୍ପାଭିଧାନ ଗ୍ରନ୍ଥରେ ଡାକ୍ତର ବରଗିସ ଲେଖିଅଛନ୍ତି ଯେ ଭାରତୀୟ ଶିଳ୍ପରେ କୃତ୍ରିମତା ନାହିଁ, ଏହା ମୌଳିକ ଶିଳ୍ପ । ଫାହିଆନ ତାଙ୍କ ଭ୍ରମଣବୃତ୍ତାନ୍ତରେ ଲେଖିଛନ୍ତି ଯେ ସେ ଯେଉଁ ଶିଳ୍ପକାର୍ଯ୍ୟ ଦେଖିଥିଲେ ସେଗୁଡ଼ିକ ବର୍ମ୍ମ ସାର ଓ ବୁଦ୍ଧଙ୍କ ବହୁକାଳ ପୂର୍ବରୁ ଥିଲା । ଅଗ୍ନିପୁରାଣ ଓ ମତ୍ସ୍ୟପୁରାଣମାନଙ୍କରେ ଶିଳ୍ପ ବିଷୟରେ ବହୁତ ନିୟମ ଅଛି ।

୧ । ଶିଳା ନ୍ୟାସସ୍ତୁ କର୍ତ୍ତବ୍ୟଃ ପ୍ରାସାଦେ ତୁ ଶିଳାମୟେ
ଇଷ୍ଟକାନାନ୍ତୁ ବିନ୍ୟାସଃ ପ୍ରାସାଦେ ଚେଷ୍ଟକାଳୟେ ।

୨ । ଆଦାବେଦଂ ସମାସେନ ଶିଳା ଲକ୍ଷଣମୁତ୍ତମଂ
ଶିଳାନ୍ୟାସ ବିଧାନଞ୍ଚ ପ୍ରୋଚ୍ୟତେ ତଦନନ୍ତରଂ ।
ଶିଳା ବା ଚେଷ୍ଟକା ବାପି ଚତସ୍ରୋ ଲକ୍ଷଣାନ୍ୱିତା
ପ୍ରାସାଦାଦୌ ବିଧାନେନ ନ୍ୟସ୍ତବ୍ୟାଃ ସୁମନୋହରାଃ ।

ଭାଗବତ ଦଶମସ୍କନ୍ଧ ପଞ୍ଚାଦଶାଧ୍ୟାୟେ—

ସୁରଦ୍ରୁମ ଲତୋଦ୍ୟାନ ବିଚିତ୍ରୋ ପବନାନ୍ୱିତଂ
ହେମଶୃଙ୍ଗୈ ର୍ଦିବିସ୍ପୃଗ୍‌ଭିଃ ସ୍ଫଟିକାଟ୍ଟାଲଗୋ ପୁରୈଃ ।

ଭବିଷ୍ୟପୁରାଣେ—

କୋଟି କୋଟି ଗୁଣଂ ପୁଣ୍ୟଂ ଫଳଂ ସ୍ୟାଦିଷ୍ଟକାଳୟେ
ଦ୍ୱିପରାର୍ଦ୍ଧ ଗୁଣଂ ପୁଣ୍ୟଂ ଶୈଳଜେ ତୁ ବିଦୁର୍ବୁଧାଃ ।

ମତ୍ସ୍ୟାନର୍ବାଣତନ୍ତ୍ରେ—

ଇଷ୍ଟକ ଗୃହଦାନେ ତୁ ତସ୍ମାଚ୍ଛତଗୁଣଂ ଭବେତ୍
ତତୋମୃତ ଗୁଣଂ ପୁଣ୍ୟଂ ଶିଳାଗେହ ପ୍ରଦାନତଃ ।

ବୃହଦ୍ଧର୍ମୋତ୍ତରେ—

ତୃଣକାଷ୍ଠମୟେ ପୁଣ୍ୟଂ ମର୍ତ୍ତ୍ୟେ ଭତ୍ କଥିତଂ ଦ୍ୱିଜାଃ
ତସ୍ମାଦ୍ଦଶଗୁଣଂ ପୁଣ୍ୟଂ କୃତେଷ୍ଟକମୟେ ଭବେତ୍
ତସ୍ମାଦ୍ଦଶଗୁଣଞ୍ଚାପି ନର୍ମ୍ମିତେ ଶୈଳ ମନ୍ଦିରେ ।

ଏ ସବୁ ତ ଆଜିକାଲି କଥା ନୁହେ, ଆଲେକଜାଣ୍ଡର ଭାରତକୁ ଆଗମନ କରିବାର ବହୁଶତାବ୍ଦୀ ପୂର୍ବେ ଏ ଗ୍ରନ୍ଥମାନ ରଚିତ ହୋଇଥିଲା । ପୁରାଣମାନଙ୍କର ପ୍ରାଚୀନତ୍ୱ ସର୍ବବାଦୀସମ୍ମତ । ତେତେବେଳେ ହିନ୍ଦୁମାନଙ୍କୁ ଶିଳାଶିଳ୍ପ ବିଷୟ ଜଣା ନଥିଲେ ସେମାନେ ଏ ସବୁକଥା ଲେଖିଥାନ୍ତେ କିପରି ? ସୁତରାଂ ଯେଉଁମାନେ କହନ୍ତି ଯେ ଭାରତୀୟମାନେ ଗ୍ରୀକ୍‌ମାନଙ୍କଠାରୁ ଶିଳ୍ପଶିକ୍ଷା କରିଥିଲେ ସେମାନେ ନିତାନ୍ତ ଭ୍ରାନ୍ତ ।

ଯେଉଁ ପଦାର୍ଥ ସହଜଲଭ୍ୟ ଏବଂ ସ୍ଥାୟୀ ମନୁଷ୍ୟ ସେହିସବୁ ଉପକରଣ ଦ୍ୱାରା ଗୃହନର୍ମାଣ କରିବାହିଁ ସ୍ୱାଭାବିକ । ଉତ୍କଳରେ ଇଟା ପାଷାଣ ନର୍ମିତ ଦେବାଳୟମାନ ବହୁଳ ପରିମାଣରେ ଦେଖାଯାଏ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ସାନ ହେଉ ବା ବଡ଼ ହେଉ ଗୋଟା ଲେଖାଏଁ ଦେଉଳ ଦେଖଯାଏ । ଅତି ପ୍ରାଚୀନ ଦେଉଳମାନ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ବର୍ତ୍ତମାନ ଦୃଷ୍ଟିଗୋଚର ହୁଏ । ମାତ୍ର ମନୁଷ୍ୟବାସୋପଯୋଗୀ କୋଠାଘର ଅତି ଅଳ୍ପ ଦେଖାଯାଏ । କେତେକ ପୁରୁଣା ବଡ ଘରକୁ ବାଦ ଦେଲେ ଅନ୍ୟାନ୍ୟ ସମସ୍ତ ସାଧାରଣ ଗୃହ କାଠ ବାଉଁଶ ମାଟି ପ୍ରଭୃତି ଉପକରଣରେ ନର୍ମିତ । ଧନାଭାବ ଏହାର କାରଣ ନୁହେ । ଆଗେ ଲୋକେ ବେଶ୍ ସୁଖରେ ଥିଲେ । ଇଚ୍ଛା କରିଥିଲେ ଅତି ସହଜରେ ଆପଣା ଆପଣା ଘର ଇଟା ପଥର ପ୍ରଭୃତି ଉପକରଣରେ ପ୍ରସ୍ତୁତ କରି ପାରିଥାନ୍ତେ । କିନ୍ତୁ ସେମାନେ ସେ ଦିଗକୁ ଦୃଷ୍ଟି ଦେଇ ନ ଥିଲେ । ଦେବାଳୟ ଉତ୍କୃଷ୍ଟ ପଦାର୍ଥରେ ନର୍ମିତ ହେବାର ଉପଯୋଗୀ ବୋଲି ଧର୍ମ୍ମପ୍ରାଣ ହିନ୍ଦୁର ବିଶ୍ୱାସ ଥିଲା । ସେହି ଧର୍ମ୍ମବିଶ୍ୱାସରେ ଆପଣାର ନଶ୍ୱର ଦେହ ପ୍ରତି ଅନାସ୍ଥା ପ୍ରଦର୍ଶନ କରି କେବଳ ସ୍ଥାୟୀ କୀର୍ତ୍ତିଗୁଡ଼ିକୁ ସ୍ଥାୟୀ ଉପକରଣରେ ନର୍ମାଣ କରୁଥିଲେ ଏବଂ ଆପଣା ଧନକୁ ସେହି କାର୍ଯ୍ୟରେ ବ୍ୟୟିତ କରି ଆପଣାକୁ ଧନ୍ୟ ମନେ କରୁଥିଲେ । ଅନେକ ଧର୍ମପ୍ରାଣ ହିନ୍ଦୁ ବହୁ ବ୍ୟୟ କରି ବଡ ବଡ ପୁଷ୍କରିଣୀ ଖୋଳାଇ ଦେଇଛନ୍ତି, କୂପ ବାପୀ

ଖୋଲାଇ ଦେଇଛନ୍ତି, ଦେଉଳ ତୋଳାଇ ଦେଇଛନ୍ତି । ମାତ୍ର ଇଚ୍ଛା କରିଥିଲେ କଣ ଆପଣା ଘରଟିକୁ କୋଠାଘର କରି ପାରି ନ ଥାନ୍ତେ । ଏବେ ସେ ଧର୍ମବିଶ୍ୱାସ ଢିଲା ହୋଇ ଆସିଲାଣି । ଏବେ ହାତରେ ପଇସା ହେଲେ ଖଣ୍ଡେ ଦୋମହଲା ଘର କରି ପଲଙ୍କେ ପରି ଶୟନ କରିବାକୁ ଅନେକଙ୍କର ଇଚ୍ଛା । ମାତ୍ର ଆଗେ ସେପରି ଇଚ୍ଛା ମନରେ ସ୍ଥାନ ପାଉ ନଥିଲା । ସର୍ବୋତ୍କୃଷ୍ଟ ସ୍ଥାନ ସର୍ବୋତ୍କୃଷ୍ଟ ମନ୍ଦିର ଦେବଭୋଗ୍ୟ ଓ ଦେବଯୋଗ୍ୟ ବୋଲି ବିଶ୍ୱାସ ଥିଲା । ଅତି ବଡ଼ଲୋକ ଅର୍ଥାତ୍ ରାଜା ବା ବଡ ଜମିଦାରମାନେ କେବଳ ବିଳାସଭବନରେ ବାସ କରୁଥିଲେ । ସୁତରାଂ ପୁରାତନ କୋଠାଘର ସଂଖ୍ୟା ଓଡ଼ିଶାରେ ଅତି ଅଳ୍ପ ଥିଲା ।

ବର୍ତ୍ତମାନ ଦେଖାଯାଉ ଶିଳ୍ପ କେତେ ପ୍ରକାର ।

( ) ଧର୍ମ ସମ୍ବନ୍ଧୀୟ—ଜଗନ୍ନାଥ ଦେଉଳ, ଭୁବନେଶ୍ୱର ଦେଉଳ ପ୍ରଭୃତି ।

(୨) ସ୍ମୃତି ସମ୍ବନ୍ଧୀୟ – ତାଜମହଲ ।

(୩) ସାଧାରଣ – କଚେରୀ ଗୃହ ପ୍ରଭୃତି ।

(୪) ସୈନ୍ୟ ସମ୍ବନ୍ଧୀୟ – କିଲାଘର ପ୍ରଭୃତି ।

(୫) ଗୃହସ୍ଥ ସମ୍ବନ୍ଧୀୟ – କୋଠାଘର ପ୍ରଭୃତି ।

ଓଡ଼ିଶାରେ ପ୍ରଥମ ଶ୍ରେଣୀୟ ଶିଳ୍ପ ଦେଖାଯାଏ । ଏହି କାରଣରୁ ଓଡିଶାର ମନ୍ଦିରଗୁଡ଼ିକ ଓଡ଼ିଆଙ୍କ ଧର୍ମପ୍ରାଣତା ଏବଂ ବୁଦ୍ଧିର ପରିଚାୟକ ଓ ପରିମାପକ । ଶିଳ୍ପ ହିଁ ଜାତୀୟ ବୁଦ୍ଧିର ମାପକାଠି । ଯେଉଁ ଜାତିର ବୁଦ୍ଧି ଯେତେ ବେଶୀ, ସେ ଦେଶର ଶିଳ୍ପ ତେତେ ଉନ୍ନତ, ସୁନ୍ଦର, ସୂକ୍ଷ୍ମ । ଓଡିଆ ଶିଳ୍ପମାନଙ୍କ ହସ୍ତ, ଚକ୍ଷୁ କପରି ଉନ୍ନତ ଅବସ୍ଥାପ୍ରାପ୍ତ ହୋଇଥିଲା କୋଣାର୍କ ଦେଉଳ ଓ ଭୁବନେଶ୍ୱର ଦେଉଳରେ ଥିବା ସୂକ୍ଷ୍ମନିଖୋଦିତ ମୂର୍ତ୍ତିଗୁଡ଼ିକ ତାହାର ସାକ୍ଷୀ । ଏଥିର ବିଶେଷ ବର୍ଣ୍ଣନା ଆବଶ୍ୟକ ନାହିଁ । ଯେ ଥରେ ସେ କାମ ଦେଖିଛି ସେ ମୁକ୍ତକଣ୍ଠରେ ସ୍ୱୀକାର କରିବ ଯେ ଓଡ଼ିଆମାନେ ଶିଳ୍ପବିଦ୍ୟାରେ କେତେଦୂର ଉନ୍ନତି ଲାଭ କରିଥିଲେ । ଶିଳ୍ପ ହିଁ ଜାତୀୟ ଜୀବନ, ଜାତୀୟ ବୁଦ୍ଧି, ଜାତୀୟ ଚରିତ୍ର, ଜାତୀୟ ଆଚାର ବ୍ୟବହାର ପ୍ରଭୃତିର ଦର୍ପଣ ସ୍ୱରୂପ । ଓଡ଼ିଶାର ଇତିହାସ ଧାରାବାହିକରୂପେ ଲେଖା ନାହିଁ ସତ କିନ୍ତୁ ଏହି ଦେଉଳଗୁଡିକରେ ଓଡ଼ିଶାର ପୁରାତନ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିଖିତ ହୋଇଛି ।

ଭାରତୀୟ ଶିଳ୍ପର ନାନାପ୍ରକାର ପଦ୍ଧତି, ଯଥା—(୧) ଦ୍ରାବିଡ଼ ଦେଶୀୟ (୨) ଚାଲୁକ୍ୟ ଦେଶୀୟ, (୩) ଆର୍ଯ୍ୟ । ପ୍ରଥମ ପଦ୍ଧତିର ନିୟମାନୁସାରେ ମୂଳଭିତ୍ତି ଆୟତକାର, ମାତ୍ର ଉପରେ ସୂଚ୍ୟଗ୍ରଘନ-କ୍ଷେତ୍ରାକାର । ଦ୍ୱିତୀୟ ପଦ୍ଧତିର ନିୟମାନୁସାରେ ମୂଳଭିତ୍ତି କ୍ଷେତ୍ରାକାର ଏବଂ ଉପର ସୂଚ୍ୟଗ୍ରଘନକ୍ଷେତ୍ରାକାର । ତୃତୀୟ ପଦ୍ଧତି ଅନୁସାରେ ମୂଳଭିତ୍ତି ଚତୁରସ୍ର ଏବଂ ଉପର ବକ୍ରରେଖାବିଶିଷ୍ଟ ।

ଉତ୍କଳରେ ଯେଉଁ ଦେବାଳୟମାନ ଅଛି ସେ ସମସ୍ତ ଏହି ତୃତୀୟ ପଦ୍ଧତିମୂଳକ; ଅନ୍ୟ ଦେଶୀୟ ପଦ୍ଧତି ଏଥିରେ ମିଶ୍ରିତ ହୋଇନାହିଁ କିମ୍ବା ଅନ୍ୟ କୌଣସି ପଦ୍ଧତିକି ଆଶ୍ରୟ କରି ପ୍ରସ୍ତୁତ ହୋଇନାହିଁ । ଉତ୍କଳର ଦେଉଳ ନିର୍ମାଣ ପଦ୍ଧତି ସ୍ୱତନ୍ତ୍ର ଏବଂ ସ୍ଥାନୀୟ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ଯେଉଁ ସବୁ ଦେବାଳୟ ପ୍ରଭୃତି ଦେଖାଯାଏ ତାହା ସମସ୍ତ ମିଶ୍ରିତ । ଧାରବାରର ମନ୍ଦିରଗୁଡ଼ିକ ଦ୍ରାବିଡ଼ ଦେଶୀୟ ପଦ୍ଧତି ଅନୁସାରେ ନିର୍ମିତ । ମଥୁରା ବୃନ୍ଦାବନ, ବନାରସ ପ୍ରଭୃତିର ମନ୍ଦିରମାନ ମିଶ୍ରିତ ପଦ୍ଧତିମୂଳକ । ଆର୍ଯ୍ୟ ପଦ୍ଧତି, ସାରାସେନ ପଦ୍ଧତି ଏବଂ ଅନ୍ୟାନ୍ୟ ପଦ୍ଧତି ସମ୍ମିଶ୍ରଣରେ ଏ ମନ୍ଦିରଗୁଡ଼ିକ ନିର୍ମିତ । ମାତ୍ର ଓଡ଼ିଶା ମନ୍ଦିରମାନ ଆପଣା ଦେଶୀୟ ବିଶୁଦ୍ଧ ପଦ୍ଧତିମୂଳକ ଥିବାରୁ ଏହାର ଗୌରବ ସୌନ୍ଦର୍ଯ୍ୟ ସର୍ବଶ୍ରେଷ୍ଠ । ଉତ୍କଳୀୟମାନଙ୍କ ପକ୍ଷରେ ଏହା କି ଉଣା ଗୌରବର ବିଷୟ ! କେଉଁ ଦେଶ ଶିଳ୍ପଜଗତରେ ଏପରି ଗର୍ବ କରିପାରେ ? ଗାଙ୍ଗୁଲି ମହାଶୟ ଜଣେ ଇଞ୍ଜିନିୟର ଏବଂ ତାଙ୍କର ଶିଳ୍ପବିଦ୍ୟାରେ ଦକ୍ଷତା ଅଛି । ସେ ବହୁତ ପରିଶ୍ରମ ସହିତ ଏ ତଥ୍ୟଗୁଡ଼ିକ ଆଲୋଚନା କରି ଉତ୍କଳ ଇତିହାସରେ ଗୋଟିଏ ନୂତନ ଅଧ୍ୟାୟ ଫିଟାଇ ଦେଇ ଅଛନ୍ତି ଏବଂ ଯେଉଁମାନେ ଅନ୍ୟ ପ୍ରକାର ଭାବନ୍ତି ସେମାନେ ଆପଣାର ସଙ୍କୀର୍ଣ୍ଣତା ମନରୁ ଦୂର କରି ଓଡ଼ିଆମାନଙ୍କ ପୈତୃକ ସ୍ୱତ୍ୱ ସମ୍ପତ୍ତିରୁ ସେମାନଙ୍କୁ ବଞ୍ଚିତ କରିବା ଲାଗି ଆଉ ଦୁଃସାହସପୂର୍ବକ ଚେଷ୍ଟା କରିବେ ନାହିଁ ।

ଓଡ଼ିଆ ମନ୍ଦିରମାନଙ୍କର କେତେଗୁଡ଼ିଏ ବିଶେଷତ୍ୱ ଅଛି ଯାହା ଅନ୍ୟତ୍ର ମିଳିବ ନାହିଁ । ପ୍ରତ୍ୟେକ ମନ୍ଦିରର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ନାମରେ କଥିତ ହୁଏ ।

୧ । ବିମାନ—ଏଠାରେ ଠାକୁର ରହନ୍ତି ।

୨ । ଜଗମୋହନ ଏଠାରେ ଦର୍ଶକମାନେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି ।

ଏ ଦୁଇଟିଯାକ ଚତୁରସ୍ର । ପ୍ରଥମଟି ଉପରେ ଘନକ୍ଷେତ୍ର ଅଥବା ଆୟତାକୃତି ଷଟ୍ ସାମତଳିକ ସମାନ୍ତର ପାର୍ଶ୍ୱ । ଘନକ୍ଷେତ୍ରବିଶିଷ୍ଟ କ୍ଷେତ୍ର

ଦଣ୍ଡରେଖା ବିଶିଷ୍ଟ ପ୍ରାସାଦ ଏବଂ ଦ୍ୱିତୀୟଟି ତଦ୍ରୂପ କ୍ଷେତ୍ର ଉପରେ ସୂଚଘନକ୍ଷେତ୍ର-ବିଶିଷ୍ଟ ପ୍ରାସାଦ ।

୩ । ନାଟ ମନ୍ଦିର ।

୪ । ଭୋଗ ମନ୍ଦିର ।

ସାଧାରଣତଃ ମୂଳ ଭିତ୍ତି ଦେଖାଯାଏ ନାହିଁ । ଚକ୍ରବାଳ ସମାନ୍ତରାଳ ପର ପ୍ରକ୍ଷେପଣ । ଖିଲାଣଗୁଡ଼ିକ 'ଶୋଇପଡ଼ିଲା ପର ନୁହେଁ । ଉତ୍କଳ ଶିଳ୍ପର ଏ ଗୋଟିଏ ସ୍ୱତନ୍ତ୍ର ପଦ୍ଧତି । ଏଥିରୁ ଜଣାଯାଏ ଯେ କାର୍ଯ୍ୟ କପରି ସ୍ଥାୟୀ ହେବ ଅଥଚ ସୁବିଧାଜନକ ହେବ, ଏ ବିଷୟରେ ଓଡ଼ିଶା ଶିଳ୍ପୀମାନଙ୍କର ଧୂର୍ତ୍ତ ଅଭିଜ୍ଞତା ଥିଲା । ବର୍ତ୍ତମାନ ଭୂତର ସୂଚପତ୍ର ସ୍ୱରୂପ ଅର୍ଥାତ୍ ବର୍ତ୍ତମାନ ଅବସ୍ଥା ଦେଖି ଭୂତ-କାଳର ଅବସ୍ଥା ଜଣା ଯାଇପାରେ ।

୫ । ଆମଳକ ଶିଳା (ବେକି), ୬ । କପୁରି, ୭ । କଳଶ ପ୍ରସ୍ତର, ୮ । ଶିବ ମନ୍ଦିରରେ ତ୍ରିଶୂଳ ଏବଂ ବିଷ୍ଣୁ ମନ୍ଦିରରେ ଚକ୍ର ।

ପାଗ ଅନୁସାରେ ଦେଉଳର ଭିନ୍ନ ଭିନ୍ନ ନାମ ଅଛି, ଯଥା—ରାହାପାଗ, କନକପାଗ, ଅନର୍ଥପାଗ ।

ଦେଉଳମାନ ବିଭିନ୍ନ ଶ୍ରେଣୀରେ ବିଭକ୍ତ :—

(୧) ଏକରଥ, (୨) ତ୍ରିରଥ, (୩) ପଞ୍ଚରଥ, (୪) ସପ୍ତରଥ, (୫) ନବରଥ ।

ଏକରଥ ଦେଉଳ ପ୍ରାଚୀନ ଶ୍ରେଷ୍ଠ ଦେଉଳ । ତ୍ରିରଥ ବ୍ରାହ୍ମଣ ଜାତୀୟ, ପଞ୍ଚରଥ କ୍ଷତ୍ରିୟ ଜାତୀୟ, ସପ୍ତରଥ ବୈଶ୍ୟ ଜାତୀୟ ଏବଂ ନବରଥ ଶୂଦ୍ର ଜାତୀୟ ଦେଉଳ । ବୋଇତାଳ ଦେଉଳର ବିମାନ ଏକରଥ ଓ ପରଶୁରାମଙ୍କ ଜଗମୋହନ ଏକରଥ । ପରଶୁରାମେଶ୍ୱର ଦେଉଳର ବିମାନ ତ୍ରିରଥ । ରାଜରାଣୀ ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର, ମେଘେଶ୍ୱର, ରାମେଶ୍ୱର, ସିଦ୍ଧେଶ୍ୱର, କେଦାରେଶ୍ୱର ଯୁକ୍ତକେଦାରେ-ଶ୍ୱର- ଗଉରୀ, ଯମେଶ୍ୱର, ଲିଙ୍ଗରାଜଙ୍କ ଦେଉଳର ବିମାନ, ଅନନ୍ତ ବାସୁଦେବଙ୍କ ଦେଉଳମାନ ପଞ୍ଚରଥ । ପୁରୀ ଦେଉଳର ବିମାନ ଓ ଜଗମୋହନ ସପ୍ତରଥ ।

ଘନକ୍ଷେତ୍ର ଉପରସ୍ଥ ପ୍ରାସାଦ ଦୁଇ ପ୍ରକାର, ଯଥା—

(୧) ରେଖା ଦେଉଳ, (୨) ପୀଢ ଦେଉଳ (ଜଗମୋହନ, କାନ୍ତି, ପାରିଘର) । ପୀଢ ଦେଉଳ ଦୁଇ ପ୍ରକାର, ଯଥା—କାଠିଗୁଲିଆ ଓ ନାହାରିଗୁଲିଆ ।

କାଠଗୃଳଆ ପୀଢ ଘନକ୍ଷେତ୍ରର ଦୁଇତୃତୀୟାଂଶ । ଲିଙ୍ଗରାଜଙ୍କ ଦେଉଳର ଜଗମୋହନ ଏବଂ ଅନନ୍ତବାସୁଦେବଙ୍କ ଦେଉଳର ବାଡ ଏହି ଶ୍ରେଣୀସ୍ଥ । ନାହାଗୃଳଆ ପୀଢ଼ ଘନକ୍ଷେତ୍ରର ସମାନ କମ୍ବା ଷଷ୍ଠାଂଶରୁ ପଞ୍ଚମାଂଶ । ମୁକ୍ତେଶ୍ୱର ଦେଉଳର ଜଗମୋହନ ଏବଂ କପିଳେଶ୍ୱର ଦେଉଳର ଭୋଗମଣ୍ଡପ ଏହି ଶ୍ରେଣୀସ୍ଥ ।

ମୋହନ (ପୀଢ଼ଦେଉଳ) ତିନ ପ୍ରକାର, ଯଥା—(୧) ଘଣ୍ଟାଶ୍ରୀମୋହନ, (୨) ନଡ଼ୁମୋହନ, (୩) ପୀଢ଼ମୋହନ । ଲିଙ୍ଗରାଜଙ୍କ ଦେଉଳରେ ୧ମ ଶ୍ରେଣୀସ୍ଥ ମୋହନ । ଏଥିରେ ଅମଲଶ୍ରୀ ତ୍ରିପାତଧାରୀ କଳସ ଥାଏ । ମୁକ୍ତେଶ୍ୱର, ସିଦ୍ଧେଶ୍ୱର ଓ ରାଜରାଣୀ ଦେଉଳରେ ୨ୟ ଶ୍ରେଣୀସ୍ଥ ମୋହନ । ଏଥିରେ କାନ୍ତ ଦେଖାଯାଏ ନାହିଁ । ପୀଢ଼ ଓ କଳସ ଏକତ୍ରିତ ଥାଏ । ଜଗନ୍ନାଥ ଦେଉଳ ଓ ଲିଙ୍ଗରାଜଙ୍କର ନାଟମନ୍ଦିରରେ ୩ୟ ଶ୍ରେଣୀସ୍ଥ ମୋହନ ।

ଚତୁରସ୍ରର ଏକ ବାହୁକୁ ୨୦ ଭାଗରେ ବିଭକ୍ତ କଲେ ୪ ଭାଗ କନକପାଗ, ୩ ଭାଗ ଅନର୍ଥପାଗ ଏବଂ ୬ ଭାଗ ରାହାପାଗର ପରିମାଣ ହେବ । କନକପାଗର ଲମ୍ବା ସହିତ କାନ୍ଥର ବହଳ ସମାନ ।

ରେଖା ଦେଉଳର ବିଭିନ୍ନାଂଶ, ଯଥା......

(୧) ତଳପତନ, (୨) ପୀଠ, (୩) ବାଡ଼, (୪) ରେଖା ବା ରଥକ, (୫) ବେକି, (୬) ଆମଳକ ଶିଳା, (୭) କପୁରି, (୮) କଳଶ, (୯) ତ୍ରିଶୂଳ ବା ଚକ୍ର ।

ବାଡ଼ର ବିଭିନ୍ନାଂଶ, ଯଥା—(୧) ଜଙ୍ଘା, (୨) ସାକର ବାରଣ୍ଡି, (୩) ତକାଂର୍ମ, (୪) ସିକର, (୫) ସପ୍ତକାସ ।

ଜଙ୍ଘାର ବିଭିନ୍ନାଂଶ, ଯଥା......ପାଦ କୁମ୍ଭ ପାଟ କାଳ ବସନ୍ତ ।

ତଳ ଜଙ୍ଘା = ଉପର ଜଙ୍ଘା

ତଳ ବାରଣ୍ଡି = ଉପର ବାରଣ୍ଡି

( ବାରଣ୍ଡି ଜଙ୍ଘାଠାରୁ କିଛି ଊଣା )

ବନ୍ଧନ = $\frac{୧}{୩}$ ଜଙ୍ଘା ବା ବାରଣ୍ଡିର

ବେକି—$\frac{୧}{୩}$ ତଳପିଢ଼ର

ଶ୍ରୀ—୧ $\frac{୨}{୭}$ ବେକିର

ତ୍ରିପଟାହାର—$\frac{୧}{୭}$ ଶ୍ରୀର

କଣ୍ଠ ଶ୍ରୀ ୩/୪ ଶ୍ରୀର

ଡୋଙ୍ଗ—ନିପଟାଧାରର

ସିଂହ ପ୍ରବ ପାଖୁଡ଼ା—୩/୪ ଶ୍ରୀର

ଆମଳକ ଶିଳା —୩/୪ ସିଂହ ପ୍ରବର

କର୍ପୂରୀ—୩/୪ ଆମଳକ ଶିଳାର

କଳଶପଦ—୧/୨ କର୍ପୂରୀର

ବେକୀ—ଆମଳକ ଶିଳାର

ନିପାତଧାରୀ—୧/୩ ଆମଳକ ଶିଳାର

ଆମଳକ ଶିଳା—ଆମଳକ କର୍ପୂରୀର

କଳଶ ପଦ ଡ଼ୋଙ୍ଗା—୧/୪ କଳଶ ହାଣ୍ଡିର

କଳଶ ବେକୀ—୧/୪ କଳଶ ହାଣ୍ଡିର

ନିପାତଧାରୀ – କଳଶ ବେକୀର

କଳଶ—୧ ୩/୪ ଆମଳକ ଶିଳାର

ସମସ୍ତ ଚନ୍ଦ୍ରାଂଶ=ଖୋ=ଜଙ୍ଘା । ଖୋ ଦୁଇ ପ୍ରକାର ଯଥା—ପଦ୍ମ ଖୋ, ନାରାୟଣ ଖୋ । ଖୋ ଉପରେ ହସ୍ତୀ, ତଦୁପରି ସିଂହ । ଏହି ଦେବମନ୍ଦିରମାନ ପ୍ରସ୍ତୁତ କରିବାର ଅଗ୍ନିପୁରାଣରେ ଥିବା ନିୟମାବଳୀ ଅକ୍ଷରରେ ପ୍ରତିପାଳିତ ହୋଇଅଛି । ବୋଇତାଳ ଦେଉଳ ବୈଦେଶିକ ପଦ୍ଧତିମୂଳକ ଏବଂ ଦାକ୍ଷିଣାତ୍ୟ ପଦ୍ଧତି ଅନୁସାରେ ନିର୍ମିତ ହୋଇଥିବାର ଅନୁମାନ କରାଯାଏ ।

ଏହି ଦେବମନ୍ଦିରଗୁଡ଼ିକର ସ୍ଥାନ ନିର୍ଦ୍ଦେଶ କରିବାରେ ବୈଜ୍ଞାନିକ ନିୟମ ପ୍ରତିପାଳିତ ହୋଇଛି । ଦିକ୍‌ନିର୍ଣ୍ଣୟ ଯନ୍ତ୍ରଦ୍ୱାରା ଦିକ୍ ନିର୍ଣ୍ଣୟ ହୋଇଥିବାର ଦେଖାଯାଏ । ସବୁ ଦେଉଳର ମୁଖ ପୂର୍ବଦିଗକୁ, କେବଳ ମୁକ୍ତେଶ୍ୱର ଓ ପରଶୁରାମେଶ୍ୱର ଦେଉଳର ମୁଖ ଭିନ୍ନ ଦିଗକୁ । କୋଣାର୍କ ଦେଉଳର ଦିକ୍ ନିରୂପଣ ସମ୍ବନ୍ଧରେ ଏକ ଡିଗ୍ରି ପ୍ରଭେଦ ଦେଖାଯାଏ । ପୂର୍ବେ ଦେଉଳ ତୋଳା ପ୍ରାରମ୍ଭରୁ ଦିଗପତି ଯାଗ କରାଯାଉଥିଲା । ସେ କାଳରେ କମ୍ପାସ ନ ଥିଲା ସତ, କିନ୍ତୁ ଦିକ୍ ନିରୂପଣ କରିବା ଲାଗି ଶଙ୍କୁ ବ୍ୟବହାର କରାଯାଉଥିଲା । ଥାଳୀପତନଦ୍ୱାରା ଦିକ୍‌ନିରୂପଣ କରାଯାଉଥିଲା । କାର୍ଯ୍ୟଟି କିପରି ସ୍ଥାୟୀ ଓ ଦୃଢ଼ ହେବ ତାହାହିଁ ତତ୍କାଳୀନ ମୂଳମନ୍ତ୍ର ଥିଲା । ସେ କାଳରେ ଶିଳ୍ପୀ ଠିକାଠିକ କାମ କରୁନଥିଲେ । ଧର୍ମରେ ବିଶ୍ୱାସ ଥିଲା । ଏକାଳ ପରି ପେଟଚିନ୍ତା ନଥିଲା; ଖାଦ୍ୟଦ୍ରବ୍ୟ ଏଡ଼େ ମହର୍ଘ ନ ଥିଲା । ସୁତରାଂ

ଅଳ୍ପ ମଜୁରି ଦ୍ୱାରା କୁଟୁମ୍ବ ପୋଷି ନିଷ୍ଠାରେ ଦେବତା କାର୍ଯ୍ୟରେ ଲାଗିବା ସାଥିରେ ଆପଣା ଦେଶର ମର୍ଯ୍ୟାଦା ଓ ଗୌରବ ବୃଦ୍ଧି କରିବାରେ ନିଯୁକ୍ତ ନିଯୁକ୍ତ ଥିଲେ ।

ଆଜି ସେହିମାନଙ୍କ କାର୍ଯ୍ୟ ଦେଖିବା ଲାଗି କେତେ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ-ମାନେ କେତେ ବାଧାବିଘ୍ନ ଅତିକ୍ରମ କରି ଦେଖି ଯାଉଛନ୍ତି । ଆଜି ସେହି ଶିଳ୍ପୀ-ମାନେ ନାହାନ୍ତି ମାତ୍ର ସେମାନଙ୍କ ଶିଳ୍ପନୈପୁଣ୍ୟ ସେମାନଙ୍କୁ ଅମର କରି ରଖିଛି । ଆଜି ସେହି ପୂର୍ବପୁରୁଷମାନେ ଆମ୍ଭମାନଙ୍କ ଅଧୋଗତି ଦେଖି ମନରେ ଦାରୁଣ କଷ୍ଟ ଅନୁଭବ କରୁ ନ ଥିବେ କି ' ଅମ୍ଭେମାନେ ସେହି ଶିଳ୍ପୀମାନଙ୍କ ବଂଶଧର, ଏକଥା ଜଗତ ସମ୍ମୁଖରେ କହିବାକୁ ଆମ୍ଭମାନଙ୍କୁ ଲଜ୍ଜାବୋଧ ହୁଏ ନାହିଁ କି ? ଆମ୍ଭେମାନେ କଣ ହେତେ ସେମାନଙ୍କ ଅପେକ୍ଷା ଅଧିକ ଶିକ୍ଷିତ ଓ ସଭ୍ୟ ! ଯଦି କାହାର ମନରେ ଏପରି ଗର୍ବ ଆଏ ସେ ଥରେ ସେହି ଦେବାଳୟମାନଙ୍କ ନିକଟରେ ଦଣ୍ଡାୟମାନ ହୋଇ କ୍ଷଣେ ଚିନ୍ତା କଲେ ତାର ଗର୍ବ ଚୂର୍ଣ୍ଣୀଭୂତ ହେବ । ଆଜି ସେହି ପୁରାତନ ଜୀର୍ଣ୍ଣଶୀର୍ଣ୍ଣ କୀର୍ତ୍ତି ଦେଖି ସେଗୁଡ଼ିକ ଆମ୍ଭ ପୂର୍ବପୁରୁଷମାନଙ୍କ କୀର୍ତ୍ତି ବୋଲି ଗର୍ବ କରିଥାଉଁ । ମାତ୍ର ଆମ୍ଭେ କି କୀର୍ତ୍ତି ରଖି ଗଲେଉଁ ? ଆମ୍ଭ ପୁଅନାତି ମାନେ କଣ ଦେଖି ଆମ୍ଭମାନଙ୍କ କଥା ମନେ ପକାଇବେ ? ଯେ ଥରେ ମାତ୍ର ଏକଥା ଚିନ୍ତା କରିବ ସେ ନିଶ୍ଚୟ ବୁଝି ପାରିବ ଯେ ଆମ୍ଭମାନଙ୍କ ଶିକ୍ଷାକୁ ଧିକ୍ । ଆମ୍ଭେମାନେ ଶିକ୍ଷିତ ବୋଲି ଯା ଗର୍ବ କରୁ ତାହା ବୃଥା । ଆମ୍ଭ ଶିକ୍ଷାଲାଗି ଯେଉଁ ବ୍ୟୟ ହୋଇଛି ସେଗୁଡ଼ିକ ବୃଥା ବ୍ୟୟ ନୁହେଁ କି ? ଆମ୍ଭେ ଥିଲେ କଣ, ହେଲେ କଣ ? ପ୍ରତ୍ୟେକ ଉତ୍କଳୀୟ ଏ ପ୍ରଶ୍ନ ଆପଣାକୁ ପଚାରିଲେ କି ଉତ୍ତର ପାଇବ ?

ଉତ୍କଳର ଭାସ୍କରକାର୍ଯ୍ୟ ବା ଖୋଦିତ ଚିତ୍ରମାନ ଧର୍ମଭାବମୂଳକ ଏବଂ ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ । ଈଶ୍ୱରଙ୍କୁ ଯାହା ଅର୍ପଣ କରାଯିବ ତାହା ଈଶ୍ୱରୋପଯୋଗୀ ହେବାର ବିଧେୟ ବୋଲି ଉତ୍କଳୀୟମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ।

ଉତ୍କଳୀୟ ଦେଉଳମାନଙ୍କରେ ଯେଉଁସବୁ ଖୋଦିତ ଚିତ୍ରମାନ ଦେଖାଯାଏ ତାକୁ ତିନି ଭାଗରେ ବିଭକ୍ତ କରା ଯାଇପାରେ । ଯଥା—ଆନୁମାନିକ, ସାଦୃଶ୍ୟ-ପ୍ରଦର୍ଶକ, କେବଳ ଶୋଭାବର୍ଦ୍ଧକ । ସାଦୃଶ୍ୟ-ପ୍ରଦର୍ଶକ ପ୍ରତିମୂର୍ତ୍ତିମାନ ମଧ୍ୟ ଦୁଇ ଶ୍ରେଣୀରେ ବିଭକ୍ତ; ଯଥା—ପ୍ରାକୃତିକ ଓ ବ୍ୟାବହାରିକ ।

ଅଗ୍ନିପୁରାଣରେ ଦିଗପାଳମାନଙ୍କ ସ୍ଥାନ ନିର୍ଦ୍ଦେଶ କରା ଯାଇଛି । ପ୍ରଥମେ ଦିଗପାଳ ଅର୍ଥାତ୍ ଅଷ୍ଟଦିଗପାଳ । ଗର୍ଭମୁଦ୍ରା, ଧ୍ୟାନମୁଦ୍ରା, ବାଲମୁଦ୍ରା, ରତ୍ନମୁଦ୍ରା ଓ ବେଙ୍କି କ୍ରମିକ ନିୟମରେ ରକ୍ଷିତ ହେବ । ତତ୍ପରେ ଅଷ୍ଟସଖୀ, ନାଗନାଗୁଣୀ, ଶାର୍ଦ୍ଦୁଳ, ଓଲଟ ଗଜ, ବିରାଜ ସିଂହ, ଓଲଟ ରାଜ ସିଂହ ଓଲଟ ଉଡ଼ା ଗଜ

ସିଂହଙ୍କ ସ୍ଥାନ । ଦ୍ୱାର ମୁହଁରେ ଡାଳ, ବରଝାଙ୍କି ଇତ୍ୟାଦ ଓ ଗଜଲକ୍ଷ୍ମୀ, ମହାଲକ୍ଷ୍ମୀଙ୍କ ସ୍ଥାନ; କବାଟରେ ଗଙ୍ଗାଯମୁନା, ମହାକାଳ, ନନ୍ଦ ପ୍ରଭୃତଙ୍କ ସ୍ଥାନ । ତଦୁପର ଭୃଙ୍ଗୀ, ନବଗ୍ରହ ମୂର୍ତ୍ତି ବେତାଳ, ଦ୍ୱାରପାଳ, କାର୍ତ୍ତିମୁଖ, ଗ୍ରହମୁଖ, ମାଳାର ସ୍ଥାନ । ପଦ୍ମଟି କେବଳ ଶୋଭାବର୍ଦ୍ଧକ ।

ନାନାପ୍ରକାର ଲତାର ଚନ୍ଦ ଦେଖାଯାଏ ଯଥା—ଫୁଲଲତା, ନର୍ତ୍ତୀଲତା, ପତ୍ରଲତା, ବନଲତା । ମାଳି ଫୁଲ ଫାଡ଼ିକା, ଡାଳି, ଫାନ୍ଦଗ୍ରନ୍ଥି ଜାଲି, ପାଟ· ଜାଲି· କାଙ୍କ ଜାଲି· ବଲଖୋଜ ଜାଲି, ଫୁଲ ଜାଲି .ଇତ୍ୟାଦ ନାନାପ୍ରକାର ଖୋଦତ ଚନ୍ଦ ଦେଖାଯାଏ । ଏ ସମସ୍ତ ଖୋଦତ ଚନ୍ଦରେ ଜ୍ୟାମିତକ ନୟମ ପ୍ରତପାଳତ ହୋଇଅଛୁ ।

ଦେଉଳ ଭତରେ କୌଣସି ଚନ୍ଦ ଖୋଦତ ହୋଇନାହିଁ । ଏଠାରେ ମଧ୍ୟ ତହିଁର ଆବଶ୍ୟକତା ନାହିଁ । ଅନ୍ତର୍ଦ୍ଦେଶରେ ଭକ୍ତିର ଆବଶ୍ୟକତା, ଏଠାରେ ବାହ୍ୟ ସୌନ୍ଦର୍ଯ୍ୟର ଆବଶ୍ୟକତା ନାହିଁ । ସୁତରାଂ ସେମାନେ ଜାଣି ଶୁଣି ଭତର ପ୍ରଦେଶରେ କୌଣସି ଚନ୍ଦ ଖୋଦତ କର ନ ଥିଲେ । ଆନୁମାନକ ଚନ୍ଦଗୁଡ଼ିକ ଶିଳ୍ପଗୁରୁଙ୍କର ପରଚୟକ । ରଙ୍ଗ ନ ଦେଇ ଶିଳ୍ପୀମାନେ ବଡ ବୁଦ୍ଧିମାନର କାର୍ଯ୍ୟ କରଛନ୍ତି । କୌଣସି କଳପ୍ରସ୍ତୁତ ଶୋଭାବର୍ଦ୍ଧନକାରୀ ଚନ୍ଦମାନ ବ୍ୟବହୃତ ହୋଇନାହିଁ ।

ଶାର୍ଦ୍ଦୂଳ ବଭନ୍ନ ଜାତୀୟ ସିଂହ, ହାତୀ, ଘୋଡ଼ା, ମର୍କଟ, ପଶୁ, ମକର -ପ୍ରଭୃତ ଚନ୍ଦ ଖୋଦତ କର ଶିଳ୍ପୀମାନେ ପ୍ରାଣୀବଦ୍ୟା ଅବଗତ ଥିବାର ପରଚୟ ଦେଇଛନ୍ତି ।

ମନୁଷ୍ୟ ପ୍ରତମୂର୍ତ୍ତି ଖୋଦତ ହୋଇଅଛୁ ଏବଂ ସେଗୁଡ଼ିକର ତାଳ ଠିକ୍ ଅଛୁ ଅର୍ଥାତ୍ ଅଙ୍ଗପ୍ରତ୍ୟଙ୍ଗମାନ ଯଥାସ୍ଥାନରେ ଓ ଯଥା ନୟମରେ କରାଯାଇଛୁ । ତାଳର ନୟମ ଶୁକ୍ରନୀତରେ ଲେଖାଅଛୁ

ସ୍ୱ ସ୍ୱ ମୁଷ୍ଟେଶ୍ଚତୁର୍ଥାଂଶ ଶୋହ୍ୟଙ୍ଗୁଳଂ ପରକାର୍ତ୍ତିତଂ
ତଦଙ୍ଗୁଳୈ ଦ୍ୱାଦଶଭର୍ଭବେତ୍ ତାଳସ୍ୟ ଦୀର୍ଘତା ।

ଗ୍ରୀକ ଓ ରୋମୀୟ ପ୍ରଣାଳୀ ଏହାଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଭାରତୀୟ ଶିଳ୍ପ କଳ୍ପନାସମ୍ଭୂତ, ଅନୁକରଣସମ୍ଭୂତ ନୁହେ । ଅନ୍ତର୍ଦ୍ଦେଶରେ କେବଳ ଈଶ୍ୱର-ସାଦୃଶ 'ପ୍ରଦର୍ଶକ ମୂର୍ତ୍ତି ଦେଖାଯାଏ । ସନ୍ନ୍ୟାସୀମାନଙ୍କ ଶରୀର କୃଶ ।

ଉତ୍କଳୀୟ ଦେବମନ୍ଦରମାନଙ୍କର ବହର୍ଦ୍ଦେଶରେ କେତେଗୁଡ଼ିଏ ଅଶ୍ଳୀଳ ପ୍ରତମୂର୍ତ୍ତି ଦଆଯାଇଛୁ । ଏ ସମ୍ବନ୍ଧେ ନାନା ମତ ଶୁଣାଯାଏ । କେହି କହନ୍ତି,

ଅଶ୍ଳୀଳ ମୂର୍ତ୍ତି ଥିଲେ ବଜ୍ର ପଡ଼େ ନାହିଁ । ଏ ମତ କେତେଦୂର ସମୀଚୀନ ତାହା କୁହାଯାଇ ନ ପାରେ । ମାତ୍ର ଜଗନ୍ନାଥଙ୍କ ବଡଦେଉଳ ଉପରେ ଥରେ ବଜ୍ରପାତ ହୋଇଥିବା ହେତୁ ଆମ୍ଭେମାନେ କହୁଛୁଁ ଯେ ଏ ମତ ଠିକ୍ ନୁହେଁ । କେହି କେହି କହନ୍ତି ଯେ, ଯେ ଦର୍ଶନ କରିବାକୁ ଯିବ ତାର ଧର୍ମ୍ମଭାବ ପରୀକ୍ଷା କରିବା ଲାଗି ଏ ଚିତ୍ରଗୁଡ଼ିକ ଦିଆଯାଇଛି । ଦେବତାଙ୍କ ସହିତ ଏ ମୂର୍ତ୍ତିଗୁଡ଼ିକର କିଛି ସମ୍ପର୍କ ନାହିଁ । ଏଗୁଡ଼ିକ ଦେଉଳର ବହିର୍ଦ୍ଦେଶର ଅଧୋଭାଗରେ ଅବସ୍ଥିତ । ସେଠାରୁ ବହୁ ଦୂରରେ ଦେବତା ଅଛନ୍ତି । ଏ ସମସ୍ତ କଳୁଷିତ ସଂସାରିକ ଭାବର ପରିଚ୍ଛାୟକ । ଏ ଭାବ ତ୍ୟାଗ କରି ଲୋକ ଯେତେବେଳେ ଏକଧ୍ୟାନରେ ଈଶ୍ୱରଚିନ୍ତାରେ ନିମଗ୍ନ ହେବ, ତାର ଦୃଷ୍ଟି ଅଧୋଭାଗରେ ନରହି ଊର୍ଦ୍ଧ୍ୱଭାଗକୁ ଗମନ କରିବ । ତେତେବେଳେ ଏ ଅଶ୍ଳୀଳ ମୂର୍ତ୍ତିମାନ ତାର ନୟନଗୋଚର ହେବ ନାହିଁ । ଯାହାର ମନରେ ଆବିଳତା ଅଛି ତା ଦୃଷ୍ଟି ଏ ମୂର୍ତ୍ତିମାନଙ୍କ ଦ୍ୱାରା ଆକର୍ଷିତ ହୋଇପାରେ କିନ୍ତୁ ତାହାହେଲେ ସେ ଦେଉଳ ଭିତରକୁ ଯିବା ଲାଗି ଅଧିକାରୀ ହୋଇନାହିଁ ବୋଲି କହିବାକୁ ହେବ । ଏ ମତଟି ନିତାନ୍ତ ଅଯୌକ୍ତିକ ବା ଅମୂଳକ ବୋଲି ବୋଧ ହେଉନାହିଁ । ବରଂ ଏହି ମତଟିରେ ମନ ମାନୁଛି ।

ଖୋଦିତ ଚିତ୍ରକାର୍ଯ୍ୟ ଉପରେ ରଙ୍ଗ ବ୍ୟବହୃତ ହୋଇ ନ ଥିବା ଉତ୍କଳୀୟ ଶିଳ୍ପର ଅନ୍ୟ ଏକ ବିଶେଷତ୍ୱ । ରଙ୍ଗ ବ୍ୟବହାର କଲେ ପ୍ରକୃତ ଭାସ୍କରକାର୍ଯ୍ୟର ମହତ୍ତ୍ୱ ଦେଖାଯିବ ନାହିଁ । କିନ୍ତୁ ଓଡ଼ିଶାର ଅନେକ ଦେଉଳ ନାଲିଆ ଦେଖାଯାଏ, କାରଣ ପଥରଖଣ୍ଡମାନ କୌଣସି ରଙ୍ଗଦ୍ୱାରା ରଞ୍ଜିତ ହୋଇଥିଲା । ପଦ୍ମ ଖୋଦିତ କରିବାରେ ଜ୍ୟାମିତିକ ନିୟମାନୁସାରେ କୋଣ କରାଯାଇଛି ।

ପ୍ରାସାଦ ନିର୍ମ୍ମାଣ କାର୍ଯ୍ୟରେ ପଥର, କାଠ, ଇଟା, ଲୁହା ଓ ଚୂନ ଆଦି ଉପକରଣମାନ ବ୍ୟବହୃତ ହୋଇଥିଲା । ଉତ୍କଳରେ ପର୍ବତ ପାହାଡ଼ର ଅଭାବ ନାହିଁ କି ପଥରର ଅଭାବ ନାହିଁ । ନୀଳଗିରି ପାହାଡ଼ରେ ଅତି ଉତ୍କୃଷ୍ଟ ପଥର ମିଳେ । ପଥର ଅନେକ ପ୍ରକାରର ଅଛି—

(୧) ବଗଡ଼ା କୁଣ୍ଡା, (୨) ନରାଜ ବଗଡ଼ା, (୩) ମୋଟା ବଗଡ଼ା, (୪) ରାଜ ରାଣିଆ କୁଣ୍ଡା, (୫) ଖଡ଼ିଆ କୁଣ୍ଡା, (୬) ରଙ୍ଗ ଡାଳମ୍ବା । ରାଜରାଣିଆ କୁଣ୍ଡା ତିନି ପ୍ରକାର, ଯଥା—ନାଲିଆ, ହଳଦିଆ, କାଇଆ । ଖଡ଼ିଆ କୁଣ୍ଡା ତିନି ପ୍ରକାର, ଯଥା—ସଫା, ବାଲିଆ, ଫୁଲଖଡିଆ । ରଙ୍ଗ ଡାଳମ୍ବା ତିନି ପ୍ରକାର, ଯଥା—ସଫା, ମାଟିଆ, ମିଶା ଖଡ଼ିଆ । ଆଉ ଏକ ପ୍ରକାର ପଥର ଅଛି ତାକୁ ମାଙ୍କଡ଼ା ପଥର କହନ୍ତି । ମାଙ୍କଡ଼ା ପଥର ଦୁଇ ପ୍ରକାର ଯଥା—ମେଣ୍ଢାଆଖିଆ ମାଙ୍କଡ଼ା ଓ ମୁଗେଇ ମାଙ୍କଡ଼ା ।

ପୁରାତନ ଇଟା ବର୍ତ୍ତମାନ ଇଟା ଅପେକ୍ଷା ବଡ଼ ଓ ଶକ୍ତ । ପୂର୍ବେ ଇଟା ଚମ୍ପୁଦ୍ୱାରା ପୋଡ଼ା ହେଉଥିଲା । ଇଟା ଉପରେ ଚମ୍ପୁ ଦାଗ ସ୍ପଷ୍ଟ ଦେଖା ଯାଉଥାଏ । କୋଠଦେଶର ପୁରାତନ ଜମିଦାର ସ୍ୱର୍ଗୀୟ ଅଭିରାମ ରାଟସିଂହଙ୍କ ଘର ଗୋଟିଏ ପୁରାତନ ଘର । ତାଙ୍କର କେତେ ଖଣ୍ଡି କୋଠାଘର ଓ ଇଟା ପାଚେରି ଥିଲା । ସେସବୁ କ୍ରମେ ଜୀର୍ଣ୍ଣଶୀର୍ଣ୍ଣ ହୋଇ ଭଗ୍ନାବସ୍ଥା ପ୍ରାପ୍ତ ହେଲଣି । ସେ ଘର ମରହଟ୍ଟା ଅମଳର । ସେସବୁ କାର୍ଯ୍ୟରେ ଯେଉଁ ଇଟା ବ୍ୟବହୃତ ହୋଇଛି ତାହା ସେହି ପୁରାତନ ଇଟା । ମୁଁ ସେଥିରୁ କେତେଖଣ୍ଡି ଇଟା ଦେଖିଥିଲି । ସେଥିରେ ଚମ୍ପୁଦାଗ ଆଜିସୁଦ୍ଧା ଅଛି । ଏ ଇଟାର ଲମ୍ବ ୧୩୫ ଇଞ୍ଚ, ଓସାର ୧୦୫ ଇଞ୍ଚ ଓ ବହଳ ୩ ଇଞ୍ଚ ।

ଇଜିପ୍ଟ ଓ ଗ୍ରୀଲଣ୍ଡଆର ଲୋକମାନେ ଏହି ପ୍ରଣାଳୀରେ ଇଟା ପ୍ରସ୍ତୁତ କରନ୍ତି ପଥରଖଣ୍ଡମାନ ଉପଯୁକ୍ତ ସ୍ଥାନରେ ଦୃଢ଼ଭାବରେ ରକ୍ଷିତ କରିବା ଲାଗି ଦେଉଳମାନଙ୍କରେ ଲୁହାଧାରଣୀ ବ୍ୟବହାର କରା ଯାଇଛି । ଦେଉଳର ଭିତରପଟ ପଲସ୍ତରା ହୋଇଛି କିନ୍ତୁ ବାହାର ପଟରେ ପଲସ୍ତରା ଦିଆଯାଇ ନାହିଁ । ପଲସ୍ତରା ଦେଲେ ଖରାପ କାମଟି ଘୋଡ଼ି ହୋଇ ପଡ଼ିବ ଏବଂ ଶିଳ୍ପୀର କାର୍ଯ୍ୟଦକ୍ଷତା ପ୍ରକାଶିତ ହେବନାହିଁ । ସୂକ୍ଷ୍ମନ କାମଗୁଡ଼ିକ ପଲସ୍ତରା କରାଯାଇଥିଲେ କାରିଗରର ହାତସଫାଇ ଜଣାପଡ଼ନ୍ତା କିପରି ? ଏହି ଉଦ୍ଦେଶ୍ୟରେ ଦେଉଳ ବାହାର ପଟ ପଲସ୍ତରା ହୋଇନାହିଁ । ଏହା ଓଡ଼ିଶା ଶିଳ୍ପର ଗୋଟିଏ ବିଶେଷତ୍ୱ ।

କୋଣାର୍କ ମନ୍ଦିରରେ ଲୁହା କଡ଼ି ବ୍ୟବହୃତ ହୋଇଥିବାର ଦେଖାଯାଏ । ଦିଲ୍ଲୀରେ ଗୋଟିଏ ଲୁହାଖମ୍ବ ଅଛି, ସେ ଆହୁରି ଆଶ୍ଚର୍ଯ୍ୟଜନକ । ଏ ଖମ୍ବଟିର ବ୍ୟାସ ୧୬ ଇଞ୍ଚ ଭୂମି ଉପରୁ ଲମ୍ବ ୨୨ ଫୁଟ, ଲମ୍ବ ୫୦ ଫୁଟ, ଓଜନ ୧୮ ଟନ । ଏ ପ୍ରକାଣ୍ଡ ଲୁହା କାମଗୁଡ଼ିକ କିପରି କରି ପାରୁଥିଲେ ଏ ବିଷୟରେ ନାନା ମତଭେଦ ଦେଖାଯାଏ । କିନ୍ତୁ ଏ ସବୁ କାମ ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ପୂର୍ବେ ହିନ୍ଦୁମାନେ ଲୁହାକୁ ତରଳାଇ ନାନା ଜିନିସ ପ୍ରସ୍ତୁତ କରିବା ପ୍ରଥା ସେମାନଙ୍କୁ ଜଣାଥିଲା । ପ୍ରସିଦ୍ଧ ଇଞ୍ଜିନିୟର ଜନ ଆଣ୍ଡର୍ସନ ୧୮୭୧ ମସିହାରେ ଲେଖିଛନ୍ତି ଯେ "ଯେତେବେଳେ ଇଉରୋପରେ କୁରାଢ଼ି ଓ ତରବାରି ବେଣ୍ଟ ଫଳକ ବ୍ୟବହାର କରୁଥିଲେ, କେଣ୍ଟ ଓ ସରଭିକ୍‌ମାନେ ଅସଭ୍ୟ, ପୂର୍ବ ବଂଶଙ୍କ ଧନ ସମ୍ପତ୍ତି ଲୁଟପାଟ କରୁଥିଲେ ଓ ଇଉରୋପ ଅନ୍ଧକାରାଚ୍ଛନ୍ନ ଥିଲା, ତେତେବେଳେ ଭାରତରେ ହିନ୍ଦୁମାନେ ଏପରି ଲୁହାକାମ କରି ଜାଣୁଥିଲେ" । ଦିଲ୍ଲୀର ଲୌହସ୍ତମ୍ଭ ଏବଂ କୋଣାର୍କର ଲୌହ କଡ଼ି ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଉତ୍କଳ ଭାରତର ଅନ୍ୟାନ୍ୟ ପ୍ରଦେଶ ସହିତ ସମଭାବରେ ଉନ୍ନତିପଥରେ ଅଗ୍ରସର

ହୋଇଥିଲ । ଓଡ଼ିଆମାନେ ମଧ୍ଯ ଲୌହନିର୍ମିତ ଉତ୍କୃଷ୍ଟ ବ୍ୟବହାର୍ଯ୍ୟ ପଦାର୍ଥମାନ ପ୍ରସ୍ତୁତ କରିପାରୁଥିଲେ ।

ଆଜି ଅବଶ୍ୟ ଓଡ଼ିଆ କାରିଗର ମାନେ ଦୁର୍ଦ୍ଦଶାଗ୍ରସ୍ତ । ପେଟକୁ ଦାନା ମିଳୁନାହିଁ, ଶିଖିବାକୁ କଳା ମିଳୁନାହିଁ, ସେପରି ହାତ ସଫାଇ କାମ ଦେଖାଇ ପାରୁ ନାହାନ୍ତି, ସେ ତେଜ ପୁଞ୍ଜ ନାହିଁ, ସେ କଳା-କୁଶଳତା ନାହିଁ । ଜାତୀୟ ଜୀବନ ଉପରେ ବିଷାଦ କାଳିମା ରେଖା ଅଙ୍କିତ ହୋଇଛି । ସର୍ବଦା ଅନ୍ନ-ଚିନ୍ତାରେ ବ୍ୟସ୍ତ । ଉଚ୍ଚଚିନ୍ତା ଲୋପ ହେଉଛି । ମାତ୍ର ଉତ୍କଳର ପୂର୍ବକାଳୀନ ଅବସ୍ଥା ଏପରି ନଥିଲା । ଆଜି ଉତ୍କଳୀୟମାନଙ୍କର ଦୁର୍ଦ୍ଦଶା ଦେଖି ଅନ୍ୟ ଦେଶାଗତ ଲୋକମାନେ ଏ ଶିଳ୍ପକାର୍ଯ୍ୟଗୁଡ଼ିକ ଓଡ଼ିଆଙ୍କ ଦ୍ୱାରା ହୋଇପାରିବାର ସମ୍ଭାବନା ନାହିଁ ବୋଲି ଅନୁମାନ କରୁଛନ୍ତି ସତ, କିନ୍ତୁ ସେମାନଙ୍କର ଚିନ୍ତା କରିବା ଉଚିତ ଯେ ସେମାନେ ଗତ ବିଷୟ ପ୍ରତି ଲକ୍ଷ୍ୟ ରଖି ଏ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି କି ? ଆମ୍ଭ ଘର ଜିନିସଟି ଆମ୍ଭର ବୋଲି ପ୍ରମାଣ କରି ନ ପାରିଲେ ତାକୁ ଅନ୍ୟଦେଶୀୟ ଲୋକମାନେ ତାଙ୍କର ବୋଲି କହି ପ୍ରମାଣ ସୃଷ୍ଟି କରିବାରେ ବ୍ୟସ୍ତ । ଏହି ଉଦ୍ଦେଶ୍ୟରେ ଅନେକ ଲୋକ ଅନେକ ପ୍ରକାର ଲେଖା ଲେଖି ଯାଉଛନ୍ତି । ଆଉ ପଞ୍ଚାଶ ବର୍ଷ ପରେ ଏହି ଲେଖା ସବୁ ପ୍ରମାଣରୂପେ ବ୍ୟବହୃତ ହେବ । କି ପରିତାପର ବିଷୟ ! ଓଡ଼ିଆକୁ ଦୁର୍ବଳ ଦେଖି ତାର ସେହି ଧ୍ୱଂସାବଶେଷ ଜାତୀୟ ସମ୍ବଳଟିକ ନେଇ ଆପଣାର ଗୌରବ ବଢ଼ାଇଲେ କି ଯଶ ଅର୍ଜିବ ଭାଇ ? ଗୋଟାଏ ଜାତିର ନ୍ୟାଯ୍ୟ ଦାବିରୁ ତାକୁ ବଞ୍ଚିତ କଲେ କି ପାପ ହେବ ତାହା କି ବୁଝି ପାରୁନାହଁ ? ସର୍ବଶ୍ରେଷ୍ଠ ବିଚାରପତି ଦୟାମୟ ଭଗବାନଙ୍କ ନିକଟରେ ବିଚାର ହେବାବେଳେ କି ଜବାବ ଦେବ ? ଆମ୍ଭେମାନେ ଦୁର୍ବଳ ସତ୍ୟ, କିନ୍ତୁ ଦୁର୍ବଳର ସହାୟ ଭଗବାନ । ପରଘର ଜିନିଷରେ ଆପଣା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କଲେ କିଛି ଲାଭ ନାହିଁ ।

ଭୁବନେଶ୍ୱର ଦେଉଳମାନ ଜଗନ୍ନାଥ ଦେଉଳ ଅପେକ୍ଷା ପ୍ରାଚୀନ । ପୂର୍ବେ ଭୁବନେଶ୍ୱର ଦେଉଳମାନଙ୍କ କଥା କହିଛୁ । ଉକ୍ତ ଦେଉଳମାନଙ୍କ ଛଡ଼ା ଆଉ କେତେଗୁଡ଼ିଏ କୀର୍ତ୍ତି ଦୃଷ୍ଟିଗୋଚର ହୁଏ ।

୧ । ସହସ୍ରଲିଙ୍ଗ ବା ଦେବୀପାଦହରା ପୁଷ୍କରିଣୀ—ଏହାର ତୀରପାଖରେ ୧୦୦ କ୍ଷୁଦ୍ର ଦେଉଳ ଅଛି ।

୨ । ବିନ୍ଦୁସାଗର ବା ସରୋବର—ଲମ୍ବ ୧୩୦୦ ଫୁଟ ଏବଂ ପ୍ରସ୍ଥ ୭୦୦ ଫୁଟ ମଧ୍ୟରେ ଦୀପଦଣ୍ଡୀ । ଏଠାରେ ପ୍ରଭୁଙ୍କର ଚନ୍ଦନଯାତ୍ରା ହୁଏ ।

୩ । ପାପନାଶିନୀ ପୁଷ୍କରିଣୀ—ଯମେଶ୍ୱର ଦେଉଳର ପୂର୍ବ ।

୫ । ରାମକୁଣ୍ଡ—ରାମେଶ୍ୱର ଦେଉଳର ପଶ୍ଚିମ ।

୫ । ଗଉରୀକୁଣ୍ଡ—ଗଉରୀ ଦେଉଳର ପଶ୍ଚିମ । ଏହା ନିକଟରେ ଗୁଉଳଧୂଆ ବୋଲି ଗୋଟିଏ କୁଣ୍ଡ ଅଛି । ଅନ୍ୟଟିର ନାମ ଜଣାନାହିଁ ।

୬ । ମରୀଚ କୁଣ୍ଡ—ମୁକ୍ତେଶ୍ୱର ଦେଉଳର ଦକ୍ଷିଣ ।

ଭୁବନେଶ୍ୱର ଦେଉଳମାନ ଯଯାତିକେଶରୀଙ୍କ ଅମଳରେ ନିର୍ମିତ ହୋଇଥିଲି । ଲିଙ୍ଗରାଜଙ୍କ ଦେଉଳ ଯଯାତିକେଶରୀ ନିର୍ମାଣ କରାଇଥିଲେ । ଯଯାତିକେଶରୀ ୯୦୦ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରିଥିଲେ ।

ଦକ୍ଷିଣ ପ୍ରଦେଶର ବିଜାପୁର ନଗରରେ ଥିବା ଦୁର୍ଗାଦେବୀଙ୍କ ମନ୍ଦିରରେ ଓଡ଼ିଶାର ଶିଳ୍ପପଦ୍ଧତି ଅନୁସାରେ କାମ ହୋଇଥିବାର ଦେଖାଯାଏ ।

ଗାଙ୍ଗୁଲି ମହାଶୟଙ୍କ ମତରେ ଗୁପ୍ତବଂଶର ରାଜା ସମୁଦ୍ରଗୁପ୍ତ ଓଡ଼ିଶା ଜୟ କରି ୩୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କିନ୍ତୁ ହଣ୍ଟର ସାହେବଙ୍କ ଇତିହାସ ଓ ମାଦଳାପାଞ୍ଜିରୁ ଦେଖାଯାଏ ଯେ ୩୧୯ ଖ୍ରୀଷ୍ଟାବ୍ଦରେ ରକ୍ତବାହୁ ଓଡିଶା ଆକ୍ରମଣ କରିଥିଲି । ୪୭୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଯବନମାନେ ଶାସନ କରୁଥିଲେ । ମାଦଳାପାଞ୍ଜିରେ ଯବନମାନଙ୍କ କଥା ଲେଖା ଅଛି । ସମୁଦ୍ରଗୁପ୍ତ ଯେବେ ଓଡ଼ିଶା ବିଜୟ କରିଥାନ୍ତେ, ତେବେ ଅବଶ୍ୟ ମାଦଳାପାଞ୍ଜିରେ ଲେଖାଥାନ୍ତା ।

କିନ୍ତୁ ଏହି ସମୁଦ୍ରଗୁପ୍ତଙ୍କ ସମ୍ବନ୍ଧେ ପୃଥିବୀ ଇତିହାସରେ କ'ଣ ଲେଖା ଅଛି ଦେଖନ୍ତୁ ।

ସମୁଦ୍ରଗୁପ୍ତ ତାଙ୍କ ନିଜର ଓ ପିତୃପୁରୁଷମାନଙ୍କ ଗୌରବ କାହାଣୀ ଆଲ୍ଲାବାଦ ସ୍ତମ୍ଭରେ ଖୋଦିତ କରାଇଥିଲେ ।

( ପୃଥିବୀ ଇତିହାସ ୩ୟ ଖଣ୍ଡ ୪୧୯ପୃଷ୍ଠା )

ଅଧୁନା ପ୍ରତିପନ୍ନ ହେଉଛି ଯେ ବିକ୍ରମାଦିତ୍ୟ ଅଭିଧେୟ ଦ୍ୱିତୀୟ ସମୁଦ୍ରଗୁପ୍ତ ସମୟରେ ଅର୍ଥାତ୍ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ମହାକବି କାଳିଦାସ ଆବିର୍ଭୂତ ହୋଇଥିଲେ । ହୁୟେନ୍‌ସାଂ ତାଙ୍କ ଭ୍ରମଣବୃତ୍ତାନ୍ତରେ ବଙ୍ଗଦେଶର ନାମୋଲ୍ଲେଖ କରିନାହାନ୍ତି । ମାତ୍ର ସମତଟ (ସାନ - ମୋ—ତା—ଚ୍ଚ) ଦେଖି-ଥିବାର ଲେଖିଅଛନ୍ତି । ଏହି ସମତଟ ସମୁଦ୍ରଗଡ଼ ଭିନ୍ନ ଅନ୍ୟ କିଛି ନୁହେ।

ସମୁଦ୍ରଗଡ ସମୁଦ୍ରଗୁପ୍ତଙ୍କ ରାଜଧାନୀ ଥିଲା । ବିକ୍ରମାଦିତ୍ୟ ଅଭିଧେୟ ସମୁଦ୍ରଗୁପ୍ତଙ୍କ ଆଶ୍ରୟ ପାଇ କାଳିଦାସ ପ୍ରତିଷ୍ଠାନ୍ୱିତ ହୋଇଥିଲେ । ବିହାର ଏବଂ ଓଡ଼ିଶା ପ୍ରଦେଶ ପୂର୍ବେ ଓ ପରେ ଅନେକଦିନ ପର୍ଯ୍ୟନ୍ତ ବଙ୍ଗ ରାଜ୍ୟର ସୀମାନ୍ତର୍ଭୁକ୍ତ ଥିଲା । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ବିହାର-ଓଡ଼ିଶାକୁ ବଙ୍ଗଦେଶ ଭିତରେ ରଖିଥିଲେ । ଏ ହିସାବରେ ବଙ୍ଗ, ବିହାର, ଓଡ଼ିଶା ପ୍ରଭୃତିର ଗୌରବ କାହାଣୀ ଏକା ବଙ୍ଗ ନାମରେ କୀର୍ତ୍ତିତ ହେଲେ କିଛି ଦୋଷ ନାହିଁ । ମହାରାଜ ଗୁପ୍ତଙ୍କଠାରୁ ଗୁପ୍ତବଂଶର ଆରମ୍ଭ । ଏମାନେ ମୌର୍ଯ୍ୟବଂଶୀୟ । ସମୁଦ୍ରଗୁପ୍ତ ୩୨୦ ଖ୍ରୀଷ୍ଟାବ୍ଦରେ ରାଜତ୍ୱ ଆରମ୍ଭ କଲେ । ତେତେବେଳେ ସମ୍ରାଟ ବା ଚକ୍ରବର୍ତ୍ତୀ ପରି "ବିକ୍ରମାଦିତ୍ୟ" ଶବ୍ଦ ଗୋଟିଏ ଉପାଧି ମଧ୍ୟରେ ପରିଗଣିତ ହେଉଥିଲା । ଯେ ଭାରତବର୍ଷରେ ଆଧିପତ୍ୟ ବିସ୍ତାର କରିଥିଲା ସେ "ବିକ୍ରମାଦିତ୍ୟ" ନାମରେ ଅଭିହିତ ହେଉଥିଲା ।

( ପୃଥିବୀ ଇତିହାସ ୪ର୍ଥ ଖଣ୍ଡ ୧୪୬, ୧୫୧, ୧୬୧, ୧୬୪ ପୃଷ୍ଠା )

ଏପରି ଟାଣି ଓଟାରି ଜାତୀୟ ଇତିହାସକୁ ପରିପୁଷ୍ଟ ଓ ପରିବର୍ଦ୍ଧିତ କରିବାକୁ ହେଲେ ଉତ୍କଳ ଇତିହାସ ବଡ଼ ମୋଟା ମୋଟା ହୋଇପାରେ । ମାତ୍ର ଐତିହାସିକ କପଟତାର ଆଶ୍ରୟ ନ ନେଲେ ଇତିହାସର ଅଙ୍ଗ ପରିବର୍ଦ୍ଧିତ ହୋଇ ନ ପାରେ । ଉପରୋକ୍ତ ମନ୍ତବ୍ୟ ପାଠ କଲେ ପୂର୍ଣ୍ଣ ଐତିହାସିକ କପଟତାର ପରିଚୟ ମିଳୁଅଛି; ବିସ୍ତୃତ ବ୍ୟାଖ୍ୟା ଅନାବଶ୍ୟକ । ସମୁଦ୍ରଗୁପ୍ତ ଉତ୍କଳରେ ରାଜତ୍ୱ କରିଥିବା ବିଷୟ ସମ୍ପୂର୍ଣ୍ଣ ଅମୂଳକ । ସବୁ ପ୍ରଦେଶରୁ ସାର କଥା ନେଇ ଯେବେ ବଙ୍ଗର ଗୌରବ ବୃଦ୍ଧି କରାଯାଏ ତେବେ ନାଗର ।

ଉତ୍କଳର ଶିଳ୍ପ ସ୍ୱତନ୍ତ୍ର । ଶିଳ୍ପୋନ୍ନତି ଲାଗି ଉତ୍କଳ ପରମୁଖାପେକ୍ଷୀ ହୋଇନାହିଁ । ଉତ୍କଳ ଯାହା କରିଥିଲା ତାହା ଆପଣା ବାହୁବଳ ଓ ବୁଦ୍ଧିବଳ-ଦ୍ୱାରା ।

ମୁକ୍ତେଶ୍ୱର ଦେଉଳରେ ଓଡ଼ିଆମାନେ କାରିଗରିର ଚରମ ସୀମା ଦେଖାଇ ଯାଇଅଛନ୍ତି । ଭାସ୍କରକାର୍ଯ୍ୟ ମଧ୍ୟରେ ଏଠା କାର୍ଯ୍ୟଗୁଡ଼ିକ ରତ୍ନସ୍ୱରୂପ । ମୁକ୍ତେଶ୍ୱର ଦେଉଳ ସିଦ୍ଧାରଣ୍ୟ ମଧ୍ୟରେ ଅବସ୍ଥିତ ଏବଂ ଏହା ଲିଙ୍ଗରାଜ ଦେଉଳଠାରୁ ଅଧମାଇଲ ଦୂରରେ । ଉତ୍କଳୀୟ ଶିଳ୍ପଗୌରବ-ଶକଟ ଏହି ମୁକ୍ତେଶ୍ୱର ଦେଉଳରେ ଛିଣ୍ଡି ପଡ଼ିଥିବା ପରି ଜଣାଯାଏ । ଏ ଦେଉଳଟି ଉତ୍କୃଷ୍ଟ ଆଦର୍ଶ । ଏ ଦେଉଳର ମୁଖ ପଶ୍ଚିମକୁ । ତୋରଣଟି ୧୫ ଫୁଟ ଉଚ୍ଚ । ଏ ଦେଉଳଟି ପଞ୍ଚରଥ । ଉତ୍ତର, ଦକ୍ଷିଣକୁ ଦୁଇଟି ଜାଲି ପଞ୍ଜର ଅଛି । ଏଥିରେ ଯେଉଁ ସର୍ପମାଳା ଖୋଦିତ ହୋଇଛି ତାହା ଅତି ସୁନ୍ଦର ।

ଗୋଟିଏ ଝାବ୍ (କଙ୍କଡ଼ା) ଗୋଟିଏ ମର୍କଟକୁ ଧରି ଘୋସାରୁଛି ଏବଂ ଅନ୍ୟ ଗୋଟିଏ ମର୍କଟ ଗଛଡାଳରେ ଓଲମ୍ବି ହୋଇ ତାହାର ଦୁର୍ଦଶା ଦେଖୁଛି । ଗନ୍ଧର୍ବ ଓ ଅପ୍ସରାମାନଙ୍କ ରୂପ ଅତୀବ ପ୍ରଶଂସନୀୟ । ଦୁଇଟି ସ୍ତ୍ରୀ ଲୋକ ବାଦ୍ୟଯନ୍ତ୍ର ବଜାଉଛନ୍ତି ଏବଂ ବାଦ୍ୟଯନ୍ତ୍ର ଉପରେ ଶୁକପକ୍ଷୀ ବସିଛି । ସପ୍ତର୍ଷି ମୂର୍ତ୍ତି ବଡ ସୁନ୍ଦର ହୋଇଛି । ଏ ଦେଉଳର କାର୍ଯ୍ୟଗୁଡିକ ଅତି ସୁନ୍ଦର, ସୂକ୍ଷ୍ମ ଅଥଚ କାହିଁ ଖୁଣ ଦେଖାଯାଏ ନାହିଁ । ଏ ଦେଉଳର କାରିଗର ପରି ପୃଥିବୀରେ ଅନ୍ୟ କେଉଁଠି କାରିଗର ଅଛି କି ନା ସନ୍ଦେହ । ଉତ୍କଳୀୟ ଶିଳ୍ପୀମାନଙ୍କ ବୁଦ୍ଧି, ବିଦ୍ୟା, ତୀକ୍ଷ୍ଣ ଦୃଷ୍ଟି, ସୌନ୍ଦର୍ଯ୍ୟାନୁଭବ ଶକ୍ତି, ହାତ ସଫାଇ ଏହିଠାରେ ଦେଖାଯାଏ ।

ମୁକ୍ତେଶ୍ୱର ଦେଉଳ ନିକଟରେ ଏ ଦେଉଳଟି ପଞ୍ଚରଥ, ନଡ଼ୁମୋହନ ଓ କନକପାଗବିଶିଷ୍ଟ । ନାଟମନ୍ଦିରଠାରୁ ଜଗମୋହନ ଆଡ଼କୁ ଯିବା ଲାଗି ପଶ୍ଚିମଦ୍ୱାର ପାଖେ ଖୋଦିତ ଲିପି ଅଛି । ସେହି ଲିପିରୁ ଜଣାଯାଏ, ଲିଙ୍ଗରାଜ ମହାପ୍ରଭୁଙ୍କ ସେବା ପୂଜା ଲାଗି ଉଦାମାନ୍ଦନ ରାଜା କପିଳେଶ୍ୱର ଦେବ ଅନେକ ଦେବୋତ୍ତର ସମ୍ପତ୍ତି ଦାନ କରିଥିଲେ । ସିଦ୍ଧେଶ୍ୱର ଦେଉଳ ନିକଟରେ ଭଗବତୀଙ୍କ ଦେଉଳ ।

ଅନ୍ୟ ଗୋଟିଏ ବିଶେଷ ଦ୍ରଷ୍ଟବ୍ୟ ଦେଉଳ "ଅନନ୍ତବାସୁଦେବ" । ମୁକ୍ତେଶ୍ୱର ଦେଉଳ ପରି ଏ ଦେଉଳ ମଧ୍ୟ ଶିଳ୍ପଶୋଭାରେ ସୁଶୋଭିତ । ଏଥିରେ ମନୋହର ଭାସ୍କରକାର୍ଯ୍ୟମାନ ସଜୀବ ଅବସ୍ଥାରେ ଅଦ୍ୟାପି ନୟନ ମନ ହରଣ କରୁଛି । ଏ ଦେଉଳରେ ଖୋଦିତ ଥିବା ହନୁମନ୍ତ ଲତାରେ ବିଶେଷ ଶିଳ୍ପଚାତୁରୀ ପ୍ରଦର୍ଶିତ ହୋଇଛି । ଅନନ୍ତବାସୁଦେବ ଓ ମେଘେଶ୍ୱର ଦେଉଳର ପଶ୍ଚିମ ପ୍ରାଚୀରରେ କେତେକ ଖୋଦିତ ଲିପି ଅଛି । ଏହି ଲିପି ଦେଖି ଗାଙ୍ଗୁଲି ମହାଶୟ ଲେଖିଅଛନ୍ତି ଯେ ଏଥିରୁ ଦେଖାଯାଏ ଏହି ଲିପିଗୁଡିକ ବାଚସ୍ପତି ମିଶ୍ରେ ତାଙ୍କ ବନ୍ଧୁ ଭବଦେବ ଦତ୍ତଙ୍କୁ ପ୍ରଶଂସାକରି ଲେଖିଥିଲେ । ବାଚସ୍ପତି ବଙ୍ଗାଳୀ ଜାତି ବ୍ରାହ୍ମଣ ଥିଲେ ଏବଂ ସେ ହରିବର୍ମା ଦେବଙ୍କର ମନ୍ତ୍ରୀ ଥିଲେ । ହରିବର୍ମାଦେବ ବଙ୍ଗଳାର ରାଜା ଥିଲେ । ଭବଦେବ ଭଟ୍ଟ ଦେଉଳ ନିର୍ମାଣ କରାଇଥିଲେ ଏବଂ ବିନ୍ଦୁସରୋବର ଖୋଳାଇଥିଲେ । ହରିବର୍ମାଙ୍କ ରାଜଧାନୀ ବିକ୍ରମପୁର ଥିଲା । ସେ ୧୦ମ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରିଥିଲେ । ବାଚସ୍ପତି ଭୋଜଙ୍କ ସମସାମୟିକ । ଦେଉଳ ୧୦ମ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା । ବାଚସ୍ପତି ୮୯୮ ଶକ ବା ୯୭୬ ଖ୍ରୀଷ୍ଟାବ୍ଦରେ ସାଂଖ୍ୟତତ୍ତ୍ୱ-କୌମୁଦୀ ଲେଖିଥିଲେ । ଏ ମତରେ ମଧ୍ୟ ଟିକିଏ ଐତିହାସିକ କପଟତା ଅଛି ।

ପ୍ରଥମରୁ ଦେଖାଯାଉ ଯେ ମିଶ୍ର ବ୍ରାହ୍ମଣ ମିଥିଳା ଓ ଉତ୍କଳ ବ୍ୟତୀତ ଅନ୍ୟତ୍ର ନଥିଲେ । ବଙ୍ଗଳାରେ ମିଶ୍ର ବ୍ରାହ୍ମଣ ଆଦୌ ନଥିଲେ । କୌଣସି ଉତ୍କଳୀ ବା

ମୈଥିଲୀ ବ୍ରାହ୍ମଣ ଯେବେ ବଙ୍ଗଳାକୁ ଉଠିଆସି ରହିଥିବ ତେବେ ହୋଇପାରେ । ଅନ୍ୟଥା ମିଶ୍ର ବ୍ରାହ୍ମଣ ବଙ୍ଗଳାର ଆଦିମବାସୀ ବ୍ରାହ୍ମଣ ନୁହନ୍ତି । ଗାଙ୍ଗୁଲି ମହାଶୟ ଲେଖିଛନ୍ତି ଯେ ବାଚସ୍ପତିଙ୍କି କେହି କେହି ମୈଥିଲୀ ବୋଲି ସନ୍ଦେହ କରନ୍ତି । ଏହା ତ କହିବାର କଥା । କିନ୍ତୁ କି କାରଣରୁ ସେ ବଙ୍ଗାଳୀ ହେଲେ ତାର ସନ୍ତୋଷ-ଜନକ କାରଣ ଗାଙ୍ଗୁଲି ମହାଶୟ ନ ଲେଖି ଅନ୍ୟାୟ କରିଛନ୍ତି । ଏ ସମ୍ବନ୍ଧରେ ପୂର୍ଣ୍ଣ ଆଲୋଚନା କରିବାକୁ ହେଲେ ଗାଙ୍ଗୁଲି ମହାଶୟ ଯେଉଁ ଖୋଦିତ ଲିପି ଉପରେ ନିର୍ଭର କରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେ ଲିପିଗୁଡ଼ିକ ଏଠାରେ ଉଦ୍ଧାର କରିବା ଆବଶ୍ୟକ । ମାତ୍ର ପ୍ରବନ୍ଧର କଳେବର ବୃଦ୍ଧି ହେବା ଆଶଙ୍କାରେ ତାହା ଏଠାରେ ନଦେଇ ଖୋଦିତଲିପିମୂଳକ ପୃଥକ୍ ପରିଚ୍ଛେଦରେ ଏ ବିଷୟ ଆଲୋଚନା କରାଯିବ ।

ବୋଇତାଳି ଦେଉଳରେ ଅନେକଗୁଡ଼ିଏ କାରିଗରି ଦେଖାଯାଏ । ଯୋଡ଼ସିଂହ, ସଫୁଲ ପୂର୍ଣ୍ଣକୁମ୍ଭ, ନାନାପ୍ରକାର ଲତାଆଦି ଦେଉଳର ଶୋଭା ବର୍ଦ୍ଧନ କରୁଛି ।

ଏ ଦେଉଳଟିର ଗଠନ ଯେପରି ଏଥିରେ ବିସ୍ତୃତ ଭାବରେ ଭାସ୍କର କାର୍ଯ୍ୟମାନ ଖୋଦିତ ହୋଇଅଛି । ଏ ଦେଉଳରେ ତିନଗୋଟି କଳସ ଅଛି । ଏ ଦେଉଳରେ ବିଶେଷ ଶିଳ୍ପନୈପୁଣ୍ୟ ଦେଖାଯାଇଛି । ଏ ଦେଉଳରେ ବିଭିନ୍ନ ପ୍ରକାରର ଚିତ୍ର ଖୋଦିତ ହୋଇଛି । ଅନେକ ହସ୍ତୀ ମୂର୍ତ୍ତି, ମନୁଷ୍ୟ ମୂର୍ତ୍ତି, ଗଜପରେ ସିଂହ, ଦେବଦେବୀ ମୂର୍ତ୍ତି, ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟବର୍ଦ୍ଧକ ଚିତ୍ରମାନ ଖୋଦିତ ହୋଇଥିବାରୁ ଦେଉଳଟି ଅତୀବ ନୟନତୃପ୍ତିକର ହୋଇଛି । ମିତ୍ର ମହାଶୟ ଲେଖିଛନ୍ତି ଯେ ଏ ଦେଉଳର ନାମ ଏକାମ୍ର ପୁରାଣ ବା ଏକାମ୍ର ଚନ୍ଦ୍ରିକାରେ ଦେଖାଯାଏ ନାହିଁ । ସମ୍ଭବତଃ ଏହାର ଭିନ୍ନ ନାମ ଥିଲା । ଏ ଦେଉଳଟି ୯ମ ଶତାବ୍ଦୀରେ ନିର୍ମିତ ହୋଇଥିବାର ଜଣାଯାଏ ।

କପାଳିନୀ ଦେଉଳରେ ଚାମୁଣ୍ଡା ପରି ଦୁର୍ଗାଙ୍କର ଭୟଙ୍କର କପାଳିନୀ ମୂର୍ତ୍ତି ଅଛି । ଏ ଦେଉଳ ୪ ଶତାବ୍ଦୀରେ ନିର୍ମିତ । ଭୁବନେଶ୍ୱରରେ ଯେତେଗୁଡ଼ିଏ ଦେଉଳ ଅଛି ସବୁଥିରେ କିଛି ନା କିଛି ଭାସ୍କରକାର୍ଯ୍ୟ ଦେଖାଯିବ । ଭୁବନେଶ୍ୱରରେ ଅନେକ ଦେଉଳ ଅଛି । ପ୍ରଧାନ କେତେ ଗୋଟିର ନାମ ନିମ୍ନରେ ଦିଆଗଲା :—

ଅନନ୍ତବାସୁଦେବ, ଗୋପାଳୁଣୀ, ଚନ୍ଦ୍ରରୁଦ୍ର, କାର୍ତ୍ତିକେୟ, ଗଣେଶ, ବୃଷଭ, ସାବିତ୍ରୀ ଲିଙ୍ଗରାଜ, ଏକାମ୍ରେଶ୍ୱର, ଉଗ୍ରେଶ୍ୱର, ବିଶ୍ୱେଶ୍ୱର ଚିତ୍ରଗୁପ୍ତେଶ୍ୱର, ସର୍ବେଶ୍ୱର, ଲକ୍ଷ୍ମୁକେଶ୍ୱର, ଶତ୍ରୁଘ୍ନେଶ୍ୱର, ଈଶାନେଶ୍ୱର, ଭରତଭୂତେଶ୍ୱର, ଶ୍ରୀକଣ୍ଠେଶ୍ୱର,

ଲଙ୍ଗଳୀଶ୍ୱର, ସୋମେଶ୍ୱର, ଶ୍ରୀଖଣ୍ଡୀଶ୍ୱର, ଦର୍ଦ୍ଦୁରେଶ୍ୱର, ଅନନ୍ତେଶ୍ୱର, ସମସ୍ୱୟମ୍ଭେଶ୍ୱର, ଚନ୍ଦ୍ରେଶ୍ୱର, ବ୍ରହ୍ମେଶ୍ୱର, ଗୋକର୍ଣ୍ଣେଶ୍ୱର, ଉତ୍ପଳେଶ୍ୱର, ଭାସ୍କରେଶ୍ୱର କପାଳମୋଚନେଶ୍ୱର, ପୂର୍ଣ୍ଣଗ୍ରାମେଶ୍ୱର, ଅଲାବୁକେଶ୍ୱର, ଉତ୍ତରେଶ୍ୱର, ଭୀମେଶ୍ୱର ଯଜ୍ଞଭାସ୍କରେଶ୍ୱର, ବଶିଷ୍ଠ ଓ ବାମଦେବ, ରାମେଶ୍ୱର, ସୀତାମାରୁତୀଶ୍ୱର, ଗୋ-ସହସ୍ରେଶ୍ୱର, ପରଦାରେଶ୍ୱର, ଈଶାନେଶ୍ୱର, ରୁଦ୍ରେଶ୍ୱର, କୁକ୍‌କୁଟେଶ୍ୱର, କପାଳମୀ ନୃତ୍ୟେଶ୍ୱର, ବରୁଣେଶ୍ୱର, ଯୋଗମାତା ରାଧା, ଈଶାନେଶ୍ୱର, ଯମେଶ୍ୱର, ଲକ୍ଷ୍ମୀଶ୍ୱର ରୁଦ୍ରେଶ୍ୱର, ସୁଲୋକେଶ୍ୱର, କୋଟିତୀର୍ଥେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର, ଶବରେଶ୍ୱର, ସୁରେଶ୍ୱର, ସିଦ୍ଧେଶ୍ୱର, ମୁକ୍ତେଶ୍ୱର, ଶଙ୍କେଶ୍ୱର, କେଦାରେଶ୍ୱର, ମରୁତେଶ୍ୱର, ହଟକେଶ୍ୱର, ଦୈତ୍ୟେଶ୍ୱର, ଶିଖରେଶ୍ୱର, ପୂର୍ବେଶ୍ୱର, ବୈଦ୍ୟନାଥ ଅଷ୍ଟସୁକ୍ଷ୍ମେଶ୍ୱର ଆମ୍ରାତକେଶ୍ୱର, ମଧ୍ୟମେଶ୍ୱର, ଭୀମେଶ୍ୱର, ଭୈରବେଶ୍ୱର, ସୁନ୍ଦରେଶ୍ୱର, କପିଳେଶ୍ୱର, ସୂକ୍ଷ୍ମେଶ୍ୱର । ପୁଷ୍କରଣୀ ମଧ୍ୟରେ ବିନ୍ଦୁ ସରୋବର, କେଦାର କୁଣ୍ଡ, ବ୍ରହ୍ମକୁଣ୍ଡ, କପିଳକୁଣ୍ଡ, ଗଙ୍ଗା ଯମୁନା ଇତ୍ୟାଦି ପ୍ରତ୍ୟେକ ଦେଉଳ ନିକଟରେ ଗୋଟିଏ ଲେଖାଏଁ କୁଣ୍ଡ ବା ପୁଷ୍କରଣୀ ଅଛି । ଏ ସମସ୍ତ ଉତ୍କଳ ଶିଳ୍ପ ଓ ଭାସ୍କର କାର୍ଯ୍ୟର ମୂକସାକ୍ଷୀ ସ୍ୱରୂପ ।

ଉତ୍କଳର ଦ୍ୱିତୀୟ ଶିଳ୍ପାଗାର ଜଗନ୍ନାଥ ବଡଦେଉଳ । ଭୁବନେଶ୍ୱରର ଦେଉଳମାନଙ୍କ ପରି ଏଠାରେ ବହୁତ ଭାସ୍କରକାର୍ଯ୍ୟ ନାହିଁ । ବଡ଼ଦେଉଳର ସିଂହଦ୍ୱାର ପୂର୍ବଦିଗକୁ । ଦେଉଳଦ୍ୱାର ପଶ୍ଚିମ ଓ ଦକ୍ଷିଣଦିଗକୁ ହେବାର ବିଧି । ମାତ୍ର ଉତ୍କଳର ଅଧିକାଂଶ ଦେଉଳର ମୁଖ ପୂର୍ବଦିଗକୁ ଥିବାର ଦେଖାଯାଏ । ବଡଦେଉଳର ଚାରିଦିଗକୁ ଚାରିଗୋଟି ଦ୍ୱାର ଅଛି । ଦେଉଳର ଚାରିପାର୍ଶ୍ୱରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ଅଛି । ଏହାକୁ ବାହାର ବେଢା ପ୍ରାଚୀର କହନ୍ତି । ଉଚ୍ଚରେ ୨୦ ଫୁଟରୁ ୨୪ ଫୁଟ ପର୍ଯ୍ୟନ୍ତ । ଲମ୍ବ ୬୬୫ ଫୁଟ × ୬୪୦ ଫୁଟ । ଦେଉଳର ଚାରିଦ୍ୱାରର ଚାରିଗୋଟି ନାମ ଅଛି, ଯଥା— ସିଂହଦ୍ୱାର, ହସ୍ତୀଦ୍ୱାର, ଖଞ୍ଜାଦ୍ୱାର, ଅଶ୍ୱଦ୍ୱାର କିମ୍ବା ପୂର୍ବଦ୍ୱାର ଉତ୍ତରଦ୍ୱାର, ପଶ୍ଚିମଦ୍ୱାର ଓ ଦକ୍ଷିଣଦ୍ୱାର । ଅରୁଣ ସ୍ତମ୍ଭଟି ଉପରେ ୩୪ ଫୁଟ । ଭିତର ବେଢାର ପରିମାଣ ୪୨୦ ଫୁଟ × ୩୧୫ ଫୁଟ । ଦେଉଳରେ ଅନେକଗୁଡ଼ିଏ ପ୍ରସ୍ତରମୂର୍ତ୍ତି ଅଛି, ଯଥା—ରାହୁ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଗରୁଡପରେ ନାରାୟଣ, ହନୁମାନ, କାଳିଆଦମନ, ସିଂହ, ଗଜ, ଲକ୍ଷ୍ମୀନୃସିଂହ, ଦ୍ୱାରପାଳ, ହରିହର, ଗୋବର୍ଦ୍ଧନଧାରୀ କୃଷ୍ଣ, ବାମନ, ବରାହ, ନୃସିଂହ, ଦୋଳଯାତ୍ରା ଇତ୍ୟାଦି ଜଗମୋହନ ଉପରେ ଅନେକଗୁଡ଼ିଏ ଜାଲିକାମ ହୋଇଛି ।

ସାକ୍ଷୀଗୋପାଳଙ୍କ ଦେଉଳରେ ବିଶେଷ କିଛି ଭାସ୍କରକାର୍ଯ୍ୟ ନାହିଁ ।

ତୃତୀୟ ଶିଳ୍ପ ଭଣ୍ଡାର କୋଣାର୍କ ଦେଉଳ । ଏ ଦେଉଳ ନିର୍ମାଣ କରି ଶିଳ୍ପୀମାନେ ସେମାନଙ୍କ ବିଦ୍ୟାବୁଦ୍ଧି, ଜ୍ଞାନବିଜ୍ଞାନ ଓ ଶିଳ୍ପଚାତୁରୀର ପରାକାଷ୍ଠା ଦେଖାଇଛନ୍ତି । ଏପରି ନୟନମନମୁଗ୍ଧକର ଶିଳ୍ପକାର୍ଯ୍ୟ ପୃଥିବୀରେ ଅନ୍ୟତ୍ର ଅଛି କି ନା ସନ୍ଦେହ । ସର୍ବୋତ୍କୃଷ୍ଟ ଭାସ୍କରକାର୍ଯ୍ୟ-ଜାଲଦ୍ୱାରା ଏ ଦେଉଳ ଆଚ୍ଛାଦିତ ହୋଇ-ଥିଲା ପରି ଜଣାଯାଏ । ଏ ଦେଉଳଟି ରଥ ଦେଉଳ । ଗୋଟିଏ ଚକ୍ର ପରେ ପ୍ରତିଷ୍ଠିତ । ଆଉ ୨୪ ଗୋଟି ପ୍ରସ୍ତରେ ନିର୍ମିତ ଚକ୍ର ଅଛି । ବିମାନର ଦକ୍ଷିଣ ମୁହଁଆଡ଼େ ୬, ଉତ୍ତରରେ ୬, ଜଗମୋହନ ଉତ୍ତରରେ ୪ ଓ ଦକ୍ଷିଣରେ ୪, ପ୍ରଧାନ ପାବଚ୍ଛର ଦକ୍ଷିଣ ଦିଗକୁ ୨ ଓ ଉତ୍ତରଦିଗକୁ ୨ । ରାହାପାଗରେ ତିନଗୋଟି ବଡ଼ ବଡ଼ ସୂର୍ଯ୍ୟମୂର୍ତ୍ତି ଅଛି । ନବଗ୍ରହ, ଚତୁର୍ମୁଖ ବ୍ରହ୍ମା, ଚତୁର୍ଭୁଜ ବିଷ୍ଣୁ, ପଦ୍ମାସନ ପରେ ଅବସ୍ଥିତ କୃତମୁଖ ପକ୍ଷୀ ବା ସ୍ୱର୍ଗଅପ୍ସରା, ବାଦ୍ୟଯନ୍ତ୍ରହସ୍ତା ସ୍ତ୍ରୀ, ହସ୍ତୀ, ଅଶ୍ୱ, ସର୍ପ, ରାହୁ, କେତୁ ଇତ୍ୟାଦି ଅସଂଖ୍ୟ ପ୍ରତିମୂର୍ତ୍ତି ଖୋଦିତ ହୋଇଛି । ମୂର୍ତ୍ତି-ଗୁଡ଼ିକୁ ଆଖିରେ ନ ଦେଖିଲେ କଳାକୁଶଳତା ବୁଝିପାରିବ ନାହିଁ । ଓଡ଼ିଆମାନେ ଏ ଦେଉଳରେ ଯେଉଁ କଳାକୁଶଳତା ଦେଖାଇଛନ୍ତି ତାହା ଲେଖାଦ୍ୱାରା ବର୍ଣ୍ଣନା କରିବା ସହଜ ନୁହେ । ଲେଖକର ଲେଖନୀ ଏ ଦେଉଳ ବା ଭୁବନେଶ୍ୱର ଦେଉଳରେ ପ୍ରଦର୍ଶିତ ହୋଇଥିବା ଭାସ୍କରକାର୍ଯ୍ୟମାନଙ୍କର ବିବରଣ ଦେବାକୁ ଅକ୍ଷମ । ଏ ଦେଉଳରେ ବଡ଼ ବଡ଼ ଲୁହାକଡ଼ି ବ୍ୟବହୃତ ହୋଇଥିଲା । ଗୋଟିଏ ଗୋଟିଏ ଲୁହାକଡ଼ିର ପରିମାଣ ୩୨'—୯'' × ୧'-୬'' । ଦେଉଳର ପୂର୍ବଦ୍ୱାରରେ ଯେଉଁ ପ୍ରକାଣ୍ଡ ନବଗ୍ରହ ମୂର୍ତ୍ତିସମନ୍ୱିତ ପ୍ରସ୍ତରଖଣ୍ଡ ଥିଲା, ତାହା ଗୋଟିଏ ଦ୍ରଷ୍ଟବ୍ୟ ବସ୍ତୁ । ଏହାର ଓଜନ ୨୬-୫ ଟନ୍ ଲମ୍ବ ୧୯'-୧୦'' × ୩'-୯''×୪'-୯'' । ୧୮୯୩ ମସିହାରେ ଏ ପ୍ରସ୍ତରଖଣ୍ଡ ଦ୍ୱିଖଣ୍ଡିତ କରାହୋଇଥିଲା, କାରଣ ଓଜନ ଊଣା ହେଲେ କଲିକତାକୁ ନିଆଯିବ । ମାତ୍ର ଏ ଯୁଗରେ ମଧ୍ୟ ତାକୁ ନେଇ ପାରିଲେ ନାହିଁ । ଏତେ ବଡ଼ ବଡ଼ ପ୍ରସ୍ତରଖଣ୍ଡମାନ କେତେ ଦୂରରୁ ଆଣି କିପରି ଉପାୟରେ ଦେଉଳ ଉପରକୁ ନେଇ ବସାଇଥିଲେ, ତାହା ବର୍ତ୍ତମାନ ଆମ୍ଭମାନଙ୍କ ସ୍ଥୂଳବୁଦ୍ଧିର ଅଗୋଚର । ଅନ୍ୟାନ୍ୟ କେତେଗୁଡ଼ିଏ ଲୁହାକଡ଼ି ପଡ଼ିଛି, କାହାର ଲମ୍ବ ୨୦'-୧୦'', କାହାର ୨୧'-୬'' ଏବଂ କାହାର ଲମ୍ବ ୨୩' ।

କୋଣାର୍କର ଦକ୍ଷିଣ-ପୂର୍ବରେ ରାମଚଣ୍ଡୀ ଠାକୁରାଣୀଙ୍କ ଦେଉଳ । ଏଥି-ଉପରେ ଅନେକଗୁଡ଼ିଏ ମୂର୍ତ୍ତି ଖୋଦିତ ଅଛି, ଯଥା—ମକର ବାହନ ଉପରେ ଗଙ୍ଗାଦେବୀ, ମେଣ୍ଢା ବାହନ ଉପରେ ଅଗ୍ନିଦେବ, ବୃହସ୍ପତି, ମହିଷମର୍ଦ୍ଦିନୀ, ଜଗନ୍ନାଥ, ଶିବଲିଙ୍ଗ, ସୀତାବିବାହ, ବିଷ୍ଣୁ, ସୂର୍ଯ୍ୟ ଇତ୍ୟାଦି ।

ଉତ୍କଳର ସମସ୍ତ ବିଭବ ଲୋପ ପାଇଛି, ମାତ୍ର ଏ ଶିଳ୍ପବିଭବ ଅଦ୍ୟାବଧି ଅକ୍ଷୁର୍ଣ୍ଣଭାବରେ ରହିଛି । କଳାକୁଶଳତାର ମୂକସାକ୍ଷୀ ସ୍ୱରୂପ ଏହି ଦେଉଳଗୁଡ଼ିକ

ଆଜ ପୁରାତନ ଓଡ଼ିଆ ଜାତିର ମହତ୍ତ୍ୱକୁ ପରିଚୟ ଦେଉଛି । ଆଜ ଶତ ଶତ ପ୍ରତ୍ନତତ୍ତ୍ୱବିତ୍ ମହାନୁଭବ ପଣ୍ଡିତମାନେ ଓଡ଼ିଆମାନଙ୍କ ପୁରାତନ କୀର୍ତ୍ତିକଳାପ ଦେଖିବାକୁ ଉତ୍କଳକୁ ଧାଇଁଛନ୍ତି । କର୍ପୁର ଯାଇ କନା ଥିବାପରି ଏ ଦେଉଳଗୁଡ଼ିକ ପଡ଼ିଛି ସତ, କିନ୍ତୁ ଯେତେବେଳେ ଉତ୍କଳବାସିମାନଙ୍କର ଜ୍ଞାନ ହେବ, ଯେତେବେଳେ ସେମାନଙ୍କର ଚକ୍ଷୁ ଉନ୍ମୀଳିତ ହେବ, ତେତେବେଳେ ସେମାନେ ଏ ଦେଉଳଗୁଡ଼ିକୁ ନିରୀକ୍ଷଣ କରି ଦେଖିଲେ ଆପଣାର ଜାତୀୟତା ଅନୁଭବ କରିପାରିବେ ।

ଏହି ଶିଳ୍ପକାର୍ଯ୍ୟମାନଙ୍କରୁ ପ୍ରତ୍ନତତ୍ତ୍ୱବିଦ୍‌ମାନେ ଅନେକ କଥା ଅନୁସନ୍ଧାନ ଦ୍ୱାରା ସ୍ଥିର କରିପାରନ୍ତି । ସାମାଜିକ ଅବସ୍ଥା, ଆଚାର ବ୍ୟବହାର, ଧର୍ମଶିକ୍ଷା ପ୍ରଭୃତି ତେତେବେଳେ କେତେଦୂର ଉନ୍ନତ ହୋଇଥିଲା ଏ ଶିଳ୍ପଗୁଡ଼ିକ ସେ ସମସ୍ତର ନିଦର୍ଶନ ସ୍ୱରୂପ ।

ପୋଷାକ ପରିଚ୍ଛଦ ସଭ୍ୟତାର ପ୍ରଥମ ସୋପାନ । ଅବଶ୍ୟ ବିଭିନ୍ନ ସ୍ଥାନର ଜଳବାୟୁର ତାରତମ୍ୟାନୁସାରେ ପୋଷାକ ପରିଚ୍ଛଦର ପାର୍ଥକ୍ୟ ହୋଇପାରେ । ମାତ୍ର ଯେଉଁ ଜାତି ସଭ୍ୟ ବୋଲି ପରିଚିତ, ତାହାର ପୋଷାକ ପରିଚ୍ଛଦ ବ୍ୟବହାର କରିବା ପ୍ରଥମ କର୍ତ୍ତବ୍ୟ । ସଭ୍ୟଜାତି କେବେ ଉଲଗ୍ନାବସ୍ଥାରେ ରହେ ନାହିଁ କିମ୍ବା ବଲ୍କଳ ପତ୍ର ପ୍ରଭୃତି ଦ୍ୱାରା ଶରୀର ଆବୃତ କରେ ନାହିଁ । ସୁତରାଂ ସଭ୍ୟ ଓ ଅସଭ୍ୟ ମଧ୍ୟରେ ପୋଷାକଟି ପ୍ରଧାନ ପରିଚାୟକ ।

ପୋଷାକ ଅର୍ଥରେ ହସ୍ତପ୍ରସ୍ତୁତ ପୋଷାକ କଥା କହୁଛୁ । ସଭ୍ୟତା ବୃଦ୍ଧି ସଙ୍ଗେ ସଙ୍ଗେ ମନୁଷ୍ୟର ପୋଷାକ ପରିଚ୍ଛଦର ବିଭିନ୍ନତା ଦୃଷ୍ଟି ହୁଏ । ବୃଦ୍ଧି ବୃତ୍ତି ଯେତେ ବେଶି ପ୍ରସ୍ଫୁଟିତ ହୁଏ ,ମନୁଷ୍ୟ ତେବେ ସୌନ୍ଦର୍ଯ୍ୟାନୁଭବ କରିପାରେ । ସୌନ୍ଦର୍ଯ୍ୟ ଅନୁଭବ କରି ପାରିଲେ ମନୁଷ୍ୟ ତଦ୍ଦ୍ୱାରା ଆପଣାକୁ ସୁଖୀ ବୋଲି ମନେ କରେ । ଏହି ସୁଖାନ୍ୱେଷଣ ଇଚ୍ଛା ହିଁ ମନୁଷ୍ୟ ଜୀବନର ପ୍ରଧାନ ଲକ୍ଷ୍ୟ । ସେ ସୁଖ କ'ଣ ? ଏ କଥା ଏଠାରେ ବର୍ଣ୍ଣନୀୟ ବିଷୟ ନୁହେଁ । ଏହି ସୁଖାନ୍ୱେଷଣ ପ୍ରଥମେ ପାର୍ଥିବ ବସ୍ତୁରେ ଆବଦ୍ଧ ଥାଏ । ଏହି ପାର୍ଥିବ ସୁଖାନ୍ୱେଷଣ ମଧ୍ୟରେ ନାନା ବର୍ଣ୍ଣର, ନାନା ଧଡ଼ିର, ନାନା ପ୍ରକାରର, ନାନା ପଦାର୍ଥପ୍ରସ୍ତୁତ ବସ୍ତ୍ରର ଆବଶ୍ୟକତା ଅନୁଭବ କରେ ଏବଂ ଏହି ହେତୁ ଆଜ ଆମ୍ଭେମାନେ ହାଟ ବଜାରରେ ନାନାପ୍ରକାର ପୋଷାକ ପରିଚ୍ଛଦ ଦେଖିବାକୁ ପାଉଁ ।

ଆମ୍ଭେ ଦେଉଳରେ ଯେଉଁ ମୂର୍ତ୍ତିଗୁଡ଼ିକ ଦେଖୁଁ ସେମାନେ ନାନା ପ୍ରକାର ପୋଷାକ ପିନ୍ଧିଥିବାର ଦେଖାଯାଏ । ବୈତାଳ ଦେବୀ ରେଶମୀ ଲୁଗା ପିନ୍ଧିଥିବାର

ଜଣାଯାଏ । ସ୍ତ୍ରୀମାନେ ନାନାପ୍ରକାର ପୋଷାକ ପରିଛଦ ପରିଧାନ କରିଥିବାର ଦେଖାଯାଏ । ସୂଚିକାର୍ଯ୍ୟ ଲୁଗାଉପରେ ନାନା ପ୍ରକାରର ଦେଖାଯାଏ । ଲୁଗା ଧଡ଼ିରେ ନାନା ପ୍ରକାରର କାରିଗରି ଦେଖାଯାଏ ।

ଏସବୁ ମୂର୍ତ୍ତିମାନଙ୍କୁ ତନ୍ନ ତନ୍ନ କରି ଦେଖିଲେ ଜଣାଯାଏ ଯେ ଓଡ଼ିଆମାନେ କେତେବେଳେ ଶ୍ମଶ୍ରୁ ଧାରଣ କରୁଥିଲେ, ଝୁଟ୍ ଯୋଡ଼ା ମାଡ଼ୁଥିଲେ, ନାନାପ୍ରକାର ଅଳଙ୍କାର, ଯଥା—ଚୁଡ଼ି ଖଡୁ, ତାଡ଼, ପାହୁଡ଼, ବଳା, ବାଙ୍କି, ପାପଦୁ, ପାଉଞ୍ଜି, ଝୁଣ୍ଟିଆ, ଚପ୍ପଲ ନାନାପ୍ରକାର ଧାତୁ ଗଠିତ ହାର, ମଣିମୁକ୍ତାବିଶିଷ୍ଟ ଅଳଙ୍କାର, ନୋଥ, ଗୁଣା ବସଣୀ ମଲ୍ଲିକଢ଼ୀ, ବଦ, ଚନ୍ଦ୍ରଝୁମ୍ପି, ଦଣ୍ଡି ପ୍ରଭୃତି ଆଯ୍ୟଅଳଙ୍କାର ବ ବହାର କରୁଥିଲେ । ଖଟ, ଚଉକି, ବେଞ୍ଚ, ପଙ୍ଖା, ଛତା, ଚ୍ଚମର ପ୍ରଭୃତି ବ୍ୟବହୃତ ହେଉଥିଲା । ନାନାପ୍ରକାରର ଅସ୍ତ୍ରଶସ୍ତ୍ର ମଧ୍ୟ ବ୍ୟବହାର ହେଉଥିଲା ବୋଲି ଜଣାଯାଏ, ଯଥା—ବର୍ଚ୍ଛା, ଖଣ୍ଡା, ତରବାରି, କଟାରି, ଭାଲ, ଢାଲ, କାଣ୍ଡ, କାଣ୍ଡବାଉଁଶ ବାଙ୍କ ଛୁରି ଇତ୍ୟାଦି । ପାଲଙ୍କି, ସବାରି, ଘୋଡ଼ା, ହାତୀ ପ୍ରଭୃତି ଯାନ ସ୍ୱରୂପ ବ୍ୟବହୃତ ହେଉଥିଲା । ଘୋଡ଼ାକୁ ଆୟତ୍ତ କରିବା ଲାଗି ଚାବୁକ ଥିଲା । ଏବଂ ହାତୀ ଲାଗି ଅଙ୍କୁଶ ଥିଲା । ନନାପ୍ରକାର ଜଳପାତ୍ର, ଖାଦ୍ୟପାତ୍ର ବ୍ୟବହୃତ ହେଉଥିବାର ଦେଖାଯାଏ । ଏ ସମସ୍ତ ବିଷୟ ଦେଖିଲେ କିଏ କହିବ ଯେ ଓଡ଼ିଆମାନେ ତେତେବେଳେ ଅସଭ୍ୟ ଥିଲେ । ସଭ୍ୟତାର ସମସ୍ତ ଉପକରଣ ଦେଖି ଯଦି କେହି କହେ ଯେ ଓଡ଼ିଆମାନେ କେତେବେଳେ ଅସଭ୍ୟ ଥିଲେ, ତେବେ ଆମ୍ଭେମାନେ ଏ ଉକ୍ତି କେବଳ ଈର୍ଷାଜନକ ବୋଲି ବାଧ୍ୟ ହୋଇ କହିବୁଁ ।

ଆଉ ଗୋଟିଏ କଥା ଦେଖାଯାଏ ଯେ ଗୋଟିଏ କନ୍ୟା ଠିଆ ହୋଇ ଲେଖୁଥିବାର ଛବି । ଏଥିରୁ ଜଣାଯାଏ ତେତେବେଳେ ଓଡ଼ିଆ ସ୍ତ୍ରୀମାନେ ଲେଖାପଢ଼ା ଜାଣୁଥିଲେ । ବାଳିକା ଯେଉଁଥିରେ ଲେଖୁଛି ସେଟି ଲେଖନ ପତ୍ର ଦିଶୁନାହିଁ, ବରଂ କାଠିକଲମ ବା କୋଚଲି ଖଡ଼ିପରି ଦେଖାଯାଏ । ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଲେଖିଛନ୍ତି ଯେ ବଙ୍ଗ ମହିଳାଙ୍କ ଅପେକ୍ଷା ଓଡ଼ିଆ ମହିଳାମାନେ ଲେଖାପଢ଼ାରେ ବିଶେଷ ପଟୁ ।

କେଶବିନ୍ୟାସ ସଭ୍ୟତାର ଅନ୍ୟ ଗୋଟିଏ ଅଙ୍ଗ । ଦେଉଳର ସ୍ତ୍ରୀ ମୂର୍ତ୍ତି ଦେଖିଲେ ଜଣାଯାଏ ଯେ ଏମାନଙ୍କର କେଶବିନ୍ୟାସର ପରିପାଟୀ ବଡ଼ ମନୋହର ଥିଲା । ଦୁଇ ତିନି ପ୍ରକାରର ଖୋସା, ବେଣୀ, ଚୂଟି ପ୍ରଭୃତି ନାନା ପ୍ରକାରର ସୁନ୍ଦର କେଶବିନ୍ୟାସ ପ୍ରଚଳିତ ଥିଲା । ମୁହଁ ଦେଖିବା ଲାଗି ଦର୍ପଣ ବ୍ୟବହୃତ ହେଉଥିଲା ।

ପ୍ରଫେସର ଲଉବକ୍ କହନ୍ତି ଯେ ମନୁଷ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖାଇବା ହିଁ ଶିଳ୍ପର କାର୍ଯ୍ୟ । ସୁତରାଂ ଉଲଗ୍ନ ମୂର୍ତ୍ତି ଆବଶ୍ୟକ ଏବଂ ଓଡ଼ିଆମାନେ ଉଲଗ୍ନ ମୂର୍ତ୍ତିଖୋଦିତ କରିବାଦ୍ୱାରା ଶିଳ୍ପର ଉପଯୁକ୍ତ ଜ୍ଞାନ ବିଷୟକ ରୁଚି ଦେଖାଇ ଯାଇଅଛନ୍ତି ।

ଏ ସମସ୍ତ ଶିଳ୍ପକାର୍ଯ୍ୟ ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏ ସମସ୍ତ ଦେଉଳ ନିର୍ମିତ ହେବାର ବହୁକାଳ ପୂର୍ବରୁ ଓଡ଼ିଆମାନେ ସଭ୍ୟତାର ଉଚ୍ଚତମ ସୋପାନରେ ଆସୀନ ଥିଲେ । ଏ ସମସ୍ତ ଭାସ୍କରକାର୍ଯ୍ୟରେ ଓଡ଼ିଆ ଶିଳ୍ପୀମାନେ ଯେଉଁ ପୂର୍ଣ୍ଣ ସୌନ୍ଦର୍ଯ୍ୟଭାବାନୁଭବ କରି ପାରିଥିବାର ପରିଚୟ ଦେଇ ଯାଇଛନ୍ତି, ତାହା ଦଶ ପଚିଶ ବର୍ଷର ଅଭିଜ୍ଞତା ନ ଥିବାର ସ୍ପଷ୍ଟ ଜଣାଯିବ ।

ଏ ଅଭିଜ୍ଞତା ଅଭିନବ ଅଭିଜ୍ଞତା ନୁହେଁ, ବରଂ ଏଗୁଡ଼ିକ ପରିପକ୍ୱ ଅଭିଜ୍ଞତାର ପୂର୍ଣ୍ଣ ପରିଚାୟକ । ଆଉ ଗୋଟିଏ କଥା ଏହି ଯେ ଉପରୋକ୍ତ ଦେଉଳମାନଙ୍କରେ ଯେଉଁ ସୂକ୍ଷ୍ମ, ସୁନ୍ଦର ଶିଳ୍ପକାର୍ଯ୍ୟମାନ ଅଛି ତହିଁରୁ ଶିଳ୍ପୀମାନଙ୍କ ହାତ ଓ ଚକ୍ଷୁକେତେ ଦୂର ଶିକ୍ଷିତ ଥିଲା ତାହା ସ୍ପଷ୍ଟ ଜଣାଯିବ । ଏ ପ୍ରକାର ହାତ ସଫାଇ ଦଶ ପାଞ୍ଚ ବର୍ଷର ଶିକ୍ଷାପ୍ରସୂତ ନୁହେଁ, ବରଂ ପୁରୁଷାନୁକ୍ରମେ ସେ ଶିକ୍ଷା ପୈତୃକ ବିଦ୍ୟା ଥିବାର ଜଣାଯାଏ ବଂଶଗତ ଶିକ୍ଷା ଗୁଣରୁ ଅଙ୍ଗ ପ୍ରତ୍ୟଙ୍ଗ ତଦୁପଯୋଗୀ ହୋଇଯିବାର ସ୍ୱାଭାବିକ ଏବଂ ବିଜ୍ଞାନସମ୍ମତ । ସୁତରାଂ ମୁଁ କହେଁ, ଏ ଶିଳ୍ପକାର୍ଯ୍ୟମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଓଡ଼ିଆମାନଙ୍କର ସଭ୍ୟତା ଅତି ପ୍ରାଚୀନ କାଳର କଥା ।

ଶିଳ୍ପବିଦ୍ୟା ବହୁ ପ୍ରାଚୀନ କାଳରୁ ହିନ୍ଦୁମାନଙ୍କୁ ଜଣାଥିଲା । କେତେକ ପାଶ୍ଚାତ୍ୟ ପଣ୍ଡିତ କହନ୍ତି ଯେ ଆଲେକଜାଣ୍ଡରଙ୍କ ଭାରତାଗମନ ପୂର୍ବେ ଭାରତବାସୀମାନେ ଶିଳ୍ପବିଦ୍ୟା ଜାଣି ନଥିଲେ । ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଆଲେକଜାଣ୍ଡର ଖ୍ରୀଷ୍ଟପୂର୍ବ ୩୨୬ରେ ଭାରତକୁ ଆସିଥିଲେ ଏବଂ କେବଳ ୮୦ ବର୍ଷଥିଲେ । କିନ୍ତୁ ଅଶୋକଙ୍କ ରାଜତ୍ୱ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୨୫୦ବର୍ଷ ପୂର୍ବେ ଭାରତରେ ଭାସ୍କରକାର୍ଯ୍ୟ ବିଦ୍ୟମାନ ଥିବାର ଭୂରିଭୂରି ପ୍ରମାଣ ଅଛି । ରାମାୟଣ, ମହାଭାରତ ଓ ପାଣିନି ପ୍ରଭୃତି ଗ୍ରନ୍ଥମାନଙ୍କରେ ଅଟ୍ଟାଳିକା, ଭାସ୍କର, ସ୍ତମ୍ଭ, ଇଷ୍ଟକ, ତୋରଣ, ହର୍ମ୍ମ୍ୟ, ପ୍ରାସାଦ, ବିମାନ ଶିଖର, ଦେବାୟତନ, ସଭା, ଗୋପୁର, ତକ୍ଷକ, ବର୍ଦ୍ଧକି ଇତ୍ୟାଦି ଶବ୍ଦ ଦେଖାଯାଏ ଏବଂ ଏସବୁ ଶିଳ୍ପଜ୍ଞାନର ପରିଚାୟକ । ସୁତରାଂ ଓଡ଼ିଆମାନେ ଭୁବନେଶ୍ୱର ବା କୋଣାର୍କ ମନ୍ଦିରମାନ ନିର୍ମାଣ ହେବାର ବହୁକାଳ ପୂର୍ବରୁ ଶିଳ୍ପବିଦ୍ୟାରେ ଅଭିଜ୍ଞତା ଲାଭ କରିଥିଲେ । ଶିଳ୍ପବିଦ୍ୟା ବିଷୟକ ଅଭିଜ୍ଞତା ସଭ୍ୟତାର ପୂର୍ଣ୍ଣ ପରିଚାୟକ ।

ପ୍ରକୃତି ଜଣେ ସର୍ବୋତ୍କୃଷ୍ଟ ଶିଳ୍ପୀ । ପ୍ରକୃତିର ସୃଷ୍ଟିରଚନା ଅବଲୋକନ କଲେ ଜଣାଯାଏ ଯେ ଶିଳ୍ପବିଦ୍ୟାରେ ପ୍ରକୃତିର ଅସାଧାରଣ ଅଭିଜ୍ଞତା । ମାନବ ଜଗତରେ ହେଉ ପ୍ରାଣୀ ଜଗତରେ ହେଉ, ପଶୁପକ୍ଷୀ ଜଗତରେ ହେଉ, ଉଦ୍ଭିଦ ବା ଜଡ଼ ଜଗତରେ ହେଉ ଯେଉଁ ଆଡ଼କୁ ଚାହିଁ ଦେଖିବ ପ୍ରକୃତିରେ ପ୍ରକୃଷ୍ଟ ଶିଳ୍ପକୁଶଳତା । ବିଚିତ୍ର ଚିତ୍ରପୂର୍ଣ୍ଣ ଏହି ପୃଥିବୀକୁ ପ୍ରକୃତିର ଶୋଭାଭଣ୍ଡାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରକୃତିରାଣୀ ଅତି ଯତ୍ନ ସହକାରେ ଆପଣା ଶିଳ୍ପକୁଶଳତା ଦେଖାଇ ଏ ଭଣ୍ଡାରରେ କେତେ ବିଚିତ୍ର ଚିତ୍ର ପୂର୍ଣ୍ଣକରି ରଖିଛି । ଯେଉଁ ମାନବ ଶିଳ୍ପୀମାନେ ଏହି ପ୍ରାକୃତିକ ଶିଳ୍ପକୁ ଅନୁକରଣ କରି ଯେତେ ପୂର୍ଣ୍ଣତା ଆଡ଼କୁ ଯାନ୍ତି, ସେମାନଙ୍କୁ ଶିଳ୍ପବିଦ୍ୟାରେ ସେତେ ଉନ୍ନତ ବୋଲି କୁହାଯାଏ । ଏହି ଦୃଷ୍ଟିରେ ଓଡ଼ିଆମାନଙ୍କ ଶିଳ୍ପ ପର୍ଯ୍ୟବେକ୍ଷଣ କଲେ ଦେଖାଯିବ ଓଡ଼ିଆମାନେ ଶିଳ୍ପବିଦ୍ୟାରେ କେତେଦୂର ଉନ୍ନତ ହୋଇଥିଲେ ।

ଏହି ପ୍ରାଚୀନ କୀର୍ତ୍ତିଗୁଡ଼ିକ ଯେତେ ଦିନ ଥିବ ଓଡ଼ିଆ ଜାତିର ଗୌରବ ସେତେ ଦିନ ଅକ୍ଷୁର୍ଣ୍ଣଭାବରେ ଥିବ । ମାତ୍ର ଦୁଃଖର ବିଷୟ ଯେ କାଳକ୍ରମେ ଏଗୁଡ଼ିକ ଜୀର୍ଣ୍ଣ ହୋଇଆସୁଛି । ଏଗୁଡ଼ିକ ଉପରେ ରକ୍ଷାହେବା ଏହା ଓଡ଼ିଆମାନଙ୍କର ଗୋଟିଏ ଜାତୀୟ କର୍ତ୍ତବ୍ୟ ।

—o—

# ଜଗନ୍ନାଥ ଦେଉଳ

ଉତ୍କଳର ସବୁ ଯାଇଛି, ମାତ୍ର ସବୁ ଅଛି । ପ୍ରାଚୀନ ଉତ୍କଳର ବ୍ୟବସାୟ, ବାଣିଜ୍ୟ ଓ ଶିଳ୍ପ ପ୍ରଭୃତି ସମସ୍ତ ଲୋପ ହୋଇଅଛି ସତ୍ୟ, କିନ୍ତୁ ଦେବଦେବ ଜଗନ୍ନାଥ ଆଜିପର୍ଯ୍ୟନ୍ତ ଉତ୍କଳରେ ବିରାଜିତ । ଆଜି ଶତ ଶତ ସହସ୍ର ସହସ୍ର, ଲକ୍ଷ ଲକ୍ଷ ପାପୀ ତାପୀ ଉତ୍କଳକୁ ଧାଇଁଛନ୍ତି । ଆଜି ମଧ୍ୟ ଉତ୍କଳର ସେହି ପବିତ୍ରତା ଅକ୍ଷୁର୍ଣ୍ଣଭାବରେ ରହିଛି । ମାତ୍ର କାହାଲାଗି ? ଜଗନ୍ନାଥ ମହାପ୍ରଭୁଙ୍କ ହେତୁ ନୁହେ କି ? ନିଶ୍ଚୟ ନିବାର ସତ୍ୟ । ସୁତରାଂ ଜଗନ୍ନାଥ, ଜଗନ୍ନାଥଙ୍କ ଦେଉଳ, ଦେଉଳର ଶାସନପ୍ରଣାଳୀ ପ୍ରଭୃତି ଆମ୍ଭମାନଙ୍କର ପ୍ରଧାନ ଆଲୋଚ୍ୟ ବିଷୟ । ମାଦଳାପାଞ୍ଜି ଏ ବିଷୟରେ ଆମ୍ଭମାନଙ୍କର ପ୍ରଧାନ ଆଶ୍ରୟ ।

ଜଗନ୍ନାଥଙ୍କ ଆବିର୍ଭାବ – କେବେ ? କେଉଁଠି ?

ସୂର୍ଯ୍ୟକିରଣରେ ଯେଉଁ ରେଣୁଖଣ୍ଡମାନ ଉଡ଼ୁଥାଏ, ଦେଖାଯାଏ ନ ଯାଏ, ଲକ୍ଷ୍ୟକରି ପାରିଯାଏ ନାହିଁ, ତାକୁ ପରମାଣୁ କୁହାଯାଏ । ୨ ପରମାଣୁ = ୧ ଅଣୁ । ଲକ୍ଷେ ରେଣୁ = ୧ ତ୍ରୁଟୀ । ୧୦୦ ତ୍ରୁଟୀ = ୧ ବୋଧ । ୩ ବୋଧ = ୧ ଲବ । ୩ ଲବ = ୧ କ୍ଷଣ । ୫ କ୍ଷଣ = ୧ କାଷ୍ଠା । ୧୫ କାଷ୍ଠା = ୧ କଳା । ୧୫ କଳା = ୧ ଲଘୁତା । ୧୫ ଲଘୁତା = ୧ ଦଣ୍ଡ । ୨ ଦଣ୍ଡ = ୧ ଘଡ଼ି ବା ମୁହୂର୍ତ୍ତ । ୧୫ ଦଣ୍ଡ = ୩୦ ଘଡ଼ି = ୧ ଦିବସ । ୩୦ ଦଣ୍ଡ = ୧ ରାତ୍ର । ଅହୋରାତ୍ର = ୬୦ ଦଣ୍ଡ = ୧ ଦିନ । ଗ୍ରହମାନଙ୍କ ନାମାନୁସାରେ ସାତ ଦିନର ନାମକରଣ । ୭ × ୨ = ୧୪ ତିଥି । ପ୍ରତିପଦ୍‌ଠାରୁ ପୂର୍ଣ୍ଣିମାଯାଏଁ ୧୫ ତିଥି = ଶୁକ୍ଳପକ୍ଷ ଏବଂ ଚନ୍ଦ୍ରକ୍ଷୟ = ଅମାବାସ୍ୟାଯାଏଁ ୧୫ ତିଥି = କୃଷ୍ଣପକ୍ଷ । ୨ ପକ୍ଷ = ୧ ମାସ । ୧୨ ମାସ = ୧ ବର୍ଷ । ବର୍ଷ ଦୁଇ ପ୍ରକାର । ସୌରବର୍ଷ, ଯଥା—ମେଷ, ବୃଷ ଆଦି ଏବଂ ସାବର୍ଣ୍ଣି ବର୍ଷ, ଯଥା ଚୈତ୍ର, ବୈଶାଖ ଆଦି । ୬ ଋତୁ = କୁମ୍ଭମାସ ଅର୍ଦ୍ଧଠାରୁ ମେଷାର୍ଦ୍ଧ ପର୍ଯ୍ୟନ୍ତ, ବସନ୍ତ ଇତ୍ୟାଦି କ୍ରମେ । ୧୨ ମାସ = ୧ ଅୟନ ।

ଦେବତାମାନଙ୍କ ଗଣନାନୁସାରେ ମକରାଦି ୬ ମାସ = ୧ ଦିନ = ଅୟନ ଏବଂ କର୍କଡାଦି ୬ ମାସ = ୧ ରାତ୍ର = ଯାମ୍ୟାନ୍ତିକାୟନ । ବର୍ଷ ଚାରି ପ୍ରକାର,

ଯଥା—(୧) ସୌର, (୨) ସାବର୍ଣ୍ଣ, (୩) ଚାନ୍ଦ୍ରାୟଣ, (୪) ନାକ୍ଷତ୍ରିକ ଅର୍ଥାତ୍ ପରିବତ୍ସର, ଇଦାବତ୍ସର, ଧନୁବତ୍ସର ଓ ସମ୍ବତ୍ସର ।

ମନୁଷ୍ୟର ୧ ମାସ = ପିତୃଲୋକ ୧ ଦିନ ।

ମନୁଷ୍ୟର ୧ ବର୍ଷ = ଦେବତାଙ୍କର ୧ ଦିନ ।

ମନୁଷ୍ୟବର୍ଷ—ସତ୍ୟ, ତ୍ରେତା, ଦ୍ୱାପର ଓ କଳି । ବର୍ଷ ପରିମାଣ ୪୩୨୦୦୦ । ଦେବତାଙ୍କର ୧୨ ବର୍ଷ = ମନୁଷ୍ୟର ଏକ ଯୁଗ । ୭୧ ମନୁଷ୍ୟ-ଯୁଗରେ ୧ ମନୁ । ୧୮ ମନୁ ଭୋଗ ଶେଷରେ ଇନ୍ଦ୍ର ଚନ୍ଦ୍ର ନକ୍ଷତ୍ରପ୍ରଭୃତି ଯାନ୍ତି । ଏହିପରି ୧୪ ମନୁ = ବ୍ରହ୍ମାଙ୍କର ୧ ଦିନ ।

ମନୁଷ୍ୟବର୍ଷ ୩୧୧୦୪୦୦୦୦୦୦୦୦୦୦୦ = ବ୍ରହ୍ମାଙ୍କ ୧ ବର୍ଷ = ପ୍ରଥମ ପରାର୍ଦ୍ଧ ଓ ୨ୟ ପରାର୍ଦ୍ଧ ।

ବ୍ରହ୍ମାଙ୍କ ପ୍ରଥମ ପରାର୍ଦ୍ଧରେ ପରମେଶ୍ୱର ଭୂଲୋକରେ ଜମ୍ବୁଦ୍ୱୀପର ଭରତ-ଖଣ୍ଡର ଉତ୍ତର ଦେଶରେ ଦକ୍ଷିଣ ମହୋଦଧିର ଉତ୍ତରତୀରରେ ଶ୍ରୀପୁରୁଷୋତ୍ତମ ବୈକୁଣ୍ଠରେ ଦଶ ଯୋଜନ ମଧ୍ୟରେ ଦକ୍ଷିଣାବର୍ତ୍ତିକ ଶଙ୍ଖ, ପଞ୍ଚକ୍ରୋଶ ଭିତରେ ଶଙ୍ଖର ନାଭିମଣ୍ଡଳସ୍ଥ ନୀଳକନ୍ଦର ପର୍ବତରେ ନୀଳମଣିଗଠିତ ଶଙ୍ଖ ଚକ୍ର ଓ ଗଦା ପଦ୍ମ ସହିତ ଚତୁର୍ଭୁଜ ହୋଇ ନୀଳମାଧବ ମୂର୍ତ୍ତି ଅବତାର ହେଲେ । ଦେବତା-ମାନେ ପୂଜକ ହେଲେ । ଶବରଦ୍ୱୀପରୁ ଯାଇ ବିଶ୍ୱାବସୁ ଶବର ବୈଷ୍ଣବ ପୂଜାକଲେ । ଏହିପରି ପ୍ରଥମ ପରାର୍ଦ୍ଧ ଶେଷ ହେଲା । ୨ୟ ପରାର୍ଦ୍ଧର ୫୧ ବର୍ଷ ପ୍ରବେଶ ହୁଅନ୍ତେ ପ୍ରଥମ ଏକ ଦିବସରେ ବ୍ରହ୍ମା ନିଦ୍ରା, ଆଳସ୍ୟ ତ୍ୟାଗକରି ସୃଷ୍ଟି ଦେଖିଲେ ଚତୁର୍ଦ୍ଦିଗ ଜଳପରିପୂର୍ଣ୍ଣ । ସୃଷ୍ଟି ଇଚ୍ଛାକଲେ । ୧୨ ସୂର୍ଯ୍ୟ ଉଦିତ ହେଲେ । ଅର୍ଦ୍ଧାଂଶମୀ ଦେଖି ଅର୍ଦ୍ଧେକ ଜଳ ପାନ କଲେ । ପାତାଳରେ ସଙ୍କର୍ଷଣଙ୍କ-ଠାରେ ପ୍ରଚଣ୍ଡ ଅଗ୍ନିତେଜ ବାହାରିଲାରୁ ଜଳ ଶୁଷ୍କ ହେଲା । ମନୁସନ୍ଧି ଏକ ଯୁଗ ଗତ ହେଲା । ସତ୍ୟଯୁଗ ଆରମ୍ଭ ହେଲା ୧୭୧୮୦୦୦ ବର୍ଷ ।

ଇନ୍ଦ୍ରଦ୍ୟୁମ୍ନ ମହାରାଜା ବଡ଼ ବିଷ୍ଣୁଭକ୍ତ ଥିଲେ ଏବଂ କେଉଁଠାକୁ ଗଲେ ବିଷ୍ଣୁଙ୍କ ସହିତ ସାକ୍ଷାତ ହେବ ବୋଲି ଚିନ୍ତିତ ଥିଲେ । ଜଟାଳ ନାମକ ଜଣେ ବୈଷ୍ଣବ ଦୈବଶତଃ ଇନ୍ଦ୍ରଦ୍ୟୁମ୍ନଙ୍କ ରାଜସଭାରେ ପ୍ରବେଶ ହୋଇ ନୀଳମାଧବଙ୍କ କଥା ଜଣାଇଲେ । ରାଜା ଏ ସମ୍ବାଦ ପ୍ରାପ୍ତ ହୋଇ ରାଜ ପୁରୋହିତ ବିଦ୍ୟାପତିଙ୍କୁ ରାସ୍ତା ପ୍ରଭୃତି ଠିକଣା କରିବାଲାଗି ପ୍ରେରଣ କଲେ । ବିଦ୍ୟାପତି ବହୁ ଶ୍ରମକରି ବିଶ୍ୱା-ବସୁ ଶବର ଘରେ ପ୍ରବେଶ ହେଲେ ଏବଂ ତା ସହିତ ମିତ୍ରତା ସ୍ଥାପନ କଲେ ।

ଶବର କନ୍ୟା ସହିତ ବିଦ୍ୟାପତିଙ୍କର ବିବାହ ହେଲା ଏବଂ ତା ସାହାଯ୍ୟରେ ନୀଳମାଧବ ଦର୍ଶନ କଲେ । ବିଦ୍ୟାପତି ଦର୍ଶନଲାଭ କରି ଫେରିଆସି ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ସଂବାଦ ଦେଲେ ।

ଇନ୍ଦ୍ରଦ୍ୟୁମ୍ନ ମହାରାଜା ସମ୍ବାଦ ପାଇ କୃତକୃତ୍ୟ ହୋଇ ଦର୍ଶନଲାଭଆଶାରେ ଯାତ୍ରାକଲେ । ଇତମଧ୍ୟରେ ନୀଳମାଧବ ଅନ୍ତର୍ଦ୍ଧାନ ହେଲେ ଏବଂ ରାସ୍ତାରେ ନାରଦ ଏ ସମ୍ବାଦ ଇନ୍ଦ୍ରଦ୍ୟୁମ୍ନଙ୍କୁ ଜଣାଇଲେ । ରାଜା ସମ୍ବାଦ ପାଇ ଯତ୍ପରୋନାସ୍ତି ଦୁଃଖିତ ହେଲେ ଏବଂ ଆପଣାକୁ ଧିକ୍‌କାର କଲେ । ମାତ୍ର ଆକାଶବାଣୀ ହେଲା ଯେ "ତୁମ୍ଭେ ଆଉ ଏ ମୂର୍ତ୍ତି ଦେଖିପାରିବ ନାହିଁ । ପାଞ୍ଚଶ ବର୍ଷ ମଧ୍ୟରେ ୧୦୦୦ ଅଶ୍ୱମେଧ ଯଜ୍ଞ କଲେ ଆମ୍ଭେ ଦାରୁବ୍ରହ୍ମ ରୂପରେ ଅବତୀର୍ଣ୍ଣ ହେବୁଁ । ସେତେବେଳେ ତୁମ୍ଭେ ଦର୍ଶନ ପାଇବ । ଆମ୍ଭେ ଚତୁର୍ଦ୍ଧା ମୂର୍ତ୍ତିରେ ଆବିର୍ଭୂତ ହେବୁ, ଯଥା—(୧)ବଳଭଦ୍ର ଶଙ୍ଖବର୍ଣ୍ଣ, ଋକ୍‌ବେଦରେ ଚିନ୍ତା କରିବ ଏବଂ ରାଜମନ୍ତ୍ରରେ ପୂଜା କରିବ । (୨) ଜଗନ୍ନାଥ ନୀଳମେଘସମ ବର୍ଣ୍ଣ, ଶ୍ୟାମବେଦରେ ଚିନ୍ତା, ଦ୍ୱାଦଶାକ୍ଷର ମନ୍ତ୍ରରେ ପୂଜା । (୩) ସୁଭଦ୍ରା ଅରୁଣ ଓ କୁଙ୍କୁମବର୍ଣ୍ଣ ମିଶ୍ରିତ ଯଜୁର୍ବେଦରେ ଚିନ୍ତା, ଦେବୀଶକ୍ତି ମନ୍ତ୍ର । (୪) ସୁଦର୍ଶନ ରକ୍ତବର୍ଣ୍ଣ, ଅଥର୍ବବେଦରେ ଚିନ୍ତା ।"

ରାଜା ଏହି ଆକାଶବାଣୀ ଶୁଣି କ୍ଷେତ୍ରମଧ୍ୟରେ ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଇନ୍ଦ୍ରଦ୍ୟୁମ୍ନ ପୋଖରୀଠାରେ ଯଜ୍ଞ ହେଲା । ଦାରୁବ୍ରହ୍ମ ଆସି ସମୁଦ୍ରରେ ବାଙ୍କିମୁହାଣ ନିକଟରେ ଲାଗିଲେ । ସେଠାରୁ ଦାରୁ ଅଣାଯାଇ ଗୁଣ୍ଡିଚା ମନ୍ଦିରରେ ମୂର୍ତ୍ତି ଗଠିତ ହେଲା । ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ତ୍ରୀଙ୍କ ନାମ ଗୁଣ୍ଡିଚା ଥିଲା । ଗୁଣ୍ଡିଚା ମନ୍ଦିର ଓ ଗୁଣ୍ଡିଚା ଯାତ୍ରା ତାଙ୍କ ନାମରେ ନାମିତ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ବଡ଼ଦେଉଳ ଗୁଭ ଦେଲେ, ୧୦୦୦ ହାତ ଉଚ୍ଚରେ ଦେଉଳ ପ୍ରସ୍ତୁତ କରାଇଲେ ଏବଂ ଦେବତାମାନଙ୍କୁ ପ୍ରତିଷ୍ଠା କରାଇ ଦେଉଳରେ ବିଜେ କରାଇବା ଲାଗି ବ୍ରହ୍ମାଙ୍କ ନିକଟକୁ ଗଲେ । ବ୍ରହ୍ମାଙ୍କ ସହିତ ଫେରିଆସିବାବେଳକୁ ଗାଲମାଧବ ରାଜା ଦେଉଳ ଅଧିକାର କରି ଦେବତାଙ୍କୁ ପୂଜା କରୁଛି । ଇନ୍ଦ୍ରଦ୍ୟୁମ୍ନ ଗାଲମାଧାବ ସହିତ ଯୁଦ୍ଧ କଲେ । ଗାଲମାଧବ ପରାସ୍ତ ହେଲେ । ଇନ୍ଦ୍ରଦ୍ୟୁମ୍ନ ଦେଉଳ ପ୍ରତିଷ୍ଠା କଲେ । ଠାକୁରମାନେ ଦେଉଳରେ ବିଜେ କଲେ । ନୃସିଂହମୂର୍ତ୍ତି ଦର୍ଶନ ପରେ ବ୍ରହ୍ମା ଶାନ୍ତିମନ୍ତ୍ର ଜପ କଲେ । ପରେ ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ ବରପ୍ରଦାନ କଲେ । ଇନ୍ଦ୍ରଦ୍ୟୁମ୍ନ ପ୍ରାର୍ଥନା କଲେ, "ପ୍ରଭୁ ! ମୋ ବଂଶରେ ଏ ଦେଉଳ ମୋର ବୋଲି ଦାବି କରିବାକୁ କେହି ନ ରହୁ" ।

ଜଗନ୍ନାଥ ମହାପ୍ରଭୁ ଭକ୍ତର କାମନାନୁସାରେ ବର ପ୍ରଦାନ କଲେ । ଫଳରେ ଇନ୍ଦ୍ରଦ୍ୟୁମ୍ନ ନିର୍ବଂଶ ହେବାରୁ ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ତାଙ୍କ ଲାଗି ଏକ ଦିନ ବାର୍ଷିକ ଶ୍ରାଦ୍ଧ କରନ୍ତି । ଦେଉଳରେ ଏ ପ୍ରଥା ଅଦ୍ୟାବଧି ପ୍ରଚଳିତ ଅଛି ।

ଇନ୍ଦ୍ରଦ୍ୟୁମ୍ନ ମହାରାଜ ବହୁକାଳ ପୂଜାକରି ବ୍ରହ୍ମଲୋକ ଗମନ କଲେ ଏବଂ ତାହାଙ୍କ ପରେ ଶ୍ୱେତମୁଖ ରାଜା ସେବାକଲେ । କଳି ଆରମ୍ଭ ପରେ ଅନେକ ରାଜା ପରମେଶ୍ୱରଙ୍କୁ ସେବା କରି କାଳ କଟାଇଲେ ।

ପ୍ରଥମ ଦେଉଳ ୧୦୦୦ ହାତ ଉଚ୍ଚ ଥିବା କଥା ମାଦଳାପାଞ୍ଜିରୁ ଜଣାଯାଏ ।

ରାଜାମାନଙ୍କ ଦାନ ଦ୍ୱାରା ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ପୁଷ୍ଟିଲାଭ କଲା । ଯେ ଯେତେବେଳେ ରାଜା ହେଲେ ସେମାନେ ଜଗନ୍ନାଥଙ୍କ ସେବାପୂଜା ଯାନଯାତ୍ରା ଲାଗି ଅନେକ ଭୂସମ୍ପତ୍ତି ଖଞ୍ଜା କରିଥିଲେ ।

୧ । ଚୂଡ଼ଙ୍ଗ ଦେବ—ରାହାଙ୍ଗ ବିଶେଷଖଣ୍ଡି ହାରଗ୍ରାମ ୧ ବାଟି

୨ । ବୀରରଙ୍ଗ -ବେରବୋଇ ଗ୍ରାମ ଦଣ୍ଡା ଗୋପଥ ସହିତ ବା ୩୬୨୦।୦।୧୩ ।

୩ । ଏକଜଟା କାମଦେବ—ସାହାଙ୍ଗ ପ୍ରଗନା ଗୁଆଳିପଡ଼ା ଗ୍ରାମ ବା ୧୯୮।୪।୩ । ଗୁଆଳି ଗ୍ରାମ ବା ୫୮।୧୦।୮ଗୁଣ୍ଠ । ଡୋମପୁର ବା ୬୦।୦ ।

୪ । ମଦନ ମହାଦେବ—ଲେମ୍ବାଇ ଦଣ୍ଡପାଟ ଥେଣ୍ଟେଣା ଗ୍ରାମ ୨୮୭ ବାଟି ଖୋଲଉର ୧୮୭ ବାଟି, ରେଣ୍ଟୋ ବା ୧୦୦।୪।୧୪, ଉଉରବାଇ ୬୦ ବାଟି, ବାଲିଆ କରଞ୍ଜ ୧୦୦ ବାଟି, ରାଉତକେରା ବା ୪୦।୮, ବର୍ଙ୍କିଲୋ ବା ୧୫।୧୫।୧୫ ଗୁଣ୍ଠ, ବାମନରୋଆ ବା ୫୧।୧୫।୧୧, ଭଁସର ୧୪୦ ବାଟି, ଆଣିକିପୁର ବା ୫୪।୮।୧୮ ଗୁଣ୍ଠ, ପାଟଣାପୁର ବା ୧୬।୨।୧, ସାଧପଡ଼ା ବା ୪୫।୯।୪, ସୁଜନପୁର ବା ୨୪।୧୬।୧୭ଗୁଣ୍ଠ, ପସିଲୋ ବା ୫୬।୧୬।୭, ଗଡ଼ରାଦେଇପୁର ବା ୨୮।୧୧।୧୩, ବସନ୍ତପୁର ବା ୭୦।୧୦।୦, ବିଳାସପୁର ବା ୪୮।୧୦।୪, ବାଲିଆକେରା ୬୦ ବାଟି ।

୨ । ରାଜରାଜେଶ୍ୱର ଦେବ—ଅଁଲାଓଡ଼ା ବା ୧୭୬।୫।୧୧, ଡେଲଙ୍ଗ ବା ୧୧୯।୧୪।୧୪, କୈଲାସପୁର ବା ୧୨୦।୭।୨, ବାହାଲାବନ୍ଧ ୬୦ ବାଟି, ଗ୍ରେପେ ୪୦ ବାଟି ।

୬ । ଗ୍ରେଟା ପୁରୁଷୋତ୍ତମ ଦେବ—ମଣିକପୁର ତୋଟା ବା ୪।୩।୫, ପୂର୍ବରେ ବାଇ ପଶ୍ଚିମରେ ବାଇ ୪୦ ବାଟି, ସହଜପାର ୧୨୦ ବାଟି, ସାତକାଳିଆ ୩୦ ବାଟି ମହନନରୁଆ ୧୫ ବାଟି, ସିଂହାରପୁର ୩୦ ବାଟି, ମୃଧୁନୀପୁର ୩୦ ବାଟି, ଆୟୁତନରୁଆ ୧୦ ବାଟି, ଯୋଜନରୁଆ ୧୫୦ ବାଟି, ଆଗରଗୁଣବାଇଅଣ ଆଲଙ୍ଗ ୬୦ ବାଟି ।

୭ । ଅନଙ୍ଗଭୀମଦେବ—ଏହାଙ୍କ ମୁଦଲ "ସ୍ୱଦତ୍ତଂ ପରଦତ୍ତଂ ବା ଯେ ହରନ୍ତି ବସୁନ୍ଧରା । ବର୍ଷଷଷ୍ଟୀ ସହସ୍ରାଣୀ ବିଷ୍ଠାୟାଂ ଜାୟତେ କୃମୀ ॥"

ଏହାଙ୍କ ଅମଳରେ ୧୨ ଦସ୍ତି ପଦ୍ଧକାରେ ଯେଉଁ ମାପ ହୋଇଥିଲା ସେଥିରୁ ଦେଉଳ ସମ୍ବନ୍ଧୀୟ ଭଉଁରିଆରୁ ନିମ୍ନଲିଖିତ ହିସାବ ମିଳେ —

ପରମେଶ୍ୱରଙ୍କ ଦେଉଳ ୦ ବାଟି, ମାର୍କଣ୍ଡେଶ୍ୱର ୧ ବାଟି, ମାର୍କଣ୍ଡେଶ୍ୱର ଚକ୍ରତୀର୍ଥ ୪ ବାଟି, ଯମେଶ୍ୱର ୧୦ ମାଣ, ଶ୍ୱେତମାଧବ, ମତ୍ସ୍ୟମାଧବ, ଶ୍ୱେତଗଙ୍ଗା ତୀର୍ଥ ୨ ବାଟି, ଉଗ୍ରସେନମାଧବ ଓ ରୁକ୍ମିଣୀମାଧବ ୨ ମାଣ, ଦକ୍ଷିଣକାଳିକା ୨ ମାଣ, ଗ୍ରମଣ୍ଡା ୨ ମାଣ ମଙ୍ଗଳାଦେବୀ ୨ ମାଣ, ଅର୍ଦ୍ଧାଶନୀ ୨ ମାଣ, ସର୍ବମଙ୍ଗଳା ୫ ମାଣ, ଶ୍ରୀଗୁଣ୍ଡିଚା ନବର ୨ ବାଟି, ବାଲୁନୃସିଂହ ୫ ମାଣ ନୀଳମାଧବ, ନୀଳକଣ୍ଠେଶ୍ୱର ଓ ଇନ୍ଦ୍ରଦ୍ୟୁମ୍ନ ୨ ବାଟି, ଆଲମଚଣ୍ଡୀ ୫ ମାଣ, ସାହୁମାନଙ୍କ ଦେବଦେବୀ ୧୦ ମାଣ, ଅଠରବ୍ରହ୍ମପୁର ବା ୧୩୭।୬।୦ । ଏ ରାଜା ଦେଉଳ ଗୃହଦ୍ୱାରରେ ଅନେକ ମଠ ସ୍ଥାପିତ କଲେ । ଏମାନଙ୍କ ମଠଧାରୀମାନେ ନିମ୍ନଲିଖିତ କାର୍ଯ୍ୟ କରିବାକୁ ଦାୟୀଥିଲେ. ଯଥା—ପରମେଶ୍ୱରଙ୍କ ଭୋଗନୈବେଦ୍ୟ ଭଲ ମନ୍ଦ ବୁଝିବେ, ମୁଦ୍ରାହସ୍ତ ବା ମୁଦିରଥ, ପଶୁପାଳକ, ବ୍ରାହ୍ମଣ ସେବକମାନଙ୍କୁ ସନ୍ଧ୍ୟା, ପୂଜା ଓ ସ୍ନାନବିଧି ଶିକ୍ଷାଦେବେ, କ୍ଷେତ୍ରର ସମସ୍ତ ଲୋକମାନଙ୍କ ଗୁହାରି ବୁଝି ଦଣ୍ଡମଣ୍ଡ କରିବା ଲାଗି ପରୀକ୍ଷାକୁ କହିବେ ।

ସନ୍ୟାସୀ ୫୨ ମଠ ମଧ୍ୟରେ ଆନ୍ଧ୍ର ୧୨ ମଠ, ମହାରାଷ୍ଟ୍ର ୮, ଦ୍ରାବିଡ଼ ୮, କନୌଜ ୫, ହେଙ୍ଗୁଳା ୩, ଓଡ଼ିଆ ୧୪ ମଠ, ଗୌଡ଼ୀୟ ୫ ମଠ, ଏକାଦଶୀ ୩ ମଠ, ମନୋଦଣ୍ଡୀ ୧୫ ମଠ, ତ୍ରିଦଣ୍ଡୀ ୭ ମଠ । ପ୍ରତି ମଠକୁ ବାସ୍ତୁ, ତୋଟା, ଆଦି ଏକମାଣ ଲେଖାଏଁ ଭୂମିଦାନ ଦେଲେ । ମୁଦ୍ରାସ୍ତ ଦୁଇ ମଠ ମଧ୍ୟରେ ପରମେଶ୍ୱରଙ୍କ ବାଡରେ ମୁଦିରଥ ବିଷ୍ଣୁଶ୍ୟାମ ମୁଦିରସ୍ତ ଦଶ ମଠ ବାଲୁରେ

ଯୋଡ ହୋଇ ପଡ଼ିଥିବାରୁ ସେମାନଙ୍କୁ ଦେଲେ ସାତ ବର୍ଷରକୁ ବାସ୍ତୁଭିହ ତୋଟା ସହିତ ୧୦ ମାଣ. ବଳରାମ ଦେବଙ୍କ ବାଡ ଅଗ୍ନିଶର୍ମା ମଠ ୧୦ ମାଣ । ଦେଉଳ ପ୍ରତିଷ୍ଠା କରିଥିବା ଆନେୟ ଗୋତ୍ର ପୂର୍ଣ୍ଣରଥ ଆଗ୍ନର୍ଷିଙ୍କୁ ସବନ୍ଧୁ କୁଟୁମ୍ବ ନେଇ ରହିବାକୁ ଦକ୍ଷିଣ ପାର୍ଶ୍ୱରେ ରଥସାହି ୪ ବାଟି । ଉଗ୍ରସେନ ଶବରର ଗୃହପୁଅ, ୩ ଝିଅ ଓ କୁଟୁମ୍ବମାନଙ୍କୁ ନେଇ ରହିବାକୁ ଦଇତାପଡ଼ା ସାହି ୭ ବାଟି । ପଢିବଂଶମାନେ ଏକାଠି ରହିବା ଲାଗି ଭିଖାରୀପଡ଼ା ୬ ବାଟି ।

ପାଣିଛତା ପଣ୍ଡାମାନଙ୍କ ରହିବାସ୍ତୁ ଚୁଡ଼ଙ୍ଗସାହି ୩ ବାଟି । ସିଂହାରୀ ପଶୁପାଳକ ଆଉ ମହାଜନମାନଙ୍କୁ ରହିବାସ୍ତୁ ନିମିତ୍ତ ଦୋଳମଣ୍ଡପ ସାହି, ବାଲିସାହି ଓ ଯମେଶ୍ୱରପୁର ସାହି ୩ ବାଟି । ସୁଆର, ମହାସୁଆର ଓ ମୁଦୁଲି ସାହି ୩ ବାଟି । ଅନ୍ୟାନ୍ୟ ସେବକ ବାଲିସାହି, କାଳିକାଦେବୀସାହି, ମାଟିମଣ୍ଡପ ଓ ଚୁଡ଼ଙ୍ଗସାହି ୨୦ ବାଟି । ଯବନ ଉପଦ୍ରବ ଲାଗି ମାଣିକପାଟଣା , ଖାଲକଟା ପାଟଣା ଦୁଇ ମୁହାଁଣଠାରେ ରହିବା ଗୃପଦଳାଇ ଦୋବନ୍ଧାଠାରେ ରହିବାଲାଗି ୨୦ ମାଣ । ପରୀକ୍ଷା ଓ ପରକରଣମାନଙ୍କ ରହିବାଲାଗି ୩ ବାଟି । କ୍ଷେତ୍ରରେ ଜଳକୂଳ ପ୍ରଜା ରହିବାଲାଗ ୨୦ ବାଟି । କୁମ୍ଭାରପଡ଼ା ୩ ବାଟି । ମାର୍କଣ୍ଡ ମହୋଦଧି, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ତୀର୍ଥଠାରେ ସ୍ୱଦେଶୀ ଓ ପ୍ରଦେଶୀ ଯାତ୍ରୀ-ମାନଙ୍କୁ ସ୍ନାନ ଦାନ କରାଇ ଦକ୍ଷିଣା ନେବେ, ଏଥି ନିମନ୍ତେ ୨୦ ଜଣ ବ୍ରାହ୍ମଣ ମହାଜନ ବାସ୍ତୁଭିହ ୨୧ ବାଟି ଜଳଛତ୍ର ୧୯ ବାଟି, କୁମ୍ଭାରମାନଙ୍କ ଘରଭିହଲାଗି ସମଙ୍ଗ ଗ୍ରାମରୁ ୭ ବାଟି ।

ଜଗନ୍ନାଥ ଦେବଙ୍କ ଭୋଗରାଗ, ଯାତ୍ରାଯାତ୍ରାରେ ଖଞ୍ଜା :—

ଲେମ୍ବାଇ ଦଣ୍ଡପାଟ—

(୧) ସାତୁରଗ୍ରାମ ବା ୧୩୭।୩।୭ ଗୁଣ୍ଠ, (୨) ବାଲିହୁଙ୍କା ବା ୩୩।୫।୧୦ ଗୁଣ୍ଠ, (୩) ଦୋରକଣା ବା ୧୭।୧୩।୩ ଗୁଣ୍ଠ, (୪)ମଙ୍ଗପଡ଼ା ବା ୧୯।୧୨।୧୫ ଗୁଣ୍ଠ, (୫) ବର୍ଘିଲପାର ବା ୪।୨।୯ ଗୁଣ୍ଠ, (୬) ଧୂଆଁପଡ଼ା ବା ୬।୧୩।୧୨ ଗୁଣ୍ଠ, (୭) କଡାମିଲେ ବା ୧୬।୦।୩ ଗୁଣ୍ଠ, (୮) ଶଙ୍ଖପଡ଼ା ବା ୩୬।୮।୧୦ ଗୁଣ୍ଠ, (୯) ଡାକପଡ଼ା ବା ୩୩।୧୮।୪ ଗୁଣ୍ଠ, (୧୦) ବାଣପୁର ବା ୧୯।୧୦।୧୯ ଗୁଣ୍ଠ, (୧୧) ଗୁଡ଼ୁପାଇଲେ ବା ୨୨୫।୧୦।୧୨ ଗୁଣ୍ଠ, (୧୨) ବାଲୁପଡ଼ା ବା ୧୬।୧୭।୧୪ ଗୁଣ୍ଠ, (୧୩) ଅମୃତପୁର ବା ୨୫।୧।୧୮ ଗୁଣ୍ଠ, (୧୪) ସିଉଣା ବା ୨।୭।୧୪ ଗୁଣ୍ଠ, (୧୫) ସାଉତରା ବା ୨୬।୯।୧୨ ଗୁଣ୍ଠ, (୧୬) ଗାଙ୍ଗପୁର ବା ୪୭।୧।୦ ଗୁଣ୍ଠ, (୧୭) ବଡ଼ାଲେ ବା ୪୯।୫।୨୧ ଗୁଣ୍ଠ, (୧୮) ବେଗୁନିଆ ବା ୬।୧୭।୧୮ ଗୁଣ୍ଠ,

(୧୯) ସଡ଼ୋ ବା ୭୬୩।୩।୧୯ ଗୁଣ୍ଠ, (୨୦) ଆଙ୍କୁଲ ବା ୧୧୭।୨।୨୪ ଗୁଣ୍ଠ, (୨୧) ମୁଣ୍ଡିଆ ବା ୮୭।୧୪।୨୦ ଗୁଣ୍ଠ, (୨୨) କଣପଣିଆ ବା ୬୮।୫।୧୫ ଗୁଣ୍ଠ, (୨୩) ସେବତ୍ତାପୁର ବା ୫୯।୪।୭ ଗୁଣ୍ଠ, (୨୪) ସୁନ୍ଦୋଲ ବା ୧୫।୧୯।୧୭ ଗୁଣ୍ଠ, (୨୫) ସଡ଼ାଙ୍ଗୋଇ ବା ୨୫୪।୮।୧୯ ଗୁଣ୍ଠ, (୨୬) ଗଣ୍ଡାପଡ଼ା ବା ୮୬।୧୨।୨୦, (୨୭) ଓଡଗୁଙ୍କାପୁର ବା ୫୦।୮।୧୩ ଗୁଣ୍ଠ, (୨୮) ବ୍ରାହ୍ମଣଗଇପୁର ବା ୧୩।୯।୨୨ ଗୁଣ୍ଠ, (୨୯) କାଳୁପଡ଼ା ବା ୨୬।୧୬।୨ ଗୁଣ୍ଠ, (୩୦) ବ୍ରାହ୍ମଣଆଟଙ୍କୋଇ ବା ୧୬।୭।୩ ଗୁଣ୍ଠ (୩୧) ଶବର ଆଟୋଇ ବା ୧୬।୯।୧୦ ଗୁଣ୍ଠ, (୩୨) ନାୟକପଡ଼ା ବା ୨୦।୧୪।୧୩ ଗୁଣ୍ଠ (୩୩) ଖାରେଣ୍ଡାଲ ବା ୧୪।୭।୧୩ ଗୁଣ୍ଠ, (୩ ) ସଙ୍ଗମକେର ବା ୨୫।୭।୫ ଗୁଣ୍ଠ, (୩୫) ମଉଗ୍ର ବା ୬୫।୬।୧୪ ଗୁଣ୍ଠ, (୩୬) କେକେଞ୍ଚା ବା ୭।୭।୧୦ ଗୁଣ୍ଠ, (୩୭) ଲେଟେଗସ୍ତୁପାଶ ବା ୪।୧।୧୨ ଗୁଣ୍ଠ (୩୮) ବାଗ୍ରମୂଳ ବା ୩୧।୧।୦ ଗୁଣ୍ଠ, (୩୯) କାଣ୍ଟପୁର ବା ୭୦।୧୯।୦ ଗୁଣ୍ଠ, (୪୦) ମାଣିଖଣ୍ଡିଆପାଶ ବା ୩୬।୯।୧୯ ଗୁଣ୍ଠ, (୪୧) ଜୟପୁର ବା ୦୮।୧୫।୨୯ ଗୁଣ୍ଠ, (୪୨) ନାଗପୁର ବା ୫୪।୯।୯ ଗୁଣ୍ଠ, (୪୩) ରତ୍ନପୁର ବା ୬୭।୮।୧୪ ଗୁଣ୍ଠ. (୪୪) ତୋଟାପଡ଼ା ବା ୨୨।୧୭।୧୭ ଗୁଣ୍ଠ, (୪୫) ରଇଁସୋଲ ବା ପାସ୍ତାପଡ଼ା ବା ୬୭।୧୦।୪ ଗୁଣ୍ଠ, (୪୬) କୁମଙ୍ଗ ବା ୧୨।୭।୧୦ ଗୁଣ୍ଠ, (୪୭) ଭୋଆଲବସନ୍ତ ବା ୧୪।୧୦।୦ ଗୁଣ୍ଠ, (୪୮) ରାହାଡ଼ିଖୋଲା ବା ୫।୨।୬ ଗୁଣ୍ଠ, (୪୯) ଖଣ୍ଡୀ ବା ୧୩।୧୮।୨୩ ଗୁଣ୍ଠ, (୫୦) ଲାଉପୁର, ବା ୬୩।୫।୫ ଗୁଂଠ, (୫୧) ସିଙ୍ଘପୁର ବା ୧୮।୭।୦ ଗୁଂଠ, (୫୨) ବୋଡପୁର ବା ୨୭।୫।୧୪ ଗୁଂଠ, (୫୩) ସୁରଙ୍ଗପୁର ବା ୩୩।୨।୯ ଗୁଂଠ, (୫୪) ଘୁଆଲ ବା ୫।୭।୭ ଗୁଂଠ, (୫୫) ଢଗିରଆ ବା ୪।୬।୦ ଗୁଂଠ, (୫୬) ପ୍ରଭାକର ନଗେଆ ବା ୧୨।୧୨।୨ ଗୁଂଠ, (୫୭) ପଡ଼ାଗୋନ ବା ୫୪।୧୦।୨୦ ଗୁଂଠ, (୫୮) ପଦ୍ମାଗୁଣ ୧୨ ବାଟି, (୫୯) ଘାଣିଦେଉଳ ବା ୧୧୭।୧୪।୦ ଗୁଂଠ, (୬୦) ଗ୍ରେପେଟ ୧୬୯ ବାଟି, (୬୧) ବରଡ଼ୋଲ ବା ୨୭।୧।୧୬ ଗୁଂଠ, (୬୨) କୁମ୍ଭଗ୍ରଳ ବା ୭୯।୧୬।୦ ଗୁଂଠ, (୬୩) ପଡ଼ାରେଙ୍ଗୋଲ ବା ୨୩।୬।୦ ଗୁଂଠ, (୬୪) ବସନ୍ତପୁର ବା ୫୫।୧୧।୦ ଗୁଂଠ, (୬୫) ନୂଆଙ୍ଗ ବା ୩୮।୨।୦, (୬୬) ବଡରେଙ୍ଗୋଲ ବା ୪୮।୧୧।୨୦ ଗୁଂଠ (୬୭) ତଷାପଡ଼ା ବା ୨୨।୩।୦ ଗୁଂଠ, (୬୮) ଦଳୁଅ ନୂଆପଡ଼ା ବା ୧୦।୩।୨୨ ଗୁଂଠ, (୬୯) କୋଠଟିକାଇ ବା ୧୨।୩।୨୨ ଗୁଂଠ, (୭୦) ଉମରେ ବା ୨୩।୪।୨୧ ଗୁଂଠ, (୭୧) ବିଲେଣାବନ୍ଧା ୧୨ ବାଟି, (୭୨) କୁଞ୍ଜଗ୍ରାମ ବା ୭୪।୫।୦ ଗୁଂଠ, (୭୩) ତୋଟାପଡ଼ା ୭ ବାଟି, (୭୪) ଶ୍ରୀକଂଠପୁର ବା ୩୪।୧୫। ଗୁଂଠ, (୭୫) କାକୁଡ଼ିଆପଡ଼ା ବା ୧୦।୧୦।୦, (୭୬) ଯାଜପୁର ବା ୩ ।୧୨।୦ ଗୁଂଠ, (୭୭) ବେତଆପଡ଼ା ବା ୪।୧୧।୦ ଗୁଂଠ, (୭୮) ଯମୁନା ବା ୪।୭।୧୦ ଗୁଂଠ (୭୯) ଝାଡପଡ଼ା ବା ୧୨।୧୦।୦ ଗୁଂଠ,

(୮୦) ବଙ୍ଗ ବା ୫୯।୪।୫ ଗୁଂଠ, (୮୧) ଜଗଦଲପୁର ବା ୧୮।୨।୭ ଗୁଂଠ, (୮୨) ଆଙ୍କପଡ଼ା ୧୩ ବାଟି, (୮୩) କରଣପଡ଼ା ୨୧ ବାଟି, (୮୪) ଅନନ୍ତପୁର ବା ୭୩୩।୫।୦ ଗୁଂଠ, (୮୫) ଓଡ଼ପଡ଼ା ବା ୧୬।୮।୫, (୮୬) ଉଦ୍ଦରେଙ୍ଗୋଲ ବା ୫।୦।୨ ଗୁଂଠ।

ଦକ୍ଷିଣଦଗ ଦଣ୍ଡପାଟ ଗ୍ରାମଙ୍କ ବସେରେ—

କୋଟକଣା ବା ୭୧।୧୦।୦। କୁରୁଣ୍ଡିଗ୍ରାମ ବା ୧୬।୧୦ ଖଣ୍ଡିଦ୍ୱର ୬୯ ବାଟି। ଦୁଗଲ ବ୍ରହ୍ମପୁର ୪ ବାଟି। ପାଙ୍ଗୋଲ ବା ୧୬।୨।୨ ରେଣ୍ଡୁଅ ବା ୭।୩।୧୦। ଅଡ଼ୁବା ବା ୨୦।୧୦। ଗଉଡ଼ୁଣିପଲ ୧୬ ବାଟି। ବନ୍ଧା ବା ୬।୮। ଛେଲଆ-କେଉ ୧୨ବାଟି। କୋଧଡାପଡା ୧୨ ବାଟି। ଢରଗିଣ ବା ୧୩।୧। ଅଲସଣାବନ୍ଧା ବା ୨।୨। ଆରୁଆ ୭୭ ବାଟି ନଳଣିକଲା ୨ ବାଟି। ଅଲଣ୍ଡା ବା ୧୬।୧୬। ଅଲନ୍ତାବନ୍ଧା ୫୦ ବାଟି। ବଗୁଲ୍ଲ ବାଙ୍କ ୧୨ ବାଟି। ଦୁଲ୍ଲରପୁର ବା ୬।୬। ନୁଣିଆ ପଦା ୬ ବାଟି। ଗୋପାଳବ୍ରହ୍ମପୁର ୧୬ ବାଟି। ବାଲପଡ଼ା ୨୧ ବାଟି।

କୋଟଗ୍ରାମଙ୍କ ବସେରେ—ସୁଲସୁରପେଂଠ ବା ୧୬।୧୬। ଓଡ଼ଢରବନ୍ଧା ବା ୧୮।୫। ମହାବଳପଡ଼ା ବା ୮।୧୦। କସରଦା ୧୫ ବାଟି। ସୋଲବ୍ରହ୍ମପୁର ୪ ବାଟି। ଧାରଗଲବନ୍ଧା ୫ ବାଟି। ସମନଗୁଆ ୬ ବାଟି। ବଡ଼ଜଗନ୍ନାଥପୁର ୧୦ ବାଟି। ସମସରପୁରବନ୍ଧା ବା ୨।୧୦। ଅଢ଼ାମ ୧୮ ବାଟି। ତାଳପଡା ୭ ବାଟି। ଉଣାପୁରବନ୍ଧା ୧୪ ବାଟି। ତକ୍ଷଣପୁର ୬ ବାଟି।

ପୂର୍ବଡ଼ୁଆଇ ବସେରେ—ସାକା ବା ୧୩।୧୫। ଉଲ୍ଲଣ୍ଡି ବା ୨୬।୩। ଓସତପୁର ବା ୫୫।୭। ତୈଲୋକ୍ୟ ବ୍ରହ୍ମପୁର ୪ ବାଟି। ଢଳପଦା ବ୍ରହ୍ମପୁର ୩ ବାଟି। ଉଦାସୀ ବା ୨୦।୮। ସିଆଣ୍ଡୋ ବା ୨୬।୨। ସୁଦଖଣ୍ଡ ବା ୧୬।୮। ପଲ୍ଲ ଦାରୁଗ୍ରାମ ବା ୧୪।୮। ବାରଣା ବା ୪୮।୧୪। ଆଲକଆ ବା ୩୫।୩। କମାରସୁଆଁ ବା ୯୩।୧୫। ସାଗଣ ବା ୨୫।୧୮। ପରସାଗୁଣା ୨୦ ବାଟି। ସୁପରଗ୍ରାମ ବା ୪।୪। ଆଲଭେରଙ୍ଗ ବା ୩୦।୫। ଷୋଲପୁର ୩ ବାଟି।

ପଶ୍ଚିମଡ଼ୁଆଇ ବସେରେ—ଅନନ୍ତପୁର ବନ୍ଧା ବା ୧୫।୧।୧୬। ବିଷ୍ଣୁପୁର ୪୨ ବାଟି। ସାହାଡ଼ାପଡ଼ା ୮ ବାଟି।

ଓଲଧାର ବସେ—ଆଲୋଙ୍ଗ ୫୭ ବାଟି, ବଟଲଖି ବା ୯।୪, ମବଙ୍କପୁର ୪ ବାଟି ଲଙ୍କସାଇ ବା. ୬।୯, ମାଣକଣ୍ଡା ସିଲବନ୍ଧା ୨୯୯ ବାଟି, ତୋଡ଼ାଇ ବ୍ରହ୍ମପୁର ୩ ବାଟି, ଓଡ଼ସରପଡା ୨୭ ବାଟି, ବଘା ବା ୫୮।୬, ଡ଼ଙ୍ଗୋଗ୍ର ବା

୯୮।୧୪, ଦେଖନ୍ତ୍ରା ୨୪ ବାଟି, ଇଦ୍ଧର ବା ୪୮।୧୦, ବଦଲାପଡ଼ା ବନ୍ଧା ୧ ବାଟି, ଅହ୍ମା ବନ୍ଧା ୪ ବାଟି, ମହାପୁର ବନ୍ଧା ୧ ବାଟି, ବଦରଡ଼ା ବନ୍ଧା ବା ୨୨।୨, ଚଟୋଲ ୧୧' ବାଟି, ଭୁଆଁ ୧୪ ବାଟି, ସୁଲେଠ ବା ୪୩।୧୧, ଦେପୁର ୧୧ ବାଟି ଗଇଣ୍ଡୋଲ ବା ୬୯।୧୦ ।

ବାଆଁଗୁଷ ବସେ—ଘବାଇଶୁଣିବ୍ରହ୍ମପୁର ୫ ବାଟି, ବାଣୀଲେ ବା ୮।୮, ମୋଚଲେ ବା ୨।୧୬, ଗୋବଗ୍ରାଲ ବା ୧।୧୯, ମତପୋଖରୀ ବା ୫।୧୦, କଂସାଲେପାଟ ବନ୍ଧା ୬ ବାଟି ଦାରୁଭେଗ ୫ ବାଟି ଗଗ୍ରଇଲେ ୪ ବାଟି, କେଉତୁଙ୍ଗୀ ୫ ବାଟି, ଅଣ୍ଡିଆ ୫ ବାଟି, ବଡ଼କୁଦ ୨ ବାଟ, ସାନକୁଦ ୧ ବାଟି, ଗିରମା ୩ ବାଟି, ଜଟାଲୀ ୨ ବାଟି, ବ୍ରାହ୍ମଣକେଣ୍ଡୋ ବା ୨।୧. ନାରାୟଣଗୁଣ୍ଡି ୬ ବାଟି, ବାଙ୍କୋଡ଼ ବା ୭।୨୦, ମାଣିତରେଆ ବା ୧।୧୦, ମାଛପଡ଼ାଚଣ୍ଡୀଇଲେ ୭ ବାଟି, ସେଙ୍ଗ ୮ ବାଟି, ବଙ୍ଗାଳକ ୮ ବାଟି, ମରଦୋ । ୩ ବାଟି, ବଡକଳା ୧୮ ବାଟି, କୋପଗ୍ରାଟ ୧୮ ବାଟି ।

ଅନ୍ତରୋଧ ବସେ—ନରେସୋ ବା ୯।୧୦, ଓଲେଶୋ ୧୭ ବାଟି ।

ଡମାରଖଣ୍ଡ ବସେ—ଖେଲପୁର ଆଲଣ୍ଡିଆ ଓ ସମଲଣ୍ଡ ବା ୪୩।୮, ଭୋଗପୋଲ ବନ୍ଧା ୧୦ ବାଟି, ସିଆ ପରୋଆ ୧୨ ବାଟି, ଧୋବାପାଲି ୧୫ ବାଟି, ମାଛପଡ ୫ ବାଟି, ପାରେକୁ ବା ୧।୧୦, ବରମୁଣ୍ଡ ୩ ବାଟି, କଣ୍ଟିଲେ ୧୬ ବାଟି ।

କୁରୁଲେବସେ—ସିଂହଳ ବ୍ରହ୍ମପୁର ୨୦ ବାଟି, ମାଆଙ୍ଗବନ୍ଧା ୪ ବାଟି, ବ୍ରହ୍ମପୁର ବା ୧୪।୧୩ ।

କୁଦାହାର ବସେ—ନୂଆଁ କନ୍ଦଲ ଜଗନ୍ନାଥପୁର ୧୦ ବାଟି, ବଣ୍ଡିନ ୫ ବାଟି ସାନମଧୁଣିଆ ବା ୧୮।୧୦, ଓର୍ଡାହରଣ ବନ୍ଧା ୪୦ ବାଟି ।

କାଟେବସେ—ସୁଦୁବଗୁଲୋ ୨୦ ବାଟି, ପିତାପଡାବନ୍ଧା ୪ ବାଟି ।

ସାଇଲେବସେ—ବ୍ରାହ୍ମଣ ସାଇଲେ ବନ୍ଧା ୪ ବାଟି, ମଙ୍ଗଳ ଚଣ୍ଡୀ ପଡ଼ା ବନ୍ଧା ୪ ବାଟି ।

ସାଇବଟବସେ—ବଙ୍ଗାଲେବନ୍ଧା ୪ ବାଟି, ସାଳଜଙ୍ଗବନ୍ଧା ୭ ବାଟି ।

କୋଠଦେଶ ଦଣ୍ଡପାଟ—ପାଣିକଟା ବା ୪୩।୧୩, ଗୁହଲେ ବା ୩୮।୧୫, ଇଦାଲୋ ୨୬ ବାଟି, ବଦଲାବନ୍ଧା ୪ ବାଟି, ଆଳପିଙ୍ଗଲ ବନ୍ଧା ୪ ବାଟି, ଉଭୟ

ସୁଆର ୪୦ ବାଟି, କାନୁଆ ୨୬ ବାଟି, କରଣ୍ଡିପୁରବନ୍ଧା ବା ୭।୧, ଦେଓ୍ଡୋଓ ବନ୍ଧା ୫ ବାଟି, କଳଆଯୋଡ଼ ଓ ବାଟି, କାନେଶ୍ୱ ବନ୍ଧା ବା ୩।୬, ପୋଡ଼ାକେଶ୍ୱ ବ୍ରହ୍ମପୁର ୧୨ ବାଟି, ବାହ୍ମଣ ୧ ବାଟି, କୋଟକଣା ୯ ବାଟି, ଡରପଡ଼ା ୩୦ ବାଟି, କମଲପୁର ୧୬ ବାଟି, ଝୋଣ୍ଡଙ୍ଗ ୧ ବାଟି ।

ପରଙ୍ଗ ଦଣ୍ଡପାଟ ପୁରସାହିଗ୍ରାମ ୧୦ ବାଟି, ଗୋଲପଡ଼ାଗ୍ରାମ ୪ ବାଟି, କେରନ୍ଦାଗ୍ରାମ ୧୨ ବାଟି, ବପାଲୁର ୮ ବାଟି, ଲନସିଂହଗ୍ରାମ ୩ ବାଟି, କୁଳନ୍ତର ୧୮ ବାଟି, ହାତଆପଦା ବନ୍ଧା ୧ ବାଟି ।

କୋନ୍ଦର ଦଣ୍ଡପାଟ—କଲେଓଗ୍ରାମ ୧୬ ବାଟି, କୁରଳବାଣିଆ ବନ୍ଧା ୩ ବାଟି, ଛତାହାର ବନ୍ଧା ୨ ବାଟି, ଘୁଁଆଳେ ବନ୍ଧା ୪ ବାଟି, ମଇଲାଣ ବନ୍ଧା ୨ ବାଟି, ଅନାଇ ବନ୍ଧା ୧ ବାଟି, ମଙ୍ଗଳପୁର ୬ ବାଟି, ଉରମୁଖୀ ୪ ବାଟି, ଉମାପୁର ୬ ବାଟି, ଖାରଦ ବନ୍ଧା ୪ ବାଟି, ତଉପଡ଼ା ୦ ବାଟି ମୁରୁଆ ବନ୍ଧା ୨ ବାଟି, ଗୁଲଣଗ୍ରାମ ୧୨ ବାଟି, ଭିଖାରିସାହି ୪ ବାଟି, ଚଡ଼ାଗଙ୍ଗ ବନ୍ଧା ୨ ବାଟି ।

ଚବଣକୁଦ ଦଣ୍ଡପାଟ କାଟିଲେ କୋଠଗ୍ରାମ ବା ୫୬।୧୫, ଜୟମଲଗ୍ରାମ ୧୨ବାଟି, କାଳସିଗ୍ରାମ ବା ୧୪।୧୧, ଆଇଥ ବ୍ରହ୍ମପୁର ୭ବାଟି, ଗୋପଗ୍ରାମପୁର ବା ୪୭।୧୭, ଖୁଦରଆପଦା ବ୍ରହ୍ମପୁର ବା ୧୧।୧୬, ପଲଙ୍କଗ୍ରାମ ୧୬୪ ବାଟି, ମଣପଡ଼ା ବ୍ରହ୍ମପୁର ୯ ବାଟି, ନୂଆ କନ୍ଦଲ ଜଗନ୍ନାଥପୁର ୫ ବାଟି, ଝଣ୍ଡାଇଗ୍ରାମ ୭୩ ବାଟି, ସାଲଗ୍ରାମ ବା ୨୧।୧୫, ଲେଣ୍ଡୋ ୮୪ ବାଟି, ବେଦରପଥ ୮୪ ବାଟି, ବରୁଡ଼ି ବା ୫୪।୨, ଅଥରବ ବା ୨୭।୧୦, ଦେକୁସଣି ୨୮ ବାଟି, ଦଶରାଖକୁଦ ବା ୭।୧୦, ସଙ୍କଲ୍ପପୁର ବନ୍ଧା ୬ ବାଟି, ନଳଗ୍ରାମ ବା ୨୦।୧୦, ସିଳପଦା ୨୪ ବାଟି, ବୁଢ଼ସାହି ୮ ବାଟି, ମହାଦେବପଦା ୮ ବାଟି, କନ୍ଧାଇପଦା ୮ ବାଟି, ଶୀତଳପଦା ୮ ବାଟି, ଶାସନ ଗୋଠଗ୍ରାମ ୮ ବାଟି, ରଣିଆପଦା ୮ ବାଟି, କୋକଲ ୮ ବାଟି, ଘଣପଣ ୨୨ ବାଟି, ଗଉଡ଼ ରଣପଡ଼ା ୨୫ ବାଟି, ବିଦୁରଗ୍ରାମ ବା ୧୦।୧୦, ଚଣ୍ଡୀପୁରଗ୍ରାମ ବନ୍ଧା ୫ ବାଟି, ମୁସୁନଫାଲ ୨ ବାଟି, କାଲକା ନୂଆପଡ଼ା ୧୯ ବାଟି, ଅଲଣ୍ଡା ବା ୨୨।୫ ।

ଆସିକାସି ଦଣ୍ଡପାଟ—ବାଲନ୍ତରଗ୍ରାମ ୨୫ ବାଟି, କୁଲକନେକା ୧୦ ବାଟି, କନାସିର ୪୦ ବାଟି, ଦୁରୁଭୋଗର ୧୨ ବାଟି, ରୁଗଡୋଲା ୧୨ ବାଟି, ଛଦେଶଗ୍ରାମ ୧୩୬ ବାଟି ।

ଜଳଙ୍ଗ ଦଣ୍ଡପାଟ—ପନାଢ଼ଆଦେଶ ବା ୫ ଗ୍ରାମ ୧୮୦ ବାଟି ।

ପୂର୍ବଦ୍ୱଗ ଦଣ୍ଡପାଟ—ତେଲଙ୍ଗାଗ୍ରାମ ୩୯ ବାଟି ।

ବୁଢ଼ଆ ବନ୍ଧା ୩୩ ବାଟି, ଅଳଣ୍ଡୋ ବା ୨୩।୧୦, ସାଲଖଣ୍ଡ ହୋତାଗ୍ରାମ ବା ୪।୧୦, ଲକ୍ଷ୍ମଣବନାଳୋଗ୍ରାମ ବା ୪।୧୦, ସ୍ୱେଡ଼ାଇ ବନ୍ଧା ୫ ବାଟି, ଗଙ୍ଗପଡ଼ା ବନ୍ଧା ୪ ବାଟି, ତରତାଳସିଂହଡ଼ା ବା ୧।୧୦, ଛତଆନନ୍ଦସର ବନ୍ଧା ୮ ବାଟି ।

ପଶ୍ଚିମଦ୍ୱଗ ଦଣ୍ଡପାଟ—କଇଲପଡ଼ା ୯୩ ବାଟି, ଉଲୁକା ବନ୍ଧା ୫ ବାଟି, ଲଆବନ୍ଧା ୭ ବାଟି, ଓଡ଼ଦାବନ୍ଧା ୮ ବାଟି ।

ଭଦ୍ରଖ ଦଣ୍ଡପାଟ—ଧମନଗରବସେ ଝାଡ଼କଟା ବ୍ରହ୍ମପୁର କୁଣ୍ଡବ୍ରହ୍ମପୁର ୪୦ ବାଟି, ବାଗୋଦା ବ୍ରହ୍ମପୁର ୨୫ ବାଟି, କୌରଣ୍ଡ ଗୋପୀନାଥପୁର ୭ ବାଟି, ଚଣ୍ଡୀ ବ୍ରହ୍ମପୁର ୪ ବାଟି, ଦ୍ୱୋଲଦା ପୁରୁଷୋତ୍ତମପୁର ବା ୨।୯୦, କେଉଡ଼ାସ ବ୍ରହ୍ମପୁର ୬ ବାଟି, ମଙ୍ଗଳବ୍ରହ୍ମପୁର ୧୦ ବାଟି, ନଉଜ ବ୍ରହ୍ମପୁର ୧୧ ବାଟି, ବଳେନରସିଂହପୁର ୨ ବାଟି, କାପୋର ବ୍ରହ୍ମପୁର ବା ୩।୧୦।

ସେରେ ଦଣ୍ଡପାଟ—ତ୍ରୈଲୋକ୍ୟ ବ୍ରହ୍ମପୁର ୯୫ ବାଟି, ଯାମୁନାଦାର, ଯାମୁନାଚନ୍ଦ୍ର. ଯାମୁନ ଢନ ଗ୍ରାମ ୫ ବାଟି, କନ୍ଦାଳସିଆଳପୁର ୭ ବାଟି, ଗଛ ଦେଶ ୫ ବାଟି, କୋକଣ୍ଡାମ୍ଭାଣ ଢରବ୍ରହ୍ମପୁର ୨୬ ବାଟି, କୁଣ୍ଡଳପୁର ୯୭ ବାଟି, ଝାଡ଼ରଙ୍ଗିଆ ବ୍ରହ୍ମପୁର ୧୫ ବାଟି ।

ଗଣଶର ଖଣ୍ଡ ବସେ—ବିନାୟକ ବ୍ରହ୍ମପୁର ୪ ବାଟି, ଗୋପୀନାଥପୁର ବା ୯।୯୦ ।

କାଏନ୍ଦାବସେ—କମଳପୁର କୃଷ୍ଣପୁର ବା ୧୨।୧୨, ମାଣିପୁରୁଷୋତ୍ତମ ବ୍ରହ୍ମପୁର ବା ୯।୯୭ ।

କୁଡ଼େବସେ—ପୁରୁଷୋତ୍ତମପୁର ବା ୧।୧୨, ବଡ଼ଗୋପୀନାଥପୁର ବା ୪।୧୪, ଜଗନ୍ନାଥପୁର ୧ ବାଟି, କୁମ୍ଭାରକୁଣ୍ଡି ଲକ୍ଷ୍ମୀନାରାୟଣପୁର ବା ୨।୮, ଅଲସି ପରୁଷୋତ୍ତମପୁର ବା ୫।୨୨, ବ୍ରହ୍ମପୁର ବା ୪।୧୨ ।

ଜୟପୁରବସେ—ମାଛପୁର ବା ୮।୪, ଧାନସଲୀ ପୁରୁଷୋତ୍ତମପୁର ବା ୬।୮, କୃଷ୍ଣଦାସ ପୁରୁଷୋତ୍ତମପୁର ବା ୫।୧୨ ।

ଖଜୁରବସେ—ନୀଳକଣ୍ଠପୁର ୪ ବାଟି, ପେଙ୍କଣା ନରସିଂହପୁର ୪ ବାଟି, ଅନନ୍ତପଣ୍ଡା ନରସିଂହପୁର ବା ୩।୪।୭; ଗଣେଶପୁର ବା ୯।୧୨, ସାନ ନୀଳକଣ୍ଠପୁର ବା ୯।୧୨ ।

ସୁନାଗ୍ରାବସେ— ଜୟାଧରପୁର ଆଗରପୁର ୪ ବାଟି, ପରୁପର ବ୍ରହ୍ମପୁର ୫ ବାଟି ।

ଛଣିଆ ଦଣ୍ଡପାଟ = ଶ୍ରୀଲେ ସରସ୍ୱତୀପୁର ୮ ବାଟି, ସିଠିକରପୁର ୪ ବାଟି, ସୁନ୍ଦର କୋଲପୁର ୩୬ ବାଟି, କୋନପଡ଼ା ସଠିଆ ଶ୍ରୀରାମପୁର ୪ ବାଟି, ପାଣିପଡା ଲକ୍ଷ୍ମୀପୁର ୪ ବାଟି, ଲକ୍ଷ୍ମୀନୃସିଂହପୁର ୧ ବାଟି, ଲୁଆଡ଼ବାସୁଦେବପୁର ୪ ବାଟି, ସୁଦସୋଣା ପୁରୁଷୋତ୍ତମପୁର ବା ୧।୧୬ ।

ଜଳେଶ୍ୱର ଚଉଡ— ଝାଡ଼କଣ୍ଡା ବ୍ରହ୍ମପୁର ଜଗନ୍ନାଥପୁର ୮ ବାଟି, ଶିଖର-ପୁର ୧୨ ବାଟି, ଗୋମସ୍ତେ ଏକଗୃଲଆ ପୁରୁଷୋତ୍ତମପୁର ୧ ବାଟି ।

ଦାନ୍ତୁଣି ଚଉଡ—ଝାଡ଼କଣ୍ଡା ବ୍ରହ୍ମପୁରର ଦାଣ୍ଡରମା ବ୍ରହ୍ମପୁର ବା ୫୬।୧୬ ।

ମାଳ ଯୋଟିଆ ଦଣ୍ଡପାଟ—ଅଗସ୍ତିକଣ୍ଡାବଣିଆ ବ୍ରହ୍ମପୁର ୧୬ ବାଟି, ଲଆବସାଣ ଓଗରଲୁଣ ଅମୃତମଣୋହି ଦ୍ୱେଷଘର ଚକପିଆ ଅଙ୍ଗାରେ ଲକ୍ଷ୍ମୀସରସ୍ୱତୀ ଦେଉଳ ଭୋଗ ଏପର ମୋଟରେ ୧୮୮୧ ମାଣ ଲୁଣ ; ଏଥିମଧ୍ୟରୁ କେତେକ ୧୬ ଦସ୍ତି, କେତେକ ୧୪ ଦସ୍ତି ଓ କେତେକ ୧୮ ଦସ୍ତି ମାଣ ଅଛୁ ।

୧୮ ଦସ୍ତିରେ—୧୧୨୪ ବାଟି, ବାଟିକୁ ସୁନା ୩ ମାଢ଼ ଲେଖାଏଁ ୧୪୬୭୪ ମାଢ଼ ।

୧୪ ଦସ୍ତିରେ—୪୮୬୮ ବାଟି, ବାଟିକୁ ସୁନା ୩ ମାଢ ଲେଖାଏଁ ୧୪୬୦୪ ମାଢ ।

୧୬ ଦସ୍ତିରେ—୭୦୦୦ ବାଟି, ଏ ବାଟିକୁ ସୁନା ମା ୬। ଶନା ଲେଖାଏଁ ୧୭୫୦୦ ମାଢ଼, ଏପର ମୋଟ ଭୂମି ୧୩୮୩୬ ବାଟିକୁ ସୁନା ୩୧୧୭୦ ମାଢ଼, ହାଟଭାଗକୁଳପ୍ରଜା କଉଡ଼ି ୭୦୦ କାହାଣକୁ ସୁନା ୪୦ ମାଢ ।

ବଡରାଏ ନରସିଂହଙ୍କ ଦାନ ?

ଦକ୍ଷିଣ ଦଣ୍ଡପାଟ ଗୁହାଙ୍ଗବସେ--ଆଲକଆ ୪୪ ବାଟି, ଆଲଙ୍କଆ ବା ୭୫।୧୫, ରୁଆ ୨୦ ବାଟି, ଗୋଠପଡା ବା ୯।୧୦, ଅଲଷଣା ବା ୧୦୦।୧୫, ବେଣାକେସ୍ ୮ ବାଟି ।

ଓଲଧାରବସେ—ଆଲତୁମ୍ବ ବା ୨୬।୯, ବଡମାଞ୍ଚିଆ ବା ୮।୧୦, ବ୍ରାହ୍ମଣ ଓଗଲ ବା ୬।୧୮, ସାନମାଉଆ ୮ ବାଟି, ଆରଖୋଲବନ୍ଧା ୪ ବାଟି ।

ପୂର୍ବଡ଼ୁଆଇବସେ—ନୃସିଂହ ମୁଦକୁ କର୍ପୂରକୁନ୍ଦ ୪ ବାଟି ।

କୁରୁଳବସେ—ବେଦମ୍ବ ବା ୮।୧୦, ଚନ୍ଦ୍ରପଡ଼ା ବା ୩।୧୦, କୁସୁଆସ୍ତ ୧୪ ବାଟି ।

ଅନ୍ତର୍ଦ୍ଦବସେ—ଗଜରସି ବା ୩୮।୨୦, ଅଡ଼ାଲେ ୨୭ ବାଟି ।

ଓଜୀରଖଣ୍ଡବସେ—ସମନଣ୍ଡୁଗ୍ରାମ ୬ ବାଟି, ସାନ ନରୁଆ ୧୮ ବାଟି ।

କାଦୋବସେ—ତେଲଗ୍ଣ ଗ୍ରାମ ବା ୨୨।୫ ।

ସାଇଲେ ବସେ—ସୋଗ୍ରାମ ୧୩ ବାଟି ।

ମରଡ଼ା ବସେ ...ପୁଲଙ୍ଗବ୍ରହ୍ମପୁର ୧୪ ବାଟି ।

କୋଠଦେଶ ଦଣ୍ଡପାଟ—ନୂଆକେଶ୍ୱ ବା ୫୦।୭, ଜନ୍ମେଜୟପୁର ବା ୧୯।୫ ।

ଚଉବସେ ଦଣ୍ଡପାଟ—ବା ୧୫୯।୧୯ ।

ଶିଗ୍ରଇବସେ—୩୯ ବାଟି ।

କ୍ଦରବସେ ୫୦ ବାଟି ।

ତଳଓର ବସେ ବା ୧୧୬ ୬ ମାଣ, ଆସିକା ଦଣ୍ଡପାଟ ୬୦୦ ବାଟି, ଭଦ୍ରଖ ଦଣ୍ଡପାଟ ଧମନଗର ବସେ ବା ୧୧୭।୧୬, ଗ୍ରଏଦେଆ ବସେ ବା ୭୫।୧୬, ଭରପଡ଼ା ବସେ ୧୧ ବାଟି, ଅଙ୍କୋଡ଼ ବସେ ବା ୬୬୬।୧୦ ମାଣ, ସୋର ଦଣ୍ଡପାଟ ବାଁଗ୍ରୃଷ ବସେ ବା ୩୦।୧୪, ବସିଣିଖଣ୍ଡ ବସେ ବା ୧୧୧।୮, ବେଣାହାର ବସେ ୬୮ ବାଟି, ସରଘର ବସେ ବା ୧୧୬।୫, ରେମୁଣା ଦଣ୍ଡପାଟ ଝାଡ଼କଣ୍ଡା ବ୍ରହ୍ମପୁର ବସେ ବା ୩୧୪।୪, ଲାଣଖଣ୍ଡ ବସେ ବା ୮୬।୫, ଆରଗଲା ବସେ ବା ୧୫।୧୬, ମୋଖଗ୍ର ବସେ ବା ୧୬୫।୧୮ ମାଣ, ମୁଲଖାଇ ବସେ ବା ୪୦।୪, ମାଣଦା ବସେ ୨୪ ବାଟି, ବସ୍ଥାଲଣ ବସେ ବା ୩୯।୧୦, ଆକୋସୁଦା ବସେ ବା ୬୧।୮, ତାଲମଙ୍ଗଲ ବସେ ବା ୧୬।୧୭, ଗ୍ରଇକମା ବସେ ବା ୪୪୬।୨୯।୬୦, ସରଡ଼ା ବସେ ବା ୧୯।୧୭, ତାଲଗାଁ ବସେ ବା ୬୩।୮, ଗ୍ରଏଣ୍ଡ ବସେ ବା ୧୪୬।୧୦, ସାନନଟିଆଚଉଗ୍ର ୯୦ ବାଟି, ସୁରକଡ଼ା ଚଉଗ୍ର ବା ୫।୧୬, ଗ୍ରଜା ରେମୁଣା କଟକରେ ରହି ବାରାଣସି (ବଡ଼ାନସି) କଟକକୁ ଆସିବା ସମୟରେ ପରମେଶ୍ୱରଙ୍କୁ ଦାନକଲେ ବା ୧୪୪୭।୭।୬୦ ଗୁଣ୍ଠ. ଅଲାଟପାଣ ଖରଡ଼ାଲ୍ଲଣ

ଭୋଗ ଚକରଥ ଅଡାରେ ୧୦୫୦ ମାଣ, ପଦ୍ମ କଇଲା ତୋଟାର ବିଲାସ କଦଳୀ ୧୫୦୦ ଗୋଟା । ଏ ମହାରାଜାଙ୍କ ପାଟ ମହାଦେଇ ଲୀଳାଦେବୀଙ୍କ ଦତ୍ତ ।

ଚଉଶକୁଦ ଦଣ୍ଡପାଟରୁ ଶୀତଲ ଭୋଗ ଲାଗି ବା ୨୯୨୫।୨।୨୦ ଗୁଣ୍ଠ, ଖରଡାଲୁଣ ୧୦୫୦ ମାଣ, ବିଲାସ କଦଳୀ ୧୫୦୦ ।

ଲଙ୍ଗୁଳାନରସିଂହ ଦେବ—ଭୂମିଦାନ ୫୮୪ ବାଟି, ଖରଡାଲୁଣ ୭୩୦ ମାଣ ।

କବି ନରସିଂହ—ଭୂମି ବା ୧୭୧।୧ ମାଣ, ଖରଡାଲୁଣ ୭୩୦ ମାଣ । ଏହାଙ୍କ ମାତା ଚନ୍ଦ୍ରିକାଦେଇ ଦେଲେ ଭୂମି ୧୬ ବାଟି, ଦଉଡ଼ି ୧୮୨୫ କାହାଣ ।

୨ୟ ଭାନୁଦେବ—ଭୂମିଦାନ ବା ୧୬୭।୧୦, ଲୁଣ ୪୫୬ ମାଣ ।

୨ୟ ପ୍ରତିଭାନୁ— କଉଡ଼ି ୨୭୪୦ କାହାଣ, ଲୁଣ ୧୬ ମାଣ ।

ବୀର ଭାନୁଦେବ—ଭୂମିଦାନ ବା ୫୬୩୧।୨।୨୦, କଉଡ଼ି ୪୫୬୫ କାହାଣ, ଖରଡ଼ାଲୁଣ ୧୧୮୩ ମାଣ ।

କପିଳେଶ୍ୱର ଦେବ—କଉଡ଼ି ୭୨୦୦୦ କାହାଣ, ଦକ୍ଷିଣଦଗ ରାହାଙ୍ଗ ବସେ ଆଲସରଙ୍ଗ ୩୪୫ ବାଟି, ପଚ୍ଛପାଳ ବା ୧୧୭।୫, ସାହାଣିକେର ବା ୧୧୧।୧୦, ପିଲିପିଲା ବା ୧୧୯।୫, ଉତ୍ତରହଣା ୧୨୨ ବାଟି, ସିଂହକୁଦା ୩୦ ବାଟି, ବଂଧାରପଡ଼ା ୪୦ ବାଟି ପ୍ରଭୃତି ବା ୧୬୨୧।୧୫ ମାଣ, ତ୍ରିହମଛଦଗ କଉଡ଼ି ବା ୬୮୪୨ ଲୁଣ ୩୨୬୬ ମାଣ ।

ପ୍ରତାପରୁଦ୍ରଦେବ—ରାହାଙ୍ଗବସେ ଅଳଗୁମ ଗ୍ରାମ ୨୬୧ ବାଟି, ସୁବଳା ଗ୍ରାମ ବା ୨୬୦।୬, ବାମରଡ଼ା ବା ୨୧୪।୫, ବାଣପୁର ବା ୪୮।୨, କମଳପୁର ୨ ବାଟି, କଉଡ଼ି ୬୬୭ କାହାଣ । ଏହାଙ୍କ ପାଟ ମହାଦେଇ ପଦ୍ମାବତୀ ବା ୩୬୩।୧୯ ମାଣ ଭୂମି ଦେଲେ ।

ପୁରୁଷୋତ୍ତମଦେବ—ଭୂମିଦାନ ବା ୩୭୦।୧୧ ମାଣ ।

ଏହିପରି ରାଜାମାନେ ଭୂମିଦାନ ଦେବାଦ୍ୱାରା ଅମୃତମଣୋହି ସମ୍ପତ୍ତିର କଲେବର ବୃଦ୍ଧି ହେଲା । ପାଠକମାନେ ଏଥିରୁ ବୁଝିପାରିବେ ଯେ ଉତ୍କଳୀୟ ରାଜାମାନେ ଧର୍ମ୍ମକାର୍ଯ୍ୟରେ କିପରି ଅକାତରେ ଦାନ କରୁଥିଲେ । ଉପରୋକ୍ତ

ଭୂମିଦାନ ତାଲିକାରୁ ଆମ୍ଭେମାନେ ତଦାନୀନ୍ତନ ଉତ୍କଳର ଅବସ୍ଥା ବୁଝି ପାରିବା । ପ୍ରାଚୀନ ଗ୍ରାମମାନଙ୍କ ନାମ ପ୍ରଦେଶ, ଦେଶ, ଜିଲ୍ଲା, ନିମ୍ନଜିଲ୍ଲା ପ୍ରଭୃତିରୁ ଉତ୍କଳର ବିଭାଗ ପ୍ରଭୃତି ସହଜରେ ଜଣାଯାଏ । ବିଷେ ଅର୍ଥ ବୋଧହୁଏ ତହଶିଲ । ଏହି ବିଷୟମାନଙ୍କରୁ ଯେଉଁମାନେ ରାଜସ୍ୱ ଆଦାୟ କରୁଥିଲେ ସେମାନଙ୍କ ନାମ ବିଷୋଇ ଥିଲା । ଦଣ୍ଡପାଟ ଅର୍ଥ ପ୍ରଗନା ।

ମନ୍ଦିରର ଶାସନପ୍ରଣାଳୀ – କେତେକାଳ ହେଲାଣି; କେତେ ରାଜା ଗଲେଣି, କେତେକାଳ ବାତ୍ୟା ଦେଉଳ ଉପର ଦେଇ ବହିଗଲାଣି, କେତେ ବିଦେଶାଗତ ଆକ୍ରମଣକାରୀମାନେ ଦେଉଳ ଉପରେ ଦୃଷ୍ଟି ପକାଇ ସାରିଲେଣି, କିନ୍ତୁ ଦେଉଳର ଶାସନପ୍ରଣାଳୀର ଦୃଢତା ବିଷୟରେ ଅକାଟ୍ୟ ପ୍ରମାଣ । ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଅମଳରୁ ଯେ ଶାସନନୀତି ପ୍ରଚଳିତ ହୋଇଥିଲା ଏବଂ ଯଯାତି, ଅନଙ୍ଗଭୀମ ପ୍ରଭୃତି ଯାହାକୁ ସୁଦୃଢ କରିଯାଇଥିଲେ, ତାହା ଆଜିପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣଭାବରେ କିପରି ଚାଲୁଥିବା ବିଷୟ ଭାବିଲେ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ଏହି ଶାସନ ପ୍ରଣାଳୀ ବିଷୟ ଟିକିଏ ଭାବିଲେ ଏବଂ ଆଲୋଚନା କଲେ କଥାଟା ସାଧାରଣ ଲୋକେ ବୁଝିପାରିବେ । ଅନଙ୍ଗଭୀମ ଦେବ ବଡ଼ଦେଉଳ ନିର୍ମାଣକାର୍ଯ୍ୟ ଶେଷକରି ଦାରୁଙ୍କୁ ଦେଉଳରେ ବିଜେ କରାଇବା ପରେ ଧନରତ୍ନ ଓ ଭୂସମ୍ପତ୍ତି ଜଗନ୍ନାଥଦେବଙ୍କୁ ଦାନକରି ପରମହଂସ ବାଜପେୟୀଙ୍କୁ ପ୍ରଭୁଙ୍କର ଭୋଗ ନିଯୋଗ କରି ସମସ୍ତ ରୀତିନୀତି ତିଆରି କରିବାଲାଗି ଆଦେଶ ଦେଇଥିଲେ । ଦେଉଳ ତୋଳାଇବା ଭାର ମଧ୍ୟ ତାଙ୍କ ହସ୍ତରେ ନ୍ୟସ୍ତ ଥିଲା ।

ଯଯାତିକେଶରୀଙ୍କ ଦେଉଳ ଦୈନ୍ୟଦଶା ହୋଇଥିବାରୁ ଚୋଡ଼ଗଙ୍ଗଦେବଙ୍କ ଅମଳରୁ ନୂତନ ଦେଉଳତୋଳା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ସ୍ଥିର ହୋଇଥିଲା ଯେ ଦେଉଳର ଉଚ୍ଚତା ୧୦୦ ହାତ ହେବ । ଅନଙ୍ଗଭୀମଦେବ ରାଜସିଂହାସନରେ ଅଭିଷିକ୍ତ ହେଲାବେଳକୁ ଦେଉଳ ନିର୍ମାଣକାର୍ଯ୍ୟ ଶେଷ ହୋଇ ନଥିଲା । ୧୦୦ ହାତ ଦେଉଳ ତୋଳିବା ବହୁକାଳସାପେକ୍ଷ ଥିବାରୁ ଭାବି ଦେଉଳ ଉଚ୍ଚତା ୯୦ ହାତ ହେବାର ସ୍ଥିର ହେଲା । ଶ୍ରୀବତ୍ସ ଖଣ୍ଡାଶାଳ ପ୍ରାସାଦ ବିଷ୍ଣୁଙ୍କର ପ୍ରିୟ ଥିବାହେତୁ ସେହି ପ୍ରକାର ଦେଉଳ ହେଲା । ମୁଖଶାଳା, ବରାହ-ନୃସିଂହଙ୍କ ଦେଉଳ, ବିମଳା ଦେବଙ୍କର ୩ ଦେଉଳ, ଜଗମୋହନ, ଈଶାନମୋଡ଼ କରିବାଲାଗି ପ୍ରତିଷ୍ଠିତ ଦୁଇ ନକ୍ଷତ୍ର ସଳଖରେ ଦେଉଳ, ଆଗରେ ମାଠରେଶ ଦେଉଳ; ନୃସିଂହନାଥ, ଖଣ୍ଡାଶାଳ, ଗଜପତି ପରୀକ୍ଷା, ଭୋଗ ନିଯୋଗ ଯୋଗାଇବା ଲାଗି କାଠ ପାଷାଣ କାମ ଆଦି ଅଟାଳୀ, ମଣ୍ଡପ, ବିମଳାକ୍ଷୀ ଦେବୀଙ୍କ ଦେଉଳ, ସରସ୍ୱତୀଙ୍କ କଳାପାଷାଣ ଦେଉଳ, ନୀଳଗିରି ଘଟଣରେ ମହାଲକ୍ଷ୍ମୀଙ୍କ ଦେଉଳ,

ଇନ୍ଦ୍ରଦ୍ୟୁମ୍ନ ଦେବ, ଦେବସ୍ନାନମଣ୍ଡପ, ଈଶାନେଶ୍ୱର ଦେଉଳ, କୈଳାସ ଆକୃତି-ବିଶିଷ୍ଟ ଉତ୍ତରାଇ ଦେବୀ ଦେଉଳ, ବଟେଶ୍ୱର, ବାଟମଙ୍ଗଳା, ଗଣପତି, ଅନନ୍ତ ପୁରୁଷୋତ୍ତମଦେବ, କାମଦେବ, କ୍ଷେତ୍ରପାଳମାନଙ୍କ ଦେଉଳ, ବଟବୃକ୍ଷର ପାଷାଣ ଚଉରା, ସିଂହଦ୍ୱାରେ ୨୨, ୨୭, ୨୧ ଓ ୧୯ ପାହାଚ ମେଘନାଦ ପ୍ରାଚୀର, ସିଂହଦ୍ୱାରରେ ସିଂହ ସିଂହ ଗୁମୁଟ ଦେଉଳ, ଜୟ ବିଜୟ, ଚଣ୍ଡ ପ୍ରଚଣ୍ଡ କୁମୁଦ କୁମୁଦାକ୍ଷ, ନନ୍ଦ ସୁନନ୍ଦ—ଏପରି ଅଷ୍ଟ ପାର୍ଶ୍ୱଦେବତାଙ୍କର ୮ ଦେଉଳ, ବଡ ବଡ଼ ସିଂହ, ସିଂହଗଣପତି ଦେଉଳ ତୋଳାଇଲେ । କନକ ମୁଣ୍ଡାଇ ସୁନା ଆଭରଣ ବିଶିଷ୍ଟ ଭିତର ଗମ୍ଭୀରାଦ୍ୱାର, ଭୂପାଳ କବାଟ, ସୁନାଚକା ଶିକୁଳି, ପଞ୍ଚନାରାଜଙ୍କୁ ଅଙ୍ଗାଭରଣ, ସର୍ବାଭରଣ, ନିତିକାଳ ପୂଜାକୁ ଧୂପ ଷୋଡ଼ଶୋପଚାର ପାତ୍ର, ରାଜୋପଚାର ଯୋଗାଡ଼, ଖଟଣି ଲାଗି ସୁନା ରୂପା ଯୋଗାଡ଼, ଖଟ ପଲଙ୍କ ବିମାନ ଖଟଦୋଲୀ ଖଟୁଲି, କନକ ଦଂଡଛତ୍ର, ରାଜନୀତି ବିଧି ଛତ୍ର ଚାମର ପ୍ରଭୃତି କରିତ ହେଲା । ଏ ସମସ୍ତ ବ୍ୟୟ ଲାଗି ରାଜାଙ୍କ ପ୍ରମାଣେ ନୀଳକଣ୍ଠ ରାଜଗୁରୁ ମହାପାତ୍ର ପରମହଂସ ବାଜପେୟୀଙ୍କ ଜିମାରେ ୧୨୪୦୦୦୦ ମାଡ ସୁବର୍ଣ୍ଣ ଦେଲେ । ଏ ସମସ୍ତ କାର୍ଯ୍ୟ ତଦାରଖ କରିବା ଲାଗି ୧୦୦ ଅଶ୍ୱାର, ୧୮୦୦୭ ବାଣୁଆ ପାଇକ ନିଯୁକ୍ତ ଥିଲେ । ବାଜପେୟୀ ଶାଢ଼ୀ ପାଇ ଦେଉଳରେ ପରିଚ୍ଛା ହେଲେ । ସକଳ କାର୍ଯ୍ୟ ଶେଷରେ ବାଜପେୟୀ ମହାଦାନ ପାଇଲେ । ଶାସନ ବସାଇବାକୁ ଦେଶ ପାଇଲେ, ସୁନାକୁମ୍ଭ ପଲଙ୍କ ପାଇଲେ । ମହାପାତ୍ରେ ଶାଢ଼ୀ ପାଇ ପୁରୁଷୋତ୍ତମ ଦେଶ ଲୋକଙ୍କୁ ନିମ୍ନଲିଖିତମତେ ଶ୍ରୀପଖ ଜୁଆଦ ଦେଲେ । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ୫୨ ମଠ ସନ୍ନ୍ୟାସୀ, ଉଭୟଖଂଡ ମୁଦିରଥ, ଉଭୟଖଂଡ ଗ୍ରାମର ୧୩୦୦ ମହାଜନ, ଶ୍ରୀଜଗନ୍ନାଥଦେବଙ୍କ ସେବକ ବ୍ରାହ୍ମଣ ଶୂଦ୍ର ୧୪୦୦ ମାନେ ପରମହଂସ ବାଜପେୟୀ ପରୀକ୍ଷାଙ୍କୁ ନେଇ ପରମେଶ୍ୱରଙ୍କ ଭୋଗ ନିଯୋଗ କରାଇବେ । ଯଥାବିଧି ପ୍ରମାଣେ ଭୋଗରାଗ ପର୍ବ ଯାତ୍ରାମାନ କରାଇବେ । ପୁରୁଣା ପାଟଳ ଭାର୍ଗି ୯୦ ହାତ ଦେଉଳ କରାଇବେ, ଅନ୍ୟାନ୍ୟ ଦେବତାମାନଙ୍କୁ ଦେଉଳ ତୋଳାଇବେ, ମଳୟ ମଂଡପ କରାଇବେ ଇତ୍ୟାଦି । ପରୀକ୍ଷା ଶାଢ଼ୀ ପାଇଲେ, ଖ ଡଆ ୧, କର୍ଣ୍ଣିକୁ ଉତାପ ୧, ଚନ୍ଦନ ୧ ବଢ଼ା, ଦହି ୧ ପଟୋଇ, ବଡ଼ ସାକର ୧ ପଟ ପୁଷ୍ପାଞ୍ଜଳି ମଝାଡ଼ାଚୂଳ ଧୂପ ପାଦୁକ ପାନଗୁଆ ପ୍ରସାଦ ଝିର ହାଡପେଟ୍ଟ ଖଦି ଇତ୍ୟାଦି ମୁଦୁଲି, ଗଉଡ଼ ବିସୋଇ ଗୁଡ଼ଆ ବିସୋଇ, ଭଂଡ଼ାର ମେକାପ, ପଣିବଡ଼ୁ, ହଡପନାଏକ, ପଂଢ଼ା, ପଶୁପାଳକ, ଖୁଣ୍ଟିଆ, ଗରାବଡ଼ୁ, ମେକାପ, ଲେଙ୍କା, ପାଇକମାନେ ପରୀକ୍ଷାଙ୍କୁ ଦେଇ ଖଟିଲେ ।

ପରୀକ୍ଷା ପରମେଶ୍ୱରଙ୍କୁ ଦର୍ଶନ କଲାପରେ ଲେଙ୍କା ପରିବାର ମହିମା ଡାକ ଡ଼ାକିଲେ । ଆସ୍ଥାନ ପଢ଼ିଆରି ପଟୁଆର କଲା । ତଳ ପାଳିଆ ପଢ଼ିଆରି ପରିଚ୍ଛାଙ୍କ

ପଛେ ଥାଇ ତାଙ୍କ ହାତରୁ ପ୍ରସାଦ ନେଲ । ପରେ ପବିତ୍ର ଅଛି ମଂଡ଼ପରେ ବେହରଣ କର ଖଣ୍ଡି ବନ୍ଧଣା ପକାଇ ସମସ୍ତ ପ୍ରକରଣମାନଙ୍କଠାରୁ ଭିଆଣ ନିଯୋଗ, ବିଯୋଇମାନଙ୍କଠାରୁ ଭୋଗ ନିଯୋଗ ଭଲ ମନ୍ଦ ବୃତ୍ତି ଭିଆଣ ପ୍ରମାଣେ ତୁଲପଲ ମାପକରି ନିଯୋଗ ଦର୍ଶାଇଲ । ପରନ୍ତୁ ସମସ୍ତ ବୃତ୍ତି ନିମ୍ନଲିଖିତ ମତେ ନିମାବନ୍ଧ କଲେ ।

| | |
|---|---|
| ୧ । ଦେଉଳ ସୁଆଁସ କାର୍ଯ୍ୟ | ସୁନା ୧୦୦୦୦୦ ମାଢ଼ |
| ୨ । ଖମ୍ବ ଆଭରଣ | ,, ୧୦୦୦୦୦ ,, |
| ୩ । ଘୁମୁକବାଟ ରୁପା ଆଭରଣ | ,, ୩୦୦୦୦ ,, |
| ୪ । ଅନସର ସମୟରେ ଶ୍ରୀଅଙ୍ଗରେ ଚନ୍ଦନ— ପାଣି ଲାଗି ହେବା ଲାଗି | ସୁନା ୬୦୦୦ ମାଢ଼ |
| ୫ । ସୁନାପକ୍ଷିଆ ୪ ଠାକୁରଙ୍କର | ,, ୩୧୦୮ ,, |
| ୬ । ଚକାସିଂହାସନ ମୁଗୁନିପାଷାଣ | ,, ୨୪ ୩ ,, |
| ୭ । ସୁନା ଶିକୁଳି ୭, ୫ ଓ ୯ ସରଆ | ,, ୨୧୬୦ ,, |
| ୮ । ଲଲାଟପାଟୀ ଖଞ୍ଜାହେବାଲାଗି ସିଂହାସନ ବ ଉପରେ ଲଗିବା କୁଞ୍ଚନ ନାଗର | ,, ୪୫୦ ,, |
| ୯ । ଅଙ୍ଗାଭରଣ ବଡଠାକୁରଙ୍କର | ,, ୪୦୦ ,, |

(ସୁନାମାଠ ରାହୁରେଖା ପାଟି ୧୦୦ ମାଢ଼, ହରିତାଲ ରେଖା ୨୬୧୫୦ ମାଢ଼, ନୀଳନାଏକ ମାଣିକ୍ୟ ଅନୁନାଏକ ରତ୍ନଜଡିତ ଅଶୋକପଲ୍ଲବ ହାସ୍ତ ୯=୮୦ ମାଢ଼, ମାଠ ମକରକୁଣ୍ଡଳ ' ଯୋଡାକୁ ୭୦ ମାଢ଼) ।

୧୦ । ସୁଭଦ୍ରାଦେବୀ ଖୋଭ ୭୦ ମାଢ଼, ହରିତାଲ ୮୦ ମାଢ଼, ମାଣିକ୍ୟ ନାଏକ ୭୦ ମାଢ଼, ମାଠ ତଡାକ ୭୦ ମାଢ଼, କୁତ ୯ଟାକୁ ମା ୭୦=୩୦୦ ମାଢ଼ ।

୧୧ । ବଳରାମଙ୍କ ଚୂଳି ୧କୁ ୭୦ ମାଢ଼ ସୁନା, କେତକୀ ଫୁଲ ୧୨କୁ ୧୦୦ ମାଢ଼, ସପ୍ତଫଣା ରତ୍ନଜଡ଼ିତ ୧୫୦୦ ମାଢ଼, ପଞ୍ଚସଖା ମୁକୁଟ ୮୦୦ ମାଢ଼, ଅଲକାପାଟି ୧୦୦ ମାଢ଼, ରତ୍ନଜଡ଼ିତ ଅର୍ଦ୍ଧଚନ୍ଦ୍ର ୬୦ ମାଢ଼, ଅଲକାପାଟି ଦୁଇପାଖେ ତଗଟ ଫୁଲ ୬୦ ମାଢ଼, କର୍ଣ୍ଣାବତଂସ ୮୦ ମାଢ଼, ମାଠ କର୍ଣ୍ଣାଞ୍ଚଳ

୫୦ ମାଢ଼, ନବ୍ରଜପର୍ଣ୍ଣି କର୍ଣ୍ଣଫୁଲ ୮୦ ମାଢ଼, ଟାକୁ ମକରକୁଣ୍ଡଳ ୨୦ ମାଢ଼ ୧୯୦ ବଡ଼ମୁକ୍ତା ୮କୁ ୨୦ ମାଢ଼, କର୍ଣ୍ଣିମାଳ ହାରମାଳ ଗୁପସର ପଦକମାନ ସଳଖ ହୋଇ ରହିବା ଲାଗି ସୁନାମାଠ ହୃଦୟଭୂଷଣ ୦୦୦ ମାଢ଼, ଅଧର ତଳେ ମୁକ୍ତା ଗୁପସର ୮୦ ମାଢ଼, ସୁନା ବାଘନଖ ହରଡ଼ା କର୍ଣ୍ଣିମାଳ ୧୦୦ ମାଢ଼, ଦୋସର କର୍ଣ୍ଣିମାଳ ୧୦୦ ମାଢ଼, ଦୋସର କର୍ଣ୍ଣିମାଳ ୨୦ ମାଢ଼, ଦଶପଦକ ଇନ୍ଦ୍ରନୀଳ ମର୍କତ ନବଗ୍ରହ ପଦକ ବଡ଼ ହୀରାନାଏକ ସୂର୍ଯ୍ୟମଣ୍ଡଳ ପଦକ ଗୋମେଧ ନାଏକ ମଣି ନାଏକ ମୁକୁଟଜାଲି ପଦକ ମାଣିକ୍ୟ ନାଏକ ପଦ୍ମକେଶର ହୀରାସାର ଅର୍ଦ୍ଧଚନ୍ଦ୍ର ଶଙ୍ଖଯୋଡ଼ ପଦକ ୧୦୦୦ ମାଢ଼ ।

୧୨ । ଜଗନ୍ନାଥଦେବଙ୍କ ଅଙ୍ଗାଭରଣ ୨୧୦ ମାଢ଼ । ( ଲକ୍ଷ୍ମୀ ପ୍ରତିମା ୮୦ ମାଢ଼, ଶ୍ରୀଖଣ୍ଡି ଓଡ଼ଆଣି ୨୦୦ ମାଢ଼, ଘଣ୍ଟିଘାଗୁଡ଼ି ଲାଗିବାକୁ କଟିମେଂଲା ୩ ମାଢ଼, କଦମ୍ବମାଳ ୫୮୦ ମାଢ଼, ବୈଜୟନ୍ତୀ ପଦ୍ମମାଳ ୪୦୦ ମାଢ଼, ଭୁଜ-ମୂଳରେ ମୁକ୍ତାସର ବଳା ୩୦୦ ମାଢ଼, ଗନ୍ଧର୍ବ ବଳା ୪୦୦ ମାଢ଼, ବାହୁଟି ୧୨୦୦ ମାଢ଼, ମୁଦ ୨୦ ମାଢ଼, ସୁନାମାଠ ପଦ୍ମହସ୍ତ ୩୦୦୦ ମାଢ଼, ଶ୍ରୀପୟର ୯୮୦୦ ମାଢ଼, ଯାଉଁଳି ପାହୁଡ଼ ୫୦୦ ମାଢ଼) । ତଡ଼ାଉ ୭୧ ମା ୧୨୬୦୦ ଢ଼, ଆୟୁଧ ୪୦୦ ମାଢ଼, ସୌନନ୍ଦ ମୂଷଳ ୪୦୦ ମାଢ଼, କ୍ଷୁରଖଣ୍ଡା ୧୦୦ ମାଢ଼, ସୁନାଖୁଆ ୨ଟାକୁ ୭୫୦ ମାଢ଼, ସୁଭଦ୍ରାଙ୍କ ତଡ଼ାଉ ୨୧ ମା ୫୯୪୦ ଢ଼, ଶ୍ରୀଜଗନ୍ନାଥଦେବଙ୍କର ତଡ଼ାଉ ୩୨୨୪୦ ମାଢ଼ ଓ ରତ୍ନ ୪୦୦୦୦ ମାଢ଼ ।

୧୩ । ଷୋଡ଼ଶ ଉପଚାର ପୂଜାବଧିକ ସରଞ୍ଜାମ ୨୯୧୨ ମାଢ଼ ସୁନା, ଅଷ୍ଟପାଖୁଡ଼ା ସୁବର୍ଣ୍ଣ ପଦ୍ମପାତ୍ର, ସ୍ୱଦକ ପାତ୍ର, ଅର୍ଘ୍ୟ ପାତ୍ର, ପାତ୍ରୀ, ମଧୁପର୍କ ପାତ୍ର, ପୁନରାଚମନ ପାତ୍ର, କଡ଼ାଚାଳ, ସ୍ନାନ ଗରୁଆ, ରୂପାବେଣ୍ଟ କଂସା, ଦର୍ପଣ, ସୁନାବଟା, ଚତୁଃସମ ସୁନା ଡାଟିଆ, ଫୁଲଥୁଆ ସୁନାପାତ୍ର, ଧୂପପାତ୍ର, ଆଳତି, ଦୀପପାତ୍ର, ସୁନା ଆଳତି, ରୂପାବଇଠା, ଦୀପରୁଖା, ନୈବେଦ୍ୟପାତ୍ର, ସୁନାଥାଳି, ସୁଦର୍ଶନ ମଣୋହିଥାଳି, ବନ୍ଦାପନା ସୁନା ସାତବତୀ, ପୂଜାଶଙ୍ଖ, ରୁପା ବୈଠକି, ପୂଜା କଂସା, ଘଣ୍ଟିମୁଠିଆ ପୂଜାରେ ପାଣିଇଡ଼ାକୁ ସୁନାପରଖ, ଖୋସା, ସୁନାଗଡ଼ୁ, ସୁନା କୁହୁଣ୍ଡା ଓ ବେଣ୍ଟ ଲାଗିବା ଛତ୍ର ଧ୍ୱଜ ଚାମର ଆଲଟ ଧୂପକାଠି ବେତ କର୍ପୂରଆଳତି ପାନହୁଡ଼ପ ପାନପରାଷ ।

୧୪—ରାଜୋପଚାର ଜିନସ—୧୧୬ ମୂର୍ତ୍ତିକୁ ୧୦୦୦୦ ମାଢ଼ ସୁନା (ଖଟଣି ଯୋଗାଡ଼ ଯୋଗଡ଼ ଓରଆ ମଣୋହିକ ସୁନା ପଲମ ୪ ପଟ, ଢଅଣମାନ ହାଣ୍ଡିରେ ଓ କୁଡ଼ୁଆମାନଙ୍କରେ ପୂରାଇବା ଓ ନାଡ଼ୀ ସରସ୍ୱତୀ ଏଣ୍ଡୁରି ବଡ଼

ତାଳମ୍ବ ମଣିଚଳନ୍ତ ବଢ଼ାହେବାକୁ ସୁନାଥାଳୀ ୨୦ ପଟ, ଗୋଟିକା ତାଉ କୁଣ୍ଡ ବାସର୍ଘିଅ କୁଡ଼ୁକ୍ର ଅଡା ପାଟଲ ଫାଳଟେଖ ଖରଚଲକ୍ଷଣ ସୁନାବଢ଼ା ସୁନାଗରୁଆ ଡାବରଖୋଗ୍ ଚଉସମ ରହିବାକୁ ଗନ୍ଧଭରଣୀ କୋଠା ଡଙ୍କି. .କିହାଚଷ୍ଟି ଆଖଣ୍ଡଳ ଧୂପ ସରି ସୁନାଶିକୁଳି ରତ୍ନଜଡ଼ିତ ସୁନାଖଟ ଖଟଦୋଳ ପାଲଙ୍କି ବିମାନ ପୂଜାଖଟୁଲି ଶ୍ରୀମୁଣ୍ଡ ୭ ଉପରେ କେତେ ପାଗ୍ଧନ୍ତୁଆର ଖଞ୍ଜାଥିବା ସୁନାଫୁଲ ପଦ୍ମ ଦେବସ୍ନାନ ଗରୁଆ ୨୨ ଟି, ପୁଷ୍ୟାଭିଷେକ କନକ ଦଣ୍ଡଛତ୍ର ସୁନା ଦହୁଡ ୨ ଟି, ନାଲୁଆ ୨ ଟି ।

୧୫ ବୀରଛତ୍ର ଧବଳଛତ୍ର ଗୁମର କଂସା ସର୍ବାଙ୍ଗଦର୍ପଣ ସୁନାବେଣ୍ଟ ଝପଗୁର ଛେରାପହଁରାକୁ ସୁନାଖଡ଼କା ଚନ୍ଦନପାଣି କପୋର୍ ସୁନାଶିକୁଳି ସୁନା କର୍ପୂରଆରତି ସୁବର୍ଣ୍ଣଲକ୍ଷ୍ମୀ ପ୍ରତିମା ରତ୍ନଜଡ଼ିତ ଗୋପୀନାଥ ପୁଷ୍ପାଞ୍ଜଳି ବଳେ ଅର୍ଦ୍ଧନାରାୟଣ ଗୋବିନ୍ଦଦେବ ରାମକୃଷ୍ଣ ରାମଚନ୍ଦ୍ରଦେବ ଲକ୍ଷ୍ମଣଦେବ ସୀତା ଠାକୁରାଣୀ ହନୁମନ୍ତଦେବ ଲକ୍ଷ୍ମୀନୃସିଂହ ଦେବ ବାମନ ଦୁର୍ଗାଦେବୀ ଭୁବନେଶ୍ୱରୀ ଜ୍ୟେଷ୍ଠବେଢ଼ା ପଞ୍ଚମୁହାଁ । ଚଳ ଏ ଦେବତାମାନଙ୍କ ଅଲଙ୍କାର ମୁଦମୁଦ ୭ ମଧ୍ୟରୁ ପଶ୍ଚାଷା ହାତମୁଦ ମୁଦରସ୍ତ ମୁଦ ବେହେରାମୁଦ ତଳଚ୍ଛୁ ହାତମୁଦ ଗୋପସେଠ ମୁଦ ମହାସୁଆର ମୁଦ ତରକାରିଆ ଲେଙ୍କା ସୁନାଚନ୍ଦ ରୂପାଚନ୍ଦ ୬୯୮୬୨ ମାତ୍ର ସୁନା ।

୧୬—ଠାକୁରମାନଙ୍କ ନିତ୍ୟକୃତ୍ୟ ପୂଜାବିଧି ବ୍ୟବସ୍ଥା—

୧— ପ୍ରତିଦିନ ରାତ୍ର ଏକପ୍ରହର ଥାଇ ଠାକୁରମାନଙ୍କ ନିଦ୍ରାଭଙ୍ଗ କରାଇବାକୁ ହେବ । ଭେରି ଶଙ୍ଖ, ମହୁରୀ, ବୀଣା, ଖଟ, ରାବା, ତାଳ, ଶିଙ୍ଗା ଘଣ୍ଟା, ଭେରୀ ମୃଦଙ୍ଗ ଓ କାହାଳୀ ଏପରି ୬ ଶବ୍ଦ କଲାପରେ ଗମ୍ଭୀରଦ୍ୱାରେ କବାଟ ଫିଟାଇବା ଲାଗି ପରିଚ୍ଛା· ପରକରଣ, ମୁଦିରଥ, ଶ୍ରୋତ୍ରୀୟ ବ୍ରାହ୍ମଣ· ପାଳିଆ ପଣ୍ଡା, ସିଂହାରି· ପଶୁପାଳକ, ଅଖଣ୍ଡ ମେକାପ, ବାହାର ଗରାବଡୁ, ଭିତର ଗରାବଡୁ, ଶ୍ରୀମୁଖ ସିଂହାରୀ, ଭିତରସୁନାଦହୁଡ ସେବକ, ପନ୍ତିବଡୁ, ଭିତରଭଣ୍ଡାର ମେକାପ, ଫାରେକମୁଦୁଲି ଜ୍ୟୋତିଷ ପାତ୍ର, ଦରପଣିଆ, ଖଟଣି ସମସ୍ତ ସେବକମାନେ ଥାଇ ମୁଦ ଦେଖି ମୁଦ ଭାଙ୍ଗି କବାଟ ଫିଟାଇବେ । ପାଦ ପ୍ରକ୍ଷାଳନ କରି ସେବକମାନେ,ଭିତରେ ପ୍ରବେଶ କରିବେ । ଶେଯଘର ମେକାପ ଖଟଶେଯ ଖଟବଳେ କରାଇ ଶେଯଘରକୁ ନେଲା ଉତ୍ତାରେ ସିଂହାସନ ଉପରକୁ ହାତରେ ସୁନାବଇଠା ନେଇ ଭିତରଭଣ୍ଡାର ମେକାପ ଶ୍ରୀଅଙ୍ଗମାନ ମଣ୍ଡିବ, ସିଂହାରୀ ପଶୁପାଳକ ସିଂହାସନ ଉପରକୁ ଉଠି ଡଡାଉଲାଗିମାନ ଉଲାଗି କରିବ । ବସ୍ତ୍ର ଉଲାଗିକରି ଗୋଟିଏ ଗୋଟିଏ

ଖଡ଼ୀ ପିନ୍ଧାଇବ । ଶ୍ରୀମୁଖସିଂହାସନ ସୁନା କୋପରରେ କର୍ପୂରମିଶ୍ରିତ ଜଳରେ ଓଦାଲ ଲୁଗା ବୁଡ଼ାଇ ଶ୍ରୀମୁଖମାନ ପୋଛୁ ଶଙ୍ଖକଳା, ହେଙ୍ଗୁଳ, ହରିତାଳ ବର୍ଣ୍ଣମାନ ଶ୍ରୀମୁଖରେ ଲଗିକରିବ । ପରେ ସିଂହାସନତଳେ ପାଳିଆପଣ୍ଡା ପିଢ଼ା ମାଡ଼ି ବସି କଂସା, ଦର୍ପଣ ୩ ଗୋଟି ଗ୍ରୁମ୍ବରେ ବଶାଇବ । ଏ ଦର୍ପଣରେ ପ୍ରକ୍ଷାଳନ, ଦାନ୍ତକାଠିଲଗି, ଆଚମନ, ତୋଳାମାନଙ୍କରେ ତ୍ରିଫଳାପାଣି ଲଗିକରାଇ ଧୂପ ଦୀପରେ ପୂଜାକରି ପଞ୍ଚାମୃତ ସ୍ନାହାନ କରାଇବ । ପଞ୍ଚାମୃତ ସ୍ନାନ ଲଗି ଗୁଆଦୁଧ, ଦହି, ଘୃତ, ମହୁ, ଖଣ୍ଡ ଦେଇ ବେଦମନ୍ତ୍ରରେ ସ୍ନାନ କରାଇବ । ପରେ ଉଷ୍ଣଜଳ ତୀର୍ଥଜଳ, ମନ୍ତ୍ରଜଳ, ବସ୍ତ୍ରକ୍ଷାଳିତ ସୁବାସ ଜଳ ପ୍ରଭୃତି ଜଳମାନ ସଂସ୍କାରପୂର୍ବକ ତଦ୍ଦ୍ୱାରା ସ୍ନାନ କରାଇବ । ଶୁକ୍ଳ ଶୁଷ୍କ ବସ୍ତ୍ରଦ୍ୱାରା ଶ୍ରୀଅଙ୍ଗ ପୋଛିବ । ଏହା ପାହାନ୍ତ୍ର ଶ୍ରୀମୁଖ ପଖାଳ, ପୂଜାପଣ୍ଡାମାନଙ୍କର ସେବା । ପଣ୍ଡା କୌଣସି ଦିନ କୌଣସି କାରଣରୁ କରି ନପାରଲେ ସିଂହାସ୍ତ୍ର ପଶୁପାଳକ କରିବ ।

କାଠିଲଗି ଦ୍ରବ୍ୟ—କୁମ୍ବାଟୁଆ ଦାନ୍ତକାଠି ୩, ଚନ୍ଦନଖଣ୍ଡ ସେଂଢାଗୁଆ ଗୁଣ୍ଡି, ସୁନାଖଡ଼ିକା ୩, ସୁନା କଉଚଣ୍ଟା ପାଢଆ ୩, ତ୍ରିଫଳା ପାଣି ୩ ବଠା, ହରଡ଼ା-ବାହାଡା-ଜଅଁଳା ୩ ପୁଞ୍ଜା, ପଞ୍ଚାମୃତ ଦୁଧ ୩ କୁଞ୍ଚା, ବସାଦହି ୩ ପଟୋଇ, ଘିଅ ୩ ମାଣିକା, ମହୁ ୩ ମାଣିକା, ଖଣ୍ଡ ୩ ପୁଞ୍ଜା, କାଁକୋଳି ଗରବନ୍ଧା ଚନ୍ଦ ମିଶି ବଟା, ଅଁଳା ଗୋ ୭ ଓ ୭ ପୁଞ୍ଜା ସରସ ଚନ୍ଦନ । ମାଜଣା ଦିଆ ପିଠାଉକୁ ଗୁଉଳ ଅଧମାଣ, ନଡ଼ିଆ ଗୋ ୩, ପାଣି ସକାଶେ ବଉଳଉଧ ୧, ତୀର୍ଥଜଳ ୧ କୁଣ୍ଡୁଆ, ଉଷ୍ଣଜଳ ୧ କୁଣ୍ଡୁଆ, କାଠ ୨ ଖଣ୍ଡ, ଚତୁଃସମ ଜଳ ୧ କୁଣ୍ଡୁଆ, ଚତୁଃସମଜଳ ସରସଚନ୍ଦନ ଅଗୁରୁ ୩ ମାତ୍ର, କର୍ପୂର ଚନାଏ, କସ୍ତୁରୀ ଅଧଚନାଏ, ଗନ୍ଧ ୨ ଚନା । ନୈବେଦ୍ୟ ପାଚିଲା ଅମୃତପାଣି କଦଳୀ ୩୦, କଦଳପତ୍ର ୩ ଖଣ୍ଡ ।

ଆଦ୍ୟସମ୍ବୋଧନୀ ପୂଜା—ସିଂହାସ୍ତ୍ର ପଶୁପାଳକମାନେ ସିଂହାସନ ଉପରେ ଶ୍ରୀଅଙ୍ଗରେ ଲୁଗା ଲଗି କରି ଶ୍ରୀକାପଡ଼ା ଲଗି କରାଇବେ । ପରେ ଚନ୍ଦନଲଗି ବଢ଼ିବ । ସୁରବଡ଼ୁ ଗମ୍ଭୀରା ଧୋପଖାଳ କରି ପାହାଡା ଲୁଗା ଘେନି ପୋଗ୍ରୁମାଣ ଧୋବଲୁଗା ପାହାଡା ପାଡ଼ି ଶୀତସିଂହାର ଭୋଗରେ କର୍ପୂର ମରିଚ ମିଶି ଖଣ୍ଡମଣ୍ଡା, ଖଣ୍ଡସାକର, ଖଣ୍ଡପନ୍ତି, ନଡ଼ିଆରସକୋରା, ଅମୃତପାଣି ପାଚିଲା କଦଳୀ, ସିଂହାରଲିଆ କର୍ପୂରଖଣ୍ଡମିଶ୍ରିତ ଭଜାଚୂଡ଼ା, ବାଣପଇଡ଼, ଯେଉଁ ଋତୁରେ ଯେଉଁ ଫଳ ପଞ୍ଚ ଉପଚାରରେ ପୂଜା ହେବ । ଏ ପରେ ବାହାରେ ସୂର୍ଯ୍ୟ ପୂଜା, ଗରୁଡ଼ ପୂଜା, ଦ୍ୱାରପାଳ ପୂଜା ହେବ ।

ସକାଳ ଧୂପ—ଗର୍ଭଗୃହ ଧୋପଖାଳ ହୋଇ ପାହାଡ଼ା ପଡ଼ି ସୁବର୍ଣ୍ଣପାତ୍ର-ମାନଙ୍କରେ ଭୋଗମଣ୍ଡପକୁ ବଢ଼ା ହୋଇ ଷୋଡ଼ଶ ଉପଚାର ପୂଜା ହେବ । ପଣ୍ଡା ପିଢ଼ା ଉପରେ ଉତ୍ତରାଭିମୁଖ ହୋଇ ବସି ପୂଜା କରିବ । ଦ୍ୱାଦଶାକ୍ଷର ମନ୍ତ୍ରରେ ବଳରାମଙ୍କ ପୂଜା, ରାଜମନ୍ତ୍ରରେ ପରମେଶ୍ୱରଙ୍କ ପୂଜା, ଭୁବନେଶ୍ୱରୀ ମନ୍ତ୍ରରେ ସୁଭଦ୍ରାଙ୍କ ପୂଜା କରିବ । ସୁଦର୍ଶନଙ୍କୁ ପୂଜା କଲାବେଳେ ତଳେ ବସି ପୂଜାକରିବ ।

ଆସନଂ ସ୍ୱାଗତଂ ପାଦ୍ୟଂ ଅର୍ଘ୍ୟମାଚମନୀୟକଂ
ମଧୁପର୍କଂ ଚ ମସ୍ନାନ ବସନାଭରଣାନି ଚ
ସୁଗନ୍ଧ ସୁମନଂ ଧୂପଂ ଦୀପ ନୈବେଦ୍ୟ ବନ୍ଦନଂ ।

ଆସନ—ସୁବର୍ଣ୍ଣ ପଦ୍ମ ପାଦ ୩, ତୁଳସୀ ।

ସ୍ୱାଗତ—" " " " " ମିଶ୍ରିତ ଫୁଲ ।

ପାଦ୍ୟ -" ଡାଟିଆ ୩, ଜଳ, ପଦ୍ମଫୁଲ ୩ ମାତ୍ର, ବିଷ୍ଣୁକାନ୍ତ ଫୁଲ ୩ ମାତ୍ର, ସୁନାଧାନଫୁଲ ୩ ମାତ୍ର ଦୂର୍ବାଙ୍କୁର ୩ ମାତ୍ର ଶ୍ୱେତ ସୋରିଷ ଚନ୍ଦନ, ଉଶୀର ଓ କୁଙ୍କୁମ ।

ଆଚମନ ସୁନ ଢ଼ାଲ ୩, ଲବଙ୍ଗ, ଜାଇଫଳ, ଉଶୀରବେଣା, ଚନ୍ଦନ, ମୁରମାଂସୀ, କସ୍ତୁରୀ, କର୍ପୂର ମିଶ୍ରିତ ବସ୍ତ୍ରଛାଳିତ ଜଳ ।

ମଧ ପର୍କ—ରୂପାକୁଣ୍ଡକ ୩ ରେ ମହୁ ଗୁଆଦହି ଘୃତ (ମହୁ ଅଭାବେ ଗୁଡ଼), ରୁପାଢ଼ାଙ୍କୁଣୀ ୩ ।

ପୁନରାଚମନ—ସୁନାଢାଲ ୩ ରେ ଲବଙ୍ଗ ଜାଇଫଳ ଅଳାଇଚ କାଙ୍କୋଲ ଉଶୀରବେଣା ଅଗୁରୁ କର୍ପୂରମିଶ୍ରିତ ବସ୍ତ୍ରଛାଳିତ ସୁକ୍ଷ୍ମ ଜଳ ।

ସ୍ନାନ—ସୁନାଢ଼ାଲ ୩ ରେ ବସ୍ତ୍ରଛାଳିତ କର୍ପୂରମିଶ୍ରିତ ଜଳ ୧୦୦ ପଳ ଲେଖାଏଁ ୩୦୦ ପଳ । ଗଙ୍ଗାଯମୁନାଦି ମନ୍ତ୍ରରେ ମନ୍ତ୍ରକରି ଆବାହନ କରିବ । ସୁନା ବଇଠିଲଗା କଂସା ଦର୍ପଣ ସମ୍ମୁଖରେ ରଖି ସ୍ନାନ କରାଇବ । ଧୋବ ବସ୍ତ୍ରରେ ଶ୍ରୀଅଙ୍ଗ ପୋଛିବ । ନୂତନ ପାଟଣୀ ବସନ ପିନ୍ଧାଇବ, ଅଳଙ୍କାର ଲାଗି କରିବ, ଫୁଲ ଚନ୍ଦନ ଅଗୁରୁ କସ୍ତୁରୀ ଯେବତାଫୁଲ କାକର ପନୀରଜଳ ଲାଗିହେବ, ସୁନାଦୀପରେ ଆଳତି ହେବ, ଧୂପ ହେବ, ବାଦ୍ୟ ବାଜିବ । କୋଠ ଚୋଟାମାଳି ଏ ପୂଜାକୁ

ଫୁଲ ଦେବ । ସ୍ୱର୍ଜୋପସ୍ଥିର ହେଲା ପରେ ଗ୍ରୁମୁରେ ଟେରା ପଡ଼ିବ । ଭିତରେ ମଣୋହି ହେବ, ବାହାରେ ପୁରାଣପଣ୍ଡା ପୁରାଣ ଶୁଣାଇବ (କଲାପାବଚ୍ଛୁଠାରେ) । ଷଡରସରେ ମଣୋହି ପଦାର୍ଥମାନ ହେବ କେବଳ ଢକ୍ତ ହେବ ନାହିଁ । ୪ ପ୍ରକାର ପାକ ହେବ, ଯଥା—ଭୀମ, ନଳ, ସୌରି, ଗୌରୀ । ଅନ୍ନ ୪ ପ୍ରକାର — ଶାଳି, କ୍ଷୀର ଦଧି, ଶୀତଳ ।

୧—ସୁନାଖିଲ ଓରଆ ଚାଉଳ ପାକହେବ,ପରେ ସେଥିସଙ୍ଗେ ଗୁଆଘିଅ ମିଶିବ, ଫାଲଟେଭି ଖରଡ଼ା ଲବଣ ସହିତ ଶାଳି ତଣ୍ଡୁଳ ତବତ ଅନ୍ନ । ଏ ମଣୋହି ବେଳକୁ ଗଉରୀପାକର ମୁଗ ଡାଅଣ, ଭୀମପାକର ବଡ଼ି ଡାଅଣ, ସୌରୀପାକର ଦୁଧ ମହୁର ଆଳୁଭଜା, ନଳପାକର ସାକର ଡାଅଣ ।

୨— ଦଧିଅନ୍ନ—ଓରଆଅନ୍ନ ଗୁଆ ଦସାଦହି ମିଶ୍ରିତ । ନଳପାକ ଲାପସି ଡାଅଣ, ଗଉରୀପାକ ମଧୁରୁଚି, ସଉରୀପାକ କଦଳୀଭଜା, ଭୀମପାକର ଗୁଡଖୁଆଇ ପାକକଲା ନଡ଼ିଆ ରସ ।

୩— କ୍ଷୀରଅନ୍ନ— ଗୁଆଦୁଧରେ ସୁବାସିତ ଓରଆଚାଉଳ ପାକ । ଗୁଆଘୃତ ଖରଡ଼ା ଲବଣ ମିଶିବ । ସାକରଖଣ୍ଡ ମରିଚ କର୍ପୂର ମିଶିବ । ଗଉରୀପାକର ଅଥାରସିଝା ପିଠା, ଭୀମପାକର ପୁରପିଠା, ସଉରୀପାକର ଘୃତ ଲବଙ୍ଗ ପ୍ରଭୃତି ମିଶ୍ରିତ ନାନାପ୍ରକାର ପିଠା, ନଳପାତର ନାନାପ୍ରକାର ପଣାତେସ୍ତା ।

୪—ଶୀତଳଅନ୍ନ—ଓରଆଚାଉଳ ଅନ୍ନ ବାଟୁଳା କରି ଚୂର୍ଣ ଧୋଇ ଏଥିରେ ଟଭିରସ ଖରଡ଼ା ଲବଣ ମିଶ୍ରିତ କରିବ । ଗଉରୀପାକ ବଥୁଆଲେଉଟିଆ କୋଶଳା-ଲେଉଟିଆ ମଧୁରେଲଳତା ଋତୁ ଅନୁସାରେ ଶାକ, ସଉରୀପାକର ଅଦା ପାଚେଲି, ଭୀମ ପାକର ବରବରା ଗୁଡ଼କାଞ୍ଜି, ନଳପାକର ଅଡ଼ଙ୍ଗା । ଭାତ ଡାଉଣ ଖିରି ପିଠା ପଣା ଗୋଟିକା ଦହି ଅମୃତମଣ୍ଡା ନଡ଼ିଆ ରସକୋରା ପାଚିଲାକଦଳୀ ପଇଡ ଘସାବାସପାଣି ଋତୁଫଳ ଏହକୁ ଏକାବେଳକେ ମଣୋହି କଲେ ଭୋଗ କୁହାଯାଏ ।

ଖିରି ପିଠା ଗୋଟିକା ପଣା ସରସରିକ ପଇଡ ଘଷାବାସପାଣି ଏମାନଙ୍କ ମଣୋହି କଲେ ସିଂହାର କୁହାଯାଏ ।

ଏ ସମସ୍ତ ଗ୍ରୁମୁରେ ଧୋବଲୁଗା ପାଏଡା ପଡ଼ି ତାʼଉପରେ ସୁବର୍ଣ୍ଣ ଥାଳମାନଙ୍କରେ ଅନ୍ନ ପର୍ବତାକାରରେ କୁଢ଼ାହୋଇ ଘିଅ ପଡ଼ିବ । ବଡ

ଗୋଟା ଭାଜ, ସାର୍ଦ୍ଧଚକା ଏଣ୍ଡୁରି, ଆଉଏଣ୍ଡୁରି ଏମାନେ ପର୍ବତର ପଥର ହେବ । ବଡ କାକରା କୁଡୁଆ ଭାତମାନ ଗଛହେବ । ବଡ ବଡ଼ ଖଣ୍ଡଆଳୁ ଭଜା ଗୋଟା ହୋଇ କଟା ହୋଇ ଅମୃତମଣ୍ଡା ସହିତ ପର୍ବତର ଶୃଙ୍ଗ ହେବ । କାକରା-ପିଠା ଆରିସା ପୁଳି ଅମାଲୁ ହୋଲବଡା ନାଡ଼ୀ ଛପୁରି ଏମାନେ ଗଛର ଡ଼ାଳ ପତ୍ର ହେବେ । ଗଜାପିଠା ଗୋଟା କଦଳୀଭଜା ଖଣ୍ଡଖୋର୍ଷୀ ଏମାନ ଗଛର ଫୁଲ କଢି ହେବେ । ସରପାପୁଡ଼ି ଗୋଟିକା କଦମ୍ବଫୁଲ ନମକ୍ରେ ରସକୋରା ଏମାନେ ଫୁଲ ହେବେ । ହରବଲ୍ଲଭ ଧର୍ମ୍ମଶରଣ ବଡ଼ଡାଳିମ୍ବ ଛେନାଲଡୁ ମରିଚଲଡୁ ବଡା ଖଇରଚୂଲ ଚଢ଼ାଇଲେଦା ଛେନାମଣ୍ଡା ପଣୁସିଆ ସୋଧୁଅ ପଇଡ ପାଚିଲା କଦଳୀ ଏମାନେ ଗଛର ଫଳ ହେବେ । ନାନାପ୍ରକାର ଉଦ୍ଭଣ ଖିରିଖିରିଷା ଅମୃତଦୁଧ ଆଧାମ ବସାଦହି ସରଦହି ବହଲଦୁଧ ଦ୍ୱିଗୁଣ-ଦୁଧ ତ୍ରିଗୁଣଦୁଧ ଏମାନେ ଖଣ୍ଡ ମରିଚ ସାକର ମିଶ୍ରିତ ହୋଇ ଗଛର ରସ ହେବେ । ନାନାପ୍ରକାର ପଣା ଘସାବାସପାଣି ଏମାନେ ପର୍ବତ କନ୍ଦରର ଜଳ । ଏପରି ପର୍ବତାକାର କରି ପଣ୍ଡା ମନରେ କଳ୍ପନା କରିବ । ପନ୍ତି ମୂଳ ହୋଇ ମଣୋହି-ବେଳେ ଯେଉଁ ପଦାର୍ଥ ଉତ୍ତାରୁ ଯାହା ମଣୋହି ହେବ ସେ ପ୍ରକାର ମହାସୁଆର ପନ୍ତିମୂଳ କରି ବାଢି ଖଦି ଗୋଟିଏ ଯେମନ ବାନ୍ଧୁଥିବ । ପଣ୍ଡା ମନ୍ତ୍ରଦ୍ୱାରା ମଣୋହି କରାଇବା ପରେ ଭିତର ଗରିବଡୁ ଆଚମନକୁ ସୁବାସପାଣି ଦେବ । ଆଚମନ ସାରି ଫେଁାଲ ବସ୍ତ୍ରରେ ଶ୍ରୀହସ୍ତ ପୋଛିଲା ଉତ୍ତାରୁ ଟେରା ନ ଫିଟିବା ପୂର୍ବରୁ ପୂଜା-ପଣ୍ଡା ଅନ୍ନ ମହାପ୍ରସାଦ ଖେଚଡ଼ିଭାତ ଗୋଟାଏ ଯେମନ ବାହାରକୁ ଆସି ଦେଉଳ ଋଶିପାଖେ ଦଶଦିଗପାଳଙ୍କୁ ବଳିଦେଇ ଆଚମନ କରି ଟେରା ଭିତରକୁ ଆସି ତାମ୍ବୁଲ ଲାଗି କରାଇବ । ଟେରା ଫିଟିବା ପରେ ଆଳତି ହେବ । ରାଜୋପଚାରରେ ଆଳତି ହେବ । ୧୬ ପଦାର୍ଥ ଲାଗି ହେବ—ପଇତା ଧ୍ୱଜ ଛତ୍ର ଚାମର ଆଳଟ ଧୂପ କର୍ପୂର ଆଳତି ଅଗୁରୁ ଧୂପକାଠି ସୁନାବେତ ପୁରାଣଶ୍ରବଣ ନୃତ୍ୟଗୀତ ଭାଟ କଏବାର ଘଣ୍ଟାଦି ଚତୁର୍ବିଧ ବାଦ୍ୟ । ଅସୁରମାନଙ୍କ ମର୍ଦ୍ଦଳାଦି ଚର୍ମବାଦ୍ୟ ଦୈତ୍ୟ-ମାନଙ୍କ ଘଣ୍ଟ କାହାଳୀ ଆଦି ଫୁଙ୍କବାଦ୍ୟ କିନ୍ନରମାନଙ୍କ ତାଳ କଂସାଳାଦି ଘଣ୍ଟ ବାଦ୍ୟ, ଦେବତାମାନଙ୍କ ବୀଣାଦି ବାଦ୍ୟ ।

ଦାରୁବ୍ରହ୍ମ ଅବତାର ପୂଜାରେ ଆବାହନ ବିସର୍ଜନ ନାହିଁ । ଧୂପ ବଢ଼ିଲେ ପଣ୍ଡା ଅକ୍ଷତ ନେଇ ରାଜାଙ୍କୁ ଆଶୀର୍ବାଦ କରିବ ।

ଧୂପ ଶେଷରେ ହୋମ ହେବ । ଉପନ ଭୋଗ ମଡ଼ଫୁଲ ଗନ୍ଧପୁଷ୍ପ ଧୂପଦୀପ ନୈବେଦ୍ୟ ସହିତ ପଞ୍ଚୋପଚାରରେ ପୂଜା ହେବ ଏବଂ ମଣୋହି ହେବ । ପରେ

ସୁବର୍ଣ୍ଣ ନାରାୟଣ ଦେବତା ବିମାନରେ ବିଜେକରି ଦେଉଳ ଗୃହପାଖ ଓ ବେଢା ବୁଲି ଜଗମୋହନ ଦ୍ୱାରେ ରତ୍ନପଲଙ୍କ ଉପରେ ବିଜେକରିବେ । ଏଠାରେ ବେଢା ଆସ୍ଥାନ ହେବ । ଏଠାରେ ଗୋଟିଏ ଶୀତଳ ସିଂହାର ମଣୋହି ଭୋଗ ହେବ । ବନ୍ଦାପନା ହୋଇ ଭିତରକୁ ବିଜେ କରିବେ । ଏ ପରେ ଦହିକଡମା ଭୋଗ ହେବ ।

ଦୁଇପ୍ରହର ଧୂପ—ଠାକୁରମାନେ ମଇଲମ ହେବେ ଏବଂ ବସ୍ତ୍ରଲାଗି ତିଲକ-ଲାଗି ମାଳଚୂଳଲାଗି ହେବାପରେ ଗମ୍ଭୀର ଧୋପଖାଲ ହେବ । ପାହାଡା ଲୁଗା ପଡ଼ି ସୁବର୍ଣ୍ଣ ଯୋଗାଡ ମାନଙ୍କରେ ଭୋଗ ମଣ୍ଡାଗଲା ସକାଳ ଧୂପ ପରି ପଞ୍ଚଉପଚାରରେ ଜମା ହେବ । ଷୋଡଶୋପଚାର ପୂଜା ହେବ । ହୋମ ଉପନ ଭୋଗମାନ ସକାଳପରି ହେବ । ସକାଳପରି ନାରାୟଣଙ୍କ ବେଢାବୁଲା ଶୀତଳ ସିଂହାର ଭୋଗ ଓ ବନ୍ଦାପନା ପରେ ଭିତରବିଜେ ହେବ । ବେଶ ଉଲଗି ହୋଇ, ନେତ୍ରପଟନା ଲୁଗା ଲାଗି ହୋଇ, ରତ୍ନଡଗାଓ ସୁବାସଫରା ମାଳଚୂଳ କର୍ପୂର ଲାଗି ହୋଇ, ଗମ୍ଭୀର ଧୋପଖାଲରେ ଖଟଶେଯ ପଡିବ, ତହିଁରେ ଠାକୁରେ ପହୁଡିବେ । ଏଠାରେ ଶୀତଳ ଭୋଗ ହୋଇ ଟେରା ପଡିବ ।

ସନ୍ଧ୍ୟାଧୂପ—ସକାଳ ଧୂପପରି ଷୋଡଶୋପଚାର ପୂଜା । ଏ ଧୂପରେ ଅଧିକା ବନ୍ଦାପନା, ନାରାୟଣଙ୍କ ବେଢାବୁଲା, ଶୀତଳ ଭୋଗ, ଉପନ ଭୋଗ, ବଡସିଂହାର ଅବକାଶ, ମଙ୍ଗଳ ସିଂହାର ଅବକାଶ, ପୁରାଣପାଠ ତାମ୍ବୁଲ ଲାଗି ହୁଡପନାଏକ ବଡଆଲାଗି ଉତ୍ତମ ସିଂହାରି ପିଠା, କାଞ୍ଜି ବାଟୁଲା ପଖାଳ ଇତ୍ୟାଦି । ଆଳତି ବନ୍ଦାପନା ପରେ ଖଟଶେଯ ପଡିବ, ଶ୍ରୀମୁଣ୍ଡି ମୁଚୁଲା ଗୋଲ-ମୁଚୁଲା କୋଲମୁଚୁଲା ଶ୍ରୀପୟରମୁଚୁଲା ହୋଆସିବ । କଳାପାହାଡ ସରଜ ଲୁଗା ପଡିବ । ସୁନା ଅର୍ଦ୍ଧନାସି ନାରାୟଣ ଦେବଙ୍କୁ ଫୁଲର ମଣ୍ଡାଚୂଳ ଗୋଟିଏ ଅପର୍ଣ୍ଣ କରି ଦେଇ ଦହୁଡି ଚନ୍ଦ୍ର ଉଦଆ ଛନ ଗୃହର ଆଳଟି ଝଣା ବୀଣା ଗୀତଗାୟନ ସୁନାବେତ ଏମାନ ସିଂହାରିମାନେ ଘେନ ପଣ୍ଡାପାଲକ ବିଜେ କରାଇ ଆଣି ଜଗମୋହନ ଦ୍ୱାରେ ସୁନାଉଡ଼ଁରିଆ ଉପରେ ବିଜେ କରାଇ ଜୟ ସିଂହାର ଶୀତଳ ଭୋଗ ୫ ଉପଚାରରେ ପୂଜା କରିବେ । ଆଳତି ପରେ ପହୁଡ ହେବ । ଖଟପାଖେ ଶୀତଳଭୋଗ ସିଂହାର ବଢା ହୋଇଥିବ । ଭିତରଭଣ୍ଡାର ମେକାପ ବଇଠା ନେଇ ସିଂହାସନ ଘରପାଖ ଶୋଧି, ଭଣ୍ଡାରମେକାପ ପ୍ରଭୃତି ଅଣ୍ଡାମାନ ଓ ବାଡଦୀପମାନ ବାହାର କରି ଆଣିଲା ପରେ କବାଟ ପଡିବ । ଏପରି ୭ ଭୋଗ ୯ ସିଂହାର ଶେଷ ହେବ । ୭ ଭୋଗର ମୂଲ୍ୟ ୧୨୨ ମାଡ ୫ ଟଙ୍କା, ୯ ସିଂହାରର ମୂଲ୍ୟ ୧୪୧।୬ ସୁନା । ଏହିସାବେ ୩୬୫ ଦିନକୁ ୫୪୫୭୬ ମାଡ ୫ ଟଙ୍କା ।

୧୭—ମହାଲକ୍ଷ୍ମୀ, ସରସ୍ୱତୀ, ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଦେଉଳ ଆୟତନ ମଧ୍ୟସ୍ଥ ଦେବତା, ବାଲୁନୃସିଂହନାଥ, କ୍ଷେତ୍ର ଆୟତନ ମଧ୍ୟସ୍ଥ ଦେବତା, ତୀର୍ଥପୂଜକ, ଜଳ ସ୍ଥଳ ଆକାଶ ଅନ୍ତରୀକ୍ଷ ଦେବତାମାନଙ୍କ ପାଇଁ ଦେଲେ ସୁନା ମା ୧୫୨୪ । ୪ ।

୧୮—କର୍ପୂର ଚନ୍ଦନ ମଡ଼ିଆଲ ୬୦୦୦୦ ମାଢ଼ ।

୧୯—ନାନାପ୍ରକାର ସର୍ବସାଦା ୧୦୦୦୦ ମାଢ଼ ।

୨୦—ଭୋଗ ପରୀକ୍ଷା ୫୦୦୦୦ ମାଢ଼ ।

ଯୋଗନାଏକ ମତ ଦେଲେ ଯେ ଏ ହିସାବରେ ଦେଲେ ଆୟକୁ ବ୍ୟୟ ବଳପାରେ । ସୁତରାଂ ଏ ଭିଆଣରେ ୩ ଭାଗରୁ ଭାଗେ ହେଲେ ସର୍ବଦା ରହି ପାରିବ ।

ତାଙ୍କ ମତ ସମୀଚୀନ ବୋଧ ହେବାରୁ କର୍ତ୍ତବ୍ୟ ହେଲା ଯେ ସୁନା ୪୦୦୦୦ ମାଢ଼ ଧରାଯିବ ।

୨୨ ଆଙ୍ଗୁଳିଆ ଅଡ଼ାରେ ଗୁଉଳ ୧୪ ମାଣ, ଚନ୍ଦ୍ର ନଉତରେ ଧାନ ୭ ଭରଣ ଲେଖାଏଁ ବର୍ଷକୁ ୨୫୨୦ ଭରଣ, ସର୍ବପର୍ବାଣି ୨୦୦ ଭରଣ । ଭରଣକୁ କଉଡ଼ି ୩୦ କାହାଣ ଲେଖାଏଁ ୫୧୦୦୦ କାହାଣ । ଶାରଦ ବଗଡା ଦାଳୁଅ ୧୨୦୦୦୦ ଭରଣ, ଭରଣକୁ ୨୫ କାହାଣ ଲେଖାଏଁ ୨୨୫୦୦ କାହାଣ, ମୋଟରେ ୭୬୫୦୦ କାହାଣ । ଘିଅ ଗୁଡ଼ ଓଗେର କଉଡ଼ି ୧୪୮୫୦୦ କାହାଣ ଗାଏ ୨୮୧୨୫୦ କାହାଣ । ଏଥି ମଧ୍ୟରେ ଧୋଇ ମରୁଡ଼ି ଲାଗି ୫୬୨୫୦ କାହାଣରୁ ୨୫ କାହାଣକୁ ୨ ମାଢ଼ ସୁନା ହେଲେ ୨୮୬୫୦ ମାଢ଼ ସୁନା ହେଲା ।

୨୧—ଅନ୍ୟାନ୍ୟ ଦେବତାମାନଙ୍କ ଭୋଗ ଲାଗି ନିମ୍ନଲିଖିତ ପ୍ରକାରେ ବନ୍ଦୋବସ୍ତ । ଅଙ୍କ ସଂଖ୍ୟାକୁ କେତେ ମାଢ଼ ସୁନା ବୋଲି ବୁଝିବାକୁ ହେବ ।

ମହାଲକ୍ଷ୍ମୀ ୮୦୦, ସରସ୍ୱତୀ, ୪୦୦, ଅଷ୍ଟଶମ୍ଭୁ କ୍ଷେତ୍ରାଧିପ ମାର୍କଣ୍ଡେଶ୍ୱର ୧୫୦, କପାଳମୋଚନ ୫୦, ବଟେଶ୍ୱର ୫୦, କାମଦେବ କ୍ଷେତ୍ରପାଳ ୫୦, ଈଶାନେଶ୍ୱର ୫୦, ନୀଳକଣ୍ଠେଶ୍ୱର ବିଲ୍ୱେଶ୍ୱର ୫୦, ବିମଳା ୯୦, ବଟମଙ୍ଗଳା ୩୦, ଦକ୍ଷିଣକାଳୀ ୩୦, ଚାମୁଣ୍ଡା ୩୦, ମଉଳାଇ ୩୦, ଅର୍ଦ୍ଧଶୋଷିଣୀ ୩୦, ସର୍ବମଙ୍ଗଳା ୩୦, ଲଉକେଶ୍ୱର ୧୫୦, ନୃସିଂହନାଥ ୧୫୦, ନୃସିଂହ ୩୦, ବଟଗଣପତି ୭, ବଟହନୁମନ୍ତ ୭, ଗରୁଡ଼ଦେବ ୯, ଜୟବିଜୟ ଓଗେର ୪୦, ନୀଳଚକ୍ର ନଳକମ

୬, ଚତୁର୍ମୁଖ ବ୍ରହ୍ମା ୬, ଚନ୍ଦ୍ର ସୂର୍ଯ୍ୟ ୧୬, ଇନ୍ଦ୍ର ୧୨, ଇନ୍ଦ୍ରାଣୀ ୨, ବଟବୃକ୍ଷ ୨, ରତାଇ ଦେବୀ ୬, ଉତ୍ତରକାଳୀ ୩, ଦକ୍ଷିଣକାଳୀ ୩, ବଳମାର୍କଣ୍ଡେଶ୍ୱର ୬, ପାତାଳେଶ୍ୱର ୨, ଜଟେଶ୍ୱର ୬, ବସୁଦେବ ଦେବକୀ ୨, ନନ୍ଦଯଶୋଦା ୬, ବାହାର ଭଣ୍ଡାର ଗଣପତି ୩, ଭୋଗଘର ମହାଲକ୍ଷ୍ମୀ ୬, ଭୋଗଗଣପତି ୩, ନାଟ୍ୟାରମ୍ଭ ଓ ବେହରଣ ଗଣପତି ୩, ରୁକ୍ମିଣୀ ସତ୍ୟଭାମା ଜମ୍ବୁବତୀ.ମିତ୍ରବନ୍ଧ୍ୟା କାଳନ୍ଦୀ ଭଦ୍ରା ଲକ୍ଷଣା ୨୪, ବରାହନୃସିଂହ ତ୍ରିବିକ୍ରମ ୧୮, ସୁବର୍ଣ୍ଣଦେବତା ଓ ନାରାୟଣ ୧୬, ରାମକୃଷ୍ଣ ୧୬, ଲକ୍ଷ୍ମୀନୃସିଂହ ୬, ଶୟନ ଦେବତା ୯, ଦେଉଳ ଗୃହ ପ୍ରାଚୀର ଅଧିଷ୍ଠାତ୍ରୀ ଦେବତା ୩, କ୍ଷେତ୍ରଦେବତା ଶ୍ୱେତ ଓ ମତ୍ସ୍ୟ ମାଧବ ୧୮, ତଣ୍ଡୋମସ୍ତୁ ଦେବ ୭, ଉଗ୍ରସେନ ମାଧବ ୬, ରୁକ୍ମିଣୀ ମାଧବ ୬, ସମୁଦ୍ରକୂଳ ହନୁମନ୍ତ ୩, ଶ୍ରୀଧର ଦେବ ୩, ଇନ୍ଦ୍ରଦ୍ୟୁମ୍ନ ସର୍ବେଶ୍ୱର ବୃଦ୍ଧେଶ୍ୱର ୧୬, ଇନ୍ଦ୍ରମାଧବ ୩, ଗୃରଣଗଣପତି ୩, ଇନ୍ଦ୍ରଦ୍ୟୁମ୍ନ ରାଜା ୩, ଗାଲମାଧବ ରାଜା ୩, ପଞ୍ଚଦେବତା ପିଣ୍ଡିକା ୭, ସାକ୍ଷୀଦେବତା ହରଚଣ୍ଡୀ ୩, ବହ୍ନିଦେବୀ ୩, ନାରାୟଣଦେବୀ ୩, ଜାଗୁଲାଇ ୩, ମାଣ୍ଡଦେବୀ ୩, କାଳିକା ୩, ସିଦ୍ଧେଶ୍ୱର ୩, ଅଲଣାଦେବୀ ୩, ମାଟିମଣ୍ଡପସାହି ଭିତର ଇଚ୍ଛାପୁର ସାହି କାଳିକା ୩, ଦଇତାପଡ଼ା ଯାଗୁଲାଇ ୩, ଗଉଡ଼ବାଡ଼ ସାହି ଯାଗୁଲାଇ ୩, କପୋତେଶ୍ୱର ଦେବୀ ୩, ଚୁଡ଼ଙ୍ଗ ସାହି ଚୁଡ଼ଙ୍ଗ ରାଜା ୨, ପଣ୍ଡାସାହି ନୃସିଂହନାଥ ୩, ବଳଗଣ୍ଡି ବଲ୍ଲବାମାନ ୨, ଗୁଣ୍ଡିଚା ନଅର ପଟିଦଅଁଙ୍କ ପିଣ୍ଡିକା ୨୩, ମହୋଦଧିତୀର୍ଥ ପିଣ୍ଡିକା ୬, ଧାର୍କଣ୍ଡ ୫, ଶ୍ୱେତଗଙ୍ଗା ୫, ମଣିକର୍ଣ୍ଣିକା ୩, ଇନ୍ଦ୍ରଦ୍ୟୁମ୍ନ ୩, ଜଳ ସ୍ଥଳ ଆକାଶ ଦଶଦିଗପାଳ ୬. ମଶାଣି ଚଣ୍ଡୀ । ୨ ।

୨୨—ମଢ଼ିଅଲ ଭିଆଣ ଅର୍ଥାତ୍ ଦେବତାମାନଙ୍କ ଲୁଗା; ପାଟପତନୀ, ନେତ, ସିନ୍ଦୁଆ, ପୁଜାପତନୀ, ଶୁକ୍ଳଲୁଗା, ବାନ୍ଧଲୁଗା ୨୦୦ ମାଢ ସୁନା ।

୨୩—କର୍ପୂର ଚନ୍ଦନ ପ୍ରଭୃତି—ଚନ୍ଦନ ୨୦୦ ବଶା (ବଶାକୁ ସୁନା ୨ ମାଢ), ଅଗୁରୁ ୧୦୫ ବଶା (ବଶାକୁ ୪ ମାଢ଼), କର୍ପୂର ୩୬୫ ତୋଳା (ତୋଳାକୁ ମାଢେ), କସ୍ତୁରୀ ୧୫୦ ତୋଳା (ତୋଳାକୁ ୧୨ ମାଢ଼) କୁସୁମ ୧୫ ବଶା (ବଶାକୁ ୨ ମାଢ଼), ଶିଳୁଆ ୧୫୦୦ ତୋଳା (୧୨ ତୋଳାକୁ ସୁନା ୧ ମାଢ଼), ପନୀର-ପାଣିକାଚ ୧୦୦ (ସାତ ଟନା ଲେଖାଏଁ) ।

୨୪—ପର୍ବଯାତ୍ରା—ଅଙ୍କରୁ ଏତେ ମାଢ ସୁନା ବୁଝିବାକୁ ହେବ ।

ମକରଯାତ୍ରା ୧୭୭, ବସନ୍ତପଞ୍ଚମୀ ୩, ବସନ୍ତୋତ୍ସବ ୧୫, ରାସ ଉତ୍ସବ ୧୫, ମାଘ ଷଷ୍ଠୀଯାତ୍ରା ୨ ଟନା, ଶିବରାତ୍ରି ୬୦, ବେଣ୍ଟଉତ୍ସବ ୧୫, ଫଗୁଦଶମୀ

୩୦, ଅଗ୍ନି ଉତ୍ସବ ୩, ଦୋଳଯାତ୍ରା ୧୦୦, ଅଶୋକାଷ୍ଟମୀ ୨, ରାମଜନ୍ମ ୧୦, ଦମନକ ଯାତ୍ରା ୫, ପଣାସଂକ୍ରାନ୍ତି ୨୦, ଅକ୍ଷୟତୃତୀୟାଠାରୁ ଚନ୍ଦନ ୨୧ ଦିନ ୧୦୦, ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ନୃସିଂହ ଉତ୍ସବ ୧୫, ମାର୍କଣ୍ଡେଶ୍ୱର ବିବାହ ୫, ଶୀତଳଷଷ୍ଠୀ ୧୦ ଦଶହରା ୧, ପଦ୍ମ ଲାଗି ଏକାଦଶୀ ୩, ଦିଅଁ ବିବାହ ୧୦ ଚମ୍ପକଯାତ୍ରା ୫, ନୃସିଂହ ସ୍ଥାପନ ୧୦, ଦେବସ୍ନାନ ୧୮୦, ଦକ୍ଷିଣାମୂର୍ତ୍ତି ଯାତ୍ରା ୨୦, ଅନସର ୧୨୦, ଶ୍ରୀଗୁଣ୍ଡିଚା ଯାତ୍ରା ୧୨୦୦, ଅୟନ ଯାତ୍ରା ୫, ଚିତାଲାଗି ୫, ଅଙ୍ଗାଭରଣ ଯାତ୍ରା ୧୦, ବଳଭଦ୍ର ଜନ୍ମ ୫, ଗହ୍ମାପର୍ବ ୫, କୃଷ୍ଣ ଅଷ୍ଟମୀ ୨୦ ସାତପୁରୀ ୩୦, ହରିତାଳିକା ୨, ମହାଲକ୍ଷ୍ମୀଙ୍କ ଋଷିପଞ୍ଚମୀ ୫ ଚନା, ପାର୍ଶ୍ୱ-ପରିବର୍ତ୍ତନ ୨, ଲକ୍ଷ୍ମୀବ୍ରତ ୩, ଷଷ୍ଠୀ ୫ ଚନା, ଭାଦ୍ର ଶୁକ୍ଳଦ୍ୱାଦଶୀ ପବିତ୍ର ଆଭରଣ ୨୦, ବିମଳାଙ୍କ ୧୬ ଦିନ ୨୫, ଅପରାଜିତା ୫, କୁମାରୋତ୍ସବ ୧୦୦ ତୁଳା ସଂକ୍ରାନ୍ତି ୫, କାର୍ତ୍ତିକ ଦୀପଧୂପ ୪୫, ଏମାସର ପାଞ୍ଚଦିନ ଲକ୍ଷବତୀ ୫୦୦, ଯମ ଦ୍ୱିତୀୟା ୧, ସ୍ଥାପନ ଯାତ୍ରା ୫, କାର୍ତ୍ତିକପୂର୍ଣ୍ଣିମା ଗୋବର୍ଦ୍ଧନାଭିଷେକ ୨, ପ୍ରଥମାଷ୍ଟମୀ ୧୦, ଦୀପାବଳୀ ୧୦, ଓଢଣ ଯାତ୍ରା ୧୦୦, ପଣ୍ଡୁପର୍ବ ୧, ଧନୁଭୋଗ ୩୦, ପୁଷ୍ୟା-ଭିଷେକ ୧୦୦, ଉତ୍ଥାପନ ଯାତ୍ରା ୩, କପୋତେଶ୍ୱର ୧, ବେତାପାଳ ଯାତ୍ରା ୩୬୨ ପାଳିପାଳିକୁ ୩ ଚନା ଲେଖାଏଁ, ଲକ୍ଷ୍ମୀନାରାୟଣ ଅଭିଷେକ ୮, ଅନନ୍ତ ପୁରୁଷୋତ୍ତମ ଦେବଙ୍କ ଅନନ୍ତ ଚତୁର୍ଦ୍ଦଶୀ ୩, ଯମେଶ୍ୱର ନାରିକେଶ୍ୱର ଓ ମାର୍କଣ୍ଡେ-ଶ୍ୱରଙ୍କ ୨୩ ପାଳି ମା ୬୨୯ ଚନା, ଗ୍ରହଣ ଶୀତଳଭୋଗ ୫, ମୋଟରେ ୨୯୯୧୦ ମାଢ଼ ସୁନା ।

୨୮—(୯) ୨୫୨ ମଠ ସନ୍ୟାସୀ, ଏମାନେ ପ୍ରତିଦିନ ଦେଉଳରୁ ମହା-ପ୍ରସାଦ ପାଇବେ । ଏମାନଙ୍କ ସେବାକାର୍ଯ୍ୟ ଲାଗି ବ୍ରହ୍ମଚାରୀ ୧ ଜଣ ଲେଖାଏଁ ଏପରି ୧ ମଠର ୧ ବର୍ଷର ଖର୍ଚ୍ଚ ଲାଗି ସୁନା ୨୦

| | |
|---|---|
| ମାଢକୁ | ମା ୧୦୪୦ |
| (୨) ମୁଦ୍ରାହସ୍ତ ମଠ ୨ | ମା ୪୦ |
| (୩) ଅଠର ବ୍ରହ୍ମପୁର ମହାଜନ ୧୩୧୩ ଜଣ | ମା ୨୬୨୬ |
| (୪) ତୀର୍ଥବାକ୍ୟ କର୍ତ୍ତା ୨୦ ଜଣ | ମା ୨୫୮୬ |
| (୫) ମହାପୁରୁଷ ପାଣିଗ୍ରାହୀ ୨ ଜଣ | ମା ୪୦ |
| (୬) ଦଇତା ପଶୁପାଳକ | ମା ୩୦୦ |
| (୭) ପାଣିଛତା ପଣ୍ଡା | ମା ୨୨୦ |

| | | |
|---|---|---|
| (୮) ସିଂହାସନ ପଶୁପାଳକ | ମା | ୧୦୦ |
| (୯) ଗ୍ରମୁ ଖୁଣ୍ଟିଆ | ମା | ୮୦ |
| (୧୦) ଶ୍ରୀମୁଖ ସିଂହାସନ | ମା | ୬୦ |
| (୧୧) ଗୁଙ୍ଗଡ଼ା ମେକାପ | ମା | ୧୩୦୦ |
| (୧୨) ଅଖଣ୍ଡ ମେକାପ | ମା | ୩୦ |
| (୧୩) ସୁଆର ବଡ଼ୁ | ମା | ୩୦ |

ପକ୍ଷୀବଡ଼ୁ ୨୦୦, ଶେଯଘର ମେକାପ ୨୦, ପାହାଡ଼ା ଘର ମେକାପ ୧୦, ଆସ୍ତ ମହାଜନ ୫୦, ସୁଦୁସୁଆର ୪୦, ଭିତର ଗରାବଡ଼ୁ ୩୦, ବାହାର ଗରାବଡ଼ୁ ୪୦, ହୁଡ଼ପ ନାୟକ ୨୦, କଉଡିଆ ମୁଦୁଲି ୪୦, କର୍ପୂର ଚନ୍ଦନ ଘଟୁଆରି ୩୦, ରୋଷେଇ ସେବକ, ଭୋଗ ସୁଆର ଓଗେର ଛତିଶା ନିଯୋଗ ୩୬୩ ଜଣଙ୍କୁ ସେବା ୩୬, ରୋଷକୂଅରୁ ପାଣି କାଢ଼ି ବନ୍ଧ ଆଣିବାକୁ ବଇଠା ପାଳିଆ ୧୨୩ ଜଣଙ୍କୁ ସେବା ୧୨, ଗୁଉଳଧୁଆ ୪ ଜଣଙ୍କୁ ସେବା ୪, ହାଣ୍ଡିରେ ଗୁଉଳ ଭରା ୪ ଜଣଙ୍କୁ ସେବା ୪, ଝୋଲି ଲଗାଇ କାଠ ଜାଳିବାକୁ ୪ ଜଣଙ୍କୁ ସେବା ୪, କାଠଚଟୁ ଘେନି ହାଣ୍ଡିରେ ଭାତ ଚଲାଇବାକୁ ଚଳଣିଆ ୪ ଜଣଙ୍କୁ ସେବା ୪, ଏପରି ନାୟକ ସେବକ ୩୬ । ଏମାନେ ପୁଅ ଭାଇ ଘେନି ଝଟଣୀ ବୋଲଣା କରିବେ ଏବଂ ୧୫୦ ମାଡ ସୁନା ବର୍ତ୍ତନ ପାଇବେ । ତଅଣ ସୁଆର ବର୍ତ୍ତନ ୬୦ ମାଢ଼, ଦେଉ ସୁଆର ୪୦, ସାରେଖାସ୍ତା ପିଠା ସୁଆର ୧୦, ମହାସୁଆର ୫୦, ବ୍ରାହ୍ମଣ ସମର୍ଥା ୨୦, ଶୂଦ୍ର ସମର୍ଥା ୨୦ ତୋଳାବଡ଼ୁ ୪୦, ତଳବଡ଼ୁ ୨୦, ପନ୍ତିବଡ଼ୁ ୩୦, ଭିତରବଢା ୨୦, ଘିଅ ପରଷା ୫, ତୋଳାବଡ଼ ସେବକ ରୋଷରୁ ଭୋଗ ବନ୍ଧିଆଣିବାକୁ ଶିକା-ଡ଼ାଙ୍ଗି ଝାଡ଼ବା ସେବକ ୧୦, ରୋଷ ସରଘର ମେକାପ ୧୦, ରୋଷ ବ୍ରାହ୍ମଣ ୧୦, ଅଙ୍ଗାର ପାଉଁଶକଢ଼ା ସେବକ ୫, ରୋଷ ଧୋପଖାଲ ସେବକ ୫, ଦ୍ୱାର-ନାୟକ ୧୦, ଫାରକ ମୁଦୁଲି ୫୦, ପ୍ରସାଦ ବଡ଼ୁ ୪୦, ଫୁଲ ବଡ଼ୁ ୨୦, ସିଂହଦ୍ୱାର ପ୍ରତିହାରୀ ୩୬ ଆସ୍ଥାନ ପ୍ରତିହାରୀ ୧୦, ପଟ୍ଟଯୋଶୀ ପଢ଼ିଆରୀ ୧୦, ଛତ୍ରସେବକ ୫, ନାସସେବକ ୫, ଚଅଁର ସେବକ ୨୦, ରତ୍ନଆଲଟ ସେବକ ୨୦, ଝାଞ୍ଜ ସେବକ ୧୦, ଧ୍ୱଜାଧରା ସେବକ ୧୧, ସୁତାବେତ ସେବକ ୧୦, ସୁନା ଦାଣ୍ଡ ସେବକ ୨୦, ପୁରାଣପଣ୍ଡା ସେବକ ୧୦, ମଂଡଣି ବୃନ୍ଦାବନ ନାୟକ ୧୦ ମଂଡ଼ଣି ଖୁଣ୍ଟିଆ ୬, ଦରପଣିଆ ୬, ବିମାନବଡ଼ୁ ୨୦, ହାନ୍ଦୋଳା ଆପଟ ୨୦, ବିମଳା ଝଟଣି ୨୦, ସୁଧଘର ସେବକ ମହାଭୋଇ ୩୦, ଆଳତି ସେବକ ୨୦, ଦୁଧଘର ପାଇକ ୫, ସୁନା, ରୁପା, କଂସା, ତମ୍ବା ଯୋଗାଡ଼ମକା ସେବକ ୧୦, ଚିତା

ବନ୍ଧାଣି ୧୦, ରତ୍ନକାମ ବନ୍ଧାଣି ୬୨, ମାଠ କମ ବନ୍ଧାଣି ୩୦, ଚନଗ୍ର ସେବକ ୬୦, ସିପୁଟୀ ମହାରଣା ୩୦, ଘଣ୍ଟୁଆ ସେବକ ୪୦, ହୀରକ ହାଲିଆ ୪୦, ପାଟଗ୍ର ବନ୍ଧାଣି ୨୦, ବେଣ୍ଟବନ୍ଧା ଗଉଡ ୬, ପାହାନ୍ତପାଣି ଶଙ୍ଖୁଆ ୧୦, ମାଦେଳିଆ ୧୦, ଶଙ୍ଖମହୁରିଆ ୮, ଉପାଙ୍ଗିଆ , ଯୋଗକାହାଳିଆ ୭, ବୀଣାକାର ୧୦, ଗୀତଗାୟୁଣୀ ୧୦, ଚଉଷଠି ସମ୍ପ୍ରଦାୟ ୧୮୦, ମୀନା ନାୟକ ୫, ବାହାର ପହଁରି ୫, ଜ୍ୟୋତଷ ମହାରଣା ୧୦, ଖୁଣ୍ଟିଜଗା ସେବକ ୨୦, ଦକ୍ଷଣ ମାଳୀ ୪, ପଣ୍ଡା ପଶୁପାଳକମାନଙ୍କ ଓ ରେଷ ସୁଆର ସେବକମାନଙ୍କ ଗୋଡ଼ଧୁଆ ପାଣି ଖଟିବା ସେବକ ୫, ବଢ଼େଇ ମହାରଣା ୪୦, କମାର ମହାରଣା ୩୦, ପଥୁରିଆ ମହାରଣା ୩୦, ରୂପକାର ମହାରଣା ୩୦, ଚିତ୍ରକାର ମହାରଣା ୧୨, ଚୁନଗ୍ର-ମୁଦୁଲି ଦେଉଳ ଉପରୁ ଗଛ କାଟିବା ଅଦକର ୫୦, ତାମଗ୍ର ମହାରଣା ୩୦, କଂସାରି ମହାରଣା ୧୦, ଅଷ୍ଟଲୋହ ମହାରଣା ୧୦, କାଚଗ୍ର ମହାରଣା ୬, ଓଡଗ୍ର ୮, ମଟିଆଳ ମହାସେଠୀ ୫୦, ବାରଗୋଠ ଗାଈରକ୍ଷକ ୬୫୦, ସୁଆଁସିଆ ୮୦, ରଥ କଟା ଦଉଡ଼ିବଳା ସେବକ ୧୦, ଗୃପଦଲାଇ ୩୦, ଯବନ ଉପଦ୍ରବ ଜମିଉ ମାଣିକପାଟଣା ଖାଲକଟା ପାଟଣା ମୁହାଁଣ ମୁହଁରେ ଡଙ୍ଗା ଘେନ ଜଗିଥିବା ଆରଆ ୪୦, ଘାଟ ସେବକ ୨୦, ଭଣ୍ଡାର କରଣ ୮୦, ଦେଉଳ କରଣ ୨୦, କ୍ଷେତ୍ରବୈଦ୍ୟ ୫୦, ଶସ୍ତ୍ରବୈଦ୍ୟ ୫୦, ଗୁହାଗ୍ରି ପଧାନ ୬୦, ଚକଗ୍ଆ ଲେଙ୍କା ୦୦, ଚୁହାଣ ୧୦, ଢୋ଼ଲଦମା ସେବକ ୧୦, ଦହୁଡ଼ିଆ ୩୦, ଧାନଘର ପାଇକ ୧୦, ଧାନମାପ ମୁଦୁଲି ୧୦, ଦୁଆର ଦଳେଇ ୬୦ , ଦଣ୍ଡୁଆ ଡ଼ଗର ୧୦, ମାଝି ପାଇକ ୮୦, ଗୁଣ୍ଡିଚ୍ଚ ନବର ଜଗିଆ ୮, ବାହାର ଦେଉଳ ମହାଲକ୍ଷ୍ମୀ ଦେଉଳ ସେବକ ୧୦୦, ସରସ୍ୱତୀ ଦେଉଳ ସେବକ ୬୦, ଅଗୁରୁ ବୃକ୍ଷ ନୃସିଂହନାଥ ସେବକ ୩୦ ଅଷ୍ଟଶମ୍ଭୁ ଦେଉଳ ସେବକ ୨୧୦, ସକଳପୁର ଲାଉକେଶ୍ୱର ସେବକ ୬୦, ଅଷ୍ଟଚଣ୍ଡୀ ସେବକ ୫୫, ଗୁଣ୍ଡିଚ୍ଚ ନବର ପଟୀ ସେବକ ୫, କ୍ଷେତ୍ରର ଅନ୍ୟାନ୍ୟ ଦେବତା-ମାନଙ୍କ ସେବକ ୧୦, ତୀର୍ଥ ପୁଷ୍କରଣୀମାନଙ୍କରୁ ବର୍ଷକୁ ବର୍ଷ ପଙ୍କକଡା ସେବକ ୬୦, ତୋଟାଗଛ ତଳ ସେବକ ୩୦୦, ପଦୁକଦଳୀ ତୋଟା ସେବକ ୭୦, ଜଗମୋହନ ବଇଠା ସ୍ଥଳରେ ତେଲପଂକା ସେବକ ୧୦, ବାଦ୍ୟକାର ୬୦, ପଗ୍ଧାଷା ୩୦୦, ପଟ୍ଟନାୟକ ୮୦, ବେହରଣ ଡ଼ଗର ୬୦, ସୁଆଁସିଆ ଆଡ଼ଙ୍ଗ ୬୦୦, କର ଆଦାଏ ୨୦୦୦ ।

ଯେତେ ପ୍ରକାର ସେବକ ଓ ଯାହାଙ୍କର ଯାହା ବର୍ତ୍ତନ ଖଞ୍ଜା ହୋଇଥିଲା ତାହା ଉପରେ ଦିଆଗଲା । ନାମରୁ ସେବକର କର୍ତ୍ତବ୍ୟ କାର୍ଯ୍ୟ କେତେକ ଜଣା ପଡ଼ୁଅଛି । ମାତ୍ର କେତେକ ସ୍ଥଳ ସୁବୋଧ ନୁହେ । ସୁତରାଂ ସେମାନଙ୍କ କାର୍ଯ୍ୟର

ବିବରଣ ନିମ୍ନରେ ସଂକ୍ଷେପରେ ଦିଆଗଲା । ପ୍ରାଚୀନ ପ୍ରଚଳିତ ଶବ୍ଦମାନ ଅବିକଳ ଲେଖାଯାଇଛି । କାରଣ ଏଥିରୁ ପ୍ରାଚୀନ ଭାଷାର ପରିଚୟ ମିଳେ ।

୨୬—ଦଇତା ପଶୁପାଳକ—ନୀଳମାଧବ ଅବତାର ସମୟରେ ବିଶ୍ୱାବସୁ ଶବର ସେବା କରୁଥିଲେ । ଏମାନେ ଦାରୁବ୍ରହ୍ମ ଅବତାରରେ ଶୂଦ୍ର ଦଇତା ସେବକ ହେଲେ । ବିଦ୍ୟାପତି ବ୍ରାହ୍ମଣ ନୀଳମାଧବଙ୍କୁ ଦେଖିଯାଇ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ସମ୍ବାଦ ଦେଇଥିବାରୁ ସେ ବ୍ରାହ୍ମଣ ସେବକ ହେଲେ । ସୁତରାଂ ଏ ଦୁଇ ସେବାର ନାୟକ ଅର୍ଥାତ୍ ଯେ ବୟସରେ ବଡ଼ ସେ ତାର ପୁଅ ଭାଇମାନଙ୍କୁ ଘେନି ସେବା ଖଟେ । ଶ୍ରୀମୂର୍ତ୍ତିଠାରୁ ଶ୍ରୀପୟର ପର୍ଯ୍ୟନ୍ତ ବାମାର୍ଦ୍ଧ ଦଇତାମାନେ ସେବା କରନ୍ତି ଏବଂ ଦକ୍ଷିଣାର୍ଦ୍ଧ ଦଇତାପତିମାନେ ସେବା କରନ୍ତି । ଦଇତାମାନେ ବନରୁ ଦାରୁ ଆଣିବେ, ଠାକୁରମାନଙ୍କ ଶ୍ରୀଅଙ୍ଗ ବୈଗମ ହେଲେ ସେମାନଙ୍କୁ କର୍ମ୍ମକୁଟି ଘରକୁ ବିଜେ କରାଇବେ । ଅନବସର ତାଟି ଭିତରେ ୧୫ ଦିନ ସେବା କରିବେ । ଦେବସ୍ନାନଠାରୁ ବାହୁଡ଼ା ପର୍ଯ୍ୟନ୍ତ ସେବା କରିବେ, ସେହ୍ନା ଲାଗି କରିବେ ।

୨୭—ପାଣିଛଡ଼ା ପଣ୍ଡା ସେବକ—ଏ ୧୩ ଜଣ । ଏମାନଙ୍କ ମଧ୍ୟରୁ ଜଣେ ମାସେ ପର୍ଯ୍ୟନ୍ତ ସମୁଦ୍ର ତୀରରେ ଜପ କରିବା ପରେ ଆସି ପୂଜା କରିବ । ଏମାନେ ଶ୍ରୀମୁଖ ପଖାଳା ସେବା କରିବେ ।

୨୮—ପଶୁପାଳକ ସେବକ—ଏମାନେ ଦର୍ପଣ ଦେଖାଇ ଶ୍ରୀମୁଖ ପ୍ରକ୍ଷାଳନ, ଦାନ୍ତକାଠିଲାଗି, ଆଚମନ, ଧୂପଦୀପ ସହିତ ଶ୍ରୀମୂର୍ତ୍ତିରେ ପଞ୍ଚାମୃତ ସ୍ନାନ, ସୁଗନ୍ଧି ଅଏ ଲାଗି ଇତ୍ୟାଦି କରାଇବେ ।

୨୯—ଗୁମୁ ଖୁଣ୍ଟିଆ ସେବକ—ସିଂହାସନ ଜଗିବ, ଫୁଲତୋଟା ମାଳି-ମାନଙ୍କଠାରୁ ପ୍ରତ୍ୟହ ଫୁଲ, ଚୂଳ, ମାଙ୍ଗ, କରପଲ୍ଲବ ଇତ୍ୟାଦି ଆଣି ଘରଘରେ ସାଇତି ରଖିବ । ଅବକାଶ ବେଳକୁ ସିଂହାରୀମାନଙ୍କୁ ହକାରି ଆଣିବ, ଅବକାଶ ବେଳେ ଫୁଲମାନ ବଢ଼ାଇଦେବ, ଭଣ୍ଡାରମେକାପଠାରୁ କର୍ପୂର ମାଗିଆଣି ଦେବ, ଇତ୍ୟାଦି ଉକରା ହକରା କାର୍ଯ୍ୟ କରିବ । ଅଣସରଦ୍ୱାରେ ଜଗିବ, ଇତ୍ୟାଦି ।

୩୦—ଶ୍ରୀମୁଖ ସିଂହାରୀ ସେବକ ଏ ସେବା ଦଇତାପତିଙ୍କର ଏ ଶ୍ରୀମୁଖ ପୋଛିବ, ଖଡ଼ିଲାଗି କରାଇବ, ବନକଲାଗି କରାଇବ, ନେତ୍ରୋତ୍ସବ ଯାତ୍ରାବେଳେ କଳାତୋଳା ଦେବ, ଇତ୍ୟାଦି ।

୩୧—ଶୃଙ୍ଗଡା ମେକାପ—ଏ ବେଶ ମଢ଼ିଆଳମାନ ପଶୁପାଳକ ହାତକୁ ବଢ଼ାଇଦେବ । ଗନ୍ତାକୁ ଗନ୍ତା ଛଲଗି ହେଲେ ବାହୁଡାକର ପାଙ୍କି ପ୍ରମାଣେ ଗଣାଣ କର ଭଣ୍ଡାରମେକାପ ତଳେ ଦେବ ।

୩୨—ଭିତର ଭଣ୍ଡାରମେକାପ—ଏ ସମସ୍ତ ଅସ୍ତ୍ର ଅଳଙ୍କାର ଆଦ ଭଣ୍ଡାରରେ ସାଇତବ ।

୩୩ ଅଖଣ୍ଡ ମେକାପ— ଏ ବଇଠା ବସାଇବ ।

୩୪—ସୁଆରବଡ଼ୁ ସେବକ—ମଇଲମବେଳେ କାଠଘୋଡ଼ା ବଢ଼ାଇ-ଦେବ । ଭୋଗପରେ ପାଣିପକାଇ ଧୋଇବ, ପାହାଡ଼ା ପକାଇବ, ଆଳଡ଼ି ସକାଣେ ରୋଷରୁ ନିଆଁ ଆଣିଦେବ ପଣ୍ଡାମାନଙ୍କୁ ଆଳଡ଼ି ବଢାଇଦେବ, ଇତ୍ୟାଦ ।

୩୫—ପଶୀବଡ଼ୁ ସେବକ—ପୂଜାର ସମସ୍ତ ଉପକରଣ ପଣ୍ଡାମାନଙ୍କୁ ବଢ଼ାଇଦେବ ।

୩୬—ଭିତର ଗରାବଡ଼ୁ—ଏ ଆବଶ୍ୟକ ବେଳେ ପାଣି ଧର ଖଟିବ ।

୩୭—ବାହାର ଗରାବଡ଼ୁ—ଏ ରୋଷକୁ ପାଣି ଦେବ ।

୩୮— ହଡ଼ପ ନାୟକ—ଏ ବଡ଼ଆ ପଣ୍ଡା ହାତକୁ ବଢ଼ାଇଦେବ ।

୩୯ ବଡ଼ଆ ଘୋ ଗଣ ସେବକ—ଏ ପାନ ସଂଗ୍ରହ କର ଆଣିବ ଏବଂ ହଡ଼ପ ନାଏକକୁ ଦେବ ।

୪୦—ସୁ ଦୁସୁଆର ସେବକ—ମୁଣୋହି କୋଠାଠାରୁ ଜଗମୋହନପର୍ଯ୍ୟନ୍ତ ପରିଷ୍କାର କରବ, ପଞ୍ଚାମୃତ ଖଟିବ, ମୁଗ ଭାଜିବ, ପରିବା କାଟିବ, ମୁଣୋହି ପାଚଲାକଦଳୀ ପ୍ରଭୃତ ଦେବ, ଦୂବ ବରକୋଳିପତ୍ର ହଳଦିଆଗୁଣ୍ଡ ପ୍ରଭୃତ ଦେବ, ପୂର୍ଣ୍ଣକୁମ୍ଭ ବସାଇବ, ଇତ୍ୟାଦ ।

୪୧—ବ୍ରାହ୍ମଣ କରଟିଆ ମୁଦୁଲି ସେବକ ବା ଘଣ୍ଟୁଆରି—ଚନ୍ଦନ ଘୋରବ ।

୪୨— ଜୟମଙ୍ଗଳ ଆଳଡ଼ି ସେବକ - ଆଳଡ଼ି କରବ ।

୪୩—ପ୍ରସାଦବଡ଼ୁ ସେବକ—ଏ ପ୍ରସାଦ ନେଇ ରାଜାଙ୍କ ଉଆସରେ ଦେବ ।

୪୪—ଫୁଲବଡ଼ୁ ସେବକ—ଏ ଫୁଲ ପ୍ରସାଦ ନେଇ ରାଜକଟକ ନଅରରେ ପହଞ୍ଚାଇବ ।

୪୫—ବିମାନବଡ଼ୁ ସେବକ—ଏମାନେ ବିମାନ କାନ୍ଧେଇବେ ।

୪୬—ହ୍ୱାନ୍ଦୋଳାବଡ଼ୁ ସେବକ ଠାକୁରାଣୀଙ୍କ ହ୍ୱାନ୍ଦୋଳା କାନ୍ଧେଇବେ ।

୪୭—ଦରପଣିଆ ସେବକ ଏ ଦର୍ପଣ ଦେଖାଇବ ।

୪୮—ପୁରାଣପଣ୍ଡା ସେବକ—ପୁରାଣ ପାଠ କରିବ ।

୪୯—ଧ୍ୱଜଧରା ସେବକ—ଗରୁଡ଼ଧ୍ୱଜ, ତାଳଧ୍ୱଜ, ପଦ୍ମଧ୍ୱଜମାନ ମୃଣୋଦ୍ଧବେଳେ ଧରିବ ।

୫୦—ଛାସ ସେବକ—ଛାସ ଧରିବ ।

୫୧—ଚାମର ସେବକ—ଚାମର ଧରିବ ।

୫୨—ଆଲଟ ସେବକ—ଆଲଟ ଧରିବ ।

୫୩—ସୁନାବେତ ସେବକ—ବେତ ଧରିବ ।

୫୪—ଖଡ଼ୀବନ୍ଧା ସେବକ ଖଡ଼ୀ ବାନ୍ଧିବ ।

୫୫—ପାହାନ୍ତି କବାଟଫେଡ଼ା ସେବକ—କବାଟ ଫିଟାଇବ ।

୫୬ ଦୟଣାମାଲ ଗୋଗ୍ରସ୍ତ ସେବକ ଦୟଣା ତୋଟା ଅରାଧିବ ଏବଂ ଦୟଣା ମାଲ ଯୋଗାଇବ ।

୫୭—ଯୋଗାଡ଼ମଜା ସେବକ ଏ ବାହନ ମାଜିବ ।

୫୮—ପାଣିଆପଟ ସେବକ—ଏ ପାଣି ଆଣିଦେବ ।

୫୯—ରନ୍ଧନକାମ ବନ୍ଧାଣି—ଏ ରନ୍ଧନକାମମାନ କରିବ ।

୬୦—ଅନ୍ୟାନ୍ୟ ସେବକମାନଙ୍କ କାର୍ଯ୍ୟ ସେମାନଙ୍କ ନାମରୁ ଜଣାଯିବ, ବିଶେଷ ବିବରଣ ଅନାବଶ୍ୟକ । ଚନ୍ଦ୍ରାରା ମହାରଣା ସିପୁଟି ମହାରଣା ( ଏ ଚନ୍ଦ୍ର ଦେଖି ଲୁଗାମାନ ଗଣାମଣା କରି ଦେବ ), ଘଣ୍ଟା ବାଜଣା ସେବକ, ହାର କାହାଳୀ ସେବକ, ପାହାନ୍ତିଆ ଅବକାଶ ନଦ୍ରା ଆଳସ୍ୟ ଭାଙ୍ଗିବାକୁ ପାଣିଶଙ୍ଖୁଆ ସେବକ, ଧୂପଶଙ୍ଖ ମହୁରିଆ ସେବକ, ମାଦଳ ମୃଦଙ୍ଗ ସେବକ, ଯୋଡ଼ା କାହାଳୀ ସେବକ, ଉପାଙ୍ଗିଆ ସେବକ (ଏକପ୍ରକାର ବାଜା), ୬୪ ସମ୍ପ୍ରଦାୟ ମଧ୍ୟରେ ୨୦ ନାଚୁଣୀ,

ମୀନ ନାୟକ (ଏ ନାଚୁଣୀମାନଙ୍କୁ ଘରୁ ଡାକଆଣିବ), ଗୀତଗାଆଣ ସେବକ, ଯନ୍ତ୍ରକାର ସେବକ ରବାଜ୍ଞ ସେବକ (ଏକପ୍ରକାର ବାଜା), ବଢ଼ାଇ ମହାରଣା ସେବକ, କରଣ୍ଡ ମହାରଣା, ଦନ୍ତୁଡ଼ି ସେବକ, ତାମ୍ବୁରା ମହାରଣା, କଂସାର ମହାରଣା, ପାଟଗ୍ର ବନ୍ଧାଣି, ସୁଗନ୍ଧ ଘଟୁଆରି, ବେଷ ଛତଣା ନଯୋଗ, ପିଠା ସୁଆର, ବଗଡ଼ା ପିଠା ସୁଆର, ମହାସୁଆର (ରାନ୍ଧିବ) ଖିରି ସୁଆର, ତଉଣ ସୁଆର, ପଣା ସୁଆର, ପାଚେଲି ସୁଆର ତୋଳାବଡୁ (ମୁହଁରେ ଲୁଗା ବାନ୍ଧି ଅନ୍ନ ପ୍ରଭୃତି ବହି ଆଣିବ), ପନ୍ତିବଢ଼ା (ଅନ୍ନ ପ୍ରଭୃତି ବାଢ଼ିବ), ଭିତରବଢ଼ା ସେବକ, ଘିଅପରଷା ସେବକ, ବ୍ରାହ୍ମଣ ସମର୍ଥା (ବଟାଘଷା କରିବ), ଶୂଦ୍ର ସମର୍ଥା (ଚୂନା କୁଟିବ, ବରି ମୁଗ ରଗଡ଼ିବ, ହଳଦୀ ବେସର ବାଟିବ), ବେଷ ସରଘର ମେକାପ, କୁଆଅଡ଼ା ସେବକ (ଭୋଗଆସିବା ବେଳେ କାଉ ତଡ଼ାଇବ), ତୋଳାବଣ୍ଟ ସେବକ ବେଷ-ଦ୍ୱାର ଜଗିଆ ବ୍ରାହ୍ମଣ ପାଇକ ଓ ଶୁଦ୍ର ପାଇକ, ବେଷ ଧୋପଖାଲ ସେବକ, ବେଷ ଅଙ୍ଗାରଆ ସେବକ (ଅଙ୍ଗାର ବାହାର କରିବ), ବାହାର ଭଣ୍ଡାର ମେକାପ (ଏ ପିତଳ ଗରଆ, ନାଳୁଆ ବଟଲୋହି, ପଲମ କୁଣ୍ଡ, କୁଡକା ଇତ୍ୟାଦି ସାଇତିବ), ପାହାଡା ଘର ମେକାପ ସେବକ ଦ୍ୱାରନାୟକ, ଛତା ସେବକ ନଯୋଗ, ସୁଁଆସିଆ ସେବକ, ସୁଁଆସ ସରଘର ମେକାପ, ବେଣ୍ଟବନ୍ଧା ରାଉତ ସେବକ (ମାଘ ଶୁକ୍ଳପଞ୍ଚମୀ ୯ ବେଣ୍ଟ, ଫାଲଗୁନ କୃଷ୍ଣ ଅମାବସ୍ୟା ଶିବରାତ୍ରି ୧ ବେଣ୍ଟ, ଶୁକ୍ଳ ଚତୁର୍ଥୀ ୧, ଅଷ୍ଟମୀ ୧, ଦ୍ୱାଦଶୀ ୧, ଦୋଳଯାତ୍ରା ବାସି ୧, ହଳଦପାଣି ୧ ଏତେ ବେଣ୍ଟ ରୋହିମାଛ ବନ୍ଧାଯିବ, ମାଛଧରି ରାଜପ୍ରାସାଦରେ ଦେବ), ଆସ୍ଥା-ମହାଜନ ସେବକ (ସୁନା ରୁପା ପିତଳ ଦେବତାମାନଙ୍କୁ ମାଜଣା କରିବ, ଚଢ଼ାଉ ଲାଗିକରି ବେଶ କରାଇବ ନାରାୟଣଙ୍କୁ ହାତରେ ଧରି ବିଜେ କରାଇବ ଇତ୍ୟାଦି), ଭଣ୍ଡାର ଜଗିଆ ଫାରକଦଳ ସେବକ (ଭଣ୍ଡାର ଦ୍ୱାର ଜଗିବ, ପିଣ୍ଡିକା ଜଗିବ, ବେହରଣଠାରେ ଭଣ୍ଡାର ଆୟବ୍ୟୟ ଜଗିବ, ମେକାପ ସଙ୍ଗେ ଥିବ, ଭଣ୍ଡାର ମେକାପ ଗଲାବେଳେ ଝଡ଼ାସୋଧ କରି ଛାଡ଼ିବ, ରାତିରେ ଭଣ୍ଡାର ଜଗି ଶୋଇବ, ଯାତ୍ରାମାନଙ୍କରେ ଦଇତାମାନଙ୍କୁ ଘରୁ ହକାରି ଆଣିବ, ପୁଷ୍ପାଭିଷେକ ବେଳେ ଦଣ୍ଡଛତ୍ର ନେଲାବେଳେ ପହଣ୍ଡମଣାଇ ନେବ, ପଢ଼ିଆରିଙ୍କି ଜଗିଥିବ ସିଂହାସନ ପଶୁପାଳକମାନଙ୍କୁ ଝଡ଼ାସୋଧ କରି ଛାଡ଼ିବ, ଶ୍ରୀଅଙ୍ଗାଭରଣ ଜଗିବ ଘଟୁଆରିକ ଜଗିବ, ଯାତ୍ରାବେଳେ ଠାକୁରଙ୍କ ସଙ୍ଗେ ଜଗି ରହିବ, ଚୋରି ହେଲେ ମେକାପ ଧନଭାଗେ ଦେବ ସେ ଭାଗେ ଦେବ), ସିଂହଦ୍ୱାର ପଢ଼ିଆରି ନଯୋଗ, ପବଯାତ୍ରା ପଢ଼ିଆରି, ଆସ୍ଥାନ ପଢ଼ିଆରି (ପରିଗ୍ରୁ ବେହରଣ ଜଗିବ; ପରିଗ୍ରୁକୁ ଉଆସରେ ଛାଡ଼ିବ), ବୃନ୍ଦାବନ ନାୟକ (ମଣ୍ଡଣି ବେଳକୁ ଜିନସ ଦେବ), ମଣ୍ଡଣି ଖୁଣ୍ଟିଆ (ମଣ୍ଡପ ରଥ ମଣ୍ଡିବ, ରଥ କଡାଦଉଡ଼ିବଲା ସେବକ, ଗୃପଦଲାଇ ଆଣିଆ

ସେବକ (ଯବନ ଉପଦ୍ରବ ଲଗି ମାଣିକପାଟଣା ଓ ଖାଲକାଟିପାଟଣା ଦୁଇ ମୁହାଣଠାରେ ବୋଇତ ଡଙ୍ଗା ଘେନ ରହିଥିବ), ଖଟ ସେବକ, ପଦ୍ମକଦଳୀ ତୋଟା ସେବକ (ଅମୃତପାଣି, ବନ୍ତଲ, ପାଟକପୁରା, ବଳାସ, ଗନ୍ଧତୁଳସୀ, ମୁଗୁନ୍ଧ, ମଞ୍ଜିକଦଳୀ, ଦକ୍ଷିଣୀସାଗର, ପଦ୍ମକଦଳୀ ପ୍ରଭୃତ କଦଳୀ ଗଛ ଅଗ୍ରାଧିବ ଏବଂ ଫଳ ଗ୍ରେଷଘରେ ପଏଠ କରବ) ତୋଟାମାଳୀ, ଷେତ୍ରବୈଦ୍ୟ, ଶସ୍ତ୍ରବୈଦ୍ୟ, ଦୁଧଘର ସେବକ (ମହାଭୋଇ ସେବା ଦଗୁଣ, ତନଗୁଣ, ବହଲ ଦୁଧ, ଅଧାମସର, ପାପୁଡ଼ି, ଚଳାଦହି, ବସାଦହି, ଚକାଦହି, ପିଠାଛେନା, ଲହୁଣି ଏମାନ ଭଳ କରବ, ଦୁଧ ମେଲଣ ଯାତ୍ରାରେ ବାରଗୋଠ ପଲ ଗାଈ ଘେନ ଆସିବ, ମକର ଦହି ବସାଇବ, ଜନ୍ମ ଯାତ୍ରାକୁ ଲହୁଣି ଦେବ), ବାରଗୋଠ ପଲ ସେବକ (ଗାଈଗୋଠ ଗଣି ରଖିବ ଦୁଧ ଆଣି ଦୁଧଘରେ ପଇଠ କରବ ଗାଈ ଜନ୍ମକଲେ ଦେଉଳ ବେହରଣ ଲୋକ ନେଇ ଦେଖାଇବ, ଛ'ମାସରେ ଥରେ ଗାଈ ଗଣତ କରବ ଦୁଧ ବିକିବା କମ୍ବା ପାଣି ମିଶାଇବା ପ୍ରମାଣିତ ହେଲେ ଦଣ୍ଡ ପାଇବ), ଦୁଧଘର ଜଗିଆ ପାଇକ (ଗ୍ରାତ୍ରଦବସ ଏ ଘର ଜଗିବ ଦୁଧ ପରମାଣ ପରୀକ୍ଷାକୁ ଜଣାଇବ), ଭିଆଣ ନଯୋଗ ବଣୋଇ ସେବକ (ଭୋଗ ହେବା ଲଗି ଘିଅ ପ୍ରଭୃତ ଟଟିବ), ଗଉଡ଼ ନଯୋଗ ବଣୋଇ ସେବକ (ଏ ଦୁଧ ଆଣି ସିଠିକରଣ ପରମୁଖେ ଭିଆଣ କୁଣ୍ଡାରେ ମପାଇ ଦେବ, ଗାଈ ଦୁହାଁଇବ), କୁମ୍ଭାର ନଯୋଗ ବଣୋଇ (ଭୋଗରନ୍ଧାକୁ ହାଣ୍ଡି ଦେବ, ସାତପୁରା ତେଲୁଣି, ମକର ନାଡ଼ ତେଲୁଣି, ଘଣ୍ଟବାଜ ଏହା ଘରୁ ଆସିବ), ଲୁଣ ବଣୋଇ, ଗୁଆଟିଆଙ୍କ ବଣୋଇ (ବଡ଼ଆକୁ ଗୁଆ ଖଟିବ), ପାଟହାଗ ମାହୁନ୍ତ ସେବକ, ଧାନଘର ସେବକ ଓ କୋଠାଇତ ସେବକ (ଚକୁରଆ ନଉଡରେ ଧାନ ମାପି ଦେବ, ଓରଆକୁ ୨୭ ନଉଡ଼କ ଗୁଉଳ ୧୦ ଗଉଣି, ବଗଡ଼ାକୁ ପଚଶା କୁଟାରେ ଧାନ ୧ ଖଣ୍ଡିକୁ ଗୁଉଳ ୧୦, ବଡ଼ଗୁଉଳକୁ ୨୫ଶା କୁଟାରେ ଗୁଉଳ ୧୦ ଗଉଣି, ପାଣିରେ ବତୁରାଇ ଧାନ କୁଟିବ ନାହିଁ, ଥରେ କୁଟା ନେଇ ଗୁଉଳ ଦେଲେ ଆଉଥରେ ନେବ), ତାଡ଼ଣିଆ ମୁଦୁଲସେବକ (ଧାନ ଆସିଲେ ଏଥିରୁ ଅଗାଡ଼ି ପ୍ରଭୃତ ଉଡ଼ାଇ ସାଇତ ରଖିବ), ଧାନଘର ଜଗିଆ ପାଇକ, ଦେଉଳ ଅଧ୍ୟତନ ଭିତର ବାହାର ପହରା ସେବକ (ଦେଉଳ ଗୃହଦାଗ ପରଷ୍କାର କରବ), ପରବାର ସେବକ ନଯୋଗ, ଗୁହାରିଆ ପ୍ରଧାନୀ ବ୍ରାହ୍ମଣ ସେବକ (ଏ ପରୀକ୍ଷା ବେହରଣ ଜଗିଥିବ, ବ୍ରାହ୍ମଣ ସେବକମାନଙ୍କୁ ପରୀକ୍ଷା ଆଜ୍ଞା ପ୍ରମାଣେ ଡାକ ଆଣିବ, ପରୀକ୍ଷା ଆଜ୍ଞାପ୍ରମାଣେ ସମସ୍ତ କାର୍ଯ୍ୟ କରବ), ଚକୁରଆ ଲେଙ୍କା ସେବକ ( ଏ ପରୀକ୍ଷାଙ୍କୁ ସେବା କରବ), ତୀର୍ଥ ମାଟିଆ ସେବକ (ତୀର୍ଥ ପୁଷ୍କରଣୀମାନଙ୍କରୁ ବର୍ଷକୁ ବର୍ଷ ପଙ୍କ ବାହାର କରବ), ଷେତ୍ରଜଗିଆ ସେବକ (ଷେତ୍ର ଜଗିବ, ହବୁ ସାହୁରେ ଗ୍ରେରହେଲେ ବୁଝିବ), ବାଦ୍ୟକାର ସେବକ (ଧୂପ, ଅବକାଶ, ପୁଷ୍ପାଞ୍ଜଳି, ପବଯାତ୍ରା,

ରଥଯାତ୍ରାରେ ଓ ପଶ୍ଚିମା ଦ୍ବାର ବାହାରିଲେ ତାଙ୍କ ଆଗେ ବାଜା ବଜାଇବ), ଭୋଗ ପରୀକ୍ଷା ସେବକ (ଶାସ୍ତ୍ରଜ୍ଞ ବ୍ରାହ୍ମଣ ଏ ସେବା କରିବ, ପରୀକ୍ଷା ତଳେ ଏ ସେବକର ସମସ୍ତ ଅଧିକାର) ।

ଏ ସମସ୍ତ ସେବକମାନେ ନିମ୍ନଲିଖିତ କେତେଗୋଟି ନିଯୋଗରେ ବିଭକ୍ତ—

(୧) ପଣ୍ଡା ନିଯୋଗ, (୨) ପଶୁପାଳକ ନିଯୋଗ, (୩) ସୂପକାର ବା ସୁଆର ନିଯୋଗ, (୪) ପ୍ରତିହାରୀ ନିଯୋଗ, (୫) ଖୁଣ୍ଟିଆ ନିଯୋଗ, (୬) ଗରବଡ଼ୁ ନିଯୋଗ, (୭) ବିମାନବଡ଼ୁ ନିଯୋଗ, (୮) ଦଇତା ନିଯୋଗ (୯) ଭିତର ଛେଉ ନିଯୋଗ, (୧୦) ମେକାପ ନିଯୋଗ, (୧୧) ତଡାଉ ନିଯୋଗ, (୧୨) ଦେଉଳ କରଣ ନିଯୋଗ, (୧୩) ମୁଦିରଥ ନିଯୋଗ, (୧୪) ରାଜ ନିଯୋଗ ।

୭୧—ଦ୍ୱାଦଶ ଯାତ୍ରା—(୧) ସ୍ନାନ, (୨) ଗୁଣ୍ଡିଚା ବା ରଥଯାତ୍ରା, (୩) ଶୟନ, (୪) ଦକ୍ଷିଣାୟନ, (୫) ଉତ୍ତରାୟଣ, (୬) ପାର୍ଶ୍ୱପରିବର୍ତ୍ତନ, (୭) ଉତ୍ଥାପନ, (୮) ପ୍ରାବରଣ, (୯) ପୁଷ୍ୟପୂଜା, (୧୦) ଦୋଳ, (୧୧) ଦମନକ ମହୋତ୍ସବ (୧୨) ଚନ୍ଦନ । କ୍ଷେତ୍ରମାହାତ୍ମ୍ୟ ଓ ନୀଳାଦ୍ରିମହୋଦୟ ଗ୍ରନ୍ଥ-ମାନଙ୍କରେ ଯାତ୍ରାମାନଙ୍କର ବିଶେଷ ବିଧି ବର୍ଣ୍ଣିତ ଅଛି । ଯାତ୍ରାମାନଙ୍କରେ ବିଜେପ୍ରତିମା ମଦନମୋହନ ଦେବ ଆସି ଯାତ୍ରାକାର୍ଯ୍ୟ ନିର୍ବାହ କରନ୍ତି । ମାତ୍ର ରଥ ଓ ସ୍ନାନଯାତ୍ରାମାନଙ୍କରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଯାତ୍ରାସ୍ଥାନକୁ ଆଗମନ କରନ୍ତି ।

୭୨—ପ୍ରତିମା ନିର୍ମାଣବିଧି—ଯେତେବେଳେ ନବକଳେବର ହେବାର ଶ୍ରୀମୁଖ ଆଜ୍ଞା ହେବ, ସେତେବେଳେ ଦଇତା ଓ ପତିବଂଶୀୟ ଲୋକମାନେ ଯାଇ ବୃକ୍ଷ ଅନୁସନ୍ଧାନ କରି ଆଣିବେ । ନିମ୍ବ ବୃକ୍ଷ ସର୍ବାପେକ୍ଷା ଶ୍ରେଷ୍ଠ । ଏ ବୃକ୍ଷର ପରିମାଣ ମଧ୍ୟମାଙ୍ଗୁଷ୍ଠି ଯବରେ ୨୪ ଯବ ଲେଖାଏଁ ଚୌରସ ୧୭ ଯବ ଥିବ । ସେ ବୃକ୍ଷ ୨ ଶାଖାବିଶିଷ୍ଟ ହୋଇଥିବ । ଏପରି ୪ ଗୋଟି ବୃକ୍ଷ ଆସିବ । ଏକ ଶାଖା, ତ୍ରିଶାଖା ବା ନିଃଶାଖା ବୃକ୍ଷ ହେବ ନାହିଁ । ଏ ବୃକ୍ଷମାନ ଗ୍ରାମସନ୍ନିଧିରେ ନଥିବେ, ଚଢ଼ାଇମାନେ ବସା କରି ନଥିବେ, ପକ୍ଷୀନଖୀ ଜନ୍ତୁ ଘଷି ହୋଇ ନଥିବେ, ଅନ୍ୟ ବୃକ୍ଷ ଡାଳଦ୍ୱାରା ଏ ବୃକ୍ଷମାନ ଆଚ୍ଛାଦିତ ହୋଇ ନଥିବ, ବଜ୍ରସ୍ପୃଷ୍ଟ ପଡି ବୃକ୍ଷ ଫାଟି ନଥିବ, ଅଗ୍ନିତେଜ ଲାଗି ନଥିବ, ଜଳ ସମୀପରେ ଥିଲେ ଉତ୍ପାଟିତ ହୋଇ ପଙ୍କରେ ପଡି ନଥିବ, ଦେଖିବାକୁ ବୃକ୍ଷମାନ ଶୋଭନୀୟ ହୋଇଥିବେ ଏ ସମସ୍ତ ଲକ୍ଷଣ ଥିବା ବୃକ୍ଷ ଗ୍ରହଣୀୟ । ବିଶ୍ୱକର୍ମା ମଧ୍ୟମାଙ୍ଗୁଷ୍ଠ ଯବ ମାପରେ ମାପିନେବ ।

ଶ୍ରୀ ଜଗନ୍ନାଥ ଦେବ—ଚକ୍ରାକୃତି, ଉଚ୍ଚ ୮୪ ଯବ, ମେଘଶ୍ୟାମ ବର୍ଣ୍ଣ ।

ଶ୍ରୀ ବଳରାମ ଦେବ—ଶଙ୍ଖାକୃତି, ଉଚ୍ଚ ୮୪ ଯବ, ଶୁଭ୍ରବର୍ଣ୍ଣ ।

ଶ୍ରୀ ସୁଭଦ୍ରା ଦେବୀ—ପଦ୍ମାକୃତି, ଉଚ୍ଚ ୫୨୬ ଯବ, ହରିଦ୍ରାବର୍ଣ୍ଣ ।

ଶ୍ରୀ ସୁଦର୍ଶନ ଦେବ—ଗଦାକୃତି, ଉଚ୍ଚ ୮୪ ଯବ, ରକ୍ତବର୍ଣ୍ଣ ।

ପ୍ରତିମାମାନଙ୍କର ଆକୃତି ଯନ୍ତ୍ର ଅନୁସାରେ ନିର୍ମିତ ।

ଚକ୍ରଯନ୍ତ୍ର-ଉର୍ଦ୍ଧ୍ୱ ୧୪ ଭାଗ, ନିମ୍ନ ୧୮ ଭାଗ, ପାଦପଦ୍ମଦ୍ୱୟ ୯୫ ୧ ତ୍ରି ଯବ, ଅବଶିଷ୍ଟ ଉପଯୁକ୍ତ ୧୦ଶ ଭାଗ ୬୦ ୧ ତ୍ରି, ପ୍ରତ୍ୟେକ ଭୁଜ ୯୮ ଯବ, ପାର୍ଶ୍ୱ ଭୁଜଦ୍ୱୟ ୮ ଯବ, ଭୁଜଦ୍ୱୟର ଦଶମାଂଶ ନାସିକା ରନ୍ଧ୍ର, ନାସିକାର ଅଧୋଭାଗ ୯୨ ଯବ, ଅଧୋଭାଗଠାରୁ ମସ୍ତକାବଧି ୨୫ ୧ ତ୍ରି ଯବ, ଶ୍ରୀମୁଖ ଆୟତନ ୩୦ ଯବ, ହୃଦୟ ମଧ୍ୟରେ ବ୍ରହ୍ମସ୍ଥାପନ ସ୍ଥାନ ୧୪ ଯବ ।

ଶଙ୍ଖଯନ୍ତ୍ର—ମୁଟପଦ୍ମ ୩୯ ଯବ, ଶ୍ରୀମୁଖର ଊର୍ଦ୍ଧ୍ୱ ଫଳକ ୫ ଯବ, ଚତୁର୍ବନ୍ଧ ସ୍ଥାନ ୧୧ ଯବ, ହୃଦୟ ୯ ଯବ, ମଧ୍ୟଭାଗ ୯୦୬ ଯବ, ପ୍ରତ୍ୟେକ ଭୁଜ ୨୪ ଯବ, ସ୍କନ୍ଧୋପର ଦେଦୀପ୍ୟମାନ ଫାଲ ୨ଟି ୨ ଯବ, ନାସାରନ୍ଧ୍ର ୬ ଯବ, ନାସିକାର ଅଧୋଭାଗ ୮ ଯବ, ଊର୍ଦ୍ଧ୍ୱଭାଗ ୯୮ ଯବ, ଲଲାଟ ୧ ଯବ, କେଶ ୫ ଯବ ।

ପଦ୍ମଯନ୍ତ୍ର—ଶ୍ରୀମୁଟର ବିସ୍ତାର ୯୫ ଯବ, କେଶକଳାପ ୩୬ ଯବ, ଶ୍ରୀମୁଖ ୧୭ ଯବ, ମଧ୍ୟସ୍ଥଳ ୧୨ ଯବ, ପାଦପଦ୍ମ ଯୁଗଳ ୧୭ ଯବ, ପ୍ରତ୍ୟେକ ଭୁଜ ୯୫ ଯବ, ପାର୍ଶ୍ୱ ଭୁଜ ୯୭ ଯବ ।

ଗଦାଯନ୍ତ୍ର—ଗଦାକୃତି, ପ୍ରସାର ୨୧ ଯବ ।

ଶରୀର ଗ୍ରନ୍ଥଣ—ଶିରାପ୍ରଶିରା ଲାଗି ପାଟସୂତା ବଳାହୋଇ ଡୋର ।

ଦସ୍ତାଭରଣ— ଚର୍ମ ଲାଗି ବସ୍ତ୍ର ରକ୍ତ ନିମନ୍ତେ ନେତପାଟ, ମାଂସ ନିମନ୍ତେ ସଜଳ ସମେଦନୀ ସୁବାର ତେଲ, ଅସ୍ଥି ନିମନ୍ତେ ଦାରୁ, ମଜ୍ଜା ନିମନ୍ତେ ଚନ୍ଦନ, ଶୁକ୍ର ନିମନ୍ତେ ଅଷ୍ଟକାଳୀ ।

ପ୍ରତିଷ୍ଠା ବିଧି— ପ୍ରାସାଦ ପୂର୍ବ ଭାଗରେ ପ୍ରତିଷ୍ଠା ମଣ୍ଡପ ହେବ । ମଣ୍ଡପର ଓସାର ପ୍ରାସାଦର ଦୁଇଗୁଣ ହେବ । ମଣ୍ଡପ ଚୂରଦଗରେ ବାଡ଼ ଦିଆଯିବ । ଚୂରଦ୍ୱାର ହୋଇ ୪ ତୋରଣ ହେବ । ଅଶ୍ୱତ୍ଥ, ଉଦୁମ୍ବର, ବଟ ଓ ପଲାଶ ଦ୍ୱାର ୫ ହାତ ଉଚ୍ଚରେ ତୋରଣ ହେବ । ହୋମ ଧୂମ ବାହାର-

ଯିବା ଲାଗି ଖୁଲ ଉପରେ ବାଟ ଥିବ । ମଣ୍ଡପରେ ଚାନ୍ଦୁଆ ବାନ୍ଧିବ । ଚାମର, ବସ୍ତ୍ର, ଘଣ୍ଟି ଓ ଫୁଲମାଳମାନଙ୍କଦ୍ୱାରା ମଣ୍ଡପ ମଣ୍ଡିତ ହେବ । ମଣ୍ଡପର ଈଶାନ୍ୟ କୋଣରେ ସ୍ନାନମଣ୍ଡପ ଗୋଟିଏ ହେବ । ସ୍ନାନଜଳ ବାହାରି-ଯିବାକୁ ଗୋଟିଏ ନଳା ରଖିବ । ମଣ୍ଡପର ଦକ୍ଷିଣ ଦିଗରେ ବେଦୀ କରିବ । ପୂର୍ବ ଦିଗରେ ଯଜ୍ଞଦ୍ରବ୍ୟମାନ ରଖିବାକୁ ସ୍ଥାନ କରିବ । ବେଦୀପରେ ଗଙ୍ଗାବାଲି ପକାଇବ । ପଞ୍ଚଗବ୍ୟ ଦ୍ୱାରା ବେଦୀ ପ୍ରକ୍ଷାଳନ କରିବ (ପଞ୍ଚଗବ୍ୟ ଦ୍ରବ୍ୟ, ଗୁଆଦୁଧ, ଦହି, ଘୃତ, ଗୋମୟ ଗୋମୂତ୍ର) । ଏ ମଣ୍ଡପ ୪ କୋଣରେ ୪ ପ୍ରକାର ହୋମକୁଣ୍ଡ ହେବ (ଚନ୍ଦ୍ରାକାର, ଅର୍ଦ୍ଧଚନ୍ଦ୍ରାକାର, ମଣ୍ଡଳାକାର, ପଦ୍ମାକାର) । ତୋରଣମାନଙ୍କରେ ଫୁଲମାଳ ମଣ୍ଡନ କରିବ । ଧ୍ୱଜ ପତାକା ବାନ୍ଧିବ । ପତାକା ଲମ୍ବ ୫ ହାତ, ଓସାର ୧୬ ଆଙ୍ଗୁଳ । ମଂଡ଼ପ ମଧ୍ୟରେ ବେଦୀ ଉପରେ ପଦ୍ମାକାର ଶୁକ୍ଳ ଚାନ୍ଦୁଆ ବନ୍ଧା ହେବ । ପାଣ୍ଡୁରବର୍ଣ୍ଣ କଳସରେ ଛଣାପାଣି ୧୨୮ ପଲ ପୂରାଇବ । ଏଥିରେ ଖଣ୍ଡିଏ ସୁବର୍ଣ୍ଣ ପକାଇବ । ନୂତନ ବସ୍ତ୍ର କଳସ ଚାରିପାଖେ ଗୁଡ଼ାଇବ । କଳସରେ ଆମ୍ବଡାଳ ଦେଇ ନାରିକେଳ ରଖି ମାଣେ ଧାନ ଉପରେ କଳସ ଥୋଇବ । ମଣ୍ଡପ ଚାରିଦ୍ୱାରେ ଚାମର ଝୁଲାଇବ । ପରମେଶ୍ୱରଙ୍କୁ ନେଇ ଖଟ ଉପରେ ବିଜେ କରାଇବ । ପରେ ବେଦୋକ୍ତ ମନ୍ତ୍ରମାନଙ୍କରେ ବିଧିବିଧାନ ଅନୁସାରେ ଜୀବନ୍ୟାସ ହେବ ।

ରାଜା ଠାକୁରମାନଙ୍କୁ ଦର୍ଶନ କରିବା ବିଧି—ରାଜା ବିଜେ ହେଲେ ଘଣ୍ଟା, କାହାଳୀ, ମର୍ଦ୍ଦଳ, ମହୁରି, ଶଙ୍ଖ, ଢୋଲ ଓ ଦମା ବାଜିବ । କଳା ଛତି, ଧଳା ଛତି ଟେକା ହେବ । ସେବକମାନେ ମାଳପ୍ରସାଦ ନେଇ ନଅରଠାରେ ହାଜର ଥିବେ । ରାଜା ନଅରଦ୍ୱାରେ ପ୍ରସାଦ ଲାଗି ହେବେ । ସେଠାରୁ ବିଜେକରି ଆସି ସିଂହଦ୍ୱାରଠାରେ ବିଜେ କରିବା ଉତ୍ତାରୁ ପାଦ ପ୍ରକ୍ଷାଳନ କରି ଆଚମନ କରିବେ । ପରେ ବଟବିଘ୍ନେଶ୍ୱରଙ୍କୁ ଦର୍ଶନ କରି ବଟ ପ୍ରଦକ୍ଷିଣ ପୂର୍ବକ ବଟେଶ୍ୱର ଓ ବଟମଙ୍ଗଳାଙ୍କୁ ଦର୍ଶନ କରିବେ । ଏଥିଉତ୍ତାରୁ ଜଗମୋହନ କଳାପାବଚ୍ଛଠାରେ ଜୟବିଜୟଙ୍କୁ ଦର୍ଶନ କରିବେ । ଓ ଏଠାରେ ପରମେଶ୍ୱରଙ୍କୁ ଦଣ୍ଡପ୍ରଣାମ କରିବେ । ଏଠାରୁ ଅଖଣ୍ଡ ପରିଛା ବଇଠା ଦେଖାଇ ସିଂହାସନ ତଳକୁ ନେଲା ଉତ୍ତାରୁ ସେଠାରେ ତିନି ଠାକୁରଙ୍କୁ ନଉଚ୍ଛୁଳ କରି ଦଣ୍ଡପ୍ରଣାମ କରିବେ । ପରେ ଭଣ୍ଡାର ମେକାପ ସୁନା ଛେରା ପହଁରା ବଢ଼ାଇଦେବ । ସେ ସିଂହାସନ ଚାରିପାଖ ପହଁରିବେ । ଭିତରଗାବଡ଼ୁ ଶ୍ରୀହସ୍ତ ପୋଛିବା ଲାଗି ଖଦୀ ବଢ଼ାଇଦେବ । ଶ୍ରୀହସ୍ତ ପୋଛି ପୁଷ୍ପାଞ୍ଜଳି ଦେଇ ଚାମର ପକାଇବେ । ପୂଜାଦେବ ଧରି, ଛାମୁରେ ପଟୁଆରି କରି, ସ୍ତୁତିପାଠ କରି

ଦର୍ଶନ କରିବେ । ଗୃହଅର୍ ପ୍ରଦକ୍ଷିଣ କରି ଦଣ୍ଡପ୍ରଣାମ କରିବେ । ପ୍ରସାଦ ପାଇଁ ପତାନୀ ଲଗିହେବେ । ପୁନର୍ବାର ଦଣ୍ଡପ୍ରଣାମ କରି ଫେରିଆସି ଦକ୍ଷିଣଘର ସୁନା ପ୍ରତିମାମାନଙ୍କୁ ଦର୍ଶନ କରିବେ । ପରେ ନୃସିଂହନାଥଙ୍କୁ ଦର୍ଶନ କରିବେ । ପରେ ମୁକ୍ତିମଣ୍ଡପରେ ବ୍ରାହ୍ମଣମାନଙ୍କୁ ନମସ୍କାର କରି ନୃସିଂହନାଥଙ୍କଠାରୁ ପ୍ରସାଦ ନେଇ ବିମଳାଙ୍କୁ ଦର୍ଶନ କରିବେ, ପ୍ରସାଦ ନେଇ ସରସ୍ୱତୀଙ୍କୁ ଦର୍ଶନ କରିବେ । ସେଠାରୁ ଯାଇ ମହାଲକ୍ଷ୍ମୀ ଠାକୁରାଣୀଙ୍କୁ ଦର୍ଶନ କରି ନବରକୁ ବିଜେ କରିବେ ।

ମୁକ୍ତିମଣ୍ଡପ—କ୍ଷେତ୍ର ମାହାତ୍ମ୍ୟରେ ଏ ସ୍ଥାନ "ବ୍ରହ୍ମାସନ" ସ୍ୱରୂପ ବର୍ଣ୍ଣିତ ଅଛି । ଏହାର ନାମ ଭାରତବିଦିତ । ଏଠାରେ ସନ୍ନ୍ୟାସୀମାନେ, ବ୍ରହ୍ମଗୃହସ୍ଥମାନେ ଓ ଷୋଳଶାସନର ବ୍ରାହ୍ମଣ ପଣ୍ଡିତମାନେ ବୈଠକ କରି ବିଦ୍ୟାଚର୍ଚ୍ଚା, ଧର୍ମ୍ମଚର୍ଚ୍ଚା କରନ୍ତି । ସ୍ମୃତି ବିଷୟକ କଠିନ ପ୍ରଶ୍ନମାନ ଏଠାରେ ମୀମାଂସିତ ହୁଏ ।

ପରମେଶ୍ୱରଙ୍କ ନୀତି—ରାତ୍ର ୪ ଘଡ଼ି ଥାଉଁ କବାଟ ଫିଟିବ । ରାତ୍ର ଏକ ଘଡ଼ି ଥାଉଁ ପାହାନ୍ତି ଅବକାଶ ବଢ଼ିବ । ଦିନ ବେଳ ୨ ଘଡ଼ିକି ଗୋପାଳ-ବଲ୍ଲଭ ହେବ । ବେଳ ୬ ଘଡ଼ିଠାରେ ସକାଳ ଧୂପ ହେବ । ପରେ ୪ ଘଡ଼ିକି ସାହାଣମେଲା ହେବ । ୧୪ ଘଡ଼ିଠାରେ ଦୁଇପ୍ରହର ଧୂପ ହେବ । ଏଥିଉତ୍ତାରୁ ୨୦ ଘଡ଼ି ମଧ୍ୟରେ ଅଧରପୋଛା ଓ ମୁକୁନ୍ଦବଲ୍ଲଭ ବଢ଼ିବ । ୬ ଘଡ଼ିଠାରେ ପହୁଡ଼ିବେ । ବେଳ ୨ ଘଡ଼ି ଥାଉଁ କବାଟ ଫିଟିବ । ରାତ୍ର ୪ ଘଡ଼ିଠାରେ ସନ୍ଧ୍ୟା ଧୂପ ହେବ । ଏ ଉତ୍ତାରୁ ୬ ଘଡ଼ିଠାରେ ବଡ଼ସିଂହାର ବେଶ ବଢ଼ିବ, ରାତ୍ର ୧୨ ଘଡ଼ିଠାରେ ବଡ଼ସିଂହାର ବଢ଼ିବ । ପରେ ପହୁଡ଼ ହେବ । ଯାହା ଦୋଷରୁ ନୀତି ଉଚ୍ଛୁର ହେବ ସେ କେଠଭଣ୍ଡାରକୁ ୧୦ ଅମୃତକୁଣ୍ଡ ଗୁଣାଗାର ଦେବ । ଘଡ଼ି=ଦଣ୍ଡ, ଗୁଣାଗାର=ଜରିମାନା ବା ଅର୍ଥଦଣ୍ଡ ।

ଗ୍ରାମୁ ଚିଟାଉ ରାଜାମାନେ ଯାହାକୁ ଯେଉଁ ଆଦେଶପତ୍ର ଲେଖି ଦିଅନ୍ତି ତାକୁ ଗ୍ରାମୁ ଚିଟାଉ କୁହାଯାଏ । "ଶ୍ରୀଚନ୍ଦନ ମହାପାତ୍ରକୁ ଚିଟାଉ । ସବାରୁଖ ମହାପାତ୍ର ତଲଗ୍ଗେ ପଣେ ଶାଢ଼ୀ ଆଜ୍ଞା ଦେଲୁ । ତୋହ ନଥିଲେ ବେତଧର ପଟୋଆର କରିବ ।"

ଜଗନ୍ନାଥ ଦେଉଳ ଗୋଟିଏ ପ୍ରକାଣ୍ଡ କାରଖାନା । ଦେଉଳ ନାମ ମଧ୍ୟ ବଡ଼ଦେଉଳ । ଚତୁଃପାର୍ଶ୍ୱରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ଅଛି । ଏହାକୁ ବାହାର ବେଢ଼ା କୁହାଯାଏ । ମେଘନାଦ ପ୍ରାଚୀର ଅନ୍ୟ ଏକ ନାମ । ପ୍ରାଚୀର ଚାରିଦିଗରେ ଚାରିଦ୍ୱାର—(୧) ପୂର୍ବଦ୍ୱାର ବା ସିଂହଦ୍ୱାର, (୨) ପଶ୍ଚିମଦ୍ୱାର,

(୩) ଉତ୍ତରଦ୍ୱାର, (୪) ଦକ୍ଷିଣଦ୍ୱାର । ସିଂହଦ୍ୱାର ନିକଟରେ ପ୍ରକାଣ୍ଡ ଅରୁଣସ୍ତମ୍ଭ ଉପରେ ଗରୁଡ଼ ମୂର୍ତ୍ତି । ଏହି ସ୍ତମ୍ଭ କୋଣାର୍କରୁ ଆସିଥିବାର କଥିତ ହୁଏ । ଗୋଟିଏ ପଥରରେ ନିର୍ମିତ । ସିଂହଦ୍ୱାର ଦୁଇପାର୍ଶ୍ୱରେ ଦୁଇଟି ପ୍ରକାଣ୍ଡ ସିଂହ ମୂର୍ତ୍ତି । ସିଂହଦ୍ୱାର ଡେଉଁ ଭିତରେ ପ୍ରବେଶ କଲେ ପତିତପାବନ ମୂର୍ତ୍ତି ଦେଖାଯାନ୍ତି । ରାଜା ରାମଚନ୍ଦ୍ର ଦେବ ଏ ମୂର୍ତ୍ତି ସ୍ଥାପନ କରିଥିଲେ । ଗୁମୁଟ ପାର ହୋଇ ଗଲେ ବାଇଶି ପାବଚ୍ଛ । ବାଇଶି ପାବଚ୍ଛର ବାମ ପାର୍ଶ୍ୱରେ କାଶୀ ବିଶ୍ୱନାଥ, ବ୍ରହ୍ମା ରାମ, ଲକ୍ଷ୍ମଣ ପ୍ରଭୃତି ମୂର୍ତ୍ତି । ବାହାରବେଢ଼ା ମଧ୍ୟରେ ରୋଷଘର, ସଇଘର, ଚୈତନ୍ୟମୂର୍ତ୍ତି, ପୁଷ୍ପୋଦ୍ୟାନ, ନିର୍ମାଲ୍ୟଖଳା, ତୁଳସୀ ବଗିଚା, ବୀର ହନୁମାନ ମୂର୍ତ୍ତି, କୋଇଲି ବୈକୁଣ୍ଠ, ଈଶାନେଶ୍ୱର, ଶୀତଳା, ସୁନା କୂଅ, ଆନନ୍ଦ ବଜାର, ସ୍ନାନ ବେଦୀ । ବାହାର ବେଢ଼ା ଗୁମୁଟ ପାର ହୋଇ ଗଲେ ଭିତର ବେଢାରେ ପ୍ରବେଶ ହେବ । ଯେଉଁମାନେ ବେଢ଼ା ପରିକ୍ରମା କରନ୍ତି, ସେମାନେ ବାହାର ବେଢ଼ା ଗୁମୁଟ ପାରହୋଇ ବାମଦିଗରେ ଯାନ୍ତି । ସତ୍ୟନାରାୟଣ, ବାଲମୁକୁନ୍ଦ, କଳ୍ପବଟ, ବଟଗଣେଶ, ବଟମଙ୍ଗଳା, ଯମେଶ୍ୱର, ମାରକଣ୍ଡେଶ୍ୱର, ମୁକ୍ତିମଣ୍ଡପ, ନୃସିଂହ, ରୋହିଣୀକୁଣ୍ଡ, କାକଚତୁର୍ଭୁଜ, ବିମଳା, କାଞ୍ଚିଗଣେଶ, ଶ୍ରୀକୃଷ୍ଣ, ଭଣ୍ଡଗଣେଶ, ଭୁବନେଶ୍ୱରୀ, ସରସ୍ୱତୀ, ଷଷ୍ଠୀଦେବୀ ମଙ୍ଗଳା, କାଳୀ, ଲକ୍ଷ୍ମୀ, ପଦ୍ମପଦ, ସୂର୍ଯ୍ୟନାରାୟଣ ପାଦପଦ୍ମ ପ୍ରଭୃତି ଅନେକ ମୂର୍ତ୍ତି ଦେଖାଯାନ୍ତି । ଭିତରବେଢ଼ା ମଧ୍ୟରେ ମୁଖଶାଳା, ଜଗମୋହନ, ବଡ଼ଦେଉଳ । ଦେଉଳ ମୂଳଠାରୁ ଦଧିନଉତି ପର୍ଯ୍ୟନ୍ତ ଅନେକ ମୂର୍ତ୍ତି ଖୋଦିତ ଅଛି । ଉପରେ ଦେବଦେବୀ ମୂର୍ତ୍ତି ମଧ୍ୟରେ ସଂସାର ଚିତ୍ର, ନାନା ପ୍ରକାର ଅଶ୍ଳୀଳ ମୂର୍ତ୍ତି, କଳିଯୁଗ ଭେଣ୍ଡା, ପଶୁପକ୍ଷୀ ଇତ୍ୟାଦି । ଦେଉଳ ଭିତର ଜଗମୋହନ କାନ୍ଥରେ ଅନେକ ଖୋଦିତ ଓ ଚିତ୍ର ମୂର୍ତ୍ତି ଅଛି । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଚକ୍ର ବିରାଜମାନ । ଜଗନ୍ନାଥ ଦେଉଳ ଦେଖିଲେ ମନେହୁଏ ଏ ଗୋଟିଏ ବିଶ୍ୱବ୍ରହ୍ମାଣ୍ଡର କ୍ଷୁଦ୍ର ପ୍ରତିକୃତି । ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରର ଚିତ୍ର ଏଠାରେ ଦେଖାଯାଏ । ଦେଉଳରେ ଅଶ୍ଳୀଳ ଚିତ୍ର କାହିଁକି ରହିଲା ଏ ସମ୍ବନ୍ଧେ ବହୁତ ତର୍କ ହୋଇଥାଏ । ଅଶ୍ଳୀଳ କେବଳ ରୁଚି ବିକାର ମାତ୍ର । ସଂସାର ମଧ୍ୟରେ ଏ ଚିତ୍ରର ଅସଦ୍ଭାବ ନାହିଁ । ଏପରି ଅଶ୍ଳୀଳତା ସବୁ ଦେଶରେ ଊଣା ଅଧିକରେ ଅଛି, ଥିଲା ଓ ରହିବ । ଶିଳ୍ପୀମାନେ ମାନବର ପ୍ରତ୍ୟେକ ପ୍ରାକୃତିକ ଦୃଶ୍ୟ ଚିତ୍ରି ପାରିବାରେ କେତେଦୂର ସିଦ୍ଧହସ୍ତ ଥିଲେ, ସେହି ଦୃଷ୍ଟିରେ ଏସବୁ ଚିତ୍ର ଦେଖିବାକୁ ହେବ । ଏସବୁ ବହିର୍ଦୃଷ୍ଟିର କଥା । ଯେ ଭଗବାନଙ୍କ ପ୍ରତି ଆକୃଷ୍ଟ ହୋଇ ଭଗବାନଙ୍କ ଦର୍ଶନ ଲାଗି ଭିତରେ ପ୍ରବେଶ କରିବ ତାର ଏସବୁ ଦୃଷ୍ଟିରେ ପଡ଼ିବାପାଇଁ ଅବସର କାହିଁ ? ଯାହାର ଏ

ସବୁଥିରେ ମନ ବିଚଳିତ ହେବ ତାର ମଧ୍ୟ ଭଗବାନଙ୍କୁ ଦେଖିବାର ଅବସର କାହିଁ ? ଏ ମଧ୍ୟ ଗୋଟିଏ ପରୀକ୍ଷାର ସ୍ଥଳ । ଅନେକ ଲୋକ ହିନ୍ଦୁମାନଙ୍କ ଦେଉଳ, ମୂର୍ତ୍ତି ପ୍ରଭୃତି ଦେଖି ସେମାନଙ୍କୁ ପୌତ୍ତଳିକ ବୋଲି ଘୃଣା କରିଥାନ୍ତି । ହିନ୍ଦୁ ଗ୍ରାମମାନ ଦିଅଁ ଦେଉଳରେ ପୂର୍ଣ୍ଣ । ପ୍ରତି ଗ୍ରାମ ପ୍ରତି ସହରରେ ଦେବମନ୍ଦିର ଅଛି । ପୌତ୍ତଳିକ ବୋଲି ଯେଉଁମାନେ କହନ୍ତି, ସେମାନେ ମନ୍ତ୍ରବତଃ ହିନ୍ଦୁଧର୍ମର ସାର ବୁଝି ନାହାନ୍ତି । ହିନ୍ଦୁମାନେ ପ୍ରକୃତରେ ନିର୍ଜୀବ କାଠ ପଥରକୁ ପୂଜା କରନ୍ତି ନାହିଁ । ସେମାନେ ଯେଉଁ ମୂର୍ତ୍ତି ପୂଜା କରନ୍ତି, ତହିଁରେ ସେହି ସର୍ବଶକ୍ତିମାନ୍ ସର୍ବବ୍ୟାପକ ପରମାତ୍ମାଙ୍କ ଆବାହନ କରି ପୂଜା କରନ୍ତି । ମୂର୍ତ୍ତି ନିମିତ୍ତ ମାତ୍ର । ଭଗବାନ କାଷ୍ଠ ପାଷାଣ ତରୁ ତୃଣ ସର୍ବତ୍ର ବ୍ୟାପି ରହିଅଛନ୍ତି । ମୂର୍ତ୍ତିରେ ତାଙ୍କ ସତ୍ତା ଉପଲବ୍ଧି କରିପାରିବାର ଅସମ୍ଭବ ହେଲା କାହିଁକି ? ଗୀତାରେ ମଧ୍ୟ ଅଛି ନିରାକାର ଉପାସନା ଅପେକ୍ଷା ସାକାର ଉପାସନା ସହଜ । ସାକାର ଦ୍ୱାରା ନିରାକାର ଉପଲବ୍ଧି କରାଯାଇ ପାରେ । ମନୁଷ୍ୟ ସାକାର ସସୀମ । ସେ ଏକାବେଳକେ ଅସୀମ ନିରାକାର ବସ୍ତୁର ଧାରଣା କରି ପାରିବା କଠିଣ । ଯେ କରିପାରିଲା କରୁ, ସେଥିରେ ଆପତ୍ତି ନାହିଁ । ମାତ୍ର ତହିଁପାଇଁ ଅନ୍ୟାନ୍ୟ ସାଧାରଣ ଧ୍ୟାନ ଧାରଣା ଶକ୍ତି ଆବଶ୍ୟକ । ପ୍ରଭୁଙ୍କ କୃପାରୁ ଯାହାର ଶକ୍ତି ଅଛି ସେ କରୁ; ମାତ୍ର ଲୋକସାଧାରଣ ଲାଗି ସାକାର ଉପାସନା ସହଜ ସୂକ୍ଷ୍ମ ଉପାୟ । ତେଣୁ ହିନ୍ଦୁ ଜଗତରେ ସାକାର ପୂଜାର ବହୁଳତା । ପ୍ରହ୍ଲାଦ ସ୍ତମ୍ଭରେ ଈଶ୍ୱର ଦେଖି ପାରିଲେ । ସାକାର ପୂଜା ହେଉ ବା ନିରାକାର ପୂଜା ହେଉ ମନଟାକୁ ଭଗବାନଙ୍କଠାରେ ଅର୍ପଣ କରି ପାରିଲେ ହେଲା । ସେ ମନ ଯେତେ ଅନିଷ୍ଟର ମୂଳ । ମନ ଚଙ୍ଗା ହେଲେ ଗଡ଼ୁଆ ଗଙ୍ଗା । ଯାହା ମନମୂଳ ଭଗବାନଙ୍କଠାରେ ଥିବ ତାର ଶ୍ଳୀଳ ଅଶ୍ଳୀଳ ବାରିବାକୁ ବେଳ କାହିଁ । ସେ ତ ସର୍ବତ୍ର ଭଗବାନଙ୍କ ମୂର୍ତ୍ତି ଦର୍ଶନ କରିବ ।

ଜଗନ୍ନାଥ ମନ୍ଦିରରେ ଯେ ସାମ୍ୟଧର୍ମ ପ୍ରଚଳିତ ଅଛି, ତାହା ଅନ୍ୟତ୍ର ନାହିଁ । ଏଠାରେ ଜାତିଭେଦ ନାହିଁ । ଭଗବାନଙ୍କ ପ୍ରସାଦରେ ରୁଚି ବିକାର ନାହିଁ । ଭଣ୍ଡାରି, ଗଉଡ, ଚଷା ପ୍ରସାଦ ଆଣିଲେ ବ୍ରାହ୍ମଣ ନିର୍ବିକାର ଚିତ୍ତରେ ଭୋଜନ କରେ । ଭଗବାନ ଏଠାରେ ସ୍ୱୟଂ ଅଛନ୍ତି ବୋଲି ଲୋକେ ଯାହା ବିଶ୍ୱାସ କରନ୍ତି, ତାହା ଅନାଦି ଆବହମାନ କାଳରୁ ଚାଲି ଆସୁଛି । ଜଗନ୍ନାଥ ଦେଉଳ ଉପରେ କେତେ ବିଧର୍ମୀ ବିପଦ ବାତ୍ୟା ବହିଗଲାଣି, ତାର ମାହାତ୍ମ୍ୟ ଅକ୍ଷୁର୍ଣ୍ଣ ରହିଅଛି । ବଡ଼ଦେଉଳର ମହାପ୍ରସାଦ ଆଜିକାଲିର ନୁହେ । ପୌରାଣିକ ଯୁଗରେ ମଧ୍ୟ ଏହାର ମାହାତ୍ମ୍ୟ ଥିଲା ।

ତନ୍ନାନ୍ନ ପାଚକା ଲକ୍ଷ୍ମୀ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ
ତସ୍ମାତ୍ତଦନ୍ନଂ ବପ୍ରର୍ଷେ ଦୈବତୈରପି ଦୁର୍ଲ୍ଲଭଂ । (ପଦ୍ମପୁରାଣ)
ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନ ପାନାଦିକଂ ଚ ଯତ୍
ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦ୍‌ଭକ୍ଷଣେ ଦ୍ୱିଜ । (ବିଷ୍ଣୁପୁରାଣ)
ଅତିପାତକ ପାପାନି ମହାପାପାନି ଯାନି ଚ
ତାନି ସର୍ବାଣି ନଶ୍ୟନ୍ତି ଜଗନ୍ନାଥାନ୍ନ ଭକ୍ଷଣାତ୍ । (ଭବିଷ୍ୟପୁରାଣ)
ଜଗନ୍ନାଥସ୍ୟ ନୈବେଦ୍ୟଂ ମହାପାତକ ନାଶନଂ
ଭକ୍ଷଣାତ୍ ଫଳଂ ମାପ୍ନୋତି କପିଳାକୋଟିଦାନଜ (ବ୍ରହ୍ମବୈବର୍ତ୍ତ)

ଭାଗବତ ପୁରାଣ, ବିଷ୍ଣୁଧର୍ମ ପୁରାଣ, ବରାହ ପୁରାଣ, ଗରୁଡ଼ ପୁରାଣ, ବିଷ୍ଣୁପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ରୁଦ୍ରଯାମଳ, ବାୟୁ ପୁରାଣ ପ୍ରଭୃତିରେ ମହାପ୍ରସାଦ ମହାତ୍ମ୍ୟ ବର୍ଣ୍ଣିତ ଅଛି । ଏ ପୁରାଣମାନ ବୁଦ୍ଧଦେବଙ୍କ ଆବିଭାବର ବହୁକାଳ ପୂର୍ବରୁ ରଚିତ । ଯେଉଁମାନେ କହନ୍ତି ଯେ ବୁଦ୍ଧଦେବଙ୍କ ଆବିର୍ଭାବ ପରେ ଜଗନ୍ନାଥଙ୍କ ପ୍ରତିଷ୍ଠା ଏବଂ ମହା ପ୍ରସାଦର ବ୍ୟବହାର, ଏହା ସତ୍ୟ ନୁହେ । କେହି କହନ୍ତି ଜଗନ୍ନାଥ ସୁଭଦ୍ରା ବଳରାମ ମୂର୍ତ୍ତିତ୍ରୟ ବୌଦ୍ଧଧର୍ମାନୁସାରେ ଗଠିତ । ବୌଦ୍ଧଧର୍ମ ହିନ୍ଦୁଧର୍ମଠାରୁ ପୃଥକ୍ ନୁହେ । ଏହା ହିନ୍ଦୁଧର୍ମର ଏକ ଶାଖା । ବୈଦିଧର୍ମ ଉପନିଷଦର ଅନ୍ତର୍ଭୁକ୍ତ । ରଥ ବ୍ୟବହାର ବୌଦ୍ଧଧର୍ମ ପ୍ରଚାରର ବହୁକାଳ ପୂର୍ବେ ଭାରତରେ ଜଣାଥିଲା । ବୈଦିକ ଯୁଗରେ ଶ୍ରୀକୃଷ୍ଣ ପ୍ରଭୃତି ରଥଦ୍ୱାରା ଯାତାୟାତ କରୁଥିଲେ । ମୂର୍ତ୍ତିମାନ ବେଦାନୁମୋଦିତ । ଓଁକାର ଯନ୍ତ୍ରାନୁରୂପ ମୂର୍ତ୍ତିତ୍ରୟ ଗଠିତ ହୋଇଛନ୍ତି । ଉତ୍ତରମୀମାଂସା ଓ ପୂର୍ବମୀମାଂସାର ମତ ଏଠାରେ ସାମଞ୍ଜସ୍ୟ କରାଯାଇ ଅଛି । ଓଁକାର ବିରାଟ ମୂର୍ତ୍ତି ପରିଚାୟକ ସୁତରାଂ କରଚରଣବିହୀନ । ଓଁକାର ତ୍ରିଗୁଣାତ୍ମକ ବୋଲି ତ୍ରିମୂର୍ତ୍ତିଂ ସୃଷ୍ଟି, ସତ୍ତ୍ୱ ରଜ, ତମ ଅବା ପରମାତ୍ମା ଆତ୍ମା, ମାୟାର ପରିଚାୟକ । ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ କର୍ମକାଣ୍ଡ ଓ ଜ୍ଞାନକାଣ୍ଡାତ୍ମକ ନବଭକ୍ତିରେ ଏହି ମୂର୍ତ୍ତି ସ୍ଥାପନ କରାଇଥିଲେ । ଏହିହେତୁ ଆଗମ ଯୁଗର ବ୍ୟକ୍ତି, ପୌରାଣିକ ଯୁଗର ଲୋକ ଏବଂ ଶଙ୍କର ପ୍ରଭୃତି ପରଯୁଗର ଭକ୍ତମାନେ ସମଭାବରେ ଆଦର କରନ୍ତି । ସକଳ ସମ୍ପ୍ରଦାୟର ଭକ୍ତମାନେ ଏ ମୂର୍ତ୍ତିମାନଙ୍କୁ ଦେଖି ଆପଣା ଆପଣା ଇଷ୍ଟଦେବତାଙ୍କୁ ଦେଖି ପାରନ୍ତି । ଦାରୁବ୍ରହ୍ମ ମୂର୍ତ୍ତି ସମ୍ବନ୍ଧେ ଅନେକ ପ୍ରାଚୀନ ପ୍ରମାଣ ଅଛି —

ଆଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋମଧ୍ୟେ ଅପୁରୁଷମ୍
ତଦା ଲଭସ୍ୱ ଦୁର୍ଦ୍ଦନୋ ତେନ ଯାହି ପରଂ ସ୍ଥଳଂ ।

ଅର୍ଥେବ ତଥେ ବାର୍ଯ୍ୟଃ ମଧ୍ୟେ ସ୍ଥରେ । (ଅର୍ଥବବେଦ)
ସମୁଦ୍ରସ୍ୟୋତ୍ତରେ ସ୍ଥରେ ଅସ୍ତେ ଶ୍ରୀ ପୁରୁଷୋତ୍ତମେ ।
ପୂର୍ଣ୍ଣାନନ୍ଦମୟଂ ବ୍ରହ୍ମ ଦାରୁବ୍ୟାଜ ଶରୀରଭୃତ୍ । (ବ୍ରହ୍ମପୁରାଣ)

ତୈତ୍ତିରୀୟ ଶ୍ରୁତି, ବୃହତ୍ ବିଷ୍ଣୁ ପୁରାଣ, ଶ୍ରୀ ଭାଗବତ ବ୍ରହ୍ମବୈବର୍ତ୍ତ, ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ, ନରସିଂହ ପୁରାଣ ବାୟୁ ପୁରାଣ, ବିଷ୍ଣୁଯାମଳ, ବ୍ରହ୍ମଯାମଳ, ଉତ୍କଳ ପ୍ରଭୃତି ପ୍ରାଚୀନ ପୁରାଣମାନେ ଦାରୁବ୍ରହ୍ମମୂର୍ତ୍ତି ଜଗନ୍ନାଥ, ପୁରୁଷୋତ୍ତମ କ୍ଷେତ୍ର ପ୍ରଭୃତି କଥା ବିଶେଷଭାବରେ ଉଲ୍ଲେଖ କରିଅଛନ୍ତି । ଓଁକାର ମୂର୍ତ୍ତି ସମ୍ବନ୍ଧେ ଉତ୍କଳଖଣ୍ଡରେ ଲେଖା ଅଛି—

ଇତି ସ୍ତୁତ୍ୱା ସୁରେଶାନାଂ ଦେବଂ ପ୍ରଣବରୂପିଣଂ
ପ୍ରଣତଃ ପ୍ରଣବଂ ମନ୍ତ୍ରଂ ଜଜାପ ପୁରତୋ ହରେ ।
ପ୍ରଣବରୂପିଣମିତି ବିଶେଷେଣ ଭଗବତଃ
ଦାରୁବ୍ରହ୍ମଣଃ ଓଁକାରକାରତ୍ୱଂ ସୂଚ୍ୟତେ ।
ବ୍ରହ୍ମରୁଦ୍ରାଦି ଦେବାନାମୀଶ୍ୱରୋଽୟଂ ଜଗତ୍ପତିଃ
ସର୍ବେଷାମଧି ରାଜତ୍ୱେ ତସ୍ମାଦେଶ ବିରାଜତେ ।

ସ୍କନ୍ଦପୁରାଣ ଓ ନୀଳାଦ୍ରିମହୋଦୟରେ ପୂର୍ଣ୍ଣମାତ୍ରାରେ ବର୍ଣ୍ଣିତ ଅଛି—

ସର୍ବବେଦେଷୁ ମନ୍ତ୍ରେଷୁ ନାୟକୋ ଯଃ ପରିଷ୍କୃତଃ
ପ୍ରଣବ ପ୍ରଣତାନାଂ ତୁ ଭବାର୍ଣ୍ଣବ ବିଦାରଣଃ ।
ତ୍ରିମାତ୍ରସ୍ତାର୍ଦ୍ଧମାତ୍ରାଶ୍ଚ ବିନ୍ଦୁନାଦ ସମନ୍ୱିତଃ
ମହାପଦ୍ମସ୍ୟ ମଧ୍ୟେ ତୁ କର୍ଣ୍ଣିକା ରୂପତାଂ ଗତାଃ ।
ଅକାରଂ ପ୍ରଥମ ମାତ୍ରା କର୍ଣ୍ଣିକୋପରି ସଂସ୍ଥିତା
ଉକାର ମଧ୍ୟଦେଶେ ତୁ ମକାର ମୂଳଦେଶତଃ ।
ଅର୍ଦ୍ଧମାତ୍ରା ତୁ ଯା ପ୍ରୋକ୍ତା ତୁର୍ଯ୍ୟଂ ପ୍ରଣବ କର୍ଣ୍ଣିକ,
ଯତ୍ର ସର୍ବେଶ୍ୱରୋ ନିତ୍ୟଂ ଭାବି ନୀଳାଚଳେ ମୁଦା ।

ମହାଭାରତଠାରୁ ଆରମ୍ଭ କରି ସର୍ବଶେଷ ପୁରାଣ ଭାଗବତ ପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ କୀର୍ତ୍ତିତ ହୋଇ ଆସିଛି । ପୁରାଣତନ୍ତ୍ର ପ୍ରାଦେଶିକ ସ୍ମୃତିଶାସ୍ତ୍ରମାନଙ୍କରେ ପୁରୁଷୋତ୍ତମ ମାହାତ୍ମ୍ୟ କୀର୍ତ୍ତିତ । ସମଗ୍ର ହିନ୍ଦୁଜାତିର ପବିତ୍ର ଶ୍ରେଷ୍ଠତମ ଧର୍ମକ୍ଷେତ୍ର ଏହି ପୁରୁଷୋତ୍ତମ କ୍ଷେତ୍ର ଆଜିପର୍ଯ୍ୟନ୍ତ ନିଜର ମାହାତ୍ମ୍ୟ ରକ୍ଷା କରିପାରିବା ସମର୍ଥ ହୋଇଛି ଇନ୍ଦ୍ରଦ୍ୟୁମ୍ନଙ୍କୁ

ସମ୍ଭେବର ଜଗନ୍ନାଥ ମନ୍ଦିରର ସମସାମୟିକ । ମହାଭାରତରେ ଉତ୍କଳ ଓ ଇନ୍ଦ୍ରଦ୍ୟୁମ୍ନ ନାମ ଦେଖାଯାଏ । ସୁତରାଂ ବ୍ୟାସ ଓ ମହାଭାରତ ବୌଦ୍ଧଯୁଗର ପରବର୍ତ୍ତୀ ଥିବାରୁ ଜଗନ୍ନାଥ ମନ୍ଦିର ବୁଦ୍ଧଦେବଙ୍କ ଜନ୍ମର ବହୁ ଶତାବ୍ଦୀ ପୂର୍ବରେ ଥିବା ବିଷୟରେ କିଛି ସନ୍ଦେହ ହୋଇ ନପାରେ ।

ରଥଯାତ୍ରା ପୁରୀରେ ହିନ୍ଦୁମାନଙ୍କର ଗୋଟିଏ ଜାତୀୟ ଅନୁଷ୍ଠାନ । ଉତ୍କଳୀୟମାନେ ବଡ଼ ପ୍ରଶସ୍ତ ହୃଦୟର ସହିତ ରଥଯାତ୍ରା ସୃଷ୍ଟି କରିଥିଲେ । ରଥଦଉଡ଼ି ଟାଣିବାଲାଗି ସମସ୍ତଙ୍କର ଅଧିକାର ଅଛି । ଜାତି ଧର୍ମ ନିର୍ବିଶେଷରେ ଲୋକେ ମହା ପ୍ରେମ ଆନନ୍ଦରେ ରଥଦଉଡ଼ି ଟାଣନ୍ତି । ଏତେବେଳେ ଆଚଣ୍ଡାଳ ବ୍ରାହ୍ମଣର ସମାନ ଅଧିକାର । ରଥଯାତ୍ରା ନାମ ପତିତପାବନ ଯାତ୍ରା । ଏହିଠାରେ ଏକତାମନ୍ତ୍ର ସାଧନ କରିବାର ସୁବିଧା ସୁଯୋଗ ଅଛି । ଜାତୀୟ ଆନ୍ଦୋଳନରେ ଲୋକେ ଏହିପରି ଏକ ମନ ଏକ ଧ୍ୟାନରେ ଏକ ପ୍ରାଣରେ ଏକ ଭାବରେ ଅଣ୍ଟା-ଭିଡ଼ିଲେ ସିଦ୍ଧି କାର୍ଯ୍ୟ ହେବ । ରଥଯାତ୍ରା ଉପଲକ୍ଷରେ ଭାରତର ସବୁ ପ୍ରଦେଶରୁ ଲୋକେ ଆସି ଏକତ୍ରିତ ହୁଅନ୍ତି । ବୈଦେଶିକମାନେ ମଧ୍ୟ ଏ ବ୍ୟାପାର ମଧ୍ୟରେ କ'ଣ ଅଛି ବୋଲି ଅନୁସନ୍ଧାନ କରିବାକୁ ଆସନ୍ତି । ଭାରତର ସିଦ୍ଧ ସାଧକମାନେ ଏହିଠାକୁ ଆସି ଆପଣା ପିପାସା ମେଣ୍ଟାନ୍ତି । କବୀର ସାଲବେଗ ଯାବନିକ ସାଧୁମାନେ ଜଗନ୍ନାଥଙ୍କ ଗୁଣକୀର୍ତ୍ତନରେ ଆପଣା ସ୍ୱର ମିଳାଇଦେଇ ଆପଣା ଜୀବନକୁ ସାର୍ଥକ ମନେକରିଛନ୍ତି ।

ନୀଳାଚଳ ଅତି ପ୍ରାଚୀନ କାଳରୁ ଥିଲା । ନୀଳମାଧବ ମୂର୍ତ୍ତି ଏଠାରେ ପୂଜା ପାଉଥିଲେ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ଦେଉଳ ତୋଳାଇ ଦାରୁବ୍ରହ୍ମ ମୂର୍ତ୍ତି କରାଇ ଦେଉଳରେ ବିଜେ କରାଇଥିଲେ । ଗୁଣ୍ଡିଚା ମନ୍ଦିରରେ ମୂର୍ତ୍ତି ନିର୍ମିତ ହୋଇଥିଲା । ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କ ନାମ ଗୁଣ୍ଡିଚା ଥିଲା । ଗୁଣ୍ଡିଚା ମନ୍ଦିରରେ ମୂର୍ତ୍ତି ନିର୍ମିତ ହୋଇଥିଲା ବୋଲି ଏହାକୁ ଜନକପୁର ବୋଲି କହନ୍ତି । ବର୍ଷକେ ଥରେ ଜଗନ୍ନାଥ ମୂର୍ତ୍ତି ପ୍ରଭୃତି ତିନି ମୂର୍ତ୍ତି ରଥରେ ବସି ସେହି ଜନକପୁରକୁ ଯାଇ ସେଠାରେ ସାତ ଦିନ ରହି ପୁଣି ଫେରି ଆସନ୍ତି । ଏହି ଯାତ୍ରା ରଥଯାତ୍ରା ବା ଗୁଣ୍ଡିଚାଯାତ୍ରା । ରାଣୀ ଗୁଣ୍ଡିଚା ଏହି ଯାତ୍ରା କରାଇଥିବାରୁ ଏ ଯାତ୍ରା ନାମ ଗୁଣ୍ଡିଚାଯାତ୍ରା । ମନ୍ଦିର ଇନ୍ଦ୍ରଦ୍ୟୁମ୍ନଙ୍କ ଅମଳରେ ନିର୍ମିତ ହୋଇଥିଲା । ସେ ଦେଉଳ ଅନେକଥର ଜୀର୍ଣ୍ଣସଂସ୍କାର ହୋଇଛି । ବର୍ତ୍ତମାନ ଦେଉଳ ରାଜା ଅନଙ୍ଗଭୀମଙ୍କ ଅମଳରେ ହୋଇଥିଲା । ଅନଙ୍ଗଭୀମ କହିଥିଲେ, "ଓଡ଼ିଶାର ରାଜା ଜଗନ୍ନାଥ, ମୁଁ ନୁହେଁ ।" ରାଜା କପିଳେନ୍ଦ୍ର ମଧ୍ୟ ଏହି ବିଶ୍ୱାସରେ କାର୍ଯ୍ୟ

କରୁଥିଲେ । ସେ ମୁକ୍ତିଚନ୍ତାମଣି ନାମକ ଗ୍ରନ୍ଥ ରଚନା କରିଥିଲେ । କାଞ୍ଚି ଯୁଦ୍ଧରେ ସ୍ୱୟଂ ଜଗନ୍ନାଥ ଅଶ୍ୱାରୋହଣ କରି ଯୁଦ୍ଧକୁ ଯାଇଥିଲେ ଏବଂ ମାଣିକ-ପାଟଣାଠାରେ ମାଣିକ ଗୋପାଳୁଣୀଠାରେ ମୁଦ ବନ୍ଧାଦେଇ ଦହି ଖାଇଥିଲେ । ଜଗମୋହନରେ ଏ ସ୍ମୃତି ଅଦ୍ୟାବଧି ବିଦ୍ୟମାନ ଅଛି ।

ପୁରୁଷୋତ୍ତମ ଶଙ୍ଖକ୍ଷେତ୍ର । କ୍ଷେତ୍ରର ଆକୃତି ଶଙ୍ଖ ସଦୃଶ । ପୁରୀର ଉତ୍ତରରେ ପଶ୍ଚିମ-ପୂର୍ବ ଦିଗରେ ଏକ ନଦୀ ପ୍ରବାହିତ । ବିଖ୍ୟାତ ଅଠରନଳା ଏହି ନଦୀ ଉପରେ ନିର୍ମିତ । ଏହି ନଦୀର ନାମ ମିଟିଆଣୀ । ଦକ୍ଷିଣ ଦିଗରେ, ପୂର୍ବ-ପଶ୍ଚିମ ଦିଗରେ ବଙ୍ଗୋପସାଗର । ଦେଉଳ ଭିତରକୁ ସମୁଦ୍ର ସ୍ୱର ଶୁଣାଯାଏ ନାହିଁ । ଲକ୍ଷ୍ମୀଙ୍କର ପିତା ସମୁଦ୍ର । ଅଦ୍ୟାବଧି ଲକ୍ଷ୍ମୀ ବର୍ଷକେ ଥରେ ବାପଘରକୁ ଯାନ୍ତି । ବିମାନରେ ଲକ୍ଷ୍ମୀମୂର୍ତ୍ତି ସମୁଦ୍ରକୂଳ ଚକ୍ରତୀର୍ଥକୁ ନୀତ ହୁଅନ୍ତି । ପୁଣି ମାସକ ପରେ ପିତାଗୃହରୁ ପ୍ରତ୍ୟାବର୍ତ୍ତନ ପ୍ରଥା ଅନୁଷ୍ଠିତ ହୁଏ । ଅନେକ ଖିର ଆସି ଲକ୍ଷ୍ମୀଙ୍କ ମୋହନରେ ଜମା ହୁଏ । ଏହି ମାସକ ପହିଲିଭୋଗ ହୁଏ । ପୁରୀର ଉତ୍ତର-ପୂର୍ବ କୋଣରେ ଇନ୍ଦ୍ରଦ୍ୟୁମ୍ନ ତୀର୍ଥ । ଏଠାରେ ନୀଳକଣ୍ଠ ମହାଦେବ ଅଛନ୍ତି । ଏ ମହାଦେବ ଶଙ୍ଖ କ୍ଷେତ୍ରର ଅଗ୍ରଭାଗରେ ଅବସ୍ଥିତ । ବଡ଼ଦେଉଳ ଶଙ୍ଖର ନାଭିଦେଶରେ ଅବସ୍ଥିତ । ବାଙ୍କିମୁହାଣ ନିକଟରେ ଚକ୍ରତୀର୍ଥ । ମନ୍ଦିରଠାରୁ ପ୍ରାୟ ଏକକୋଶ ଦୂରରେ ଅବସ୍ଥିତ । ଏଠାରେ ବିଷ୍ଣୁଙ୍କ ଚକ୍ର ପଡ଼ିଥିବାର ପ୍ରବାଦ ଅଛି । ଏଠାରେ ଚକ୍ରନାରାୟଣ ମୂର୍ତ୍ତି ଅଛନ୍ତି । ଯାତ୍ରିମାନେ ଏଠାରେ ପିଣ୍ଡ ସଙ୍କଳ୍ପ କରନ୍ତି । ପୁରୀରେ ପାଞ୍ଚଗୋଟି ପ୍ରଧାନ ତୀର୍ଥ ଅଛି—ମାର୍କଣ୍ଡ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ସମୁଦ୍ର, ଇନ୍ଦ୍ରଦ୍ୟୁମ୍ନ । ଏ ତୀର୍ଥମାନଙ୍କରେ ସ୍ନାନକଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଶାସ୍ତ୍ର କହୁଛି । ସ୍ୱର୍ଗଦ୍ୱାର—ସ୍ୱର୍ଗକୁ ସମାନ ସେହି ସ୍ଥାନ । ସ୍ୱରଗ ଦ୍ୱାର, ତହୁଁ ନାମ (ଦାରୁବ୍ରହ୍ମ) । କାନପଟା ହନୁମାନ—ଏ କାନପାରି ସମୁଦ୍ର ଗର୍ଜନ ଶୁଣୁଛନ୍ତି । ସମୁଦ୍ର ଯେପରି ନ ଉଚ୍ଛୁଳେ ତହିଁପ୍ରତି ଦୃଷ୍ଟି ଦେଉଛନ୍ତି । ଅଗସ୍ତ୍ୟମୁନି—ସମୁଦ୍ର ଅଗ୍ରସର ହେଲେ ଏ ସମୁଦ୍ରକୁ ଚଳୁ କରି-ଦେବେ । ଶ୍ୱେତଗଙ୍ଗା—ଏଠାରେ ଶ୍ୱେତମାଧବ, ମତ୍ସ୍ୟମାଧବ ଓ ନବଗ୍ରହ ମୂର୍ତ୍ତି ଅଛନ୍ତି । ତ୍ରେତାଯୁଗରେ ଶ୍ୱେତ ନାମକ ରାଜା ଥିଲେ । ସେ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । ସେ ବହୁ ତପସ୍ୟା କରିଥିଲେ । ତେଣୁ ତାଙ୍କ ନାମାନୁସାରେ ଏ ପୁଷ୍କରଣୀ ନାମ ଶ୍ୱେତଗଙ୍ଗା । ମାର୍କଣ୍ଡ—ମାର୍କଣ୍ଡ ମୁନିଙ୍କ ନାମାନୁସାରେ ପୁଷ୍କରଣୀର ନାମ ରହିଛି । ମାର୍କଣ୍ଡମୁନି ଏଠାରେ ତପସ୍ୟାକରି ଶିବଙ୍କୁ ଆରାଧନା କରିଥିଲେ ଏବଂ ତାଙ୍କ କୃପାରୁ ମୃତ୍ୟୁକୁ ଜିଣିଥିଲେ । ଏଠାରେ ମାର୍କଣ୍ଡେଶ୍ୱର ମହାଦେବ, ମୃତ୍ୟୁଞ୍ଜୟ ଲିଙ୍ଗ, ଲିଙ୍ଗ, ପଞ୍ଚପାଣ୍ଡବ ଓ କାଳୀୟଦମନ ପ୍ରଭୃତି ମୂର୍ତ୍ତି ଅଛନ୍ତି ।

ନରେନ୍ଦ୍ର—ଏଠାରେ ଚନ୍ଦନଯାତ୍ରା ହୁଏ । ଜଗନ୍ନାଥବଲ୍ଲଭ—ଏଠାରେ ଦମ୍ଭଣାଗ୍ରେକ୍ଷା ଓ ବେଣୁଯାତ୍ରା ହୁଏ । ଇନ୍ଦ୍ରଦ୍ୟୁମ୍ନ—ସର୍ବଶ୍ରେଷ୍ଠ ତୀର୍ଥ । ଇନ୍ଦ୍ରଦ୍ୟୁମ୍ନଙ୍କ ଅଶ୍ୱମେଧ ଯଜ୍ଞବେଳେ ଗୋଦାନ ଉପଲକ୍ଷରେ ଯେଉଁ ଗୋରୁମାନ ଅଣା ଯାଇଥିଲେ ସେମାନେ ଏଠାରେ ଥିଲେ । ସେମାନଙ୍କ ଖୁରଦ୍ୱାରା ଗର୍ତ୍ତ ହୋଇଥିଲା । ଦାନଜଳ ଓ ଗୋମୂତ୍ରରେ ପୂର୍ଣ୍ଣହୋଇ ଏଠାରେ ପୁଷ୍କରିଣୀ ହେଲା । ଏଥିରେ ଅନେକ କୂର୍ମ ଅଛନ୍ତି । ପ୍ରବାଦ ଅଛି, ଯେଉଁ ଲୋକ ବଡ଼ଦେଉଳକୁ ପଥର ବୋହୁଥିଲେ ସେମାନେ କୂର୍ମ ପାଲଟି ଏଠାରେ ଅଛନ୍ତି ।

ଲୋକନାଥ—ମନ୍ଦିରଠାରୁ ଏକମାଇଲ ଦୂର । ଏ ଅନାଦି ଶିବଲିଙ୍ଗ । ପାଣିଭିତରେ ବୁଡି ରହିଛନ୍ତି । ବର୍ଷକେ ଏଠାରେ ଦୁଇଟି ମେଳା ହୁଏ । ସରନ୍ତି ସୋମବାର ବୈଶାଖ ମାସ ଓ ଶିବରାତ୍ରି ଦିନ ଏଠାରେ ସେହି ମେଳା ହୁଏ । ଲୋକନାଥ ମନ୍ଦିର ନିକଟରେ ପାର୍ବତୀ ମନ୍ଦିର ।

ଯମେଶ୍ୱର—ମନ୍ଦିରଠାରୁ ପାଏ ଦୂରରେ । ଏ ମହାଦେବଙ୍କୁ ଦର୍ଶନ କଲେ ଯମଭୟ ଦୂର ହୁଏ ଏବଂ କୋଟିଲିଙ୍ଗ ଦର୍ଶନର ଫଳ ମିଳେ । ଅଲାବୁକେଶ୍ୱର—ଏ ମହାଦେବ ଦର୍ଶନରେ ଅପୁତ୍ରିକ ପୁତ୍ରଲାଭ କରେ । କପାଳମୋଚନ—ଏହାଙ୍କ ଦର୍ଶନରେ ବ୍ରହ୍ମହତ୍ୟା ପାପ ଦୂରହୁଏ । ମଣିକର୍ଣ୍ଣିକା—ଏକ ତୀର୍ଥ । ଅଲାରନାଥ—ପୁରୀଠାରୁ ୪ କୋଶ ଦୂରରେ । ସିଦ୍ଧବକୁଳ—ଏକ ପୀଠ ସ୍ଥାନ । ଟୋଟା-ଗୋପୀନାଥ—ଏହାଙ୍କୁ କ୍ଷୀରଚୋରା ଗୋପୀନାଥ କହନ୍ତି ।

ପୁରୁଷୋତ୍ତମ ମଠ—ମଠର ପ୍ରକୃତ ଅର୍ଥ ଛାତ୍ରାବାସ । ମନ୍ତ୍ରୋକ୍ତ ବସନ୍ତି ଛାତ୍ରାଦୟୋଽତ୍ର ମଠଃ ଅର୍ଥାତ୍ ଛାତ୍ରାଦିନିଳୟଃ । ମଠ ଗୋଟିଏ ପବିତ୍ର ସ୍ଥାନ । ଏଠାରେ ଛାତ୍ରମାନେ ଶାସ୍ତ୍ରାଧ୍ୟୟନ କରନ୍ତି ଏବଂ ଧର୍ମଶିକ୍ଷା ଲାଭକରନ୍ତି । ନିରାଶ୍ରୟ, ନିଃସ୍ୱ ଏବଂ ନିଃସହାୟ ଶିଷ୍ୟଛାତ୍ରମାନଙ୍କର ମଠ ଗୋଟିଏ ଆଶ୍ରୟ ସ୍ଥଳ । ଏଠାରେ ସେମାନଙ୍କ ଲାଗି ପାନଭୋଜନର ବ୍ୟବସ୍ଥା ଅଛି । ଶ୍ରୀକ୍ଷେତ୍ରକୁ ଯୁଗେ ଯୁଗେ ସିଦ୍ଧ, ସାଧକ, ଯୋଗୀ, ସନ୍ନ୍ୟାସୀ, ପଣ୍ଡିତ, ବିଦ୍ୱାନମାନେ ଆସି ଆପଣା ସାଧନାରେ ନିମଗ୍ନ ହୁଅନ୍ତି, ଜ୍ଞାନପିପାସୁମାନେ କ୍ରମେ ଆସି ସେମାନଙ୍କ ନିକଟରେ ଉପସ୍ଥିତ ହୁଅନ୍ତି । ସେମାନଙ୍କ ଜ୍ଞାନ, ଧର୍ମପ୍ରଚାର ପ୍ରଭୃତିରେ ମୁଗ୍ଧ ହୋଇ ତଦାନୀନ୍ତନ ରାଜା, ମହାରାଜା, ବଦାନ୍ୟ ଜନମାନେ ଦାନ ଖଇରାତ ଉଦ୍ଦେଶ୍ୟରେ ପ୍ରତ୍ୟେକ ମଠଲାଗି ଅନେକ ଜମିବାଡ଼ି ଲାଖେରାଜରେ ଖଞ୍ଜିଦେଇଥିଲେ । ଖଞ୍ଜାବୃତ୍ତି ବୃଦ୍ଧି-ହୋଇ କ୍ରମେ ମଠମାନ ସଚ୍ଛଳ ଅବସ୍ଥାକୁ ଆସିଲା । ମଠପ୍ରତିଷ୍ଠାତାଙ୍କ ପୂର୍ବଜ୍ଞାନ,

ଯଶ, ଗୌରବରେ ବର୍ତ୍ତମାନ ମଠାଧୀଶମାନେ ଗୌରବାନ୍ୱିତ । ସେମାନଙ୍କ ବାସନା ଆଜିଯାଏ ଲୋପ ପାଇନାହିଁ । ମାତ୍ର କବି ରାଧାନାଥ କହିଛନ୍ତି—"ପୂର୍ବ-ପୁରୁଷଙ୍କ ପ୍ରତିଷ୍ଠା ବିଶାଳ । ବିକଳି ଖାଉଥିବି କେତେକାଳ ।" ପୁରୀରେ ବିଭିନ୍ନ ସମ୍ପ୍ରଦାୟର ମଠ ଅଛି । ଜଗନ୍ନାଥଙ୍କ ସେବା, ଧର୍ମଚର୍ଚ୍ଚା, ଧର୍ମପ୍ରଚାର ମହନ୍ତମାନଙ୍କର ପ୍ରଥମ କର୍ତ୍ତବ୍ୟ । ମଠସମ୍ପତ୍ତିର ଆୟ ମହାପ୍ରଭୁଙ୍କଠାରେ ଭୋଗ ଲାଗିହୋଇ ଦାନ ଖଇରାତ ହେବ । ସାଧୁମାନଙ୍କ ପାନଭୋଜନ ଖର୍ଚ୍ଚରେ ଖର୍ଚ୍ଚ ହେବ । ମଠ ସମ୍ପତ୍ତି ମହନ୍ତମାନଙ୍କ ଭୋଗବିଳାସ ଲାଗି ନୁହେଁ । ଜଗନ୍ନାଥ ପ୍ରଭୁଙ୍କ ଭୋଗ ନାମ ଅମୃତମଣୋହି । ତେଣୁ ସମ୍ପତ୍ତିର ସ୍ୱତ୍ୱବର୍ଣ୍ଣନା ସ୍ଥଳେ ଅମୃତମଣୋହି ବୋଲି ଲେଖାଅଛି । ଅମୃତମଣୋହି ବୋଇଲେ ଜଗନ୍ନାଥଙ୍କ ସମ୍ପତ୍ତି । ମଠାଧୀଶ-ମାନେ ସମ୍ପତ୍ତିର ମାରଫତଦାର ମାତ୍ର, ସେମାନଙ୍କର ନିଜର କୌଣସି ସମ୍ପତ୍ତି ନାହିଁ । ସେମାନେ ବିକ୍ରି ଖରିଦ୍ ପ୍ରଭୃତି ହସ୍ତାନ୍ତର କରିପାରିବେ ନାହିଁ । ଚିରସ୍ଥାୟୀ ପଟ୍ଟା ଦେଇ ପାରିବେ ନାହିଁ । ଅପବ୍ୟୟ କଲେ ଗାଦିରୁ ଉଠିଯାଇ ପାରିବେ । ଜଗନ୍ନାଥଙ୍କର ଯେକୌଣସି ସେବକ ଉପାସକ ଉକ୍ତ ସମ୍ପତ୍ତିରକ୍ଷା ଲାଗି ସେମାନଙ୍କ ନାମେ ମକଦ୍ଦମା କରି ପାରିବ, ସେମାନଙ୍କଠାରୁ ହିସାବ ମାଗିପାରିବ । କେତେ ଗୋଟି ମଠର ନାମ ନିମ୍ନରେ ଦିଆଗଲା । ବଡୁର ମଠ—ଏଠାରେ ଶାକାନ୍ନ ଖଇରାତ ହୁଏ । ନାନକପନ୍ଥୀ—ଏଠାରେ ଶିଖ ଅତିଥିମାନେ ରହନ୍ତି । ଶୁଣାଯାଏ ଗୁରୁ ନାନକ ଦେଉଳରେ ପ୍ରବେଶ କରିବାକୁ ଯିବାବେଳେ ସେବକମାନେ ତାଙ୍କୁ ଯବନ ଭ୍ରମରେ ତଡ଼ିଦେଲେ । ସେ ଅପମାନିତ ହୋଇ ଫେରିଯାଇ ଏହି ସ୍ଥାନରେ ବସି ଜଗନ୍ନାଥଙ୍କୁ ଧ୍ୟାନକଲେ । ଏଠାରେ ଦେଉଳରୁ ଭାଇବୋହୂ ନାମରେ ଏକ କୂପ ଅଛି । କବୀରପନ୍ଥୀ ମଠ—ଏଠାରେ କବୀରଙ୍କ ପାଦୁକା ଓ ଜପାମାଳ ଅଛି । ଶଙ୍କର ମଠ—ଏ ମଠ ପ୍ରଥମେ ମନ୍ଦିରର ଯେଉଁ ଅଂଶରେ ଭୋଗମଣ୍ଡପ ଅଛି ସେଠାରେ ଥିଲା । ଏ ମଠର ସ୍ୱାମୀମାନେ ମନ୍ଦିରର ପରିଚ୍ଛା ଥିଲେ । ରାମାନୁଜ ମତ ପ୍ରବଳ ହେବାରୁ ଏ ମଠ ଏଠାରୁ ସ୍ଥାନାନ୍ତରିତ ହେଲା । ଋକ୍‌ବେଦ ପ୍ରଚାର ଲାଗି ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠ ନାମକ ମଠ ସ୍ଥାପନ କରିଥିଲେ । ଏହାର ଅପର ନାମ ବାଲିମଠ । ରାଧାକାନ୍ତ ମଠ—ଏ ସ୍ଥାନ ପ୍ରଥମେ କାଶୀମିଶ୍ରାଳୟ ଥିଲା । ଏଠାରେ ଶ୍ରୀଚୈତନ୍ୟ ବାସ କରିଥିଲେ । ଯେଉଁ ଗମ୍ଭୀରାରେ ସେ ଜପ କରୁଥିଲେ ଏହି ମଠରେ ସେଠାରେ କନ୍ଥା, କାଷ୍ଠପାଦୁକା, କମଣ୍ଡଳୁ ଅଦ୍ୟାବଧି ରକ୍ଷିତ ହୋଇଅଛି । ରାଜା ପ୍ରତାପରୁଦ୍ରଦେବଙ୍କ ସମୟରେ ଏ ମଠ ସ୍ଥାପିତ ହୋଇଥିଲା । ଏ ମଠ ଅଧୀନରେ ଗଞ୍ଜାମ ଜିଲ୍ଲାରେ ୮ ଗୋଟି, ପୁରୀ ଜିଲ୍ଲାରେ ୪ ଗୋଟି ଏବଂ ବୃନ୍ଦାବନରେ ତିନିଗୋଟି ମଠ ଅଛି । ଏଠାରେ ରାଧାକାନ୍ତ ମୂର୍ତ୍ତି ଅଛନ୍ତି । ବଡ଼ ଲାବଣ୍ୟ ମୂର୍ତ୍ତି ।

ଗଙ୍ଗାମାତା ମଠ—ଏଠାରେ ବାସୁଦେବ ସାର୍ବଭୌମଙ୍କ ପ୍ରତିମୂର୍ତ୍ତି ଅଛି । ଶ୍ରୀଚୈତନ୍ୟ ଏଠାରେ ଭାଗବତ ଶ୍ରବଣ କରୁଥିଲେ । ରାଜଗୋପାଳ ବା ଏମାର ମଠ । ଦକ୍ଷିଣପାର୍ଶ୍ୱ ବା ମଣିରାମଦାସ ମଠ—ଏହାକୁ ରଘୁ ଅରକ୍ଷିତ ମଠ କହନ୍ତି । ଉତ୍ତରପାର୍ଶ୍ୱ ମଠ । ଓଡ଼ିଆ ମଠ ସାନ ଓ ବଡ଼—ଜଗନ୍ନାଥ ଦାସ ଏଠାରେ ଥିଲେ । ବଡ଼ସନ୍ଥ ମଠ ସାନସନ୍ଥ ମଠ, ଝିମାଲୀ ମଠ, ପଞ୍ଜାବୀ ମଠ, ଚକଟୀ ମଠ, ପଣ୍ଡିତ ମଠ, ରାଘବଦାସ ମଠ, ରାଧାବଲ୍ଲଭ ମଠ, ଜଗନ୍ନାଥବଲ୍ଲଭ ମଠ, ବଡ଼ଛତା ମଠ, ସାନଛତା ମଠ, କାପେଡ଼ିଆ ମଠ, ପାପୁଡ଼ିଆ ମଠ, ହରଦାସ ମଠ, ହାତୀ ଆଖଡ଼ା, ବାଘ ଆଖଡ଼ା, ବଡ଼ ଆଖଡ଼ା, ରାମଜୀ ମଠ ନମ ଆଖଡ଼ା ମଠ, ଘୁମୁସର ମଠ, କେନ୍ଦୁଝର ମଠ ଇତ୍ୟାଦି ଅନେକ ମଠ ଅଛି । ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଦିଗ ମଠରେ ପରିପୂର୍ଣ୍ଣ ।

ପ୍ରାଚୀନ ଉତ୍କଳର ଭକ୍ତବୃନ୍ଦ—ଜଗନ୍ନାଥୀ ମାଧବଦାସ, ଅର୍ଜ୍ଜୁନ ମିଶ୍ର, ସାଧନା, ଲଖାଜୀ, ଅଙ୍ଗନ, କରମାବାଈ, ବନ୍ଧୁ ମହାନ୍ତି, ବାଲିଙ୍ଗା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଭଳଛ ମହାପାତ୍ର, ମଣିଦାସ, ରଘୁ ଅରକ୍ଷିତ, ଅନନ୍ତ, ଅଚ୍ୟୁତାନନ୍ଦ ଏପରି ଅନେକ ଭକ୍ତ ଥିଲେ ।

ଜଗନ୍ନାଥଦେବଙ୍କ ବେଶ—ଜଗନ୍ନାଥଦେବଙ୍କୁ ସିଂହାରୀ ପୁଷ୍ପପାଳକ ସେବକମାନେ ନାନା ବେଶରେ ଭୂଷିତ କରିଥାନ୍ତି । ପୌରାଣିକ ଘଟଣା ଅବଲମ୍ବନରେ ବେଶ ହୁଏ । ଜଗନ୍ନାଥଦେବଙ୍କ ବିଜୟ ପ୍ରତିମା ମଦନମୋହନ ଚନ୍ଦନଯାତ୍ରା ସମୟରେ ଅନେକ ପ୍ରକାର ବେଶ ହୁଅନ୍ତି । ଏ ସମସ୍ତ ବେଶ ପୌରାଣିକ ଘଟଣା ଅବଲମ୍ବନରେ କରାଯାଏ । ରାଜବେଶ, ଗଜୋଦ୍ଧାରଣ, ପ୍ରଲମ୍ବାସୁର ବଧ, ବକାସୁର ବଧ, କାଳିୟଦଳନ, ନଟବର ବେଶ, ମଦନ ରଥ ପ୍ରଭୃତି ନାନାପ୍ରକାର ବେଶ ହୁଏ । ଏଥିରେ ମଧ୍ୟ ଅନେକ କଳାକୁଶଳତା ଥାଏ । ଭଗବାନଙ୍କ ମନ୍ଦିର ନିର୍ମାଣ, ଯାନଯାତ୍ରା, ଭୋଗରାଗ, ବେଶଭୂଷାରେ ଜୀବନବ୍ୟାପୀ ଅର୍ଜିତ ଧନ ବ୍ୟୟକରିବା ପାଇଁ ଓଡ଼ିଆ ମୁକ୍ତହସ୍ତ । ଆପଣାଘର ପର୍ଣ୍ଣକୁଟୀର ହେଉ, ଆପଣା ବେଶଭୂଷା, ଖାଦ୍ୟପେୟରେ ମୋଟା ମୋଟା ନୀତି ଅବଲମ୍ବନ କରି ଓଡ଼ିଆ ଭଗବାନଙ୍କ ଆରାଧନାରେ ଅକୁଣ୍ଠିତ ଭାବରେ ବ୍ୟୟକରେ । ଏଥିର ନିଦର୍ଶନ କୋଣାର୍କ ଦେଉଳ, ଭୁବନେଶ୍ୱର ଦେଉଳ, ପୁରୀର ବଡ଼ଦେଉଳ । ଏ ତିନିଗୋଟି ବଡ଼ ଦେଉଳ ବ୍ୟତୀତ ଅନ୍ୟାନ୍ୟ ଅନେକ ସ୍ଥାନରେ ଅସଂଖ୍ୟ ଦେଉଳ । ଅମୃତ-ମଣୋହି ଦେବୋତ୍ତର ସମ୍ପତ୍ତିର ପରିମାଣ ଏଥିର ନିଦର୍ଶନ ।

ନୀଳ ଶୈଳ ନିକଟେ ନିକେତନଂ ନନ୍ଦନନ୍ଦନ ପଦାବ୍ଜସେବନଂ
ଭୁକ୍ତଶେଷ କବଳେ ହରେଃ ସ୍ପୃହା ସମ୍ଭବତୁ ମମ ଜନ୍ମଜନ୍ମନି ।

ଏହିଭାବରେ ପ୍ରଣୋଦିତ ହୋଇ ଓଡ଼ିଆମାନେ ଜୀବନଯାପନ କରୁଥିଲେ । ପୁରୁଷୋତ୍ତମ ସଦା ଶାନ୍ତିମୟ ସ୍ଥାନ । ଏଠାରେ ବାୟୁ ମଧ୍ୟ ଶାନ୍ତିପ୍ରଦ । ସ୍ଥାନଟି ସମୁଦ୍ରକୂଳରେ ଅବସ୍ଥିତ । କେହି କେହି ଏ ସ୍ଥାନକୁ ଅତିପ୍ରାଚୀନ କାଳରେ ଶବରଦ୍ୱୀପ ବୋଲି କହୁଥିଲେ । ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧ ପରେ ଏ ସ୍ଥାନରେ ଥିବା ଶିଆଳିଲତା ତଳେ ବିଶ୍ରାମ କରିଥିଲେ । ଜାରାଶବର ଏ ସ୍ଥାନରେ ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କରିଥିଲା । ଏ ସ୍ଥାନରେ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରାଣପ୍ରୟାଣ ହୋଇଥିଲା । ଶ୍ରୀକୃଷ୍ଣଙ୍କ ପ୍ରିୟସଖା ଅର୍ଜୁନଙ୍କଠାରୁ କଳା ହରଣ କରି ଏହି ସ୍ଥାନରେ ସ୍ୱର୍ଗାରୋହଣ କରିଥିଲେ । ଅର୍ଜୁନ ଏହି ସ୍ଥାନରେ ଶ୍ରୀକୃଷ୍ଣଙ୍କ ଶବଦାହ କରିଥିଲେ । ନାଭିପ୍ରଦେଶ ଅଦଗ୍ଧ ରହିବାରୁ ସେ ଅଂଶ ସମୁଦ୍ରରେ ନିକ୍ଷିପ୍ତ ହୋଇଥିଲା । ସେହି ଅଂଶ ଚକ୍ରତୀର୍ଥରେ ଲାଗିବାରୁ ସ୍ୱପ୍ନାଦେଶ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁ ଅଣାଇ ଜଗନ୍ନାଥ ପ୍ରଭୃତି ମୂର୍ତ୍ତି ନିର୍ମାଣ କରାଇ ପୂଜା କରିଥିଲେ । ଏହା ପ୍ରାଚୀନ କିମ୍ବଦନ୍ତୀ । ଏହିହେତୁରୁ ପୁରୀର ପବିତ୍ରତା ଅନାଦିସିଦ୍ଧ ।

ମାଦଳାପାଞ୍ଜି— ଏ ପାଞ୍ଜି ବହୁକାଳରୁ ରକ୍ଷିତ ହୋଇ ଆସୁଛି । ଏଥିରେ ଦେଉଳର ତଥା ଓଡ଼ିଶାର ପ୍ରଧାନ ପ୍ରଧାନ ଘଟଣାମାନ ଉଲ୍ଲେଖ ଥାଏ । ମର୍ଦ୍ଦଳାକାରରେ ପାଞ୍ଜି ବନ୍ଧାହୋଇ ରହେ, ତେଣୁ ଏହାର ନାମ ମାଦଳା-ପାଞ୍ଜି । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ଏହି ପାଞ୍ଜିରୁ ଅନେକ ସମ୍ବାଦ ନେଇ ନାନା ପ୍ରକାର ଆଲୋଚନା କରିଥାନ୍ତି । ମାଦଳାପାଞ୍ଜିରେ ଅନେକଗୁଡ଼ିଏ ସାମଗ୍ରୀ ଅଛି । ଦୁଃଖର ବିଷୟ ଉକ୍ତ ପାଞ୍ଜି କାଳକ୍ରମେ ନାନା କାରଣରୁ ବିଶୃଙ୍ଖଳ ହୋଇଯାଇଛି । ମାଦଳାପାଞ୍ଜିରୁ କେତେଗୋଟି ପ୍ରଧାନ ଘଟଣା ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ଦେଲୁଁ । ମାଦଳାପାଞ୍ଜିର ଭାଷାରେ ଲେଖାଗଲା ।

୧ । ବୀରକିଶୋର ଦେବଙ୍କ ୫୩ ଅଙ୍କରେ ଗଉଡ଼ ନିଯୋଗ ଭିଆଣ ।

୨ । ରାମଚନ୍ଦ୍ର ଦେବଙ୍କ ୧୩ ଅଙ୍କରେ ପରମେଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁ କୋଦଳା ଆଠଗଡ଼ ମେରଦାରୁ ବାହୁଡ଼ାବିଜେ କରି ପୁରୀକି ଆସିଥିଲେ ।

୩ । ଦିବ୍ୟସିଂହ ଦେବଙ୍କ ୨ ଅଙ୍କରେ ପାରଳା ବଡ଼ଖେମଣ୍ଡି ଅନଙ୍ଗ ଭୀମଦେବ ପାଲିଙ୍କି ଛତ ଓଗେର ନେଇ ପ୍ରଭୁଙ୍କ ଦର୍ଶନ କରିଥିଲେ । ଏହି ବର୍ଷ ଝଣ୍ଟାଏତ ବଡ଼ଖେମଣ୍ଡି ନାରାୟଣ ଦେବଙ୍କ ଦର୍ଶନ ।

୪ । ଦିବ୍ୟସିଂହ ଦେବଙ୍କ ୩ ଅଙ୍କରେ ପଟିଆ ହରିଚନ୍ଦନ ମହାପାତ୍ର ଖଣ୍ଡାଏତ ଦର୍ଶନ, ଘୁମୁସର ଭଞ୍ଜଙ୍କ ଦର୍ଶନ, ଗୁମୁଚଟାଉ, ଶାଢ଼ୀବନ୍ଧା ।

୫ । ମୁକୁନ୍ଦଦେବଙ୍କ ୫ ଅଙ୍କରେ ଆଠଗଡ଼ ବୃନ୍ଦାବନ ହରିଚନ୍ଦନଙ୍କ ଶାଢ଼ୀବନ୍ଧା, ଦର୍ଶନ, ଶୋଧ । ୨୭ ଅଙ୍କ ମହୁରୀ ନରେନ୍ଦ୍ରଙ୍କ ଦର୍ଶନ । ୪୧ ଅଙ୍କ କୋଦଳା ଆଠଗଡ଼ କଲ୍ଲା ଖଲ୍ଲିକୋଟ ଖଣ୍ଡାଏତଙ୍କ ଦର୍ଶନ ।

୬ । ବୀରକିଶୋର ଦେବଙ୍କ ୪୪ ଅଙ୍କ ଖଣ୍ଡପଡ଼ା ମର୍ଦ୍ଦରାଜ ଭ୍ରମରବର-ରାଏଙ୍କ ଶାଢ଼ୀବନ୍ଧା ଓ ଦର୍ଶନ । ୪୬ ଅଙ୍କ ସମ୍ବଲପୁର ରାଜା ଅଭୟସିଂହଙ୍କ ଦର୍ଶନ ।

୭ । ରାମଚନ୍ଦ୍ର ଦେବଙ୍କ ୪୪ ଅଙ୍କ ମଞ୍ଜୁଷା ଚମ୍ପତି ରାଜମଣି ଦେଓଙ୍କ ଦର୍ଶନ ।

୮ । ବୀରକିଶୋର ଦେବଙ୍କ ୩ ଅଙ୍କରେ ଶ୍ରୀରାମଦାସ ମଠ ମହନ୍ତ ଚତୁର୍ଭୁଜ ଦାସଙ୍କ ଚେଲା ହୟଗ୍ରୀବ ଦାସଙ୍କ ଉପନୟନ ଉତ୍ସବ ତାରାବାଣ ଦେଉଳ ଭୋଗଘରେ ପଡ଼ିଲା, ଘର ପୋଡ଼ିଗଲା ।

୯ । ତୁଳସୀ ବାଜପେୟୀ କୋଇଲବୈକୁଣ୍ଠ ଜଗତୀ ନିର୍ମାଣ କରାଇଥିଲେ । ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବଙ୍କ ରାଜତ୍ୱରେ ଅଧିକ ଭୋଗ ଖଞ୍ଜାହେଲା । ଗୁଣ୍ଡିଚାଘର ପାଖେ ନେଳପଡ଼ା ଭାଙ୍ଗି ରାଜପଡ଼ା କରି କୁମ୍ଭାରପଡ଼ା ବସାଇଲେ । ଏ ଦୁଇ କୁମ୍ଭାରେ ମିଶି ସେବା ଖଟିଲେ । ଶଙ୍ଖପନ୍ତି, ଚକ୍ରପନ୍ତି, ପଦ୍ମପନ୍ତି ଗଦାପନ୍ତି ଏ ଚାରି ପନ୍ତିର ନାମ ଆନ ହୋଇ ବୋଲାଇଲା ତଡ଼ନ ପନ୍ତି, ଦଣ୍ଡ ପନ୍ତି, ଏକମୁଠିଆ ପନ୍ତି, ପାଣିବଲା ପନ୍ତି, ପାଞ୍ଚଆଙ୍ଗୁଳିଆ ପନ୍ତି । ପୁରୁଷୋତ୍ତମ ଦେଶରେ ସନ୍ନ୍ୟାସ ୧୧, ମୁଦରସ୍ତ ୧, ପ୍ରଧାନୀ ୧, ପଢ଼ି ୧, ମହାନ୍ତି ୧, କର ୧, ସାବୁତ ୧, ଖୁଣ୍ଟିଆ ୧ ଏପରି ଆଠ ଦେଶରେ କରଣ । ଗଙ୍ଗବଂଶ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ପର୍ଯ୍ୟନ୍ତ ବଡ଼ଦେଉଳ ସେବକମାନଙ୍କ କସୁର ହେଲେ ଘୋଡ଼ା ଚାବୁକରେ ମାଡ଼ ହେଉଥିଲା । ଅନଙ୍ଗଦେବଙ୍କ ସମୟରେ ଏ ପ୍ରଥା ଉଠିଯାଇ ବେତ ଭିଆଣ ହେଲା ।

୧୦ । ବୀରକିଶୋର ଦେବଙ୍କ ୭ ଅଙ୍କ ବଡ଼ଖେମଣ୍ଡି ଲକ୍ଷ୍ମୀନାରାୟଣ ଅନଙ୍ଗଭୀମଙ୍କ ଗହଣ ବନ୍ଦେ ।

୧୧ । ଦିବ୍ୟସିଂହ ଦେବଙ୍କ ୪ ଅଙ୍କ ମହନ୍ତମାନଙ୍କ ଶାଢ଼ୀବନ୍ଧା ।

୧୨ । ଦିବ୍ୟସିଂହ ଦେବଙ୍କ ୧୨ ଅଙ୍କ ଭଗବାନ ରାଏସିଂହଙ୍କ ଦର୍ଶନ ।

୧୩ । ଦିବ୍ୟସିଂହ ଦେବଙ୍କ ୯ ଅଙ୍କ ବଡ଼ମ୍ବା ଗୋପୀନାଥ ମର୍ଦ୍ଦରାଜ ଦେବଙ୍କ ଶାଢ଼ୀବନ୍ଧା ।

୧୪ । ମୁକୁନ୍ଦ ଦେବଙ୍କ ୧୪ ଅଙ୍କ ୧୨୧୬ ସାଲ ମୁର୍ଶିଦାବାଦ ବାହାଦୁର ସିଂହ ପ୍ରଭୃଙ୍କ ରଘୁନାଥ ବେଶ କରାଇବା । ରାମଚନ୍ଦ୍ର ଦେବଙ୍କ ୧୯ ଅଙ୍କ ୧୨୪୦ ସାଲ ରଘୁନାଥ ବେଶ । ବୀରକିଶୋର ଦେବଙ୍କ ୩ ଅଙ୍କ ରଘୁନାଥ ବେଶ । ପାରିକୁଦ ଖଣ୍ଡାଏତଙ୍କ ଦର୍ଶନ ଓ ଶାଢ଼ୀବନ୍ଧା ।

୧୫ । ମୁକୁନ୍ଦଦେବଙ୍କ ୧୬ ଅଂକ ୧୨୧୮ ସାଲ ଢଗିରଆ ମହାଲ୍‌ଏକ ବନମାଳୀ ଚମ୍ପତିସିଂହ ମହାପାତ୍ରଙ୍କ ବଡ଼ପରସ୍ତ ପଣ ଶାଢ଼ୀବନ୍ଧା । କେନ୍ଦ୍ରାପଡ଼ା ଜମିଦାର ବଳରାମ ଭ୍ରମରବରଙ୍କ ଶାଢ଼ୀବନ୍ଧା ।

୧୬ । ମୁକୁନ୍ଦଦେବଙ୍କ ୩ ଅଂକ ୧୨୯୦ ସାଲ ମୁକ୍ତିମଣ୍ଡପରେ ବ୍ରାହ୍ମଣ ବୈଠକ ।

୧୭ । ଦିବ୍ୟସିଂହ ଦେବଙ୍କ ୫ ଅଂକ ଦେଓ୍ୱାନ ବାବୁ ମାଧବଲାଲ ମଠରେ ବୈଷ୍ଣବ ଜନସୁମାର ।

୧୮ । ଦିବ୍ୟସିଂହ ଦେବଙ୍କ ୧୯ ଅଙ୍କ ଦେଉଳରୁ ପଥର ଖସିବା ।

୧୯ । ରାମଚନ୍ଦ୍ର ଦେବଙ୍କ ୪ ଅଂକ କୁଜଙ୍ଗ ମର୍ଦ୍ଦରାଜ ଷଣ୍ଢ ନରେନ୍ଦ୍ରଙ୍କ ଘୁମୁଚଟାଉ । ନାନକପନ୍ଥୀ ଶାଢ଼ୀବନ୍ଧା ୧୨୬୩ ସାଲ ।

୨୦ । ରାମଚନ୍ଦ୍ର ଦେବଙ୍କ ୯ ଅଙ୍କ ଖୋରଧା ଯାଇ କାଗଜ ବୁଝିବା ।

୨୧ । ଯଯାତିକେଶରୀଙ୍କ ଅମଳରୁ ବଳଗଣ୍ଡିଠାରୁ ନଈ ଯାଇ ବାଙ୍କି ମୁହାଣରେ ମିଶିଥିବାରୁ ୭ ରଥ ହେଉଥିବା କର୍ଣ୍ଣିସ୍ଥ ଚୈନ-ଗୁଣ୍ଡିଚା ବାଧ ।

୨୨ । ରାମଚନ୍ଦ୍ର ଦେବଙ୍କ ୧୦ ଅଙ୍କ ଅବଦୁଲଖାଁ ଦେଓ୍ୱାନ ହେବା ।

୨୩ । ମୁକୁନ୍ଦଦେବଙ୍କ ୧୩ ଅଙ୍କ ବିମଳା ଦେଉଳେ ଶାଗୁଣା ବସିବା । ୧୯ ଅଙ୍କରେ ବିମଳାଂକ ପର୍ବପୂଜାରେ ମାଟିମଣ୍ଡପସାହି ଲୋକେ ସୁଲକ୍ଷଣା ପ୍ରବନ୍ଧ ନାଟକ କରିଥିଲେ । ପ୍ରାଣନାଥ ଚକ୍ରବର୍ତ୍ତୀ ତହସିଲଦାର ଥିଲେ ।

୧୪ । ଦିବ୍ୟସିଂହ ଦେବଙ୍କ ୨୫ ଅଙ୍କ ସୁରଙ୍ଗୀ ମାଳାଦ୍ର ହରଚନ୍ଦନ ଜଗଦେବଙ୍କ ପୂଅଙ୍କ ଦର୍ଶନ, ଶୋଧ । ଗଣେଶ ଚକ୍ରବର୍ତ୍ତୀ ପରଗ୍ଣା । ବାଙ୍କି ଶ୍ରୀଚନ୍ଦନ ପରଗ୍ଣା । କୃଷ୍ଣ ନରେନ୍ଦ୍ର ଗଡ଼ଗଡ଼ର ଥିଲେ ।

୨୫ । ପଦ୍ମନାଭ ଦେବଙ୍କ ୫ ଅଙ୍କ ଦେଓ୍ୱାନ ଖୁସାଲ ରାମ ।

୨୬ । ରାମଚନ୍ଦ୍ର ଦେବଙ୍କ ୫ ଅଙ୍କ ଢଗିରଆ ରାଜାଂକ ଦର୍ଶନ ଏବଂ ଭୋଗ ପରୀକ୍ଷା ପଣ ଶାଢ଼ୀ ।

୨୭ । ରାମଚନ୍ଦ୍ର ଦେବଙ୍କ ୩୨ ଅଙ୍କ ୧୨୫୦ ସାଲ ଢେଙ୍କାନାଳ ଖଣ୍ଡାଏତ ଦର୍ଶନ ।

୨୮ । ବଳଭଦ୍ର ଦେବଙ୍କ ୭ ଅଙ୍କ ପଟିଆ ରାଜାଙ୍କ ଶାଢ଼ୀ, ମଧୁସୂ ନରେନ୍ଦ୍ରଙ୍କ ଶାଢ଼ୀ, ଢେଙ୍କାନାଳ ଶାଢ଼ୀ ।

୨୯ । ରାମଚନ୍ଦ୍ର ଦେବଙ୍କ ୧୦ ଅଙ୍କ କନକା ଭଞ୍ଜ ଶାଢ଼ୀ ପାଇବା ।

୩୦ । ଦିବ୍ୟସିଂହ ଦେବଙ୍କ ୩୩ ଅଙ୍କ କେନ୍ଦୁଝର ଶାଢ଼ୀ ।

୩୧ । ମୁକୁନ୍ଦଦେବଙ୍କ ୨୫ ଅଙ୍କ ସମ୍ବଲପୁର ଶାଢ଼ୀ, ୯ ଅଙ୍କ ମଧୁପୁର ନରେନ୍ଦ୍ରଙ୍କ ଶାଢ଼ୀ, ୫ ଅଙ୍କ ପାରକୁଦ ଖଣ୍ଡାଏତ ଶାଢ଼ୀ, ୩ ଅଙ୍କ ଖଲ୍ଲିକୋଟ ଭୂଞ୍ୟାଁ ଶାଢ଼ୀ ।

୩୨ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ କୋକଲ ହରଚନ୍ଦନଙ୍କ ଶାଢ଼ୀ ।

୩୩ । ହରେକୃଷ୍ଣ ଦେବଙ୍କ ୪ ଅଙ୍କ ବାଣପୁର ବେବର୍ତ୍ତାଙ୍କ ଶାଢ଼ୀ ।

୩୪ । ମୁକୁନ୍ଦଦେବଙ୍କ ୩୮ ଅଙ୍କ ଛପନନିଖି ଦେଓ୍ୱାନ ମାନସିଂହ ଓ ସମ୍ବଲପୁର ମଧୁକର ସାଏଙ୍କ ଦର୍ଶନ ଓ ଶାଢ଼ୀ ।

୩୫ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ ବରୁଳ ମହାରଥୀଙ୍କ ଶାଢ଼ୀ ।

୩୬ । ଦିବ୍ୟସିଂହ ଦେବଙ୍କ ୨୭ ଅଙ୍କରେ ଡାଲଯୋଡ଼ା ଖଣ୍ଡାଏତ ଶାଢ଼ୀ, ୫ ଅଙ୍କରେ ସତ୍ୟବାଦୀ ଦେଉଳ ନିର୍ମାଣ ପଟିଆ ରାଜା ପାଗଉପରେ ଲଟକାଣ ଦେଇ ଦର୍ଶନ ପାଇବା ଅନୁମତ ।

୩୭ । ୧୨୬୯ ମୟୂରଭଞ୍ଜ ଓ ଦଶପଲ୍ଲା ।

## ଖ୍ରୁମୁଚଟାଉର ନମୁନା

ରାମଚନ୍ଦ୍ର ଦେବଂକ ୧୭ ଅଙ୍କ ଧନୁ ୪ ଦିନ ଝାଡ଼ଖଣ୍ଡ ରାଜା ହରି ମହାପାତ୍ର ଝାଡ଼ଖଣ୍ଡ କରମୂଳ ପାଟଣା ଗଡ଼ର ରାଜା ହରି ବିଦ୍ୟାଧର ମହାପାତ୍ର ଯେ ଦରଶନକୁ ଆସିଅଛନ୍ତି ସେ ଆମ୍ଭ ପିତା ଦିନାଇ ବିଦ୍ୟାଧର ମହାପାତ୍ରକର ପୂର୍ବ ମହାରାଜା ଗୋବିନ୍ଦ ବିଦ୍ୟାଧର ମହାପାତ୍ରଙ୍କର ମଧ୍ଯ ଭାଇ ହୁଅନ୍ତି । ଏ ତିନିକଣ ଯଦୁବଂଶୀ ଛତ୍ରୀ । ଏହାଙ୍କ କୁଳ ପଦ୍ଧତି ସିଂହ ଥିଲା । ଏମାନେ ପଶ୍ଚିମରୁ ଆସି ଓଡ଼ିଶାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣ ତଳେ ଆଶ୍ରା କରିବାରୁ ଶ୍ରୀମହାପ୍ରଭୁଙ୍କ ଆଜ୍ଞା ପ୍ରମାଣେ ଭୋଇ ପ୍ରମାଣେ ରହି ପାତ୍ରଶାଢ଼ୀ ନେଇ ବିଦ୍ୟାଧର ମହାପାତ୍ର ପଦ ଏ ଉତ୍ତାରୁ ପାଇଲେ । ତହିଁଉତ୍ତାରୁ ଗୋବିନ୍ଦ ବିଦ୍ୟାଧର ମହାପାତ୍ର ଓଡ଼ିଶା ମହାରାଜାଙ୍କ ଦକ୍ଷିଣ କଟକାଇରେ ସାହାଯ୍ୟ କଲାରୁ ତାଙ୍କୁ ଅନୁଗ୍ରହ କରି ଝାଡ଼ଖଣ୍ଡ କରମୂଳ ପାଟଣା ପ୍ରଦାନ କରି ସେହି ଝାଡ଼ଖଣ୍ଡରେ ରାଜା କରିଥିଲେ । ଏହି ହରି ବିଦ୍ୟାଧର ମହାପାତ୍ରଙ୍କୁ ମୀନକେତନ ଚନ୍ଦ୍ର, କଟାରି, ପଗଡ଼ି ମଧ୍ଯ ସନ୍ମାନ ଦିଆଗଲା ।

---

ଶ୍ରୀପୁରୁଷୋତ୍ତମ ବଡ଼ଦେଉଳ ପରିଚ୍ଛାଙ୍କୁ ଖ୍ରୁମୁଚଟାଉ । ଢେଙ୍କାନାଳ ଝାଡ଼ଖଣ୍ଡ ରାଜା ଲୋକନାଥ ସିଂହ ଭ୍ରମରବର ମହାପାତ୍ର ଯେ ଦର୍ଶନକୁ ଅଇଲେ ସେ ଆମ୍ଭର ଭାଇ ହୁଅନ୍ତି । ଏହାଙ୍କୁ ସଙ୍ଗୁଲାଇ × × ମେଷ ୧୬ ଦିନ ।

---

ସିଵେଲ ସାହେବଙ୍କ ମାନ୍ଦ୍ରାଜର ପୁରାତତ୍ତ୍ୱର ଅବଶେଷ ନାମକ ପୁସ୍ତକର ୩୨ ପୃଷ୍ଠାରେ ଲେଖାଅଛି—ଆଠଗଡ଼ ଜମିଦାରୀର ପଥୁରି ନାମକ ଗ୍ରାମରେ ଗୋଟିଏ ମନ୍ଦିର ଅଛି । ଉକ୍ତ ମନ୍ଦିର ୩ ଗୋଟି ବୃହତ୍ ପ୍ରସ୍ତର ସ୍ତମ୍ଭ ଉପରେ ନିର୍ମିତ । ଏହି ମନ୍ଦିରକୁ ମେରଦା କହନ୍ତି । ରାଜା ରାମଚନ୍ଦ୍ର ଦେବଙ୍କ ୬ ଅଙ୍କରେ ମୁସଲମାନ ତକିଖାଁ ଆକ୍ରମଣ କଲେ । ସେହି ଭୟରେ ଜଗନ୍ନାଥ ଦେବ ପୁରୀରୁ ସେଠାକୁ ସ୍ଥାନାନ୍ତରିତ ହୋଇଥିଲେ । ଜଗନ୍ନାଥଙ୍କ ସ୍ଥାନାନ୍ତର ହିବାଦ୍ୱାରା ବର୍ଷକୁ ୯ ଲକ୍ଷ ଟଙ୍କା ଲୋକସାନ ହେଲା । ଯାତ୍ରୀମାନେ ପୁରୀକି ଆସିଲେ ନାହିଁ । ଯେ ଆସିଲେ ତାଙ୍କଠାରୁ ଭେଟ ପିଣ୍ଡିକା ମିଳିଲା ନାହିଁ । ୧୭୩୪ ଖ୍ରୀଷ୍ଟାବ୍ଦରେ ତକିଖାଁଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ମୁର୍ଶିଦକୁଲିଖାଁ ଠାକୁରମାନଙ୍କୁ ପୁରୀକି ଆଣିବାକୁ ପ୍ରବର୍ତ୍ତାଇଥିଲେ । ତଦାନିନ୍ତନ ଆଠଗଡ଼ ରାଜା

ଗୋବିନ୍ଦ ହରିଚନ୍ଦନ ଥିଲେ । ଓଡ଼ିଶା ରାଜା ତାଙ୍କର ଏ କାର୍ଯ୍ୟ ଲାଗି ତାଙ୍କୁ ଜଗଦେବ ପଦ ଦେଇଥିଲେ ଏବଂ ସେହି ଦିନଠାରୁ ତାଙ୍କର ମହତ୍ତ୍ୱ ବୃଦ୍ଧି ହେଲା । ମେରଦା ନାମକ ଗ୍ରାମ ବସାଇ ଜଗନ୍ନାଥଙ୍କ ଭୋଗରେ ଖଞ୍ଜିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ମେରଦା ପଥର ପୂଜା ପାଉଛନ୍ତି । ପରବର୍ତ୍ତୀ ରାଜା ଘୁମୁସର ରାଜାଙ୍କ ସହିତ ଯୋଗ ହୋଇ ଦିବ୍ୟସିଂହ ଦେବଙ୍କୁ ଶତ୍ରୁ ହସ୍ତରୁ ରକ୍ଷା ପାଇବା କାର୍ଯ୍ୟରେ ସାହାଯ୍ୟ କରିଥିଲେ । ତେଣୁ "ଶରଣପଞ୍ଜର ମାନୋଦ୍ଧାରଣ" ପଦ ପାଇଥିଲେ । ମାଦଳାପାଞ୍ଜିରେ ମେରଦା ବିଷୟ ଉଲ୍ଲେଖ ଅଛି ମାତ୍ର "ଶରଣ ପଞ୍ଜର" କଥା ନାହିଁ । ମାତ୍ର ଟିକିଲିରେ ଥିବା ତାଳପତ୍ର ପୋଥିରେ ଏ ବିଷୟ ଉଲ୍ଲେଖ ଅଛି । ମୁକୁନ୍ଦଦେବଙ୍କ ୮ ଅଙ୍କରେ ସେ ଇଂରେଜମାନଙ୍କଦ୍ୱାରା କଟକରେ ପରାସ୍ତ ହୋଇ ଆଠଗଡ଼ର ବୃନ୍ଦାବନଚନ୍ଦ୍ର ହରିଚନ୍ଦନଙ୍କ ଆଶ୍ରୟରେ ଥିଲେ । ଗଜପତି ରାମଚନ୍ଦ୍ର ଦେବଙ୍କ ଆଦେଶକ୍ରମେ ଆଠଗଡ଼ର ରଘୁନାଥ ହରିଚନ୍ଦନ ସେନାପତି ହୋଇ ବାଣପୁର ରାଜାଙ୍କୁ ରାଜ୍ୟରୁ ବାହାର କରି ଦେଇଥିଲେ । ମଧୁସୂଦନ ହରିଚନ୍ଦନ ଗଜପତି ମହାରାଜାଙ୍କ ଆଦେଶକ୍ରମେ ଖଲ୍ଲିକୋଟ ମେଳି ଭାଙ୍ଗି ମଦନଗୋପାଳ ମର୍ଦ୍ଦରାଜଙ୍କୁ ଖଲ୍ଲିକୋଟରେ ରାଜା କଲେ ।

## ନୀଳାଦ୍ରିମହୋଦୟ ୨ୟ ଅଧ୍ୟାୟ ।

ପଶ୍ଚିମସ୍ୟାଂ ଦିଶି ଶ୍ରେଷ୍ଠୋ ବିନ୍ଧ୍ୟୋ ନାମ ଗିରିନୃପଃ ।
ବର୍ତ୍ତତେ ଯତ୍ର ବୈ ବ୍ରହ୍ମା ବିଷ୍ଣୁ ପାଦଦ୍ୱୟଂ ପୁରା ।
ସ୍ଥାପୟି ତ୍ୱାଇ ସ୍ୱଉସ୍ମାତ୍ପୂର୍ବତା ନିର୍ଗତାପ୍ୟସୌ ।
ମହାନଦୀତି ବିଖ୍ୟାତା ପୂର୍ବସାଗର ଗାମିନୀ ।
ବର୍ତ୍ତତେ ପୃଥିବୀନାଥ ଗଙ୍ଗେବ ମୁକ୍ତିଦାୟିନୀ ।
ଏତସ୍ୟାସ୍ତଟ ଭୂଦେଶେ ସ୍ଥଲଦ୍ୱୟମନୁତ୍ତମଂ ।
ପୁଣ୍ୟଂ ସର୍ବୋତ୍ତମଧ୍ୱଂଶଃ ସ୍ୱଷ୍ଟମସ୍ତି ମହୀତଳେ ।
ଏକତ୍ର ତୁ ସୁବର୍ଣ୍ଣାଖ୍ୟଃ ଶିବୋଽପ୍ୟସ୍ତି ଗିରୌ ମହାନ୍ ।
ତଥାନ୍ୟେ ମାଧବଃ ଶ୍ରୀମାନ୍ ଭକ୍ତାନୁଗ୍ରହକାରକଃ ।
ତସ୍ମାତ୍ ପୁଣ୍ୟତମା ଭୂପ ନଦୀ ଚତ୍ରୋତ୍ପଲା ଭିଧା ।
ସ୍ନାନଂ ଯେ କୁର୍ବତେ ମର୍ତ୍ତ୍ୟା ଭକ୍ତ୍ୟାସ୍ମିନ୍ନିର୍ମଳେ ଜଳେ ।
ସପ୍ତଜନ୍ମାର୍ଜ୍ଜିତଂ ପାପଂ ନଶ୍ୟେତ୍ତେଷାଂ ନ ଶଂସୟଃ ।
ଗୋସହସ୍ରପ୍ରଦାନେନ ଯତ୍ଫଳଂ ଜାୟତେ ନୃପଃ
ତତ୍ଫଳଂ ଚ ଲଭେତ୍ତେଷାଂ ତସ୍ୟାଃ ପୟସି ମଜ୍ଜନାତ୍ ।
ଇଦାନୀଂ ନୃପଶାର୍ଦ୍ଦୂଳ ସଂଗାର୍ଯ୍ୟ ତରସା ନଦୀମ୍ ।

ସ୍ନାନମତ୍ର ଧବାଏିଷ୍ଣୁ ସମାପ୍ୟ ନିଜକର୍ମ୍ମ ତତ୍
ଚର୍ଚ୍ଚିକାଂ ତଂ ମହାବିଷ୍ଣୋଃ ଶକ୍ତିଂ ଚ ପରଲୋକଦୃ ।
ସୈନ୍ୟମେତତ୍ କ୍ଷିତିପତେ ନଦୀଂ ତରସ୍ୱତୁ ଦ୍ରୁତମ୍ ।
ଇତ୍ୟୁକ୍ତ୍ୱା ତଂ ପୁନଃପ୍ରାହ ବ୍ରହ୍ମପୁତ୍ରେ ମହାମୁନିଃ ।
ଶକ୍ତ୍ୟା ଗିରିତଲେ ଯାସ୍ତେଂ ହୃଷ୍ଟ୍ୱା ପଶ୍ୟ ତରଙ୍ଗିଣୀ ।
ଫେନୋତ୍ତମେ ସମୁଦ୍ରଂ ସା ପ୍ରାପ୍ନୋତି ନୃପସତ୍ତମ ।
ଏତତ୍ସଙ୍ଗମ ଦେଶେ ଚ ଚନ୍ଦ୍ରତୀର୍ଥଂ ସୁପାବନମ୍ ।
ସ୍ନାତାନାମତ୍ର ଲୋକାନାଂ ସଂସାରେ ନହି ଯାସ୍ୟତେ ।

# ବ୍ୟବସାୟ ବାଣିଜ୍ୟ

ବର୍ତ୍ତମାନ ଓଡ଼ିଆମାନଙ୍କ ଦୁରବସ୍ଥା ଦେଖିଲେ କିଏ ମନେ କରିବ ଯେ ଏ ଜାତି ଦିନେ ବାଣିଜ୍ୟ ବ୍ୟବସାୟ କରୁଥିଲା ? କିଏ ବିଶ୍ୱାସ କରିବ ଯେ ଏମାନେ ଅର୍ଣ୍ଣବପୋତ ସାହାଯ୍ୟରେ ଅନ୍ୟ ଦେଶକୁ ଯିବା ଆସିବା କରୁଥିଲେ ? କିଏ ବିଶ୍ୱାସ କରିବ ଯେ ଏମାନେ ଅର୍ଣ୍ଣବପୋତ ପ୍ରସ୍ତୁତ କରିବାର ପ୍ରଣାଳୀ ଜାଣିଥିଲେ ? ଏବଂ କିଏ ବିଶ୍ୱାସ କରିବ ଯେ ଏମାନେ ଅର୍ଣ୍ଣବପୋତ ନିର୍ମାଣ କରିବାଲାଗି କି କି ସାମଗ୍ରୀ ଆବଶ୍ୟକ ହୁଏ, ତାହା ମଧ୍ୟ ଚିହ୍ନିଥିଲେ ? କିଏ ବିଶ୍ୱାସ କରିବ ଯେ ଏ ଜାତିର ପୂର୍ବପୁରୁଷମାନେ ଦିନେ ଜାଭା ଓ ବାଲିଦ୍ୱୀପକୁ ଯାଇ ବସତି ସ୍ଥାପନ କରିଥିଲେ, ବାଣିଜ୍ୟ ବ୍ୟବସାୟ କରିଥିଲେ ଏବଂ ବାଣିଜ୍ୟ ବ୍ୟବସାୟ କରି ବିଦେଶରେ ବୈଜୟନ୍ତୀ ଉଡ଼ାଇଥିଲେ ?

ଏକଥା ଅନ୍ୟମାନେ ଶୁଣିଲେ ଆଜି ହସରେ ଉଡ଼ାଇଦେଇ ପାରନ୍ତି, କେହି ବିଦ୍ରୁପ କରିପାରନ୍ତି, ମାତ୍ର ସତ୍ୟ ସର୍ବଦା ସତ୍ୟ ହୋଇଥିବ । ଏ ବହୁକାଳର କଥା, ସ୍ମୃତିର ଅଜ୍ଞାତ କଥା । ଏ ବିଷୟର ପ୍ରମାଣ ଖୋଜିଲେ ସନ୍ତୋଷଜନକ ପ୍ରମାଣ ମିଳିବା କଠିନ; ଯାହା ମିଳିବ ତାହା ଅତି ଅଳ୍ପ । ତଥାଚ ତାହାର ଅନୁସନ୍ଧାନ ଆବଶ୍ୟକ ।

ଆଜି ସମୁଦ୍ରଯାତ୍ରା ସମ୍ବନ୍ଧେ ଯେପରି ଘୋର ଆପତ୍ତି ଶୁଣାଯାଏ, ତହିଁରୁ ସାଧାରଣତଃ ଲୋକେ ମନେ କରିବେ ଯେ ଏ ଜାତି କେବେ ସମୁଦ୍ର ପରପାରକୁ ଯାଇ ନଥିବ ! ଆଜି ବିଲାତ ପ୍ରତ୍ୟାଗତ ଲୋକମାନଙ୍କୁ ସମାଜ ଯେପରି ଘୃଣା ଚକ୍ଷୁରେ ଦେଖେ, ତହିଁରୁ ସହଜରେ ଅନୁମିତ ହେବ ଯେ ଲୋକେ ପୂର୍ବେ କେବେ ସମୁଦ୍ର ପରପାରକୁ ଯାଇ ନ ଥିବେ । ମାତ୍ର ପୂର୍ବେ ଏପରି ନ ଥିଲା । ପୂର୍ବେ ଲୋକମାନେ ବାଣିଜ୍ୟ କରିବା ଲାଗି ସମୁଦ୍ର ପରପାରକୁ ଯାଉଥିବାର ଯଥେଷ୍ଟ ପ୍ରମାଣ ମିଳିବ ।

ମାଦଳାପାଞ୍ଜିରୁ ଦେଖାଯାଏ ଯେ ଭୋଜରାଜ କାଠଦ୍ୱାରା ଜଳଯାନ ପ୍ରସ୍ତୁତ କରାଇଥିଲେ । କି ପ୍ରକାର କାଠ କି କାର୍ଯ୍ୟର ଉପଯୋଗୀ ଏକଥା ମଧ୍ୟ ତେତେ-

ବେଳେ ଲୋକମାନଙ୍କୁ ଜଣାଥିଲା । ଭୋଜରାଜା ଜାହାଜ ପ୍ରସ୍ତୁତ କରିବାର ନିୟମାବଳୀ ଲିପିବଦ୍ଧ କରାଇ "ଯୁକ୍ତିକଳ୍ପତରୁ" ନାମକ ପୁସ୍ତକ ସଂସ୍କୃତଭାଷାରେ ପ୍ରଣୟନ କରାଇଥିଲେ । ଏ ପୁସ୍ତକ ବିଷୟ ନେଇ ରାଧାକୁମୁଦ ବାବୁ "ଭାରତୀୟ ଅର୍ଣ୍ଣବପୋତ" ନାମକ ପୁସ୍ତକ ଇଂରାଜୀ ଭାଷାରେ ଲେଖିଛନ୍ତି । ଭୋଜରାଜା ନୌକା ନିର୍ମାଣ ସମ୍ବନ୍ଧେ ବିଶେଷ ଦକ୍ଷତା ଲାଭ କରିଥିଲେ । ତାହାଁର ପ୍ରମାଣ ସ୍ୱରୂପ ନିମ୍ନରେ କେତେ ଗୋଟି ଶ୍ଳୋକ ଦେଲୁଁ ।

"କ୍ଷତ୍ରିୟକାଷ୍ଠୈର୍ଘଟିତା ଭୋଜମତେ ସୁଖସମ୍ପଦ ନୌକା
ଅନ୍ୟେ ଲଘୁଭିଃ ସୁଦୃଢ଼ୈ ବିଦଧତି ଜଳଦୁଷ୍ପଦେ ନୌକାମ୍ ।
ବିଭିନ୍ନ ଜାତିଦ୍ୱୟସ୍ତ୍ର କାଷ୍ଠଜାତ ନ ଶ୍ରେୟସ୍ତ ସେନାପି ସୁଖାୟ ନୌକା
ନୈଷାଚିରଂ ତିଷ୍ଠତି ପଚ୍ୟତେ ଚ ବିଭିଦ୍ୟତେ ସଲିଳ ମଜ୍ଜତେ ଚ ।
ନ ସିନ୍ଧୁଗା ଦ୍ୟାର୍ହତି ଲୌହବନ୍ଧନଂ ତଲ୍ଲୋହ କାନ୍ତୈର୍ହିୟତେହ୍ନଲୌହଂ
ବିପଦ୍ୟତେ ତେନ ଜଳେଷୁ ନୌକା ଗୁଣେନ ବନ୍ଧଂ ନିଜଗାଦ ଭୋଜ ।"

ଆୟୁର୍ବେଦ ଶାସ୍ତ୍ରାନୁସାରେ ବୃକ୍ଷ ୪ ପ୍ରକାର, ଯଥା—

(୧) ବ୍ରାହ୍ମଣ—ହାଲୁକା ଓ କୋମଳ, ଅନ୍ୟ କାଠ ସହିତ ସହଜରେ ଯୋଡ଼ା ଯାଇପାରିବ ।

(୨) କ୍ଷତ୍ରିୟ—ହାଲୁକା ଓ ଶକ୍ତ, ସହଜରେ ଯୋଡ଼ ହେବ ନାହିଁ ।

(୩) ବୈଶ୍ୟ—କୋମଳ ଓ ଭାରି ।

(୪) ଶୂଦ୍ର—ଶକ୍ତ ଓ ଭାରି ।

ଯୁକ୍ତିକଳ୍ପତରୁ ଗ୍ରନ୍ଥରେ ଜାହାଜର ମର୍ମସ୍ପର୍ଶୀ ବିବରଣ ଦିଆଯାଇଛି । ତାହାଁର କେତେକ କଥା ନିମ୍ନରେ ଦିଆଯାଉଛି ।

ଜାହାଜ ୨ ପ୍ରକାର, ଯଥା—(୧) ସାମାନ୍ୟ ଓ (୨) ବିଶେଷ ବା ଅର୍ଣ୍ଣବ-ପୋତ ବା ବୋଇତ ।

ସାମାନ୍ୟ ନୌକା ୧୦ ପ୍ରକାର ଏବଂ ତାହାର ଲମ୍ବ, ପ୍ରସାର ଓ ଗଭୀର ନିମ୍ନଲିଖିତରୂପେ ଅଛି । ଲମ୍ବ ପ୍ରଭୃତି ହାତ ବୋଲି ବୁଝିବାକୁ ହେବ ।

| | | | |
|---|---|---|---|
| ୧ କ୍ଷୁଦ୍ର | ଲମ୍ବ ୧୬ ହାତ | ପ୍ରସାର ୪ ହାତ | ଉଚ୍ଚ ୪ ହାତ |
| ୨ ମଧ୍ୟମ | ୨୪ | ୧୨ | ୮ |
| ୩ ଭୀମ | ୪୦ | ୨୦ | ୨୦ |
| ୪ ଚପଳ | ୪୮ | ୨୪ | ୨୪ |
| ୫ ପାଟଳ | ୬୪ | ୩୨ | ୩୨ |
| ୬ ଭୟ | ୮୮ | ୩୬ | ୩୬ |
| ୭ ଦୀର୍ଘ | ୭୨ | ୪୪ | ୪୪ |
| ୮ ପତ୍ରପୁଟା | ୯୬ | ୪୮ | ୪୮ |
| ୯ ଗର୍ଭର | ୧୧୨ | ୫୬ | ୫୬ |
| ୧୦ ମନ୍ଥର | ୧୨୦ | ୬୦ | ୬୦ |

ଏଥିମଧ୍ୟରୁ ଭୀମ, ଭୟ ଓ ଗର୍ଭରମାନେ ମନ୍ଦଫଳ ପ୍ରଦାୟକ ।

୨ୟ ପ୍ରକାର ଅର୍ଥାତ୍ 'ବିଶେଷ' ଶ୍ରେଣୀସ୍ଥ ନୌକାମାନେ ଅର୍ଣ୍ଣବପୋତ ଅର୍ଥାତ୍ ସମୁଦ୍ରଯାତ୍ରା ଉପଯୋଗୀ । ଏ ଶ୍ରେଣୀସ୍ଥ ବୋଇତ ମଧ୍ୟ ୨ ପ୍ରକାର । ଯଥା—(୧) ଦୀର୍ଘା (୨) ଉନ୍ନତା । ଏ ପ୍ରତ୍ୟେକଟି ମଧ୍ୟରେ ନାନାପ୍ରକାର ଅଛି ।

(କ) ଦୀର୍ଘା—ଲମ୍ବ ୪୨ ହାତ ପ୍ରସାର ୫$\frac{1}{8}$ ହାତ ଉଚ୍ଚ ୪$\frac{1}{8}$ ହାତ

| | | | |
|---|---|---|---|
| ୧ ଦୀର୍ଘିକା | ୩୨ | ୪ | ୩$\frac{1}{8}$ |
| ୨ ତରଣୀ | ୪୮ | ୬ | ୪$\frac{1}{8}$ |
| ୩ ଲୋଲା | ୬୪ | ୮ | ୬$\frac{1}{8}$ |
| ୪ ଗତ୍ୱର | ୮୦ | ୧୦ | ୮ |
| ୫ ଗାମିନୀ | ୯୬ | ୧୨ | ୯$\frac{2}{8}$ |
| ୬ ତରି | ୧୧୨ | ୧୪ | ୧୧$\frac{1}{8}$ |
| ୭ ଜଙ୍ଘାଳା | ୧୨୮ | ୧୬ | ୧୨$\frac{4}{8}$ |
| ୮ ପ୍ଳାବିନୀ ଲମ୍ବ | ୧୪୪ ହାତ ପ୍ରସାର | ୧୮ ହାତ ଉଚ୍ଚ | ୧୪$\frac{2}{8}$ ହାତ |
| ୯ ଧାରଣୀ | ୧୬୦ | ୨୦ | ୧୬ |
| ୧୦ ବେଗିନୀ | ୧୭୬ | ୨୨ | ୧୭$\frac{3}{8}$ |

ଏଥିମଧ୍ୟରୁ ଲୋଲା, ଗାମିନୀ ଓ ପ୍ଲାବନୀମାନେ ଅଶୁଭପ୍ରଦ ।

(ଖ) ଉନ୍ନତା—

| | | | |
|---|---|---|---|
| ୧ ଊର୍ଦ୍ଧ୍ୱା । | ଲମ୍ବ ୩୨ ହାତ | ପ୍ରସାର ୧୬ ହାତ | ଉଚ୍ଚ ୧୬ ହାତ |
| ୨ ଅନୂର୍ଦ୍ଧ୍ୱା | ୪୮ | ୨୪ | ୨୪ |
| ୩ ସୁବର୍ଣ୍ଣମୁଖୀ | ୬୪ | ୩୨ | ୩୨ |
| ୪ ଗର୍ଭିଣୀ | ୮୦ | ୪୦ | ୩୦ |
| ୫ ମନ୍ଥର | ୯୬ | ୪୮ | ୪୮ |

ଏମାନଙ୍କ ମଧ୍ୟରୁ ୨, ୪, ୫ ପ୍ରକାର ଅଶୁଭପ୍ରଦ, ଅନ୍ୟମାନେ ଶୁଭପ୍ରଦ ।

ଜାହାଜମାନଙ୍କ ସଜାଇବା ଏବଂ ନାନାପ୍ରକାର ଜିନିଷ ଦେଇ ଯାତ୍ରୀମାନଙ୍କ ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି କରିବାର ବିଧାନ ଥିଲା । ସଜାଇବାଲାଗି ଚାରି ପ୍ରକାର ଧାତୁ ବ୍ୟବହୃତ ହୋଇଥିଲା, ଯଥା—ସୁନା, ରୂପା, ତମ୍ବା ଓ ଏ ତିନି ଧାତୁର ମିଶ୍ରିତ ଧାତୁ । ଚାରି ପ୍ରକାର ରଙ୍ଗ ଦିଆ ଯାଉଥିଲା—(୧) ଚାରି ମାସ୍ତୁଲବିଶିଷ୍ଟ ଜାହାଜ ଶ୍ୱେତବର୍ଣ୍ଣ, (୨) ତିନି ମାସ୍ତୁଲବିଶିଷ୍ଟ ଜାହାଜ ରକ୍ତବର୍ଣ୍ଣ, (୩) ଦୁଇ ମାସ୍ତୁଲବିଶିଷ୍ଟ ଜାହାଜ ପୀତବର୍ଣ୍ଣ, (୪) ଏକ ମାସ୍ତୁଲବିଶିଷ୍ଟ ଜାହାଜ ନୀଳବର୍ଣ୍ଣ । ଜାହାଜ ମୁହଁ ନାନାପ୍ରକାର ଆକୃତିବିଶିଷ୍ଟ ହେଉଥିଲା ।

କେଶରୀ ମହିଷୋ ନାଗୋ ଦ୍ୱିରଦୋ ବ୍ୟାଘ୍ର ଏବ ଚ
ପକ୍ଷୀ ଭେକୋ ମନୁଷ୍ୟଶ୍ଚ ଏତେଷାଂ ବଦନାଷ୍ଟକଂ ।
ନାନା ମୁଖେ ପରନ୍ୟସ୍ୟ ଆଦିତ୍ୟାଦି ଦଶଭୂକାମ୍
ନୌକାସୁ ମଣିବନ୍ୟାସୋ ବିଶେଷୋ ନବଦନ୍ଦବତ୍
ମୁକ୍ତାସ୍ତବକୈର୍ଯୁକ୍ତା ନୌକା ସ୍ୟାତ୍ ସର୍ବତୋ ଭଦ୍ରା ।

ଏ ଜାହାଜମାନଙ୍କରେ (କାବିନ୍) କୋଠରୀମାନ ଥିଲା । ଏ ଅନୁସାରେ ଜାହାଜ ୩ ପ୍ରକାର, ଯଥା—(୧) ସର୍ବ ମନ୍ଦିରା, (୨) ମଧ୍ୟ ମନ୍ଦିରା, (୩) ଅଗ୍ର ମନ୍ଦିରା । ସର୍ବମନ୍ଦିରା ଜାହାଜରେ ରାଜକୋଷ, ଅଶ୍ୱ ଓ ସ୍ତ୍ରୀମାନେ ଯାତାୟାତ କରୁଥିଲେ ଏବଂ ମଧ୍ୟମନ୍ଦିରା ଜାହାଜରେ ରାଜାମାନେ ବିଶେଷତଃ ବର୍ଷାକାଳରେ ଖୁସିରେ ଯାତାୟାତ କରୁଥିଲେ ଏବଂ ଅଗ୍ରମନ୍ଦିରା ଜାହାଜରେ

ଗ୍ରୀଷ୍ମ ଓ ଶୀତ ସମୟରେ ଯାତାୟାତ ହେଉଥିଲା ଏବଂ ଯୁଦ୍ଧରେ ବ୍ୟବହୃତ ହେଉଥିଲା ।

ଭାରତରେ ସମୁଦ୍ର ଯାତ୍ରା ଓ ଅର୍ଣ୍ଣବପୋତର ବ୍ୟବହାର ବହୁ ପ୍ରାଚୀନ-କାଳରୁ ପ୍ରଚଳିତ ଥିବା ବିଷୟ ମହାଭାରତ, ରାମାୟଣ ପ୍ରଭୃତିରୁ ଜଣାଯାଏ । ରାଜର୍ଷି-ତୃଗ୍ର ତାଙ୍କ ପୁତ୍ର ଭୂଯ୍ୟୁଙ୍କୁ ସୁଦୂର ସମୁଦ୍ର ପରପାରସ୍ଥ ଦ୍ୱୀପକୁ ଶତ୍ରୁମାନଙ୍କ ବିରୁଦ୍ଧରେ ଜାହାଜ ଦ୍ୱାରା ପଠାଇଥିଲେ; ମାତ୍ର ଜାହାଜ ବୁଡ଼ିଯିବାରୁ ସେମାନେ ପାଣିରେ ବୁଡ଼ି ଯାଇଥିଲେ, କିନ୍ତୁ ଅଶ୍ୱିନୀକୁମାରଦ୍ୱୟ ସେମାନଙ୍କୁ ଉଦ୍ଧାର କଲେ । ପାଣ୍ଡବମାନେ ବିଦୁର ପ୍ରଦତ୍ତ ଜାହାଜଦ୍ୱାରା କୌରବମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବାଲାଗି ପଳାୟନ କରିଥିଲେ । ରାମାୟଣରେ ମଧ୍ୟ ଉଲ୍ଲେଖ ଅଛି ଯେ ଶତ ଶତ କୈବର୍ତ୍ତ ଯୁବକ ୫୦୦ ଜାହାଜ ନେଇ ଶତ୍ରୁର ପଥ ଅବରୋଧ କରିଥିଲେ ।

ତତଃ ପ୍ରବାସିତୋ ବିଦ୍ୱାନ୍ ବିଦୁରେଣ ନରସ୍ତଦା
ପାର୍ଥାନାଂ ଦର୍ଶୟାମାସ ମନୋମାରୁତ ଗାମିନୀଂ ।
ସର୍ବବାତସହାଂ ନାବଂ ଯନ୍ତ୍ରଯୁକ୍ତାଂ ପତାକିନୀଂ
ଶିବେ ଭାଗୀରଥୀ ତୀରେ ନରୈର୍ବିସ୍ରମ୍ଭିଭିଃ କୃତାଂ ।

( ମହାଭାରତ-ଆଦି )

ରାଧାକୁମୁଦ ବାବୁ ବହୁ ଶ୍ରମ ସ୍ୱୀକାର କରି ଭାରତର ଲୁପ୍ତ ଗୌରବ ଉଦ୍ଧାର କରିଥିବା ହେତୁ ସେ ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି । ପଲ୍ଲୀ ସାହିତ୍ୟ, ରାଜାବଳୀ, ଜନକ, ଜାତକ, ବାଲହସ ଜାତକ, ସମୁଦ୍ର ବଣିକ ଜାତକ, ଶଙ୍ଖ ଜାତକ ଦଉ ଧାତୁବଂଶ ପ୍ରଭୃତି ବୌଦ୍ଧଗ୍ରନ୍ଥମାନଙ୍କରେ ଜାହାଜ ବିଷୟ ଉଲ୍ଲେଖ ଥିବାର ସେ ମହାଶୟ ପ୍ରଦର୍ଶନ କରିଛନ୍ତି । ଦନ୍ତକୁମାର ଓ ତାଙ୍କ ସ୍ତ୍ରୀ ତାମ୍ରଲିପ୍ତ-ଠାରେ ପ୍ରବେଶ ହୋଇ ଦେଖିଲେ ଯେ ଗୋଟିଏ ଜାହାଜ ସିଂହଳଦ୍ୱୀପକୁ ଯାତ୍ରା କରୁଛି ଏବଂ ସେମାନେ ସେଥିରେ ଯାତ୍ରା କଲେ ।

ପୂର୍ବେ କହିଅଛୁଁ ଯେ କର୍ଣ୍ଣାଟଦେଶ ସମୟରେ ପ୍ରାଚୀନ ଉତ୍କଳର ଏକାଂଶ ଥିଲା ଏବଂ ଉତ୍କଳ ରାଜା କର୍ଣ୍ଣାଟେଶ୍ୱର ଥିଲେ । କର୍ଣ୍ଣାଟରୁ ବୋଇତଆଳମାନେ ଦେଶ ବିଦେଶକୁ ଯାଇ ବାଣିଜ୍ୟ କରୁଥିଲେ । ଓଡ଼ିଆମାନେ ସିଂହଳକୁ ଯାତାୟାତ କରୁଥିଲେ । ପ୍ରାଚୀନ ଉତ୍କଳ ସାହିତ୍ୟରୁ ଏହାର ପରିଚୟ ମିଳେ । ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ପୁସ୍ତକ କାହାରିକୁ ଅବିଦିତ ନାହିଁ । ସେଥିରେ ଲେଖାଅଛି —

ଏହି କାଳେ ଜଣାଇଲା ବେତ୍ରକର,
ଆସି ବୋଇତଆଳେକ ଅଛି ଦ୍ୱାର ।
ବୋଲେ ସିଂହଳଦ୍ୱୀପୁଁ ଆସିଛି ମୁହିଁ,
ଇଚ୍ଛା ମୋର ଯୁବରାଜ ଭେଟ ପାଇଁ ।

ବୋଇତଆଳମାନେ ବିଦେଶକୁ ଯାଇ ବହୁ ଧନରତ୍ନ ଆୟ କରି ଆଣୁଥିଲେ ଏବଂ ରାଜପୁରୁଷମାନଙ୍କୁ ଭେଟି ପ୍ରଦାନ କରୁଥିଲେ ।

ଶିରେ କର ଦେଇ ଭେଟି ଏତେ ଦ୍ରବ୍ୟ
ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ ।
ମେଘଚକ୍ଷୁ ନୀଳା, ବ୍ରହ୍ମକାନ୍ତ ହୀରା
ତାର ମୁକୁତା କୁକୁଟଡ଼ିମ୍ବ ପରା ।
ଅଛି ସୁ ମାଣିକ୍ୟ ପଦ୍ମରାଗ ଜାତି
ଅଷ୍ଟବର୍ଣ୍ଣ ପ୍ରବାଳ ହିଁ ପନ୍ତ ପନ୍ତ ।
ଚନ୍ଦ୍ରକାନ୍ତ ପାଷାଣ ନୀଳେନ୍ଦ୍ର ମଣି
ଲକ୍ଷ୍ମୀନାରାୟଣ ଶିଳା ନୋହେ ଗଣି । ଇତ୍ୟାଦି
( ସପ୍ତମ ଛାନ୍ଦ )

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଅନ୍ତତଃ ଉପେନ୍ଦ୍ରଭଞ୍ଜଙ୍କ ସମୟ ପର୍ଯ୍ୟନ୍ତ ବହିର୍ବାଣିଜ୍ୟ ଚାଲୁଥିଲା ଏବଂ ଲୋକେ ଅର୍ଣ୍ଣବପୋତଦ୍ୱାରା ସମୁଦ୍ର ମଧ୍ୟରେ ଯାତାୟାତ କରୁଥିଲେ ।

ଉତ୍କଳର ପ୍ରାଚୀନ ଶିଳ୍ପଭାସ୍କର କାର୍ଯ୍ୟରେ ବୋଇତର ପରିଚୟ ମିଳେ ।

ଜଗନ୍ନାଥ ଦେଉଳରେ ଜାହାଜର ଚିତ୍ର ଖୋଦିତ ଅଛି । ଏ ଗୋଟିଏ ମଧ୍ୟ ମନ୍ଦିର । ଜଳଯାନ ଥିବାର ରାଧାକୁମୁଦ ବାବୁ ଅନୁମାନ କରନ୍ତି ।

ଭୁବନେଶ୍ୱରର ବୋଇତାଳ ଦେଉଳ ବିଷୟ ଏଠାରେ ଉଲ୍ଲେଖଯୋଗ୍ୟ । ଏ ଦେଉଳ ଗୋଟିଏ ପ୍ରାଚୀନ ଦେଉଳ ଏବଂ ଏହାର ଛାତ ବୋଇତ ପରି । ପୁଣି ମାର୍କଣ୍ଡ ଦେଉଳ ନିକଟରେ ଆଉ ଗୋଟିଏ ଦେଉଳ ଅଛି, ତାହାର ଛାତ ମଧ୍ୟ ଏହିପରି ।

ବୋଇତ ଶବ୍ଦ ଉତ୍କଳରେ ନୂତନ ନୁହେ । ବୋଇତ କଥା, ସାଧବ ଘର କଥା ଉତ୍କଳର ପ୍ରତ୍ୟେକ ଗୃହର ସ୍ତ୍ରୀଲୋକମାନଙ୍କୁ ଜଣାଥିଲା । ବୃଦ୍ଧା ସ୍ତ୍ରୀଲୋକମାନେ ପିଲାମାନଙ୍କ ଆଗରେ ଏ ସମ୍ବନ୍ଧୀୟ ଅନେକ ସୁନ୍ଦର ଗଳ୍ପ କହୁଥିଲେ । ପୁରୁଷଲୋକମାନେ ବୋଇତରେ ଗଲେ ସ୍ତ୍ରୀଲୋକମାନେ ନାନାପ୍ରକାର ବସ୍ତ୍ର ଆଦି ଅଳଙ୍କାର ବିଦେଶରୁ ଆଣିବାଲାଗି ଫରମାସ ଦେଉଥିଲେ । ବୋଇତ ଶୁଭରେ ଦେଶକୁ ଫେରି ଆସିଲେ ସ୍ତ୍ରୀମାନେ ବୋଇତ ବନ୍ଦାଇ ଯାଉଥିଲେ । ଯେଉଁମାନେ ବୋଇତରେ ଯାଇ ବିଦେଶରେ କାରବାର କରୁଥିଲେ, ସେମାନଙ୍କୁ 'ସାଧବ' ବୋଲି କୁହାଯାଉଥିଲା । ଏସମସ୍ତ କଥା ପ୍ରତ୍ୟେକ ଘରେ ଜଣାଥିଲା ଏବଂ ପ୍ରାତ୍ୟାହ୍ନିକ ଗଳ୍ପ ଥିଲା ।

ପୁରୀଜିଲ୍ଲାର କାକଟପୁର ନିକଟବର୍ତ୍ତୀ ଦେଉଳୀ ମଠ ନିକଟରେ "ବୋଇତ କୁଦ" ନାମରେ ଗୋଟିଏ ଉଚ୍ଚ ବାଲିସ୍ତୂପ ଅଛି । ସମ୍ଭବତଃ ପ୍ରାଚୀନ କାଳରେ ଏଠାରେ ବୋଇତ ଆସି ରହୁଥିଲା । ଓଡ଼ିଶା ଉପକୂଳରେ ଅନେକ ବନ୍ଦର ଥିଲା । ତମଲୁକଠାରୁ ଆରମ୍ଭ କରି ଚିଲିକା ପର୍ଯ୍ୟନ୍ତ ଅନେକ ବନ୍ଦର ଥିଲା । ସୁବର୍ଣ୍ଣରେଖା, ନରେଖା, ସାରଗୋ, ଛଲୁମ୍ପ, ବାଲେଶ୍ୱର, ଲୋଇଚନପୁର, ଚୁଡ଼ାମନ, ଧାମରା ପ୍ରଭୃତି ଓଡ଼ିଶା ଉପକୂଳରେ ପ୍ରଧାନ ବନ୍ଦର ଥିଲା । ସୁବର୍ଣ୍ଣରେଖା ବନ୍ଦର ନଈମୁହଁରୁ ୧୨ ମାଇଲ ଦୂରରେ ଅବସ୍ଥିତ ଏବଂ ଏହା ଗୋଟିଏ ପ୍ରଧାନ ବନ୍ଦର । ଚିଲିକା ନିକଟରେ ଦୀପ ଆଡ଼ୁଆ ପାହାଡ଼ ଅଛି । ଏହା ଉପରେ ଗୋଟିଏ ପ୍ରକାଣ୍ଡ ଦୀପ ପଥର ଉପରେ ଖୋଳା ଯାଇଛି । ଏଠାରେ ଦୀପ ଲଗିଲେ ସମୁଦ୍ରରେ ଯାଉଥିବା ଆସୁଥିବା ଜାହାଜକୁ ରାତିରେ ଦେଖା ଯାଉଥିଲା ।

ବାଲେଶ୍ୱର ପିପିଲି ଗୋଟିଏ ପ୍ରଧାନ ବନ୍ଦର ଥିଲା । ଯେତେବେଳେ ଓଡ଼ିଶାର ଭଲ ଦିନ ଥିଲା, ସେତେବେଳେ ଜାହାଜସବୁ ସମୁଦ୍ରଠାରୁ ବନ୍ଦର ମଧ୍ୟକୁ ଆସୁଥିଲା । ପୋର୍ତ୍ତୁଗିଜର ଲୋକମାନେ ଏହି ସ୍ଥାନରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ ଏବଂ ଇଂରେଜମାନେ ପ୍ରଥମେ ୧୬୩୪ ଖ୍ରୀଷ୍ଟାବ୍ଦରେ ଏହିଠାରେ ଏହି ବାଣିଜ୍ୟ କୋଠିର ଧ୍ୱଂସାବଶେଷ ଉପରେ କୋଠି ନିର୍ମ୍ମାଣ କଲେ ।

ପିପିଲି ପରେ ଚୁଡ଼ାମଣ ବନ୍ଦର ସବୁଠାରୁ ପ୍ରଧାନ ନଗରପଦ ବନ୍ଦର ଥିଲା । ବର୍ତ୍ତମାନ ଏ ବନ୍ଦର ଓ ଲୋଚନପୁର ବନ୍ଦରମାନ ପୋତି ହୋଇ ଗଲାଣି ।

ଧାମରା ଗୋଟିଏ ପ୍ରଧାନ ବନ୍ଦର ଥିଲା ଏବଂ ଏହିଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ସୂତିଲ ବ୍ୟବସାୟ ହେଉଥିଲା ।

ଧାମରା ପରେ କଟକ ଜିଲା ମଧ୍ୟରେ ଚୂଡ଼ାମଣି, ହଂସୁଆ ଓ ପଟାମୁଣ୍ଡାଇ ସ୍ଥାନମାନ ପ୍ରଧାନ ବନ୍ଦର ଥିଲା।

ପୁରୀ ଜିଲାର କୋଣାର୍କ, ଚିଲିକା ପ୍ରଭୃତି ସ୍ଥାନମାନ ପ୍ରଧାନ ବନ୍ଦର ଥିଲା। ହଣ୍ଟର ସାହେବ ଲେଖିଛନ୍ତି—

"ଓଡ଼ିଆମାନେ ତମଲୁକ ଓ ଚିଲିକା ବନ୍ଦରଠାରେ ଏବଂ ଜାଭା ଓ ବାଲି ଦ୍ୱୀପରେ ବସତି ସ୍ଥାପନ କରିବାରେ ପୂର୍ଣ୍ଣ କୃତିତ୍ୱ ଦେଖାଇଥିଲେ। ଓଡ଼ିଆମାନେ ଜାଭା ଓ ବାଲି ଦ୍ୱୀପକୁ ଯାଇ ସେଠାରେ ବସତି ସ୍ଥାପନ କରିଥିବା ବିଷୟରେ କୌଣସି ସନ୍ଦେହ ନାହିଁ।"

ପିଉଲ ନାମକ ବୌଦ୍ଧଗ୍ରନ୍ଥରୁ ଜଣାଯାଏ, ଉତ୍କଳ ଉପକୂଳରେ ଅନେକ ଗୁଡ଼ିଏ ବନ୍ଦର ଥିଲା। ଟୋଲେମି ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଭୂଗୋଳ ନାମକ ଗ୍ରନ୍ଥ ଲେଖିଥିଲେ। ସେ ଓଡ଼ିଶାର କେତେଗୁଡ଼ିଏ ପ୍ରଧାନ ନଦୀ ଓ ନଗରର ନାମୋଲ୍ଲେଖ କରିଛନ୍ତି। ପଲୁର—ଗଞ୍ଜାମ ନିକଟସ୍ଥ ଏକ ନଗର। ନନିଗେନ—ପୁରୀ, କକନ୍ଦ ମ—କଟକ, କୋଣଗର—କୋଣାର୍କ, କୋଶମ୍ବ—ବାଲେଶ୍ୱର, ପଲରୁ—ଜଳେଶ୍ୱର, ମନଦ—ମହାନଦୀ, ତନ୍ଦସ୍—ବ୍ରାହ୍ମଣୀ, ଦୋସରମ୍—ବୈତରଣୀ, ଅଦମସ—ସୁବର୍ଣ୍ଣରେଖା ଏସବୁ ନଦୀ ଓ ନଗରମାନ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ବହୁକାଳ ପୂର୍ବେ ବାଣିଜ୍ୟ ଉପଯୋଗୀ ସ୍ଥାନ ଥିଲା। ତାମ୍ରଲିପ୍ତ ଓ କଳିଙ୍ଗ ପ୍ରଭୃତି ଅନ୍ୟାନ୍ୟ କେତେଗୋଟି ନଗର ମଧ୍ୟ ଥିଲା। ଏଥିମଧ୍ୟରୁ ପୁରୀ, ବାଲେଶ୍ୱର, କୋଣାର୍କ, ତାମ୍ରଲିପ୍ତ ବା ତମଲୁକ ଓ କଳିଙ୍ଗ ନଗର ସମୁଦ୍ରକୂଳରେ ଅବସ୍ଥିତ। ବର୍ତ୍ତମାନ ଅବସ୍ଥା ପର୍ଯ୍ୟାଲୋଚନା କଲେ ଜଣାଯାଏ ବାଲିଚଡ଼ା ଦ୍ୱାରା ଅନେକ ନଗର ପାଖରୁ ସମୁଦ୍ର ଦୂରକୁ ଅପସାରିତ ହୋଇଛି। ଚିଲିକାରେ ପୂର୍ବେ ବାଣିଜ୍ୟ ହେଉଥିବାର ସୂଚିଚିହ୍ନ ଅଦ୍ୟାବଧି ରହିଛି। ଆମ୍ଭେ ଭୁବନେଶ୍ୱରର ଏକ ବ୍ରାହ୍ମଣ ପଣ୍ଡିତଙ୍କ ଘରେ ଖଣ୍ଡିଏ ପ୍ରାଚୀନ ତାଳପତ୍ର ପୁସ୍ତକ ଦେଖିଥିଲୁଁ। ଏ ଗ୍ରନ୍ଥର ନାମ ବ୍ରହ୍ମାଣ୍ଡ ପୁରାଣ। ଏଥିରେ ଉତ୍କଳ ସମ୍ବନ୍ଧୀୟ ଅନେକ ପୁରାତତ୍ତ୍ୱ ଉଲ୍ଲେଖ ଅଛି। ତହିଁରୁ କେତେକ ଶ୍ଳୋକ ଆମ୍ଭେ ଲେଖିଆଣିଥିଲୁ, ନିମ୍ନରେ ଲେଖାଗଲା—

ଚିଲ୍‌କାହ୍ରଦେ ସହସ୍ରଂ ତୁ ଜଳଗାମୀ ସୁବୋଇତାଃ
ବହୁତଙ୍କାନ୍ୱିତାଃ ଶୀଘ୍ରାଃ ଯନ୍ତ୍ରଗାଃ ସ୍ଥୂଳକାଶ୍ରିତାଃ।
ବାଣିଜ୍ୟକରଣେ ଶକ୍ତାଃ ନିପଞ୍ଚଶୀଖରାକୃତାଃ
ଦ୍ୱୀପାନ୍ତର ଗତାଯ୍ୟାତାଃ ଜାଭା ମଲୟ ସିଂହଳେ।

ଗଙ୍ଗାସାଗର ପେଚନା ତଦାଗତ ଯଦେଚ୍ଛୟା
ଦେଶଦେଶାନ୍ତ ଦ୍ରବ୍ୟାଣି ଗମନାଗମନେପି ବା ।
ଜଲନିମ୍ନେ ତୁ ବା କେଚତ୍ ମଜ୍ଜନେ ଗୁପ୍ତ କୌଶଲେ
ଲୁକ୍କାୟିତୋ ଭୂତ ରୂପଂ ମହାଶ୍ଚର୍ଯ୍ୟପରଂ ଗତଃ ।
କୂର୍ମ୍ମଯନ୍ତ୍ରଂ ଲ୍ବଯନ୍ତ୍ରଂ ମତ୍ସ୍ୟରୂପଂ ତୁ ପକ୍ଷିକଂ
ତାମ୍ରାଚ୍ଛାଦିତ ବୈଦ୍ରୁତାଃ ସହସ୍ର ଜନଧାରକାଃ ।
ହସ୍ତକାଷ୍ଠମଙ୍ଗଂ ଦେହଂ ତାମ୍ରପଟ୍ଟେ ସୁରକ୍ଷିତଂ
ଲୌହଚକ୍ରଗତଂ ନିମ୍ନେ ଚକ୍ରବ୍ୟୂହ ସମନ୍ୱିତଂ
ବାୟୁନାଳ-ପରିଶିଷ୍ଟଂ ସଂକୋଚ ବିସ୍ତାରକରଂ
ବସ୍ତ୍ରୈର୍ମଜ୍ଜନଂ ଜ୍ଞେୟଂ ସଂକୋଚେ ଭାସମାନକଂ ।
ବିପନେ ଜଲନେ ଚୈବ ଚକ୍ରବ୍ୟୂହାଦି ଚାଲନେ
କୃଷ୍ଟନେ ଫୋଟନେ ବାପି ଖେଳନେ ପ୍ରେରଣଂ ଚରେତ୍ ।
ବୈପଶ୍ଚିତ୍ୟେ ସ୍ଥିତାଜ୍ଞେୟୋ ଜଲଯାନ ବିଶାରଦ
ଦ୍ୱାରସନ୍ଧୀପନୈ ମାନ୍ତ୍ରେ ଜଲଗର୍ତ୍ତେ ଅଦୃଶ୍ୟୈ ତତ୍ ।
କୁମ୍ଭୀରକୃତି କେଚତ୍ କେଚଦ୍ ବା କୂର୍ମ୍ମସଙ୍ଗତଃ
ସୁକୂର୍ମ୍ମ ତାମ୍ର ପଟ୍ଟେ ତୁ ସର୍ବସାଚ୍ଛାଦନାକୃତି ।
ଆଲୋକବାୟୁସଂଯୁକ୍ତୈ ନରଗର୍ଭ ସମୁଭବୈଃ
ଯନ୍ତ୍ରଗର୍ଭ ସଦୃଶ୍ୟଞ୍ଚ ଗୋପନୀୟଂ ପ୍ରଯତ୍ନତଃ ।
ଶସ୍ତ୍ରାସ୍ତ୍ରୈ ଭୂଷଣଂ କୃତ୍ୱା ସାବଧାନେନ ଚାଲୟେତ
ନ ବୃହତ୍ ନାତିକ୍ଷୁଦ୍ରଞ୍ଚ ନ ଜୀର୍ଣ୍ଣଂ ଶଠକାଧମା ।
ଅଚ୍ଛିଦ୍ର ସ୍ୱଲ୍ପପ୍ରାଣେ ତୁ ନ ମୂର୍ଖଗତିକେ ଯୁତା
ଏବଂ ବହୁବିଧଂ ଜ୍ଞାତ୍ୱା ଜଲଗତିଙ୍କ ତତ୍ପର ।
କାରୁଣ୍ୟ ମନ୍ତ୍ର ସଂସିଦ୍ଧା ନାତିବୃଦ୍ଧ ନ ବାଲକାଃ
କୃତ୍ୱା ତଦେବ ସଂଯୁକ୍ତା ଷ୍ଟାବିଷ୍କୃତ ସୁବୁଦ୍ଧିମାନ୍ ।
କ୍ଷଣେଦୃଶ୍ୟମଦୃଶ୍ୟଂ ବା କମାଶ୍ଚର୍ଯ୍ୟ ମହୀତଲେ ।
ଏତଦ୍ ଯନ୍ତ୍ର ଯସ୍ମିନ୍ ଦେଶେ ନିର୍ବିଘ୍ନେନ ସମାହୃତଃ
ତେ ନିର୍ଜ୍ଜରଗଣଂ ସତ୍ୟଂ ମାନ୍ୟା ମନୁଷ୍ୟବିଗ୍ରହା ।

ଏ ଶ୍ଳୋକମାନଙ୍କରେ ଅନେକ ଶବ୍ଦ ତାଳପତ୍ର ପୋଥିରେ ଭୁଲ ଥିବାର ଦେଖାଯାଏ । ମାତ୍ର ସଂସ୍କୃତ ଲେଖାଦୋଷରେ ଭୁଲ ଥିଲେ ମଧ୍ୟ ତାହା ବ୍ୟାକରଣର ଦୋଷ, ଅର୍ଥ ସ୍ପଷ୍ଟ ଜଣା ଯାଉଛି । ଏଥିରେ ବୋଇତର ଆକାର ପ୍ରକାର, ଗମନ କୁଶଳତା ପ୍ରଭୃତି ସ୍ପଷ୍ଟଭାବେ ଲେଖା ଯାଇଛି । ଜାଭା ଓ ବାଲୀଦ୍ୱୀପରେ ବର୍ତ୍ତମାନ ସୁଦ୍ଧା ଉତ୍କଳୀୟମାନେ ଅଛନ୍ତି । ସେଠାରେ ଉପନିବେଶ କରି କାଳକ୍ରମେ ରହିଯାଇଛନ୍ତି । ସେଠାରେ କଳିଙ୍ଗ ଉପାଧିରେ ପରିଚିତ ।

ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀରେ ପେରିପ୍ଲସ ନାମକ ଗ୍ରନ୍ଥ ଲିଖିତ ହୋଇଥିଲା । ସେ ପୁସ୍ତକରେ ଲେଖାଅଛି ଯେ ତେତେବେଳେ ଓଡ଼ିଶାରେ ପ୍ରଚୁର ପରିମାଣରେ ହାତୀଦାନ୍ତ ଓ ସୂକ୍ଷ୍ମବସ୍ତ୍ର ମିଳୁଥିଲା ଏବଂ ତମଲୁକଠାରୁ ଦେଶବିଦେଶକୁ ରପ୍ତାନି ହେଉଥିଲା । ଉତ୍କଳ ଅରଣ୍ୟରେ ପୂର୍ବେ ବହୁତ ହାତୀ ଥିଲେ, ବର୍ତ୍ତମାନ ମଧ୍ୟ କେତେକ ଗଡ଼ଜାତରେ ହାତୀ ଧରା ହୁଅନ୍ତି । ରଣପୁର, ଢିଙ୍ଗିରିଆ ପ୍ରଭୃତିରେ ବର୍ତ୍ତମାନ ସୁଦ୍ଧା ସୂକ୍ଷ୍ମ ବସ୍ତ୍ର, ପାଟଲୁଗା ପ୍ରସ୍ତୁତ ହେଉଛି । ସେ ଶିଳ୍ପ ଭୁଲି ନାହାନ୍ତି; ମାତ୍ର ଅର୍ଥାଭାବ ଓ ବିଦେଶୀ ଲୁଗାର ବହୁଳ ପ୍ରଚାରଦ୍ୱାରା ତାହା କ୍ରମେ ଧ୍ୱଂସମୁଖରେ ପ୍ରବେଶ କରୁଛି । ଉତ୍କଳରେ ଏଡ଼େ ସୂକ୍ଷ୍ମ ବସ୍ତ୍ର ବୁଣାଯାଉଥିଲା ଯେ ବାଉଁଶନଳୀରେ ରହୁଥିଲା । ଏଥିର ପ୍ରମାଣ ବୈଦେହୀଶ ବିଳାସରୁ ଦେଖାଯାଏ ।

ବେଢ଼ରେ ପାଦରେ ଲେଖିଲେ ଲକ୍ଷା । ବାରିହେଲା ବେନି ରଙ୍ଗ କି ଦକ୍ଷା ।
ବିକଶିତ କୋକନଦ ମଧ୍ୟର । ବେଢ଼ି ଭ୍ରମେ କି ସରସ୍ୱତୀ କୀର ସେ ।
ବଂଶନଳୀରେ ଥିବାର ଯେ ।
ବାଛି ପିନ୍ଧି ଦୂର୍ବାଦଳ-ନୀଳ ଚେଲ କେଳି ଇଚ୍ଛି ଶ୍ରୀରାମର ଯେ ।

(ବୈ. ବି. ୧୦ମ ଛାନ୍ଦ ୨୬ ପଦ)

ବଂଶନଳୀରେ ରଖି ଲେଖି ବସନ ଦେଲେ ସୀତାପାଇଁ ଆଣି
ବନ୍ଧିଲେ ସେ ପାତ୍ର ଲକ୍ଷ୍ମଣ ଇକ୍ଷ୍ୱାକୁ କୁଳର ଯେ ଚୂଡ଼ାମଣି ।
ବାହାରିଲେ ସେ ତନ,
ବଧୂ ବୋଧନ୍ତି ରାମଜନନୀ ।

(ବୈ. ବି. ୧୬ଶ ଛାନ୍ଦ ୨୮ ପଦ)

ଭକ୍ତକବି ଦୀନକୃଷ୍ଣଙ୍କ କୃତ ପ୍ରସ୍ତାବସିନ୍ଧୁରେ ନିମ୍ନଲିଖିତରୂପେ ନୌକାଗଠନ ପ୍ରଣାଳୀର ଉଲ୍ଲେଖ ଅଛି—

ସେ ଲୁହା କାଟଇ କରତ ପଟା । ନାବ ଖଞ୍ଜିବାକୁ ଗଢାଇ କଣ୍ଟା ।
ଦୁଇ ମୁଣ୍ଡ ପଟା ଭିତରେ ପଶେ । ଯେସନେ ନାଗଚ ଦେହରେ ବସେ ।
ଏତେ ଶଶ୍ରୂଷଣ କଲେ ଦୁର୍ଜନ । କାଷ୍ଠ ମନେ ତାକୁ ନଥାଇ ଆନ ।
ସେ ନାବ ଜଳରେ ମେଲିଲେ ନେଇ । ଲୁହା ଶଙ୍ଖେ ବଣା ଭିତରେ ଥାଇ ।
ନାନା ଶସ୍ତ୍ରମାନ ଭିତରେ ଥୋଇ । ଅକୂଳ ସମୁଦ୍ରେ ମେଲିବା ନେଇ ।
ସେ ନାବ ସ୍ୱଭାବେ ମନ୍ଥରୀ ମାନ । ଲୁହାପ୍ରଭ କେବେ ନୁହେ ବମାନ ।
ଏତକ ପାଞ୍ଚ ନକରଇ ଚଢେ । ଏ ଯେ ଶଶ୍ରୂଷଣ କରିଛୁ ମୋତେ ।
ଖଣନ୍ତି ରୂପେ ମୂଳ ଖୋଲି ଆଣି ଖଣ୍ଡ ଖଣ୍ଡ କରି କାଟିଲି ପୁଣି ।
ଦେହକୁ କଣା କରି ଭିତରେ ପଶି । ଏବେ ଯାଉଅଛୁ ଉପରେ ବସି ।
ଏତେ ଶଶ୍ରୂଷଣ କରିଛ ଯେବେ । ଏହାକୁ କମାଇଁ ବହିବ ଏବେ ।
ମଝି ସମୁଦ୍ରରେ ଦେବଇଁ ବୁଡ଼ି । ସପତ ସମୁଦ୍ରେ ମରୁ ଏ ବୁଡି ।

ଉତ୍କଳୀୟମାନେ ସମୁଦ୍ରରେ ଯାଇ ବାଣିଜ୍ୟ କରୁ ନଥିଲେ ବା ବୋଇତ ବ୍ୟବହାରରେ ଅନଭିଜ୍ଞ ଥିଲେ—ଏ ସମସ୍ତ ପ୍ରମାଣ ଆମ୍ଭେମାନେ ପାଇବାର ସମ୍ଭାବନା ନଥିଲା । ଉତ୍କଳରେ ବୋଇତ ସମ୍ବନ୍ଧରେ ଅନେକ କାହାଣୀ ଅଛି । ଖୁଦୁରୁକୁଣୀ ଓଷା କଥା ସମସ୍ତଙ୍କୁ ଜଣାଅଛି । ଉତ୍କଳର ପ୍ରତ୍ୟେକ ଘରେ କୁମାରୀମାନେ ଖୁଦୁରୁକୁଣୀ ଓଷା ପାଳନ କରନ୍ତି । ପ୍ରତ୍ୟେକ କଥାର ହେତୁବାଦ ଗୋଟିଏ ଲେଖାଏଁ କଥାରେ ବର୍ଣ୍ଣିତ ଅଛି । ଏ ଓଷାକଥାରେ ବୋଇତ କଥା ଅଛି । ଭାଇମାନେ ବୋଇତରେ ବିଦେଶ ଯାଇଥିଲେ, ଭାଉଜମାନେ ନଣନ୍ଦକୁ ବହୁତ କଷ୍ଟ ଦେଇ ଛେଳି ଜଗିବା କାର୍ଯ୍ୟରେ ନିଯୁକ୍ତ କରିଥିଲେ, ଖୁଦଜାଉ ଟିକିଏ ଖାଇବାକୁ ଦେଉଥିଲେ । ନଣନ୍ଦ ନାମ ତପୋଇ । ଭାଇମାନେ ବୋଇତରେ ଆସି ଭଉଣୀର ଏ ଅବସ୍ଥା ଦେଖିଲେ । ଏମାନେ ବୋଇତ ବନ୍ଦାଇ ଗଲାବେଳେ ତାଙ୍କ ନାକ କଟାହେଲା । ଭାଇମାନଙ୍କ ଅନୁପସ୍ଥିତିରେ ସେମାନଙ୍କ ମଙ୍ଗଳ ଲାଗି ତପୋଇ ମଙ୍ଗଳାଙ୍କୁ ପୂଜା କରୁଥିଲା । ଏହି ହେତୁରୁ ଖୁଦୁରୁକୁଣୀ ଓଷା । ଏପରି ଅନେକ କଥା ଅଛି । କୁହୁକମଣ୍ଡଳ ଚଢେଇ କଥା, ଗୁରୁ ମହାଜନପୁଅ କଥା, ବୋଇତ ବନ୍ଦାପନା କଥା । ଅନେକ କଥାରେ ବୋଇତ ନାମ ଅଛି । ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀରେ ବୋଇତ କଥା ଥିବାର ପୂର୍ବେ ଲେଖିଛୁଁ । ଆଦ୍ୟରସମଧ୍ୟ ୧୭ଶ ଛାନ୍ଦରେ ଅଛି—

ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ
ସାଧବ ଯୁବକମାନେ ଅତି ପ୍ରମୋଦରେ
ଗଲେ ବହିତ୍ର ବନ୍ଦାଇ
ଅର୍ଘ୍ୟସ୍ଥାଳୀମାନ କରେ ହୁଳହୁଳି ଦେଇ ।

ସାଧବପୁଅ କଥା ଉତ୍କଳରେ ବହୁଳଭାବେ ପ୍ରଚଳିତ । ଅନେକ କଥାରେ ସାଧବ କଥା ଉଲ୍ଲେଖ ଅଛି । ଯେଉଁମାନେ ବାଣିଜ୍ୟଲାଗି ବିଦେଶକୁ ଯାଇ ଧନାର୍ଜନ କରୁଥିଲେ ସେମାନଙ୍କୁ ସାଧବ କହୁଥିଲେ । ଅନେକ ପାଲାରେ ମଧ୍ୟ ବୋଇତଯାତ୍ରା କଥା ଉଲ୍ଲେଖ ଅଛି ।

ଏ ବୋଇତ ବ୍ୟବସାୟ ଉତ୍କଳରେ କେବେ ଚାଲୁଥିଲା ? ଭାରତର ଯେପରି ତିନି ଦିଗରେ ସମୁଦ୍ର, ଉତ୍କଳ ମଧ୍ୟ ସେହିପରି ସମୁଦ୍ର କୂଳରେ ଅବସ୍ଥିତ । ଭାରତରେ ପୋତ ନିର୍ମାଣ ହେଉଥିଲା । ଭାରତବାସୀ ବାଣିଜ୍ୟ ଲାଗି ଦେଶବିଦେଶକୁ ଯାଉଥିଲେ । ଏ ବିଷୟରେ ପ୍ରଚୁର ପ୍ରମାଣ ମିଳେ । ଉତ୍କଳ ଭାରତର ଉନ୍ନତି ସଙ୍ଗେ ଆପଣା ଉନ୍ନତି କରିବାରେ ତ୍ରୁଟି କରିନାହିଁ । ସମୁଦ୍ରକୂଳବାସୀମାନେ ସମୁଦ୍ରରେ ଯାତାୟତ କରିବା ପାଇଁ ପୋତ ପ୍ରଭୃତି ନିର୍ମାଣ କରିବା ସ୍ୱାଭାବିକ । ଯେଉଁମାନେ ନଦୀକୂଳେ ବାସକରନ୍ତି ସେମାନେ ଅଧିକାଂଶ ନଈ ପହଁରି ଜାଣନ୍ତି ଏବଂ ନଦୀ ପାର ହେବାଲାଗି ନୌକା ପ୍ରସ୍ତୁତ କରିଥାନ୍ତି । ସୁତରାଂ ଯେଉଁ କାଳରୁ ଉତ୍କଳରେ ଆର୍ଯ୍ୟନିବାସ ଆରମ୍ଭ ହୋଇଛି ସେକାଳରୁ ବୋଇତନିର୍ମାଣ କଥା ସେମାନଙ୍କ ମନକୁ ଆସିବା ସ୍ୱାଭାବିକ । ଜଳଯାତ୍ରା କରିବାର ସମୟ ମଧ୍ୟ ସେମାନଙ୍କୁ ଜଣାଥିଲା । ଚୈତ୍ର ଶୀତ ଗିବା ଯାଏ ବୋଇତ କଥାଟା ଲୋକମୁଖରେ ଶୁଣାଯାଏ । ଚାଣକ୍ୟ ଜଳଯାତ୍ରା ସମୟ ନିର୍ଦ୍ଦିଷ୍ଟ କରିଥିଲେ । ଚାଣକ୍ୟ ବା କୋଟିଲ୍ୟ 'ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ ଥିଲେ । ସେ ସକଳ ପ୍ରକାର ନୀତି ନିୟମ ବିଷୟରେ 'ଅର୍ଥଶାସ୍ତ୍ର' ଲେଖି ଯାଇଛନ୍ତି । ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ଚନ୍ଦ୍ରଗୁପ୍ତ ସିଂହାସନାରୋହଣ କରିଥିଲେ । ତେତେବେଳେ ନୌବିଭାଗରେ ଜଣେ ସ୍ୱତନ୍ତ୍ର କର୍ମଚାରୀ ଥିଲେ । ତାଙ୍କ ନାମ ନାବାଧ୍ୟକ୍ଷ । ସେ ଲେଖିଛନ୍ତି—

ସପ୍ତାହ ବୃତ୍ତମାଷାଢୀଂ କାର୍ତ୍ତିକୀଂ ଚାନ୍ତରା ତରଃ
କାର୍ମିକ ପ୍ରତ୍ୟୟଂ ଦଦ୍ୟାତ୍ ନିତ୍ୟଂ ଚାହ୍ନିକ ମାବହେତ୍ ।

ଆଷାଢ଼ ସପ୍ତମୀଠାରୁ କାର୍ତ୍ତିକ ପର୍ଯ୍ୟନ୍ତ ଜଳଯାତ୍ରା କରିବା ସୁବିଧାଜନକ । ବୁଦ୍ଧଦେବଙ୍କ ଜୀବନୀରେ ମଧ୍ୟ ଉତ୍କଳ ବା କଳିଙ୍ଗ ବନ୍ଦର ଥିବାର ଆଭାସ ମିଳେ ।

ବୁଦ୍ଧଦେବଙ୍କ ପାଇଁ ବ୍ରହ୍ମଦେଶରୁ ଯେଉଁ ଦୁଇଭାଇ ଉପହାର ନେଇ ଆସିଥିଲେ ସେମାନେ କଳିଙ୍ଗ ବା ଉତ୍କଳର ଅଜ୍ଞାତ ବନ୍ଦରରେ ଓହ୍ଲାଇଥିଲେ । ଚୀନ ସହିତ ଉତ୍କଳ ରାଜାଙ୍କର ସଦ୍ଭାବ ଥିଲା । ଉପଢୌକନ ଦିଆନିଆର ବାଧା ଥିଲା । ଦନ୍ତବଂଶ, ଲଳିତବିସ୍ତର ଓ ସିଉଜଙ୍ଗ ପ୍ରଭୃତି ଗ୍ରନ୍ଥରୁ ଏଥିର ପ୍ରମାଣ ମିଳେ । କେଶରୀବଂଶୀୟ ରାଜାଙ୍କ ଅମଳରେ ଏପରି ଉପଢୌକନ ଦିଆ ହେଉଥିଲା । ଏ ଘଟନା ୫ମ ଶତାବ୍ଦୀର କଥା । ସେତେବେଳେ ଚୀନ ଉତ୍କଳ ମଧ୍ୟରେ ଜଳଯାନ ଯିବା ଆସିବା ହେଉଥିବାର ସ୍ପଷ୍ଟ ପ୍ରତୀୟମାନ ହୁଏ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ପୂର୍ବରୁ ଉତ୍କଳୀୟମାନେ ଜଳଯାତ୍ରା ସମ୍ବନ୍ଧେ ଅଭିଜ୍ଞ ଥିବାର ପ୍ରମାଣ ମିଳୁଛି । ପ୍ରଥମ ଶତାବ୍ଦୀରେ ଯେତେବେଳେ ଉତ୍କଳର ବନ୍ଦରମାନ ସମୃଦ୍ଧିଶାଳୀ ଥିଲା, ତାହାର ବହୁ ଶତାବ୍ଦୀ ପୂର୍ବରୁ ଉତ୍କଳୀୟମାନେ ଜଳଯାତ୍ରାରେ ସୁଦକ୍ଷ ଥିବାର ଅନୁମାନ କଲେ ଅନୁଚିତ ହେବ ନାହିଁ ।

ଲୁଣ ପୋକ୍ତାନ ଓଡ଼ିଶାରେ ଗୋଟିଏ ପ୍ରଧାନ ଲାଭଜନକ ବ୍ୟବସାୟ ଥିଲା ଏବଂ ଏଥିଦ୍ୱାରା ଓଡ଼ିଶାକୁ ବହୁତ ଧନାଗମ ହେଉଥିଲା ।

ଡିସେମ୍ବର ମାସରେ ଲୁଣ ମାରିବା ଲାଗି ଉପଯୁକ୍ତ ସ୍ଥାନ ସ୍ଥିରୀକୃତ ହେଉଥିଲା । ସମୁଦ୍ରଠାରୁ ଏହି ସ୍ଥାନମାନଙ୍କ ½ କିମ୍ବା ¼ ମାଇଲ ଦୂରରେ ଚୁଲିଆମାନେ ନିଯୁକ୍ତ ହେଉଥିଲେ । ଏମାନଙ୍କ ମଜୁରି ଜଣକୁ ଦିନକୁ ଦିଆଯାଉ ନ ଥିଲା ମାତ୍ର ଏକ ହନ୍ଦରର ଓଜନ ଲାଗି ଏକ ଶିଲିଂ ଥିଲା । ଚୁଲିଆମାନେ ମଲଙ୍ଗୀ ନିଯୁକ୍ତ କରୁଥିଲେ । ଏମାନେ କୁଲି । ଏମାନଙ୍କ ମଜୁରି ଦିନକୁ ୩ କିମ୍ବା ୪½ ପେନ୍ସ । କିଆରି କଲପରି କରାଯାଇ ଜମି ଚିହ୍ନିତ ହେଉଥିଲା । ଘାସ ପ୍ରଭୃତି ଯତ୍ନପୂର୍ବକ ଉପଡାଯାଇ ପକାଇ ଦିଆ ହେଉଥିଲା । ପରେ ସମୁଦ୍ରଠାରୁ ଗହୀରା ଖାତ ଖୋଳା ହେଉଥିଲା । ଏହାଦ୍ୱାରା ମାସକେ ଦୁଇଥର ଜୁଆର ଜଳ ଆସି ଲୁଣଜମି ମାଡ଼ୁଥିଲା ଏବଂ ଅନେକ ଖାତ (ବ୍ୟାସ ୪ ଫୁଟ ଓ ଗହୀରା ୨ କି ୩ ଫୁଟ) ରେ ସମୁଦ୍ରଜଳ ପୂର୍ଣ୍ଣ ହୋଇ ରହୁଥିଲା । ପରେ ୨ ଫୁଟ ଉଚ୍ଚ ଓ ୩ ଠାରୁ ଚାରି ଫୁଟ ବ୍ୟାସ ମାଟିଗଦା କରାଯାଏ ଏବଂ ସେହି ଗଦା ଭିତରୁ ମାଟି ବାହାର କରି ନିଆଯାଇ ଗୋଟିଏ ଖୋଳ ଆକୃତି କରାଯାଏ । ଭିତର ମାଟି ଲିପାହୁଏ । ତଳେ ଗୋଟିଏ ଛିଦ୍ର ଥାଏ ଏବଂ ସେହି ଛିଦ୍ରକୁ ୬ ଇଞ୍ଚ ଘାସଦ୍ୱାରା ଆବୃତ କରାଯାଏ । ଲୁଣ ମାରିବା ଲୋକେ ଏହି ଗର୍ତ୍ତକୁ ନିକଟବର୍ତ୍ତୀ ଜମିରୁ ଲୁଣ-ମାଟି ଗୁଣ୍ଡିଆଣି ପୂର୍ଣ୍ଣ କରନ୍ତି ଏବଂ ତା ଉପରେ ସମୁଦ୍ର ଜଳ ଢାଳନ୍ତି । ୬ ଘଣ୍ଟା ପରେ ଜଳ ଗୋଟିଏ ଗର୍ତ୍ତମଧ୍ୟକୁ ଗଳିଯାଏ ଏବଂ କ୍ରମେ ଏହି ଜଳ ମାଠିଆ ବା ହାଣ୍ଡି ମଧ୍ୟକୁ ଯାଏ । ୧୬୦ ଠାରୁ ୨୦୦ ପର୍ଯ୍ୟନ୍ତ କ୍ଷୁଦ୍ର କ୍ଷୁଦ୍ର ପାତ୍ର ଏକାଠି

ମାଟିଦ୍ୱାରା ଲେପା ହୋଇ ଏକତ୍ର କରାଯାଇଥାଏ ଏବଂ ନିକଟବର୍ତ୍ତୀ ସ୍ଥାନରୁ ଘାସ ଆଣି ଜାଳ କରାଯାଏ । ୬ ଘଣ୍ଟା ନିଆଁରେ ବସିଲେ କାର୍ଯ୍ୟ ଶେଷହୁଏ ଏବଂ ଲୁଣ ହୁଏ । ଏ ପ୍ରଣାଳୀଦ୍ୱାରା ଏକ ହନ୍ଦର ଓ୍ୱେଟ ଲୁଣ କରିବା ଲାଗି ୨ ଶିଲିଂ ୩ ପନ୍ସ ଖର୍ଚ୍ଚ ଏବଂ ସରକାରୀ କର ୪ ଶିଲିଂ ।

ପୁରୀ ଜିଲାରେ ଲୁଣ ସୂର୍ଯ୍ୟତାପ ଦ୍ୱାରା ପ୍ରସ୍ତୁତ କରାଯାଉଥିଲା । ଚିଲିକା ନିକଟରେ ଲୁଣ ପୋକ୍ତାନ ହେଉଥିଲା ।

କଟକ ଜିଲାର ହରିହରପୁର ଗୋଟିଏ ପ୍ରଧାନ ବାଣିଜ୍ୟ ସ୍ଥଳ ଥିଲା ଏବଂ ଏଠାରେ ଅନେକ ଧନୀ ବଣିକ ଥିଲେ । ଏଠାରେ ସବୁ ପ୍ରକାରର ଲୁଗା ବୁଣା ହେଉଥିଲା ଏବଂ ବଡ ବଡ଼ ଲୁଗା ଗୋଦାମମାନ ଥିଲା । ଏଠାରେ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ପ୍ରଚୁର ପରିମାଣରେ ମିଳୁଥିଲା । ଏଠାରୁ ବିଦେଶକୁ ଲୁଗା ରପ୍ତାନି ହେଉଥିଲା । ଏଠାରେ ଇଂରେଜମାନେ ପ୍ରଥମେ ଓଡ଼ିଶା ଆଗମନ ପରେ କୋଠି ସ୍ଥାପନ କରିବାକୁ ଯାଇଥିବା ବେଳେ ୩୦୦୦ ଘର ତନ୍ତୀ ଥିବାର ଦେଖିଥିଲେ । ଏ ବ୍ୟତୀତ ଆହୁରି ଅନେକ ତନ୍ତୀ ଏଠାରେ ମଜୁରିଦାର ସ୍ୱରୂପ କାର୍ଯ୍ୟ କରୁଥିବାର ଦେଖିଥିଲେ । ଇଂରେଜମାନେ ଏଠାରେ ରହି ବାଣିଜ୍ୟ ଆରମ୍ଭ କଲେ । ହରିହର ପୁର ଗୋଟିଏ ବନ୍ଦର ଥିଲା । ଏଠାରେ ଜାହାଜ ଆସି ଲାଗୁଥିଲା ।

ପୁରୀ ଜିଲାର ହରିଶପୁର ମଧ୍ୟ ଗୋଟିଏ ପ୍ରାଚୀନ ବନ୍ଦର ଥିଲା । ୧୬୩୩ ମସିହା ଜୁଲାଇ ମାସ ତା ୨୨ ରଖରେ ଇଂରେଜ ବଣିକମାନଙ୍କ 'ସ୍ୱାନ' ନାମକ ଜାହାଜ ଏଠାରେ ପ୍ରବେଶ ହୋଇଥିଲା । ଇଂରେଜ ବଣିକ, ପୋର୍ତ୍ତୁଗିଜ ବଣିକ ପ୍ରଭୃତି ଏହି ସ୍ଥାନମାନଙ୍କରୁ ଲୁଗା ପ୍ରଭୃତି ନେଇ ଦେଶ ବିଦେଶରେ ବିକ୍ରି କରୁଥିଲେ ।

ପୁରୀ ଜିଲାର କୁଶଭଦ୍ରା ନଦୀକୂଳରେ ବିଷ୍ଣୁପୁର ଅର୍ଣ୍ଣିଆପାହି ଗ୍ରାମ ଅବସ୍ଥିତ । ଏଠାରେ 'ବୋଇତଭଙ୍ଗା ତୁଠ' ବୋଲି ନଦୀତୁଠ ବିଖ୍ୟାତ । କିମ୍ବଦନ୍ତୀ ଅଛି ଯେ, ପ୍ରାଚୀନ କାଳରେ ଏ ନଦୀରେ ବୋଇତ ଯାତାୟାତ କରୁଥିଲା ଏବଂ ଏଠାରେ ବୋଇତ ଭାଙ୍ଗି ଯାଇଥିଲା । ସେହି କାଳରୁ ଏ ତୁଠର ଏପରି ନାମ ହୋଇଛି ।

ଏ ସମସ୍ତ କଥା ବର୍ତ୍ତମାନ ଆମ୍ଭମାନଙ୍କ ପ୍ରତି ଆକାଶକୁସୁମ ତୁଲ୍ୟ ହୋଇଛି । ବାଣିଜ୍ୟ ବ୍ୟବସାୟ ଏକାବେଳକେ ଲୋପ ହୋଇଅଛି । କାଳକ୍ରମେ ଉତ୍କଳୀୟମାନେ ଲିଭରପୁଲରୁ ଆମଦାନୀ ହେଉଥିବା ଲୁଣ କିଣି କାର୍ଯ୍ୟ

ଚଲାଉଛନ୍ତି । ଯେଉଁ ଉତ୍କଳରେ ଚିଲିକାହ୍ରଦ ବିରାଜିତ, ଯେଉଁ ଉତ୍କଳ ଜନନୀର ଶ୍ରୀଚରଣ ବଙ୍ଗୋପସାଗର ଧୌତକରି ଆପଣାକୁ ପବିତ୍ର ମଣୁଛି, ସେହି ଉତ୍କଳୀୟମାନେ ଆଜି ଲୁଣ ଲାଗି ସୁଦୂର ପ୍ରଦେଶମାନଙ୍କୁ ଚାହିଁ ରହିଛନ୍ତି । ଯେଉଁ ଉତ୍କଳ ଜନନୀ ଚିଲିକା ସଦୃଶ ଲବଣାକରର ପ୍ରାକୃତିକ ଅଧିକାରିଣୀ, ତାର ସନ୍ତାନମାନେ ହା ଲବଣ ! ବୋଲି ଚିତ୍କାର କରୁଛନ୍ତି ।

ଲୁଗା ବ୍ୟବସାୟର ଅବସ୍ଥା ତଦ୍ରୂପ । ତନ୍ତୀମାନେ ତନ୍ତ ଗୁଡ଼ି ମୂଲିଆଗିରି କଲେଣି । ବିଧିବିଧାନ କିଏ ଅନ୍ୟଥା କରିବ ! ପାଠକ ! ପଛକୁ ଅନାଅ, ଅତୀତ କଥା ସ୍ମରଣ କର ! କି ଥିଲା, କି ହେଲା, କି ହେବ, ଥରେ ଚିନ୍ତାକର । ପୂର୍ବପୁରୁଷମାନଙ୍କ କୀର୍ତ୍ତି, ବଳ, ବୀର୍ଯ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କର । ସେହି ରକ୍ତର କ୍ଷୀଣ ଧାରା ଆଜି ଆମ୍ଭମାନଙ୍କର ଶିରାପ୍ରଶିରାରେ ପ୍ରବାହିତ ହେଉଛି । ସେ ରକ୍ତଧାରା ଏପର୍ଯ୍ୟନ୍ତ ଏକାବେଳକେ ଲୋପ ହୋଇନାହିଁ । ବର୍ତ୍ତମାନ ସମୟ ଅଛି, ଆଳସ୍ୟ ପରିତ୍ୟାଗ କରି କର୍ମକ୍ଷେତ୍ରରେ ପ୍ରବେଶ ହେଲେ ନିଶ୍ଚୟ ଆମ୍ଭେମାନେ ପୂର୍ବ ଗୌରବ ଫେରି ପାଇବା ।

# ଖୋଦିତ ଲିପି

ପ୍ରାଚୀନ ଉତ୍କଳର ଇତିବୃତ୍ତର କେତେକ ସାମଗ୍ରୀ ଖୋଦିତ ଲିପିରେ ବିଦ୍ୟମାନ ଅଛି । ଖୋଦିତ ଲିପିଗୁଡ଼ିକ ନାନା ସ୍ଥାନରେ ନାନାଭାବରେ ପଡ଼ି-ରହିଛି । କେତେକ ତାମ୍ରପଟ୍ଟ ମାଟିଭିତରେ ସ୍ଥାନ ପାଇଛି । କେତେବେଳେ ସୁଯୋଗ ପଡ଼ିଲେ ଖଣ୍ଡେ ଅଧେ ମିଳୁଛି । ଉତ୍କଳର ସମସ୍ତ ଲିପି ଏପର୍ଯ୍ୟନ୍ତ ପଦାକୁ ବାହାରି ନାହିଁ । ଏ ସମସ୍ତ ଲିପି ପ୍ରକାଶିତ ହେଲେ ପ୍ରାଚୀନ ଉତ୍କଳର ଅନେକ ଗୂଢ଼ ତତ୍ତ୍ୱ ଜଣାପଡ଼ିବ । ଏପର୍ଯ୍ୟନ୍ତ ଯେତେ ଲିପି ପ୍ରକାଶିତ ହୋଇଛି ତାହା ଇଂରାଜୀ ଭାଷାର ମାସିକ ପ୍ରଭୃତି ପତ୍ରିକାରେ ସନ୍ନିବେଶିତ ଅଛି । ସେଗୁଡ଼ିକ ଏକତ୍ରରେ ଏକ ସ୍ଥାନରେ ମିଳିବ ନାହିଁ ଏବଂ ସେସବୁ ଆଲୋଚନା କରିବା ଦୂରେ ଥାଉ, ଦେଖିବାର ସୁବିଧା ମିଳୁନାହିଁ । ଏହି ଉଦ୍ଦେଶ୍ୟରେ ସେଗୁଡ଼ିକ ଯଥାଶକ୍ତି ଏକତ୍ର କରିବା ପାଇଁ ଏଠାରେ ଉଦ୍ଧାର କରାଗଲା । ଲିପିମଧ୍ୟରୁ କେତେକ ପାହାଡ଼, ଦେଉଳ ପ୍ରଭୃତିରେ ଖୋଦିତ ଅଛି, କେତେକ ତାମ୍ରପଟ୍ଟମାନଙ୍କରେ ଖୋଦିତ ହୋଇ ରହିଛି, କେତେକ ମଧ୍ୟ ପ୍ରାଚୀନ ତାଳପତ୍ର, କାଗଜରେ ଲିଖିତ ଅଛି । ଏ ସମସ୍ତ ସଂଗ୍ରହ କରିବା ସମୟ ଓ ବ୍ୟୟସାପେକ୍ଷ । ଆମ୍ଭେ ଯେତେଦୂର ପାରୁ କେତେଗୁଡ଼ିଏ ଏଠାରେ ଉଦ୍ଧାର କରିଦେଲୁଁ । ସମଗ୍ର ଲିପି ଉଦ୍ଧୃତ ହେଲେ ପୁସ୍ତକର କଳେବର ଅତ୍ୟଧିକ ବୃଦ୍ଧି ହେବ, ସୁତରାଂ କେତେକ ଲିପିର କେବଳ ସାରମର୍ମ ଦିଆଯାଇଛି ।

(୧) ନରସିଂହ ଦେବଙ୍କ ତାମ୍ରଶାସନ :—କଟକ ଜିଲ୍ଲାର କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମଠାରେ କେନ୍ଦ୍ରାପଡ଼ା ନାଳ ଖୋଳା ହେଉଥିବା ବେଳେ ମିଳିଥିଲା । ମାଟିଉପରୁ ପ୍ରାୟ ୧୨।୧୩ ହାତ ତଳେ ପୋତା-ଥିଲା । ବଙ୍ଗଳାର ଆସିଆଟିକ୍ ସୋସାଇଟି ମାସିକ ପତ୍ରିକା ୬୫ ଖଣ୍ଡ ୧ମ ଭାଗ ୩ ନମ୍ବର ୨୨୯ ପୃଷ୍ଠାରେ ୧୮୯୬ ମସିହାରେ ପ୍ରକାଶିତ ହୋଇଛି । ୭ ଗୋଟି ତମ୍ବାପଟା, ପ୍ରତ୍ୟେକ ପତ୍ର ଲମ୍ବ ୧୩ ଇଞ୍ଚ, ଓସାର ୯ ଇଞ୍ଚ ଏବଂ ମୋଟ ବା ବହଳ ୧/୪ ଇଞ୍ଚ । କୁଟିଳାକ୍ଷରରେ ଲିପି ଲେଖାଯାଇଛି । ଅଧିକାଂଶ ଅକ୍ଷର ଆଧୁନିକ ଉତ୍କଳାକ୍ଷର, କେତେକ ବଙ୍ଗାକ୍ଷର ସଦୃଶ, କେତେକ ନାଗରାକ୍ଷର ସଦୃଶ । ମାତ୍ର

ଟିକଏ ଗୋଲ କରିଦେଲେ ଉତ୍କଳାକ୍ଷର ହେବ । ନଗେନ୍ଦ୍ରନାଥ ବସୁ ମହାଶୟ ଆକାର ଦେଖି ବଙ୍ଗାକ୍ଷର ବୋଲି ଅନୁମାନ କରନ୍ତି, ମାତ୍ର କୁଟିଳାକ୍ଷର ବଙ୍ଗାକ୍ଷର ନୁହେ । ତାହା ଉତ୍କଳାକ୍ଷରର ଜନନୀ କହିଲେ ଅଯୁକ୍ତ ହେବ ନାହିଁ । ଏଥିରେ ୭୫ ପଂକ୍ତି ଗଦ୍ୟ ସଂସ୍କୃତ ଏବଂ ଶବ୍ଦାଳଙ୍କାରୀକୃତ ପ୍ରଭୃତି ବୃତ୍ତର ୧୪୫ ଶ୍ଳୋକ ଅଛି । ଗଦ୍ୟରେ ଶାସନଦାନର ଅଙ୍ଗୀକାରପତ୍ର ଏବଂ ଲିପିକରର ସଂକ୍ଷିପ୍ତ ବଂଶାବଳୀ ଅଛି । ଶ୍ଳୋକରେ ଦ୍ୱିତୀୟ ନରସିଂହ ଦେବଙ୍କ ପର୍ଯ୍ୟନ୍ତ ଗଙ୍ଗବଂଶର ରାଜାମାନଙ୍କ ବୀରତ୍ୱ, ମହିମା, କୀର୍ତ୍ତି ବର୍ଣ୍ଣିତ ଅଛି । ୧୨୧୭ ଶକାବ୍ଦରେ ଲିପି ଲେଖାଯାଇଛି । ରାଜତ୍ୱର ଏକବିଂଶ ବର୍ଷ ସିଂହ ଶୁକ୍ଳପକ୍ଷ ସୋମବାର ଦିନ ରେମୁଣା କଟକରେ ନବର ଭିତରକୁ ବିଜୟ କରିବା ସମୟରେ ଗଙ୍ଗାକୂଳରେ ଚନ୍ଦ୍ରଗ୍ରହଣ ମୁହୂର୍ତ୍ତରେ ଦାନ ଦିଆଯାଇଛି । ଦାନଗ୍ରହୀତା ଯଜୁର୍ବେଦାନ୍ତର୍ଗତ କାଣ୍ୱଶାଖାଧ୍ୟାୟୀ କୁମାର ମହାପାତ୍ର ଭୀମଦେବ ଶର୍ମା । ୫୦ ବାଟି ଭୂମି ଦାନ କରାଯାଇଛି । ଜେଗରିବିଷି ଅନ୍ତର୍ଗତ ଏଡ଼ାର (ଏଣ୍ଡର) ଗ୍ରାମ । ଶ୍ରୀକରଣ ଶିବ ଦାସ ନଳରେ ମାପିଥିଲେ ଏଗ୍ରାମରୁ ବା ୩୪।୭।୧୨ ଏବଂ ସୁନାଇଲୋ ଗ୍ରାମରୁ ବା ୧୫।୧୨।୧୩ ଗୁଣ୍ଠ ।

ଓଁ ନମୋ ନାରାୟଣାୟ

ଲକ୍ଷ୍ମୀପାଦ ସରୋରୁହ ମଦଃ ଶ୍ରେୟାଂସି ଦାସୀସ୍ତବ
ପ୍ରଷ୍ଟୁର୍କନ୍ନ ଖରଶ୍ମି କେଶର ଶତୈର୍ଭାସ୍ୱନ୍ନଖାଳିଦଳଂ
ବିଷ୍ଣୋସ୍ତଂ ପ୍ରତିବିମ୍ବିତଃ ପ୍ରଣମତୋଃ ବ୍ରୀଡ଼ାପରାଧୋଦ୍ଭବୈଃ
କୃଷ୍ଣା ଯନ୍ନଖଦୀପ୍ତିଷୁ ଭ୍ରମରତାଂ ଧତ୍ତେ ସ ଲକ୍ଷ୍ମୀପ୍ରିୟଃ । ୧ ।

× × ×

ପ୍ରତ୍ୟେକଂ ଶଶିବଂଶ ଭୂପତି ଭୁଜ ବ୍ୟାପାର ସଙ୍କୀର୍ତ୍ତନ
କର୍ତ୍ତୁଂକଃ କ୍ଷମତେ କ୍ଷିତୌ ବହୁମୁଖୋ ଯଦ୍ୟୁର୍ଜ୍ଜିନ ସୈବ ହି
ଦୋର୍ଦ୍ଦଣ୍ଡାର୍ଜ୍ଜିତ କୀର୍ତ୍ତିବର୍ଦ୍ଧନପରଂ ତଦ୍ଭାରତଂ ପ୍ରାଭବତ୍
ତସ୍ମାଦାହ୍ନସ୍ୟମାତ୍ରମାଦ୍ୟ ନୃପତିଶ୍ରେଣୀ ସମାଲିଖ୍ୟତେ । ୫ ।

(୧) ଚନ୍ଦ୍ର, (୨) ବୁଧ, (୩) ଅନଳ, (୪) ପୁରୁରବା, (୫) ଆୟୁ, (୬) ନହୁଷ, (୭) ଯଯାତି, (୮) ତୁର୍ବସୁ, (୯) ଗାଙ୍ଗେୟ, (୧୦) ବିରୋଚନ, (୧୧) ସମ୍ମୋଦ୍ୟ, (୧୨) ଭାସ୍ୱାନ, (୧୩) ଦତ୍ତସେନ, (୧୪) ସୌମ୍ୟ, (୧୫) ଅଶ୍ୱଦତ୍ତ, (୧୬) ସୌରାଙ୍ଗ, (୧୭) ଚିତ୍ରାଙ୍ଗଦ, (୧୮) ଶିରଧ୍ୱଜ, (୧୯) ଧର୍ମ୍ମୋଷୀ, (୨୦)

ପଣ୍ଡାକ୍ଷିତ, (୨୧) ଜୟସେନ (୨୨) ବିଜୟସେନ, (୨୩) ବୃଷଧ୍ୱଜ, (୨୪( ପ୍ରଗଲ୍‌ଭି (୨୫) ଶକ୍ର, (୨୬) କୋଲାହଳ (ଅନନ୍ତ ବର୍ମ୍ମା) ।

ଧନକନକ ସମୃଦ୍ଧୋ ଗଙ୍ଗବାଡି ପ୍ରସିଦ୍ଧ ।
ସକଲ ବିଷୟ ଭୂତଃ ସ୍ୱର୍ଗବର୍ଗୋପଭୋଗ୍ୟ ।
ତଦଧିପତିରଥାଦ୍ୟୋନନ୍ତ ବର୍ମ୍ମା ନୃପେନ୍ଦ୍ର ।
ସମଭବଦତି ରୂପ ଗଙ୍ଗନାମ୍ନା ତଦାଦ୍ୟା । ୭ ।
କୋଲାହଳଃ ସମର ମୂର୍ଦ୍ଧ୍ନି ତତୋ ନୃପାଣାଂ ।
ଭୂତୋ ଯତଃ ସୁରପୁରଞ୍ଚ ତଦୀୟ ଶବ୍ଦୁ ।
କୋଲାହଳାହ୍ୱୟ ମଭୂତ୍ ସୁରସଦ୍ମ ତୁଲ୍ୟଂ ।
ତସ୍ମିନ୍ କ୍ରମେ ନୃପତଭି ବହୁଭି ବଭୂବେ । ୮ ।
ରାଜ୍ୟଶ୍ରୀ ଭୂତ ନାରସିଂହ ନୃପତୌ ଜ୍ୟେଷ୍ଠେଜନ୍ମଯାସ୍ମହେ ।
ଦୋର୍ଦ୍ଦଣ୍ଡାର୍ଜିତ ଭୂତଳୋଥିତ ରମ କଣ୍ଠାଗ୍ରହା ନନ୍ଦନଃ ।
କାଞ୍ଚାସ୍ୱାକମିସ୍ୟଂ ଭୂକାସି ଲତିକା ସଚେଷ୍ଟ ତାଂ ଦୈଶଣାଂ ।
କଣ୍ଠାରଣ୍ୟମିସ୍ୱଞ୍ଚ କାର୍ତ୍ତିଲତିକା ଦ୍ୟାନ୍ନଃ ସମାରୋହତୁ । ୯ ।
ଭ୍ରାମ୍ୟନ୍ତି ବିଜୟଶ୍ରୀୟୁଷା କ୍ଷିତିତଳେ କ୍ୱାପି ଦ୍ୱିଷଦ୍ଦନ୍ତିଭିଃ ।
କ୍ୱାପି ଦ୍ୱେଷିକୁଳ ପ୍ରମାଥିଭିରପି ପ୍ରାପ୍ତାଃ କଳଙ୍ଗାଃକ୍ୱଚିନ୍
ତୈଃ କାମାର୍ଣ୍ଣବ ପଞ୍ଚମୌ ନୃପବରେଷ୍ୱନ୍ତ୍ୟଃ କଳଙ୍ଗୈଃ ସମଂ ।
ପ୍ରାପ୍ତା ଦ୍ରଷ୍ଟୁମିବାର୍ଣ୍ଣବା ଦୁଦଗମତ୍ କୂର୍ମ୍ମାବତାରୋ ହରଂ । ୧୦ ।

ସେହି ବଂଶର ରାଜା କାମାର୍ଣ୍ଣବ ଜଣେ ଆଦ୍ୟପୁରୁଷ । ତାହାଙ୍କ ପୁତ୍ର ଗୌଣ ପ୍ରଭୃତି ବିକ୍ରମଶାଳୀ ରାଜା ବୋଲି ବିଖ୍ୟାତ । ତାହାଙ୍କ ପୁତ୍ର ବଜ୍ରହସ୍ତ । ସେ ତ୍ରିକଳିଙ୍ଗପତି । ତାହାଙ୍କ ପତ୍ନୀ ନଙ୍ଗମା । ବୀର ରାଜରାଜ ତାହାଙ୍କ ତନୟ । ରାଜରାଜଙ୍କ ଜ୍ୟେଷ୍ଠ ମହିଷୀ ରାଜସୁନ୍ଦରୀ । ଏହାଙ୍କ ପୁତ୍ର ଚୋଡ଼ଗଙ୍ଗ ଦେବ । ସେ ୭୦ ବର୍ଷ ରାଜତ୍ୱ କରିଥିଲେ । ତାହାଙ୍କ ସ୍ତ୍ରୀ କସ୍ତୁରୀ କାମୋଦିନୀ । ଚୋଡ଼ଗଙ୍ଗଙ୍କ ପୁତ୍ର କାମାର୍ଣ୍ଣବ । ସେ "ବେଦର୍ତ୍ତୁ ବ୍ୟୋମଚନ୍ଦ୍ର ପ୍ରମିତ ଶକେ" ଅର୍ଥାତ୍ ୧୦୬୪ ଶକାବ୍ଦରେ ମୂର୍ଦ୍ଧାଭିଷିକ୍ତ ହେଲେ । ସେ ୧୦ ବର୍ଷ ରାଜତ୍ୱ କରିଥିଲେ । ଇନ୍ଦିରା ଚୋଡ଼ଗଙ୍ଗଙ୍କର ଅନ୍ୟ ଏକ ମହିଷୀ ଥିଲେ । ତାଙ୍କ ଗର୍ଭରୁ ରାଘବ ଜନ୍ମଗ୍ରହଣ କରିଥିଲେ । ସେହି ରାଘବ ଜନ୍ମ ହେବା ପରେ ରାଜା ହେଲେ ଏବଂ ୫୫ ବର୍ଷ

ରାଜତ୍ୱ କରିଥିଲେ । ଚୋଡ଼ଗଙ୍ଗଙ୍କର ଚନ୍ଦ୍ରଲେଖା ଅନ୍ୟ ଏକ ମହିଷୀ ଥିଲେ । ତାଙ୍କ ଗର୍ଭରୁ ରାଜରାଜ ଜନ୍ମହେଲେ । ଅଣିୟଙ୍କ ଭୀମ ତାଙ୍କର ସାନଭାଇ । ସେ ଦଶବର୍ଷ ରାଜତ୍ୱ କରିଥିଲେ । ଅଣିୟଙ୍କଙ୍କ ପୁତ୍ର ରାଜରାଜ । ବାଘଲ୍ଲଦେବୀ ତାଙ୍କ ମହିଷୀ ଥିଲେ । ସେ ୧୭ ବର୍ଷ ରାଜତ୍ୱ କରିଥିଲେ । ମଙ୍କୁଣଦେବୀ ତାଙ୍କର ମହିଷୀ ଥିଲେ । ଏହାଙ୍କ ଗର୍ଭରୁ ଅନଙ୍ଗଭୀମଦେବ ଜନ୍ମହେଲେ । ଅନଙ୍ଗଭୀମ ୩୪ ବର୍ଷ ରାଜତ୍ୱ କରିଥିଲେ । କସ୍ତୁରୀଦେବୀ ତାଙ୍କର ମହିଷୀ ଥିଲେ । ଏହାଙ୍କ ଗର୍ଭରୁ ନରସିଂହଦେବ ଜନ୍ମଗ୍ରହଣ କଲେ । ତାଙ୍କର ୧୭ ଜଣ ନୀତିବିଶାରଦ ମନ୍ତ୍ରୀ ଥିଲେ ଏବଂ ସେମାନଙ୍କ ପରାମର୍ଶ ନେଇ ସେ ରାଜ୍ୟଶାସନ କରୁଥିଲେ । ସେ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ସୁନ୍ଦର ଗୃହାବଳୀ ଏବଂ ଆମ୍ବ ଗୁଆ କଦଳୀ ପ୍ରଭୃତି ସମନ୍ୱିତ ଏକଶତ ଶାସନ ଯଥାବିଧି ତାମ୍ରଶାସନ କରି ଯାବତ୍ ଚନ୍ଦ୍ରାର୍କ ଭୋଗ କରିବା-ପାଇଁ ଦାନ କରିଥିଲେ । ସେହି ଭାନୁଦେବ ୧୮ ବର୍ଷ ରାଜତ୍ୱ କରିଥିଲେ । ଚାଲୁକ୍ୟ ବଂଶୀୟା ଜାକଲ୍ଲଦେବୀ ତାଙ୍କର ମହିଷୀ ଥିଲେ । ତାହାଙ୍କଠାରୁ ବୀର ନୃସିଂହଦେବ ଜାତ ହେଲେ । ତାମ୍ରଶାସନରେ ଏ ସମସ୍ତ ରାଜାମାନଙ୍କ ବୀରତ୍ୱ ବିଶଦଭାବରେ ବର୍ଣ୍ଣିତ ହୋଇଛି । ସେମାନେ ପ୍ରତ୍ୟେକ ଯୁଦ୍ଧବିଦ୍ୟାବିଶାରଦ, ଶତ୍ରୁହନ୍ତା, ଶତ୍ରୁଦର୍ପଦଳନକାରୀ, ସୁଗୁଣବନ୍ତ ସୁଶାସକ, ମହାଦାନୀ ପ୍ରଭୃତି ବିଶେଷଣମାଳୀରେ ବିଭୂଷିତ । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ମୂଳ ଶ୍ଲୋକମାନ ନଦେଇ ସାରମର୍ମ ଦେଲୁ । ଅସଲ ଦେଖିବାକୁ ଚାହିଁଲେ 'ମୁକୁର' ୪ର୍ଥ ଭାଗ ୨ମ ଓ ଷଷ୍ଠ, ୩ୟ ଓ ୪ର୍ଥ, ୧ମ ଓ ୨ୟ ସଂଖ୍ୟା ଦେଖିବେ । ଉପରୋକ୍ତ ବିଷୟମାନ କେବଳ ଐତିହାସିକ ବିଷୟ ଅଟେ । ଶ୍ଲୋକମାନଙ୍କର ଅଧିକାଂଶ ରାଜପ୍ରଶସ୍ତି ଏବଂ ରାଜା-ମାନଙ୍କ ଗୁଣାବଳୀ ସଂସ୍କୃତଭାଷାରେ ବିଭିନ୍ନ ଛଟାରେ ବର୍ଣ୍ଣିତ ହୋଇଛି ।

(୨) ବଜ୍ରହସ୍ତଙ୍କ ତାମ୍ରଶାସନ

(୩) ଇନ୍ଦ୍ରବର୍ମାଙ୍କ ତାମ୍ରଶାସନ

(୪) ପୃଥ୍ୱୀବର୍ମାଙ୍କ ତାମ୍ରଶାସନ

(୫) ଚୋଡ଼ଗଙ୍ଗଦେବଙ୍କ ତାମ୍ରଶାସନ

ଏସବୁ ତାମ୍ରଶାସନ ଗଙ୍ଗବଂଶର ତାମ୍ରଶାସନ । ଟିକାଲି ଯୁବରାଜ ସାହେବ ଏଗୁଡ଼ିକ 'ପୁରୀବାସୀ' ପ୍ରଭୃତି ଖବରକାଗଜରେ ପ୍ରକାଶିତ କରିଥିଲେ । ପାରଳାଖେମୁଣ୍ଡିର ସତ୍ୟନାରାୟଣ ରାଜଗୁରୁ ମହାଶୟ ଏ ତାମ୍ରଶାସନମାନଙ୍କ ଉପରେ 'ଉତ୍କଳସାହିତ୍ୟ'ରେ ଦୀର୍ଘ ପ୍ରବନ୍ଧ ଲେଖିଥିଲେ ।

ଏପିଗ୍ରାଫିକ୍ ଇଣ୍ଡିଆ ନାମକ ମାନ୍ଦ୍ରାଜ ପ୍ରଦେଶର ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ପତ୍ରିକାରେ କେତେକ ପ୍ରକାଶିତ ହୋଇଥିଲା । ସେସବୁ ଅମ୍ଭେ ପାଠ କରିଅଛୁଁ ।

ସେସବୁ ତାମ୍ରଶାସନଗୁଡ଼ିକ ଭୂମି-ଦାନପତ୍ର । ସେଥିରେ ରାଜାମାନଙ୍କ ଗୁଣାବଳୀ, ବୀରତ୍ୱ ମଧ୍ୟ କୀର୍ତ୍ତିତ ହୋଇଅଛି । ଗଙ୍ଗବଂଶୀୟ ରାଜାମାନେ ତ୍ରିକଳିଙ୍ଗାଧିପତି ଥିବାର ଉଲ୍ଲେଖ ଅଛି । ଦକ୍ଷିଣ ପ୍ରଦେଶରେ ଏମାନେ ପ୍ରବଳପରାକ୍ରମୀ ରାଜବଂଶ ଥିଲେ ଏବଂ ବହୁକାଳ ରାଜତ୍ୱ କରିଥିଲେ । ମହେନ୍ଦ୍ରପର୍ବତରେ ପ୍ରତିଷ୍ଠିତ ଗୋକର୍ଣ୍ଣେଶ୍ୱର ମହେଶ୍ୱର ବା ମହାଦେବ ସେମାନଙ୍କର ଇଷ୍ଟ-ଆରାଧ୍ୟ ଦେବତା ଥିଲେ । ସେମାନେ ଆତ୍ରେୟସ ଗୋତ୍ରୀ ଥିଲେ ( ଉତ୍କଳସାହିତ୍ୟ ୩୧ଶ ଭାଗ ୬ଷ୍ଠ, ୭ମ ଓ ୧୨ଶ ସଂଖ୍ୟା ) । ଏ ରାଜାମାନେ ବର୍ମ୍ମା ଉପାଧିଧାରୀ ଥିଲେ । ଏ ବଂଶ ଅନନ୍ତବର୍ମ୍ମା ନାମରେ ଖ୍ୟାତ । ଏମାନେ ଦକ୍ଷିଣ ଗଞ୍ଜାମରେ ୨୦ ପୁରୁଷ ରାଜତ୍ୱ କରିଥିଲେ । ଏସବୁ ତାମ୍ରଶାସନରୁ ଗଙ୍ଗବଂଶାବଳୀର ପରିଚୟ ମିଳେ ।

(କ) ବୀରସିଂହ ( ପୃଥ୍ୱୀବର୍ମ୍ମାଙ୍କ ତାମ୍ରଶାସନ ଫଳକ )

| | | | | |
|---|---|---|---|---|
| କାମାର୍ଣ୍ଣବ | ଦାନାର୍ଣ୍ଣବ | ଗୁଣାର୍ଣ୍ଣବ | ମାରସିଂହ | ବଜ୍ରହସ୍ତ |
| (କଳିଙ୍ଗରାଜ) | (କାଣ୍ଡିକାବନ୍ଧୁରକଣ୍ଠ) | (ବବାଡ଼ିବିଷୟ) | (ସୋଦାମଣ୍ଡଳ) | (କଣ୍ଟକବର୍ତ୍ତିନୀ) |

ହସ୍ତୀବର୍ମା ୮୦ ( ଗଙ୍ଗବଂଶ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ସମ୍ବତ୍ )

ଇନ୍ଦ୍ରବର୍ମା ୮୭ ଓ ୯୧

ରାଜେନ୍ଦ୍ରବର୍ମାଙ୍କ ପୁତ୍ର ଇନ୍ଦ୍ରବର୍ମା ୧୨୦

ଇନ୍ଦ୍ରବର୍ମା ୧୪୭ ଓ ୧୪୩

ଦାନାର୍ଣ୍ଣବ

ଦେବେନ୍ଦ୍ରବର୍ମା ୧୮୩ ଓ ୧୮୪

ଅନନ୍ତବର୍ମା ୨୦୪

ଦେବେନ୍ଦ୍ରବର୍ମା ୨୫୪ ଓ ୨୫୧

ରାଜେନ୍ଦ୍ର ବର୍ମା

ଅନନ୍ତବର୍ମା ୩୦୧ ଓ ୩୧୩

ପୁତ୍ର ରାଜେନ୍ଦ୍ରବର୍ମା ୩° ୨
|
ଦେବେନ୍ଦ୍ରବର୍ମା
|
ବଜ୍ରୀ
|
ନରସିଂହ
|
ଦେବେନ୍ଦ୍ରବର୍ମା

(ଖ) ଗଙ୍ଗବଂଶାବଳୀ ( ନରସିଂହ ତାମ୍ରଶାସନ )

ଅନନ୍ତ
|
ବ୍ରହ୍ମ, ଅତ୍ରି, ଚନ୍ଦ୍ର, ବୁଧ, ପୁରୁରବା, ଆୟୁ ପ୍ରଭୃତି ୮୦ ପୁରୁଷ ପରେ
|
ନରସିଂହ
|
୧ମ କାମାର୍ଣ୍ଣବ (୩ବର୍ଷ) | ଦାନାର୍ଣ୍ଣବ (୪୦ବର୍ଷ) | ୧ମ ଗୁଣାର୍ଣ୍ଣବ | ମାରସିଂହ-୧ | ବଜ୍ରହସ୍ତ

(ଦାନାର୍ଣ୍ଣବ)
|
୨ୟ କାମାର୍ଣ୍ଣବ ( ୫୦ ବର୍ଷ ).
|
ରଣାର୍ଣ୍ଣବ ( ୫ ବର୍ଷ )
|
୨ୟ ବଜ୍ରହସ୍ତ ( ୧୫ ବର୍ଷ ) | ୩ୟ କାମାର୍ଣ୍ଣବ ( ୧୯ ବର୍ଷ )

(୩ୟ କାମାର୍ଣ୍ଣବ)
|
୩ୟ ବଜ୍ରହସ୍ତ ( ୪୦ ବର୍ଷ )
|
ଘୋଡାଙ୍କୁଶ(୧୫) | କଳିଙ୍ଗଲାଙ୍କୁଶ (୧୨) | ୧ମ ଗୁଣ୍ଡ (୭) | ୪ର୍ଥ କାମାର୍ଣ୍ଣବ (୨୫) | ବିଜୟାଦିତ୍ୟ ବା ବିନୟାଦିତ୍ୟ ( ୩ବର୍ଷ )

(୪ର୍ଥ କାମାର୍ଣ୍ଣବ)
|
୪ର୍ଥ ବଜ୍ରହସ୍ତ ବା
୧ମ ଅନୀୟଙ୍କ ଭୀମ (୩୫ବର୍ଷ)
|

୫ମ କାମାର୍ଣ୍ଣବ (୬ ମାସ) ୨ୟ ଗୁଣ୍ଡ (୩ବର୍ଷ) ୬ଷ୍ଠ ମଧୁକାମାର୍ଣ୍ଣବ (୧୯ ବର୍ଷ)

୫ମ ବଜ୍ରହସ୍ତ ( ୩୩ ବର୍ଷ )

୧ମ ରାଜରାଜ ( ୮ବର୍ଷ )

ଅନନ୍ତବର୍ମ୍ମା ଚୋଡ଼ଗଙ୍ଗ

(ଗ) ଗଙ୍ଗବଂଶାବଳୀ ( ନରସିଂହ ଓ ଭାନୁ ତାମ୍ରଶାସନ )

ବଜ୍ରହସ୍ତ ଦେବ=ନଙ୍ଗମାଦେବୀ ମହିଷୀ

୧ମ ରାଜରାଜ ଦେବ=ରାଜସୁନ୍ଦରୀ ଦେବୀ

ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ (୭୦ ବର୍ଷ)

କସ୍ତୁରୀ କାମୋଦିନୀଙ୍କ ପୁତ୍ର କାମାର୍ଣ୍ଣବ (୧୦ ବର୍ଷ) | ଇନ୍ଦିରାଙ୍କ ପୁତ୍ର ଶ୍ରୀରାଘବ (୧୫ ବର୍ଷ) | ଚନ୍ଦ୍ରଲେଖା ପୁତ୍ର

୨ ରାଜରାଜଦେବ=ବାଘଲ୍ଲଦେବୀ (୧୦ ବର୍ଷ) | ୨ୟ ଅନଙ୍ଗଭୀମଦେବ

୩ୟ ରାଜରାଜ ଦେବ=ସଦ୍‌ଗୁଣା ଦେବୀ (୧୭ ବର୍ଷ)

୩ୟ ଅନଙ୍ଗଭୀମଦେବ=କସ୍ତୁରୀ ଦେବୀ (୩୪ ବର୍ଷ)

୧ମ ନରସିଂହ ଦେବ=ସୀତାଦେବୀ (୩୩ ବର୍ଷ)

୨ୟ ଭାନୁଦେବ=ଜାକଲ୍ଲଦେବୀ (୧୮ ବର୍ଷ)

୨ୟ ନରସିଂହଦେବ = ସ୍ତେଡ଼ଦେବୀ (୩୩ ବର୍ଷ)
|
୨ୟ ବୀରଭାନୁ ଦେବ = ଲକ୍ଷ୍ମୀଦେବୀ (୨୪ ବର୍ଷ)

୩ୟ ନରସିଂହଦେବ = କମଳା ଦେବୀ (୨୪ ବର୍ଷ)
|
୩ୟ ଭାନୁଗଙ୍ଗ ଦେବ = ସ୍ୱର୍ଗଦେବୀ (୨୯ ବର୍ଷ)
|
୪ର୍ଥ ନରସିଂହଦେବ ?
୪ର୍ଥ ଭାନୁଦେବ ?

## (ଘ) ବଂଶାବଳୀ (ଶିଳାଲିପି ଅନୁସାରେ)

| | ଶକାବ୍ଦ | ଅଙ୍କ | ବର୍ଷ |
|---|---|---|---|
| ୧ ଅନନ୍ତବର୍ମ୍ମା ଚୋଡଗଙ୍ଗ ଦେବ | ୯୯୯-୧୦୬୯ | ୭୨ | ୭୦ |
| ୨ ୨ମ କାମାର୍ଣ୍ଣବ ଦେବ | ୧୦୬୯-୧୦୭୯ | ୧୨ | ୧୦ |
| ୩ ଶ୍ରୀରାଘବ | ୧୦୭୯-୧୦୯୨ | ୧୮ | ୧୩ |
| ୪ ୨ୟ ରାଜରାଜ ଦେବ | ୧୦୯୨-୧୧୧୮ | ୩୦ | ୨୬ |
| ୫ ୧ମ ନରସିଂହ ଦେବ | ୧୧୧୮-୧୧୩୪ | ୧୭ | ୧୬ |
| ୬ ୨ୟ ଅନାୟଙ୍କ ଭୀମଦେବ | ୧୧୩୪-୧୧୬୧ | ୩୩ | ୨୭ |
| ୭ ୨ୟ ନରସିଂହଦେବ ୩ୟ ରାଜରାଜଦେବ | ୧୧୬୧-୧୧୭୮ | ୨୩ | ୧୭ |
| ୮ ୨ୟ ଅନଙ୍ଗ ଭୀମଦେବ | ୧୧୭୮-୧୧୮୮ | ୧୨ | ୯ |
| ୯ ୩ୟ ନରସିଂହ | | | |
| ୧୦ ୧ମ ଭାନୁଦେବ | ୧୧୮୮-୧୨୦୦ | ୧୮ | ୧୨ |
| ୧୧ ୪ର୍ଥ ନରସିଂହ ଦେବ | ୧୨୦୦-୧୨୨୧ | ୩୪ | ୨୧ |
| ୧୨ ପୁରୁଷୋତ୍ତମ ଦେବ | ୧୨୨୧-୧୨୫୦ | ୨୧ | ୨୦ |
| ୧୩ ୨ୟ ଭାନୁ ବା ୫ମ ନରନାରାୟଣ ସିଂହ | ୧୨୫୦-୧୨୭୪ | ୩୩ | ୨୪ |
| ୧୪ ୩ୟ ବୀରଭାନୁ ଦେବ | ୧୨୭୪-୧୨୯୯ | ୩୪ | ୨୫ |
| ୧୫ ୬ଷ୍ଠ ନରସିଂହଦେବ | ୧୨୯୯—? | | |
| ୧୬ ୪ର୍ଥ ଭାନୁଦେବ | | | |

## (ଙ) ଗଙ୍ଗବଂଶାବଳୀ (ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ସଂଶୋଧିତ)

୬ଷ୍ଠ ମଧୁକାମାର୍ଣ୍ଣବ = ବୈଦୁମ୍ବବଂଶୋଦ୍ଭବା ବିନୟ ମହାଦେବୀ ( ଶ ୯୪୧-୯୬୦ )

ଅନନ୍ତବର୍ମା ୪ମ ବଜ୍ରହସ୍ତ = ହୈହୟବଂଶଜା ପୃଥ୍ୱୀ ଓ ନଙ୍ଗମା (୯୬୦-୯୯୬)

୧ମ ରାଜରାଜ ଦେବ = ଶୈଳବଂଶଜା ରାଜସୁନ୍ଦରୀ (ଶ ୯୯୬-୯୯୯)

ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଶ ୯୯୯-୧୦୬୯ | ମଳୟକଣ୍ଠୀ ଦେବ | ପେର୍ମାଡ଼ି ଅଧୀଶ୍ୱର ଗଙ୍ଗଗଣ୍ଡ ଚୋଡ଼ପଲ୍ଲବ ଓ ମାଙ୍କ ମହାଦେବୀ

ଚୋଡ଼ଗଙ୍ଗ (ସଂଶୋଧିତ ବଂଶାବଳୀ—ସତ୍ୟନାରାୟଣ ରାଜଗୁରୁ)

କସ୍ତୂରିକାମୋଦିନୀ ପୁତ୍ର ଅନନ୍ତବର୍ମା ୬ମ କାମାର୍ଣ୍ଣବ କଟେଶ୍ୱର ଦେବ (ଶ ୧୦୬୯-୧୦୭୯) | ଉମାବଲ୍ଲଭ ଧରଣୀପତି | ଦେନ୍ନବ ମହାଦେବୀଙ୍କ ପୁତ୍ର ଅଟ୍ଟହାସଦେବ

ସୂର୍ଯ୍ୟବଂଶୀୟା ରାଣୀ ଇନ୍ଦିରାଦେବୀଙ୍କ ପୁତ୍ର ଅନନ୍ତବର୍ମା ଦେବୀଦାସ ରଣରଙ୍ଗ ରାଘବ ଚକ୍ରବର୍ତ୍ତୀ ଶ ୧୦୭୯-୧୦୯୬

କାଶ୍ୟପଗୋତ୍ରଜା ରାଣୀ ଚନ୍ଦ୍ରଲେଖାଙ୍କ ପୁତ୍ର ଅନନ୍ତବର୍ମା ୨ୟ ରାଜରାଜଦେବ = ସୁରମା ଦେବୀ ଶ ୧୦୯୬-୧୧୧୮

ଅନନ୍ତବର୍ମା ୧ମ ନରସିଂହ ଦେବ (?) ଶ ୧୧୧୮-୧୧୩୪

ଶ୍ୟାମଳାଙ୍କ ପୁତ୍ର ୨ୟ ଅନିୟଙ୍କ ଭୀମଦେବ = କସ୍ତୂରୀଦେବୀ ଶ ୧୧୩୪-୧୧୬୧

୨ୟ ନରନାରସିଂହ ବା ୩ୟ ରାଜରାଜ = ସଦ୍‌ଗୁଣଦେବୀ ଶ ୧୧୬୧-୧୧୭୮

୩ୟ ଅନଙ୍ଗଭୀମଦେବ = ବାଘଲ୍ଲଦେବୀ ଶ ୧୧୭୮-୧୧୯୮

୩ୟ ନରସିଂହଦେବ = ସୀତାଦେବୀ

|

୨ୟ ଭାନୁଦେବ = ଜାକଲ୍ଲ ଓ ଜମ୍ବା ବା ବିରଜାଦେବୀ  ଶ ୧୧୮୮-୧୨୦୦

|

ଲଙ୍ଗୁଳା ଓ କବ ୪ର୍ଥ ନରସିଂହଦେବ = ଶ୍ରୀଭୃତମହାଦେବୀ ଶ ୧୨୦୦-୧୨୨୯

|

ପୁରୁଷୋତ୍ତମଦେବ ଶ ୧୨୨୯-୧୨୫୦

|

କପିଳ ୨ୟ ଭାନୁ ବା ୫ମ ପ୍ରତାପ ନରନାରସିଂହଦେବ = କମଳା ଦେବୀ, ଗଙ୍ଗାଦେବୀ ଓ ସୀତାଦେବୀ  ଶ ୧୨୫୦-୧୨୭୪

|

୩ୟ ଭାନୁଦେବ = ହୀରାଦେବୀ ଶ ୧୨୭୪-୧୨୯୯

|

୬ଷ୍ଠ ନରସିଂହଦେବ

|

୪ର୍ଥ ଭାନୁଦେବ

ଶ୍ରୀଭୃତଙ୍କ ତାମ୍ରଶାସନର ସାରାଂଶ......

୯୯୯ ଶକାବ୍ଦ କୁମ୍ଭ ମାସ ଶୁକ୍ଳ ତୃତୀୟା ଶନିବାର ରେବତୀ ନକ୍ଷତ୍ରରେ ଆଧୁନିକ ମୁଖଲିଙ୍ଗ ନିକଟ ନଗର ନାମକ ରାଜଧାନୀରେ ଅଭିଷିକ୍ତ ହୋଇ ସିଂହାସନାରୋହଣ କଲେ । ତାଙ୍କ ପିତାଙ୍କ ମୃତ୍ୟୁସମୟକୁ ତାଙ୍କୁ ୧୦ ବା ୧୫ ବର୍ଷ ହୋଇଥିଲା । ସେ ମାତାମହ ରାଜେନ୍ଦ୍ରଚୋଳଙ୍କ ନିକଟରେ ରହି ରାଜନୀତି ଓ ଅସ୍ତ୍ରଶିକ୍ଷା ଲାଭ କରିଥିବାର ଜଣାଯାଏ । ସେ ପ୍ରାୟ ୮୦ ବର୍ଷ ବଞ୍ଚିଥିଲେ । ୭୦ ବର୍ଷ ରାଜତ୍ୱ କରିଥିଲେ । ସେ କଳିଙ୍ଗ ଓ ଓଡ଼ିଶାରେ ରାଜତ୍ୱ କରିଥିଲେ । ତାଙ୍କର ଅନେକଗୁଡ଼ିଏ ମହିଷୀ ଥିଲେ । ଯଥା—(୧) ଶ୍ରୀଭୃତମହାଦେବୀ, (୨) କସ୍ତୁରିକା-ମୋହିନୀ, (୩) ଇନ୍ଦିରା, (୪) ଚନ୍ଦ୍ରଲେଖା, (୫) ଶ୍ୟାମଳା, (୬) ଦେନ୍ମବ ଦେବୀ, (୭) ପଦ୍ମାବତୀ, (୮) ରାଜବାଳା, (୯) ଲାବଣ୍ୟବତୀ, (୧୦) ପୃଥ୍ୱୀ, (୧୧) କୋସଳ, (୧୨) ସୋମଳ, (୧୩) ପଦ୍ମଳ, (୧୪) ଚନ୍ଦ୍ରବକ୍ତା, (୧୫) ମଳୟ୍ତ, (୧୬) ଲୀଳାବତୀ, (୧୭) ସୁରକମା । ଭ୍ରାତା-ପୁତ୍ର-କଳତ୍ରମାନଙ୍କ ସହିତ ଆନନ୍ଦରେ ପାରିବାରିକ ଜୀବନ କଟାଇଲେ । ତାଙ୍କ ରାଜ୍ୟର ପଶ୍ଚିମରେ ବେଙ୍ଗୀରୁ ଅର୍ଦ୍ଧେକ ଏବଂ ପୂର୍ବରେ ଉତ୍କଳ କଳିଙ୍ଗ ସଙ୍ଗେ ମିଶାଇଥିଲେ ।

ପୂର୍ବସ୍ୟାଂ ଦଶି ପୂର୍ବମୁତ୍କଳପତିଂ ରାଜ୍ୟେ ନଧାସ୍ଥାଭୁତିଂ
ପଶ୍ଚାତ୍ ପଶ୍ଚିମ ଦକ୍‌ଡଟେ ବିଘଟିତଂ ବେଙ୍ଗୀ ସମୀପେ୍ୟ ତୟୋଃ
ଲକ୍ଷ୍ମୀ ବନ୍ଦନମାଲକାମିବଂ ଜୟଶ୍ରୀ ତୋରଣ ସ୍ତମ୍ଭୟୋଃ
ବଧ୍ନାତ ସ୍ମ ସମିଦ୍ଧକୀର୍ତ୍ତିବିଭବ ଶ୍ରୀଗଙ୍ଗ ଚୂଡ଼ାମଣିଃ ।

ସେ ପ୍ରଦେଶରେ ତାଙ୍କର ଶ୍ରାଦ୍ଧ (ଅଙ୍କ) ପ୍ରଚଳିତ ଥିଲା । ସେ ପୁତ୍ରମାନଙ୍କୁ ରାଜନୀତି ଶିକ୍ଷା କରାଇବା ଉଦ୍ଦେଶ୍ୟରେ ଅଧୀନ ରାଜ୍ୟମାନଙ୍କରେ ପ୍ରତିନିଧି ପ୍ରତିଷ୍ଠିତ କରିଥିଲେ । ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବ କଳିଙ୍ଗର ପରୀକ୍ଷା ପଦରେ ଅଧିଷ୍ଠିତ ହୋଇଥିଲେ । ରାଜରାଜଦେବ ବେଲନାଣ୍ଡିରେ ରାଜତ୍ୱ କରୁଥିଲେ । ତାଙ୍କ ଜୀବିତ ସମୟରେ କାମାର୍ଣ୍ଣବ ୧୧୪୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ସିଂହାସନରେ ପ୍ରତିଷ୍ଠିତ ହୋଇଥିଲେ । ସେ ବେଙ୍ଗୀ, ଗୌଡ଼, ଉତ୍କଳ, ମନ୍ଦାରଗଡ଼ ଓ ରତ୍ନପୁର ଆକ୍ରମଣ କରି ଜୟ କରିଥିଲେ । )ଜାଜଲ୍ଲଦେବଙ୍କ ଶିଳାଶାସନ ଓ ପୃଥ୍ୱୀଦେବଙ୍କ ପ୍ରଶସ୍ତି ) ।

ତଦ୍‌ବଂଶେ ନୃପ ଚୋଡ଼ଗଙ୍ଗ ବିଧ୍ୱରତ୍ ଭ୍ରୌଢ଼ପ୍ରତାପାନଲ;
ଜ୍ୱାଳା ସନ୍ତତି ଶାନ୍ତ ଚଣ୍ଡଜଳଦଃ ଶ୍ରୀରତ୍ନଦେବୋଽଭବତ୍ ।
କାକ୍ଷବତ ଚୋଡ଼ଗଙ୍ଗ ସୁଭଟ ସ୍ଫାରେନ୍ଦୁ ବିଶ୍ୱଗ୍ରହ
ଗ୍ରାସେ ରାହୁରନନ୍ତଶୌର୍ଯ୍ୟ ମହିମାଶ୍ଚର୍ଯ୍ୟୋ ମହାମଣ୍ଡଳେ ।
ତସ୍ୟାସୀଦଗ୍ର ମହିଷୀ ଗଙ୍ଗାନ୍ୱୟ ବିଭୂଷଣଂ
ଗୌଣ୍ଡ ଗୌଣ୍ଡବ ଲବଣ୍ୟା ଜାତା ସପ୍ତସୂତସ୍ତୟୋଃ ।

( ଏ. ଇ. ଖ. ୪ )

ତାଙ୍କର ଅନେକଗୁଡ଼ିଏ ନାମ ଥିଲା— ଚୋଡ଼ଗଙ୍ଗ, ଚୋରଗଙ୍ଗ, ଗଙ୍ଗେଶ୍ୱର, ଚୁଡ଼ଙ୍ଗଦେବ, ଚୋଡ଼ବର୍ମ୍ମରାୟ, ଚୋଳଗଙ୍ଗ, ଅନନ୍ତବର୍ମ୍ମା ଦେବ । ତାଙ୍କ ବିରୁଦାବଳୀ—"ସମରମୁଖାନେକରିପୁଦର୍ପମର୍ଦ୍ଦନ, ଭୁଜବଳପରାକ୍ରମ, ପରମ-ମାହେଶ୍ୱର, ପରମଭଟ୍ଟାରକ; ପରମବୈଷ୍ଣବ, ପରମବ୍ରହ୍ମଣ୍ୟ, ନବନବତି ସହସ୍ର କୁଞ୍ଜରାଧୀଶ୍ୱର ମହାରାଜାଧିରାଜ ପରମେଶ୍ୱର ଗଙ୍ଗାନ୍ୱୟାବଲମ୍ବନସ୍ତମ୍ଭ ତ୍ରିକଳିଙ୍ଗାଧି-ପତି ମାତାପିତୃପାଦାନୁଧ୍ୟାତ ଶ୍ରୀମଦନନ୍ତ ବର୍ମ୍ମ ଚୋଡ଼ଗଙ୍ଗଦେବ । ଗଙ୍ଗବଂଶୀୟ ରାଜାମାନେ ଚୋଳ, ହୈହୟ, ପୂର୍ବଚାଲୁକ୍ୟ, କଦମ୍ବ ଓ ଶୈଳବଂଶୀ ରାଜାମାନଙ୍କ ସହିତ ବୈବାହିକ ସମ୍ବନ୍ଧ ରଖୁଥିଲେ । ପିଷ୍ଟାପୁର ରାଜାମାନଙ୍କ ସଙ୍ଗେ ଏ ସମ୍ବନ୍ଧ

ଥିଲ । ଗଙ୍ଗବଂଶଜା ଗୌରୀ ପୂର୍ବ ଚାଲୁକ୍ୟବଂଶର ପ୍ରଥମ ବିଜୟାଦିତ୍ୟଙ୍କ ପୁତ୍ର ସତ୍ୟାଶ୍ରୟଙ୍କୁ ବିବାହ କରିଥିଲେ । ପିଷ୍ଟାପୁର ଶିଳାଶାସନ ରାଜଧାନୀ ନଗରୀକଟକ ବା ତ୍ରିକଳିଙ୍ଗାବନୀ ନଗର । ଏହି ନଗର ପାରଲାଖେମୁଣ୍ଡିରୁ ୨୨ ମାଇଲ ଦୂରରେ ଅବସ୍ଥିତ ।

ରତ୍ନାନ ହୃତ୍ୱା ଜଳଧି ବଧୂଗାଢ଼ ଗୋଦାବରୀକା°
କଳିଙ୍ଗସ୍ୟାନୁସର ନଗରୀ° ନାମ ତା° ରାଜଧାନୀ ।
( ଧୋୟୀ କବିଙ୍କ ବାୟୁଦୂତ )

କେଶରୀବଂଶ ରାଜା ସୁବର୍ଣ୍ଣକେଶରୀଙ୍କୁ ଯୁଦ୍ଧରେ ପରାସ୍ତକରି ୧୦୫୪ ଶକାବ୍ଦ ( ୧୧୩୨ ଖ୍ରୀ ) ଆଶ୍ୱିନ ଶୁକ୍ରବାର ଓଡ଼ିଶା ସିଂହାସନରେ ଅଭିଷିକ୍ତ ହୋଇଥିଲେ (ମାଦଳା) । ୧୦୩୪ ଶକାବ୍ଦରେ ଦତ୍ତ ତାମ୍ରଶାସନରେ ଉତ୍କଳ ଜୟ କରିଥିବା କଥା ଲେଖା ଅଛି । ଜୟ କରିବାର ଏତେକାଳ ପରେ କଣ ଅଭିଷେକ ହେଲ ? ସେ ରାଜନୀତିଜ୍ଞ ଥିଲେ । ତାଙ୍କର ରାଜତ୍ୱ ସମୟରେ ସମଗ୍ର ଦକ୍ଷିଣ କଳିଙ୍ଗ ୭ଟି ବର୍ତ୍ତିନୀରେ ବିଭକ୍ତ ହୋଇଥିଲ । (୧) ରୂପା, (୨) କୋଷ୍ଠକ, (୩) ବରାହ, (୪) କଣ୍ଟକ, (୫) କୂଳ, (୬) ଭଙ୍ଗାପ, (୭) ଗୃପ । ଏହି ୭ଟି ବର୍ତ୍ତିନୀ ମଧ୍ୟରେ କେତେଗୋଟି ବିଷୟ ବା ତାଲୁକା ଥିଲ ଏବଂ ପ୍ରତ୍ୟେକ ବିଷୟ ମଧ୍ୟରେ ୧୨ ଠାରୁ ୨୦୨୨୫ ପର୍ଯ୍ୟନ୍ତ ଗ୍ରାମ ଥିଲ । ବିଷୟ, ଯଥା—(୧) ବନାଡ଼ି, (୨) ନଗରପୁ.ବାଡ଼, (୩) ଅବନ୍ତୀପୁର ବାଡ଼, (୪) ଅଲତ, (୨) ଏରଦ, (୬) ନେର୍ଣ୍ଣି, (୭) ଗୃଷ୍ଟିକୁଟ, (୮) କାମରୂପ, (୯) ଯନୋର (୧୦) ବେଇପୁର, (୧୧) ପୁଷ୍ପଗିରି, (୧୨) ଉରକଟୁ (୧୩) ରୂପବର୍ତ୍ତୀ (୧୪) ଫରେୟଭୁକ୍ତି, (୧୫) କୋଲ୍ଲୁ (୧୬) ସ୍ୱର୍ଗ । ପ୍ରତ୍ୟେକ ବର୍ତ୍ତିନୀରେ ଗୋଟିଏ ଗୋଟିଏ ନଗର ଥିଲ । ଯଥା (୧) ନଗର, (୨) ସିଂହ (୩) ଅବନ୍ତୀପୁର, (୪) ଦନ୍ତପୁର, (୫) କୋଲୁପତ୍ତନ ସମ୍ଭବତଃ କଳିଙ୍ଗପତ୍ତନ, (୬) ବିଜୟାପୁର, (୭) ସିନ୍ଦୂରପୁର ଇତ୍ୟାଦି ।

ପ୍ରତ୍ୟେକ ବର୍ତ୍ତିନୀରେ ଜଣେ ମହାମାଣ୍ଡଳିକ ପ୍ରତ୍ୟେକ ବିଷୟରେ ଜଣେ ମାଣ୍ଡଳିକ, ପ୍ରତ୍ୟେକ ଗ୍ରାମରେ ଜଣେ ନାୟକ ନାମରେ ରାଜକର୍ମଚାରୀ ଥିଲେ । ପ୍ରସ୍ତର, ଗର୍ତ୍ତ, ପୁରାତନ ସ୍ଥାୟୀ ବୃକ୍ଷଦ୍ୱାରା ଗ୍ରାମସୀମା ନିରୂପିତ ହେଉଥିଲ । ଭୂମିମାପ ହେଉଥିଲ । ଗୁଣ୍ଠ, ପୌଟି, ନଳ, ଅନଙ୍ଗଭୀମ କୋଳ ନାମରେ "ଭୂମାପ ବଡ଼ା" ବ୍ୟବହୃତ ଥିଲ । ବଳଣ କର ଆଦାୟ ହେଉଥିଲ । ଚୋଡ଼ଗଙ୍ଗଙ୍କ

ଅମଳରେ ନିମ୍ନଲିଖିତ ରାଜକର୍ମଚାରୀ ଥିଲେ । ଯଥା—(୧) ପଟ୍ଟରାଣୀ କାମାର୍ଣ୍ଣବ ସେନା, (୨) ପ୍ରଧାନମନ୍ତ୍ରୀ କେତନାଗୁର୍ଯ୍ୟ, (୩) ସନ୍ଧିବିଗ୍ରହ ଶ୍ରୀଦେବେନ, (୪) ମହାମାଣ୍ଡଳିକ ସାହସଗଙ୍ଗ ପଧାନ, (୫) ଶାସନାଧିକାରୀ ଜାତବେଦ ଭଟ୍ଟ, (୬) ଗଣପତି ମୁପ୍ପନ, (୭) ମାଣ୍ଡଳିକ ପୁରୁଷୋତ୍ତମ, (୮) ଲବଣାଧିକାରୀ ଗଂଗନାରାୟଣ, (୯) ଦଣ୍ଡନାୟକ ଗାଡ଼ୁଡ଼ିୟ ଓଁ ପୋନ୍ନୟ, (୧୦) ଶ୍ରୀକରଣ ଗଂଗବିଦ୍ୟାଧର ଦେଉ, (୧୧) ମସ୍ତ ମନ୍ତ୍ରୀ କେମ୍ମନ ଦଣ୍ଡନାଥ, (୧୨) ଗଜସାହଣୀ, (୧୩) ବାହୁବଳୀ କୁମାର ନାରାୟଣ (୧୪) ଘୋଡ ସେନାପତି ଲକ୍ଷ୍ମୟା କୁର୍‌ପ୍ରାମୁ ନାୟକ ଇତ୍ୟାଦି । ଏମାନଙ୍କ କାର୍ଯ୍ୟ କାରଣରେ ସନ୍ତୁଷ୍ଟ ହେଲେ ଉପାଧି ଦିଆଯାଉଥିଲା, ଯଥା -(୧) ଗଣ୍ଡବାରଣ, (୨) ସାହସ୍ରମଲ୍ଲ, (୩) ରାୟରାୟ, (୪) ମୁଦ୍ରହସ୍ତ, (୫) ରାଉତରାୟ, (୬) ଶ୍ରୀସାମନ୍ତ, (୭) ଅନ୍ତରଂଗ ମହାପାତ୍ର ଇତ୍ୟାଦି । ବିରୁଦାବଳୀରୁ ଚୋଡ଼ଗଂଗଙ୍କ ଧର୍ମ ଜଣାପଡ଼େ । ସେ ଏକାଧାରରେ ପରମ ଶିବଭକ୍ତ, ପରମ ବୈଷ୍ଣବ ଓ ପରମ ବ୍ରହ୍ମଣ୍ୟ ଥିଲେ । ପରେ ବୈଷ୍ଣବ ଧର୍ମ ପ୍ରଚଳିତ ଥିଲା । ୧୧୧୭ ଖ୍ରୀଷ୍ଟାବ୍ଦ ପରେ ରାମାନୁଜ ଜନ୍ମପରେ ବଶିଷ୍ଟାଦ୍ୱୈତ ସଂଗେ ଅକ୍ଷୟ କୀର୍ତ୍ତି ପୁରୀ କଟକରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ ହୋଇ ରହିଛି ।

ପୃଥ୍ୱୀବର୍ମାଙ୍କ ଦାନପତ୍ର—

ଓଁ ସ୍ୱସ୍ତି ସ୍ୱେତକାଧିଷ୍ଠାନା ଭଗବତଃ ସଚରାଚର ଗୁରୋ ସକଳ ଶଶାଙ୍କ (ଶେଖର) ସ୍ୱ (ସ୍ତ୍ର) ଇତ୍ୟୁତ୍ପତ୍ତି ପ୍ରଳୟକାରଣ ହେତୋଃ ମହେନ୍ଦ୍ରାଚଳଶେଖର-ନିବାସିନଃ ଶ୍ରୀମଦ୍ ଗୋକର୍ଣ୍ଣେଶ୍ୱର ଭଟ୍ଟାରକସ୍ୟ ଚରଣକମଳ ଆରାଧନା ବାପ୍ତ ପୁଣ୍ୟନିଚୟଃ ଷଡ୍ କଡ଼୍‌ରସ୍ୟ ପ୍ରକର୍ଷାନୁରଣ୍ଧିଶେଷ ସାମନ୍ତଚକ୍ର ସ୍ୱଭୁଜବଳ ପରାକ୍ରାନ୍ତ ସକଳ କଳିଂଗାଧିରାଜ୍ୟେ ପରମ ମାହେଶ୍ୱରୋ ମାତା ପିତୃ ପାଦାଧ୍ୟାତୋ ମହାରାଜାଧିରାଜ ପରମ ମାହେଶ୍ୱର ପରମ ଭଟ୍ଟାରକ ଗଂଗାମଳ କୁଳତିଳକ ଶ୍ରୀ କୋଲାଭିଲାପୁର ପାଟଣା କଟ୍ୟଃ କୈବଲ୍ୟ ଚରାସ୍ୟ ତୋଷ ମହାରାଜଃ ଶ୍ରୀ ପୃଥ୍ୱୀବର୍ମା ଦେବଃ କୁଳଶ୍ରୀ ମହେନ୍ଦ୍ରବର୍ମଦେବପୁତ୍ରଃ ଯନରୋ ବିଷୟେ ଯଥା କାଳାଧ୍ୟାସି ମହାସାମନ୍ତ ଶ୍ରୀ ସାମନ୍ତ ରାଜାନକ ରାଜପୁତ୍ରାଃ କୁମାରା ମାତ୍ୟୁପୂର ଦଣ୍ଡନାୟକ ବିଷୟପତି ଗ୍ରାମପତି ଅନ୍ୟଷ୍ଟ ଗୃଟଭଟ ବଲ୍ଲଭଜାତୀୟ ଜନପଦାନାଂ ରାଷ୍ଟ୍ରକୂଟ କୁଟମ୍ବିନଂ ସମାବାଜ୍ଞନଃ ଯଥାର୍ହଂ ମାନୟତି ବୋଧୟତି ସମାଧିଶ୍ୟତି ଇତ୍ୟାଦି । ଲିପି ଓଡ଼ିଆଲିପି ସଦୃଶ । ଡାକ୍ତର ହଲ୍‌ସ ସାହେବଙ୍କ ମତରେ ସେ ୧୨ଶ ବା ୧୩ଶ ଶତାବ୍ଦୀର ଶ୍ଳୋକ ।

ଇନ୍ଦ୍ରବର୍ମାଙ୍କ ତାମ୍ରଶାସନ—

ଓଁ ସ୍ୱସ୍ତି ସର୍ବର୍ତ୍ତୁସୁଖରମଣୀୟାଦ୍ ବିଜୟ ଶ୍ରୀଦନ୍ତବାସାତ୍କଳିଂଗ ନଗର ବାସକାନ୍ମହେନ୍ଦ୍ରାଚଳ ଶିଖର ପ୍ରତିଷ୍ଠିତ × × × ଗୋକର୍ଣ୍ଣସ୍ୱାମିନଶ୍ଚରଣକମଳ-ଯୁଗଳ × × ସକଳ କଳିଂଗାଧିରାଜ୍ୟ × × ଶ୍ରୀମଦ୍ଦାନାର୍ଣ୍ଣବ ସୂନୁ ଶ୍ରୀମନ୍ମହାରାଜେନ୍ଦ୍ର ବର୍ମା ରୂପବର୍ତ୍ତି ବିଷୟେ ଭୁଂଗନା ଗ୍ରାମେ ସର୍ବସମବେତାନ୍ × × × ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ସମ୍ବତ୍ସର ୧୫୪ ଲିଖିତ ମିଦଂ ଶାସନ × × × ଶମ୍ଭୁପୁତ୍ରରାଧାସ୍ୟେନୋତ୍କୀର୍ଣ୍ଣା ।

ବଜ୍ରହସ୍ତଙ୍କ ତାମ୍ରଶାସନ—

ଓଁ ସ୍ୱସ୍ତି ଶ୍ରୀମତା ମଖିଳ ଭୁବନ ବନୁତନସ୍ୟ ବିନୟ ଦୟା ଦାନ ଦାକ୍ଷିଣ୍ୟ ସତ୍ୟ ଶୌଚ ଶୌର୍ଯ୍ୟ ଧୈର୍ଯ୍ୟାଦ୍ୟ ଗୁଣରତ୍ନ × × × ମହା ମହେନ୍ଦ୍ରାଚଳ ଶିଖର ପ୍ରତିଷ୍ଠିତସ୍ୟ ସଚରାଚର ଗୁରୋ ସକଳ ଭୁବନ ନିର୍ମାଣୈକ × × × ଶଶାଙ୍କ ଚୂଡ଼ାମଣେର୍ଭଗବତୋ ଗୋକର୍ଣ୍ଣ ସ୍ୱାମିନଃ ପ୍ରସାଦାତ୍ ସମାସାଦିତୈକ ଶଙ୍ଖ ଭେରୀ ପଞ୍ଚମହାଶବ୍ଦ ଧବଳଚ୍ଛତ୍ର ହେମଚାମର ବୃଷଭଲାଞ୍ଛନ ସମୁଜ୍ଜ୍ୱଳ ସମସ୍ତ ସାମ୍ରାଜ୍ୟ ମହିମ୍ନ ମନେକ ସମର ସଂଘଟ୍ଟ ସମୁପଲବ୍ଧ ବିଜୟଲକ୍ଷ୍ମୀ ସମାଲିଂଗେଣ ଭୁଜ ଭୁଜଦଣ୍ଡାମଳ କରସ୍ଥୋ ବିକ୍ଷୋରବ ବନମାକାନ୍ତା ଧରାମଣ୍ଡଳସ୍ୟ ଗୁଣ ମହାର୍ଣ୍ଣବ ମଧ୍ୟ ରାଜସ୍ୟ ପୁନଃ ପୂର୍ବଂ ଭୂପତି × × ସ୍ୱୟଂ ଏକୀକୃତ୍ୟ ବିଜିତ୍ୟ ଶତ୍ରୁ ନବହାନ ଶ୍ରୀବଜ୍ରହସ୍ତ ସ୍ତୁତୁଷ୍ଟରଂଶତ୍ ମଥୁହାର ଚରିତ ସର୍ବାମରକ୍ଷୀସୂନୁଃ ତସ୍ୟ ତନୟୋ ଗୁଣ ମହାରାଜ ବର୍ଷାଣ୍ୟସ୍ତମପାଳନ୍ମହୀ । ତଦନୁଜ କାମାର୍ଣ୍ଣବ ଦେବଃ ପଞ୍ଚତ୍ରିଂଶମବ୍ଦକାଳ ତସ୍ୟାନୁଜ ବିନୟାଦିତ୍ୟଃ ସମାସ୍ତିସ୍ରଃ ତତଃ କାମାର୍ଣ୍ଣବୀ-କ୍ଷାଣେଜଗତ କଳ୍ପଭୂରୁହଃ ଯୋ ର ଜେନ୍ଦ୍ର ଜିତଃ ଗୁଣ୍ୟୋ ବଜ୍ରହସ୍ତୋବନୀପତିଃ । ପ୍ରଶ୍ଚ୍ୟୋତନ୍ମଦଗନ୍ଧ ଲୁବ୍ଧମଧପ ବ୍ୟାଳୀଢ ଖଣ୍ଡାନ୍ ଗଜାନର୍ଥିଭ୍ୟଃ ପ୍ରମଦା ସହସ୍ର ମତୁଲୋସ୍ତ୍ୟାଗିନାମଗ୍ରଣ ସ ଶ୍ରୀମାନ ନୟଂଗ ଭୀମନୃପତି ଗଂଗାନ୍ୱୟେ ଭଂସକଃ ପଞ୍ଚତ୍ରିଂଶ ମବ୍ଦକାନ୍ ସମଭୂବକ୍ × × ତଦନ ସୂନୁଃ ସରରାଜ ସମନ୍ତା ଛମିତାମଣ୍ଡଳଃ ଅପିଚ କାମାର୍ଣ୍ଣବ ଭୂପତିର୍ଭୁବଂ । ସମୁଦ୍ଧାନନ୍ଦସମଂ ସମୁଜ୍ଜ୍ୱଳଃ ତଦନୁ ତଦନୁଜନ୍ମାତ୍ୱେ ନୋପ ମାନୋ ଗୁଣନିଧି ରନକାବୋ ଗୁଣ୍ଡମାଖୀ ମୁଦାସଃ ସକଳମିଦ ମରକ୍ଷତ୍ରିଣି ବର୍ଷାଣି ଧାତ୍ରୀବଳୟ ମଳଘୁତେଜେ ନିର୍ଜ୍ଜିତା ଭ୍ରାତଚନ୍ଦ୍ରଃ ତତୋ ଦ୍ୱୈମାତୁସ୍ତସ୍ୟ ମଧୁକାମାର୍ଣ୍ଣବ ନୃପଃ ଅବତ ସ୍ୱାରାଜ୍ୟମଡା କୋନବିଂଶତି । ଅଥ ବଜ୍ରହସ୍ତନୃପ ରା ପ୍ରସ୍ତୁତା ଜଖିଳ ଗୁଣଜାଗ୍ରଗଣ୍ୟ କାମାର୍ଣ୍ଣବାତ୍ ଜବନ୍ତ

ପ୍ରେପ୍ରୀଣସ୍ୟ ମାନୀ ବଦାତ୍ ଶୁଭ୍ରକୀର୍ତ୍ତିଂ ଶ୍ରୀସ୍ତୁ ଇବ ଦ୍ୱୈକୁନ୍ଦାନ୍ଵସ୍ତୁ ପଯ୍ୟଃ ପୟୋନିଧ୍ୟଃ ସମୁଦ୍ଭବାଦ୍ୟସ୍ତ ଯଃ ସ ଏକନ ବନସ୍ୟ ମଣ୍ଡଳଦେବ୍ୟାଃ ଶ୍ରୀ ବଜ୍ରହସ୍ତ ଇତି ନଯ୍ୟନଂ 'ବସ୍ୱଦ୍ରୁ ରୁନ୍ଧ୍ର ସଙ୍ଖ୍ୟେଯାତି ଶକାବ୍ଦ ସଙ୍ଗେ ଦନ୍ନକୃତ ବୃଷଭସ୍ଥେ ରୋହିଣିଭେ ସୁଲଗ୍ନେ ଧନୁଷି ଚ ଶୀତପକ୍ଷେ ସୂର୍ଯ୍ୟବାରେ × ଯୋଭିଷିକ୍ତଃ × ଗଙ୍ଗକୁଲୋଦ୍ଭବସ୍ୟ × ସୈନ୍ଦୂରୈ ରତସାନ୍ଦ୍ର ପଞ୍ଚାପଟ୍ଟଲୈଃ କୁମ୍ଭସ୍ଥଲୀ ପଟ୍ଟଲେ × × ପରମ ମାହେଶ୍ୱର ପରମ ଭଟ୍ଟାରକ ମହାରାଜାଧିରାଜ ତ୍ରିକଳିଙ୍ଗାଧିପତି ଶ୍ରୀମତ୍ ବଜ୍ରହସ୍ତଦେବଃ × × ପରଗ ବିଷୟେ ତଦଲପୁର ଗ୍ରାମଂ ରୁମ୍ବୁକା କପ୍ପୁଙ୍ଗଂ-ଦଲପୁରଂ × × ଏତାନ୍ ଦ୍ୱାଦଶ ଗ୍ରାମାନ୍ × × ଯଶୋବୃଦ୍ଧୟେ ଅକଗିରନ୍ଧ୍ର ଶକାବ୍ଦେ × × ତାମ୍ର ଶାସନଂ କୃତ୍ୱା × × × ।

ପ୍ରାଚୀନ ଗଙ୍ଗବଂଶର ଗୋଟିଏ ସ୍ୱତନ୍ତ୍ର ସମ୍ବତ୍ ପ୍ରଚଳିତ ଥିଲା । କେବେ ଆରମ୍ଭ, କେବେ ଶେଷ ଜଣାନାହିଁ । ଚୈଡଗଙ୍ଗ ତାମ୍ର ଶାସନରେ ଦୀର୍ଘ ବଂଶାବଳୀ ଅଛି । ବୀର ନରସିଂହ ଗଙ୍ଗବାଡ଼ି ନାମକ ସ୍ଥାନରେ ରାଜତ୍ୱ କରୁଥିଲେ । ତାଙ୍କ ପୁତ୍ର କାମାର୍ଣ୍ଣବ ଭ୍ରାତୃକଳହ ହେତୁ ଗଙ୍ଗବାଡ଼ି ତ୍ୟାଗକରି ଚାରି ଭାଇଙ୍କ ସଙ୍ଗେ ଧରି କଳିଙ୍ଗର ମହେନ୍ଦ୍ର ପର୍ବତରେ ପ୍ରବେଶ ହୋଇ ସେଠାର ରାଜା ଶବରାଦିତ୍ୟ ବା ଶବରାଦିତ୍ୟଙ୍କୁ ଯୁଦ୍ଧରେ ନିହତ କରି ନିଜେ କଳିଙ୍ଗର ରାଜା ହେଲେ ଏବଂ ଭାଇମାନଙ୍କୁ ୪ ପ୍ରଦେଶ ଦେଲେ । ୩୬ ବର୍ଷ ରାଜତ୍ୱ କଲେ । ପ୍ରଶସ୍ତିକାରମାନେ ତାଙ୍କର ୨ୟ ଭ୍ରାତା ଦାନାର୍ଣ୍ଣବଙ୍କ ଠାରୁ ପ୍ରଶସ୍ତି ଆରମ୍ଭ କରିଅଛନ୍ତି । ମାତ୍ର କାମାର୍ଣ୍ଣବ ନିଃସନ୍ତାନ ନଥିଲେ । ଜଣେ ଚୋଳ ରାଜାଙ୍କ ଦ୍ରାକ୍ଷାରାମ ନିକଟ ଶିଳାଲିପିରୁ ଜଣାଯାଏ ଯେ—

ଭସ୍ମୀକୃତ୍ୟ କଳିଙ୍ଗଦେଶମଖିଲଂ ନିର୍ଜିତ୍ୟ ଗଙ୍ଗରଣେ<br>
ଭୁଂକ୍ତ୍ୱା କୋଶଳ ଖଣ୍ଡବାଲ ନିବହୈ ଦେବେନ୍ଦ୍ର ବର୍ମା ଦକାନ୍<br>
ବୀରଃ ପଲ୍ଲବରାଜ ଇତ୍ୟଭିହିତୋ ଧ୍ୱଜେନ୍ଦ୍ର ଚୋଡ଼ ପ୍ରଭୋଃ<br>
କୀର୍ତ୍ତ୍ୟୁଦ୍ଭୂମିବୋଡ଼୍ର ସନ୍ଧିଷୁ ଜୟସ୍ତମ୍ଭଂ ଶୁଭଂ ନ୍ୟକ୍ଷିତାତ୍ ।

ଏଥିରୁ ଜଣାଯାଏ ବର୍ମ୍ମନ ଉପାଧିଧାରୀ ରାଜାମାନେ କୁଲୋତ୍ତୁଙ୍ଗଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ଏକାଦଶ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କଳିଙ୍ଗରେ ରାଜତ୍ୱ କରୁଥିଲେ । ଏ ବଂଶୀୟ ରାଜାମାନଙ୍କର ଯେତେ ତାମ୍ର ଶାସନ ମିଳିଛି ସେଥିରୁ ଜଣାଯାଏ ହସ୍ତିବର୍ମା ପ୍ରଥମ ଓ ଦେବେନ୍ଦ୍ରବର୍ମା ଶେଷ ବଂଶଧର । ସମ୍ଭବତଃ ଚୋଳ ସେନାପତି ପଲ୍ଲବ-ରାଜ ଶେଷ ଦେବେନ୍ଦ୍ରବର୍ମାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଦେବେନ୍ଦ୍ରବର୍ମାଙ୍କ

ତାମ୍ରଶାସନରୁ ଜଣାଯାଏ, "ଗଙ୍ଗବଂଶ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ସମ୍ବତ୍ ୩୦୭" । ସୁତରାଂ ଆଦ୍ୟରୁ କାମାର୍ଣ୍ଣବଙ୍କଠାରୁ ୩୯୬ ବର୍ଷ ଗତ ହୋଇଥିଲା । ରାଜେନ୍ଦ୍ର ଶ୍ୱେତଙ୍କ ଉପରକୁ ଗଣିଲେ ୭ମ ଶତାବ୍ଦିରେ କାମାର୍ଣ୍ଣବ ଜୀବିତ ଥିବାର ଜଣାଯାଏ । ଶ୍ୱେତଗଙ୍ଗ ତାମ୍ରଶାସନ ଅନୁସାରେ କାମାର୍ଣ୍ଣବ ୭ମ ଶତାବ୍ଦିର ଲୋକ ଦ୍ରାକ୍ଷାରାମ ଶିଳାଲିପିରୁ ଜଣାଯାଏ ପଲ୍ଲବରାଜ କଳିଙ୍ଗ ତଥା ଓଡ୍ରଦେଶ ଆକ୍ରମଣ କଲାବେଳେ କଳିଙ୍ଗରେ ଶ୍ୱେତଗଙ୍ଗ ଦେବ ରାଜତ୍ୱ କରୁଥିଲେ । ଶ୍ୱେତଗଙ୍ଗ କୁଳୋତ୍ତୁଙ୍ଗ ରାଜେନ୍ଦ୍ର ଶ୍ୱେତଙ୍କର ଜ୍ଞାତି (ମାତୁଳ ବଂଶ) । ଦେବେନ୍ଦ୍ରବର୍ମା ପରାଜିତ ନହେବାଯାଏ ସମଗ୍ର କଳିଙ୍ଗ ବଜ୍ରହସ୍ତ ବା ଶ୍ୱେତଗଙ୍ଗଙ୍କ ଅଧୀନ ହୋଇ ନଥିଲା । କାମାର୍ଣ୍ଣବଙ୍କ ବଂଶଧର ବର୍ମନ୍ ରାଜାମାନେ କଳିଙ୍ଗରେ (ମହେନ୍ଦ୍ର ପର୍ବତ ନିକଟ ଦନ୍ତପୁରରେ) ଏବଂ ଦାନାର୍ଣ୍ଣବଙ୍କ ବଂଶଧର କଣ୍ଟକ ବର୍ତ୍ତିନୀ ଖଣ୍ଡରେ (ମୁଖଲିଙ୍ଗ ନିକଟ 'ନଗର' ରାଜଧାନୀରେ) ଅବସ୍ଥାନ କରି ନିଜ ନିଜ ରାଜ୍ୟରେ ରାଜତ୍ୱ କରୁଥିଲେ । କାମାର୍ଣ୍ଣବଙ୍କ ବଂଶ ଜ୍ୟେଷ୍ଠ । ସେମାନେ ୩୦୦ ବର୍ଷରୁ ଅଧିକ କଳିଙ୍ଗରେ ରାଜତ୍ୱ କରୁଥିଲେ । ଦାନାର୍ଣ୍ଣବଙ୍କ ବଂଶ ସମ୍ଭବତଃ ସେମାନଙ୍କୁ ସମ୍ରାଟ ବୋଲି ସ୍ୱୀକାର କରୁଥିଲେ । ବର୍ମନ୍ ବଂଶର ବିରୁଦାବଳୀରୁ ଏକଥା ଜଣାପଡେ -

ଓଁ ସ୍ୱସ୍ତ୍ୟମରପୁରାନୁକାରିଣ ସଂର୍ବର୍ତ୍ତୁମୁଖରମଣୀୟ୍ୟା ବିଜୟବତୋ କଳିଙ୍ଗ ନଗର ବାସକାନ୍ମହେନ୍ଦ୍ରାଚଲାମଲ ଶିଖର ପ୍ରତିଷ୍ଠିତସ୍ୟ ସଚରାଚର ଗୁରୋ ସକଳ ଭୁବନ ନିର୍ମାଣୈକ ସୂତ୍ରଧରସ୍ୟ ଶଶାଙ୍କ ଚୂଡ଼ାମଣେ ର୍ଭଗବତୋ ଗୋକର୍ଣ୍ଣ ସ୍ୱାମିନ ଶ୍ଚରଣକମଲ ଯୁଗଲ ପ୍ରଣାମାଦ୍ ବିଗତ କଲିକଲଙ୍କୋ ନେକାହବ ସଂକ୍ଷୋଭ ଜନିତ ଜୟଶବ୍ଦ ପ୍ରତିପାଦିତ ସମସ୍ତ ସାମନ୍ତ ଚକ୍ରଚୂଡ଼ାମଣି ପ୍ରଭାମଞ୍ଜରୀ ପୁଞ୍ଜ ରଞ୍ଜିତ ବର ଚରଣାମ୍ବୁଜଯୁଗ୍ମ ଦ୍ୱାରୋପାର୍ଜ୍ଜିତ ସକଳକଳିଙ୍ଗାଧିରାଜ ପ୍ରବିତତ ସିତକୁମୁଦକୁନ୍ଦେନ୍ଦୁବିବାତ ବିନିର୍ଗତ ଯଶୋଧିସ୍ତାରିତ କୁଳାଚଳୋନ୍ନତବିନୟ ଦୟାବାନ ଦାକ୍ଷିଣ୍ୟ ସୌଦାର୍ଯ୍ୟ ସତ୍ୟତ୍ୟାଗାଦିଗୁଣସମ୍ପଦାଧାରଭୂତୋ ପରମ-ମାହେଶ୍ୱର ପରମଭଟ୍ଟାରକ ଶ୍ରୀ ଅନନ୍ତବର୍ମ୍ମସୁନୁ ଶ୍ରୀଦେବସୁନୁ ଶ୍ରୀ ଯୁବରାଜ ଶ୍ରୀ ରାଜେନ୍ଦ୍ରବର୍ମ୍ମା କୁଶଲୀ × × × ଇତ୍ୟାଦି । ଏମାନେ ଓଡ଼ିଶାର ରାଜା ଏବଂ ଓଡ଼ିଆ ଥିଲେ । ଏମାନଙ୍କ ତାମ୍ରଶାସନରେ ବ୍ୟବହୃତ ଲିପି ଅଧିକାଂଶ ଓଡ଼ିଆ ଲିପି ସଙ୍ଗେ ସମାନ । କେତେକ ଶବ୍ଦ ଓଡ଼ିଆ ଶବ୍ଦ ସଙ୍ଗେ ସମାନ । ଲିପିରେ ଆନ୍ଧ୍ର ଅକ୍ଷରର ଛାୟା ଆଦୌ ନାହିଁ । ବର୍ମ୍ମନମାନେ ଖ୍ରୀଷ୍ଟାବ୍ଦ ଦଶମ ଶତାବ୍ଦୀ ଅର୍ଥାତ୍ ବଜ୍ରହସ୍ତଙ୍କ ପର୍ଯ୍ୟନ୍ତ ଅବାଧରେ ଶାସନ କରୁଥିଲେ । ଦଶମ ଶତାବ୍ଦିର ମଧ୍ୟଭାଗଠାରୁ ସେମାନଙ୍କ ପତନ ଆରମ୍ଭ ହେଲା ଏବଂ ଦାନାର୍ଣ୍ଣବ ରାଜତ୍ୱ କରିଥିଲେ । ମାତ୍ର ଏମାନେ ସାମନ୍ତରାଜା ଥିଲେ । ବଜ୍ରହସ୍ତ ନିଜେ

ସ୍ୱାଧୀନ ହେଲେ ମଧ୍ୟ ବର୍ମନମାନେ ଆହୁରି ୭୦ ବର୍ଷ ସ୍ୱାଧୀନ ଥିଲେ । ଶ୍ୱେତଗଙ୍ଗଙ୍କ ସମୟକୁ ଉଭୟ ବଂଶ ମଧ୍ୟରେ ମନୋମାଳିନ୍ୟ ହେଲା । ସେତେବେଳେ ବର୍ମନ ବଂଶରେ ୪ର୍ଥ ରାଜେନ୍ଦ୍ରବର୍ମା ରାଜା ଥିଲେ । ଶ୍ୱେତଗଙ୍ଗ ନିଜେ ସେମାନଙ୍କ ସଙ୍ଗେ ଯୁଦ୍ଧ ନକରି ତାଙ୍କ ଅଜା ରାଜେନ୍ଦ୍ର ଶ୍ୱେତଙ୍କଦ୍ୱାରା ସେ ବଂଶର ଉଚ୍ଛେଦ ସାଧନ କଲେ । ପରେ ଅଜାଙ୍କ ସାହାଯ୍ୟରେ ନିଜେ ସମଗ୍ର କଳିଙ୍ଗ ଓ ଅର୍ଦ୍ଧେକ ବେଙ୍ଗୀଶ୍ୱର ହେଲେ । ଶେଷରେ ନିଜର ସୈନ୍ୟବଳ ବୃଦ୍ଧି ହେବାରୁ ଉତ୍କଳରୁ କେଶରୀବଂଶର ଉଚ୍ଛେଦ ସାଧନ କରି ସମଗ୍ର ଉତ୍କଳ ଓ କଳିଙ୍ଗ ରାଜ୍ୟ ଜୟ କରି ଅବାଧରେ ଶାସନ କଲେ ।

ଶକାବ୍ଦେ ନନ୍ଦ ରନ୍ଧ୍ର ଗ୍ରହଗଣ ଗଣିତେ କୁମ୍ଭସଂସ୍ଥେ ଦିନେଶେ
ଶୁକ୍ଲପକ୍ଷେ ତୃତୀୟାଂ ଯୁଜିରବିଜ ଦିନେ ରେବତୀଭେ ନୃଯୁଗ୍ମେ
ଲଗ୍ନେ ଗଙ୍ଗାନ୍ୱୟାମ୍ଭୋଜବନଦିନକୃଦ ବିଶ୍ୱ ବିଶ୍ୱମ୍ଭରସ୍ୟା ଶ୍ଚକ୍ରଂ
ସଂରକ୍ଷିତୁଂ ସଦ୍‌ଗୁଣନିଧିରଧି ପଟ୍ଟେ·ଡ଼ ଗଙ୍ଗୋଭିଷିକ୍ତଃ ।
ଶୈଳଂ ଶ୍ରୀମଲୟତଟ୍ଟ ମୂଳଚଳନତଃ ପାଣ୍ଡ୍ୟାନ୍ ଭ୍ରୂବାଭଙ୍ଗ୍ନ୍ୟା
ହୁଂକାରେଣ ଚ ସପ୍ତକୋଙ୍କଣପତୀ ନ୍ୟକାରିତଃ କେରଳାନ୍
ଅନ୍ୟଃ କୋପ ବିଧୂର୍ଣ୍ଣମାନଶିରସା କର୍ଣ୍ଣାଟ ଲାଟେଶ୍ୱରା
ନ ( ସେୟା ) ନ୍ନତ୍ର କୃପାଣ ବୀକ୍ଷଣ ଧୃତଂ କେ ବା ଯଯୁ ଭୂଭୃତଃ ।
ଜିତ୍ୱା ବାହୁବଲେନୋର୍ବୀଂ ବୀରସିଂହ ସ ଭୂପତି
ସତ୍‌କିସ୍ଥା ସମଭିବ୍ୟାହାରେ ର୍ବିଜୟେ ସଦ୍ମ ନା କନାଂ ।

ବୀରସିଂହ ଅଷ୍ଟମ ଶତାବ୍ଦୀ ପ୍ରାରମ୍ଭରେ ରାଜତ୍ୱ କରିଥିଲେ । ବୀରସିଂହଙ୍କଠାରୁ ୧ମ କାମାର୍ଣ୍ଣବଙ୍କ ପର୍ଯ୍ୟନ୍ତ ୧୮ ଜଣ ରାଜା ୩୭୬ ବର୍ଷ ରାଜତ୍ୱ କରିଥିଲେ । ତା'ପରେ ଶ୍ୱେତଗଙ୍ଗ ରାଜତ୍ୱ କଲେ ।

ଶ୍ୱେତଗଙ୍ଗ ୯୦୫୬ ଶକାବ୍ଦରେ ଉତ୍ତର-ପୂର୍ବାଞ୍ଚଳ (ଉତ୍କଳ) ଜୟକରି ଚକ୍ରବର୍ତ୍ତୀ ଉପାଧି ଧାରଣ କଲେ (କୂର୍ମ ମନ୍ଦିର ଶିଳାଲିପି) । ପୂର୍ବରାଜାମାନଙ୍କ ପ୍ରଶସ୍ତି ଶ୍ଲୋକ ପରରାଜାଙ୍କ ପ୍ରଶସ୍ତିରେ ସନ୍ନିବେଶିତ ହୋଇଛି । ବଂଶଗୌରବ, ବଂଶମର୍ଯ୍ୟାଦା, ବଂଶବୀରତ୍ୱ, ବଂଶପ୍ରାଚୀନତ୍ୱ ଦେଖାଇବା ଏଥିର ଉଦ୍ଦେଶ୍ୟ । ନରସିଂହ ତାମ୍ରଶାସନ ଓ ଶ୍ୱେତଗଙ୍ଗ ତାମ୍ରଶାସନରେ ରାଜାଙ୍କ ନାମ ଓ ରାଜତ୍ୱ ସମୟ ସମ୍ବନ୍ଧେ ପ୍ରଭେଦ ଦେଖାଯାଏ । ପ୍ରଥମ ନରସିଂହଦେବଙ୍କ ନାମ (ଶକାବ୍ଦ

୧୧୧୮-୧୦୩୪ ଅଙ୍କ ୧୭ ରେ ୧୭ ବର୍ଷ) ନରସିଂହ ତାମ୍ରଶାସନରେ ନାହିଁ, ମାତ୍ର ଗୋଡ଼ଗଙ୍ଗ ତାମ୍ରଶାସନରେ ଅଛି । ଦ୍ରାକ୍ଷାରାମ ପ୍ରଭୃତ ଶିଳାଲିପିରୁ ଜଣାଯାଏ ଗୋଡ଼ଗଙ୍ଗଙ୍କ ପୁତ୍ର ୩ୟ ରାଜରାଜଦେବଙ୍କର ଅପର ନାମ ୨ୟ ନରସିଂହ ।

ଶ୍ରୀ ଗଙ୍ଗାନ୍ୱୟ ଚୋଡ଼ଗଙ୍ଗ ନୃପତେ ନିଃସୀମ ଶୌର୍ଯ୍ୟୋଦଧେ
ଜାତଃ ପ୍ରାଗନଙ୍ଗଙ୍କ ଭୀମ ନୃପତ (ର୍ଦ୍ଦାନୈ) କ ଚନ୍ଦ୍ରାମଣୀଃ ।
ତସ୍ମାନ୍ନୁନରନାରସିଂହ ନୃପତ ଫଙ୍କାନ୍ତ ଭୂମଣ୍ଡଳୋ
ହେଲାନର୍ଜିତ ଗୌଡ଼ରକ୍ଷି ନୃପତଃ ଶ୍ରୀ ରାଜରାଜୋ (ଭ) ବତ୍ ।
ତା (ଲୀ) କର୍କଶ ବୀର ଶୈଲନତଗ୍ର ନ ପ୍ରାପ୍ୟ ଦୋର୍ଦ୍ଦଣ୍ଡଯୋ
ଗଣ୍ଡୁଭସମୀନାଂ (ଯ୍ୟ) ମୋଂକନ ଚମୂନାଥ ସମାଦିଷ୍ଟବାନ୍ ।
ରାଜ୍ଞାନେନ ସ ଗୌତମୀତଟ ଭୁବଂ ନୈ ପୁଂଚଲକ୍ରନ୍ଦର
ସ୍ୱେରୋନ୍ମୀଳତ ଲୋଚନେବ କୃତବା (ନ୍) ରାଜ୍ଞା ବରୋ ବିକ୍ରମାନ୍ ।

ପୁରୀ ଜଗନ୍ନାଥ ମନ୍ଦିରମଧ୍ୟସ୍ଥ ପାତାଳେଶ୍ୱର ଲିପି—

(କ) ଓଁ ସ୍ୱସ୍ତି ଶକାବ୍ଦ ୧୧୫୮ ଶ୍ରୀପୁରୁଷୋତ୍ତମସ୍ୟ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ଶ୍ରୀମଦନଙ୍ଗଭୀମଦେବସ୍ୟ ଦ୍ୱାତ୍ରିଂଶ ଅଙ୍କେ ଆଶ୍ୱିନାଖ୍ୟ ମାସେ ମକର କୃଷ୍ଣ ସୋମବାରେ × ×

(ଖ) ଓଁ ସ୍ୱସ୍ତି ଶ୍ରୀ ଅନଙ୍ଗଭୀମ ଦେବସ୍ୟ ପ୍ରବର୍ଦ୍ଧମାନ ସମସ୍ତ ରାଜ୍ୟ ୩୨ ଶକାବ୍ଦେ ୧୧୫୮ କୁମ୍ଭ ଶୁକ୍ଳ ରବିବାରେ × ×

(ଗ) ଓଁ ସ୍ୱସ୍ତି ଶକାବ୍ଦେ ୧୧୫୮ ଶ୍ରୀ ଅନଙ୍ଗଙ୍କ ଭୀମଦେବସ୍ୟ ପ୍ରବର୍ଦ୍ଧମାନ × ×

(ଘ) ସ୍ୱସ୍ତି ସପ୍ତଦଶୋତ୍ତର ଦ୍ୱାଦଶ ଶତ (ଶକ) ବର୍ଷରେ ଶ୍ରୀ ବୀରନରସିଂହ ଦେବ ମହୀପତେଃ ସ୍ୱରାଜ୍ୟସ୍ୟୈକ ବିଂଶତ୍ୟଙ୍କେ × × (୪ର୍ଥ ନରସିଂହଙ୍କ ତାମ୍ରଶାସନ ) ।

(ଙ) ଦ୍ୱାବିଂଶତ୍ୟଙ୍କେ ସପ୍ତଦଶାଧିକ ଦ୍ୱାଦଶ ଶତ ମତେ ଗତବନ୍ଧ ଶକ ବତ୍ସରେ × ×. (୪ର୍ଥ ନରସିଂହ ତାମ୍ରଶାସନ) ।

(ଚ) ଓଁ ସ୍ୱସ୍ତି ଶୁଭମସ୍ତୁ ଶକନୃପତେଃ ଚତୁସ୍ତ୍ରିଂଦଧିକ ଦ୍ୱାଦଶ ଶତ ପରମିତ ବତ୍ସରେ ସ୍ଥିତବାହୁତେଷୁ ବର୍ଷମୁଦ୍ର × × ଶ୍ରୀ ପୁରୁଷୋତ୍ତମ ଦେବସ୍ୟ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟେ ସପ୍ତମେଙ୍କେଽଭିଲଖ୍ୟମାନେ × × × ଶ୍ରୀ ପୁରୁଷୋତ୍ତମ କଟକେ × × ବୀର ଶ୍ରୀମଦ୍ ଭାନୁଦେବ ରାଉତବର୍ମ୍ମ-ସ୍ୟାମୁରାଜ୍ୟେରାଜ୍ୟଐଶ୍ୱର୍ଯ୍ୟାଭିବୃଦ୍ଧୟେ × × (ଏମାରମଠ ତାମ୍ରଶାସନ) ।

(ଛ) ଚୌଲୁକ୍ୟକୁଳସମ୍ଭୂତା ବାଲା ସୌନ୍ଦର୍ଯ୍ୟବାରଧେଃ ନାମ୍ନା ସଦଗୁଣ-ଦେବୀତମହିଷୀ ତସ୍ୟ ଭୂପତେ ( ଶଙ୍କରାନନ୍ଦମଠ ତାମ୍ରଶାସନ ) । (ଅସ୍ତୁ ରାଜ-ରାଜଙ୍କ ରାଣୀ ସଦଗୁଣଦେବୀ ମଙ୍କୁଣ ନୁହେ) ।

ପଣ୍ଡିତ ସତ୍ୟନାରାୟଣ ରାଜଗୁରୁ ମହାଶୟ ଉପରୋକ୍ତ ବଂଶବୃକ୍ଷମାନ ପ୍ରସ୍ତୁତ କରି 'ଉତ୍କଳସାହିତ୍ୟ'ରେ ଛପାଇଛନ୍ତି । ତାଙ୍କ ଧୈର୍ଯ୍ୟ ଓ ପରିଶ୍ରମ ଲାଗି ତାଙ୍କୁ ଆନ୍ତରିକ ଧନ୍ୟବାଦ ନଦେଇ ରହିପାରୁ ନାହିଁ । ସେ ମହାଶୟ ଅନେକ ଆଲୋଚନା ପରେ ଲେଖିଛନ୍ତି ଯେ, ଅନଙ୍ଗଭୀମ ଦେବଙ୍କ ଜଗନ୍ନାଥ ଦେଉଳ ତିଆରି ସମ୍ବନ୍ଧେ ଜଗନ୍ନାଥ ଦେଉଳରେ ଥିବା ଶ୍ଳୋକ ଏବଂ ଗଙ୍ଗବଂଶାନୁଚରିତରେ ଥିବା ଶ୍ଳୋକ ଭ୍ରମପ୍ରମାଦପୂର୍ଣ୍ଣ । ଏ ମତ ବିଷୟରେ ୨୦ ଖଣ୍ଡି ଶିଳାଲିପି ଓ କେତେକ ତାମ୍ରଶାସନ ସାକ୍ଷ୍ୟ ଅଛି । ଏ ଦୁଇ ଶ୍ଳୋକର ଅର୍ଥ ୧୧୧୮ ଶକାବ୍ଦ ହେଲେ ତାଙ୍କ ଗଣନାନୁସାରେ ସମସ୍ତ ଭୁଲ ହେବ । ତାଙ୍କର ସନ୍ଦେହ 'ଶୁଭ୍ରାଂଶୁ' ନହୋଇ 'ଶୁନ୍ୟାଂଶୁ' ହେଲେ ୧୧୦୮ ଶକାବ୍ଦ ହୋଇପାରେ । ୨ୟ କଥା, ମାଦଳାପାଞ୍ଜିରେ ଥିବା "ସପୁଚ୍ଛ ନରସିଂହେନ······ଶକେ ଦ୍ୱାଦଶକେ ଶତେ" ସ୍ଥଳେ ଯେଉଁମାନେ ନରସିଂହ ଦେବଙ୍କ ରାଜତ୍ୱ ୧୨୧୭ ଶକାବ୍ଦରୁ ଆରମ୍ଭ ବୋଲି କହନ୍ତି ସେ ମତ ଠିକ୍ ନୁହେ । ୩ୟ କଥା ଗଙ୍ଗବଂଶୀୟ ରାଜାଙ୍କ ସମୟରେ ଏକାପରି ଅଙ୍କକାଟ ହୋଇ ନାହିଁ । ଯଥା—ଚୋଡ଼ଗଙ୍ଗଙ୍କର ୭୨ ଅଙ୍କରେ ୬୦ ବର୍ଷ, କେବଳ ୩ ବର୍ଷ କଟାଯାଇଛି, ମାତ୍ର ଲାଙ୍ଗୁଲା ନରସିଂହଙ୍କ ୨୬ ବର୍ଷ ରାଜତ୍ୱରୁ ୭ ବର୍ଷ କଟାଯାଇଛି । ସେ ମହାଶୟ କହନ୍ତି, ଦକ୍ଷିଣ-ଓଡ଼ିଶାରେ ଗଙ୍ଗବଂଶୀୟ ରାଜାମାନଙ୍କର ଯେଉଁ ଶିଳାଲିପିଗୁଡ଼ିକ ଅଛି, ସେଥିରେ ରାଜାଙ୍କ ନାମ, ଶକାବ୍ଦ ଓ ଅଙ୍କ ବା ଶ୍ରାଦ୍ଧ ଉଲ୍ଲେଖ ଅଛି ଏବଂ ସେ ସବୁର ଅବଲମ୍ବନରେ ଯେଉଁ ଶକାବ୍ଦରେ ଯେଉଁ ଅଙ୍କ ମିଳିଛି ସେ ଗୋଟିଏ ପଞ୍ଜିକା କରି ପ୍ରକାଶ କରିଅଛନ୍ତି । ତାକୁ ପରୀକ୍ଷା କରି ଦେଖିଲେ ଜଣାଯାଏ ଯେ, ରାଜତ୍ୱର ପ୍ରତି ବର୍ଷର ଅଙ୍କ ଓ

ଶକାବ୍ଦ ମିଳନାହିଁ, କେତେକ ମିଳୁଛି । ଅଙ୍କଗଣନା ନିୟମାନୁସାରେ ୧, ୬ ଓ ୦ ସମନ୍ୱିତ ଅଙ୍କ ଗଣାଯାଏ ନାହିଁ । ତ୍ୟାଜ୍ୟ ଅଙ୍କ ମଧ୍ୟରୁ କେବଳ ୧୦ ବ୍ୟତୀତ ଅନ୍ୟ ତ୍ୟାଜ୍ୟ ଅଙ୍କର ନିଦର୍ଶନ ନାହିଁ । ମାତ୍ର ଚୋଡ଼ଗଙ୍ଗଙ୍କ ୮ ଅଙ୍କ = ୧୦୦୬ ଶକାବ୍ଦ ଅର୍ଥାତ୍ ୯୯୯କୁ ପ୍ରଥମ ଅଙ୍କ ଧରିଲେ ୧ ଓ ୬ ଅଙ୍କ ତ୍ୟାଗ କରାଯାଇ-ନାହିଁ ବୋଲି ଜଣାଯାଏ । ତ୍ୟାଗ କରାଯାଇଥିଲେ ୮ ଅଙ୍କରେ ୧୦୦୪ ଶକାବ୍ଦ ହୋଇଆନ୍ତା । ପୁନଶ୍ଚ ଦେଖାଯାଏ ୧୦୭୯ ଶକାବ୍ଦ=୭୨ ଅଙ୍କ ଅନୁସାରେ ୭୧ ବର୍ଷ ହେଉଛି । ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣ ବଜ୍ରହସ୍ତଦେବ ଓ ରାଜରାଜ ଦେବଙ୍କ ଅଙ୍କ ପଞ୍ଜିକା ( ଉ. ସା. ୩୧ଶ ଭାଗ ୯ମ ସଂଖ୍ୟା ) ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି, ବଜ୍ରହସ୍ତ ଦେବଙ୍କ ୯୬୦-୯୯୨ ଶକାବ୍ଦରେ ରାଜତ୍ୱ ୩୩ ବର୍ଷ, ମାତ୍ର ଅଙ୍କସଂଖ୍ୟା ୪୧ । ରାଜରାଜଦେବଙ୍କ ୯୯୧-୯୯୯ ଶକାବ୍ଦରେ ରାଜତ୍ୱ ୧୧ ଅଙ୍କରେ ୮ ବର୍ଷ । ଏ ମହାଶୟ ୧, ୬ ଓ ୦ ବିଶିଷ୍ଟ ଅଙ୍କମାନ ତ୍ୟାଗ କରିଛନ୍ତି । ପୁନଶ୍ଚ ଦେଖାଯାଏ ଯେ ଏମାନେ ଯେଉଁ ଶ୍ଳୋକଉପରେ ନିର୍ଭର କରି ଚୋଡ଼ଗଙ୍ଗଦେବଙ୍କ ମୂର୍ଦ୍ଧାଭିଷେକ ୯୯୯ ଶକାବ୍ଦ ବୋଲି ସ୍ଥିର କରିଛନ୍ତି ତାହା ମଧ୍ୟ ଭୁଲ ଥିବାର ଜଣାଯାଏ । "ଶକାବ୍ଦେ ନନ୍ଦ ରନ୍ଧ୍ର ଗ୍ରହଗଣ ଗଣିତେ" ଇତ୍ୟାଦି । ନନ୍ଦ = ୯, ରନ୍ଧ୍ର =୮, ଗ୍ରହଗଣ = ୯, ସୁତରାଂ ୯୮୯ ଶକାବ୍ଦ ହେବ । ଏ ଅନୁସାରେ ଗଣନା କଲେ ଉପରୋକ୍ତ ବଂଶାବଳୀରେ ଯେଉଁ ସମୟ ଉଲ୍ଲେଖ ଅଛି ତାହା ଦଶବର୍ଷ ପଛେଇଯିବ । ଚୋଡ଼ଗଙ୍ଗ ୯୮୯ ଶକାବ୍ଦରେ କଳିଙ୍ଗ ସିଂହାସନରେ ଅଭିଷିକ୍ତ ହୋଇଥିଲେ, ମାତ୍ର ତହିଁର ଅନେକ ଦିନ ପରେ ଉତ୍କଳକୁ ଆସିଲେ । ସୁତରାଂ ଉତ୍କଳରେ ଯେଉଁ ଶକାବ୍ଦରେ ରାଜା ହେଲେ ସେହିଠାରୁ ଅନ୍ୟ ରାଜାମାନଙ୍କ ସମୟ ଧରିବାକୁ ହେବ । ଏ ସମସ୍ତ ଦେଖିଲେ ବଡ଼ଦେଉଳରେ ଖୋଦିତ ଶ୍ଳୋକ ଭୁଲ ବୋଲି ହଠାତ୍ କୁହାଯାଇ ନ ପାରେ । ମୁଁ ଯେତେଦୂର ଦେଖୁଛି ସମୟର ଠିକ୍ ଗଣନା ଏ ପର୍ଯ୍ୟନ୍ତ ସ୍ଥିରୀକୃତ ହେବା ପାଇଁ ଆହୁରି ଅନେକ ଅନୁସନ୍ଧାନ କରିବାକୁ ହେବ । ତେବେ ଯେତେ କଥା ମିଳୁଛି ତାହା ଏକତ୍ରିତ କରି ଦିଆଗଲା । ସହୃଦୟ ପାଠକମାନେ ଏଥିର ସୁବିଚାର କରିବେ ଏବଂ ନୂତନ ତତ୍ତ୍ୱ ସଂଗ୍ରହ ବିଷୟରେ ଯତ୍ନବାନ୍ ହେବେ । ଆମ୍ଭେ ରାଜଗୁରୁ ମହାଶୟଙ୍କୁ ଏ ବିଷୟ ପଚାରିଥିଲୁଁ ସେ କହିଥିଲେ, ରନ୍ଧ୍ର ଅର୍ଥ ଅଙ୍କ ନିୟମାନୁସାରେ ୯ । ମାତ୍ର ଆମ୍ଭେ ଏ ଉତ୍ତରରେ ସନ୍ତୁଷ୍ଟ ହୋଇ ପାରିଲୁ ନାହିଁ । ରନ୍ଧ୍ର ଜ୍ୟୋତିଷ ଶବ୍ଦ । ଏହା ଆଠ ସ୍ଥଳରେ ବ୍ୟବହୃତ ହେବାର ଆମ୍ଭେ ଜାଣୁ । ମାତ୍ର ରନ୍ଧ୍ର ଅର୍ଥ ୯ କେଉଁ ବାକ୍ୟାନୁସାରେ ହେବ ସେ କଥା ନଜାଣିବା ଯାଏ ଏ କଥା ଉପରେ ନିର୍ଭର କରିପାରୁନାହୁଁ ।

ଭୁବନେଶ୍ବର ଅନନ୍ତ ବାସୁଦେବ ଲିପି : -

ଦେଉଳର ପଶ୍ଚିମ ପ୍ରାଚୀରରେ ଥିବା ଲିପି । ଭାଷା ସଂସ୍କୃତ । ପ୍ରଶସ୍ତି ଲେଖକ ଶ୍ରୀ ବାଚସ୍ପତି । "ପ୍ରଶସ୍ତି ରିୟଂ ବାଲବଲ୍ଲଭୀ ଭୁଜଙ୍ଗାପର ନାମ୍ନୋ ଭଟ୍ଟ ଶ୍ରୀ ଭବଦେବସ୍ୟ" ୩୪ ଶ୍ଳୋକ ଅଛି । ସିଲଦ୍‌ବଗ୍ରାମ ।

ମହାଦେବ—ଭବଦେବ—ଅଟ୍ଟହାସ
|
ରଥାଙ୍ଗଦେବ
¦
ଅତ୍ୟଙ୍ଗଦେବ
|
ବୁଦ୍ଧଦେବ
|
ଆଦିଦେବ
|
ଗୋବର୍ଦ୍ଧନଦେବ
|
ଭବଦେବ

ଗୋବର୍ଦ୍ଧନଙ୍କ ମାତାଙ୍କ ନାମ ଦେବକୀ, ପତ୍ନୀଙ୍କ ନାମ ସରସ୍ୱତୀ । ସେ ବନ୍ଦ୍ୟଘଟୀ ବ୍ରାହ୍ମଣକନ୍ୟା ଥିଲେ । ହରି ଭବଦେବ ରୂପରେ ଏହାଙ୍କ ଗର୍ଭରେ ଜନ୍ମ ହୋଇଥିଲେ । ଭବଦେବଙ୍କ ହୃଦୟରେ କୌସ୍ତୁଭ ଚିହ୍ନ, ଦୁଇ ହସ୍ତରେ ପଦ୍ମ ଚିହ୍ନ । ଅବଶିଷ୍ଟ ଶ୍ଳୋକରେ ଭବଦେବଙ୍କ କୀର୍ତ୍ତି ବର୍ଣ୍ଣିତ ହୋଇଛି । ଏଥିମଧ୍ୟରେ ରାଢ଼, ଗୌଡ଼ଙ୍କୁପାଦବାପ, ହରି ବର୍ମଦେବ ସମ୍ବତ୍ ୫ .(୩୨) ପ୍ରଭୃତି କେତେଗୁଡ଼ିଏ ଶବ୍ଦ ଅଛି । ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଲିପି ସମ୍ବନ୍ଧେ ନିଜ ମନ୍ତବ୍ୟ ପ୍ରକାଶ କରିନାହାନ୍ତି । ଗାଙ୍ଗୁଲି ମହାଶୟ ଏ କେତେଗୋଟି ଶବ୍ଦ ଦେଖି କହନ୍ତି ଯେ, ବାଚସ୍ପତି ଜଣେ ବଙ୍ଗାଳୀ ଥିଲେ ଏବଂ ରାଢ଼ ଶ୍ରେଣୀୟ ବ୍ରାହ୍ମଣ ଥିଲେ । ଭବଦେବ ବରାହମିହିରଙ୍କ ପରି ଜ୍ୟୋତିର୍ବେତ୍ତା ଥିଲେ । ଭବଦେବ ବଙ୍ଗଳାଭୂପତି ହରିବର୍ମ-ଦେବଙ୍କ ମନ୍ତ୍ରୀ ଥିଲେ । ସେ ଏହି ଦେଉଳ ଛଡ଼ା ଗୋଟିଏ ପୁଷ୍କରିଣୀ ଖୋଳାଇ ଥିଲେ । ସେ ପୋଖରୀ ସମ୍ଭବତଃ ବିନ୍ଦୁସାଗର । ବାଚସ୍ପତି ଭୋଜଦେବଙ୍କ

ସାମସାମୟିକ । ବାଚସ୍ପତି ୮୯୮ ଶକ ବା ୯୭୬ ଖ୍ରୀଷ୍ଟାବ୍ଦରେ "ନ୍ୟାୟକନ୍ଦଳୀ" ନାମକ ଗ୍ରନ୍ଥ ଲେଖିଥିଲେ । ଭୋଜଦେବ ୧୦୦୭—୧୦୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରାଜେନ୍ଦ୍ରଲାଲଙ୍କ ମତରେ ବାଚସ୍ପତି ଏକାଦଶ ଶତାବ୍ଦିର ଲୋକ ଏବଂ ଦେଉଳଟି ସମ୍ଭବତଃ ସେହି ସମୟର । ଲିପି ସ୍ଥାନାନ୍ତରିତ ହୋଇଥିଲା । ସେବକମାନେ ଆପତ୍ତି କରିବାରୁ ପୁନର୍ବାର ଆସି ସେଠାରେ ରହିଲା । ଲିପି ୨ ଖଣ୍ଡ ପ୍ରସ୍ତର ଉପରେ ଲିଖିତ ହୋଇଛି । ଏ ଦୁଇଟି ଲିପି କେବେ ସ୍ଥାନାନ୍ତରିତ ହୋଇଥିଲା ଜଣାନାହିଁ । କେବେ ପୁନଃ ପ୍ରତିଷ୍ଠିତ ହେଲା ଜଣାନାହିଁ । ଅପର ଲିପିଟି ବ୍ରହ୍ମେଶ୍ୱର ଦେଉଳର ଲିପିପରି ବୋଧହୁଏ । ଗାଙ୍ଗୁଲି ମହାଶୟଙ୍କ ମତ ସମ୍ପୂର୍ଣ୍ଣ ଭ୍ରମମୂଳକ । ହରିବର୍ମ ଦେବ ନାମକ ରାଜା ବଙ୍ଗଳାରେ କେବେ ରାଜତ୍ୱ କରି ନଥିଲେ । ବିଶେଷତଃ ଦେବ ସଂଜ୍ଞକ ରାଜା ବଙ୍ଗ ସିଂହାସନରେ ରାଜତ୍ୱ କରି ନଥିଲେ । ଆଇନ ଆକବରୀ ଓ ପୃଥିବୀ ଇତିହାସରେ ଶୂରବଂଶ, ପାଲବଂଶ, ସେନବଂଶ ରାଜାଙ୍କ ନାମ ଅଛି । ଏ ତିନି ବଂଶ ୧୫୧୯ ବର୍ଷ ରାଜତ୍ୱ କରିଥିଲେ । ବଙ୍ଗର ଶେଷ ରାଜା ଲକ୍ଷ୍ମଣସେନ ୧୧୯୨—୧୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ୧୫୧୯ ବର୍ଷ ହେଲେ ଖ୍ରୀଷ୍ଟାପୂର୍ବ ୩୧୭ । ପୃଥିବୀ ଇତିହାସ ଲେଖକ ଅନେକ ପୂରା ତତ୍ତ୍ୱ ଆଲୋଚନା କରିଛନ୍ତି । ମାତ୍ର ହରିବର୍ମଙ୍କ ନାମୋଲ୍ଲେଖ ନାହିଁ । ପୃଥିବୀ ଇତିହାସ (୫ମ ଖଣ୍ଡ ୧୦୯ ଓ ୧୧୧ ପୃଷ୍ଠା) ରେ ଉଲ୍ଲେଖ ଅଛି ୯୦୦ ଖ୍ରୀଷ୍ଟାବ୍ଦରେ ରାଷ୍ଟ୍ରକୂଟ ରାଜବଂଶରେ ହସ୍ତିକୁଣ୍ଡିରେ ହରିବର୍ମଣ ପ୍ରତିଷ୍ଠିତ ଥିଲେ । ପ୍ରଥମ ଦନ୍ତୀବର୍ମଣ ୬୫୦ ଖ୍ରୀଷ୍ଟାବ୍ଦରେ ରାଷ୍ଟ୍ରକୂଟ ବଂଶ ପ୍ରତିଷ୍ଠା କଲେ । ଏ ବଂଶୀୟ ରାଜାମାନଙ୍କର ଦେବ ଉପାଧି ନଥିଲା । ପ୍ରାଚୀନକାଳରେ ନେପାଳର ପୂର୍ବ ପ୍ରାନ୍ତରେ ଲିଚ୍ଛବି ରାଜବଂଶୀୟ ରାଜାମାନେ ଦେବ ଉପାଧି ବ୍ୟବହାର କରୁଥିଲେ । ଶିବଦେବ ଏ ବଂଶର ପ୍ରଥମ ରାଜା । ଏ ବଂଶରେ ହରିବର୍ମ ଦେବ କେହି ନଥିଲେ । ଏପରି ଅବସ୍ଥାରେ ସେ କିପରି ବଙ୍ଗାଳୀ ହେଲେ ? ଏପରି ସିଦ୍ଧାନ୍ତ ବଙ୍ଗାଳୀ ଲେଖକଙ୍କର ସ୍ୱାଭାବିକ । ୩୨ ସମ୍ବତ୍ ଖ୍ରୀଷ୍ଟପୂର୍ବ ୨୫ ଅଙ୍କ । ବାଚସ୍ପତି ସେତେବେଳକୁ ଜନ୍ମି ନଥିଲେ ।

ବ୍ରହ୍ମେଶ୍ୱର ଲିପି :—ଅର୍ଥାତ୍ ଅନନ୍ତବାସୁଦେବଙ୍କ ମନ୍ଦିରର ପ୍ରାଚୀରରେ ଥିବା ୨ୟ ପ୍ରସ୍ତର ଲିପି । ଉଦ୍ୟୋତକେଶରୀଙ୍କ ମାତା କୋଲାବତୀ ବ୍ରହ୍ମେଶ୍ୱର ଦେଉଳ ତୋଳାଇଥିଲେ । ଦେଉଳ ଉପରେ ସୁବର୍ଣ୍ଣ କଳଶ ଥିଲା । ପୁରୁଷୋତ୍ତମ ଭଟ୍ଟ ପ୍ରଶସ୍ତି ଲେଖକ । ଦେଉଳ ୧୮ ସମ୍ବତ୍‌ରେ ତୋଳା ହୋଇଥିଲା ।

ଜନମେଜୟ ( ଅଙ୍ଗଦେଶ ଜୟ କରିଥିଲେ )
|
ଦୀର୍ଘରବ
|
ଜନମେଜୟ
|
ବିଚିତ୍ରବୀର
|
ଚଣ୍ଡୀହର
|
ଉଦ୍ୟୋତକେଶରୀଙ୍କ ମାତା କୋଲାବତୀ

ପରମ ମାହେଶ୍ୱର ମହାରାଜାଧିରାଜ ସୋମବଂଶୋଦ୍ଭବ ଭୂପତି କଳିଙ୍ଗାଧିପତି ଶ୍ରୀମଦୁଦ୍ୟୋତକେଶରୀ ରାଜଦେବସ୍ୟ ବିଜୟରାଜ୍ୟେ ସମ୍ବତ୍ ୧୮ ଫାଲ୍ଗୁନ ଶୁଦି ୩ ସୂତ୍ରଧାରସ୍ୟ ।

ମେଜର ମାର୍ଶଲ ପ୍ରଥମ ଲିପିର ସମୟ ୩୨ ସମ୍ବତ୍ ସ୍ପଷ୍ଟ ପଢ଼ିଥିବାର ଲେଖିଅଛନ୍ତି । ଦ୍ୱିତୀୟ ଲିପିର ସମୟ ୧୮ ସମ୍ବତ୍ । ପ୍ରଶସ୍ତି ଲେଖାର ଶ୍ଳୋକ ଦୁଇଅର୍ଥବୋଧକ ଥାଏ । ଭବଦେବ ଶିବଙ୍କୁ ବୁଝାଇପାରେ । ଭୁବନେଶ୍ୱର ଏକାମ୍ରକାନନରେ ପ୍ରତିଷ୍ଠିତ ହେବାପୂର୍ବେ ଅନନ୍ତବାସୁଦେବ ସେଠାରେ ଥିଲେ । କପିଳସଂହିତା, ବ୍ରହ୍ମପୁରାଣ, ଏକାମ୍ରପୁରାଣ, ଶିବପୁରାଣ ଦ୍ରଷ୍ଟବ୍ୟ । ଅନନ୍ତବାସୁଦେବ ଅତି ପ୍ରାଚୀନ ଦେବତା (ଏକାମ୍ରପୁରାଣ) । ସ୍ୱୟଂ ଶିବ ବିନ୍ଦୁସାଗର ଖୋଳାଇଥିଲେ । ଶାକ୍ତମାନେ କହନ୍ତି ପାର୍ବତୀ ଖୋଳାଇଥିଲେ । ଏହାର ଅପର ନାମ ଗୋସାଗର । ପ୍ରତ୍ୟେକ ତୀର୍ଥରୁ ବିନ୍ଦୁଏ ଲେଖାଏଁ ଜଳ ଆସି ଏ ପୁଷ୍କରଣୀ ହୋଇଥିବାରୁ ଏହାର ନାମ ବିନ୍ଦୁସାଗର । ବିନ୍ଦୁହ୍ରଦ ନାମ ମହାଭାରତରେ ଅଛି (ବନପର୍ବ) । ସୁତରାଂ ୩୨ ସମ୍ବତ୍ ବହୁପୂର୍ବେ ବିନ୍ଦୁସାଗର ଖୋଳା ହୋଇଥିଲା । ଗାଙ୍ଗୁଲିଙ୍କ ମତାନୁସାରେ ବଙ୍ଗାଳୀ ଖୋଳିଲେ କିପରି ? ଏ ସିଦ୍ଧାନ୍ତ ଅମୂଳକ । ବ୍ରହ୍ମେଶ୍ୱର ଦେଉଳ ୧୮ ସମ୍ବତ୍‌ର ହେଲେ, ଆହୁରି ପ୍ରାଚୀନ ।

ସମ୍ବତ୍ ବିକ୍ରମାଦିତ୍ୟଙ୍କ ରାଜତ୍ୱ କାଳରୁ ଚଳୁଛି । ବର୍ତ୍ତମାନ ବିକ୍ରମାଦିତ୍ୟାବ୍ଦ ୧୯୮୪ । ବିକ୍ରମାଦିତ୍ୟ ଖ୍ରୀଷ୍ଟପୂର୍ବ ୫୭ ଅବ୍ଦରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ । ସୁତରାଂ ୧୮ ସମ୍ବତ୍ = ଖ୍ରୀ. ପୂ. ୩୯ ଦ୍ୱିତୀୟ ଲିପିର ସମୟ ।

୨ୟ ଲିପି :—

ତଦ୍ଵଂଶେଽଜନି ଶୁଦ୍ଧକୀର୍ତ୍ତିରତୁଲୋ ବିଶ୍ଵମ୍ଭର ବଲ୍ଲଭୋ ରାଜା ଶ୍ରୀ ଜନମେଜୟସ୍ତ
ସରପୁତ୍ହାଭ୍ରୁତେସ୍ତ ଲଙ୍କାଧିପଃ ଦନ୍ତାଦନ୍ତୀ କଚାକଚି ଶ୍ରମମିଷାଭଗ୍ନେରପୂର୍ଣଂ ।
ଢିପ୍ରେ ଯଃ କୃତ୍ଯଃ ଗ୍ରହତୋଂଗ ଦେଶ ନୃପତେ ଲକ୍ଷ୍ମୀ ସମାକୃଷ୍ଟବାନ୍ ।

× × ×

ତସ୍ୟାନ୍ତେ କଳିକାଳ କଳ୍ପବିଟପୀ ଭୂପାଳ ଚୂଡ଼ାମଣିଃ
ମର୍ଯ୍ୟାଦାମୃତ ସର୍ବ୍ବ ଧୈର୍ଯ୍ୟ କମଳା ଗାମ୍ଭୀର୍ଯ୍ୟ ରତ୍ନାକରଃ
ମାଙ୍ଗଲ୍ୟୋଦୟ ଶକ୍ତିସିଦ୍ଧି ବିଦୁରଃ ପ୍ରଖ୍ୟାତକୀର୍ତ୍ତି ସଦା
ରାଜା ଯାଦରବୋ ମହାରଥଗୁଣଃ ଶୂରୋ ବଭୂବା ଋଦ୍ଧା ।

× × ×

ତସ୍ମିନ୍ ନଗରେ ଦ୍ଵଦଶ, ପୂର୍ବିଣି ରାଜମଲ୍ଲେ ନାନା ଭଟରୂପହତେ
ସକଲେଽପି ରାଷ୍ଟ୍ରେ ଦେଶାନ୍ତର ସ୍ଥିତବସ୍ତୁଭ ବଲ ପ୍ରକାର
କ୍ୟାଲଃ କସ୍ତାନଗଦାଯ ଯଥକାଞ୍ଚିତ ତତ୍ସ୍ଥାନା ଜନମେଜୟସ୍ୟ
ତନୟୋ ଭୂତଃ ପ୍ରସିଦ୍ଧକ୍ଷିତୌ । ସବନାପି ବିଚାଯବୀର ଇତି ଯସ୍ତସ୍ଯା-
ଦଜନ୍ୟାତ୍ମଜଃ ଧନ୍ୟୋମାମତି ମନ୍ତ୍ୟଗତ୍ୟନ୍ତବଳୀ ତସ୍ୟୋପତେନ୍ନାଃ
ସୁତଃ ଶ୍ରୀ ଚଣ୍ଡୀହର ଇଧୁଭୂନ୍ନରପତିଃ × ×
ସବତେବ ସୂନୁ ରୁଦ୍ରଚନ୍ଦ୍ର ଦ୍ୟୋତକଃ କେଶରୀ × ×

ଶ୍ରୀ ଜଗନ୍ନାଥ ଦେଉଳ ମଧ୍ୟରେ ଥିବା ଲିପି :—

(୧) ବୀର ଶ୍ରୀ ଗଜପତି ଗୌଡେଶ୍ଵର ନବକୋଟୀ କର୍ଣ୍ଣାଟ କଲବରଗେଶ୍ଵର ପ୍ରତାପ ପୁରୁଷୋତ୍ତମଦେବ ମହାରାଜାଙ୍କର ସମସ୍ତ × × ଶ୍ରାହ୍ଵ ମେଷ ଶୁକ୍ଳ ଗୁରୁବାର × ×

(୨) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ପ୍ରତାପ କପିଳେଶ୍ୱରଦେବ ମହାରାଜାଙ୍କ ବିଜେ ସମସ୍ତ ୧୯ ଅଙ୍କ ଶ୍ରାହି ଶେଷ ଶ୍ରମାବେ ରବିବାରେ × × ଶ୍ରୀ ପୁରୁଷୋତ୍ତମର ପୂଜ୍ୟସ୍ଥଳ ଗୋପଶାଢ଼ି ଦେଲୁଁ ।

(୩) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ସମସ୍ତ ୩୮ ଅଙ୍କ ଶ୍ରାହି କକଡ଼ା ୧୩ ଦିନ ଗୁରୁବାର ପୁରୁଷୋତ୍ତମ କଟକେ × × ×

(୪) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × × ପ୍ରତାପ ପୁରୁଷୋତ୍ତମଦେବ ମହାରାଜାଙ୍କ ବିଜେ ରାଜ୍ୟେ × × × ୧୯ ଅଙ୍କ ଶ୍ରାହି ଶୁକ୍ଳ ୮ ଦି ମଙ୍ଗଳବାର × × × ବାରାଣସୀ କଟକେ × ×

(୫) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × ପ୍ରତାପ ଶ୍ରୀ ପୁରୁଷୋତ୍ତମ-ଦେବ × × ୪ ଅଙ୍କ × ×

(୬) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × × ପ୍ରତାପ ଶ୍ରୀ ପୁରୁଷୋତ୍ତମଦେବ × × ଦଶ ଅଙ୍କ × ×

(୭) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × × ପ୍ରତାପ ଶ୍ରୀ ପୁରୁଷୋତ୍ତମଦେବ ୪ ଅଙ୍କ × ପୁରୁଷୋତ୍ତମ କଟକେ ×

(୮) ବୀର ପ୍ରତାପ କପିଳେଶ୍ୱର ଦେବ × × ୪ ଅଙ୍କ ଶ୍ରାହି ଧନୁମାସ ଅମାବାସ୍ୟା ସୋମବାରେ × × ଆମ୍ଭର ଓଡ଼ିଶା ରାଜ୍ୟ ଲୋକ କଉଡ଼ି ମୂଲ କର ଯା ଗୁଣ୍ଡିଲ ଗୁଣ୍ଡିଲ × ×

(୯) ଶ୍ରୀ ବୀର ପ୍ରତାପ କପିଳେଶ୍ୱର × × ମହାରାଜାଙ୍କ ବିଜେ ରାଜ୍ୟେ ସମସ୍ତ ୪ ଅଙ୍କ ଶ୍ରାହି ଧନୁମାସ × × ରତ୍ନତୋଡ଼ା ବିମାନ ଶ୍ରୀଭୁଜ ରଜତ ଶଙ୍ଖଚକ୍ର ପରମେଶ୍ୱର ମୁଣ୍ଡୋହିକ ସୁନାଯୋଗାଡ଼ । ରତ୍ନମୁକୁଟ କାନଫୁଲ ଚଢ଼କା ମଧ୍ୟରେ ୮୪ ଯୋଡ଼ା ସ୍ୱର୍ଣ୍ଣ ମାଣିକ୍ୟ ବିଚିତ୍ରମାଳ ୩ ମୁକ୍ତା ବଡ଼ କଣ୍ଠିମାଳ ୪ ମାଣିକ୍ୟସୁତା ୮ ମର୍କତକାଳି ୮ ମର୍କତମୁକ୍ତା ୮ ମାଳ ନାନା ରତ୍ନ ପଦକ × × ରାଜା ଏହା ଦେଲା ।

(୧୦) ଶ୍ୱାର ଶ୍ରୀ ଗଜପତ × ପ୍ରତାପ କପିଳେଶ୍ୱର ଦେବ × ୩୪ ଶ୍ରାହ୍ନ ।

(୧୧) ଶ୍ୱାର ଶ୍ରୀ ଗଜପତ × ପ୍ରତାପ ଶ୍ରୀ ପ୍ରତାପରୁଦ୍ର ଦେବ × ସମସ୍ତ ୪ ଅଙ୍କ × ଆଜ୍ଞାପ୍ରମାଣେ ବଡ଼ଠାକୁରଙ୍କ ଭୋଗବେଳେ ଗୀତଗୋବିନ୍ଦ ପାଠ ହୋଇବ, ସନ୍ଧ୍ୟାଧୂପଠାରୁ ବଡ଼ସିଂହାର ପର୍ଯ୍ୟନ୍ତ × ଆନ ଗୀତ ନ ଗାଇବେ × ଆନ ନାଟ ପରମେଶ୍ୱରଙ୍କ ସମ୍ମୁଖରେ ନ ହୋଇବ × ବୈରାଗୀ ଊନପଞ୍ଚାଶ ଜଣ ଅଛନ୍ତି, ଏମାନେ ଗୀତଗୋବିନ୍ଦ ଗୀତ ହିଁ ଗାଇବେ । ଏହାଙ୍କଠାରୁ ଅଶିକ୍ଷିତ-ମାନେ ଶୁଣି ଗୀତଗୋବିନ୍ଦ ଗାଇବେ । ଆନ ଗୀତ ସେ ନ ଶିଖିବେ ।

(୧୨) ଶ୍ୱାର ଶ୍ରୀ ଗଜପତ × ଶ୍ରୀ ଇନ୍ଦ୍ରଦେବ ମହାରାଜାଙ୍କ ସମସ୍ତ ୫ ଅଙ୍କ ଶ୍ରାହ୍ନ ଧନୁ ୩ ଦିନ ×

(୧୩) ଶକାବ୍ଦେ ରନ୍ଧ୍ର ଶୁଭ୍ରାଂଶୁ ରୂପ ନକ୍ଷତ୍ରନାୟକେ
ପ୍ରାସାଦଂ କାରୟାମାସାନଙ୍ଗଭୀମେନ ଧୀମତା ।

ଜଗନ୍ନାଥ ଦେଉଳର ଅନେକ ଲିପିର ଅକ୍ଷର ଓ ମାତ୍ରା କାଳକ୍ରମେ ଘଷିହୋଇ ଲିଭିଗଲଣି, ତେଣୁ ଅବୋଧ୍ୟ । ଲିପିମାନ ଓଡ଼ିଆ ଅକ୍ଷରରେ ଲେଖା । କଲବରଗ ବର୍ତ୍ତମାନ ଗୁଲବର୍ଗା ହେବା ସମ୍ଭବ । ହାଇଦ୍ରାବାଦ ନିକଟରେ ଗୁଲବର୍ଗା । ହାଇଦ୍ରାବାଦ ଅଞ୍ଚଳରେ ଓଡ଼ିଶା ସ୍ମୃତି ଚଳୁଥିବାର ଶୁଣାଯାଏ । ତେତେବେଳେ ଗୁଲବର୍ଗା ଓଡ଼ିଶା ଅଧୀନରେ ଥିଲା ।

ଭୁବନେଶ୍ୱର ଦେଉଳ ନାଟମନ୍ଦିର କବାଟ :—

ଗଜାଷ୍ଟେଶ୍ୱମିତେ ଜାତେ ଶକାବ୍ଦେ କୃତ୍ତିବାସସଃ
ପ୍ରାସାଦମକରୋଦ୍ରାଜା ଲଲାଟେନ୍ଦୁ କେଶରୀ ।

ହାତୀଗୁମ୍ଫା ଭିତରେ କୁଟିଳାକ୍ଷରରେ :—

ଶ୍ରୀସାଧିକାର ସୌରଜପାଦା ଚନ୍ଦ୍ରାର୍କ ଗୁହାଗର୍ଭସ୍ଥ
ଦେବ ଜମୂନେଃ ପ୍ରଭୀଶ୍ୱରସ୍ୟ ବରହ୍ମା
ଇଜ୍ୟାଗର୍ଭ ସମୁଦ୍ଭଣାନନ୍ତ ଭସ୍ୟ ସଣାଭପ୍ୟା
ଭ୍ରମଦାଚ୍ଚୋରଣ ଧାତ୍ୟପସ ସଂବସ୍ତ୍ରନ ମୁନ ।

ପବନଗୁମ୍ଫା ଲିପି :—

ଚୂଲବମସ ପସେତ କଥା ଯା ।

ସର୍ପ ବା ଅଜଗର ଗୁମ୍ଫା :—

ଚୂଲବମସ କଥା ଯା ଚ କମସଖି ନୟାତେ ପଟସଦ ।

ବ୍ୟାଘ୍ର ଗୁମ୍ଫା :—

ଉଗ୍ର ଅଭେଦସ ସମ ବନୋ ଲେନୋ ।

କାଲଚନ୍ଦ୍ର ଗୁମ୍ଫା :—

ଶ୍ରୀ ଆର୍ଯ୍ୟ କାଲଚନ୍ଦ୍ରସ୍ୟ ଭସ୍ୟ ଶିଷ୍ୟ ବେଲ୍ଲଚନ୍ଦ୍ରସ୍ୟ କା ତାଂ ଧର୍ମେ ।

ଗୋପୀନାଥପୁର ପ୍ରସ୍ତର ଲିପି :—

ଗୋପୀନାଥପୁର କଟକଠାରୁ ଉତ୍ତରକୁ ୧୩ ମାଇଲ ଦୂର ଏବଂ ବିରୂପା ନଦୀଉପରେ ଅବସ୍ଥିତ । ଲିପି ଓଡ଼ିଆ ଅକ୍ଷରରେ ଲେଖା । ୩୦ ଧାଡ଼ି ଲେଖା ଅଛି । କପିଳେନ୍ଦ୍ରଦେବଙ୍କ ମନ୍ତ୍ରୀ ଗୋପୀନାଥ ମହାପାତ୍ରଙ୍କ ଆଦେଶ ଅନୁସାରେ ଲିପି ଖୋଦିତ ହୋଇଛି ।

ଲକ୍ଷ୍ମଣ ମହାପାତ୍ର

ନାରାୟଣ ବଡ଼ପୁଅ　ଗୋପୀନାଥ (ହାରିତକୁଳ)

ଜଗୁଲି

କପିଳେନ୍ଦ୍ରଙ୍କ ନାମ କପିଳେଶ୍ୱର ଲେଖାଅଛି । ଲିପିରେ ସମୟ ନିର୍ଦ୍ଦିଷ୍ଟ ନାହିଁ । କପିଳେଶ୍ୱରଙ୍କର ଭ୍ରମରବର ଉପାଧି ଅଛି । ଲିପିରୁ ଜଣାଯାଏ କପିଳେନ୍ଦ୍ର କର୍ଣ୍ଣାଟ, କଲବରଗ, ମାଳବ, ଗୌଡ ଓ ଦିଲ୍ଲୀ ରାଜାମାନଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଗୋପୀନାଥ ବହୁତ ସାହାଯ୍ୟ କରିଥିଲେ । ଗୋପୀନାଥଙ୍କ ପିତା ଓ

ବଡ଼ଭାଇ କପିଳେନ୍ଦ୍ରଙ୍କ ମନ୍ତ୍ରୀ ଥିଲେ । ଗୋପୀନାଥ ଶେଷକୁ ମନ୍ତ୍ରୀ ହୋଇଥିଲେ । ମାଳବ ଆକ୍ରମଣ ସମ୍ଭବତଃ ବିଦର ଆକ୍ରମଣ । ଫେରିସ୍ତାରେ ଏ ଆକ୍ରମଣ ସମସ୍ତ ୧୪୬୮ ଖ୍ରୀଷ୍ଟାବ୍ଦ । ଏଠାରେ ଦେଉଳ ଅଛି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମୂର୍ତ୍ତି ଅଛନ୍ତି । ଦେଉଳରେ ଅନେକ ବୃତ୍ତି ଖଞ୍ଜା ଅଛି । ଗୋପୀନାଥ ୧୬ ବର୍ଷ ପରେ ପ୍ରଧାନମନ୍ତ୍ରୀ ହେଲେ । ସେ ୧୬ ଦୁର୍ଗ ଅଧିକାର କରିଥିଲେ, ୧୬ ଛତ୍ର ପାଇଥିଲେ; ଯୁଦ୍ଧରେ ୧୬ ରାଜାଙ୍କୁ ବନ୍ଦୀ କରିଥିଲେ । ଗୋପୀନାଥ ସଡ଼କ ଧାରରେ ଅନେକ ପୁଷ୍କରିଣୀ ଖୋଳାଇଥିଲେ । ଦେଉଳଟି ବଡ଼ ଉଚ୍ଚ । ଏ ଶାସନରେ ସର୍ବଦା ବେଦଧ୍ୱନି ଶୁଣା ଯାଉଥିଲା । ଏଠାରେ ଅନେକ ଯଜ୍ଞସ୍ତମ୍ଭ ଦେଖାଯାଏ । ଲିପିର ଭାଷା ସଂସ୍କୃତ ।

ଗୃଟେଶ୍ୱର ଶିଳାଲିପି :—

କଟକ ଜିଲ୍ଲାର ପଦ୍ମପୁର ପ୍ରଗନାର କଇପଦ ଗ୍ରାମରେ ଗୃଟେଶ୍ୱର ଶିବ ଦେଉଳ ଅଛି । କଟକରୁ ଉତ୍ତର ପୂର୍ବ ୧୨ ମାଇଲ । ଦେଉଳ ଚାରିପାଖେ ଅନେକ କ୍ଷୁଦ୍ର ଦେଉଳ ଅଛି । ସେଗୁଡ଼ିକ ନୂତନ; ମାତ୍ର ଗୃଟେଶ୍ୱରଙ୍କ ଦେଉଳ ଅତି ପ୍ରାଚୀନ । ଭୋପାମାନେ ସେବକ ଏବଂ ଗ୍ରାମର ପ୍ରଧାନ ବାସିନ୍ଦା । ଅନେକ ସମ୍ପତ୍ତି ଥିଲା । ବର୍ତ୍ତମାନ ପ୍ରାୟ ୧୦୦୦ ବିଘା ଅଛି । ୩୦୦ ଭରଣ ଧାନ ମିଳେ । ବହୁତ ଭେଟ ଦର୍ଶନୀ ମିଳେ । ଶିବ ଚତୁର୍ଦ୍ଦଶୀ ଦିନ ବଡ଼ ମେଳା ହୁଏ । ଦେଉଳ ଜୀର୍ଣ୍ଣ ହୋଇଗଲାଣି । ସେବକମାନେ ଅନେକ ସମ୍ପତ୍ତି ବିକ୍ରି ଦେଲେଣି । ଏଠାରେ ଗୋଟିଏ ପୁଷ୍କରିଣୀ ଥିଲା । ନିକଟରେ ଅବଧାନ ପାଠ ପଢ଼ାଉଥିଲା । ମହାଦେବ ଗୃଟ ରୂପରେ ଗୃହପାଳକ ଆସୁଥିଲେ । ପରେ ଜଣାପଡ଼ିବାରୁ ଗୃଟେଶ୍ୱର ରୂପରେ ପ୍ରକାଶିତ ହେଲେ । ଏହି ଦେଉଳରେ ୨ୟ ଅନଙ୍ଗଭୀମଙ୍କ ଲିପି ଅଛି । ଭାଷା ସଂସ୍କୃତ, ଅକ୍ଷର କୁଟିଳ । କବି ଭାସ୍କର । ୨୫ଟି ଚତୁଷ୍ପଦୀ ଶ୍ଳୋକ ଅଛି ।

ଚୋଡ଼ଗଙ୍ଗ
|
ଅନଙ୍ଗଭୀମ-୧
|
ରାଜେନ୍ଦ୍ର
|
ଅନଙ୍ଗଭୀମ-୨

ତ୍ରିକଳିଙ୍ଗନାଥ ନୃପତ୍ତି ବୋଲି ଉଲ୍ଲେଖ ଅଛି । ଲିପିରେ ସମସ୍ତ ଲେଖା ନାହିଁ । ବସିସଗୋତ୍ରୀ ଗୋବନ୍ଦ ଏବଂ ବିଷ୍ଣୁ ମନ୍ତ୍ରୀ ଥିଲେ । ସେ ଭୃଦ୍ଧାଶ ରାଜା ସଙ୍ଗେ ଯୁଦ୍ଧ କରିଥିଲେ । ଅନଙ୍ଗଭୀମ ଅନେକ ସୁବର୍ଣ୍ଣ ସୁମେରୁ ପ୍ରସ୍ତୁତ କରି ତୁଲାପୁରୁଷ ଦାନ କରିଥିଲେ । ପ୍ରଶସ୍ତିରେ ଅନଙ୍ଗଭୀମ କୀର୍ତ୍ତି ଘୋଷିତ ହୋଇଛି ।

କୁମାରାଙ୍ଗ ଶାସନ ତାମ୍ରଲିପି :—

ପୁରୀ ଜିଲ୍ଲାର ବାଣପୁର ଅଞ୍ଚଳରେ କୁମାରାଙ୍ଗ ଶାସନ । ଏ ଶାସନରେ ପଣ୍ଡିତ ହଳଧର ଷଡ଼ଙ୍ଗୀଙ୍କ ବାସସ୍ଥାନ । ତାଙ୍କ ଗୃହରେ ଏ ତାମ୍ରପଟ୍ଟ ଅଛି । ୪୪ ଧାଡ଼ି ଅକ୍ଷର ଲେଖାଅଛି । ଅକ୍ଷର କେତେକ କୁଟିଳ, କେତେକ ନାଗରାକ୍ଷର । ଭାଷା ସଂସ୍କୃତ । ହଳଧର ଦାଶରଥି କବିଚନ୍ଦ୍ରଙ୍କ ପୁତ୍ର । ଏଥିରେ ଦାତାଙ୍କର ବଂଶାବଳୀ ଅଛି । ଦାତା ରାଜା ମାନସିଂହଙ୍କ ବଂଶର ।

ଲୋକସାର
|
କୁଶଳହାର—ଲଳିତସାର
|
ଶାନ୍ତକର (ଶୁଭକର)
|
ଦଣ୍ଡୀମହାଦେବୀ (ଦୁହିତା)

ଏ ଦଣ୍ଡୀମହାଦେବୀ ଦାନ ଦେଇଥିଲେ । ମାନସିଂହପୁର ଦାନ କରାଯାଇ-ଥିଲା । ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ସୀମା ପର୍ବତ । ପ୍ରଜାଙ୍କ ଖଜଣା ଚିରସ୍ଥାୟୀ କରାଯାଇଛି । ଦଣ୍ଡୀମହାଦେବୀ ଶୈବଭକ୍ତା ଥିଲେ । ଏଥିରେ ମାନସିଂହ ବଂଶର ଏବଂ ଦାତାଙ୍କର ପ୍ରଶସ୍ତି ଅଛି । ଦେବଦତ୍ତ ପୁତ୍ର ଦାମୋଦର ଲିପିଖୋଦକ । ଜମ୍ବୁ କବି ପ୍ରଶସ୍ତି ରଚକ । ସମସ୍ତ ଲେଖା ନାହିଁ ।

ନେଉଲପୁର ଶୁଭକର ଦାନପତ୍ର : କଟକ ଜିଲ୍ଲା ଦର୍ପଣୀ କିଲ୍ଲା ଅନ୍ତର୍ଗତ ଲକ୍ଷ୍ମରାଜ ବାହେଲ ଦାନ । ପର୍ବତଦ୍ରୋଣୀ ଓ ଦଣ୍ଡକୀୟଙ୍କ ଗ୍ରାମ ଦାନ କରାଯାଇଛି । ଏ ଦୁଇ ଗ୍ରାମ ପଞ୍ଚାଳ ଭଟ୍ଟୀଦସ୍ତ ବିଶୋଇରେ ଓ ଉତ୍ତର ତୋଷାଲିରେ । ୮ମ ବର୍ଷ ମାର୍ଗଶିର ୧୩ ଦିନ ।

କ୍ଷେମଙ୍କରଦେବ
|
ଶିବକରଦେବ
|
ଶୁଭକରଦେବ

ଦଣ୍ଡୀମହାଦେବୀଙ୍କ ଦାନ :—୧୮୦ ସମ୍ବତ୍ ମାର୍ଗଶିର ୫ ଦିନ କୃଷ୍ଣପକ୍ଷ ଓ ୧୮୭ ସମ୍ବତ୍ । ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱରୀ ଦଣ୍ଡୀମହାରାଣୀ ଦାତା । ବିଜୟସ୍ତ ଗୁହଣି ଗୁହେଶ୍ୱର ପାଟକଠାରେ ଦାନ ଦିଆଯାଇଥିଲା । କଙ୍ଗୋଡ଼ ମଣ୍ଡଳର ବର୍ତ୍ତମାନ ଓ ଭବିଷ୍ୟତ୍ କର୍ମଚାରୀଙ୍କୁ ଦାନ ଦିଆଯାଇ ଥିଲା ।

ଉନ୍ମତ୍ତ ସିଂହ
|
ମଙ୍ଗପଦ ପ୍ରଭୃତି
|
ଲୋନଭାର
|
କୁସୁମଭାର
|
ଲଳିତଭାର ଭାଇ
|
ଶାନ୍ତିକର
|
ଦଣ୍ଡୀମହାଦେବୀ (ଦୁହିତା)

ଢେଙ୍କାନାଳ ଦାନପତ୍ର :—ଭରଦ୍ୱାଜ ଗୋତ୍ରୀ ଜଗଧର ଭଟ୍ଟଙ୍କୁ ଦାନ ଦିଆଯାଇଛି । ଦାନ ଗ୍ରାମ ତୋସାଲ । ଦାତା ବିଷ୍ଣୁଭକ୍ତ ଥିଲେ । ସମ୍ବତ୍ ନାହିଁ ।

ଉନ୍ମତ୍ତକେଶରୀ
|
ଗଜଦ ପ୍ରଭୃତି
|
ଲଳିତଭାର ଦେବ
|
ତ୍ରିଭୁବନ ମହାଦେବୀ (ସ୍ତ୍ରୀ)

ଗଜଧ ତୁଙ୍ଗଦେବଙ୍କ ଦାନପତ୍ର :—ତୁଙ୍ଗମାନେ ଯମଗର୍ଭ ମଣ୍ଡଳର ରାଜା । ସେମାନେ ଶାଣ୍ଡିଲ୍ୟଗୋତ୍ରୀ ।

ବାନର୍ଯ୍ୟସ୍ଥ
|
ଜଗତ୍ତୁଙ୍ଗ
|
ସାଲଣତୁଙ୍ଗ
|
ଗୟଦତୁଙ୍ଗ

୨ୟ ବଣେଇଁ ତାମ୍ରପଟ୍ଟ :—ଦାତା ରାଜା ବୀରତ ତୁଙ୍ଗ ଓ ଉଦୟ ବରାହ । ଏମାନେ ଶାଣ୍ଡିଲ୍ୟଗୋତ୍ରୀ । ରୋହଟାସ ଗଡ଼ । ଶିବଭକ୍ତ । ରକ୍ଷିତା ହର୍ଷାନଳ । ଯମଗର୍ଭ ପ୍ରଦେଶର ରାଜା ।

ବୀରତତୁଙ୍ଗ-୧
|
ଖଡ୍ଗତୁଙ୍ଗ
|
ବୀରତତୁଙ୍ଗ-୨ ମହାରାଜତୁଙ୍ଗ

ବାମନଘାଟି ଦାନପତ୍ର :—୨୮୮ ସମ୍ବତ୍ । ଘୁମୁସର ଓ ମୟୂରଭଞ୍ଜର ମୟୂର ଚିହ୍ନ ଅଛି ।

କୋଠଭଞ୍ଜ
|
ଦିଗଭଞ୍ଜ
|
ରଣଭଞ୍ଜ
|
ରାଜଭଞ୍ଜ — ଦିଗଭଞ୍ଜ — ନେତ୍ରଭଞ୍ଜ

ଦିଗଭଞ୍ଜ
|
ଶିଲଭଞ୍ଜ
|
ମହାରାଜ ବିଦ୍ୟାଧରଭଞ୍ଜ (ଧର୍ମକଳଶ)

ନେତ୍ରଭଞ୍ଜଙ୍କ ଦାନପତ୍ର :—

ଦଗଭଞ୍ଜ
|
ଶିଳଭଞ୍ଜ
|
ବିଦ୍ୟାଧରଭଞ୍ଜ
|
ନେତ୍ରଭଞ୍ଜ (ଖିଞ୍ଜିଳ ପ୍ରଦେଶ ରାଜା)
ଭଞ୍ଜମାଳ କୁଳତିଳକ ପରମ ବୈଷ୍ଣବ ।

ରଣକରଣ ଭଞ୍ଜଙ୍କ ଦାନପତ୍ର :—ସିଂହାର ଗ୍ରାମ ଦାନ । ସିଂହାର ଗ୍ରାମ ସୋନପୁର-ବଉଦ ସୀମା ମଧ୍ୟରେ ବ୍ୟାଘ୍ର ନଦୀବନ୍ଧ ନିକଟରେ । ସେ ଖିମିଣ୍ଡି ରାଜ୍ୟର ରାଜା । ରାଷ୍ଟ୍ରଜା ମଗଧ ଦେଶ ପଞ୍ଚାସି ଗ୍ରାମରୁ ପଳାଇ ଆସିଥିଲା । ସେ ଶ୍ରୀଧର ବ୍ରାହ୍ମଣଙ୍କୁ ତାସପାଇକେରା ଗ୍ରାମ ଦାନ କରିଥିଲେ । ତାଙ୍କ ପୁତ୍ର ଶତ୍ରୁଭଞ୍ଜ । ଶତ୍ରୁଭଞ୍ଜ ଖିମିଣ୍ଡି ଓ ଖିଞ୍ଜିଳ ଦୁଇ ରାଜ୍ୟକୁ ମିଶାଇଥିଲେ । ଦଶପଲ୍ଲାରୁ ପ୍ରାପ୍ତ ଦାନପତ୍ରରେ ଦାତା ରଣକରଣ ଭଞ୍ଜ । ୨୪ ବର୍ଷ ଶାସନ ସମୟରେ ଦାନପତ୍ର ଲେଖି ଦେଇଥିଲେ । ଉଭୟ ଖିଞ୍ଜିଳ ମଣ୍ଡଳ ଅଧିପତି ।

ଶିଳଭଞ୍ଜ
|
ଶତ୍ରୁଭଞ୍ଜ
|
ରଣଭଞ୍ଜ

ସୋନପୁର ତାମ୍ରପଟ୍ଟ :—ଦାତା ଭଞ୍ଜଭୂପତି ଶତ୍ରୁଭଞ୍ଜ । ଅଣ୍ଡଜ ବଂଶ । ଉଭୟ ଖିଞ୍ଜିଳ ମଣ୍ଡଳାଧିପ । ଶ୍ୟାମାଦେବୀ କାଶ୍ୟପ ଗୋତ୍ରୀ ଭଟ୍ଟପୁତ୍ର କୃଷ୍ଣ । ଆଖଣ୍ଡଳ ପୁତ୍ର ।

ରଣଭଞ୍ଜ
|
ଦଗଭଞ୍ଜ
|

ଶିଲଭଞ୍ଜ
|
ବିଦ୍ୟାଧରଭଞ୍ଜ

ବଣେଇ ତାମ୍ରପଟ୍ଟ :—ମୟୂରବଂଶ ଭଞ୍ଜବଂଶ । ଚନ୍ଦ୍ରକୁଟ ପର୍ବତରୁ ପ୍ରଥମେ ଆସିଥିଲେ । ଚନ୍ଦ୍ରକୁଟରେ ବଶିଷ୍ଠଙ୍କ ଆଶ୍ରମ ଥିଲା । ଉଲାଇ ରାଜ୍ୟରେ ବାସକଲେ । ସେ ବୌଦ୍ଧଧର୍ମାବଲମ୍ବୀ ଥିଲେ ।

ଉଦତ୍ ବରାହ
|
ତେଜବରାହ
|
ଉଦୟବରାହ

ବଉଦ ଦାନପତ୍ର :—କନକ ଭଞ୍ଜଦେବ ଦାତା । ୧୪୨୫ ଶିର୍କା ଖ୍ରୀଷ୍ଟାବ୍ଦ ଧନପତ୍ତ ପୁତ୍ର ହରିବଂଶ ବ୍ରାହ୍ମଣ ଗ୍ରହୀତା ।

ଶାଲୁଆଭଞ୍ଜ
|
ଦୁର୍ଜୟଭଞ୍ଜ
|
କନକଭଞ୍ଜ

ଖଣ୍ଡଦେଉଳ ଲିପି :—ମୟୂରଭଞ୍ଜ ସବ୍ଡିଭିଜନରୁ ପ୍ରାପ୍ତ । ସବ୍ଡିଭିଜନ ବାମନଘାଟି । ଗ୍ରାମ ଖଣ୍ଡଦେଉଳ ।

ବୀରଭଦ୍ର
|
କୋଠଭଞ୍ଜ
|
ଦିଗଭଞ୍ଜ
|

ରଣଭଞ୍ଜ (ଦାତା)
|
ପୃଥ୍ୱୀଭଞ୍ଜ
|
ନରେନ୍ଦ୍ର ଭଞ୍ଜ

ବିଦ୍ୟାଧର ଭଞ୍ଜଙ୍କ ଦାନପତ୍ର :—

ରଣଭଞ୍ଜ
|
ଦିଗଭଞ୍ଜ
|
ଶିଳଭଞ୍ଜ
|
ବିଦ୍ୟାଧରଭଞ୍ଜ (ଦାତା)

ପାରଳୁଦ ଦାନପତ୍ର :—କଂଗୋଡ଼ ମଣ୍ଡଳାଧିପ ।

ଶୈଳୋଦ୍ଭବ
|
ରଣକ୍ଷିତ
|
ସୈନ୍ୟଭୀତ
|
ଯଶୋଭୀତ
|
ମଧ୍ୟମ ରାଜଦେବ

ବୁଗୁଡ଼ା ଦାନପତ୍ର :—ମାନ୍ଦ୍ରାଜ ପ୍ରଦେଶ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଗ୍ରାମରେ ପ୍ରାପ୍ତ । ମାଧବବର୍ମା ଦାତା । ଆଦିତ୍ୟ ଦେବ ପୁତ୍ର ବାମନଭଟ୍ଟ ବ୍ରାହ୍ମଣ ଗ୍ରହୀତା । ପୁଇପିଣା ଗ୍ରାମ ଗଦର ପାଟକ ଓ ଗୁଡ଼୍ଡ଼ା ବିଷୟ ଦାନ କରାଯାଇଥିଲା । ଦାତାଙ୍କ ଘର କଇଁଗୋଡ଼ ବା କଙ୍ଗୋଡ଼ ।

ପୁଲନ୍ଦଶୂର
|
ଶୈଲୋଭବ
|
ଯଶୋଭୀତ
|
ସୈନ୍ୟଭୀତ
|
ମାଧବ ବର୍ମ୍ମଣ (ଦାତା)

ଶିରପୁର ଓ କଟକ ଦାନପତ୍ର :—

ଉଦୟନ
|
ଇନ୍ଦ୍ରବଳ ¦ ଭବଦେବ ରଣକେଶରୀ
|
(ଇନ୍ଦ୍ରବଳ →) ନନ୍ନଦଭ, ଈଶାନଦେବ
|
(ନନ୍ନଦଭ →) ମହାଶିବ ତୀବରଦେବ; (ଈଶାନଦେବ →) ଚନ୍ଦ୍ରଗୁପ୍ତ
|
(ଚନ୍ଦ୍ରଗୁପ୍ତ →) ମହାଶିବଗୁପ୍ତ ବାଲାର୍ଜ୍ଜୁନ, ରଣକେଶରୀ
|
ମହାଭବଗୁପ୍ତ
|
ମହାଶିବଗୁପ୍ତ
|
ମହାଭବଗୁପ୍ତ (ଜନମେଜୟ ?)
|
ମହାଶିବଗୁପ୍ତ (ଯଯାତି ?)
|
ମହାଭବଗୁପ୍ତ ଭୀମରଥ

ବଲୋଦା ଦାନପତ୍ର :—ତିବରଦେବ ଦାତା । ସମ୍ବଲପୁର ଜିଲ୍ଲା, ଫୁଲଝର ଜମିଦାରୀ, ବଲୋଦା ଗ୍ରାମ, ଉଦେନାଥ ସିଂହଙ୍କଠାରୁ ପ୍ରାପ୍ତ । ୯ମ ବର୍ଷ ରାଜତ୍ୱ ଜ୍ୟେଷ୍ଠ ୨୭ ଦିନ । ଶିମ୍ପିଲିକ ଗ୍ରାମ । ଜିଲ୍ଲା ସୁନ୍ଦରୀକା । ମାର୍ଗ ଦାନ ହୋଇଛି ।

ଇନ୍ଦ୍ରବଳ
|
ନନ୍ନଦେବ
|
ମହାଶିବ ତିବରଦେବ (ସମଗ୍ର କୋଶଳ ରାଜା)

ଶିରପୁର ଶିଳାଲିପି ଦାନ :—ଶିବଗୁପ୍ତ ବାଲାର୍ଜୁନ ରାଜା । ଶିରପୁର ବା ଶ୍ରୀପୁର ଗ୍ରାମ । ମଧ୍ୟପ୍ରଦେଶର ଉତ୍ତର-ପୂର୍ବ । ୪୦ ମାଇଲ ରାୟପୁରଠାରୁ । ଶ୍ରୀପୁର ଗ୍ରାମ ଶିବଙ୍କୁ ଫୁଲମାଳ ଦେବାପାଇଁ ନାଗଦେବ ଓ କେଶବ ଦୁଇ ପ୍ରଜା ଦାନ କରିଛନ୍ତି ।

ଉଦୟନ
|
ଇନ୍ଦ୍ରବଳ
|
ନନ୍ନଦେବ
|
ତିବରଦେବ — ଚନ୍ଦ୍ରଗୁପ୍ତ
ଚନ୍ଦ୍ରଗୁପ୍ତ
|
ହର୍ଷଗୁପ୍ତ
|
ମହାଶିବଗୁପ୍ତ — ରଣକେଶରୀ

ଶ୍ରୀପୁର ପ୍ରସ୍ତର ଲିପି :—ରାଜା ମହାଶିବ ଗୁପ୍ତଙ୍କ ମାତା ବାସତା, ସେ ମଗଧରାଜା ସୂର୍ଯ୍ୟବର୍ମାଙ୍କ କନ୍ୟା । ସେ ବିଧବା ହେବାପରେ ଦେଉଳ ତୋଳାଇଲେ । ହରିଙ୍କି ସେ ଦେଉଳରେ ସ୍ଥାପନ କଲେ । ସେହି ଦେଉଳରେ

ଏହି ଲିପି ଅଛି । ଦେଉଳରେ ଠାକୁରଙ୍କ ଖର୍ଚ୍ଚ ଲାଗି ଦୁଇଟି ଗ୍ରାମ ଖଂଜାକଲେ ଏବଂ ଛତ୍ର ସ୍ଥାପନ କଲେ ।

ଚନ୍ଦ୍ରଗୁପ୍ତ
|
ହର୍ଷଗୁପ୍ତ ( ବୈଷ୍ଣବ )
|
(ଶୈବ) ମହାଶିବଗୁପ୍ତ ବାଲାର୍ଜୁନ      ରଣକେଶରୀ

କଟକର ସୋମବଂଶୀ ରାଜାଙ୍କ ଦାନପତ୍ର :—

ଶିବଗୁପ୍ତ
|
ଜନମେଜୟ
|
ମହାଭବଗୁପ୍ତ (କୋଶଳେନ୍ଦ୍ର ଓ ତ୍ରିକଳିଙ୍ଗାଧିପତି)
|
ଯଯାତି ? ମହାଶିବଗୁପ୍ତ
|
ଭୀମରଥ
|
ମହାଭବଗୁପ୍ତ

ଦାନପତ୍ର କେତେକ କଟକ ଓ କେତେକ ଯଯାତିନଗରରୁ ଦିଆ ଯାଇଛି । କେତେକ ବୀରଭପୁରଠାରେ ଦିଆଯାଇଛି । ସେମାନେ ସୋମବଂଶୀ ଥିବାର ଉଲ୍ଲେଖ ଅଛି ।

ଜନମେଜୟଙ୍କ ଦାନପତ୍ର :—ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀଜନମେଜୟସ୍ୟ ବିଜୟ ରାଜ୍ୟେ ସମ୍ବତ୍ସରେ ଷଷ୍ଠେ କାର୍ତ୍ତିକମାସ ସିତପକ୍ଷେ ତ୍ରୟୋଦଶ୍ୟାଂ ସମ୍ବତ୍ । ମୁରସିମାଠାରେ ଲେଖା ଯାଇଛି । ଦାତା ଶୈବ ଥିଲେ । ଲବ୍ୟରାଜ୍ୟ ଦାନ ।

କଟକ ତାମ୍ରଶାସନ :

ଶିବଗୁପ୍ତ
|
ମହାଭବଗୁପ୍ତ (ତାମ୍ରପଟ୍ଟ)

ନାଗପୁର ତାମ୍ରପଟ୍ଟ :—ମହାଭବଗୁପ୍ତ ୧ ଅଙ୍କ ସମ୍ବତ୍ ୮ । ବିଜୟ ସମ୍ବତ୍ସରେ ୮ ମେ × × ଧୃତକର ପୁତ୍ର ସଲ୍ଲକର ଗ୍ରହୀତା । ଓଡ୍ରଦେଶର ପୁରୁଷମଣ୍ଡପ ଗ୍ରାମରୁ ସେ ଉଠି ଆସିଥିଲେ ଏବଂ ମୁରଜଙ୍ଗ ଗ୍ରାମରେ ଥିଲେ । ମୁରସିମାରେ ଦାନ ହୋଇଥିଲା ।

ମହାଶିବଗୁପ୍ତ
|
ମହାଭବଗୁପ୍ତ (ଦାତା)

ସୋନପୁରର ୩ ତାମ୍ରପଟ୍ଟ :—

(୧) ବକଟେଶ୍ୱରୀଲ ଦାନପତ୍ର । ଜନମେଜୟସ୍ୟ ବିଜୟ ରାଜ୍ୟେ ସମ୍ବତ୍ସରେ ତୃତୀୟେ ଶ୍ରାବଣମାସ ସିତପକ୍ଷେ ପଞ୍ଚମ୍ୟାଂ ଯତ୍ର ଏକାନ୍ତ ସମ୍ବତ୍ ୩ ଶ୍ରାବଣ ୫ ଦିନ । ସୁବର୍ଣ୍ଣପୁର ବିଜୟ ସ୍କନ୍ଧଣିରୁ ଲେଖାଯାଇଛି ।

ଶିବଗୁପ୍ତ
|
ମହାଭବଗୁପ୍ତ

(୨) ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀମଦ୍ ଯଯାତି ରାଜଦେବସ୍ୟ ପାଦେନ ପ୍ରବର ଧାମ୍ନା ବିଜୟ ରାଜ୍ୟେ ପଞ୍ଚଦଶମେନ ବତ୍ସରେ ମାର୍ଗଶୀର୍ଷେ କାଲ ପକ୍ଷେ ତ୍ରୟୋଦଶ୍ୟାଂ ତିଥୌ ସମ୍ବତ୍ ୧୫ ମାର୍ଗସୁ ୧୩ । ପୁଣ୍ଡ୍ରଗ୍ରାମ ଶ୍ରମଣ ଦୀକ୍ଷିତ କୋଶଳଦେଶ ଗ୍ରହୀତା ।

ମହାଭବଗୁ
|
ମହାଶିବଗୁପ୍ତ

(୩) ଶ୍ରୀ ମହାଶିବଗୁପ୍ତ ଶ୍ରୀ ଯଯାତି ରାଜଦେବ ପଦବର୍ଦ୍ଧମାନ ବିଜୟ ରାଜ୍ୟେ ସମ୍ବତ୍ସରେ ତୃତୀୟେ ବୈଶାଖ ସିତ ପଞ୍ଚମ୍ୟାଂ ସୌକେନାପି ସମ୍ବତ୍ ୬ ବୈଶାଖ ଶୁଦ୍ଧ ୫ ।

ମରୁଞ୍ଜ ଏବଂ ମୁଗ୍ର ଗ୍ରାମ ସାନ ଯଣକର ବ୍ରାହ୍ମଣଙ୍କୁ ଦାନ କରାଯାଇଛି । ଦାତା ଶିବଗୁପ୍ତ । ମହାଶିବ କର୍ଣ୍ଣାଟ, ଲାଟ, ଗୁଜରାଟ ଏବଂ ଦ୍ରାବଡ଼ ଜୟ କରିଥିଲେ । କାଞ୍ଚିର ଦର୍ପ ଭାଙ୍ଗିଥିଲେ । ସେ କଳିଙ୍ଗ, କୋଶଳ, ଉତ୍କଳ, କଙ୍ଗୋଡ଼ର ଅଧିପତି ଥିଲେ ଏବଂ ରାଢ଼ ନୃପତିଙ୍କୁ ଆକ୍ରମଣ କରିଥିଲେ ।

ଭୁବନେଶ୍ୱର ଲିପି :—ସ୍ୱପ୍ନେଶ୍ୱର ମେଘେଶ୍ୱରଙ୍କ ଦେଉଳ ତୋଳାଇ ଥିଲେ । ସ୍ୱପ୍ନେଶ୍ୱର ଗଙ୍ଗବଂଶୀୟ ରାଜା । ଅନିୟଙ୍କଭୀମଙ୍କର ସମ୍ପର୍କ ଓ ସେନାପତି ଥିଲେ ୧୨ଶ ଶତାବ୍ଦୀ ଶେଷଭାଗରେ ।

ଗୌତମ
|
ଦ୍ୱାରଦେବ
|
ମୂଳଦେବ
|
ଅନ୍ଧର
|
ସ୍ୱପ୍ନେଶ୍ୱର — ସୁରମାଦେବୀ (କନ୍ୟା)
|
ଚୋଡ଼ଗଙ୍ଗ
|
ରାଜରାଜ (ସୁରମା ପତ୍ନୀ)
|
ଅନିୟଙ୍କଭୀମ

ପାରଳାଖେମୁଣ୍ଡି ଦାନପତ୍ର :—ବଜ୍ରହସ୍ତଙ୍କ ଅମଳ । ଭଜାଗୋପଟମ୍ ତାମ୍ରଶାସନରେ ୫ ରାଜାଙ୍କ ନାମଅଛି । ଦାତା ଅନନ୍ତ ବର୍ମା ଚୋଡ଼ଗଙ୍ଗଦେବ । ବଜ୍ରହସ୍ତ-୧, ବଜ୍ରହସ୍ତ-୫ । ବଜ୍ରହସ୍ତ ଚୋଡଗଙ୍ଗଙ୍କ ପିତାମହ । ସେ ତ୍ରିକଳିଙ୍ଗାଧିପତି ଥିଲେ ।

ନାଗବଂଶୀୟ ରାଜାଙ୍କ ଦାନପତ୍ର :—ବସ୍ତର ରାଜ୍ୟର ଦନ୍ତେଶ୍ୱରୀଙ୍କ ମନ୍ଦିରଠାରୁ ପ୍ରାପ୍ତ ଗୋଟିଏ କ୍ଷୁଦ୍ର ପ୍ରସ୍ତର ସ୍ତମ୍ଭରେ ଲିଖିତ । ଜ୍ୟେଷ୍ଠ କୃଷ୍ଣପକ୍ଷ ଦଶମୀ ଶକାବ୍ଦ ୧୧୪୭=୧୨୨୪ ଖ୍ରୀଷ୍ଟାବ୍ଦ । ଜଗଦେକ ଭୂଷଣ ମହାରାଜା ନରସିଂହଦେବ ଦାତା

ଭୁବନେଶ୍ୱର ଲିପି :—ଭାନୁ ରାଜାଙ୍କ ରାଜତ୍ୱ । ନରସିଂହଦେବଙ୍କ ପୁତ୍ର ଭେ୍ୟାଂଭସ୍ତ-ଫଣୀନ୍ଦ୍ର ରସନାଚନ୍ଦ୍ର ଶକାବ୍ଦେ ଚନ୍ଦ୍ରିକା ରାଜକନ୍ୟା ଏକାମ୍ରରେ ବିଷ୍ଣୁ ଦେଉଳ ତୋଳାଇଥିଲେ । ଲିପି ଲେଖକ ଉମାପତି ।

ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ
|
ଅନଙ୍ଗଭୀମ-୨
|
ଚନ୍ଦ୍ରିକା (କନ୍ୟା) — ନରସିଂହଦେବ-୧
ନରସିଂହଦେବ-୧
|
ଭାନୁଦେବ
|
ନରସିଂହ-୨

ଚାରୁଦେବୀଙ୍କ ଅନୁଶାସନ :—ଚାରୁଦେବୀ କଟକ କର୍ମଚାରୀମାନଙ୍କୁ ଏ ଅନୁଶାସନ ପଠାଇଥିଲେ । କୁଳମହତ୍ତାରକ ଦେଉଳ ନାରାୟଣଙ୍କୁ ଭୂମିଦାନ ।

ମହାରାଜା ବିଜୟସ୍କନ୍ଦ ବର୍ମ୍ମ
|
ଯୁବରାଜ ବିଜୟବୁଦ୍ଧ ବର୍ମ୍ମ (ଚାରୁଦେବୀ ସ୍ତ୍ରୀ)
|
ବୁଦ୍ଧ୍ୟଙ୍କର

ଟିକାଲି ଲିପି :—

ମଧ୍ୟମରାଜ-୧
|
ଧର୍ମ୍ମରାଜ (ମାନଭୀତ)
|
ମଧ୍ୟମରାଜ-୨
|
ରଣକ୍ଷୋଭ — ପୀତବ୍ୟାଲୋପରାଜ
|

ମଧୁମରାଜ-୩
|
ଶୁଭକର = ତ୍ରିଭୁବନମହାଦେବୀ (ସ୍ତ୍ରୀ)

ବସ୍ତର ପ୍ରସ୍ତର ଲିପି :— ଶକାବ୍ଦ ୧୦୫୩ । ବସ୍ତର ରାଜଧାନୀ ଜଗଦଲପୁର । ଉତ୍ତର-ପଶ୍ଚିମ ୨୩ ମାଇଲ ଦୂରରେ ଜଗଦଲପୁର ଗ୍ରାମ । ମଧ୍ୟପ୍ରଦେଶ ଛତିଶଗଡ଼ରେ ବସ୍ତର ରାଜ୍ୟ । ନାରାୟଣପାଲ ଗ୍ରାମ ନାରାୟଣଙ୍କୁ ଦାନ । ମହାରାଜା ଧାରାବର୍ଷଙ୍କ ରାଣୀ ଗୁଣ୍ଡା ମହାଦେବୀ ଦାତା । ଏମାନେ ନାଗବଂଶୀ ।

ମହାରାଜା ଧାରାବର୍ଷ
|
ସୋମେଶ୍ୱର ଦେବ
|
କାହ୍ନର ଦେବ

ଶବଡ଼ ମତ୍ସ୍ୟବଂଶ ଅର୍ଜୁନ ତାମ୍ରଶାସନ :— ଶକାବ୍ଦ ୧୧୯୧ ।

ଜୟନ୍ତ ନାରାୟଣ
|
ଅର୍ଜୁନ (ଦାତା)— ପିତାଙ୍କ କଲ୍ୟାଣାର୍ଥେ ।

ସତ୍ୟମାର୍ତ୍ତଣ୍ଡ ମତ୍ସ୍ୟବଂଶକର୍ତ୍ତା । ସେ ଉତ୍କଳାଧିପଙ୍କ ଜାମାତା ।

ପ୍ରଭାବତୀ ସତ୍ୟମାର୍ତ୍ତଣ୍ଡଙ୍କ ସ୍ତ୍ରୀ । ସେ ଓଡ଼ବାଡ଼ି ଦେଶର ମନ୍ତ୍ରୀ ଥିଲେ ।

ପୋତାବରଣ ଦାନପତ୍ର : ପ୍ରତାପ ପୁରୁଷୋତ୍ତମ ଦେବ ଶକାବ୍ଦ ୧୪୧୬ । କଳବର୍ଗ ଓ ଗୁଣ୍ଟୁରୁ ଜିଲ୍ଲାର ଅନ୍ୟାନ୍ୟ ଗ୍ରାମ ଓ୍ୱାରଙ୍ଗଲ ତାଲୁକାରେ ଦାନ ।

ଓଡ଼ିଆ ତାମ୍ରଶାସନ :...... ସୋନପୁର ରାଜବାଟିର ଦକ୍ଷିଣ-ପୂର୍ବ ଦିଗରେ ଏକ ପୁଷ୍କରିଣୀରୁ ପ୍ରାପ୍ତ । ବୀରକେଶରୀ ଦେବଙ୍କ ୯ ଅଙ୍କ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ସୋମବାର ।

ଓ୍ୱାରଙ୍ଗଲ ଲିପି :— ପ୍ରତାପରୁଦ୍ର ଦେବ ସମ୍ବତ୍ ୧୨୩୮ ଶକାବ୍ଦ = ୧୩୧୬-୧୩୧୭ ଖ୍ରୀଷ୍ଟାବ୍ଦ । ଏଥିରେ ଦୁଇଟି ତାରିଖ ଅଛି ୧୧।୬।୧୩୧୬ ଓ ୧୬।୬।୧୩୧୬ । ପ୍ରଥମ ତାରିଖରେ ମୂର୍ତ୍ତି ମାନବୀର ପ୍ରତିଷ୍ଠା କଲେ ଏବଂ ଅନ୍ୟ

ତାରଖରେ ମନ୍ଦିରଲାଗି ଖଞ୍ଜାକଲେ । ଏକଗିଲା ନଗର ରାଜା ପ୍ରତାପଙ୍କ ସେନାପତି ଥିଲେ । ସେ କାଞ୍ଚି ଆସିଥିଲେ ଏବଂ ମାନବୀରଙ୍କୁ କାଞ୍ଚିର ଶାସନକର୍ତ୍ତା କଲେ । ଏଥିରୁ ଜଣାଯାଏ ୧୩୧୬ ଖ୍ରୀଷ୍ଟାବ୍ଦରେ କଞ୍ଜୀଭରମ ଏକଗିଲା ନଗରୀ ବା ଓ୍ୱାରଙ୍ଗଲର ରାଜା କାକଟୀ ପ୍ରତାପଙ୍କ ଅଧୀନରାଜା ଥିଲେ ।

ରାମଚନ୍ଦ୍ରଦେବଙ୍କ ତାମ୍ରଶାସନ :—ଶାଳିବାହନ ଶକାବ୍ଦ ୧୭୨୮ ମିଥୁନ ୧୯ ଦିନ । ଗଙ୍ଗାମାତା ମଠରେ ମହନ୍ତ ରାଧାଚରଣ ଦାସଙ୍କ ମାରଫତ କାକରା-ହାଣ୍ଡି ଗ୍ରାମ ଶ୍ରୀକୃଷ୍ଣଙ୍କ ଅମୃତମଣୋହି ଲାଗି ଖଂଜାକଲେ ।

କୋଣାର୍କ ଲିପି :—ଖଣ୍ଡେ ପଥର ଉପରେ ଲେଖା । ସମସ୍ତ ନାହିଁ । କେବଳ ତିନିଜଣ ଲୋକଙ୍କ ନାମ ଲେଖାଅଛି ।

ମାଣିକପାଟଣା ତାମ୍ରପଟ :—ସମସ୍ତ ନାହିଁ । ନାହାଭଙ୍ଗା ତାଲିକା ।

# ଗଡ଼ଜାତ

ପ୍ରାକୃତିକ ଉତ୍କଳ ଗଡ଼ଜାତମାନଙ୍କଠାରୁ ବର୍ତ୍ତମାନ ପୂର୍ଣ୍ଣଭାବରେ ବିଚ୍ଛିନ୍ନ ହୋଇ ରହିଛି । ଏହା ମଧ୍ୟ ପ୍ରାକୃତିକ ଉତ୍କଳର ସୀମା ସଙ୍କୋଚର ଗୋଟିଏ ପ୍ରଧାନ କାରଣ । ଏଥିଦ୍ୱାରା ଓଡ଼ିଶାର ସୀମାନ୍ତ, ବର୍ଗଫଳ, ଲୋକସଂଖ୍ୟା ଆୟ, ବଳ ପ୍ରଭୃତି ସମସ୍ତ ସଙ୍କୁଚିତ ହୋଇଅଛି । ପ୍ରାକୃତିକ ଉତ୍କଳର ସାମନ୍ତ-ରାଜାମାନଙ୍କ ସଂଖ୍ୟା ଊଣା ନଥିଲା । ସେମାନେ ଏକ ଏକ ଭୂଖଣ୍ଡର ଅଧିକାରୀ ଥିଲେ ଏବଂ ଏହି ସ୍ଥାନମାନଙ୍କରେ ଓଡ଼ିଶା ରାଜାମାନଙ୍କର ଗୋଟିଏ ଗୋଟିଏ ଗଡ଼ ଥିଲା ଏବଂ ଗଡର ଅଧିପତିଙ୍କ ଅଧୀନରେ ସୈନ୍ୟ ଥିଲେ ଏବଂ ଏମାନେ ଯୁଦ୍ଧ ସମୟରେ ଓଡ଼ିଶା ରାଜାମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ଶାନ୍ତି ସମୟରେ ଆପଣା ଅଧୀନସ୍ଥ ରାଜ୍ୟଭୋଗ କରୁଥିଲେ । ସୁନାଆଁ ଦିନ ଏମାନେ ଓଡ଼ିଶା ରାଜାଙ୍କୁ ଭେଟି ଦେଉଥିଲେ ଏବଂ ରାଜାଙ୍କ ନିକଟରେ ଏମାନଙ୍କ ନିର୍ଦ୍ଦିଷ୍ଟ କାର୍ଯ୍ୟ ଥିଲା । ଗଡ଼ଜାତମାନଙ୍କର ବର୍ଗଫଳ ୨୮୧୭୫ ବର୍ଗମାଇଲ ଏବଂ ଲୋକସଂଖ୍ୟା ୩୧୭୩୩୧୯୫ । ଗଡ଼ଜାତମାନଙ୍କ ନାମ—ଆଠଗଡ଼, ଆଠମଲ୍ଲିକ, ବାମଣ୍ଡା, ବଡ଼ମ୍ବା ବଉଦ, ବଣେଇ, ଦଶପଲ୍ଲା, ଢେଙ୍କାନାଳ, ଗାଙ୍ଗପୁର, ହିନ୍ଦୋଳ, କଳାହାଣ୍ଡି, କେନ୍ଦୁଝର, ଖଣ୍ଡପଡ଼ା, ମୟୂରଭଞ୍ଜ ନରସିଂହପୁର, ନୟାଗଡ଼, ନୀଳଗିରି, ପଲ୍ଲହଡ଼ା, ପାଟଣା, ରେଢ଼ାଖୋଲ, ରଣପୁର, ସୋନପୁର, ତାଳଚେର, ତିଗିରିଆ, ଆଳି, କୁଜଙ୍ଗ, କନିକା, ଦର୍ପଣୀ ଇତ୍ୟାଦି ।

ଗଡ଼ଜାତମାନଙ୍କ ଉତ୍ତରରେ ଯଶପୁର (ମଧ୍ୟପ୍ରଦେଶରେ), ରାଞ୍ଚି, ସିଂହଭୂମି ମେଦିନୀପୁର । ଦକ୍ଷିଣରେ କେତେଗୁଡ଼ିଆ ରାଜା ଅଛନ୍ତି । ଯଥା —ପାରଳାଖେମୁଣ୍ଡି, ବଡଖେମୁଣ୍ଡି, ସାନଖେମୁଣ୍ଡି, ଧରାକୋଟ, ଟିକାଲି, ତରଳା, ଶେରଗଡ଼, ଚିକଟି, ମଞ୍ଜୁଷା, ପଚ୍ଛକୋଟ, ସୁରଙ୍ଗୀ, ଜୟପୁର ଇତ୍ୟାଦି । ଏ ରାଜ୍ୟସବୁ ଜମିଦାରୀ ମଧ୍ୟରେ ଗଣ୍ୟ ଏବଂ ରାଜାମାନଙ୍କ ସ୍ୱତ୍ୱ ଜମିଦାରୀସ୍ୱତ୍ୱଠାରୁ ଅଧିକ ନୁହେ । ମାତ୍ର ଏମାନେ ପରମ୍ପରାକ୍ରମେ ରାଜା ବୋଲି ଲୋକ ମଧ୍ୟରେ ପରିଚିତ ଏବଂ ସମ୍ମାନିତ । କିନ୍ତୁ ଇଂରେଜ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ରାଜା ବୋଲି ସ୍ୱୀକାର କରି ନାହାନ୍ତି ।

ଓଡ଼ିଶାର ସୀମା ସଂକୋଚ ହେବାବେଳେ ଏମାନେ ପ୍ରାଦେଶିକ ଶାସନକର୍ତ୍ତାଙ୍କ ଅଧୀନ ହୋଇଥିଲେ । ସୁତରାଂ କ୍ରମେ ଓଡ଼ିଶାଠାରୁ ସେମାନଙ୍କ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଓଡ଼ିଶା ଅଧିକାର କରିବା ପରେ ଏମାନଙ୍କ ସହିତ ସନ୍ଧି ସ୍ଥାପିତ ହେଲା । କେହି କରଦ ରାଜ୍ୟ ହେଲେ, କେହି ବା ମିତ୍ରରାଜ୍ୟ ହେଲେ । ଅଧିକାଂଶ ଫିଉଡେଟରି ଚିଫ୍ ବୋଲି ସରକାରଙ୍କଦ୍ୱାରା ସମ୍ମାନିତ । ମାତ୍ର ଏସବୁ ରାଜ୍ୟ ଲାଗି ଜଣେ ପଲିଟିକାଲ୍ ଏଜେଣ୍ଟ୍ ସରକାର ତରଫରୁ ଥାନ୍ତି । ଗଡଜାତ ରାଜ୍ୟମାନେ ମୋଗଲବନ୍ଦିରୁ ପୃଥକ । ମୋଗଲବନ୍ଦି ଇଂରେଜାଧିକୃତ ଭାରତର ଅନ୍ତର୍ଗତ, ମାତ୍ର ଗଡଜାତ ମାନ ତାହାର ବାହାରେ ।

ଇଂରେଜ ସରକାରଙ୍କଦ୍ୱାରା ପ୍ରଚଳିତ ଆଇନକାନୁନ ଗଡଜାତରେ ଚଳେ ନାହିଁ । ତେବେ ରାଜାମାନେ ଇଚ୍ଛାକଲେ ଏ ଆଇନମାନ ଆପଣାର କରିନେଇ ମାନି ପାରନ୍ତି ।

ପ୍ରାଚୀନ କାଳରେ ଏମାନେ ଓଡ଼ିଶା ରାଜାଙ୍କ ଅଧୀନ ଥିଲେ । ପ୍ରତ୍ୟେକ ଗଡଜାତର ସଂକ୍ଷିପ୍ତ ବିବରଣ ନିମ୍ନରେ ଦେଲୁଁ ।

ସୋନପୁର:—ସୋନପୁର ସମ୍ବଲପୁର ମଧ୍ୟରେ । ସମ୍ବଲପୁରର ପଶ୍ଚିମରେ ରାୟପୁର ଜିଲ୍ଲାର ଅଂଶ ଯାହା ପ୍ରାଚୀନ ମେଖଳ ରାଜ୍ୟର ଅଂଶ ଥିଲା । ଉତ୍ତର-ପଶ୍ଚିମରେ ବିଳାସପୁର ଏବଂ ଉଦେପୁର ଓ ଯଶପୁର । ଏ ରାଜ୍ୟମାନ ପୂର୍ବେ ଦକ୍ଷିଣ କୋଶଳର ଅନ୍ତର୍ଗତ ଥିଲା । ଉତ୍ତରରେ ଛୋଟନାଗପୁର, ପୂର୍ବରେ ଆଠମଲ୍ଲିକ ଓ ବଉଦ, ଦକ୍ଷିଣରେ କଳାହାଣ୍ଡି । ଏହି କଳାହାଣ୍ଡି ରାଜ୍ୟ ଭିଜାଗାପଟମ ଜିଲ୍ଲାର ଜୟପୁର ପର୍ଯ୍ୟନ୍ତ ବିସ୍ତୃତ

ବାବୁ ବିଜୟଚନ୍ଦ୍ର ମଜୁମଦାର ଏ ବିଷୟରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ଲେଖିଛନ୍ତି । ସେଥିରୁ କେତେକ ଜ୍ଞାତବ୍ୟ ବିଷୟ ଜଣାଯାଏ । ସେ ମହାଶୟ ପ୍ରଥମରୁ ଉତ୍କଳ ଏବଂ ଓଡ୍ରମାନଙ୍କ ପ୍ରାଚୀନତା ବିଷୟ ଆଲୋଚନା କରି କହିଛନ୍ତି ଯେ, ଉତ୍କଳୀୟମାନେ ଅସଭ୍ୟ ଜାତି ଥିଲେ । ସେ ଏ ବିଷୟରେ କେତେଗୁଡ଼ିଏ ପୌରାଣିକ ଉଦାହରଣ ଦେଇଛନ୍ତି, ଯଥା— ମହାଭାରତ ଭୀଷ୍ମପର୍ବ ୯୩ । ୪୮ । ଏ ବିଷୟ ପରେ ଆଲୋଚନା କରାଯିବ ।

ସୋନପୁର ଉତ୍ତରରେ ସମ୍ବଲପୁର ଏବଂ ରେଢାଖୋଲର କେତେକ ଅଂଶ, ଦକ୍ଷିଣ ଓ ଦକ୍ଷିଣ-ପୂର୍ବରେ ବଉଦ, ପୂର୍ବରେ ରେଢାଖୋଲ ଏବଂ ପଶ୍ଚିମରେ ପାଟଣା । କ୍ଷେତ୍ରଫଳ ୯୦୬ ବର୍ଗ ମାଇଲ । ସୋନପୁର ପ୍ରଥମେ ପାଟନାର ଅଧୀନ ଥିଲା, ମାତ୍ର ୧୫୬୦ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ରାଜା ମଧୁକର ସାଏ ଏ ରାଜ୍ୟକୁ ପୃଥକ୍ କଲେ । ସେହି ସମୟରୁ ଏହା ଗଡଜାତ ମଧ୍ୟରେ ଗଣ୍ୟ ହେଉଅଛୁ । ଏ ରାଜବଂଶ ସମ୍ବଲପୁରର ରାଜବଂଶ ।

ମଦନଗୋପାଲସିଂହ ଦେଓ

|

ଲାଲସାସିଂହ ଦେଓ

|

ପୁରୁଷୋତ୍ତମସିଂହ ଦେଓ

|

ରାଜସିଂହ ଦେଓ

|

ଅଚସିଂହ ଦେଓ

|

ଦିବ୍ୟସିଂହ ଦେଓ

|

ବୀର ନରସିଂହ ଦେଓ

|

ଶୋଭସିଂହ ଦେଓ (ଦିବ୍ୟସିଂହଙ୍କ ପୁତ୍ର)

|

ପୃଥ୍ୱୀସିଂହ ଦେଓ

|

ନୀଳଧରସିଂହ ଦେଓ

|

ପ୍ରତାପରୁଦ୍ରସିଂହ ଦେଓ

|

ମହାରାଜା ବୀରମିତ୍ରୋଦୟସିଂହ ଦେଓ ।

ଏ ରାଜବଂଶ ଚହ୍ୱାନ ବଂଶ । ରାଜା ମଦନଗୋପାଳସିଂହ ଦେଓ ୬୦୦ ବର୍ଷ ପୂର୍ବେ ରାଜ୍ୟଲାଭ କରିଥିଲେ । ସେ ମଧୁକର ସାଏଙ୍କ ପୁତ୍ର । ମଧୁକର ସାଏ ସମ୍ବଲପୁରର ୪ର୍ଥ ରାଜା । ନୀଳଧରସିଂହ ଦେଓ ମହୋଦୟ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କୁ ଯୁଦ୍ଧରେ ସାହାଯ୍ୟ କରି ରାଜବାହାଦୁର ପଦ ପାଇଥିଲେ । ରାଜା ମଦନଗୋପାଳଙ୍କ ସାନଭାଇ ବଂଶୀଗୋପାଳ ଜଣେ ଧାର୍ମିକ ପୁରୁଷ ଥିଲେ ଏବଂ ତାଙ୍କ ଅନୁରୋଧରେ ପୁରୀର ରାମଜୀମଠକୁ ଅନେକ ଭୂସମ୍ପତ୍ତି ଦିଆଯାଇଥିଲା । ରାଜା ମଦନଗୋପାଳ ସମ୍ବଲପୁରରେ ବର୍ତ୍ତମାନ ଅଛନ୍ତି । ବଂଶୀଗୋପାଳ ଏହି ପୁରୀଧାମରେ ମାନବଲୀଳା ସମ୍ବରଣ କରିଥିବାର କଥିତ ହୁଏ ।

ସୋନପୁରର ରାଜବଂଶମାନେ ଚିରକାଳ ବିଷ୍ଣୁଭକ୍ତ, ମାତ୍ର ଏମାନେ ଶକ୍ତିପୂଜା କରନ୍ତି । ପ୍ରତି ସୋମବାରରେ ସୁବର୍ଣ୍ଣମେରୁ ଦେଉଳରେ ଥିବା ମହାଦେବଙ୍କୁ ପୂଜା କରନ୍ତି । ମାତ୍ର ଏମାନଙ୍କର ମନ୍ତ୍ରଗୁରୁ ରାମଜୀମଠ ମହନ୍ତ ଏବଂ ଏମାନଙ୍କ ରାଜଚିହ୍ନ 'ଚନ୍ଦ୍ର' । ସୁବର୍ଣ୍ଣମେରୁ ମହାଦେବଙ୍କ ନାମାନୁସାରେ ସ୍ଥାନର ନାମ ସୁବର୍ଣ୍ଣମେରୁ ବା ସୋନପୁର ହୋଇଛି । କିମ୍ବଦନ୍ତୀ ଅଛି ଯେ ଏହି ମହାଦେବଙ୍କ କୃପାରୁ ଥରେ ଏ ରାଜ୍ୟରେ ସୁବର୍ଣ୍ଣବୃଷ୍ଟି ହୋଇଥିଲା । ସେହିଦିନୁ ମହାଦେବଙ୍କ ନାମ ହେଲା ସୁବର୍ଣ୍ଣମେରୁ । ସୁବର୍ଣ୍ଣପୁର ନିକଟ ନଦୀଶଯ୍ୟାରେ ଯେ ସୁବର୍ଣ୍ଣଗୁଣ୍ଡିମାନ ମିଳେ ତାହାର କାରଣ ଏହି ଯେ ଏ ଦେଶରେ ସୁବର୍ଣ୍ଣବୃଷ୍ଟି ହୋଇଥିଲା । ସୁବର୍ଣ୍ଣପୁର ନାମ ପ୍ରାଚୀନ ପରି ଜଣାଯାଏ । କାରଣ ମହାଭବଗୁପ୍ତଙ୍କ ତାମ୍ର ଶାସନରେ ଏ ନାମ ଦେଖାଯାଏ ।

ମହାନଦୀ ଶଯ୍ୟାରେ ଗୋଟିଏ କ୍ଷୁଦ୍ର ପାହାଡ଼ ଅଛି । ସ୍ଥାନଟି ମହାରାଜଙ୍କ ନଅରଠାରୁ ବେଶୀ ଦୂର ନୁହେ । ଏ ପାହାଡ଼ରେ ଖୋଦିତ ଲିପି ଅଛି ଏ ପାହାଡ଼ ନାମ 'ଲଙ୍କେଶ୍ୱରୀ' । ନାବିକମାନେ ନାହା ନେବାବେଳେ ପୂଜା କରନ୍ତି । ଯୋଗେଶ୍ୱରଦେବ ବର୍ମ୍ମାଙ୍କ ଚମ୍ପାମଲ ଶାସନରେ ଲଙ୍କେଶ୍ୱରୀ ନାମ ଉଲ୍ଲେଖ ଅଛି । କୁମାର ସୋମେଶ୍ୱର ଦେବଙ୍କ ଅନୁଶାସନରୁ ଜଣାଯାଏ ଯେ ସୋନପୁର ରାଜ୍ୟ ପଶ୍ଚିମ ଲଙ୍କା ବୋଲି କଥିତ ଅଛି ।

ବିଜୟବାବୁ ସୋନପୁରରୁ ୬ ଗୋଟି ତାମ୍ରଶାସନ ପାଇଛନ୍ତି । ସେ ତାର ଅନୁବାଦ ଲେଖିଛନ୍ତି ।

ପ୍ରଥମ ଅନୁଶାସନ:—ଓଁ ସ୍ୱସ୍ତି ସୁବର୍ଣ୍ଣପୁର ସମବାସିତ ଶ୍ରୀମତ୍ ବିଜୟ ସ୍କନ୍ଧାବାରତ ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀ ଶିବଗୁପ୍ତଦେବ ପାଦାନୁଧ୍ୟାତ ପରମମାହେଶ୍ୱର ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀ ମହାଭବଗୁପ୍ତ ରାଜଦେବ କୁଶଳୀ ଲୁପଟ୍ଟା-ରାଖଣ୍ଡ ବନ୍ଦତଲ୍ଲାଳ ଗ୍ରାମେ ବ୍ରାହ୍ମଣ ସମ୍ପୂଜ୍ୟ ତତ୍ରଃ ପ୍ରତିନିବାସୀ କୁଟୁମ୍ବିନଃ ତଦ୍ ବିଷୟେ ଯଥା କାଳାଧାସିନେ ସମାହର୍ତ୍ତାର ସନ୍ନିଧ ତ୍ତିରଃ ଦାଣ୍ଡପାସିକ କଷିଶୂନା ବେନ୍ଦକା ଅବରୋଧଙ୍କ ରାଜା ବଲ୍ଲଭାଦନ ଅନ୍ୟାଂଶ୍ଚ ଶତଭଟ୍ଟଯାତ୍ୟାନ ସମଜ୍ଞାପୟତି ବିଦିତାସ୍ତୁ ଭବତାଂ। ଯଥାସ୍ମାଭିରୟଂ ଗ୍ରାମ ସନ୍ନିଧି ସୋପନିଧି ସର୍ବବାଧା ବିବର୍ଜିତା ସର୍ବତୋଶା ରାହାଃ ସାମ୍ରାହା ମଧୁକାଃ ସଜଳ ସ୍ଥଳ ସର୍ବୋ। ପରକର ଦାନ ମହୃତ ପ୍ରତନକ୍ଷିଦ୍ଧ ଗୃତଭଟ୍ଟା ପାବେଶାତ୍ରୁ ସୀମା ପର୍ଯ୍ୟନ୍ତ କୌଣ୍ଡିନ୍ୟ ଗୋତ୍ରାୟ ମିତ୍ରବରୁଣ ବଶିଷ୍ଠ ପ୍ରବରାୟ ଛନ୍ଦୋଗ୍ୟଚରଣାୟ ରାଧା (ଢ଼ା) ଜାବାଲ୍ଲ ଜନ୍ଦର ବିନିର୍ଗତାୟ ମେରନ୍ଦା ବାସ୍ତବ୍ୟାୟ ଭଟ୍ଟପୁତ୍ର ଯାତକୂଯାନାଂ ଭଟ୍ଟପୁତ୍ର ଶ୍ରୀବତ୍ସ ସୂନବେ ସଲ୍ଲଲଧାର ପୁରଃସରଂ ଆଚନ୍ଦ୍ର ତାରକାର୍କ କ୍ଷିତ ସାମକା-ଲୋପଭୋଗାର୍ଥଂ ମାତା ପିତ୍ରୋ ରାତ୍ମାନ ପୁଣ୍ୟ ଯଶୋଭିବୃଦ୍ଧୟେ ବିଶ୍ୱମତି ସଂତ୍ରାନ୍ୟା ତାମ୍ରଶାସନେନା ନାକରାକାର୍ତ୍ତୀ ପ୍ରତିପାଦିତ ଇତ୍ୟବଗତ୍ୟ ସମୁଚିତ ଭୋଗ ଭାଗ କରହିରଣ୍ୟାଦିକଂ ଉପନୟନଭିର ଭବଦ୍ଭିଃ ସୁଖେନ ପ୍ରତିବାସ୍ତବ୍ୟଂ ଇତି ଭାବିଭିଃ ଭୂପତ ଭିର୍ଦତିରୟଂ ଅସ୍ମଦୀୟ ଧର୍ମ୍ମ ଗୌରବାତ୍ ଅସ୍ମଦ୍ ରୋଧା ତ ସଦତ୍ତିରିବାନୁପାଳନୀୟ। ତଥାଚ ଉକ୍ତଂ ଧର୍ମ୍ମ ଶାସ୍ତ୍ରେ ବହୁଭିର ବସୁଧା ଦତ୍ତ ରାଜାଭି ନାଗରାଦିଭି ଯସ୍ୟ ଯସ୍ୟ ଯଦା ଭୂମିଃ ତସ୍ୟ ତସ ତଦା ଫଳ ମାଭୂତା ଫଳଶଙ୍କା ବା ପରଦତ୍ତେନ ପାର୍ଥିବଃ ସ୍ୱଦାନାତ୍ ଫଳାନାଂ ପରଦତ୍ତାନ ପାଲେନେ ଶାସ୍ତିଂ ବର୍ଷ ସହସ୍ରାଣି ସ୍ୱର୍ଗେ ମୋଦତି ଭୂମିଦାଃ ଆକ୍ଷେପ୍ତା ଚାନୁମନ୍ତାଃ ତାନ୍ୟେବନର୍କେ ବସେତ୍। ଅଗ୍ନେରାପତ୍ୟଂ .ପ୍ରଥମାଂ ସୁବର୍ଣ୍ଣଂ ଭୂରବୈଷ୍ଣବୀ ସୂର୍ଯ୍ୟ ତାସୁ ଗାବନ୍ୟ କଞ୍ଚନଂ ଗାଁଚ ସର୍ବଂ ଚଦାୟା ଦତ୍ତା ସ୍ୟା ତେନ ଭବନ୍ତ ଲୋକା ଆସ୍ଫୋଟୟନ୍ତ୍ୟ ପିତରଃ ପ୍ରଚର ପ୍ରବେଜୟନ୍ତ ପିତାମହାଃ ଭୂମିଦାତାକୁଲେ ଜାତାଃ ସନାସନ୍ତା ବା ଭବିଷ୍ୟତି।

ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀ ଜନମେଜୟଦେବସ୍ୟ ବିଜୟ ରାଜ୍ୟେ ସମ୍ବତ୍ସରେ ତୃତୀୟେ ଶ୍ରାବଣମାସେ ସିତପକ୍ଷ ପଞ୍ଚମ୍ୟାଂ ଯାତ୍ରାଙ୍କଂତୋ ସମ୍ବତ୍ ଶ୍ରାବଣ ଶୁଦ୍ଧାକ୍ଷତା ମିଦଂ ଶାସନଂ ମହାସନ୍ଧିବିଗ୍ରହ ପ୍ରତିବନ୍ଧକାୟସ୍ଥ କୋଇଘୋଷେନ ବଲ୍ଲଘୋଷ ସୁତେ୍ୟନ ସଗ୍ରାମେଣ ଭକ୍ତାର୍ତ୍ତିଂ ଶାସନମିତି ରାଜ୍ୟଂ ଓଙ୍କାମୁଡେନ ମଙ୍ଗଳମହଃ ଶ୍ରୀ।

ଅନ୍ୟ ଏକ ଦାନପତ୍ରରେ ନିମ୍ନଲିଖିତ ମତେ ବର୍ଣ୍ଣିତ ଅଛି :—

ଓଁ ସ୍ୱସ୍ତି ଶ୍ରୀମତ୍ ବନିତପଦ୍ମପୁର ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ମହାଭବଗୁପ୍ତ ରାଜଦେବ ପଦାନୁଧ୍ୟାତ ପରମ ମାହେଶ୍ୱର ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀ ମହାଶିବଗୁପ୍ତ ରାଜଦେବ କୁଶଳୀ । କୋଶଳ ଦେଶ ପ୍ରତିବଦ୍ଧ ଗନ୍ଧାପାଟମଣ୍ଡଳେ ଉତ୍ତରପଟ୍ଟୀସ୍ଥ ନବନ୍ନ ଗ୍ରାମ ପରମମାହେଶ୍ୱର .ପରମ ଭଟ୍ଟ‌ାରକ ମହାରାଜାଧିରାଜ ପରମେଶ୍ୱର ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀମତ୍ ଯଯାତି ରାଜଦେବସ୍ୟ ପଦାନୁପ୍ରବର୍ଦ୍ଧମାନ ବିଜୟରାଜ୍ୟେ ପଞ୍ଚଦଶ ସମ୍ବତ୍ସରେ ମାର୍ଗଶୀର୍ଷ ମାସେ ଶୁକ୍ଳ ପକ୍ଷେ ତ୍ରୟୋଦଶ୍ୟାଂ ତିଥୌ ସମ୍ବତ୍ ୧୫ ମାର୍ଗଶୀର୍ଷ ଶୁଦ୍ଧ ୧୩ ଲିଖିତମିଦଂ ଶାସନ ମହାସନ୍ଧିବିଗ୍ରାହକ ରାନକ ଶ୍ରୀ ଗୃରୁଦତ୍ତସ୍ୟ ଅବଗତେନ ମହକ୍ଷେ ପାତକ ଶ୍ରୀ ଉଚ୍ଛବ ନାଗେନ ଅର୍ଣ୍ଣବନାଗ ସୁତେନ ଉତ୍କୀର୍ଣ୍ଣ ତକୁରଂ ପନାକେ ନେତି ଇତ୍ୟାଦି ।

ଅନ୍ୟ ଦାନପତ୍ର :—ଓଁ ସ୍ୱସ୍ତି ସଂହାରକାଳହୁତ ଭୁକ୍‌ଗି କରାଳ ଘୋର ସମ୍ଭ୍ରାନ୍ତା କଙ୍କର କୃତାନ୍ତଭି ନ ଗହ୍ୱନାନ୍ଧକାର ସୁରାସୁର ବନ୍ଦନାତ୍ ପନ୍ନ ତଦ ଭୈରବଂ ହରବୋପୁ ଭବତା । ପ୍ରପାତୁଃ ଦୁର୍ବାରଃ ବାରଣ ପ୍ରତି ଲକ୍ଷ୍ମୀହୃତା ଗ୍ରହଣ ଶୁଦ୍ଧ ଶ୍ରୀ ଶୀଲ ଭଞ୍ଜଦେବ ନରାଧିପତୟୋ ବହବୋ ବଭୂବ ଭୂର ସହସ୍ରଶଙ୍କ ତେଷାଂ କୁଲେ ସକଳ ଭୂପାଳମୌଳୀ ମାଲାରଚିତ ପାଦାଙ୍ଘ୍ରି ସ୍ତ ଖଡ୍‌ଗଧାର ହୃତେନ ନୃପତି ଶ୍ରୀ ଶୀଲଭ୍ଞଜଦେବ ପ୍ରକାଶ ପୌରୁଷପସ୍ମି ଚନ୍ଦାନ୍ୱିତା ନିର୍ଦ୍ଦି ନିତାର ହୃଦୟୋ ପିତ୍ରାନୃପତୟେ ଗାମ୍ଭୀର୍ଯ୍ୟେନ ପୟୋନିଧି ସ୍ଥିରତ୍ୱେନ ପୃଥିବ୍ୟା-ବଲେ ନାନିଲା ସବତ ଜନାନୋ ଚମାସାମାମଃ ତପସୀ ବୃହସ୍ପତି ସମ ଆମାସବ ଜଗନା ମାକୃତ୍ୟ ତା ଯା ଦତ୍ତବ କାମୋ ବଜେ ରାଜାନ ଶ୍ରୀ ଶତ୍ରୁଭଞ୍ଜଦେବ ଇତି ରୁଲଧିଃ ତସ୍ମାତ୍ ଭୁବନାନ୍ ଦାନ୍ୟ ମଦମାନ ମିଷ୍କାଭ ଚଳିତ ଧରମଣ୍ଡଳ ଗଜ ତୁରଗ ଖୁରବଦାରଣ ପ୍ରସର ତଦ୍ଧାଲା ଧୂଳି ବିତାନ ଛନ୍ନ କନ୍ୟାର୍ଗଣା ସ୍ୱଧା ବଦ୍ଧକା ସେ ମଦର୍ଯ୍ୟାତାରଣିତ ଜୟଲକ୍ଷ୍ମୀ ସମାନାଃ ଦିଗ୍ ପୌରଜାନପଦ ଶ୍ରୀମତ୍ ଭଞ୍ଜଭୂପତି ପୁର । ପତିପୁରନାନ୍ୟା ସରଦମଳ ଧବଳ କରଯଶପଟଳ ଧବଳକା ଦିଗବଦାନୋ ଅନବରତପ୍ରବୃତ୍ତ ସନ୍ମନ ଦାନାବତ ସକଳଜନୋ ଅଣ୍ଡଜବଂଶ ପ୍ରଭବ ପରମ ବୈଷ୍ଣବ ମାତାପିତୃପଦାନୁଧ୍ୟାତ ଭଞ୍ଜମାଲକୁଳତିଳକ ଉଭୟ ଖଣ୍ଡାଦିମଣ୍ଡଳ ଭବଷ୍ୟତ ରାଜା ରାଜାନାକା ମୃତ୍ତିଦ୍ ଧର୍ମ୍ମକୁମାର ମାଇମାନ୍ୟ ମହାସାମନ୍ତ ବ୍ରାହ୍ମଣ ପ୍ରଧାନ ଅନ୍ୟାଶ୍ଚ ଦଣ୍ଡପାଥିଶତଭଟ୍ଟବଲ୍ଲଭ କାତିନା ଯଥାରହଂ ନଯାତି ବୋଧକାତ ସମାଦିଶ୍ୟତି ଶନ୍ୟତ ଶିବବକ୍ଷସ୍କାଙ୍କବିଦ୍ଧତଂ ଅସ୍ତୁ

ଭବତାଂ ଶ୍ରେୟସ୍କର ବିଷୟ ପ୍ରତିବଦ୍ଧ ମିଳୁପାଦ ଖଣ୍ଡକ୍ଷେତ୍ର ଚତୁଃସୀମା ପର୍ଯ୍ୟନ୍ତ ନିଧି ସୋପନିଧି ସହିତଂ ଅକ୍ଷୟତୃତୀୟା ଯୁଗାମି ଦିନେ ଗୁଙ୍ଗା ସମ୍ବନ୍ଧେ ମାତାପିତ୍ରୋ-ଆତ୍ମନଃ ପୁଣ୍ୟବୃଦ୍ଧୟେ ସଲିଲଧାର ପୁରଃସରେଣ ବିଧିନା ବିଧିବିଧାନେନ ସବିଧେୟ ତାମ୍ରଶାସନ ପ୍ରତିପାଦିତୋସ୍ମ ଯାବଦ୍ଦେବାର୍ଷ ବଚନେନ କାଶ୍ୟପଗୋତ୍ରାନ୍ଦେୟମସ୍ତୁ ପ୍ରଚର ଶାମବେଦାଧ୍ୟାୟୀଃ ଆଲ୍ଲ ଗ୍ରାମ ବିନିର୍ଗତ ଭଟ୍ଟପୁତ୍ର କୃଷ୍ଣ ଆଖଣ୍ଡଲସୁତ ମହୋଦଧିନାମ୍ନେ, ତଥାଚ ଉକ୍ତଂ ଧର୍ମଶାସ୍ତ୍ରେଷୁ କାଲସ୍ଥାନମହିମଦ ବ୍ୟାସବଜା-ସମ୍ୟ ମେଦିନୀ ଯାବତ୍ ସୂର୍ଯ୍ୟକୃତାଂ ଲୋକାଂ ତାବ ସ୍ୱର୍ଗମହିଯାତେ ଆସ୍ଫୋଟୟନ୍ତି ପିତରଃ ପ୍ରବଲ୍ଗନ୍ତି ପିତାମହାଃ ଭୂମିଦାତୃକୁଲେ ଜାତା ସମୋ ପ୍ରତାଭଇସ୍ୟତି ବାହୁଭିର ବସୁଧା ଦତ୍ତଂ ରାଜାନା ସାଗରାଦିଭି ଯସ୍ୟ ଯସ୍ୟ ଯଦା ଭୂମି ତସ୍ୟ ତସ୍ୟ ତଦା ଫଳ ମା ପାର୍ଥିବ କଦାଚିତ୍ ବ୍ରହ୍ମସ୍ୱ ମନସାଦପି ଆନେନ୍ଦ୍ରିୟଂ ଅହସିଶାଲ୍ୟ ଅତେ ହଲାହଲବିଷଂ ଅବିଷ ବିଶାମିତ୍ୟ ଇତ୍ୟାଦି ।

ଏହି ତିନିଖଣ୍ଡି ତାମ୍ରଶାସନରୁ କେତେକ ପ୍ରାଚୀନ କଥା ଜଣାପଡ଼େ । ପ୍ରଥମ ସନନ୍ଦରେ ବନ୍ଦତେନ୍ଦୁଲୀ ଗ୍ରାମ ଭଟ୍ଟପୁତ୍ର ଜାତରୂପଙ୍କୁ ଦାନ ଦିଆ ଯାଇଅଛି । ବନ୍ଦତେନ୍ଦୁଲୀ ଲୁପଭିର ଖଣ୍ଡ ପରେ ଜାତରୂପ ମେରନ୍ଦାବାସୀ ଏବଂ ସେ ରେଡ୍ଡାବଲୀ ହୁନ୍ଦରରୁ ଉଠି ଆସିଥିଲେ । ତାଙ୍କର ଗୋତ୍ର କୌଣ୍ଡିନ୍ୟ ଏବଂ ଛନ୍ଦୋଗ୍ୟଚରଣ । ତାଙ୍କର ପ୍ରବର ମିତ୍ରବରୁଣ ବଶିଷ୍ଠ । ଦାନର ସମୟ ପରମ ଭଟ୍ଟାରକ ମହାରାଜାଧି-ରାଜ ପରମେଶ୍ୱର ଶ୍ରୀ ଜନମେଜୟ ଦେବଙ୍କ ରାଜତ୍ୱର ୩ୟ ବର୍ଷ । ସେ ରାଜା ଶୈବ ଥିଲେ ।

୨ୟ ଦାନପତ୍ରଦ୍ୱାରା ନବନ୍ଦା ବା ନବନା ଗ୍ରାମ ଦୀକ୍ଷିତ ପୁଣ୍ଡରୀକ ଶର୍ମାଙ୍କୁ ଦାନ ଦିଆ ଯାଇଛି । ନବନା ଗ୍ରାମ କୋଷଲ ଦେଶରେ । ପୁଣ୍ଡରୀକଙ୍କ ଘର ମେରମେନ୍ଦା ଗ୍ରାମ ଏବଂ ସେ ଭଟ୍ଟପରୋଲୀ ଗ୍ରାମରୁ ଉଠି ଆସିଥିଲେ । ଗ୍ରହୀତା ନାରାୟଣ ଶର୍ମାଙ୍କ ପୁତ୍ର ଏବଂ ଉଲ୍ଲାସ ଶର୍ମାଙ୍କ ପୌତ୍ର । ତାଙ୍କର ଗୋତ୍ର ଭାରଦ୍ୱାଜ; ପ୍ରବର ଅଙ୍ଗିରସ, ବାର୍ହସ୍ପତ୍ୟ ଓ ଭାରଦ୍ୱାଜ । ବିନୀତପୁରରୁ ଦାନ ଦିଆଯାଇଥିଲା । ସମୟ ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀମତ୍ ଯଯାତି ରାଜଦେବଙ୍କର ରାଜତ୍ୱର ପଞ୍ଚଦଶ ବର୍ଷ । ଯଯାତି ତ୍ରିକଳିଙ୍ଗାଧିପତି ବୋଲି ବର୍ଣ୍ଣିତ ।

୩ୟ ଦାନପତ୍ରଦ୍ୱାରା ଶତ୍ରୁଭଞ୍ଜ ଜଲ୍ଲ ରୋଡ଼ା ବିଶେର ମିଲୁପାଦୀ ଖଣ୍ଡକ୍ଷେତ୍ର ଦାନ କରିଛନ୍ତି । ଗ୍ରହୀତା ଭଟ୍ଟପୁତ୍ର କୃଷ୍ଣ ଆଖଣ୍ଡଲଙ୍କ ପୁତ୍ର ଏବଂ ମହୋଦଧିଙ୍କ

ପୌତ୍ର । ସେ ଅଲପ ଗ୍ରାମରୁ ଉଠି ଆସିଥିଲେ । ତାଙ୍କର ଗୋତ୍ର କାଶ୍ୟପ ଏବଂ ସେ ସାମବେଦୀ ଥିଲେ । ତାଙ୍କ ପ୍ରବର ତିନ ଋଷି ଥିଲେ । ଶତ୍ରୁଭଞ୍ଜ ଅଣ୍ଡଜ ବଂଶ ଏବଂ ଉଭୟ ଖଣ୍ଡାଳିମଣ୍ଡଳର ଅଧିପତି ଥିଲେ । ଏଥିରେ ଅନ୍ୟାନ୍ୟ ରାଜାମାନଙ୍କ ନାମୋଲ୍ଲେଖ ଅଛି । ଯଥା—ଶୀଲଭଞ୍ଜ ଦେବ ।

ଭଞ୍ଜବଂଶ ସମ୍ବନ୍ଧେ ଚାରିଗୋଟି ତାମ୍ରଶାସନ ବାହାରିଛି । ଓଡ଼ିଶାରୁ ତିନିଗୋଟି ଏବଂ ଘୁମୁସରରୁ ଏକଗୋଟି । ସେଥିରୁ ନିମ୍ନଲିଖିତ ବଂଶାବଳୀ ମିଳେ ।

ରଣଭଞ୍ଜ ଦେବ ଧର୍ମ୍ମକଳଶ
|
ଦିଗଭଞ୍ଜ ଦେବ
|
ଶୀଲ ଭଞ୍ଜ ଦେବ
|
ମହାରାଜା ବିଦ୍ୟାଧର ଭଞ୍ଜଦେବ ପରମମାହେଶ୍ୱର

ବାମନଘାଟି ଅନୁଶାସନର ସମୟ ୨୮୯ ସମ୍ବତ୍ ଏବଂ ତାହା ରଣଭଞ୍ଜଙ୍କ ରାଜତ୍ୱ ସମୟରେ । ଘୁମୁସରରୁ ଯେଉଁ ତାମ୍ରଶାସନ ମିଳିଛି ସେଥିରେ ଦାତା ନେତ୍ରଭଞ୍ଜ, ରଣଭଞ୍ଜଙ୍କ ପୁତ୍ର ଏବଂ ଶତ୍ରୁଭଞ୍ଜଙ୍କ ନାତି ।

କୋଠଭଞ୍ଜ
|
ଦିଗଭଞ୍ଜ ବା ଶତ୍ରୁଭଞ୍ଜ
|
ରଣଭଞ୍ଜ
|
ରାଜଭଞ୍ଜ | ଦିଗଭଞ୍ଜ | ନେତ୍ରଭଞ୍ଜ

ଦିଗଭଞ୍ଜ
|
ଶୀଲଭଞ୍ଜ
|
ମହାରାଜା ବିଦ୍ୟାଧରଭଞ୍ଜ

ବାମନଘାଟି ତାମ୍ରପତ୍ରରେ ଵୀରଭଦ୍ରଙ୍କ ନାମୋଲ୍ଲେଖ ଅଛୁ । ସେ ଭଞ୍ଜବଂଶ ପ୍ରତିଷ୍ଠାତା । ସେ କୋଟ୍ୟାଶ୍ରମ ତପୋବନରେ ମୟୂର ଅଣ୍ଡ ଭିତରୁ ଜନ୍ମ ହୋଇଥିଲେ ।

ଏ ତାମ୍ରଶାସନ ହଳ କଲବେଲେ ହଳଆମାନେ ପାଇଥିଲେ । ଯେଉଁ ଯେଉଁ ଗ୍ରାମମାନଙ୍କ ନାମୋଲ୍ଲେଖ ଅଛୁ, ସେହି ସେହି ଗ୍ରାମମାନଙ୍କରେ ଏଗୁଡ଼ିକ ମିଳିଥିଲା । ମିଲୁପାଡ୍ରା ଗ୍ରାମ କେଉଁଠି ? ଖଣ୍ଡକ୍ଷେତ୍ର ଅର୍ଥ ଚକପର ଜମିର ନାମ ବୋଲି ଵିଜୟ୍ବାବୁ ସ୍ଥିର କରିଅଛନ୍ତି । ସେ ଗ୍ରାମର ଲୋକ ଉଦୟଶୃଙ୍ଗରୁ ଆସିଥିଲେ । ଉଦୟଶୃଙ୍ଗ ଆଠମଲ୍ଲିକ ଅନ୍ତର୍ଗତ ଓଡ଼ସିଙ୍ଗା ବୋଲି ଅନୁମିତ ହୁଏ । ଓଡ଼ସିଙ୍ଗା ସୋନପୁର ସୀମାରେ; ପାଟଣା କମ୍ବା ଆଠମଲ୍ଲିକଠାରୁ ବେଶି ଦୂର ନୁହେଁ । ସେଠାରେ ଖଣ୍ଡକ୍ଷେତ୍ର ଗ୍ରାମ ଥାଇପାରେ । ସୋନପୁରର ଉତ୍ତରରେ ରେଢ଼ାଖୋଲ, ଉତ୍ତର-ପୂର୍ବରେ ଆଠମଲ୍ଲିକ, ପୂର୍ବରେ ବଉଦ, ଦକ୍ଷିଣରେ ପାଟଣା । ତାମ୍ରଶାସନମାନଙ୍କରେ କେତେଗୁଡ଼ିଏ ଭୌଗୋଳିକ ନାମ ଦେଖାଯାଏ । ଓଙ୍ଗ ଓ ଅଙ୍ଗ ନଦୀ ବର୍ତ୍ତମାନ ସୋନପୁର ଓ ପାଟଣା ରାଜ୍ୟର ମଧ୍ୟଦେଇ ପ୍ରବାହିତ । ସତଲମା ଗ୍ରାମ ସମ୍ବଲପୁର ଜିଲାର ବରପାଲି ଅନ୍ତର୍ଗତ ଏବଂ ଗଙ୍ଗ ନଦୀଠାରୁ କେତେକ ମାଇଲ ଦୂରରେ ଅବସ୍ଥିତ । ନପୁର ନୂପୁରସିଂହ; ବନ୍ଦତେନ୍ତୁଲୀ ଗ୍ରାମମାନ ଦାନପତ୍ର ମିଳିଥିବା ସ୍ଥାନର ନିକଟବର୍ତ୍ତୀ । ରେଢ଼ା ଫଵଲି କନ୍ଦର ବୋଧହୁଏ ରେଢ଼ାଖୋଲର ଅପର ନାମ । କାରଣ କନ୍ଦର ଅର୍ଥ ଖୋଲ । ମୁରସିମା ମୁରସିଙ୍ଗା ପର ବୋଧହୁଏ । ଏ ଗ୍ରାମ ପାଟଣା ରାଜ୍ୟର ଜଗ୍ସିଙ୍ଗ ଜମିଦାରୀର ଅନ୍ତର୍ଗତ । ସୋନପୁର ରାଜ ରେ ବିନକା ଗ୍ରାମ ଅଛୁ । ଏହାର ପୂର୍ବ ନାମ ବିନିତା ଥିଲାପରି ଜଣାଯାଏ । ବିନିତା ଏବଂ ମେନ୍ଦା ଗ୍ରାମମାନ ବିନକା ସବ୍‌ଡ଼ିଭିଜନ ଅନ୍ତର୍ଗତ । ସୁତରାଂ ବିନୀତପୁରର ବର୍ତ୍ତମାନ ନାମ ବିନକା ବୋଲି ଜଣାଯାଏ ।

ସୋନପୁର ଅନ୍ତର୍ଗତ ବିନିତା ଏବଂ ସମ୍ବଲପୁର ଅନ୍ତର୍ଗତ ସତଲମା ଗ୍ରାମମାନ ତାମ୍ରଶାସନରେ କୋଶଳ ଦେଶାନ୍ତର୍ଗତ ବୋଲି ଉଲ୍ଲେଖ ଅଛୁ । ବିଜୟ୍ବାବୁ ଅନୁମାନ କରନ୍ତି ଯେ, ପ୍ରାଚୀନ କାଳରେ ସମ୍ବଲପୁର ଏବଂ ତଦନ୍ତର୍ଗତ ଗଡ଼ଜାତମାନ କୋଶଳ ଅର୍ଥାତ୍ ଦକ୍ଷିଣ କୋଶଳର ଅଂଶ ଥିଲି ଏବଂ ବିଲାସପୁର ଜିଲାର ରତନପୁର କୋଶଳର ରାଜଧାନୀ ଥିଲା; ଏ ଦେଶ ଓଡ୍ର ବା ଓଡ଼ିଶାର ଅଂଶ ନଥିଲା । ତାଙ୍କର ଅନ୍ୟ ଏକ ଯୁକ୍ତି

ଯେ, ଯଦି ତେତେବେଳେ ଓଡ଼ିଶା ଏବଂ ସମ୍ବଲପୁର ପୃଥକ୍ ଦେଶ ନଥାନ୍ତା, ତେବେ ଯେ ବ୍ରାହ୍ମଣ ଓଡ଼ିଶାରୁ ଆସି ଏଠାରେ ଅର୍ଥାତ୍ ସମ୍ବଲପୁରରେ ବସତି କରିଥିଲେ ସେ ଆପଣାକୁ ଓଡ୍ର ଦେଶବାସୀ ବୋଲି ପରିଚୟ ଦେଇ ନଥାନ୍ତେ । ସୁତରାଂ ଓଡ଼ିଶା ଓ କୋଶଳ ଦେଶ ବିଭିନ୍ନ ପ୍ରଦେଶ ଥିଲା ।

ରାଜିମ ଓ ରତନପୁରରେ ଯେଉଁ ଅନୁଶାସନ ମିଳେ ସେଥିର ଅକ୍ଷର ସମ୍ବଲପୁର ଏବଂ ଓଡ଼ିଶା ଅକ୍ଷରଠାରୁ ପୃଥକ୍ । ବିଜୟବାବୁ ଏଥିର କାରଣ ଦିଅନ୍ତି ଯେ, ରାଜା ଜନ୍ମେଜୟ ଏବଂ ତାଙ୍କ ଉତ୍ତରାଧିକାରୀମାନେ ବଙ୍ଗାଳୀ କାୟସ୍ଥ ସଭାସଦ୍ ରଖିଥିଲେ । କାରଣ ତାମ୍ରଶାସନରୁ କୈଳାସଘୋଷ, ପୁନ୍ନ ବଲ୍ଲଭଘୋଷ, ମଲ୍ଲଦତ୍ତ, ପୁନ୍ନ ଧାରଦତ୍ତ, ଗୁରୁଦ୍ରଦତ୍ତ, ଉଚ୍ଛବନାଗ ଓ ବଲ୍ଲଭନାଗ, ଅନଙ୍ଗଦତ୍ତ, ମଙ୍ଗଳଦତ୍ତ ପ୍ରଭୃତିଙ୍କ ନାମ ଦେଖାଯାଏ ଏବଂ ଦତ୍ତ, ନାଗ, ଘୋଷ ପ୍ରଭୃତି ପଦ କେବଳ ବଙ୍ଗାଳୀ କାୟସ୍ଥମାନେ ବ୍ୟବହାର କରନ୍ତି । ମାତ୍ର ଓଡ଼ିଆ କରଣମାନେ ଏ ପଦ ବ୍ୟବହାର କରନ୍ତି ନାହିଁ । ସୁତରାଂ ସେମାନେ ବଙ୍ଗାଳୀ ଥିଲେ ।

ଅକ୍ଷରମାନଙ୍କ ବର୍ଗ ବଙ୍ଗାକ୍ଷର ସଦୃଶ ବୋଲି ଟମ୍ସ ସାହେବ ଅନୁମାନ କରିଥିଲେ । ମାତ୍ର ଅନେକ ଅକ୍ଷରର ବର୍ଗ ବର୍ତ୍ତମାନ ଓଡ଼ିଆ ଅକ୍ଷରର ବର୍ଗପରି । ଗଞ୍ଜାମରେ ମଧ୍ୟ ଏହିପରି ଅକ୍ଷର ଦେଖାଯାଏ । ସ୍ଥୂଳତଃ ଓଡ଼ିଆ ବଙ୍ଗଳା ଅକ୍ଷରମାନଙ୍କର ମିଶ୍ରଣ ଦେଖାଯାଏ । ଆଲେକ୍ଜାଣ୍ଡର କନିଂହାମ ସାହେବ ମହାଶୟ କହନ୍ତି ଯେ ଯେଉଁ ଗୁପ୍ତ ରାଜାମାନେ କୋଶଳେନ୍ଦ୍ର ଓ ତ୍ରିକଳିଙ୍ଗାଧିପତି ଥିଲେ, ସେମାନେ ନଷ୍ଟାୟୁ ହିନ୍ଦୁ ପାଲଟିଥିବା ଉଦୟନଙ୍କ ବଂଶଧର ଥିଲେ । ଏମାନେ ଶବର ଥିଲେ ।

ଦାତାମାନେ ଆପଣାକୁ କୋଶଳଦେଶାଧିପତି ଓ ତ୍ରିକଳିଙ୍ଗାଧିପତି ବୋଲି ବର୍ଣ୍ଣନା କରିଛନ୍ତି । କେଶରୀବଂଶୀୟ ରାଜ ମାନେ ଯଯାତିକେଶରୀଙ୍କଠାରୁ ଗଣାଯାନ୍ତି, କିନ୍ତୁ ଜନମେଜୟଙ୍କଠାରୁ ଗଣାଯାନ୍ତି ନାହିଁ । ବଂଶାବଳୀରେ ଅନ୍ୟ ଏକ ଜନମେଜୟଙ୍କ ନାମୋଲ୍ଲେଖ ଦେଖାଯାଏ । କିନ୍ତୁ ସେ ଦୂର ଉତ୍ତରାଧିକାରୀ । ମାତ୍ର ଓଡ଼ିଶା ପାଞ୍ଜି ଶିବଗୁପ୍ତଙ୍କ ବିଷୟ ଆଦୌ ଜାଣି ନଥିଲା । ସେ କେଶରୀବଂଶର ପ୍ରଥମ ରାଜା ଥିଲେ । ମହାଭବଗୁପ୍ତଙ୍କ ଦାନପତ୍ର ମାନଙ୍କରେ କୋଶଳ ଦେଶର ନାମୋଲ୍ଲେଖଥିବାରୁ ଜଣାଯାଏ, ଏମାନେ କେବଳ କୋଶଳରେ ରାଜତ୍ୱ କରୁଥିଲେ, ପରେ ଓଡ଼ିଶାରେ ଆଧିପତ୍ୟ ବିସ୍ତାର କଲେ । ମହାଭବଗୁପ୍ତ କୋଶଳ ଦେଶରେ

ତାଙ୍କ ପ୍ରଧାନମନ୍ତ୍ରୀ ସାଧାରଣଙ୍କୁ ଭୂମିଦାନ କରିଥିଲେ । ଏଥିରୁ ଜଣାଯାଏ ସେ କୋଶଳ ଦେଶରେ ଥିବେ । ଭବଦେବ କେଶରୀ ପଦ ସୃଷ୍ଟି କରିଥିଲେ । ଉଦ-ୟନଙ୍କ ବଂଶଧରମାନେ ଗୁପ୍ତ ପଦବୀ ଧାରଣ କଲେ । ଉଦୟନ ଚନ୍ଦ୍ରବଂଶୀ ବୋଲି ପରିଚୟ ଦେଉଥିଲେ ।

ଏ ସମସ୍ତ କାରଣ ସତ୍ତ୍ୱେ ଦେଖାଯାଏ ଯେ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ-ଭାଷା ପ୍ରଚଳିତ । ଶାସନ ସୁବିଧା ଲାଗି ସମ୍ବଲପୁର ୧୯୦୫ ମସିହା ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଛତିଶଗଡ଼ ଦେଶ ସହିତ ସାମିଲ ଥିଲା । ବର୍ତ୍ତମାନ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡ଼ିଶା ସହିତ ମିଶିଅଛି । ବିଜୟବାବୁ ଏ ସମସ୍ତ ଆଲୋଚନା କରି ସ୍ଥିର କରିଛନ୍ତି ଯେ ଶବରରାଜାମାନଙ୍କ ରାଜ ବିଭକ୍ତ ହେବାରୁ ଶିବଗୁପ୍ତ ଛୋଟନାଗ-ପୁର ଏବଂ ମେଦିନୀପୁର ମଧ୍ୟବର୍ତ୍ତୀ ସ୍ଥାନରେ ରାଜଧାନୀ କଲେ ଏବଂ ଅନ୍ୟ ବଂଶଧରମାନେ ରାଜିମ, ଶିବପୁର ଏବଂ ରତନପୁରରେ ରାଜତ୍ୱ କଲେ । ଶିବଗୁପ୍ତ ରାଜା ବୋଲି ବର୍ଣ୍ଣିତ ଥିବାହେତୁ ସେ ବିଶେଷ କ୍ଷମତାଶାଳୀ ନଥିବାର ପ୍ରକାଶ । ସମ୍ଭବତଃ ସେ ଜଣେ ସାମନ୍ତରାଜା ଥିଲେ । ତାଙ୍କ ପୁତ୍ର ଜନମେଜୟ ବା ମହାଭବଗୁପ୍ତ ଓଡ୍ର ଏବଂ ତ୍ରିକଳିଙ୍ଗ ଅଧିକାର କଲେ ଏବଂ ସମ୍ବଲପୁର ଜିଣିଲେ । କିମ୍ବଦନ୍ତୀ ଅଛି ଯେ ରାଜା ଜନମେଜୟ କଟକ ମହାନଦୀର ଅପର ପାର୍ଶ୍ୱସ୍ଥିତ ଚଉଦ୍ୱାର ନଗର ବସାଇଥିଲେ । କେଶରୀ ପଦ ପରବର୍ତ୍ତୀ କାଳର ସୃଷ୍ଟି । କାରଣ ଏକାଦଶ ଓ ଦଶମ ଶତାବ୍ଦୀର ରାଜାମାନେ ଆପଣାକୁ କେଶରୀ ବୋଲି ପରିଚୟ ଦେଇନାହାନ୍ତି । ଉଦ୍ୟୋତ କେଶରୀଙ୍କ ଅନୁଶାସନ ଦ୍ୱାଦଶ ଶତାବ୍ଦୀର । ସୁତରାଂ କେଶରୀରାଜାମାନେ ଦଶମ ଶତାବ୍ଦୀରେ ରାଜତ୍ୱ କରୁଥିଲେ ଏବଂ ଆପଣାକୁ ଗୁପ୍ତ ବୋଲି ପରିଚୟ ଦେଉଥିଲେ । ଯଯାତି ୪୭୪ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିବା କଥା ଅମୂଳକ । ବାସ୍ତବିକ ସେ ୯୭୪ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିଲେ ।

ଦଶମ ଓ ଏକାଦଶ ଶତାବ୍ଦୀରେ ଯେଉଁ ରାଜାମାନେ ସମ୍ବଲପୁରରେ ରାଜତ୍ୱ କରୁଥିଲେ ସେମାନଙ୍କ ନାମ ନିମ୍ନରେ ଦିଆଗଲା ।

ଜନମେଜୟ ବା ମହାଭବଗୁପ୍ତ-୧ ପୁତ୍ର ଶିବଗୁପ୍ତ

|

ଯଯାତି ବା ମହାଶିବ ଗୁପ୍ତ

|

ଭୀମରଥ ବା ମହାଭବ ଗୁପ୍ତ-୨

ତାମ୍ରଶାସନରେ ଉଲ୍ଲେଖ ଅଛି ଯେ ଗଗ୍ରାତା ବ୍ରାହ୍ମଣ ମାନେ ଓଡ୍ର ଦେଶର ମଧ୍ୟଦେଶାନ୍ତର୍ଗତ ଶ୍ରୀବଲ୍ଲ ଗ୍ରାମକୁ ଆସିଥିଲେ । ମେଦନୀପୁରର ଦକ୍ଷିଣାଂଶ ବର୍ତ୍ତମାନ ସୁଦ୍ଧା ମଧ୍ୟଦେଶ ନାମରେ ପରିଚିତ । ସୁତରାଂ ତେତେବେଳେ ଏହା ଓଡ୍ର ଦେଶାନ୍ତର୍ଗତ ଥିଲା । ଏ ସ୍ଥାନର ବ୍ରାହ୍ମଣମାନେ ଆଦ୍ୟାବଧି ଓଡ଼ିଆ ପୋଥି ପଢନ୍ତି, ଓଡ଼ିଆ ପୋଥି ସାଇତି ଅଛନ୍ତି । ଏମାନେ ମଧ୍ୟ ଦେଶୀ ବ୍ରାହ୍ମଣ ବୋଲି କଥିତ ଏବଂ ବଙ୍ଗାଳୀ ବ୍ରାହ୍ମଣମାନଙ୍କ ସହିତ ଏମାନଙ୍କର ବୈବାହିକ ସମ୍ବନ୍ଧ ନାହିଁ । ସମ୍ଭବତଃ ଏମାନେ ଧଲଭୂମ ଓ ରାଞ୍ଚି ଦେଇ ଝାଡଖଣ୍ଡ ବାଟେ ସମ୍ବଲପୁରକୁ ଆସିଥିଲେ । ଏମାନେ ଝାଡୁଆ ବ୍ରାହ୍ମଣ ଏବଂ ପରେ ଯେଉଁମାନେ ଆସିଥିଲେ ସେମାନେ ଓଡ଼ିଆ ବ୍ରାହ୍ମଣ ବୋଲି ପରିଚିତ ।

ସୋମବଂଶୀ ରାଜାମାନେ ସମ୍ବଲପୁରରେ କେତେକାଳ ରାଜତ୍ୱ କରିଥିଲେ ତାହା ଜାଣିବା କଠିନ । ଜଣାଯାଏ ସେମାନେ ଶାସନକାର୍ଯ୍ୟ ଚଳାଇବାଲାଗି କାର୍ଯ୍ୟନିର୍ବାହକ ସଭା ଏବଂ ଶାସନକର୍ତ୍ତାମାନ ନିଯୁକ୍ତ କରିଥିଲେ । କଥିତ ହୁଏ ଆଠମଲ୍ଲିକ ସଭାଦ୍ୱାରା ରାଜ୍ୟ ଶାସିତ ହେଉଥିଲା । ଚୌହାନ ଶାସନ ପୂର୍ବରୁ ଆଠମଲ୍ଲିକ ଶାସନ ପ୍ରଥା ପ୍ରଚଳିତ ଥିଲା । ଆଠମଲ୍ଲିକ ଗଡ ଏ ରାଜ୍ୟର ଅତି ନିକଟରେ ଅବସ୍ଥିତ । ମଲ୍ଲିକ ଶବ୍ଦ ପାଲି ଶବ୍ଦ ମହାଲିକ ଶବ୍ଦର ଅପଭ୍ରଂଶ । ଏ ଶବ୍ଦର ଅର୍ଥ ପୁରାତନ ଓ ବିଜ୍ଞ । ଭିନ୍ନ ଭିନ୍ନ ଗ୍ରାମର ପ୍ରତିନିଧିମାନେ ଯେଉଁମାନେ ସଭାର ସଭ୍ୟ ହୁଅନ୍ତି ସେମାନଙ୍କ ନାମ ମଲ୍ଲିକ ଏବଂ ସେମାନଙ୍କ ବଂଶଧରମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଉପାଧି ଧାରଣ କରିଅଛନ୍ତି । ସମ୍ଭବତଃ ଏ ସଭାରେ ଆଠଜଣ ସଭ୍ୟ ଥିଲେ । ଚୌହାନ ରାଜାମାନଙ୍କ ବଂଶାନୁଚରିତରେ ଏ ଶାସନ ପ୍ରଥା ବିଷୟ ଉଲ୍ଲେଖ ଅଛି । ଏ ବିଷୟ ମଧ୍ୟ ବୁଢ଼ାସମ୍ବର ଜମିଦାରଙ୍କ ଦ୍ୱାରା ପ୍ରକାଶିତ ନୃସିଂହ ମାହାତ୍ମ୍ୟ ପୁସ୍ତକରେ ଉଲ୍ଲେଖ ଅଛି । ବର୍ତ୍ତମାନ ରାଜାମାନେ ଯେଉଁ ଜାତି ବେହେରା ବା ପ୍ରତିନିଧି ନିଯୁକ୍ତ କରନ୍ତି, ତାହା ପୂର୍ବ ପ୍ରଥାର ଚିହ୍ନ ମାତ୍ର ।

ଅନ୍ୟ ଗୋଟିଏ ତାମ୍ରଶାସନ ମିଳେ । ଏ ତାମ୍ରପଟ୍ଟ ସୋନପୁରର କୁମାର ସୋମେଶ୍ୱରଙ୍କ ସମୟର । ଏଥିରୁ ପ୍ରକାଶ ହୁଏ ଯେ ମହାଭବଗୁପ୍ତଙ୍କ ବଂଶଧର ଉଦ୍ୟୋତକେଶରୀ ସୋନପୁର ରାଜ୍ୟକୁ ଅଭିମନ୍ୟୁ ଦେବଙ୍କୁ ଦାନ କରିଥିଲେ । ହୋଇପାରେ, ଅଭିମନ୍ୟୁଦେବ କେବଳ ପ୍ରଥମରେ ଶାସନକର୍ତ୍ତା ଥିଲେ ଏବଂ ସୁବିଧା ସୁଯୋଗ ଦେଖି ନିଜେ ପଶ୍ଚିମ ଲଙ୍କାଧିପତି ହୋଇ ବସିଲେ । ସୋନପୁର କାହିଁକି ପୂର୍ବେ ପଶ୍ଚିମଲଙ୍କା ବୋଲି କଥିତ ହେଉଥିଲା ତାହା ଜଣା ଯାଉନାହିଁ । ତାମ୍ର-ଶାସନରେ ଲେଖାଅଛି ଯେ ପଶ୍ଚିମଲଙ୍କା ନାମଧାରୀ ସୋନପୁର ରାଜ୍ୟ ମହାଭବ-

ଗୁପ୍ତ ବଂଶାବତଂସ ଉଦ୍ୟୋତକେଶରୀଙ୍କ ଦ୍ୱାରା ଅଭିମନ୍ୟୁ ଦେବଙ୍କୁ ପ୍ରଯାଦୀକୃତ ଅର୍ଥାତ୍ ଦତ୍ତ । କାମ୍ପାମଲ୍ଲ ତାମ୍ରଶାସନରେ ଲେଖାଅଛି ଯେ ଯୋଗେଶ୍ୱରଦେବ ବର୍ମ୍ମ ଦାନ ଦେଲାବେଳେ ସେ ସୋନପୁରରେ ଥିଲେ ଏବଂ ତାଙ୍କର ରାଜଧାନୀ ମହାନଦୀ ବନ୍ଧ ସନ୍ନିକଟ ଲଙ୍କେଶ୍ୱରୀ ବା ଲଙ୍କାବର୍ତ୍ତିକ ପାହାଡ଼ ନିକଟରେ ଥିଲା । ବର୍ତ୍ତମାନ ରାଜନଗର ଠିକ୍ ଏହି ସ୍ଥାନରେ ଏବଂ ଲଙ୍କେଶ୍ୱରୀ ବର୍ତ୍ତମାନ ଲଙ୍କାବର୍ତ୍ତିର ନାମ ବିଜୟବାବୁଙ୍କ ମତରେ ବ୍ରହ୍ମେଶ୍ୱର ଦେଉଳର ଖୋଦିତ ଲିପିରୁ ଜଣାଯାଏ ଯେ ତ୍ରିକଳିଙ୍ଗ ଗୁପ୍ତବଂଶାବତଂସ ଉଦ୍ୟୋତକେଶରୀ ଜଣେ ସାମାନ୍ୟ ରାଜା ଥିଲେ ଏବଂ ଦ୍ୱାଦଶ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ସେତେବେଳେ ଗଙ୍ଗବଂଶ ରାଜାମାନେ ଓଡ଼ିଶାରେ ରାଜତ୍ୱ କରୁଥିଲେ । ସୁତରାଂ ଏ ତାମ୍ରଶାସନର ସମୟ ଦ୍ୱାଦଶ ଶତାବ୍ଦୀର ଶେଷଭାଗ । ତ୍ରୟୋଦଶ ଶତାବ୍ଦୀ ପ୍ରାରମ୍ଭରେ ସୋନପୁର ଯେଉଁ ଶାସନକର୍ତ୍ତାଙ୍କ ଦ୍ୱାରା ଶାସିତ ହେଉଥିଲା ସେ ତ୍ରିକଳିଙ୍ଗ ଗୁପ୍ତମାନଙ୍କଠାରୁ କ୍ଷମତା ପାଇଥିଲେ । ଜନ୍ମେଜୟଙ୍କ ପୂର୍ବ ରାଜାମାନଙ୍କ ଇତିହାସ ଅପ୍ରାପ୍ତ । ଏପିଗ୍ରାଫିକା-ଇଣ୍ଡିକାରେ ଅନୁଶାସନମାନ ପ୍ରକାଶିତ ହୋଇଛି । ଗୁପ୍ତରାଜାମାନଙ୍କ ପରେ ଭଞ୍ଜ ରାଜବଂଶର ପରିଚୟ ମିଳେ । ଏହି ଭଞ୍ଜ ବଂଶର ଅନ୍ୟ ଏକ ଶାଖା ବାମନଘାଟି-ଠାରୁ ଘୁମୁସର ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ବାମନଘାଟି ମୟୂରଭଞ୍ଜରେ । ବିଜୟ ବାବୁଙ୍କ ମତରେ ସୋନପୁର ରାଜ୍ୟରେ ଶତ୍ରୁଭଞ୍ଜ ଦେବଙ୍କର ଯେଉଁ ତାମ୍ରଶାସନ ମିଳେ ସେଥିରୁ ଜଣାଯାଏ ସେଗୁଡ଼ିକ ୯ମଶ ଶତାବ୍ଦୀରୁ ଅଧିକ ପୁରାତନ ନୁହେଁ । ଏ ଶତ୍ରୁଭଞ୍ଜ ଶୀଲଭଞ୍ଜଙ୍କ ପୁତ୍ର । ଏ ଖେମୁଣ୍ଡିରେ ବାସ କରୁଥିଲେ । ସେ ଉଭୟ ଖେମୁଣ୍ଡିର ଅଧିପତି ଥାଇ ବଉଦ ରାଜ୍ୟ ଶାସନ କରୁଥିଲେ । ଏହି ଭଞ୍ଜମାନେ ସମୁଦ୍ର କୂଳର ରାଜ୍ୟମାନଙ୍କ ଉପରେ ହସ୍ତକ୍ଷେପ କରି ନ ଥିଲେ । କେବଳ ଘୁମୁସରଠାରୁ ବାମନଘାଟି ପର୍ଯ୍ୟନ୍ତ ଅରଣ୍ୟ ପ୍ରଦେଶରେ ରାଜ୍ୟ ବିସ୍ତାର କରୁ-ଥିଲେ । ବାମନଘାଟିରୁ ଯେଉଁ ତାମ୍ରଶାସନ ମିଳିଛି ସେଥିରୁ ଜଣାଯାଏ ବାମନଘାଟି ଶାଖାର ପ୍ରଥମ ରାଜା ମୟୂରଭଞ୍ଜରେ ରାଜ୍ୟ ସ୍ଥାପନ କରିଥିଲେ ଏବଂ ତାଙ୍କ ନାମ ବୀରଭଦ୍ର ଥିଲା । ସେ କୋଟ୍ୟାଶ୍ରମ ବନରେ ଜନ୍ମଗ୍ରହଣ କରିଥିଲେ । ଅତଏବ ଭଞ୍ଜମାନେ ଅଣ୍ଡଜ ବଂଶ । ନୃସିଂହ ମାହାତ୍ମ୍ୟ ପୁସ୍ତକରେ ଏହି କଥା ବର୍ଣ୍ଣିତ ଅଛି । ବଉଦ ରାଜବଂଶାବଳୀରୁ ଜଣାଯାଏ ଯେ ସେମାନେ ଖିମୁଣ୍ଡିର ଭଞ୍ଜରାଜାମାନଙ୍କ ବଂଶଧର ନଥାଇ ମୟୂରଭଞ୍ଜର ଭଞ୍ଜରାଜାମାନଙ୍କ ବଂଶଧର ଏବଂ ଏମାନଙ୍କ ରାଜତ୍ୱ ପଞ୍ଚଦଶ ଶତାବ୍ଦୀରେ ଆରମ୍ଭ ହୋଇଥିବାର ଅନୁମିତ ହୁଏ ।

ପୁନଶ୍ଚ କାମ୍ପାମଲ୍ଲ ତାମ୍ରଶାସନରୁ ଜଣାଯାଏ, ବର୍ମ୍ମ ରାଜାମାନେ ସୋନ-ପୁରରେ ରାଜତ୍ୱ କରିଥିଲେ । ଯୋଗେଶ୍ୱର ଏବଂ ତାଙ୍କ ବଂଶଧରମାନଙ୍କ ବଂଶଚିହ୍ନ

'ଦ୍ୱିଜଗ୍'। ଏମାନେ ସୂର୍ଯ୍ୟବଂଶୀୟ ବୋଲି ଦାବୀ କରନ୍ତି। ତାମ୍ରଶାସନରେ ସ୍ପଷ୍ଟ ଲେଖାଅଛି ଯେ, ଏମାନଙ୍କ ପୂର୍ବପୁରୁଷ ଅଯୋଧ୍ୟାରୁ ଆସିଥିଲେ। ବିଜୟବାବୁଙ୍କ ମତରେ ଏମାନେ ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଭାଗରେ ରାଜତ୍ୱ କରିଥିଲେ। ଯୋଗେଶ୍ୱର ବର୍ମ୍ମ ବୈଦ୍ୟନାଥ ମହାପ୍ରଭୁଙ୍କ ଭକ୍ତ ଥିବାର ଉଲ୍ଲେଖ ଅଛି। ତେଲ ନଦୀର ବାମପାର୍ଶ୍ୱରେ ବିନ୍ଧ ନିକଟରେ ଅର୍ଥାତ୍ ସୋନପୁର ଗଡ଼ଠାରୁ ୧୨ ମାଇଲ ଦୂରରେ ବୈଦ୍ୟନାଥଙ୍କ ଦେଉଳ ଅଛି। ସମ୍ଭବତଃ ଏ ଦେଉଳ ଯୋଗେଶ୍ୱର ଦେବଙ୍କ ଦ୍ୱାରା ନିର୍ମିତ ହୋଇ ଥିଲା। ପାଟଣା ଷ୍ଟେଟର ବିରଞ୍ଚିନାରାୟଣଙ୍କ ଦେଉଳ ସମ୍ଭବତଃ ବର୍ମ୍ମ ରାଜାମାନଙ୍କଦ୍ୱାରା ନିର୍ମିତ ହୋଇଥିଲା। ଯେଉଁ ଗ୍ରାମରେ ଦେଉଳ ଅଛି, ସେ ଗ୍ରାମ ନାମ ବୈଦ୍ୟନାଥ ଅଛି। ମାତ୍ର ଦେବତାଙ୍କ ନାମ କୋଶଳେଶ୍ୱର ଅର୍ଥାତ୍ କୋଶଳ ରାଜ୍ୟର ଈଶ୍ୱର ବା ଦେବତା।

ଏମାନଙ୍କ ପରେ ଚୌହାନମାନଙ୍କ ରାଜତ୍ୱ ଆରମ୍ଭ ହେଲା। ଏମାନଙ୍କ ବଂଶାନୁଚରିତରୁ ଜଣାଯାଏ ଯେ, ଦିଲ୍ଲୀର ପୃଥ୍ୱୀରାଜଙ୍କ ବଂଶଧର ହୁମେରୁ ମୁସଲ-ମାନମାନଙ୍କ ରାଜତ୍ୱ ବେଳେ ଉତ୍ତରଭାରତର ମୈନପୁରରେ ଆପଣାର ରାଜ୍ୟ ହରାଇ ରାଣୀଙ୍କ ସହିତ ପାଟଣା ରାଜ୍ୟର ସୀମାନ୍ତ ପ୍ରଦେଶକୁ ବାହାର ଆସିଥିଲେ, ଏବଂ ସେହି ପାଟଣା ନିକଟରେ ଗୋଟିଏ ଛୋଟ ରାଜ୍ୟ ସ୍ଥାପନ କଲେ।

ହୁମେରୁ ଅନେକ ସ୍ଥାନୀୟ ରାଜାମାନଙ୍କ ସହିତ ଯୁଦ୍ଧକରି ଅବଶେଷରେ ବୁଡ଼ାସମ୍ବର ଏବଂ ପାଟଣାରେ ଆପଣାର ରାଜ୍ୟ ସୁଦୃଢ଼ କଲେ। ଏପରି ଘଟଣା କ୍ଷତ୍ରିୟ ପକ୍ଷରେ ଅସମ୍ଭବ ନୁହେଁ। କ୍ଷତ୍ରିୟ ଇଚ୍ଛା କଲେ ଆପଣା ବାହୁବଳଦ୍ୱାରା ଯେ କୌଣସି ସ୍ଥାନ ଅଧିକାର କରି ରାଜ୍ୟସ୍ଥାପନ କରିପାରେ। ବିଶେଷତଃ ଅରଣ୍ୟ-ବାସୀ ଅସଭ୍ୟ ଜାତିମାନେ ଆପଣା ଆପଣା ମଧ୍ୟରେ ବିବାଦ କରି ଦୃଢ଼ ଶାସନ ପ୍ରଣାଳୀ ସଂସ୍ଥାପିତ କରିବା ଉଦ୍ଦେଶ୍ୟରେ କ୍ଷତ୍ରିୟ ରାଜାଙ୍କୁ ସାଦରେ ଗ୍ରହଣ କରୁଥିଲେ। ବଂଶାନୁଚରିତରୁ ଜଣାଯାଏ ଯେ, ହୁମେରୁଙ୍କ ପୁତ୍ର ରମେଇ ଦେଓ ପାଟଣାରେ ଆଠମଲ୍ଲିକ ଶାସନର ଅଧିନାୟକ ହେଲେ ଏବଂ ଗଡ଼-ସମ୍ବରରେ ତାଙ୍କର ପ୍ରଧାନ ନିବାସ କରିଥିଲେ। ରମେଇ ଦେଓ ବୁଡ଼ାସମ୍ବରର ବିଝଲ ରାଜାଙ୍କ ସାହାଯ୍ୟରେ ଆପଣା ଶାସନ ସ୍ଥାପନ କଲେ। ଏହି ବିଝଲ ସାମନ୍ତ ରମେଇଦେଓଙ୍କ ଅଧୀନତା ସ୍ୱୀକାର କରି ବୁଡ଼ାସମ୍ବରର ପ୍ରଥମ ଜମିଦାର ହେଲେ।

ନୃସିଂହ ମାହାତ୍ମ୍ୟରୁ ଜଣାଯାଏ ଯେ ବର୍ତ୍ତମାନ ସୁଦ୍ଧା ୩୦ ଜଣ ଜମିଦାର ବୁଡ଼ାସମ୍ବରରେ ଶାସନ କରିଅଛନ୍ତି। ପାଟଣା ରାଜାଙ୍କ ବଂଶାବଳୀରୁ ଜଣାଯାଏ

ରମେଇଦେଓଙ୍କଠାରୁ ଅଦ୍ୟାବଧି ୩୦ ଜଣ ରାଜତ୍ୱ କରିଛନ୍ତି । ଏହି ୩୦ ପୁରୁଷଙ୍କୁ ଅନ୍ଦାଜ ୫୦୦ ବର୍ଷ ଧରାଗଲେ ଚୌହାନ ଶାସନ ୧୪୦୦ ଶତାବ୍ଦୀରେ ଆରମ୍ଭ ହୋଇଥିବାର ଅନୁମିତ ହୁଏ ।

ନରସିଂହ ଦେଓ ପାଟଣା ରାଜବଂଶର ଦ୍ୱାଦଶ ରାଜା । ସେ ସମ୍ବଲପୁର ଜିଲ୍ଲାକୁ ତାଙ୍କ ଭାଇ ବଳରାମ ଦେଓଙ୍କୁ ଦେଇଥିଲେ । ବଳରାମଙ୍କ ନାତି ବଳଭଦ୍ର ଦାସ । ସେହି ବଳଭଦ୍ର ସୋନପୁର ଜୟ କରିଥିଲେ ଏବଂ ସେଠାରେ ଆପଣାର ୨ୟ ପୁତ୍ର ମଦନଗୋପାଳଙ୍କୁ ରାଜା କରିଥିଲେ । ପାଟଣାର ଚୌହାନ ରାଜାମାନେ ସମସ୍ତ ସମ୍ବଲପୁର ଭୂଖଣ୍ଡର ଶାସନକର୍ତ୍ତା ହେଲେ ଏବଂ କ୍ରମେ ଓଡ଼ିଶା ଏବଂ ଗଣ୍ଡୱାନା ପ୍ରଦେଶର ଆରଣ୍ୟ ରାଜ୍ୟ ଆଡ଼କୁ ଆପଣା କ୍ଷମତା ବିସ୍ତାର କଲେ । ସାର୍ ଆଲେକ୍‌ଜାଣ୍ଡାର ଗ୍ରାଣ୍ଟ୍ କହନ୍ତି ଯେ, ଚୌହାନ ରାଜାମାନେ ୧୮ ଗଡ଼ଜାତର ଅଧିପତି ଥିଲେ । ବାମଣ୍ଡା, ଗାଙ୍ଗପୁର, ବଣେଇ, ରେଢାଖୋଲ, ରାଇଗଡ଼, ସେରନଗର, ବିନ୍ଦ୍ରାନୁଆଗଡ଼, ସକ୍ତି, ବୁଢାସମ୍ବର, ଫୁଲଝର, ବଉଦ, ଆଠଗଡ଼, ପଞ୍ଚଗଡ଼, ମୟୂରଭଞ୍ଜ, କେନ୍ଦୁଝର ରାଜାମାନେ ପାଟଣା ଚୌହାନଙ୍କ ବଶ୍ୟତା ସ୍ୱୀକାର କରିଥିବା ବିଷୟ ଓମାଲିକଙ୍କ ଗେଜେଟିଅରରେ ଲେଖାଅଛି । ନୃସିଂହ ମାହାତ୍ମ୍ୟରେ ଲେଖାଅଛି ଯେ, ବୁଢାସମ୍ବର ଜମିଦାରଙ୍କର ପାଟଣା ରାଜା ଗାଦିରେ ବସିଲେ ଟୀକା କରିବାର କ୍ଷମତା ଥିଲା । କାରଣ ସେ ଚୌହାନମାନଙ୍କ ରାଜ୍ୟାଧିକାର ବିଷୟରେ ବହୁତ ସାହାଯ୍ୟ କରିଥିଲେ । ଫୁଲଝର ଗଣ୍ଡ ଜମିଦାରମାନେ ସ୍ୱୀକାର କରନ୍ତି ଯେ, ସେମାନଙ୍କ ପୂର୍ବପୁରୁଷମାନେ ଚୌହାନ ମହାରାଜାଙ୍କ ଅଧୀନ ଥିଲେ ।

ସମ୍ବଲପୁରର ପ୍ରାଚୀନ ନାମ ସମ୍ବଲକା ବା ସମ୍ବରକା ଥିବାର ଜଣାଯାଏ । ଟଲେମି ସାହେବ ୨ୟ ଖ୍ରୀଷ୍ଟାବ୍ଦରେ ଏ ନାମର ଉଲ୍ଲେଖ କରିଥିଲେ । ସେ ଯେଉଁ ସ୍ଥାନକୁ ସମ୍ବଲକା ବୋଲି ବର୍ଣ୍ଣନା କରିଅଛନ୍ତି, ସେ ସ୍ଥାନ ସମ୍ବଲପୁର ବ୍ୟତୀତ ଆଉ କିଛି ହୋଇ ନପାରେ । ସେ ଲେଖିଛନ୍ତି ଯେ ମାନଦା ନଦୀ ସିବରୀ ରାଜ୍ୟରୁ ବାହାରିଛି ଏବଂ ସେ ନଦୀଶଯ୍ୟାରେ ସୁବର୍ଣ୍ଣ ମିଳେ । ସମ୍ବଲକାଠାରୁ ଅନ୍ୟାନ୍ୟ ସ୍ଥାନକୁ ସ୍ୱର୍ଣ୍ଣ ପ୍ରେରିତ ହେଉଥିଲା । ମୁଣ୍ଡାମାନେ ଏହି ସମ୍ବଲପୁର ନିକଟରେ ବାସ କରନ୍ତି । ଐତିହାସିକ ଗିବନ ସାହେବ ସ୍ଥିର କରିଛନ୍ତି ଯେ ସୋମେଲପୁର ବା ସମ୍ବଲପୁରରୁ ରୋମ ରାଜ୍ୟକୁ ହୀରା ପ୍ରେରିତ ହେଉଥିଲା । ହୁଏନସାଂ ଲେଖିଛନ୍ତି ଯେ, ଗଡ଼ଜାତରୁ ହୀରା ଆସି କଳିଙ୍ଗରେ ବିକ୍ରି ହେଉଥିଲା । ଝରାମାନେ ସମ୍ବଲପୁରରେ ହୀରା ସଂଗ୍ରହ କରନ୍ତି ଏବଂ ସେହିମାନେ କଳିଙ୍ଗରେ ହୀରା ଆଣି

ବିକ୍ରୟ କରୁଥିଲେ । ସମ୍ବଲପୁର ଇଂରେଜ ଶାସନାଧୀନ ହେବା ପୂର୍ବରୁ ଇଉରୋପୀୟ ମାନେ ଜାଣିଥିଲେ ଯେ, ସମ୍ବଲପୁରରେ ହୀରା ମିଳୁଥିଲା । ୧୭୬୬ ଖ୍ରୀଷ୍ଟାବ୍ଦରେ କ୍ଲାଇବ୍ ସାହେବ ମଣ୍ଟେ ସାହେବଙ୍କୁ ହୀରା କିଣିବା ଲାଗି ସମ୍ବଲପୁର ପଠାଇଥିଲେ । ସମ୍ବଲପୁରବାସୀ ଜଣେ ଝର୍‌ା ଛୋଟନାଗପୁର ରାଜାଙ୍କୁ ହୀରା ବିକ୍ରି କରି ସେଠାର ଜମିଦାର ହୋଇଅଛନ୍ତି । ସୁତରାଂ ସମ୍ବଲପୁରରେ ଉତ୍ତମ ହୀରା ମିଳିବା ଖ୍ୟାତି ବହୁକାଳରୁ ଅଛି ।

ସମ୍ବଲପୁର ରାଜ୍ୟରେ ଓଡ଼ିଆ ଭାଷା ପ୍ରଚଳିତ । ବିଝାଲମାନେ ଓଡ଼ିଆଭାଷୀ । ଅନ୍ୟାନ୍ୟ ସମସ୍ତ ଗଡ଼ଜାତରେ ଓଡ଼ିଆ ଭାଷା ପ୍ରଚଳିତ ।

ସୋନପୁରରେ ଗୋଟିଏ ସ୍ତମ୍ଭ ଅଛି । ସାଧାରଣତଃ ଏହାକୁ ସ୍ତମ୍ଭେଶ୍ୱରୀଙ୍କ ସ୍ତମ୍ଭ ବୋଲି କହନ୍ତି । ଏ ସ୍ତମ୍ଭ କେବେ ପୋତା ହୋଇଥିଲା ତାହା ଜଣା ନାହିଁ । ଜନଶ୍ରୁତି ଅଛି ଯେ, ରାଜା ମଦନଗୋପାଳ ଗୋଟିଏ ମାଟିଗଦା ଖୋଳୁ ଖୋଳୁ ଏ ସ୍ତମ୍ଭ ପାଇଥିଲେ । କେହି କେହି କହନ୍ତି, ରାଜା ରାଜସିଂହଙ୍କ ସ୍ତ୍ରୀ ତାଙ୍କ ପିତାଙ୍କ ଗୃହ ଖେମୁଣ୍ଡିରୁ ଗୋଟିଏ କୁଣ୍ଢାଇ ଖମ୍ବ ଆଣିଥିଲେ । ତତ୍ପରେ ତାଙ୍କ ସ୍ୱାମୀ ଖମ୍ବେଶ୍ୱରୀଙ୍କ ପାଇଁ ଗୋଟିଏ ଦେଉଳ ନିର୍ମାଣ କରି ଦେଇଥିଲେ ।

ସ୍ତମ୍ଭେଶ୍ୱରୀଙ୍କୁ ବ୍ରାହ୍ମଣ କ୍ଷତ୍ରିୟମାନେ ପୂଜା କରନ୍ତି ନାହିଁ । କେବଳ କୌଣସି ଦେବତାଙ୍କ ଖମ୍ବ ବୋଲି ତାର ବିଶେଷତ୍ୱ । ଖମ୍ବେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ଠାକୁରାଣୀ ସମ୍ବଲପୁର ଓ ଓଡ଼ିଶା ଗଡ଼ଜାତ ମାହାଲର ପଶ୍ଚିମାଂଶରେ ଅଛନ୍ତି ଏବଂ ଦୁମାଲ ଲୋକେ ତାଙ୍କୁ ପୂଜା କରନ୍ତି । ଦୁମାଲମାନେ କହନ୍ତି, ସେମାନେ ପ୍ରଥମେ ଓଡ଼ଗିଙ୍ଗାରୁ ଆସିଥିଲେ । କେତେ କହନ୍ତି, ସେମାନେ ଖେମୁଣ୍ଡିରୁ ଆସିଥିଲେ । ଜନଶ୍ରୁତି ଅଛି—

"ଖେମୁଣ୍ଡି ରାଜା ନିଜସ୍ଥାନ ଦେଢ଼ଲକ୍ଷ ଦୁମ୍ବା କଲି ଭିଆଣ ।"

ଦୁମାଲମାନେ ଦୁଇଖଣ୍ଡ କଳାକାଠ ଭୂମିରେ ପୋତି ଖମ୍ବେଶ୍ୱରୀଙ୍କୁ ପୂଜା କରନ୍ତି । ସେମାନେ କଳା ଲୁଗା ବା ଭୂଷଣ ପରିଧାନ କରନ୍ତି ନାହିଁ । ସେମାନେ ମୁଣ୍ଡରେ ସିନ୍ଦୂର ଲଗାନ୍ତି ନାହିଁ । ଖମ୍ବେଶ୍ୱରୀଙ୍କ ବର୍ଣ୍ଣ କଳା ଥିବାରୁ ସେ କଳା ବର୍ଜ୍ଜନ କରନ୍ତି । ଆଶ୍ୱିନ ମାସରେ ଖମ୍ବେଶ୍ୱରୀ ପୂଜା ହୁଏ । ମହୁଆ ଗଛତଳେ ଏହି ପୂଜା ହୋଇଥାଏ । ଏମାନେ ହିନ୍ଦୁ ଏବଂ ଜଳସ୍ପୃଶ୍ୟ ଜାତି ।

ବିଜୟବାବୁ ସୋନପୁର ସମ୍ବନ୍ଧେ ଯେଉଁ କ୍ଷୁଦ୍ର ପୁସ୍ତକ ଖଣ୍ଡି ପ୍ରକାଶ କରିଛନ୍ତି, ତହିଁରେ ଯେ ସମସ୍ତ ବିଷୟ ଉଲ୍ଲେଖ ଅଛି, ତାହାର ସାରାଂଶ ଉପରେ ପ୍ରକାଶିତ ହେଲା । ବିଜୟବାବୁ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ କାଳ ସମ୍ବନ୍ଧେ ଯାହା ଲେଖିଛନ୍ତି ପ୍ରାଚୀନ ଉତ୍କଳର ଗଙ୍ଗବଂଶ ପ୍ରବନ୍ଧ ଦ୍ରଷ୍ଟବ୍ୟ । ଏଥିର ପୁନରାଲୋଚନା ଅନାବଶ୍ୟକ । ମାଦଳାପାଞ୍ଜି ପ୍ରତି ଦୃଷ୍ଟି ନ ଦେଇ ବିଜୟବାବୁ ଏପରି ସମସ୍ତ ସ୍ଥିର କରି ଭ୍ରମରେ ପଡ଼ିଅଛନ୍ତି ।

ବିଜୟବାବୁ ମହାଭବଗୁପ୍ତ ପ୍ରଭୃତି ଗୁପ୍ତରାଜାମାନଙ୍କୁ ଶବର ବଂଶଜ ବୋଲି ସ୍ଥିର କରିଛନ୍ତି । ମାତ୍ର ଅନ୍ୟାନ୍ୟ କେତେକ ବଙ୍ଗୀୟ ଲେଖକ ଏହି ତାମ୍ରଶାସନମାନଙ୍କ ଦୋହି ଦେଇ ଜନମେଜୟ ଓ ଯଯାତି ପ୍ରଭୃତିଙ୍କୁ ବଙ୍ଗାଳୀ ବୋଲି ଦାବି କରିଛନ୍ତି । ସୁତରାଂ କେଶରୀବଂଶୀୟ ରାଜାମାନେ ବଙ୍ଗାଳୀ ବୋଲି ସେମାନଙ୍କର ମତ । ଗୁପ୍ତମାନେ ଶବରବଂଶୀୟ ବୋଲି କନିଂହାମ ସାହେବଙ୍କର ମତ ଏବଂ ସେମାନେ ରାଜମର ଶବରବଂଶୀୟ ବୋଲି ସେ ଅନୁମାନ କରନ୍ତି ।

ଶବର ଜାତି ଯେ ଓଡ଼ିଶାରେ ନ ଥିଲେ ଏକଥା କୁହାଯାଇ ନ ପାରେ । ପ୍ରାଚୀନ କାଳରେ ନୀଳାଦ୍ରି ନିକଟରେ ଶବର ଦ୍ୱୀପ ଥିଲା । ସେଠାରେ ପ୍ରଧାନ ବୈଷ୍ଣବ ବିଶ୍ୱାବସୁ ନୀଳମାଧବ ମୂର୍ତ୍ତିଙ୍କ ପୂଜା କରୁଥିଲା । ବିଦ୍ୟାପତି ଯେତେବେଳେ ଓଡ଼ିଶାକୁ ଆସିଥିଲେ ସେତେବେଳେ ବିଶ୍ୱାବସୁ ଶବର ନୀଳମାଧବଙ୍କର ପୂଜକ ଥିଲା । ବିଦ୍ୟାପତି ବିଶ୍ୱାବସୁ କନ୍ୟାର ପାଣିଗ୍ରହଣ କରିଥିଲେ ଏବଂ ଏମାନଙ୍କ ଗର୍ଭଜାତ ସନ୍ତାନମାନେ ଦଇତା ନାମରେ ପରିଚିତ । ଦେଉଳତୋଳା ପୁସ୍ତକରେ ଏ ବିଷୟ ବର୍ଣ୍ଣିତ ଅଛି । ସୁତରାଂ ଯଯାତି ପ୍ରଭୃତି ଯେ ବଙ୍ଗାଳୀ ନୁହନ୍ତି ଏ କଥା ସ୍ପଷ୍ଟ ପ୍ରତୀୟମାନ ହୁଏ ।

ଆଠଗଡ଼:—ଉତ୍ତରରେ ଢେଙ୍କାନାଳ, ଦକ୍ଷିଣ ଓ ପୂର୍ବରେ କଟକ, ଦକ୍ଷିଣରେ ମହାନଦୀ, ପଶ୍ଚିମରେ ତିଗିରିଆ ଓ ଢେଙ୍କାନାଳ । କ୍ଷେତ୍ରଫଳ ୧୬୮ ବର୍ଗମାଇଲ । ଏ ରାଜ୍ୟ ପ୍ରାଚୀନ କାଳରେ ପୂର୍ବ ଦିଗରେ କଟକହାବେଲି ଓ ଡାଲିଯୋଡ଼ା ପ୍ରଗନା ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ପଶ୍ଚିମ ଦିଗରେ ତିଗିରିଆ ପର୍ଯ୍ୟନ୍ତ, ଉତ୍ତର ଦିଗରେ କପିଳାସଠାରୁ ଗୋବିନ୍ଦପୁର, ବଳଦିଆବନ୍ଧ, ନଡ଼ିଆଳି କୃଷ୍ଣପ୍ରସାଦ ଓ ପଶ୍ଚିମେଶ୍ୱର ଦେଉଳ ପର୍ଯ୍ୟନ୍ତ; ଦକ୍ଷିଣରେ ବାଙ୍କି, ଡ଼ମ୍ପଡ଼ା, ମାର୍ହି ଓ ପଟିଆ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପ୍ରାୟ ୧୦୬ ବର୍ଷ ପୂର୍ବେ ପରଗଣା ଓ ବକ୍ରକୋଟ ଅମୃତମଣୋହି କରାଗଲା । ଢେଙ୍କାନାଳ ରାଜା ଆଠଗଡ଼ ରାଜାଙ୍କର

ଦୁଇଟି କନ୍ୟା ବିବାହ ହୋଇ ମଜକୁରିବିଷୟର ଅଧିକାଂଶ ଗ୍ରାମମାନ ଦଖଲ ନେଲେ ଅର୍ଥାତ୍ କପିଳାସ ଦେଉଳଠାରୁ କୃଷ୍ଣପ୍ରସାଦ ଦେଇ ପଶ୍ଚିମେଶ୍ୱର ଦେଉଳ ପର୍ଯ୍ୟନ୍ତ । ଆଠଗଡ଼ ରାଜା କରଣ ଏବଂ ଏହାଙ୍କ ପଦ "ଶ୍ରୀକରଣ ବେବର୍ତ୍ତା ପଟ୍ଟନାୟକ ।" ମାଳାଦ୍ରୁ ବେବର୍ତ୍ତା ପଟ୍ଟନାୟକ ରାଜ୍ୟର ପ୍ରତିଷ୍ଠାତା ସେ ପୁରୀ ରାଜାଙ୍କର ବେବର୍ତ୍ତା ବା ମନ୍ତ୍ରୀ ଥିଲେ ଏବଂ ପଦ ପାଇଥିଲେ । ଉତ୍ତମ କାର୍ଯ୍ୟ କରିଥିବାରୁ ପୁରୀ ରାଜା ତାଙ୍କୁ ଆଠଗଡ଼ ପୁରସ୍କାର ଦେଇଥିଲେ । କେହି କେହି କହନ୍ତି ବେବର୍ତ୍ତା ପୁରୀ ରାଜାଙ୍କ ଭଗ୍ନୀଙ୍କୁ ବିବାହ ହୋଇ ଏ ରାଜ୍ୟ ଯୌତୁକ ପାଇଥିଲେ । ଇଂରେଜ ସରକାରଙ୍କ ସହିତ ଏ ରାଜା ସନ୍ଧି କରିଥିଲେ । ବର୍ତ୍ତମାନ ରାଜାଙ୍କୁ ନେଇ ଏ ଗାଦୀରେ ୩୦ ଜଣ ରାଜା ରାଜତ୍ୱ କରିଛନ୍ତି ।

ଆଠମଲ୍ଲିକ:—ଉତ୍ତରରେ ରେଢ଼ାଖୋଲ, ପୂର୍ବରେ ଅନୁଗୁଳ, ଦକ୍ଷିଣରେ ମହାନଦୀ, ପଶ୍ଚିମରେ ସୋନପୁର ଓ ରେଢ଼ାଖୋଲ । କ୍ଷେତ୍ରଫଳ ୭୩୦ ବର୍ଗ ମାଇଲ । ଜୟପୁର ରାଜାଙ୍କର ସାତ ଭାଇଙ୍କ ସହିତ ପ୍ରତାପ ଦେବ ଜଗନ୍ନାଥ ଦର୍ଶନ କରିବାକୁ ପୁରୀ ଆସିଥିଲେ । କୌଣସି କାରଣରୁ ପୁରୀ ରାଜାଙ୍କ ସହିତ ସେମାନଙ୍କର ମନାନ୍ତର ହେଲା, ଏବଂ ଦୁଇଟି ଭାଇ ନିହତ ହେଲେ । ଆଉ ପାଞ୍ଚ ଭାଇ ଜୀବନ ନେଇ ପାହାଡ଼ ଜଙ୍ଗଲକୁ ପଳାଇଲେ । ବର୍ତ୍ତମାନ ହଣ୍ଡପା ଗଡ଼ ଜଣେ ଡ଼ୋମ ରାଜାଙ୍କ ଅଧିକାରରେ ଥିଲା । ପ୍ରତାପଦେବ ତାଙ୍କୁ ପରାସ୍ତ କଲେ । ପ୍ରତାପଦେବ ସେଠାରେ ଗୋଟିଏ ପୁଷ୍କରିଣୀ ଖୋଳାଇଲେ ଏବଂ ଗୋଟିଏ ହଣ୍ଡା ପାଇଲେ । ସୁତରାଂ ସେ ସ୍ଥାନର ନାମ ହଣ୍ଡପାଗଡ଼ ହେଲା । ପ୍ରତାପଦେବଙ୍କ ପରେ ଜଣେ ରାଜା ଏହି ରାଜ୍ୟକୁ ଆଠ ଭାଗରେ ବିଭକ୍ତ କଲେ ଏବଂ ପ୍ରତ୍ୟେକ ବିଭାଗରେ ଜଣେ ଲେଖାଏ ସରଦାର ନିଯୁକ୍ତ କଲେ । ସୁତରାଂ ହଣ୍ଡପା ନାମ ପରିବର୍ତ୍ତେ ଆଠମଲ୍ଲିକ ନାମ ହେଲା । ଅନୁଗୁଳ ରାଜା ଆଠମଲ୍ଲିକର ଅନେକ ଅଂଶ ତାଙ୍କ ରାଜ୍ୟ ସହିତ ମିଶାଇନେଲେ । ଏମାନେ କଦମ୍ବ ବଂଶ ବୋଲି ପରିଚିତ ।

ବଡ଼ମ୍ବା:—ଉତ୍ତରରେ ହିନ୍ଦୋଳ, ପୂର୍ବରେ ତିଗିରିଆ ଦକ୍ଷିଣରେ କଟକ ଏବଂ ଖଣ୍ଡପଡ଼ା, ପଶ୍ଚିମରେ ନରସିଂହପୁର । ଏ ରାଜ୍ୟର ପ୍ରଧାନ ପର୍ବତ କନକ, ଉଚ୍ଚତା ୨୦୩୮ ଫୁଟ । କ୍ଷେତ୍ରଫଳ ୧୩୪ ବର୍ଗମାଇଲ ।

୧୩୦୫ ଖ୍ରୀଷ୍ଟାବ୍ଦରୁ ଏ ରାଜ୍ୟର ପ୍ରାରମ୍ଭ ବୋଲି ବଂଶାନୁଚରିତରୁ ଜଣାଯାଏ, ହଟକେଶ୍ୱର ରାଉତ ଜଣେ ବିଖ୍ୟାତ ମଲ୍ଲ ଥିଲେ । ସେ ତାଙ୍କ କାର୍ଯ୍ୟଦ୍ୱାରା ଓଡ଼ିଶା

ରାଜା କଶୋର ନରସିଂହଙ୍କୁ ସନ୍ତୁଷ୍ଟ କରି ତାଙ୍କଠାରୁ ଶଙ୍ଖ ଓ ମହୁରୀ ନାମକ ଦୁଇଟି କନ୍ଧଗ୍ରାମ ପୁରସ୍କାର ପାଇଲେ । ହଟକେଶ୍ୱର ସେ କନ୍ଧମାନଙ୍କୁ ତଡ଼ି ଦେଇ ବଡ଼ାମ୍ବାରେ ବସତି କଲେ ଏବଂ ସେହି ସମୟରୁ ସେଠାରେ ରାଜାମାନେ ବାସ କରୁଛନ୍ତି । ପ୍ରଥମ ଦାନ ବେଳେ କ୍ଷେତ୍ରଫଳ ୪ ବର୍ଗମାଇଲ ଥିଲା, ମାତ୍ର ହଟକେଶ୍ୱର କ୍ରମେ ସୀମା ବୃଦ୍ଧି କଲେ ଏବଂ ତାଙ୍କ ମୃତ୍ୟୁ ସମୟକୁ ସେ ଆଠ ବର୍ଗମାଇଲ କରି ପାରିଥିଲେ । ହଟକେଶ୍ୱର ପରେ ତାଙ୍କ ସାନଭାଇ ମଲକେଶ୍ୱର ଉତ୍ତରାଧିକାରୀ ହେଲେ । ମଲକେଶ୍ୱର ୧୮ ବର୍ଷ ରାଜତ୍ୱ କଲେ । ସେ ବଡ଼ାମ୍ବା ରାଜ୍ୟର ସୀମା ପଶ୍ଚିମରେ ଓଗାଳପୁର ପର୍ଯ୍ୟନ୍ତ ଏବଂ ଦକ୍ଷିଣ-ପଶ୍ଚିମରେ ପ୍ରାୟ ୫ ମାଇଲ ପର୍ଯ୍ୟନ୍ତ ବିସ୍ତୃତ କଲେ । ସେ ଓଗାଳପୁରରେ ଭଟ୍ଟାରିକା ବା ବୃହଦମ୍ବା ବଡ଼ାମ୍ବା ଠାକୁରାଣୀଙ୍କ ଦେଉଳ ଆବିଷ୍କାର କଲେ ଏବଂ ସେହି ଠାକୁରାଣୀଙ୍କ ନାମାନୁସାରେ ରାଜ୍ୟର ନାମକରଣ କଲେ । ୪ର୍ଥ ରାଜା ଯମେଶ୍ୱର ରାଉତ ୧୩୭୫ ୧୪୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଖାରୋଡର କନ୍ଧ ସର୍ଦ୍ଦାରଙ୍କୁ ଜିଣି ତାର ରାଜ୍ୟକୁ ଆପଣା ରାଜ୍ୟ ସହିତ ଯୋଗ କଲେ । ନୂତନ ରାଜ୍ୟର କ୍ଷେତ୍ରଫଳ ୨୦ ବର୍ଗମାଇଲ ହେବ । ସୁତରାଂ କ୍ଷେତ୍ରଫଳ ୩୬ ବର୍ଗମାଇଲ ହେଲା । ପଞ୍ଚମ ରାଜା ଖେଳେଶ୍ୱର ରାଉତ ଅମାଡ଼ିଆ ଖଣ୍ଡାଏତଙ୍କୁ ଜୟ କରି ଗଡ଼ର ସୀମା ରଣପାଟ ପର୍ଯ୍ୟନ୍ତ ବୃଦ୍ଧି କଲେ । ରଣପାଟ ଗଡ଼ଠାରୁ ପଶ୍ଚିମକୁ ୮ ମାଇଲ ଦୂରରେ । ଏହି ରାଜା ୪୩ ବର୍ଷ ରାଜତ୍ୱ କରିଥିଲେ (୧୪୧୬-୧୪୫୯ ଖ୍ରୀଷ୍ଟାବ୍ଦ) । ଏହାଙ୍କ ରାଜତ୍ୱ ବେଳେ ପଶ୍ଚିମ ସୀମା ବର୍ତ୍ତମାନ ସୀମାରେ ପହଞ୍ଚିଲା । ତାଙ୍କ ଉତ୍ତରାଧିକାରୀମାନେ ପଶ୍ଚିମକୁ ରାଜ୍ୟବୃଦ୍ଧି କରିବାକୁ ଚେଷ୍ଟା କଲେ । ୬ଷ୍ଠ ରାଜା କାନ୍ହୁ ରାଉତ ୫୨ ବର୍ଷ ରାଜତ୍ୱ କରିଥିଲେ (୧୪୫୦-୧୫୧୪ ଖ୍ରୀଷ୍ଟାବ୍ଦ) ଏବଂ ସେ ରାଜ୍ୟର ପୂର୍ବ ସୀମା ମହୁଲିଆ ପର୍ଯ୍ୟନ୍ତ ବୃଦ୍ଧି କଲେ ପ୍ରାୟ ୫ ମାଇଲ ୯ମ ରାଜା ନବୀନ ରାଉତ ୨୩ ବର୍ଷ ରାଜତ୍ୱ କରିଥିଲେ (୧୫୩୭—୧୫୬୦ ଖ୍ରୀଷ୍ଟାବ୍ଦ) । ତାଙ୍କ ରାଜତ୍ୱ ସମୟରେ ବଡ଼ାମ୍ବାର ସୀମା ପୂର୍ବରେ ବାଧାରପୁର-ଠାରୁ ପଶ୍ଚିମରେ ରଣପାଟ ପର୍ଯ୍ୟନ୍ତ ବିସ୍ତୃତ ହେଲା । ୧୦ଶ ରାଜା କୃଷ୍ଣଚନ୍ଦ୍ର ମଙ୍ଗରାଜଙ୍କ ରାଜତ୍ୱବେଳେ ମରହଟ୍ଟାମାନେ ଆକ୍ରମଣ କଲେ (୧୬୩୫—୧୬୫୦ ଖ୍ରୀଷ୍ଟାବ୍ଦ) । ସେ ମରହଟ୍ଟାମାନଙ୍କୁ ବର୍ଷକୁ ୭୩୩୫ କାହାଣ କଉଡ଼ି ଦେଇ ଅଧୀନତା ସ୍ୱୀକାର କଲେ ।

୧୭ଶ ରାଜା ପଦ୍ମନାଭ ବୀରବର ମଙ୍ଗରାଜମହାପାତ୍ର ବଡ଼ ଦୁର୍ବଳ ଥିଲେ । ସେ (୧୭୪୮—୧୭୯୩ ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରାଜତ୍ୱର ପ୍ରଥମାବସ୍ଥାରେ ଖଣ୍ଡପଡ଼ା ରାଜା ଏ ରାଜ୍ୟ ଆକ୍ରମଣ କଲେ ଏବଂ ତାଙ୍କୁ ତଡ଼ି-

ଦେଇ ୧୩ ମାସ କାଳ ରାଜ୍ୟ ଦଖଲ କଲେ । ପଦ୍ମନାଭ ଦେବ ପୁରୀ ରାଜାଙ୍କ ଶରଣ ନେଲେ ଏବଂ ତାଙ୍କ ସାହାଯ୍ୟରେ ରାଜ୍ୟ ପୁନର୍ଦ୍ଦଖଲ ପାଇଲେ । ୧୭୭୫ ଖ୍ରୀଷ୍ଟାବ୍ଦରେ ନରସିଂହପୁର ରାଜା ଆକ୍ରମଣ କରି ଦୁଇଗୋଟି ପ୍ରଧାନ ଦୁର୍ଗ ଖାରେ.ଡ଼ ଏବଂ ରଣପାଟ ଅଧିକାର କଲେ । ରାଜା ଅକ୍ଷମ ହୋଇ ମରହଟ୍ଟାଙ୍କ ଶରଣ ନେଲେ ଏବଂ ତାଙ୍କ ସାହାଯ୍ୟରେ ଦୁର୍ଗମାନ ଫେରି ପାଇଲେ । ମୋଗଲ-ମାନେ ଏ ରାଜ୍ୟରେ କୌଣସି ଆଧିପତ୍ୟ କରି ନଥିଲେ ।

ବଉଦ:—ଉତ୍ତରରେ ମହାନଦୀ, ପୂର୍ବରେ ଦଶପଲ୍ଲା ଦକ୍ଷିଣରେ କନ୍ଧ-ମାଳ, ପଶ୍ଚିମରେ ପାଟଣା ଓ ସୋନପୁର । କଥିତ ହୁଏ ଏ ରାଜ୍ୟର ଉତ୍ତର ସୀମା ଥିଲା ବାମଣ୍ଡା ଓ ଅନୁଗୁଳ । ବାମଣ୍ଡା ଓ ଅନୁଗୁଳ ଅତି ପ୍ରାଚୀନ କାଳରେ ପୁରୀ ରାଜାଙ୍କର ଥିଲା । ଦକ୍ଷିଣ ସୀମା ଥିଲା ଘୁମୁସର ଓ ବଡ଼ଖେମୁଣ୍ଡି । ପଶ୍ଚିମ ସୀମା ଥିଲା ଅମାଇ ନଦୀ ଏବଂ ପୂର୍ବ ସୀମା ଥିଲା ଖଣ୍ଡପଡ଼ାର କମାଇ-ମୋହନ । ପୂର୍ବେ ଏ ରାଜ୍ୟର ଦୀର୍ଘ ପ୍ରସ୍ଥ ୧୨୦ କୋଶ ବା ୨୪୦ ମାଇଲ ଥିଲା । ମାତ୍ର କାଳକ୍ରମେ କେତେକ ଅଂଶ ବିଚ୍ଛିନ୍ନ ହୋଇଥିଲା ।

ରାଜା ସିଦ୍ଧେଶ୍ୱର ଦେବ କମାଇମୋହନ ନିକଟସ୍ଥ କଣ୍ଟିଲୋଠାରୁ ଉଦଣ୍ଡିମୋହନ ପର୍ଯ୍ୟନ୍ତ ଦଶପଲ୍ଲା ନାମକ ସ୍ଥାନ ଦୂରତା ନିବନ୍ଧନ ଶାସନ କାର୍ଯ୍ୟର ଅସୁବିଧା ହେତୁ ପୃଥକ୍ କରି ୧୪୨୦ ଶକାବ୍ଦ ବା ୧୪୯୮ ଖ୍ରୀଷ୍ଟାବ୍ଦରେ ଆପଣା ସାନଭାଇ ନାରାୟଣଙ୍କୁ ଦାନ କଲେ । ମାତ୍ର ଏହି ଦାନର ଗୋଟିଏ ସରତ ଥିଲା ଯେ, ନାରାୟଣ ରାଜ୍ୟ ବଡ଼ ବଡ଼ କାର୍ଯ୍ୟରେ ସିଦ୍ଧେଶ୍ୱରଙ୍କ ପରାମର୍ଶ ଓ ଅନୁମତି ନେବେ । ନାରାୟଣ କେତେ କାଳ ଏହି ନିୟମାନୁସାରେ କାର୍ଯ୍ୟ କଲେ, ମାତ୍ର ପରେ ଆପଣା କ୍ଷମତାର ଅତିରିକ୍ତ କାର୍ଯ୍ୟ କରିବାକୁ ଆରମ୍ଭ କଲେ । ସିଦ୍ଧେଶ୍ୱର ଏ କଥା ଶୁଣି ବିରକ୍ତ ହୋଇ ନାରାୟଣଙ୍କୁ ଡକାଇ ପଠାନ୍ତେ ସେ ନଯାଇ ଦଣ୍ଡଭୟରେ ଖଣ୍ଡପଡ଼ା ରାଜାଙ୍କଠାରେ ଶରଣ ପଶି ତାଙ୍କୁ ରାଜ୍ୟର ଦଖଲ ଛାଡ଼ି-ଦେଲେ । ସିଦ୍ଧେଶ୍ୱର ଲୋକମାନଙ୍କୁ ଏବଂ ପ୍ରଧାନ ସରଦାରମାନଙ୍କୁ ଡାକି ସଭା ବସାଇ ସ୍ଥିର କଲେ ଯେ, ବଳପୂର୍ବକ ଦଖଲ ନେବେ ମାତ୍ର ନିର୍ଦ୍ଧାରଣ କାର୍ଯ୍ୟରେ ପରିଣତ କରିବା ପୂର୍ବରୁ ଆଉଥରେ ନାରାୟଣଙ୍କଠାକୁ ଦୂତ ପଠାଇଥିଲେ । ନାରାୟଣ ଏଥର ଆସି ସନ୍ଧି କରି ପୂର୍ବ ନିୟମାନୁସାରେ କେତେ ଦିନ କାର୍ଯ୍ୟ କଲେ । କେତେ ଦିନ ପରେ ନାରାୟଣ ପୁନଶ୍ଚ ସ୍ୱାଧୀନ ହେବାର ଚେଷ୍ଟା କଲେ । ସିଦ୍ଧେଶ୍ୱରଙ୍କ ମୃତ୍ୟୁପରେ ସେ ପୂର୍ଣ୍ଣଭାବରେ ସ୍ୱାଧୀନତା ଲାଭ କଲେ, ମାତ୍ର ବଉଦ ଏକଥା ସ୍ୱୀକାର କରି ନଥିଲେ ।

ବଉଦର ପଶ୍ଚିମ ଖଡ଼୍‌ଗ ନଦୀ ଓ କମାଇମୋହନ ମଧ୍ୟବର୍ତ୍ତୀ ସ୍ଥାନ ସୁଙ୍ଗା ମଦନମୋହନ ଦେବ ୧୫୬୧ ଶକାବ୍ଦରେ ତାଙ୍କ ଦୁଇ ଝିଅଙ୍କ ବିବାହବେଳେ ଯୌତୁକ ଦେଇଥିଲେ, ମାତ୍ର ସେମାନେ ସ୍ୱାଧୀନ ହେଲେ ।

୧୭୮୦ ଖ୍ରୀଷ୍ଟାବ୍ଦରେ ବଉଦର କେତେକ ଅଙ୍ଗ-ଋଣ ପରିଶୋଧ ଲାଗି ସୋନପୁର ରାଜା ନେଲେ ।

ବର୍ତ୍ତମାନ ଯେଉଁ ରାଜ୍ୟ ଆଠମଲ୍ଲିକ ନାମରେ ପରିଚିତ, ତାହା ଏକ ସମୟରେ ବଉଦର ଅଂଶ ଥିଲା । ବଉଦର ପୂର୍ବ ରାଜା ଡୁମ୍ବା ଓ ହଣ୍ଡପା ନାମରେ ଦୁଇଗୋଟି ଦୁର୍ଗ ନିର୍ମାଣ କରିଥିଲେ । ଡୁମ୍ବା ବଉଦ ରାଜ୍ୟରେ ଏବଂ ହଣ୍ଡପା ଆଠମଲ୍ଲିକରେ । ମହାନଦୀର ଦକ୍ଷିଣ ବଉଦ ରାଜ୍ୟ । ରାଜସ୍ୱ ଆଦାୟ ଭାର କନ୍ଧ ଓ ଶୁଣ୍ଢିମାନଙ୍କ ଉପରେ ଥିଲା । ଗୋଟିଏ ଗୋଟିଏ ବିଭାଗକୁ ମୁଠା କହୁଥିଲେ । ପ୍ରତ୍ୟେକ ମୁଠାରେ ଜଣେ ଲେଖାଏଁ ସରବରାକାର ନିଯୁକ୍ତ ଥିଲେ । ଆଠମଲ୍ଲିକରେ ମଧ୍ୟ ଏହି ପ୍ରଥା ପ୍ରଚଳିତ ଥିଲା । ମହାନଦୀର ଦକ୍ଷିଣାଂଶର ସରବରାକାର ଅଧୀନରେ ଅଳ୍ପ ଗ୍ରାମ ଥିବାରୁ ତାଙ୍କୁ ସରଦାର କହୁଥିଲେ ଏବଂ ଆଠମଲ୍ଲିକର ସରଦାରଙ୍କୁ ସାମନ୍ତ କହୁଥିଲେ । କ୍ଷମତା ଉଭୟଙ୍କର ସମାନ ଥିଲା । ଆଠମଲ୍ଲିକର ସାମନ୍ତ ଆଠମଲ୍ଲିକର ସରଦାର ଥିଲେ । ବଉଦରେ ମଧ୍ୟ ଏହିପରି ସାତମାଲିକ ଓ ବାରମାଲିକ ନାମ ଦେଖାଯାଏ । ଏମାନେ କ୍ରମାନ୍ୱୟରେ ସାତ ଓ ବାର ମୁଠାର ମାଲିକ । ଜଣେ ସାମନ୍ତ ବା ସରବରାକାର ମଲେ ତାର ଉତ୍ତରାଧିକାରୀ ଭେଟି ସଲାମି ଦେଇ ଗାଡ଼ି ପାନ୍ତି । ପୂର୍ବକାଳରେ ଆଠମଲ୍ଲିକରେ ପୁରୋହିତ ନଥିଲା । ବଉଦରୁ ପୁରୋହିତ ଯାଇ ସେଠାରେ କାର୍ଯ୍ୟ କରୁଥିଲେ । ଇଂରେଜ ଶାସନ ପରେ ଆଠମଲ୍ଲିକର ସାମନ୍ତ ପୃଥକ୍ ଭାବରେ ସନ୍ଧି କରି ସ୍ୱାଧୀନ ହେଲେ ।

କନ୍ଧମାଳ ବଉଦର ଅଧୀନ ଥିଲା । ମାତ୍ର ଘୁମୁସରର କନ୍ଧମାନେ ଚକ୍ର ବିସୋଇ ନେତୃତ୍ୱରେ ମେଳି କଲେ ଏବଂ ବଉଦ ରାଜା ଏ ମେଳି ଦମନ କରିବାଲାଗି ଅକ୍ଷମ ହେଲେ । ସେତେବେଳେ କନ୍ଧମାନେ ମେରିଆ ନାମକ ନରବଳି କରୁଥିଲେ । ବଉଦ ରାଜା ଏ ପ୍ରଥା ବନ୍ଦ କରିପାରିଲେ ନାହିଁ, ସୁତରାଂ ସେ ୧୮୩୫ ଖ୍ରୀଷ୍ଟାବ୍ଦରେ କନ୍ଧମାଳକୁ ବ୍ରିଟିଶ ସରକାରଙ୍କୁ ଅର୍ପଣ କଲେ ଏବଂ ସେ ସମୟରୁ କନ୍ଧମାଳ ଅନୁଗୁଳ ଜିଲ୍ଲା ସାମିଲ ହେଲା । ଶେଷ ବ୍ରାହ୍ମଣ ରାଜା ଗନ୍ଧମାର୍ଦ୍ଦନ ଦେବ ୪୦୩ ଶକାବ୍ଦ ବା ୪୮୧ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିଲେ । ତାଙ୍କ ପରେ ୪୪ ଜଣ ରାଜା ଗାଦିରେ ବସିଛନ୍ତି । ଗନ୍ଧମାର୍ଦ୍ଦନ ୪୦୩—୪୭୦ ଶକାବ୍ଦ

ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କପରେ ଅନଙ୍ଗଭଞ୍ଜ ରାଜା ହେଲେ । ସେ ଭଞ୍ଜପଦ ପରିବର୍ତ୍ତେ ଦେବ ଉପାଧି ଧାରଣ କଲେ ।

କଥିତ ହୁଏ ଗନ୍ଧମାର୍ଦ୍ଦନଙ୍କ ସମସାମୟିକ କେନ୍ଦୁଝର ରାଜା ବିଶ୍ୱମ୍ଭର ଭଞ୍ଜଙ୍କ କନିଷ୍ଠ ଭ୍ରାତା ବ୍ରଜକିଶୋର ଭଞ୍ଜ ଥିଲେ ଏବଂ ଅନଙ୍ଗ ବ୍ରଜକିଶୋରଙ୍କ ପୁତ୍ର ଥିଲେ । ବ୍ରଜକିଶୋର ତାଙ୍କ ଜ୍ୟେଷ୍ଠଭ୍ରାତାଙ୍କ ସହିତ ମନାନ୍ତର ହୋଇ କେନ୍ଦୁଝର ତ୍ୟାଗ କଲେ ଏବଂ ସପରିବାରରେ କୁଚିଣ୍ଡାରେ ବାସକଲେ । ସେ ୪୫୨ ଶକ ବର୍ଷରେ ମଲେ ଏବଂ ତାଙ୍କ ମୃତ୍ୟୁପରେ ତାଙ୍କର ବିଧବା ସ୍ତ୍ରୀ ଦୁଇ ପୁତ୍ର ସହିତ ସେ ସ୍ଥାନରୁ ଯାଇ ବଉଦରେ ବାସକଲେ । ବଉଦର ତଦାନୀନ୍ତନ ରାଜା ଅପୁତ୍ରିକ ଥିବାରୁ ଏ ଦୁଇ ପୁତ୍ରଙ୍କୁ ପୁତ୍ରତ୍ୱରେ ଗ୍ରହଣ କଲେ ଏବଂ ବିଧବାଙ୍କୁ ଖୋରାକ ପୋଷାକ ଦେଲେ ଏବଂ ଅନଙ୍ଗ ଗାଦୀରେ ବସିଲେ । ବଉଦ ରାଜା ମରହଟ୍ଟା ଓ ମୋଗଲଙ୍କ ନିକଟରେ ରାଜଭକ୍ତି ଦେଖାଇ ଉପାଧି ପାଇଥିଲେ । ବଉଦ, ଦଶପଲ୍ଲା, କେନ୍ଦୁଝର ଓ ମୟୂରଭଞ୍ଜର ରାଜାମାନେ ଏକବଂଶୋଦ୍ଭବ । ଏମାନେ ସୂର୍ଯ୍ୟବଂଶୀ ଏବଂ ଉଚ୍ଚଶ୍ରେଣୀସ୍ଥ କ୍ଷତ୍ରିୟ । ଏହାଙ୍କ ସଙ୍କେତ ମୟୂର । ବାର୍ଷିକ ପେସ୍‌କସ୍ ୮୦୦ ଟଙ୍କା । ଆୟ ବର୍ଷକୁ ୧୫୩୬୪ ଟଙ୍କା ।

ବଣେଇ :—କ୍ଷେତ୍ରଫଳ ୧୨୯୬ ବର୍ଗମାଇଲ । ଉତ୍ତରରେ ଗାଙ୍ଗପୁର ଓ ସିଂହଭୂମ, ପୂର୍ବରେ କେନ୍ଦୁଝର, ଦକ୍ଷିଣ ଓ ପଶ୍ଚିମରେ ବାମଣ୍ଡା । ବଂଶାନୁଚରିତରୁ ଜଣାଯାଏ ଯେ, ସେମାନେ ଶାକଲଦ୍ୱୀପ ବା ସିଲୋନରୁ ଆସିଥିଲେ । ରାଜ୍ୟ ପ୍ରତିଷ୍ଠାତା ମାତାଙ୍କ ଦ୍ୱାରା ତ୍ୟକ୍ତ ହୋଇ ଗୋଟିଏ କଦମ୍ବ ବୃକ୍ଷତଳେ ପଡ଼ିଥିଲେ । ଗୋଟିଏ ମୟୂର ସେ ଶିଶୁକୁ ଗର୍ଭଗତ କରି ଶତ୍ରୁଠାରୁ ରକ୍ଷାକଲା । ଏହି କାରଣରୁ ଏ ବଂଶର ସଙ୍କେତ ମୟୂର ଏବଂ ବଂଶ କଦମ୍ବ ବଂଶ । ଏ ରାଜ୍ୟରେ ଅନେକ ଭୂୟାଁ ଜମିଦାର ଅଛନ୍ତି ଏବଂ ସେମାନେ ରାଜଗାଦୀରେ ବସିବାବେଳେ ଟୀକା କରନ୍ତି । ରାଜାଙ୍କ ନାମ ପିତାମହଙ୍କ ନାମ । ପାଲଲହଡାରେ ଏହି ପ୍ରଥା ପ୍ରଚଳିତ ଅଛି । ବାର୍ଷିକ ପେସ୍‌କସ୍ ୪୦୦ ଟଙ୍କା ଏବଂ ବାର୍ଷିକ ଆୟ ୯୩୭୫୯ ଟଙ୍କା ।

ଦଶପଲ୍ଲା :—କ୍ଷେତ୍ରଫଳ ୫୬୮ ବର୍ଗମାଇଲ । ଉତ୍ତରରେ ଅନୁଗୁଳ ଓ ନରସିଂହପୁର, ପୂର୍ବରେ ଖଣ୍ଡପଡ଼ା ଓ ନୂଆଗଡ଼, ଦକ୍ଷିଣରେ ଗଞ୍ଜାମ, ପଶ୍ଚିମରେ ବଉଦ ।

ଦଶପଲ୍ଲାର ଅପର ନାମ ଯଶପଲ୍ଲା ଅର୍ଥାତ୍ ବିଜୟଦ୍ୱାରା ପ୍ରାପ୍ତ । ୧୫୧୬ ବର୍ଷ ପୂର୍ବେ ତଦାନୀନ୍ତନ ବଉଦ ରାଜାଙ୍କ ଭ୍ରାତା ଶୀଲଭଞ୍ଜଙ୍କ ଦ୍ୱାରା ଏ ରାଜ୍ୟ ସ୍ଥାପିତ

ହୋଇଥିଲା । କଥିତ ଅଛି ଶୀଳଭଞ୍ଜ ପାରିବାରିକ ମନାନ୍ତର ହେତୁ ଗୃହତ୍ୟାଗ କରି ପୁରୀ ଜଗନ୍ନାଥ ଦର୍ଶନକୁ ଆସିଥିଲେ । ଫେରିଆସିବା ବେଳେ ନୟାଗଡ଼ର ତଦାନୀନ୍ତନ ରାଜାଙ୍କ ସହିତ ଦେଖାହେଲା ଏବଂ ସେ ତାଙ୍କ ପ୍ରତି ଦୟାପ୍ରକାଶ ପୂର୍ବକ ବରମୂଳଠାରେ ଆଶ୍ରୟ ଦେଲେ । ଖଣ୍ଡପଡ଼ା ରାଜା ମଧ୍ୟ ନୟାଗଡ ରାଜାଙ୍କ ସହିତ ଯୋଗ ହୋଇ ସାହାଯ୍ୟ କଲେ ଏବଂ ସେ ମଧ୍ୟ ତାଙ୍କ ରାଜ୍ୟରୁ ୫ କୋଶ କୋରଦା ପର୍ଯ୍ୟନ୍ତ ଭଞ୍ଜଙ୍କୁ ଦେଲେ । ନୟାଗଡ ରାଜା ୫ କୋଶ ଛାଡିଦେଇ ଭଞ୍ଜଙ୍କୁ ଏ ଦଶ କୋଶ ରାଜ୍ୟରେ ରାଜା କରିଦେଲେ । ଶୀଳଭଞ୍ଜଙ୍କ ଉତ୍ତରାଧିକାରୀ ନାରାୟଣ ଭଞ୍ଜ କେତେଗୋଟି କନ୍ଧ ଗ୍ରାମ ଜୟକଲେ । ପରବର୍ତ୍ତୀ ରାଜା ପଦ୍ମନାଭ ଭଞ୍ଜ କନ୍ଧଦେଶ ଜୟକଲେ । ରାଜ୍ୟ କ୍ରମେ ବିସ୍ତୃତ ହେବାରୁ ନୟାଗଡ ରାଜା ତାଙ୍କ ପ୍ରଦତ୍ତ ପାଞ୍ଚ କୋଶ ରାଜ୍ୟ ଫେରିନେବାକୁ ଚେଷ୍ଟା କରି କୃତକାର୍ଯ୍ୟ ହେଲେ । ଏ ଅଂଶ ପୁରୁଣା ଦଶପଲ୍ଲା ନାମରେ କଥିତ । ପରେ ପଦ୍ମନାଭ ଜଣେ କନ୍ଧ ସରଦାରକୁ ପରାଜିତ କରି କୁଞ୍ଜବନ ଗଡଠାରେ ରାଜଧାନୀ ସ୍ଥାପନ କଲେ । ପରବର୍ତ୍ତୀ ଦୁଇ ରାଜା ଅନୁଗୁଳର ଜୋରମୁହଁ ନାମକ ସ୍ଥାନ ଅଧିକାର କରିବାକୁ ଚେଷ୍ଟା କରିଥିଲେ, ମାତ୍ର ଯୁଦ୍ଧ ଶେଷ ହେବା ପୂର୍ବରୁ ରଘୁଜୀ ଭୋଁସଲା ଜଣେ କର୍ମଚାରୀ ପଠାଇଥିଲେ ଏବଂ ୧୭୬୬ରେ ଦଶପଲ୍ଲା ରାଜାଙ୍କୁ ବିବାଦୀୟ ଜୋରମୁହଁର ସନନ୍ଦ ଦେଲେ । ଦ୍ୱାଦଶ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ନସଘର ଓ ବାଇଶିପଲ ନାମକ ଦୁଇଟି କନ୍ଧଗ୍ରାମ ଜୟ କଲେ । ଦଶପଲ୍ଲା ରାଜା ଜଗନ୍ନାଥ ମହାପ୍ରଭୁଙ୍କ ରଥ ସକାଶେ ଯେତେ କାଠ ଆବଶ୍ୟକ ତାହା ଦେବାକୁ ଚୁକ୍ତି କରିବାରୁ ମରହଟ୍ଟାମାନେ ତାଙ୍କୁ ରାଜସ୍ୱ ଛାଡ଼ି ଦେଇଥିଲେ । ବରମୂଳଠ ରେ ମରହଟ୍ଟାଙ୍କ ସହିତ ଇଂରେଜମାନଙ୍କର ଶେଷ ଯୁଦ୍ଧ ହୋଇଥିଲା, ମାତ୍ର ମରହଟ୍ଟା ମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଅକୃତକାର୍ଯ୍ୟ ହେଲେ । ଏ ରାଜବଂଶର ମୟୂର ସମ୍ପର୍କ ।

ଢେଙ୍କାନାଳ :—କ୍ଷେତ୍ରଫଳ ୧୪୬୩ ବର୍ଗମାଇଲ । ଉତ୍ତରରେ ପାଲଲହଡ଼ା ଓ କେନ୍ଦୁଝର, ପୂର୍ବରେ କଟକ, ଦକ୍ଷିଣରେ ଆଠଗଡ଼, ତିଗିରିଆ, ବଡ଼ମ୍ବା ଏବଂ ପଶ୍ଚିମରେ ହିନ୍ଦୋଳ, ଅନୁଗୁଳ ଓ ତାଲଚେର । ଏ ରାଜ୍ୟ ମଧ୍ୟରେ ବ୍ରାହ୍ମଣୀ ନଦୀ ପ୍ରବାହିତ । ପ୍ରଧାନ ପର୍ବତ କପିଳାସ ଉଚ୍ଚତା ୨୨୩୯ ଫୁଟ ।

ଏ ରାଜ୍ୟରେ ଯେଉଁ ସ୍ଥାନରେ ରାଜାଙ୍କ ବାସସ୍ଥାନ ଅଛି ସେ ସ୍ଥାନ ଢେଙ୍କା ଶବର ନାମକ ଜଣେ ଶବର ଅଧୀନରେ ଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ରାଜବାଟୀର ପଶ୍ଚିମକୁ ଖଣ୍ଡେ ପଥର ଅଛି । ଏହାର ନାମ ଢେଙ୍କାଶବର ମୁଣ୍ଡ । ବର୍ଷକେ ଥରେ

ଶିଥର ଏ ପଥର ପୂଜା ହୁଏ । ୧୭ଶ ଶତାବ୍ଦୀର ମଧ୍ୟଭାଗରେ ସିଂହ ବିଦ୍ୟାଧର ଏ ରାଜ୍ୟ ଜୟକରି ରାଜ୍ୟ ସ୍ଥାପନ କଲେ । ସିଂହବିଦ୍ୟାଧର ପୁରୀ ରାଜବଂଶୀୟ । କିମ୍ବଦନ୍ତୀ ଅଛି ଯେ ଶବର ନିହତ ହେଲବେଳେ ପ୍ରାର୍ଥନା କରିଥିଲା ଯେ ତାହାର ମୁଣ୍ଡ ପୂଜିତ ହେବ । ସିଂହବିଦ୍ୟାଧର ଜଣେ ସାମନ୍ତ ବା କ୍ଷୁଦ୍ର ସରଦାର ଥିଲେ । କଥିତ ହୁଏ ସେ ହତାକରମୂଳର ଜାଗିରଦାର ଥିଲେ । ଏ ବ ସେବା ପ୍ରଗନା ରାଜଧାନୀଠାରୁ ୧୫ କି ୧୬ ମାଇଲ ହେବ । ଏ ରାଜ୍ୟରେ ଅନେକଗୁଡ଼ିଏ ଗଡ ଅଛି, ଯଥା—ଗଡଗିରିଲା, ଗଡବଶାଲଆ, ଗଡ଼ ଡମରଜା କଟକ, ଗଡ ଗଣପୁର ଇତ୍ୟାଦି । ଏ ସ୍ଥାନମାନଙ୍କରେ ପ୍ରାଚୀନ କୋଠାର ଖମ୍ବ ପ୍ରଭୃତିର ଧ୍ୱଂସାବଶେଷ ଦେଖାଯାଏ । ଜଣାଯାଏ ଏସବୁ ଗଡ଼ମାନ ଜଣେ ଜଣେ ସାମନ୍ତଙ୍କ ଅଧୀନରେ ଥିଲା । ଏ ରାଜ୍ୟରେ ଭୀମ ନଗରୀ ନାମକ ସ୍ଥାନ ଅଛି । କଥିତ ହୁଏ ଓଡ଼ିଶାର ବିଖ୍ୟାତ ରାଜା ଅନଙ୍ଗ-ଭୀମଦେବ ଜନ୍ମଗ୍ରହଣ କରିଥିଲେ । କପିଳାସ ପର୍ବତ ଉପରେ ଥିବା ଚନ୍ଦ୍ରଶେଖରଙ୍କ ଦେଉଳ ଓଡ଼ିଶା ରାଜା ପ୍ରତାପରୁଦ୍ରଦେବ ୧୬ଶ ଶତାବ୍ଦୀରେ ନିର୍ମାଣ କରାଇଥିଲେ । ରାଜ୍ୟ ପ୍ରଥମେ କ୍ଷୁଦ୍ରଥିଲା । ମାତ୍ର କ୍ରମେ ବୃଦ୍ଧିହୋଇ ବର୍ତ୍ତମାନ ଆକାର ପ୍ରାପ୍ତ ହୋଇଅଛି । ଏଷ୍ଟେଟର ଆୟ ୨୫୨୧୭୦ ଟଙ୍କା ।

**ଗାଙ୍ଗପୁର**:—କ୍ଷେତ୍ରଫଳ ୨୪୯୨ ବର୍ଗ ମାଇଲ । ଉତ୍ତରରେ ଯଶପୁର ଏବଂ ରାଞ୍ଚି, ପୂର୍ବରେ ସିଂହଭୂମି, ଦକ୍ଷିଣରେ ସମ୍ବଲପୁର, ବଣେଇ, ବାମଣ୍ଡା ଓ ପଶ୍ଚିମରେ ରାୟଗଡ । ଏ ରାଜ୍ୟ ଏକ ସମୟରେ ସମ୍ବଲପୁର ଅଧୀନରେ ଥିଲା । ନାଗପୁରର ମରହଟ୍ଟାମାନେ ରାଜତ୍ୱ କରୁଥିଲେ । ଦେଓଗା ସନ୍ଧିବେଳେ ୧୮୦୩ ଖ୍ରୀଷ୍ଟାବ୍ଦରେ ନାଗପୁର ରାଜା ରଘୁଜୀ ଭୋଁସଲା ଏ ରାଜ୍ୟକୁ ଇଂରେଜ ସରକାରଙ୍କୁ ଛାଡ଼ିଦେଇଥିଲେ । ପୁନଶ୍ଚ ୧୮୦୬ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ଏ ରାଜ୍ୟ ଫେରପାଇଥିଲେ । ଶେଷରେ ୧୮୨୬ ଖ୍ରୀଷ୍ଟାବ୍ଦରେ ଏ ରାଜ୍ୟ ଇଂରେଜ ସରକାରଙ୍କର ଅଧୀନକୁ ଆସିଲା । ୧୯୦୧ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଗାଙ୍ଗପୁରକୁ ସମ୍ବଲପୁର ଅଧୀନରୁ କାଟିନେଲେ । ୧୯୦୫ ମସିହାରେ ଗାଙ୍ଗପୁର ଛୋଟନାଗପୁରରୁ ବିଚ୍ଛିନ୍ନ ହୋଇ ଓଡ଼ିଶା ସହିତ ଯୋଗ ହେଲା । ଏ ରାଜ୍ୟର ପ୍ରଧାନ ଜାତି ଭୂୟାଁମାନେ । ଗାଙ୍ଗପୁରର ଭୂୟାମାନଙ୍କ ମଧ୍ୟରେ ଏପରି କୌଣସି ପ୍ରବାଦ ନାହିଁ ଯେ ସେମାନେ ଆପଣା ଜାତୀୟ ରାଜାଦ୍ୱାରା ଶାସିତ ହୋଇଥିଲେ । ବରଂ ସେମାନେ କହନ୍ତି ଯେ ଓଡ଼ିଶାର କେଶରୀବଂଶୀୟ ଜଣେ ସାମନ୍ତ ଗାଙ୍ଗପୁରକର ଶାସନ କରୁଥିଲେ । ଏ ବଂଶ ଲୋପ ହେଲାରୁ ଲୋକମାନେ

ଶିଖରଭୂମି ବା ପାଞ୍ଚେଟର ଶିଂହର ବଂଶରୁ ଗୋଟିଏ ବାଳକକୁ ଅପହରଣ କରଆଣି ରାଜା ମନୋନୀତ କଲେ । ଆୟ ୨୨୫୮୭ ଟଙ୍କା ।

ହିନ୍ଦୋଳ: କ୍ଷେତ୍ରଫଳ ୩୧୨ ବର୍ଗମାଇଲ । ଉତ୍ତର ଓ ପୂର୍ବରେ ଢେଙ୍କାନାଳ ଓ ଦକ୍ଷିଣରେ ବାମଣ୍ଡା ଓ ନରସିଂହପୁର, ପଶ୍ଚିମରେ ଅନୁଗୁଳ । ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ରାଜା ମୁକୁନ୍ଦଦେବ ହରିଚନ୍ଦନ ଅର୍ଥାତ୍ ଓଡ଼ିଶାର ଶେଷ ସ୍ୱାଧୀନ ରାଜାଙ୍କ ସମୟରେ ଉଦ୍ଧବ ଦେବ ଜେନାମଣି ଏ ରାଜ୍ୟ ସ୍ଥାପନ କରିଥିଲେ । କେତେ ପୁରୁଷ ପର୍ଯ୍ୟନ୍ତ ଉପାଧି ଦେବ ଯେନାମଣି ବା ଦେବ ମହାପାତ୍ର ଥିଲା; ବର୍ତ୍ତମାନ ମର୍ଦ୍ଦରାଜ ଜଗଦେବ ହୋଇଛି । କେହି କେହି କହନ୍ତି, ହିଣ୍ଡୁମ୍ବକ ନାମକ ଅର୍ଦ୍ଧସଭ୍ୟ ଏ ସ୍ଥାନର ପ୍ରଥମେ ସାମନ୍ତ ଥିଲେ । ଈଶ୍ୱରପାଳ ଓ ବନ୍ଦରକୋଟ ନାମକ ଦୁଇଟି ଗଡ଼ ବର୍ତ୍ତମାନ କ୍ଷେତ୍ରଫଳର ପ୍ରାୟ ଏକଚତୁର୍ଥାଂଶ । ୬ଷ୍ଠ ରାଜାଙ୍କ ସମୟରେ ରାଜ୍ୟର ପରିମାଣ ବିଶେଷ ଭାବରେ ବୃଦ୍ଧି ହେଲା । ଢେଙ୍କାନାଳ ରାଜଧାନୀ ନିକଟସ୍ଥ ବାଂଶପାଟଣା ପର୍ଯ୍ୟନ୍ତ ରାଜ୍ୟ ବୃଦ୍ଧି ହେଲା । ଢେଙ୍କାନାଳ ରାଜା ହିନ୍ଦୋଳ ବିରୁଦ୍ଧରେ ଯୁଦ୍ଧକରି କେତେକ ଅଂଶ ଅଧିକାର କଲେ । ୧୭୬୦ ଖ୍ରୀଷ୍ଟାବ୍ଦରେ ୧୦ଶ ରାଜା ଯୁଦ୍ଧକରି ନରସିଂହପୁରର କେତେକ ଅଂଶ ଅଧିକାର କରି ବର୍ତ୍ତମାନ ରାଜଧାନୀ ସ୍ଥାପନ କଲେ । ଏ ରାଜାଙ୍କର ସନ୍ତକ ବର୍ଚ୍ଛା । ଆୟ ୬୬୭୫ ଟଙ୍କା । ସରକାରଙ୍କୁ ଦେୟ ୫୪୯ ଟଙ୍କା ।

କଳାହାଣ୍ଡି:—କ୍ଷେତ୍ରଫଳ ୩୭୪୫ ବର୍ଗମାଇଲ । ଉତ୍ତରରେ ପାଟଣା, ପୂର୍ବରେ ଜୟପୁର ଜମିଦାରୀ ଓ ସାର୍ନ ବା ଗନାଟେମୁଣ୍ଡି (ଗଞ୍ଜାମ), ପଶ୍ଚିମରେ ଜୟପୁର, ବିନ୍ଦ୍ରାନୂଆଗଡ଼ ଓ ଖଡ଼ିଆଲ, ଦକ୍ଷିଣରେ ଜୟପୁର । କଳାହାଣ୍ଡି ରାଜ୍ୟ ଦୁଇଭାଗରେ ବିଭକ୍ତ—ସମତଳ ଜମି ଓ ପାର୍ବତ୍ୟ ଜମି ବା ଜଙ୍ଗଲ ।

କଳାହାଣ୍ଡି ପୂର୍ବେ ସ୍ୱାଧୀନ ରାଜ୍ୟ ଥିଲା । କିନ୍ତୁ ଅବଶେଷରେ ମରହଟ୍ଟାମାନଙ୍କ ଅଧୀନ ହେଲା । ରଘୁଜୀ ଭୌଁସଲ ୫୩୩୦ ଟଙ୍କା କର ଆଦାୟ କରୁଥିଲେ । ନାଗପୁର ୧୮୫୪ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ୍ ସରକାରଙ୍କ ଅଧୀନ ହେଲାବେଳେ କଳାହାଣ୍ଡି ମଧ୍ୟ ଅଧୀନ ହେଲା । ୧୮୫୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କଳାହାଣ୍ଡି ରାଜା ସରକାରଙ୍କଠାରୁ ବର୍ଷକୁ ୪୯୦ ଟଙ୍କା ପାଉଥିଲେ ଏବଂ ଏ ଟଙ୍କା ରାଜସ୍ୱ ଟଙ୍କାରୁ ବାଦ୍ ଯାଉଥିଲା । ବର୍ତ୍ତମାନ ଆଉ ସେପରି ଦିଆଯାଉନାହିଁ ।

କିଳାହାଣ୍ଡି ରାଜବଂଶ ଗଙ୍ଗବଂଶୀୟ ଥିଲେ । ଏ ବଂଶର ଶେଷ ରାଜା ଜଗନ୍ନାଥଦେବ । ସେ ଅପୁତ୍ରିକ ଥିଲେ, ସୁତରାଂ ୧୦୦୮ ଖ୍ରୀଷ୍ଟାବ୍ଦରେ ଛୋଟନାଗପୁର ସତରଞ୍ଜଗଡର ତଦାନୀନ୍ତନ ରାଜାଙ୍କ କନିଷ୍ଠ ଭ୍ରାତା ରଘୁନାଥ ସାହେବଙ୍କୁ ନେଇ ଆପଣା କନ୍ୟାଙ୍କ ସହିତ ବିବାହ ଦେଲେ । ବର୍ତ୍ତମାନ ରାଜବଂଶର ସେ ପ୍ରଥମ ନାଗବଂଶୀୟ ରାଜା ।

ଲକ୍ଷ୍ମୀଗଡ଼;—ଜମିଦାରୀ । କର୍ଲାପଟ ଜମିଦାରୀ ଓ ଥୁଆମୂଲ ଜମିଦାରୀ ଏ ରାଜ୍ୟର ଅନ୍ତର୍ଗତ । ଅନ୍ୟ ଗୋଟିଏ ଜମିଦାରୀ ମଦନପୁର ଏ ରାଜ୍ୟର ଅନ୍ତର୍ଗତ ।

କେନ୍ଦୁଝର:—କ୍ଷେତ୍ରଫଳ ୫୦୯୬ ବର୍ଗମାଇଲ । ଉତ୍ତରରେ ସିଂହଭୂମ, ପୂର୍ବରେ ମୟୂରଭଞ୍ଜ ଓ ବାଲେଶ୍ୱର, ଦକ୍ଷିଣରେ ଢେଙ୍କାନାଳ ଓ କଟକ, ପଶ୍ଚିମରେ ଢେଙ୍କାନାଳ, ପାଲଲହଡ଼ା ଓ ବଣେଇ । ପ୍ରଧାନ ପର୍ବତ ଗନ୍ଧମାଦନ, ଉଚ୍ଚତା ୩୪୭୬ ଫୁଟ; ଗୋନାସିକା ପର୍ବତ, ଉଚ୍ଚତା ୩୨୧୯ ଫୁଟ; ଠାକୁରାଣୀ ପର୍ବତ ୩୦୦୩ ଫୁଟ; ତୋମାକ ୨୫୭୭ ଫୁଟ ଏବଂ ବୋଲତ ୧୮୧୮ ଫୁଟ ।

ଉତ୍ତର-କେନ୍ଦୁଝର ଓ ମୟୂରଭଞ୍ଜ ଏକ ସମୟରେ ହରିହରପୁର ରାଜ୍ୟର ଏକ ଅଂଶ ଥିଲା । କେନ୍ଦୁଝର ୧୧୧୮ ଖ୍ରୀଷ୍ଟାବ୍ଦରେ ପୃଥକ ହେଲା । ସେଦିନଠାରୁ ଆଜିଯାଏ ୩୬ ଜଣ ରାଜତ୍ୱ କରିଛନ୍ତି ।

୧୦୧୮ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟବଂଶୀୟ ରାଜପୁତ କଚ୍ଛୁଆବଂଶୀୟ ମାନସିଂହଙ୍କ ପୁତ୍ର ଜୟସିଂହ ପୁରୀ ଆସିଥିଲେ । ସେ ଜୟପୁରରେ ଜଣେ ସାମନ୍ତ ଥିଲେ । ସେ ତଦାନୀନ୍ତନ ଗଜପତି ରାଜାଙ୍କ କନ୍ୟାଙ୍କୁ ବିବାହ ହୋଇ ଏହି ହରିହରପୁର ରାଜ୍ୟ ଯୌତୁକ ପାଇଲେ । ଏହାଙ୍କର ଦୁଇଟି ପୁତ୍ର ହୋଇଥିଲେ । ସେମାନଙ୍କ ନାମ ଅଜିତସିଂହ ଓ ଜ୍ୟୋତିସିଂହ ଥିଲା । ଅଜିତସିଂହ ବଡ଼ ବଳବାନ ଥିଲେ ଏବଂ ତାଙ୍କ ବାହୁବଳଦ୍ୱାରା ମୟୂରଧ୍ୱଜ ନାମକ ଜଣେ କ୍ଷୁଦ୍ର ସାମନ୍ତ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ଓଡ଼ିଶା ମହାରାଜାଙ୍କ ଠାରୁ 'ଭଞ୍ଜ' ଉପାଧି ପାଇଥିଲେ । ସେମାନଙ୍କ ପିତା ରାଜ୍ୟକୁ ଦୁଇ ପୁତ୍ରଙ୍କ ମଧ୍ୟରେ ବାଣ୍ଟିଦେଲେ । ଏ ଦୁଇଟି ପୁତ୍ର ଦୁଇଟି ଦୁର୍ଗ ନିର୍ମାଣ କରିଥିଲେ । ମୟୂରଭଞ୍ଜରେ ଆଦିପୁର ଏବଂ କେନ୍ଦୁଝରରେ ଯଡପୁର । ଏ ଦୁଇଟି ବୈତରଣୀ ନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ । କେନ୍ଦୁଝର ଅର୍ଥ କେନ୍ଦୁଗଛ ନିକଟସ୍ଥ ଝରଣା । ସୁତରାଂ କେନ୍ଦୁଝର ସମୟରେ

ମୟୂରଭଞ୍ଜର ଅଂଶ ଥିଲା । କିନ୍ତୁ ୨୦୦ ବର୍ଷ ପୂର୍ବେ ସ୍ଥାନୀୟ ଲୋକମାନେ ଦୂରତା ନିବନ୍ଧନ ମୟୂରଭଞ୍ଜଠାରୁ ପୃଥକ୍ ହୋଇ ମୟୂରଭଞ୍ଜ ରାଜାଙ୍କ ଭାଇଙ୍କୁ ରାଜା କଲେ । ଭୂୟାଁମାନେ ଏ ରାଜ୍ୟରେ ପ୍ରଧାନ ଜାତି । କାରଣ ରାଜା ଗାଦିରେ ବସିବା ବେଳେ ଭୂୟାଁପିଠିରେ ଚଢନ୍ତି । ରାଜା ଗୋବିନ୍ଦଭଞ୍ଜ ପିତାଙ୍କ ସହିତ ମନାନ୍ତର ହୋଇ ରାଜ୍ୟରୁ ବାହାର ଆସି ପୁରୀ ରାଜାଙ୍କ କର୍ମରେ ନିଯୁକ୍ତ ହେଲେ ଏବଂ କାଞ୍ଚିକାବେରୀ ଯୁଦ୍ଧରେ ଜୟୀ ହୋଇ ପୁରସ୍କାର ସ୍ୱରୂପ ଆଠଗଡ଼ ବା ଆନନ୍ଦପୁର ସବ୍‌ଡିଭିଜନ ପାଇଲେ । ୧୭୫୨ ଖ୍ରୀଷ୍ଟାବ୍ଦରେ ରାଜା ପ୍ରତାପ ବଳଭଦ୍ର ଭଞ୍ଜ ରାଇପୁର ଓ କୁସୁଂପଡ଼ା ଗ୍ରାମମାନ କିଣିଥିଲେ ।

୧୭୯୪ ଖ୍ରୀଷ୍ଟାବ୍ଦରେ ରାଜା ଜନାର୍ଦ୍ଦନଭଞ୍ଜ ପାଲଲହଡ଼ାର ରାଣୀ ଅର୍ଣ୍ଣପୂର୍ଣ୍ଣା ଙ୍କ ନାତୁଣୀ ଏବଂ ମଣିପାଳଙ୍କ ଝିଅ କୃଷ୍ଣପ୍ରିୟାଙ୍କ ପାଣିଗ୍ରହଣ କରି ପାଲଲହଡ଼ା ଯୌତୁକ ପାଇଥିଲେ । ୧୮୨୫ ଖ୍ରୀଷ୍ଟାବ୍ଦରେ କୃଷ୍ଣପ୍ରିୟାଙ୍କ ମୃତ୍ୟୁ ହେଲା । ପାହଲହଡ଼ାର ପ୍ରଜାମାନେ ବିଦ୍ରୋହୀ ହେଲେ, ମାତ୍ର ଜନାର୍ଦ୍ଦନ ସେମାନଙ୍କୁ ପରାସ୍ତ କଲେ । କର୍ଣ୍ଣେଲ ଗିଲ୍‌ବର୍ଟ ସାହେବଙ୍କ ନିକଟରେ ଦରଖାସ୍ତ ହେବାରୁ ପାଲଲହଡ଼ା ରାଜ୍ୟ ଜୋତକରେ ରହିଲା ଏବଂ ୧୮୩୦ ଖ୍ରୀଷ୍ଟାବ୍ଦରେ ସ୍ଥିର ହେଲା ଯେ, ପାଲଲହଡ଼ା କେନ୍ଦୁଝର ଜରିଆରେ ରାଜସ୍ୱ ଦେବ । ୧୭୯୪ ଠାରୁ ୧୮୨୬ ପର୍ଯ୍ୟନ୍ତ ପାଲଲହଡ଼ା ରାଜ୍ୟରେ କେନ୍ଦୁଝର ରାଜାଙ୍କର ସମ୍ପୂର୍ଣ୍ଣ କ୍ଷମତା ଥିଲା । ମାତ୍ର ବର୍ତ୍ତମାନ ରାଜସ୍ୱ ରାଜସରକାରରେ ଦାଖଲ ହେଉଛି । ପାଲଲହଡ଼ା ସହିତ କେନ୍ଦୁଝରର ରାଜସ୍ୱ ବର୍ଷକୁ ଟ ୨୯୨୨୮୧୧ ଥିଲା । ଗ୍ରେଟନାଗପୁର ଓ ସମ୍ବଲପୁର ମେଳି ବେଳେ କେନ୍ଦୁଝର ରାଜା ଗଦାଧରଭଞ୍ଜ ୧୮୫୮ ଖ୍ରୀଷ୍ଟାବ୍ଦରେ ସରକାରଙ୍କୁ ବିଶେଷ ସାହାଯ୍ୟ ଦେଇଥିବାରୁ ତାଙ୍କ ରାଜସ୍ୱ ୧୦୦୦ ଟଙ୍କା ଊଣା ହୋଇଛି ଏବଂ ବର୍ତ୍ତମାନ ରାଜସ୍ୱ ଟ ୨୧୦।୩ । ରାଜା ଲକ୍ଷ୍ମୀନାରାୟଣଭଞ୍ଜ ବଳଭଦ୍ର ଜୀଉଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ୧୮୬୧ ଖ୍ରୀଷ୍ଟାବ୍ଦରେ ତଦାନୀନ୍ତନ ରାଜାଙ୍କର ମୃତ୍ୟୁ ହେଲା । ତାଙ୍କ ବିବାହିତା ପତ୍ନୀଙ୍କ ଗର୍ଭରୁ କୌଣସି ପୁତ୍ର ଜାତ ହୋଇ ନଥିଲେ । ମାତ୍ର ତାଙ୍କ ଫୁଲବିବାହିତାର ଧନୁର୍ଜୟ ଓ ଚନ୍ଦ୍ରଶେଖର ନାମକ ଦୁଇ ପୁତ୍ର ଥିଲେ । ମାର୍ଚ୍ଚ ମାସ ୨୨ ତାରିଖରେ ରାଜା କଲିକତାରେ ଥିବାବେଳେ ମଲେ । ଅପ୍ରେଲ ମାସ ୩ ତାରିଖରେ ତଦାନୀନ୍ତନ ଦେଓ୍ୱାନ ପ୍ରକାଶ କଲେ ଯେ, ରାଣୀଙ୍କ ଅନୁମତି ସହିତ ଧନୁର୍ଜୟ ଗାଦିରେ ବସିଲେ । ଅପ୍ରେଲ ମାସ ୯ ତାରିଖରେ ମୟୂରଭଞ୍ଜ ରାଜା ପ୍ରକାଶ କଲେ—ତାଙ୍କ ନାତି ବୃନ୍ଦାବନ ମୃତ ରାଜାଙ୍କଦ୍ୱାରା ପୋଷ୍ୟପୁତ୍ର ଗୃହୀତ ହୋଇଥିଲେ ଏବଂ ସେ କେନ୍ଦୁଝର ଯାଇ ତାଙ୍କୁ ଗାଦିରେ ବସାଇବେ । କେନ୍ଦୁଝରର ସୁପରିଣ୍ଟେଣ୍ଡେଣ୍ଟ୍ ମୟୂରଭଞ୍ଜ ରାଜାଙ୍କୁ

ବାରଣ କଲେ, ମାତ୍ର ସେ ନମାନ୍ତ ବୃନ୍ଦାବନଙ୍କୁ ପଠାଇ ଦେଲେ ଏବଂ ରାଣୀ ଓ କେତେକ ପ୍ରଧାନ କର୍ମଚାରୀ ମିଳି ବୃନ୍ଦାବନଙ୍କୁ ଗୋପନ ଭାବରେ ଅଭିଷେକ କରାଇଦେଲେ । ଗଭର୍ଣ୍ଣମେଣ୍ଟ ଧନୁର୍ଜୟଙ୍କ ପକ୍ଷ ସମର୍ଥନ କଲେ । ମକଦ୍ଦମା ପ୍ରିଭିକାଉନ୍‌ସିଲ୍ ପର୍ଯ୍ୟନ୍ତ ଲଢେଇ ହୋଇ ଧନୁର୍ଜୟ ଜିଣିଲେ ଏବଂ ପୋଷ୍ୟପୁତ୍ର ଗ୍ରହଣ ମିଥ୍ୟା ହେଲା । ୧୮୧୭ ମସିହାର ୧୧ କାନୁନ ଅନୁସାରେ ଏ ଉତ୍ତରାଧିକାରୀତ୍ୱ ସିଦ୍ଧାନ୍ତ ହେଲା । ଏଥିରେ ସନ୍ତୁଷ୍ଟ ନହୋଇ ରାଣୀ ଓ ଭୂୟାଁ ଯୁଆଙ୍ଗମାନେ ଧନୁର୍ଜୟଙ୍କ ବିପକ୍ଷରେ ମେଳି କଲେ । ଗଭର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ପାଇ ଧନୁର୍ଜୟ ଶେଷରେ ରାଜା ହେଲେ । ମେଳି ଭାଙ୍ଗିଗଲା । ଶେଷରେ ରାଣୀ ବାଧ୍ୟହୋଇ ଧନୁର୍ଜୟଙ୍କୁ ରାଜା ବୋଲି ସ୍ୱୀକାର କଲେ । ମାସକୁ ୬୦୦ ଟଙ୍କା ଖୋରାକ ପୋଷାକ ପାଇ ରାଣୀ ପୁରୀକ୍ଷେତ୍ରରେ ବାସକଲେ । ରତନା ନାୟକ ଓ ନନ୍ଦାନାଲମାନେ ଭୂୟାଁ ସର୍ଦ୍ଦାର ଥିଲେ ଏବଂ ସେମାନେ ଏହି ମେଳିରେ ପୃଷ୍ଠି ଯୋଗ ଦେଇ ଥିଲେ । ସେମାନେ ଆଉଥରେ ମଧ୍ୟ ମେଳି କରିଥିଲେ । ମାତ୍ର ବ୍ରିଟିଶସିଂହ ଯାହାକୁ ସପକ୍ଷ, ତାର ଏମାନେ କ'ଣ କରି ପାରନ୍ତେ ? ଶେଷ ମେଳି ବେଳେ ଅନ୍ୟାନ୍ୟ ଗଡ଼ଜାତ—ବଣେଇ, ପାଲଲହଡ଼ା, ଢେଙ୍କାନାଳ ଓ ମୟୂରଭଞ୍ଜମାନେ ଧନୁର୍ଜୟଙ୍କ ପକ୍ଷରେ ଯୋଗ ଦେଲେ । ଅବଶେଷରେ ଭୂୟାଁମାନେ ପୂର୍ଣ୍ଣଭାବେ ପରାଜିତ ହେଲେ ଏବଂ ରାଜ୍ୟରେ ଶାନ୍ତି ସ୍ଥାପିତ ହେଲା । ୧୮୬୮ ମସିହା ୨୫ ତାରିଖ ଅଗଷ୍ଟ ମାସରେ ରତନା ଓ ନନ୍ଦାମାନେ ଧୃତ ହେଲେ ।

ଫୁଲବିବାହୀର ଅର୍ଥ ଯେ ସ୍ତ୍ରୀ ବିବାହିତ ନୁହେଁ ମାତ୍ର ରାଜା ଯାହାକୁ ଫୁଲମାଳ ଦେଇ ସ୍ତ୍ରୀ ରୂପେ ଗ୍ରହଣ କରନ୍ତି । କ୍ଷତ୍ରିୟମାନଙ୍କ ଘରେ ପ୍ରଥା ଅଛି ଯେ ବିବାହବେଦୀରେ କନ୍ୟାପିତା କନ୍ୟା ସହିତ ଗୋଟିଏ ସମବୟସ୍କା ଦାସୀ ଦେଇଥାନ୍ତି । କନ୍ୟାଦାନ ବେଳେ ସେ ଦାସୀ ସହିତ କନ୍ୟାକୁ ଦାନ କରି ଶଙ୍ଖରେ ପାଣି ଟେକି ଦେଇଥାନ୍ତି । ବର, କନ୍ୟା ଗ୍ରହଣ କରିବା ସଙ୍ଗେ ଏ ଦାସୀକୁ ମଧ୍ୟ ଗ୍ରହଣ କରିଥାଏ । ସୁତରାଂ ଏ ଦାସୀକୁ ଫୁଲବିବାହୀ କହନ୍ତି । ଏ ଦାସୀର ସ୍ଥାନ ଅନ୍ୟାନ୍ୟ ସାଧାରଣ ଦାସୀ ଅପେକ୍ଷା ଉଚ୍ଚରେ । ଏହାର ବିଶେଷ ପଦ ଥାଏ ଯଥା, ଫୁଲବିବାହୀ ଇତ୍ୟାଦି । ରାଜାଙ୍କ ଔରସରେ ଏହା ଗର୍ଭରୁ ଯେ ସନ୍ତାନ ହୁଏ ସେ ଉତ୍ତରାଧିକାରୀ ହେବାର ପ୍ରଥା ଅଛି । ଏପରି ମଧ୍ୟ ଅନେକ ରାଜବଂଶରେ ହୋଇଅଛି । ବର୍ଷକୁ ଆୟ ୩୬୧୧୩୦ ଟଙ୍କା ।

ଖଣ୍ଡପଡ଼ା:—କ୍ଷେତ୍ରଫଳ ୨୪୪ ବର୍ଗମାଇଲ । ଉତ୍ତରରେ ମହାନଦୀ, ପୂର୍ବରେ କଟକ ଓ ପୁରୀ, ଦକ୍ଷିଣରେ ପୁରୀ ଓ ନୟାଗଡ଼, ପଶ୍ଚିମରେ ଦଶପଲ୍ଲା ।

କଥିତ ଅଛି, ସୂର୍ଯ୍ୟମଣିସିଂହ ତଦାନୀନ୍ତନ ରେଓ୍ୱା ରାଜାଙ୍କର କନିଷ୍ଠ ଭ୍ରାତା ଥିଲେ । ସେ ଆସି ନୟାଗଡ଼ ରାଜ୍ୟ ସ୍ଥାପନ କରିଥିଲେ । ଏମାନେ ବଘେଲ କ୍ଷତ୍ରିୟ । ନୟାଗଡ଼ ରାଜାଙ୍କର ଦୁଇ ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ର ହରିହରସିଂହ ଓ କନିଷ୍ଠ ପୁତ୍ର ଯଦୁନାଥସିଂହ ମଙ୍ଗରାଜ । ହରିହର ରାଜାହେଲେ ଏବଂ ୧୫୯୯ ଖ୍ରୀଷ୍ଟାବ୍ଦରେ ଯଦୁନାଥ ଆଗଲପୁରଠାରୁ ଖଣ୍ଡପଡ଼ାର ହରିଶ୍ଚନ୍ଦପୁର ପର୍ଯ୍ୟନ୍ତ ସ୍ଥାନର ସାମନ୍ତଙ୍କୁ ପରାଜିତ କରି ଯେ ସ୍ଥାନ ଦଖଲ କଲେ । ମଙ୍ଗରାଜଙ୍କ ଉତ୍ତରାଧିକାରୀମାନେ ରାଜ୍ୟ ବିସ୍ତାର କଲେ । ଯଦୁନାଥ ଓଡ଼ିଶା ମହାରାଜାଙ୍କ ଠାରୁ ମଙ୍ଗରାଜ ଉପାଧି ପାଇଥିଲେ । ରାଜା ବନମାଳୀ ସିଂହ ବଡ଼ କ୍ଷମତାଶାଳୀ ରାଜା ଥିଲେ । ଓଡ଼ିଶା ରାଜାଙ୍କୁ ବହୁତ ସାହାଯ୍ୟ ଦେଇଥିଲେ ଏବଂ ମର୍ଦ୍ଦରାଜ ଭ୍ରମରବର ରାୟ ଉପାଧି ପାଇଥିଲେ । ରାଜା ନୀଳାଦ୍ରି ସିଂହଙ୍କ ରାଜତ୍ୱ ବେଳେ ରଘୁଜୀ ଭୋଁସଲା ଗୋଟିଏ ପତାକା ତାଙ୍କୁ ପୁରସ୍କାର ଦେଇଥିଲେ । ଇଂରେଜ-ମାନେ ଓଡ଼ିଶା ଅଧିକାର କଲାବେଳେ ରାଜା ନରସିଂହ ମର୍ଦ୍ଦରାଜ ବହୁତ ସାହାଯ୍ୟ ଦେଇ ଘରେ ହାତୀ ଓ ଗୋଟିଏ ତୋପ ପୁରସ୍କାର ପାଇଥିଲେ । ଏହାଙ୍କ ସନ୍ତକ ବ୍ୟାଘ୍ରମସ୍ତକ । ବାର୍ଷିକ ଆୟ ୪୯୨୯୫ ଟଙ୍କା ଏବଂ ସରକାରଙ୍କୁ ଦେୟ ରାଜସ୍ୱ ବର୍ଷକୁ ୪୨୧୨ ଟଙ୍କା ।

ମୟୂରଭଞ୍ଜ:—କ୍ଷେତ୍ରଫଳ ୪୨୪୩ ବର୍ଗମାଇଲ । ଉତ୍ତରରେ ମେଦନୀପୁର ଓ ସିଂହଭୂମ, ପୂର୍ବରେ ମେଦନୀପୁର ଓ ବାଲେଶ୍ୱର, ଦକ୍ଷିଣରେ ବାଲେଶ୍ୱର, ନୀଳଗିରି ଓ କେନ୍ଦୁଝର, ପଶ୍ଚିମରେ କେନ୍ଦୁଝର ଓ ସିଂହଭୂମ । ମେଘାସନୀ ପର୍ବତ, ଉଚ୍ଚତା ୩୦୨୪ ଫୁଟ । ଶିମ୍ଳିପାଳ ପାହାଡ଼ ୬୦୦ ବର୍ଗମାଇଲ କ୍ଷେତ୍ର ଉପରେ ଅବସ୍ଥିତ । ପ୍ରଧାନ ନଦୀ ବୁଢ଼ାବଲଙ୍ଗ, ଖଡ଼କାଇ, ସାଳନ୍ଦୀ । ପ୍ରଧାନ ଲୌହଖଣି ଅଛି ।

ଏ ରାଜବଂଶର ଇତିହାସ କେନ୍ଦୁଝର ଇତିହାସରେ ଉଲ୍ଲେଖ ଅଛି । ଆଦି ରାଜା ଆଦିସିଂହ । ୧୬୬୮ ଖ୍ରୀଷ୍ଟାବ୍ଦଠାରୁ ୧୮୩୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ମୟୂରଭଞ୍ଜ ଉତ୍ତରରେ ଭଞ୍ଜଭୂମ ଓ ଖେଜୁରୀ ପର୍ଯ୍ୟନ୍ତ ପୂର୍ବରେ ବାଲେଶ୍ୱର, ପଶ୍ଚିମରେ ପୋଡ଼ାହାଟ, ଦକ୍ଷିଣ-ପୂର୍ବରେ ନୀଳଗିରି, ଦକ୍ଷିଣରେ ବୈତରଣୀ, ପଶ୍ଚିମରେ ପୋଡ଼ାହାଟ ଓ ଧଳଭୂମ ପର୍ଯ୍ୟନ୍ତ, ବିସ୍ତୃତ ହୋଇଥିଲା । ରାଜ୍ୟର ସୀମା ପୂର୍ବାପେକ୍ଷା କେତେକ ଊଣା ହୋଇଅଛି । ୧୫୫୬ ଖ୍ରୀଷ୍ଟାବ୍ଦରେ ଭଞ୍ଜଭୂମ ପ୍ରଗନା ମହାରାଜା ସନ୍ତାଇଭଞ୍ଜ ମେଦନୀପୁର ରାଜାଙ୍କୁ ଦେଇଥିଲେ । ମହାରାଜା ଜଗନ୍ନାଥଭଞ୍ଜ ୧୬୪୩ ଖ୍ରୀଷ୍ଟାବ୍ଦରେ ଖେଜୁରୀ ପ୍ରଗନା ମେଦନୀପୁର ରାଜାଙ୍କୁ ଦେଲେ

ନୟ ବସାନ ପ୍ରଗନା ଚରସ୍ଥାୟୀ ବନ୍ଦୋବସ୍ତ ପୂର୍ବରୁ ମେଦ୍ନୀପୁର ରାଜସ୍ୱଦାୟୀ ମାହାଲ ହୋଇଅଛୁ । ମାଲଗିର ୧୮୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମୟୂରଭଞ୍ଜ ରାଜ୍ୟ ଅଧୀନରେ ଜମିଦାରୀ ଥିଲା, ପରେ ସ୍ୱାଧୀନ ହେଲା । ୧୮୩୦ ଓ ୧୮୩୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ଯେଉଁ କନ୍ଧମାନଙ୍କ ମେଲ ହୋଇଥିଲା, ସେତେବେଳେ ମହାରାଜା ଯଦୁନାଥଭଞ୍ଜ ବାମନଘାଟିରେ ଥାଇ ଭରଭରଆ, ଆଉଲା, ଲାଲଘର ନାମକ ଗୁରପିର ଇଂରେଜ ସରକାରଙ୍କୁ ସମର୍ପଣ କଲେ । ଏଗୁଡ଼ିକ ବର୍ତ୍ତମାନ ସିଂହ-ଭୂମ ଅନ୍ତର୍ଗତ କୋହ୍ଲାନର ଅଂଶ ହୋଇଅଛୁ । ଗୁରଂପିର ସରେଇକଲାର ଅଭିରାମସିଂହଙ୍କୁ ଓ ହଲଦୀପୋଖରୀ ଧଲଭୂମ ରାଜାଙ୍କୁ ଦିଆଯାଇଥିଲା ।

୧୮୧୨ ଖ୍ରୀଷ୍ଟାବ୍ଦରେ ଏ ରାଜ୍ୟର ରାଜସ୍ୱ ୧୦୦୧ ଟଙ୍କା ସ୍ଥିର ହୋଇ ଥିଲା । ଓଡ଼ିଶା ୧୮୩୦ ଖ୍ରୀଷ୍ଟାବ୍ଦରେ ଇଂରେଜ ଶାସନାଧୀନ ହେବାବେଳେ ରାଣୀ ସୁମିତ୍ରାଦେଈ ଭଞ୍ଜ ମୟୂରଭଞ୍ଜ ସିଂହାସନ ଅଳଂକୃତ କରିଥିଲେ । ସୁତରାଂ ଏ ସମୟରେ ମୟୂରଭଞ୍ଜ ସହିତ କୌଣସି ସନ୍ଧି ହୋଇ ନଥିଲା । ୧୮୧୧ ଖ୍ରୀଷ୍ଟାବ୍ଦରେ କେନ୍ଦୁଝର ବଂଶର ତ୍ରିବିକ୍ରମଭଞ୍ଜ ପୋଷ୍ୟପୁତ୍ର ହୋଇ ଉତ୍ତରାଧିକାରୀ ହେଲେ । ସେ ୧୮୧୨ ଓ ୧୮୧୫ ଖ୍ରୀଷ୍ଟାବ୍ଦରେ ଦୁଇଟି ଏକରାରନାମା ଲେଖି ଦେଇଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଯଦୁନାଥ ରାଜା ହେଲେ । ୧୮୨୯ ଖ୍ରୀ: ଅ: ରେ ତାଙ୍କ ସହିତ ସନ୍ଧି ହେଲା । ୧୮୬୭ ଖ୍ରୀ: ଅ ରେ ବାମନଘାଟି ସରକାର ନିଜ ଶାସନାଧୀନରେ ନେଇଥିଲେ । କାରଣ ତଦାନୀନ୍ତନ ରାଜା ଶାସନରେ ବିଶୃଙ୍ଖଳା କଲେ । ମାତ୍ର ୧୮୭୮ ଖ୍ରୀଷ୍ଟାବ୍ଦରେ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ ବାମନଘାଟି ଫେରି ପାଇଥିଲେ । କାରଣ ସେ ଜଣେ କ୍ଷମତାଶାଳୀ ଓ ବୁଦ୍ଧିମାନ୍ ଶାସନକର୍ତ୍ତା ଥିଲେ । କଟକ କଲେଜଏବଂ ସ୍କୁଲକୁ ସେ ୨୭୨୦୦ ଟଙ୍କା ଦାନ କରିଥିଲେ । ସେ ମହାରାଜା ବୋଲି ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲେ । ତାଙ୍କ ପୁତ୍ର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ୧୮୯୦ ଖ୍ରୀ. ଅ. ରେ ସିଂହାସନାରୋହଣ କରିଥିଲେ । ସେ ଉଚ୍ଚଦରର ଶିକ୍ଷିତ ରାଜା ଥିଲେ । ଏହାଙ୍କ ଶାସନରେ ରାଜ୍ୟର ବହୁତ ଉନ୍ନତି ହୋଇଥିଲା । ସେ ପାଶ୍ଚାତ୍ୟ ଦେଶମାନ ପର୍ଯ୍ୟଟନ କରି ବହୁତ ଅଭିଜ୍ଞତା ଲାଭ କରିଥିଲେ । ସରକାରଙ୍କ ଶାସନପ୍ରଣାଳୀ ଅନୁକରଣରେ ଏ ରାଜ୍ୟର ଶାସନପ୍ରଣାଳୀ ପରିଚାଳିତ । ଏ ରାଜ୍ୟର ଆୟ ୧୨୧୪୮୯୫ ଟଙ୍କା । ଏରାଜ୍ୟର ଗଚ୍ଛିତ ପାଣ୍ଠି ୧୧୬୭୭୦୦ ଟଙ୍କା ଏ ରାଜାଙ୍କ ସନ୍ତକ ମୟୂର ।

ନରସିଂହପୁର:—କ୍ଷେତ୍ରଫଳ ୧୯୯ ବର୍ଗମାଇଲ । ଉତ୍ତରରେ ପର୍ବତମାଳା ପୂର୍ବରେ ବାମଣ୍ଡା, ଦକ୍ଷିଣରେ ଓ ଦକ୍ଷିଣ ପଶ୍ଚିମରେ ମହାନଦୀ, ପଶ୍ଚିମରେ

ଦଶପଲ୍ଲା ଓ ଅନୁଗୁଳ । ୧୨୯୨ ଖ୍ରୀ: ଅ: ରେ ଧର୍ମସିଂହ ନାମକ ଜଣେ ବ୍ୟକ୍ତି ଏ ରାଜ୍ୟ ସ୍ଥାପନ କରିଥିଲେ । ପୂର୍ବେ ଏ ରାଜ୍ୟ ଦୁଇଜଣ କନ୍ଧଙ୍କ ଅଧୀନରେ ଥିଲା । ସେମାନଙ୍କ ନାମ ନରସିଂଗା ଓ ପର । ଏମାନଙ୍କ ନାମରୁ ରାଜ୍ୟର ନାମ ନରସିଂହପୁର ହେଲା । ରାଜ୍ୟର ସୀମା ହିନ୍ଦୋଳ, ବଡ଼ମ୍ବା ଓ ଦଶପଲ୍ଲା ରାଜାମାନଙ୍କଦ୍ୱାରା ଖଣ୍ଡିତ ହୋଇଥିଲା । ପୁରୀ ମହାରାଜା ନରସିଂହପୁରର ପଞ୍ଚଦଶ ରାଜାଙ୍କୁ 'ମାନସିଂହ ହରିଚନ୍ଦନ ମହାପାତ୍ର'' ପଦ ଦେଇଥିଲେ । ଏ ରାଜ୍ୟ ଓଡ଼ିଶା ରାଜାଙ୍କ ଅଧୀନରେ ଥିଲା । ଏ ରାଜବଂଶର ଉପାଧି ବର୍ତ୍ତିକ । ବାର୍ଷିକ ଆୟ ୬୬୦୦୦ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ୧୪୫୦ ଟଙ୍କା ।

ନୟାଗଡ଼:—କ୍ଷେତ୍ରଫଳ ୫୮୮ ବର୍ଗମାଇଲ । ଉତ୍ତରରେ ଖଣ୍ଡପଡ଼ା ଓ ପୁରୀ, ପୂର୍ବରେ ରଣପୁର, ଦକ୍ଷିଣରେ ପୁରୀ, ପଶ୍ଚିମରେ ଦଶପଲ୍ଲା ଓ ଗଞ୍ଜାମ । ମଧ୍ୟପ୍ରଦେଶର ରେୱା ଜିଲ୍ଲାର ସୂର୍ଯ୍ୟମଣି ସିଂହ ଏ ରାଜ୍ୟ ସ୍ଥାପନ କରିଥିଲେ । ଦେଶର ଲୋକମାନେ ତାଙ୍କୁ ରାଜା ମନୋନୀତ କରିଥିଲେ ଏବଂ ସେ ଗୋଟିଏ ମାଳିର କନ୍ୟାକୁ ବିବାହ ହୋଇଥିଲେ । ସେ ମାଳି ଗ୍ରାମଦେବତାଙ୍କ ସେବକ ଥିଲା ଏବଂ ବଗିଚା କାର୍ଯ୍ୟ କରୁଥିଲା । ସେ ସ୍ତ୍ରୀ ମରିଯିବାରୁ ସେ କ୍ଷତ୍ରିୟ ସ୍ତ୍ରୀ ବିବାହ କଲେ ଏବଂ ସେମାନଙ୍କ ବଂଶଧରମାନେ ବର୍ତ୍ତମାନ ରାଜତ୍ୱ କରୁଛନ୍ତି । ବାର୍ଷିକ ଆୟ ୧୪୦୪୬୮ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ୫୮୨୫ ଟଙ୍କା।

ନୀଳଗିରି:—କ୍ଷେତ୍ରଫଳ ୨୭୮ ବର୍ଗମାଇଲ । ଉତ୍ତରରେ ଏବଂ ପଶ୍ଚିମରେ ମୟୂରଭଞ୍ଜ, ପୂର୍ବରେ ଓ ଦକ୍ଷିଣରେ ବାଲେଶ୍ୱର । ୧୧୨୫ ଖ୍ରୀଷ୍ଟାବ୍ଦରେ ଛୋଟ ନାଗପୁରର ଦୁଇଟି ଭାଇ ଆସି ଏ ରାଜ୍ୟ ସ୍ଥାପନ କରିଥିଲେ । ମୋଗଲମାନଙ୍କ ସମୟରେ ରାଜସ୍ୱ ବାକି ହେବାରୁ କଳା ମଙ୍ଗଳପୁରପାଟଣା ଓ ତାଳମୁଣ୍ଡା ପୃଥକ୍ ତହସିଲ ହୋଇଥିଲା । ସୁତରାଂ ରାଜ୍ୟ ପରିମାଣ ଅନେକ ଊଣା ହୋଇ ଯାଇଥିଲା । ମରହଟ୍ଟାମାନଙ୍କ ସମୟରେ ମୁଖରା ଖେଜୁରୀ, ଅରମଳା, କୁଢ଼େଇ ଓ ବାଞ୍ଚାସ ପ୍ରଗନାମାନ ଏ ରାଜ୍ୟରୁ କାଟି କାଟି ସେମାନଙ୍କ ଜମିଦାରୀଭୁକ୍ତ କରିନେଲେ । ମୟୂରଭଞ୍ଜ ରାଜା ମଧ୍ୟ ଉତ୍ତର-ପଶ୍ଚିମ ସୀମାର କେତେକ ଅଂଶ ତାଙ୍କ ରାଜ୍ୟଭୁକ୍ତ କରିନେଲେ । ତ୍ରୟୋଦଶ ରାଜା ନାରାୟଣ ବୀରନ୍ତ ବିରାଟ ଭୁଜଙ୍ଗ ମାନଧାତା ଓଡ଼ିଶା ମହାରାଜାଙ୍କଠାରୁ ହରିଚନ୍ଦନ ପଦ ପାଇଥିଲେ । କାରଣ ସେ କଳାପାହାଡ଼ ଦୌରାତ୍ମ୍ୟରୁ ଓଡ଼ିଶା ମହାରାଜାଙ୍କ ଦ୍ୱାରା ନିର୍ମିତ ଉଦାରଚଣ୍ଡୀଙ୍କ ଦେଉଳ ରକ୍ଷା କରିଥିଲେ । ମୋଗଲମାନଙ୍କଠାରୁ ୧୬୨୧ ଖ୍ରୀଷ୍ଟାବ୍ଦରେ ମର୍ଦ୍ଦରାଜ ପଦ ପାଇଥିଲେ । ମରହଟ୍ଟାମାନେ ବିଂଶ ରାଜାଙ୍କୁ ଫତେସିଂହ ବାହାଦୁର

ପଦ ଦେଇଥିଲେ । ଯାମକୁଣ୍ଡି ଭୂୟାଁଙ୍କ ସହିତ ମରହଟ୍ଟାଙ୍କ ପକ୍ଷରେ ସାହାଯ୍ୟ କରି ଏ ପଦ ପାଇଥିଲେ । ବର୍ତ୍ତମାନ ମୟୂରଭଞ୍ଜର ଏକ ଭ୍ରାତା ପୋଷ୍ୟପୁତ୍ର ହୋଇ ଯାଇ ଏ ରାଜ୍ୟର ସିଂହାସନ ପାଇଛନ୍ତି ।

ପାଲଲହଡ଼ା:—କ୍ଷେତ୍ରଫଳ ୪୫୨ ବର୍ଗମାଇଲ । ଉତ୍ତରରେ ବଣେଇ, ପୂର୍ବରେ କେନ୍ଦୁଝର, ଦକ୍ଷିଣରେ ତାଳଚେର, ପଶ୍ଚିମରେ ବାମଣ୍ଡା । ପ୍ରଧାନ ପର୍ବତ ମଳୟଗିରି ୩୮୯୫ ଫୁଟ ଉଚ୍ଚ । ଧାରାନଗରରେ ସନ୍ତୋଷପାଳ ଅଷ୍ଟାଦଶ ଶତାବ୍ଦୀ ପୂର୍ବେ ଏ ରାଜ୍ୟ ସ୍ଥାପନ କରିଥିଲେ । ପ୍ରଥମେ ଏ ରାଜ୍ୟରେ ୧୯ ଗୋଟି ଗ୍ରାମ ଥିଲା । ମାତ୍ର ତାଳଚେର, ଢେଙ୍କାନାଳ ଓ କେନ୍ଦୁଝର ରାଜାମାନେ ବଳପୂର୍ବକ ୮୩୧ ଗ୍ରାମ ନେଇଗଲେ । ବର୍ତ୍ତମାନ କେବଳ ୬୭ ଗ୍ରାମର ପରିମାଣ ୪୫୨ ବର୍ଗମାଇଲ । ଏମାନେ ପ୍ରଥମେ ଜମିଦାର ଥିଲେ । କେନ୍ଦୁଝର ମେଳି ବେଳେ ସରକାରଙ୍କୁ ସାହାଯ୍ୟ ଦେଇ ରାଜା ପଦ ପାଇଥିଲେ ଏବଂ ୧୦୭୪ ଖ୍ରୀଷ୍ଟାବ୍ଦରେ ପୁରୁଷାନୁକ୍ରମେ ରାଜା ପଦ ପାଇଲେ । ପ୍ରବାଦ ଅଛି ଯେ ସନ୍ତୋଷପାଳ ପୁରୀକୁ ଆସିଥିଲେ, ଫେରିଗଲାବେଳେ ଶବର, କନ୍ଧ, ମହାର, ଇତ୍ୟାଦିମାନେ ତାଙ୍କୁ ରାଜପଦରେ ବରଣ କଲେ । ସେମାନଙ୍କ ଅନ୍ତର୍ବିବାଦ ଦମନ କରି ସେମାନଙ୍କୁ ଅଧୀନ କରାଇଲେ । ସେ ପାଲ ବା କୁଟା ଭିତରେ ଲୁଚି ଯୁଦ୍ଧ କରିଥିଲେ ବୋଲି ତାଙ୍କ ପଦ 'ପାଲ ହେଲା । ୧୭୬୮ ଖ୍ରୀଷ୍ଟାବ୍ଦରେ ମଣିପାଲ ଅପ୍ରାପ୍ତବୟସ୍କ ହୋଇଥିଲେ । ତାଙ୍କ ମାତା ଓ ଅନୁଚର ଅନ୍ତର ଭ୍ରାତା ନନ୍ଦପାଳମାନେ ୫ ବର୍ଷ ଶାସନ କଲେ । ଅନ୍ନପୂର୍ଣ୍ଣା ୧୮୧୨ ଖ୍ରୀଷ୍ଟାବ୍ଦରେ ମଲେ । ସେ ୧୮୨୫ ଖ୍ରୀଷ୍ଟାବ୍ଦରେ ମଲେ ପାଲଲହଡ଼ା ଲୋକମାନେ କେନ୍ଦୁଝରର ଅଧିନତା ଅସ୍ୱୀକାର କଲେ ଏବଂ କର୍ଣ୍ଣେଲ ଗିଲ୍‌ବର୍ଟଙ୍କଠାରେ ଦରଖାସ୍ତ କରିବାରୁ ତାଙ୍କ ହୁକୁମ ଅନୁସାରେ ପାଲଲହଡ଼ା ପୃଥକ୍ ହେଲା ଏବଂ ଲୋକମାନେ ତାଙ୍କର ରାଜା ମନୋନୀତ କଲେ । ସେମାନେ ବୈଦ୍ୟନାଥପାଲଙ୍କୁ ମନୋନୀତ କଲେ । ଏ ରାଜାଙ୍କ ସଙ୍କେତ ସର୍ପ । ବାର୍ଷିକ ଆୟ ୩୮୦୦୦ ଟଙ୍କା । ବାର୍ଷିକ ରାଜସ୍ୱ ୨୬୭ ଟଙ୍କା ।

ପାଟଣା:—କ୍ଷେତ୍ରଫଳ ୨୩୯୯ ବର୍ଗମାଇଲ । ଉତ୍ତରରେ ବୃତ୍ତାସମ୍ବର, ପୂର୍ବରେ ସୋନପୁର, ପଶ୍ଚିମରେ ଖଡ଼ିଆଲ, ଦକ୍ଷିଣରେ କଳାହାଣ୍ଡି । ପୂର୍ବେ ପାଟଣା ସର୍ବାପେକ୍ଷା ପ୍ରଧାନ ରାଜ୍ୟ ଥିଲା ଏବଂ ଅଠର ଗଡ଼ଜାତ ମଧ୍ୟରେ ମଧ୍ୟ ପ୍ରଧାନ ଥିଲା । ୬୦୦ ବର୍ଷ ପୂର୍ବେ ରମେଇଦେବ ଗାଦୀରେ ବସିଥିଲେ । ପାଟଣାର ପ୍ରସ୍ତରଖୋଦିତ ଲିପିରୁ ଜଣାଯାଏ ଯେ ୧୨୫୩ ଶକାବ୍ଦରେ ପାଟଣାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଚୌହାନମାନଙ୍କ ପୂର୍ବେ ସୂର୍ଯ୍ୟବଂଶୀୟ ରାଜାମାନେ ରାଜତ୍ୱ

କରୁଥିଲେ । ଶାଳେଭଟ୍ଟରେ ବରଣ୍ଡିନାଗସ୍ୱଷଙ୍କ ଦେଉଳ ଅଛି । ଏ ବଡ଼ ପ୍ରାଚୀନ ଦେଉଳ । ଦେଉଳଟିର ଗଠନ ସୋନପୁରର ବୈଦ୍ୟନାଥଙ୍କ ଦେଉଳ ପରି । ବୈଦ୍ୟନାଥଙ୍କ ଦେଉଳ ସୂର୍ଯ୍ୟବଂଶୀୟ ରଜାଙ୍କଦ୍ୱାରା ନିର୍ମିତ ହୋଇଥିବା ସମ୍ବନ୍ଧେ ଉତ୍ତମ ପ୍ରମାଣ ଅଛି । ରାଣୀପୁରଝରିଆରେ ଯେଉଁ ପ୍ରାଚୀନ ଦେଉଳ ଅଛି ସେଥିରେ ସୋମେଶ୍ୱରଙ୍କ ନାମ ଉଲ୍ଲେଖ ଅଛି । ବସ୍ତର ରାଜ୍ୟରେ ଏପରି ଖୋଦିତ ଲିପି ମିଳେ । ସୁତରାଂ ଜଣାଯାଏ ଯେ ବସ୍ତର ଓ ପାଟଣାର ଦକ୍ଷିଣାଂଶ ଏକ ରାଜା ଅଧୀନରେ ଥିଲା । ପ୍ରମାଣ ମିଳେ ଯେ ପାଟଣା କେତେ ବର୍ଷ ପୂର୍ବେ ଭିକାରାପଟମ ରାଜାଙ୍କ ଅଧୀନରେ ଥିଲା । କନ୍ଧମାନେ କହନ୍ତି, ସେମାନଙ୍କ ପିତୃପିତାମହମାନେ କଳିଙ୍ଗ ରାଜାଙ୍କୁ କର ଦେଉଥିଲେ । କେତେ ତାମ୍ରଶାସନରୁ ଜଣାଯାଏ ଯେ ପାଟଣାର ବକଣ୍ଡ ଗ୍ରାମ ଭିକାରପଟମର ରାଜା ଦାନ କରିଥିଲେ । ଭୋଜବଂଶୀୟ ରାଜାମାନେ ପାଟଣାରେ ରାଜତ୍ୱ କରିଥିବାର କଥିତ ହୁଏ । ପାଟଣାଗଡ଼ର ପୁଷ୍କରିଣୀ ନାମ ଭବସାଗର । ବୋଧହୁଏ ଭୋଜସାଗରର ଅପଭ୍ରଂଶ । ଚୌହାନ ରାଜତ୍ୱ ପୂର୍ବେ ପାଟଣା ଆଠମଲ୍ଲିକ ପ୍ରଣାଳୀରେ ଶାସିତ ହେଉଥିଲା । ଆଠଜଣ ଜମିଦାର ଅଧ୍ୟକ୍ଷ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଲେଖାଏଁ ପୂର୍ଣ୍ଣ କ୍ଷମତା ପ୍ରକାଶ କରୁଥିଲେ । ପ୍ରତ୍ୟେକ ଗୋଟିଏ ଲେଖାଏ ଗଡ଼ର ଅଧିକାରୀ ଥିଲେ । ଏ ପ୍ରଥା ପରେ ରମେଇଦେବଙ୍କ ରାଜତ୍ୱ । କଥିତ ହୁଏ ଯେ ହମ୍ବିରଦେବ ସମ୍ବଲଗଡ଼ରୁ ପଳାଇଆସି ଖଡ଼ିଆଳର ମାଣିକଗଡ଼ରେ ଅବସ୍ଥିତ ହେଲେ । ପରେ ଯୁଦ୍ଧକୁ ଯିବା ପୂର୍ବରୁ ସେ ତାଙ୍କ ରାଣୀଙ୍କଠାରୁ ବିଦାୟ ନେଲେ ଏବଂ ସେ କହିଗଲେ, 'ପାରା ଫେରି ଆସିଲେ ମୁଁ ମୃତ ବୋଲି ଜାଣିବ' । ଯେତେବେଳେ ପାରା ଫେରି ଆସିଲା, ରାଣୀ ଜାଣିଲେ ଯେ ରାଜା ମୃତ । ଛ'ଜଣ ରାଣୀ ରାମଦର ନାମକ ପୁଷ୍କରିଣୀରେ ବୁଡ଼ିମଲେ । ପାଟଣା ରାଜ୍ୟର ଉତ୍ତରରେ ନରସିଂହନାଥ ନିକଟରେ ଏହି ପୁଷ୍କରିଣୀ । ଅନ୍ୟ ରାଣୀ ଜଣକ ରାମୁଦ ଜଙ୍ଗଲ ନିକଟରେ ବୁଲୁଥିବାର ଦେଖାଗଲେ । ଏ ଜଙ୍ଗଲ ଖଡ଼ିଆଳ ଓ ପାଟଣା ନିକଟରେ । ଜଣେ ବିଂଝାଲ ତାଙ୍କୁ ରକ୍ଷାକଲା । କାଳକ୍ରମେ ତାଙ୍କଠାରୁ ଗୋଟିଏ ପୁତ୍ର ଜାତହେଲା— ରମାଇଦେବ । ଏହି ରମାଇଦେବ ଅନ୍ୟ ସାତ ମଲ୍ଲିକଙ୍କୁ ବଧକଲେ ଏବଂ ସ୍ୱୟଂ ପ୍ରଧାନ ମଲ୍ଲିକ ହୋଇ ଚୌହାନ ବଂଶର ଶାସନ ଆରମ୍ଭ କଲେ । ପାଟଣାର ତଦାନୀନ୍ତନ ରାଜା ରମେଇଙ୍କୁ ପୋଷ୍ୟପୁତ୍ର କଲେ ଏବଂ ରାଜ୍ୟ ଦେଲେ । ସେ ତଦାନୀନ୍ତନ ପୁରୀ ରାଜାଙ୍କ କନ୍ୟା ସହିତ ବିବାହ ହୋଇ ଆପଣାର କ୍ଷମତା ବଜାଏ ରଖି ପାରିଥିଲେ । ରମେଇଦେବ ଓ ବଇଜଳଦେବ—୨ ଅର୍ଥାତ୍ ଦଶମ ମହାରାଜାଙ୍କ ରାଜତ୍ୱ ମଧ୍ୟରେ, ପ୍ରାୟ ୩୦୦ ବର୍ଷ ମଧ୍ୟରେ ଅନେକ ରାଜ୍ୟ ପାଟଣା ସହିତ ଯୋଗଦେଇ ପାଟଣାର ଆକାର ବୃଦ୍ଧିହେଲା । ଖଡ଼ିଆଳ ଓ ବିନ୍ଦ୍ରାନୂଆଗଡ଼ର

ପଶ୍ଚିମ ଦିଗରେ, ଫୁଲଝର, ଶରଣିଗଡର ଉତ୍ତରରେ, ବଣେଇ, ଗାଙ୍ଗପୁର, ବାମଣ୍ଡାର ଉତ୍ତର-ପୂର୍ବରେ । ଏ ସମସ୍ତ କରଦାୟୀ ହୋଇ ଅଧୀନ ହେଲେ । ରେଢ଼ାଖୋଲ ଓ ମହାନଦୀର ପଶ୍ଚିମ ତରଫରୁ କେତେକ ଅଂଶ ପାଟଣା ସହିତ ଯୋଗ ହେଲା । ଫୁଲଝରରେ ଗୋଟିଏ ଦୁର୍ଗ ନିର୍ମିତ ହେଲା ମହାନଦୀର ବାମ-ପାର୍ଶ୍ୱରେ । ଚନ୍ଦ୍ରପୁର, ବଲପୂର୍ବକ ରତନପୁର ରାଜାଙ୍କଠାରୁ ନେଇଗଲେ । ଦ୍ୱାଦଶ ହୀରା ନରସିଂହଦେବ ଅଙ୍ଗନଦୀର ଉତ୍ତର-ତରଫର ରାଜ୍ୟକୁ ସାନଭାଇ ବଲରାମଦେବଙ୍କୁ ଦେଇଥିଲେ । ବଲରାମ ସମ୍ବଲପୁର ରାଜ୍ୟ ସ୍ଥାପନ କରି, ଅନ୍ୟାନ୍ୟ ରାଜ୍ୟ ଯୋଗ କରି ଏକ କ୍ଷମତାଶାଳୀ ରାଜା ହେଲେ ଏବଂ କ୍ରମେ ପାଟଣାର କ୍ଷମତା ହ୍ରାସ ହେଲା ।

ରାଜପୁତାନାରେ ଶମ୍ଭର ରାଜପୁତବଂଶୀୟ ଚୌହାନମାନଙ୍କର ପ୍ରଧାନ ବାସସ୍ଥାନ ଥିଲା ଏବଂ ମଧ୍ୟ ପ୍ରଦେଶର ମଣିପୁର ମଧ୍ୟ ସେହିପରି ପ୍ରଧାନସ୍ଥାନ ଥିଲା । ପାଟଣା ରାଜବଂଶର "କୋଶଲାନନ୍ଦ" ନାମକ ଇତିହାସ ଅଛି । ସେଥିରୁ ଜଣାଯାଏ ବଇଜଲଦେବ ଅର୍ଥାତ୍ ରମେଇଦେବଙ୍କ ପରେ ତୃତୀୟ ରାଜା ବଡ଼ କ୍ଷମତାଶାଳୀ ଥିଲେ ଏବଂ ତାଙ୍କ ରାଜ୍ୟ ବହୁଦୂର ବିସ୍ତାର କରିଥିଲେ । ସେ ଓଡ଼ିଶାର ରାମଚନ୍ଦ୍ର ଓ ମହାଲିଙ୍ଗ ଗଜପତିମାନଙ୍କ ସହିତ ୬ ବର୍ଷ ଯୁଦ୍ଧ କରିଥିଲେ । ବାମଣ୍ଡା ୧୬ ଘର ହାତୀ କରସ୍ୱରୂପ ଦେଲେ । ଗାଙ୍ଗପୁର, ବଣାଇ ଓ ଅନ୍ୟାନ୍ୟ ନିକଟବର୍ତ୍ତୀ ରାଜାମାନେ ବିନାଯୁଦ୍ଧରେ ବଶ୍ୟତା ସ୍ୱୀକାର କରିଥିଲେ । କଥିତ ହୁଏ ୬୨ ରାଜା ବଇଜଲଦେବଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ଢେଙ୍କାନାଳ ପରାଜିତ ହୋଇଥିଲା । ସେ ସୋନପୁର ସୁବର୍ଣ୍ଣେଶ୍ୱର ମହାଦେବଙ୍କ ଦେଉଳ ତୋଳାଇ ଥିଲେ । ପ୍ରଥମ ବଇଜଲଦେବଙ୍କ ଉତ୍ତରାଧିକାରୀ ବଚ୍ଛରାଜଦେବ ଓଡ଼ିଶା ରାଜାଙ୍କଦ୍ୱାରା ପରାସ୍ତ ହେଲେ । ପର ଛଅ ରାଜାଙ୍କ ରାଜତ୍ୱବେଳେ କୌଣସି ବିଶେଷ ଘଟଣା ଘଟିନାହିଁ । ରାଜା ଭଞ୍ଜନ ହୀରାଧରଦେବଙ୍କୁ ପୁରୀର ଗଜପତି ଡକାଇ ନେଇ ୧୦ ମାସ କଏଦ କରିଥିଲେ । ହୀରାଧର ପରେ ଓଡ଼ିଶା ଆକ୍ରମଣ କରି ରାମଚନ୍ଦ୍ରଦେବଙ୍କୁ ପରାସ୍ତ କଲେ ଏବଂ ଅବଶେଷରେ ସନ୍ଧିସୂତ୍ରରେ ଆବଦ୍ଧ ହେଲେ ।

ଏହି ସମୟରେ ବସ୍ତର ସଙ୍ଗେ ଯୁଦ୍ଧ ହେଲା । ବସ୍ତର ରାଜା କଏଦ ହେଲେ ଏବଂ ମଲେ । ତାଙ୍କ ଭାଇ ବସ୍ତର ଗାଦିରେ ବସିଲେ ଏବଂ ବାର୍ଷିକ ୩,୦୦୦ ଟଙ୍କା ରାଜସ୍ୱ ଦେବାପାଇଁ ସ୍ୱୀକାର କଲେ । ଇତିମଧ୍ୟରେ ପାଟଣା ମହାରାଜା ଓଡ଼ିଶା ଗଜପତି ମୁକୁନ୍ଦଦେବଙ୍କ ଭଉଣୀକି ବିବାହ ହେଲେ ।

ଚଉବିଂଶତ ମହାରାଜା ଭୂପାଳଦେବ ସାନଭାଇ ଯୁବରାଜ ସିଂହଙ୍କୁ ଜରାସିଙ୍ଗା ଜମିଦାରୀ ଖୋରାକ ପୋଷାକ ପାଇଁ ଦେଲେ । ଛଅ ପୁଅଙ୍କୁ ଆଗଲପୁର ଜମିଦାରୀ ଖୋରାକ ପୋଷାକ ପାଇଁ ଦେଲେ । ୧୭୫୫ ଖ୍ରୀଷ୍ଟାବ୍ଦରେ ପାଟଣା ରାଜ୍ୟ ନାଗପୁରର ମରହଟ୍ଟାମାନଙ୍କ ଅଧୀନ ହେଲା । ମାତ୍ର ୧୮୦୩ ଖ୍ରୀଷ୍ଟାବ୍ଦର ସନ୍ଧିବେଳେ ରଘୁଜୀ ଭୋଁସଲା ଇଂରେଜ ସରକାରଙ୍କୁ ଛାଡ଼ିଦେଲେ । ୧୮୦୬ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ପୁଣି ଏ ରାଜ୍ୟ ଫେରିପାଇଲେ ଏବଂ ୧୮୧୮ ଖ୍ରୀଷ୍ଟାବ୍ଦରେ ପୁଣି ଇଂରେଜମାନଙ୍କ ହସ୍ତଗତ ହେଲା । ଏହି ସମୟରେ ଅନେକ ଅଧୀନ ରାଜା ପାଟଣାରୁ ପୃଥକ୍ ହୋଇ ସ୍ୱାଧୀନ ହେଲେ । ୧୮୬୩ ଓ ୧୮୬୬ ଖ୍ରୀଷ୍ଟାବ୍ଦରେ ପାଟଣା ଫିଉଡେଟରି ଷ୍ଟେଟ ହେଲା । ମହାରାଜା ହୀରାବଜ୍ରଦେବ ୧୮୬୬ ଖ୍ରୀଷ୍ଟାବ୍ଦରେ ମଲେ । ୧୮୭୧ ଖ୍ରୀଷ୍ଟାବ୍ଦରେ କାନ୍ଧ ମେଳି ହେଲା । ମେଳି ଷ୍ଟକତ ହେଲା, କିନ୍ତୁ ବିଶ୍ୱାସ ହେଲା ଯେ, ଲାଲ ବିଶ୍ୱନାଥସିଂହଙ୍କ ଦୌରାତ୍ମ୍ୟରୁ ଅନେକ ଲୋକ ମଲେ । ସୁତରାଂ ସେ ଓ ରାଜା ଗାଦିଚ୍ୟୁତ ହେଲେ ଏବଂ ୧୮୭୧ ଖ୍ରୀଷ୍ଟାବ୍ଦରେ ରାଜ୍ୟ କୋର୍ଟ୍ ଅଫ ଓ୍ୱାର୍ଡ଼ସ ଅଧୀନ ହେଲା । ମହାରାଜା ପ୍ରତାପଦେବ ଅପୁତ୍ରିକ ହୋଇ ମଲେ । ତାଙ୍କ ଭାଇ ରାମଚନ୍ଦ୍ର ସିଂହ ଦେବ ରାଜା ହେଲେ । ସେ ଅପୁତ୍ରିକ ହୋଇ ମଲେ । ତାଙ୍କ ଦାଦା ମହାରାଜା ଦଲଗଞ୍ଜନସିଂହ ରାଜା ହେଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ପାଟଣା ଓଡ଼ିଶା ସହିତ ଯୋଗହେଲା । ରାଜ୍ୟର ବାର୍ଷିକ ଆୟ ୨୨୯୩୭୮ ଟଙ୍କା । ଦେୟ ରାଜସ୍ୱ ବାର୍ଷିକ ୧୩୦୦୦ ଟଙ୍କା ।

ରେଢ଼ାଖୋଲ:—କ୍ଷେତ୍ରଫଳ ୮୩୩ ବର୍ଗମାଇଲ । ଉତ୍ତରରେ ବାମଣ୍ଡା, ପୂର୍ବରେ ଆଠମଲ୍ଲିକ ଓ ଅନୁଗୁଳ, ପଶ୍ଚିମରେ ସମ୍ବଲପୁର ଓ ଦକ୍ଷିଣରେ ସୋନପୁର । ରେଢ଼ାଖୋଲ ସମ୍ବଲପୁରର ଅଧୀନ ଜମିଦାରୀ ଥିଲା, ପରେ ସ୍ୱାଧୀନ ହେଲା । ସନ୍ତକ ଶଙ୍ଖପଦ୍ମ । ବାର୍ଷିକ ଆୟ ୨୧୩୫୪ ଟଙ୍କା, ଦେୟ ରାଜସ୍ୱ ବର୍ଷକୁ ୨୦୦୦ ଟଙ୍କା ।

ରଣପୁର:—କ୍ଷେତ୍ରଫଳ ୯୨୦୩ ବର୍ଗମାଇଲ । ଉତ୍ତର ପୂର୍ବ ଓ ଦକ୍ଷିଣରେ ପୁରୀ ଜିଲ୍ଲା, ପଶ୍ଚିମରେ ନୟାଗଡ଼ । ରଣପୁରର ରାଜବଂଶ ଅତି ପ୍ରାଚୀନ ବୋଲି କଥିତ ହୁଏ । ରାଜବଂଶାବଳୀରୁ ଜଣାଯାଏ ଏମାନେ ୩୬୦୦ ବର୍ଷ ହେଲା ରାଜତ୍ୱ କରି ଆସୁଅଛନ୍ତି । ବେଣୁ ରାଜବଂଶର ବିଶ୍ୱାବସୁ ଓ ବିଶ୍ୱବାସବ ନାମକ ଦୁଇ ଭ୍ରାତା ନୀଳଗିରି ପାହାଡ଼ରେ ବାସ କରୁଥିଲେ । ମାତ୍ର ସେମାନେ ସେଠାରୁ ତାଡ଼ିତ ହେଲେ । ବିଶ୍ୱବାସବ କେତେ ଜଣ ସଙ୍ଗୀ ନେଇ ପଳାୟନ କଲେ ଏବଂ ମଣିନାଗ ପାହାଡ଼ରେ ବାସକଲେ । ଏଠାର ଭୂୟାଁମାନଙ୍କୁ କ୍ରମେ

ଜୟକର ଏଠାରେ ଆବର୍ତ୍ତିତ କଲେ । ଦିନେ ବିଶ୍ୱବାସକ ଅରଣ୍ୟରେ ଭ୍ରମଣ କରୁଥିବା ସମୟରେ ଗୋଟିଏ ଠାକୁରାଣୀ ମୂର୍ତ୍ତି ପାଇ ମଣିନାଗ ପର୍ବତକୁ ନେଲେ ଏବଂ ସେଠାରେ ପୂଜା କଲେ । ଠାକୁରାଣୀ ସନ୍ତୁଷ୍ଟ ହୋଇ ସ୍ୱପ୍ନରେ ବର ଦେଲେ ଏବଂ କହିଲେ, "ପୁତ୍ର ! ସମୟରେ ଏ ରାଜ୍ୟ ରଣାପୁରର ଥିଲା, ମାତ୍ର ତୁ ବର୍ତ୍ତମାନ ଏଠାରେ ରହ ଏବଂ ପର୍ବତର ପୂର୍ବଦିଗରେ ଗ୍ରାମ ସ୍ଥାପନ କର ।" ବିଶ୍ୱବାସବ ତଦନୁସାରେ ଗ୍ରାମ ବସାଇ ରଣପୁର ନାମ ଦେଲେ । କପିଳସଂହିତାରେ ଉଲ୍ଲେଖ ଅଛି ଯେ କଳି ପ୍ରାରମ୍ଭରୁ ୧୧୭୪ ବର୍ଷ ପରେ ଏ ରାଜ୍ୟ ସ୍ଥାପିତ ହୋଇଥିଲା । ପ୍ରଥମରେ ଏହାର ସୀମା ନିମ୍ନଲିଖିତମତେ ଥିଲା—ଦକ୍ଷିଣରେ ବୋଇତ ପାହାଡ ଓ ହଲଦୀ ନଦୀ, ପଶ୍ଚିମରେ କୁସୁମ ନଦୀ ଉତ୍ତରରେ ହଡ଼ା ନଦୀ ପୂର୍ବରେ କଣ୍ଠେଇ ନାଳ ଓ ଚମ୍ପାଭୂଇଁ ପାହାଡ । କଥିତ ହୁଏ, ଏ ରାଜ୍ୟର କ୍ଷେତ୍ରଫଳ ପୂର୍ବେ ଅଧିକ ଥିଲା । ଏକ ସମୟରେ ପୂର୍ବସୀମା ଦୟାନଦୀ, ଉତ୍ତରସୀମା ବାଙ୍କି ଏବଂ ଦକ୍ଷିଣସୀମା ଚିଲିକା ହ୍ରଦ ଥିଲା । ଜଣେ ମରିଗଲେ ତାଙ୍କର ଗୋଟିଏ ସମାଧି ମନ୍ଦିର ନିର୍ମିତ ହୁଏ । ପ୍ରଥମ ୫୪ ଜଣ ରାଜା ୧୭୦୩ ବର୍ଷ ରାଜତ୍ୱ କରିଥିଲେ । ରାଜା ଅନନ୍ତ ସିଂହଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ହରିହର ସିଂହ ୧୭ ଖ୍ରୀଷ୍ଟାବ୍ଦରେ ଗାଦୀରେ ବସିଲେ । ନିଧିସିଂହ ୮୫ ରାଜା । ବଉଦ ରାଜା ଅର୍ଜୁନ ଭଞ୍ଜ ତାଙ୍କୁ ପରାଜୟ କରି ରଣପୁରଜୟ କଲେ । ତାଙ୍କ ପୁତ୍ର ପିତାମ୍ବର ସିଂହ ରାଜ୍ୟ ଫେରି ପାଇଲେ ଏବଂ ରଣପୁରରେ ରାଜା ହେଲେ । ସେ ୪୦ ବର୍ଷ ରାଜତ୍ୱ ପରେ ୧୧୦୮ ଖ୍ରୀଷ୍ଟାବ୍ଦରେ ମଲେ । ଦ୍ୱାଦଶ ଶତାବ୍ଦୀରେଓଡ଼ିଶା ରାଜା ଅନଙ୍ଗଭୀମଦେବ ତାଙ୍କୁ 'ନରେନ୍ଦ୍ର' ପଦ ଦେଲେ ଏବଂ ସେ ସାମନ୍ତ ରାଜାଙ୍କ ମଧ୍ୟରେ ଗଣ୍ୟ ହେଲେ । କାରଣ ସେ ଯୁଦ୍ଧରେ ବିଶେଷ ପରାକ୍ରମ ଦେଖାଇଥିଲେ । ସେହି ସମୟରୁ ରଣପୁର ରାଜା 'ନରେନ୍ଦ୍ର' ପଦ ପାଇ ଆସୁଛନ୍ତି । ୧୪୩୭ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ନରେନ୍ଦ୍ର ଗାଦୀରେ ବସିଲେ । ସେ ୧୬ ରାଜା ଥିଲେ । ସେ ବଡ଼ ଜ୍ୟୋତିର୍ବେତ୍ତା ଥିଲେ । ତାଙ୍କ ପୁତ୍ର ୪୯ ବର୍ଷ ରାଜତ୍ୱ କରିଥିଲେ ଏବଂ ୧୫୨୫ ଖ୍ରୀଷ୍ଟାବ୍ଦରେ ମଲେ । ତାଙ୍କ ପୁତ୍ର ବନମାଳୀ ନରେନ୍ଦ୍ର ରାଜା ହେଲେ । ସେ ଶିଳ୍ପକାର୍ଯ୍ୟରେ ବଡ଼ ଦକ୍ଷ ଥିଲେ । ଏବଂ ତାଙ୍କ ହସ୍ତନିର୍ମିତ ପ୍ରସ୍ତର ମୂର୍ତ୍ତି ରାଜ୍ୟର ନାନା ସ୍ଥାନରେ ଦେଖାଯାଏ । ରାମଚନ୍ଦ୍ର ନରେନ୍ଦ୍ର ଖ୍ରୀଷ୍ଟାବ୍ଦ ୧୬୯୨ ଠାରୁ ୧୭୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱ ବେଳେ ଖୋର୍ଦ୍ଧାର ଅନେକ ମୁସଲମାନ ପ୍ରଜା ମୁସଲମାନମାନଙ୍କ ଅତ୍ୟାଚାରରୁ ପଳାଇ ଯାଇ ରଣପୁରରେ ଆଶ୍ରୟ ନେଲେ । ତାଙ୍କ ପରେ ସାରଙ୍ଗଧର ବଜ୍ରଧର ନରେନ୍ଦ୍ର ରାଜା ହେଲେ । ସେ ୧୭୨୭—୧୭୫୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ । ତାଙ୍କ ରାଜତ୍ୱ ସମୟରେ ମରହଟ୍ଟାମାନେ

ଓଡ଼ଗାଁ ଅଧିକାର କଲେ । ସାରଙ୍ଗଧର ମହାନଦୀ କୂଳରେ ରଘୁଜୀ ଭୋଁସଲାଙ୍କ ସହିତ ସାକ୍ଷାତ କଲେ ଏବଂ କଥିତ ହୁଏ ଆପଣା ବଳ ଦେଖାଇବା ଉଦ୍ଦେଶ୍ୟରେ ଆଖୁ ଗଛଦ୍ୱାରା ଗୋଟିଏ ମହିଷ ମାରିପକାଇଲେ । ସୁତରାଂ ରଘୁଜୀ ପ୍ରୀତ ହୋଇ 'ବଜ୍ରଧର' ଉପାଧି ଦେଲେ । ରାଜା କୃଷ୍ଣଚନ୍ଦ୍ର ସିଂହ ଦେବ ଙ୍କରବର ବଜ୍ରଧର ନରେନ୍ଦ୍ର ମହାପାତ୍ର ୧୮୯୯ ଖ୍ରୀଷ୍ଟାବ୍ଦରେ ଗାଦୀରେ ବସିଲେ । ରାଜବଂଶର ଚିହ୍ନକ ତରବାରି । ଉପାଧି ବଜ୍ରଧର ନରେନ୍ଦ୍ର । ରାଜ୍ୟର ବାର୍ଷିକ ଆୟ ୫୪୦୦୦ ଟଙ୍କା ଏବଂ ବାର୍ଷିକ ଦେୟ ରାଜସ୍ୱ ୧୪୦୧ ଟଙ୍କା ।

ତାଳଚେର:—କ୍ଷେତ୍ରଫଳ ୩୯୯ ବର୍ଗମାଇଲ । ଉତ୍ତରରେ ବାମଣ୍ଡା ଏବଂ ପାଲଲହଡ଼ା, ପୂର୍ବରେ ଢେଙ୍କାନାଳ, ଦକ୍ଷିଣରେ ଓ ପଶ୍ଚିମରେ ଅନୁଗୁଳ । ପ୍ରଧାନ ନଦୀ ବ୍ରାହ୍ମଣୀ । କିମ୍ବଦନ୍ତୀ ଅଛି ଯେ ଜୟପୁର ରାଜାଙ୍କ ଦୁଇ ପୁତ୍ର ଜଗନ୍ନାଥ ଦର୍ଶନ ଲାଗି ପୁରୀ ଆସିଥିଲେ । ସେମାନେ ସୂର୍ଯ୍ୟବଂଶୀ ଓ ରାଣା ଠାକୁରଙ୍କ ବଂଶ ବୋଲି ବଡ଼ ଗର୍ବ କରୁଥିଲେ ଏବଂ ସେହିହେତୁ ପୁରୀ ରାଜାଙ୍କୁ ଦଣ୍ଡବତ କଲେନାହିଁ । ପୁରୀ ରାଜା ସେମାନଙ୍କୁ ଜଗନ୍ନାଥ ଦର୍ଶନ କରିବାକୁ ଦେଲେ ନାହିଁ ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ନିହତ ହେଲେ । ଅନ୍ୟ ଦୁଇ ଭାଇ ପଳାୟନ କରି ଢେଙ୍କାନାଳର ନାଧରାରେ ରହିଲେ ଏବଂ ସେଠାରେ ଦୁର୍ଗନଗରୀ ନାମକ ଦୁର୍ଗ ନିର୍ମାଣ କଲେ; ସେମାନେ ଦୁର୍ଗ ନିକଟରେ ଗୋଟିଏ ଦେଉଳ ନିର୍ମାଣ କଲେ ଏବଂ ସେଠାରେ ରାମଚଣ୍ଡୀ ଠାକୁରାଣୀଙ୍କର ପ୍ରତିଷ୍ଠା କଲେ । ଏ ଠାକୁରାଣୀ ଢେଙ୍କାନାଳରେ ଅଛନ୍ତି । ରାଜ୍ୟ ବସିଲାବେଳେ ଉତ୍ତରସୀମା ବାମଣ୍ଡାର ଗଙ୍ଗାନାଳ ପର୍ଯ୍ୟନ୍ତ ଥିଲା । ଦକ୍ଷିଣସୀମା ଢେଙ୍କାନାଳର କାମଲାଙ୍ଗ ପର୍ଯ୍ୟନ୍ତ ଥିଲା । ପୂର୍ବରେ ଢେଙ୍କାନାଳର ଆଲଟମା ପର୍ଯ୍ୟନ୍ତ ଥିଲା, ପଶ୍ଚିମସୀମା ବାମଣ୍ଡା ଓ ଅନୁଗୁଳ ପର୍ଯ୍ୟନ୍ତ ଥିଲା । ଗୁରୀ ରାଜା ତାଳଚେର ରାଜାଙ୍କ ସହିତ ଯୁଦ୍ଧ କରି ଜୟୀ ହେଲେ ଏବଂ ନାଧରା ରାମଚଣ୍ଡୀ, ପରଜଙ୍ଗ, ପଲାଶୁଣୀ ଓ ସୁବଳୟା ଅଧିକାର କରି ଢେଙ୍କାନାଳ ରାଜାଙ୍କୁ ଅର୍ପଣ କଲେ । ଗାଙ୍ଗନାଳ ବାମଣ୍ଡା ରାଜା ନେଇଗଲେ ।

ଏ ରାଜବଂଶ ସୋନପୁର ରାଜ୍ୟର ସୁବଳୟା ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ, ମାତ୍ର କାଳକ୍ରମେ ସେଠାରୁ ବିତାଡ଼ିତ ହେଲେ । କିମ୍ବଦନ୍ତୀ ଅଛି ଯେ ଏ ବଂଶର ଜଣେ ରାଜା ବ୍ରାହ୍ମଣୀ ନଦୀ ପାର ହୋଇ ଶିକାରକୁ ଯାଇଥିଲେ । ତାଳେଶ୍ୱରୀ ଠାକୁରାଣୀଙ୍କ ନିକଟରେ ରାଜାଙ୍କ କୁକୁରକୁ ଠେକୁଆ ମାରିପକାଇଲା । ରାଜା ସେଠାରେ ଗୋଟିଏ ଦୁର୍ଗ ନିର୍ମାଣ କରାଇଲେ । କେତେ ଦିନ ପରେ ସ୍ଥାନୀୟ କନ୍ଧମାନଙ୍କ ଦ୍ୱାରା ପରାଜିତ ହୋଇ ପଳାୟନ କଲେ । ଦିନେ ଜଙ୍ଗଲରେ ଶୋଇ-

ଥିବାବେଳେ ହେଙ୍ଗୁଳା ଦେବୀ ସ୍ୱପ୍ନରେ କହିଲେ, "ତୁମ୍ଭେ ଯେବେ ମୋତେ ଓ କାଳେଶ୍ୱରୀ ଦେବୀଙ୍କୁ ପୂଜା କରିବ, ତେବେ ଶତ୍ରୁକୁ ଜିଣିବ । ଏ ସ୍ଥାନ ନାମ ତାଲଚେର ହେବ ।" ରାଜା ଏହିବର ପାଇ ଯୁଦ୍ଧ କଲେ । ଯୁଦ୍ଧ ବେଳେ ହେଙ୍ଗୁଳା ଦେବୀ ବ୍ୟାଘ୍ରରୂପରେ ଶତ୍ରୁକୁ ନିହତ କଲେ । ପରେ ରାଜା ଶୋଇଥିବା ବେଳେ ଦେବୀ ପୁଣି ସ୍ୱପ୍ନରେ ଦେଖାଦେଇ କହିଲେ ଯେ, "ଯେଉଁ ବ୍ୟାଘ୍ର ଶତ୍ରୁ ନିହତ କଲା, ସେ ବ୍ୟାଘ୍ର ନୁହେଁ, ସେ ସ୍ୱୟଂ ଠାକୁରାଣୀ । ରାଜା ସ୍ଥାନର ନାମ ଦେଲେ ତାଲଚେର ଏବଂ ପଦ୍ମନାଭପୁର ଗ୍ରାମ ବ୍ରାହ୍ମଣମାନଙ୍କୁ ଦାନ-ଦେଲେ ।

ତାଲଚେର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମ ୧୪ ମାଇଲ ଦୂରରେ ହେଙ୍ଗୁଳା ଦେବୀ ପୂଜା ପାଉଛନ୍ତି । ଠାକୁରାଣୀଙ୍କ ବିଜୟ ସ୍ଥଳୀ ଦୁଇ ତିନି ମାଇଲ ବିସ୍ତୃତ । କୋଇଲା ଜମି ଉପରେ ଦେଖାଯାଏ । ସେ ସ୍ଥାନରେ ଧୂମ ବାହାରିବାର ଦେଖାଯାଏ । ଚୈତ୍ରମାସ ପୂର୍ଣ୍ଣିମାଦିନ ପୂଜା ହୁଏ । ରାଜବଂଶର ସଙ୍କେତ ବ୍ୟାଘ୍ର । ବାର୍ଷିକ ଆୟ ୨୫୦୦୦ ଟଙ୍କା ଏବଂ ଦେୟ ରାଜସ୍ୱ ୧୦୪୦ ଟଙ୍କା ।

ତିଗିରିଆ :—କ୍ଷେତ୍ରଫଳ ୪୬ ବର୍ଗମାଇଲ । ଉତ୍ତରରେ ଢେଙ୍କାନାଳ, ପୂର୍ବରେ ଆଠଗଡ଼, ଦକ୍ଷିଣରେ ମହାନଦୀ ଏବଂ ପଶ୍ଚିମରେ ବଡ଼ମ୍ବା ।

ନିତ୍ୟାନନ୍ଦ ତୁଙ୍ଗ ଏବଂ ତାଙ୍କ ସାନଭାଇ ଜଗନ୍ନାଥ ଦର୍ଶନକୁ ଆସିଥିଲେ । ବଡ଼ଭାଇଙ୍କି ଜଗନ୍ନାଥ ମହାପ୍ରଭୁ ଦିନେ ସ୍ୱପ୍ନରେ କହିଲେ ଯେ, ପୁରୀର ଚନ୍ଦ୍ରୋତ୍ପଳା ନଦୀର ପଶ୍ଚିମପାର୍ଶ୍ୱସ୍ଥ ତିଗିରିଆ ରାଜ୍ୟର ସିଂହାସନରେ ସେ ଅଧିକାରୀ ହେବେ, କାରଣ ସେ ବିଧର୍ମୀ ଥିଲେ । ନିତ୍ୟାନନ୍ଦ ୧୨୪୬ ଖ୍ରୀଷ୍ଟାବ୍ଦରେ ଏଠାରେ ରାଜ୍ୟ ବସାଇଲେ । ବିବାହ ଯୌତୁକ ଓ ଖୋରାକ ପୋଷାକ ଖଞ୍ଜା ଦେବାଦ୍ୱାରା ରାଜ୍ୟର ସୀମା ସଙ୍କୁଚିତ ହୋଇଛି । ତିଗିରିଆ ରାଜା ମରହଟ୍ଟା ସର୍ଦ୍ଦାର ଚିମନ୍‌ଜୀଙ୍କୁ ସାହାଯ୍ୟ ଦେଇ ଢେଙ୍କାନାଳ ବିପକ୍ଷରେ ଯୁଦ୍ଧ କରିଥିଲେ । ରାଜା ସଙ୍କର୍ଷଣଙ୍କୁ ମରହଟ୍ଟାମାନେ ମହାପାତ୍ର ଉପାଧି ଦେଇଥିଲେ ଏବଂ ତାଙ୍କ ଦେୟ ରାଜସ୍ୱ ଚିରସ୍ଥାୟୀ କରିଦେଇଥିଲେ । ରାଜା ଗହଣ ବିଜେ ହେଲେ କଳା ଛତି, କାହାଳୀ ଇତ୍ୟାଦି ବଜାଇ ବାହାରିବାର ସନନ୍ଦ ପାଇଥିଲେ । ବାଣପୁର ରାଜାଙ୍କୁ ଦମନ କରିବା ବିଷୟରେ ତିଗିରିଆ ରାଜା ଓଡ଼ିଶା ରାଜାଙ୍କୁ ସାହାଯ୍ୟ ଦେଇଥିଲେ । ରାଜା ଜଗନ୍ନାଥ ଚମ୍ପତିସିଂହ ତମ୍ପଡ଼ା ରାଜାଙ୍କ ବିପକ୍ଷରେ ଓଡ଼ିଶା ରାଜାଙ୍କୁ ସାହାଯ୍ୟ ଦେଇ ଜଗନ୍ନାଥ ଦେବଙ୍କ ବଡ଼ପରିଛା । ସେବା ପାଇଥିଲେ । ତିଗିରିଆ 'ତିଗିରି'ର ଅପଭ୍ରଂଶ । କେହି କେହି କହନ୍ତି 'ତିଗଡ଼'ର ଅପଭ୍ରଂଶ । ଏ ରାଜା

ମାନେ କ୍ଷତ୍ରିୟ । ଏମାନଙ୍କ ସନ୍ତକ 'ଶସ୍ତ୍ରପଞ୍ଜ' । ବାର୍ଷିକ ଆୟ ୧୦୦୦୦ ଟଙ୍କା, ସରକାରଙ୍କୁ ଦେୟ ରାଜସ୍ୱ ବର୍ଷକୁ ୮୮୨ ଟଙ୍କା ।

ଏ ସମସ୍ତ ଗଡ଼ଜାତମାନଙ୍କ କ୍ଷେତ୍ରଫଳ ୨୮୦୪୪ ବର୍ଗମାଇଲ । ଲୋକସଂଖ୍ୟା ୩୧୭୩୩୯୫ । ମୋଟ ଆୟ ୧୮୯୨-୯୩ ଖ୍ରୀଷ୍ଟାବ୍ଦରେ ଟ ୧୬୧୨୪୪୩୧ ଓ ୧୯୦୧-୨ରେ ଟ ୨୭୦୯୫୫୦୧ ଏବଂ ୧୯୦୭-୮ରେ ଟ ୪୯୪୩୩୮୫୧ ।

ସମ୍ବଲପୁର:—କ୍ଷେତ୍ରଫଳ ୩୮୨୬ ବର୍ଗମାଇଲ । ଲୋକସଂଖ୍ୟା ୬୩୮୯୯୨। ପୂର୍ବେ ସମ୍ବଲପୁର ମଧ୍ୟପ୍ରଦେଶର ଛତିଶଗଡ଼ ବିଭାଗରେ ଅନ୍ତର୍ଗତ ଥିଲା । ଏବଂ ସେତେବେଳେ ତାହାର ଆୟତନ ୪୯୬୦ ବର୍ଗମାଇଲ ଓ ଲୋକସଂଖ୍ୟା ୮୨୯୬୯୮ ଥିଲା । ୧୯୦୫ ଖ୍ରୀଷ୍ଟାବ୍ଦରେ ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ଓ ମାଲଖରୋଡା (୧୧୩୬ ବର୍ଗମାଇଲ) ବ୍ୟତୀତ ସମ୍ବଲପୁରର ସମସ୍ତ ଅଂଶ ବଙ୍ଗଳା ପ୍ରଦେଶର ଅନ୍ତର୍ଗତ ହୋଇ ଓଡ଼ିଶା ସହିତ ମିଶ୍ରିତ ହେଲା । ଶାସନକାର୍ଯ୍ୟ ସକାଶେ ସମ୍ବଲପୁର ଦୁଇ ବିଭାଗରେ ବିଭକ୍ତ ହୋଇଛି । ଯଥା—ସମ୍ବଲପୁର ଓ ବରଗଡ଼ ଅର୍ଥାତ୍ ଉତ୍ତର ଖଣ୍ଡ ଓ ଦକ୍ଷିଣ ଖଣ୍ଡ । ପ୍ରଧାନ ନଗର ସମ୍ବଲପୁର । ସମଲାଇ ଠାକୁରାଣୀଙ୍କ ନାମାନୁସାରେ ଏହାର ନାମ ସମ୍ବଲପୁର ହୋଇଛି । ଶିମିଳି ଗଛ ମୂଳରେ ଠାକୁରାଣୀ ପ୍ରତିଷ୍ଠିତ ହୋଇଥିବାରୁ ତାଙ୍କ ନାମ ସମଲାଇ । ସମ୍ବଲପୁରର ଉତ୍ତରରେ ରାଇପୁର ଜିଲା, ଉତ୍ତର-ପଶ୍ଚିମରେ ସାରଙ୍ଗଗଡ଼. ଉତ୍ତର ଓ ଉତ୍ତର ପୂର୍ବରେ ଗାଙ୍ଗପୁର, ଦକ୍ଷିଣ ଓ ଦକ୍ଷିଣ ପୂର୍ବରେ ବାମଣ୍ଡା, ରେଢ଼ାଖୋଲ, ସୋନପୁର ଓ ପାଟଣା । ଏ ରାଜ୍ୟର ପ୍ରଧାନ ନଦୀ ମହାନଦୀ ଓ ପ୍ରଧାନ ପାହାଡ଼ ବାରପାହାଡ଼ । ଦକ୍ଷିଣ-ପଶ୍ଚିମରେ ଅନେକ ପର୍ବତଶ୍ରେଣୀ ବିରାଜିତ । ଏ ପାହାଡ଼ ସମ୍ବଲପୁର ଓ ଛତିଶଗଡ଼ ମଧ୍ୟରେ ପ୍ରଧାନ ସୀମା । ଛତିଶଗଡ଼ରେ ହିନ୍ଦୀଭାଷା, ସମ୍ବଲପୁରରେ ଓଡ଼ିଆ ଭାଷା । ରାୟପୁରରେ କଳାମାଟି ଓ ସମ୍ବଲପୁରରେ ବାଲିଆ ମାଟି । ବାରପାହାଡ଼ ଦୈର୍ଘ୍ୟ ୧୨ ମାଇଲ, ଉଚ୍ଚତା ୨୨୬୭ ଫୁଟ ।

ମହାନଦୀ ଓ ଇବନଦୀ ଶଯ୍ୟାରେ ସ୍ୱର୍ଣ୍ଣ ମିଳେ । ଲୋକମାନେ ମାଟି ଧୋଇ ସ୍ୱର୍ଣ୍ଣକଣିକା ବାହାର କରନ୍ତି । ସମ୍ବଲପୁର ଜିଲା ହୀରାପାଇଁ ବିଖ୍ୟାତ । ଭାରତରେ ଯେତେଟି ହୀରା ମିଳେ ତନ୍ମଧ୍ୟରେ ସମ୍ବଲପୁରର ହୀରା ବିଶୁଦ୍ଧ । ୧୭୬୬ ଖ୍ରୀଷ୍ଟାବ୍ଦରେ କ୍ଲାଇବ ସାହେବ ସମ୍ବଲପୁର ହୀରା କିଣିବା ଲାଗି ମାଟି-ସାହେବଙ୍କୁ ପଠାଇଥିଲେ । ମହାନଦୀ ଓ ଇବନଦୀର ସଂଯୋଗ ସ୍ଥାନରୁ ମିଳିଥିବା

ହୀରା ମଧ୍ୟରୁ କେତେକ କିଣି ନେଇଥିଲେ । ୧୮୦୪ ଓ ୧୮୨୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହାନଦୀରୁ ଯେଉଁ ହୀରା ମିଳିଥିଲା ସେ ବିଷୟ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ଜଣେ କର୍ମଚାରୀ ବ୍ରୁଟନ ସାହେବ ବର୍ଣ୍ଣନ କରିଥିଲେ । ସେଥିରୁ ଜଣାଯାଏ ମରହଟ୍ଟା ସେନାଧ୍ୟକ୍ଷ ୧୮୦୯ ଖ୍ରୀଷ୍ଟାବ୍ଦରେ ଖଣ୍ଡେ ହୀରା ପାଇଥିଲେ, ତାର ଓଜନ ୬୭୨ ଗ୍ରେନ ବା ୨'୦୦୭ କାରାଟ୍ । ପରେ ଏ ହୀରା କଣ ହେଲା ସେ ବିଷୟ କିଛି ଜଣା ନାହିଁ । ଯେତେ ବେଶି ଓଜନର ହୀରା ମିଳିଛି ସର୍ବାପେକ୍ଷା ଏହାର ଓଜନ ବେଶୀ । ସମ୍ବଲପୁରର ରାଣୀ ୨୮ ଓ ୩୦୮ ଗ୍ରେନର ହୀରା ପାଇଥିଲେ । ୧୮୧୮ ଖ୍ରୀଷ୍ଟାବ୍ଦରେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ଖଣ୍ଡେ ହୀରା ପଠା ଯାଇଥିଲା । ତାର ଓଜନ ୮୦ ଗ୍ରେନ, ମୂଲ୍ୟ ୫୦୦ ଟଙ୍କା ।

କିପରି ହୀରା ଆମଦାନୀ ହେଉଥିଲା ତାହାର ବିବରଣ ପ୍ରଫେସର ବଲ ସାହେବ ନିମ୍ନଲିଖିତମତେ ଦେଇଛନ୍ତି । ମହାନଦୀର କେନ୍ଦ୍ର ହୁମା ନିକଟରେ ହୀରାଖଣ୍ଡ ନାମକ ଗୋଟିଏ ଦ୍ୱୀପ ଅଛି । ଏହାର ଦୈର୍ଘ୍ୟ ୪ ମାଇଲ ଏବଂ ଏତେଦୂର ଯାଏ ନଦୀ ଦୁଇଟି ଭାଗରେ ବିଭକ୍ତ ହୋଇଛି । ମାର୍ଚ୍ଚ ମାସରେ ଅନ୍ୟାନ୍ୟ କାର୍ଯ୍ୟ ନଥିବା ବେଳେ, ଯେତେବେଳେ ପାଣି ନଦୀଶଯ୍ୟାରେ ରହେ, ଅନେକ ଲୋକ, ପ୍ରାୟ ୪୦୦୦, ଏକତ୍ରୀତ ହୋଇ ନଦୀର ଉତ୍ତର ଶାଖା ମୁହଁରେ ଗୋଟିଏ ବନ୍ଧ ପକାନ୍ତି । ସୁତରାଂ ଏ ଶାଖାର ଜଳ ଦକ୍ଷିଣ ଶାଖାକୁ ଚାଲିଆସେ । ଉତ୍ତର ଶାଖାରେ ଖାଲଢିପମାନଙ୍କରେ ସ୍ଥାନେ ସ୍ଥାନେ ଜଳ ଜମି ରହେ । ଖାଲମାନଙ୍କରେ ଯେଉଁ ପାଣି ଜମିରହେ ସେଥିରେ ଲୋକମାନେ ପର୍ବତରୁ ଗଡି ଆସିଥିବା ବାଲିଗରଡା ପ୍ରଭୃତିକୁ ଧୁଅନ୍ତି । ପ୍ରଧାନତଃ ସ୍ତ୍ରୀଲୋକମାନେ ଏହି ଧୋଇବା କାର୍ଯ୍ୟ କରନ୍ତି । ସୁନା ଧୋଇବା କାର୍ଯ୍ୟ ଯେଉଁଥିରେ ହୁଏ ହୀରାଧୁଆ କାର୍ଯ୍ୟ ତଦ୍ୱାରା ହୁଏ । ସୁନା ମିଳିଲେ ଧୋଇବା ଲୋକ ନିଏ ହୀରା ପାଇବା ଲୋକ ଖଣ୍ଡେ ଗ୍ରାମ ପୁରସ୍କାର ପାଏ । ଯେଉଁମାନେ ଏପରି ଗ୍ରାମ ପୁରସ୍କାର ପାନ୍ତି ସେମାନେ ଉକ୍ତ ଗ୍ରାମମାନ ନିଷ୍କର ଭୋଗ କରନ୍ତି । ସମ୍ବଲପୁର ରାଜାଙ୍କ ଅଧୀନରେ ଥିବା ପର୍ଯ୍ୟନ୍ତ ଏପରି କାର୍ଯ୍ୟ ଚାଲୁଥିଲା । ମାତ୍ର ସମ୍ବଲପୁର ଇଂରେଜ ସରକାରଙ୍କ ହସ୍ତଗତ ହେବାପରେ ହୀରା ଆମଦାନୀ ଲାଗି ପଟ୍ଟା ଦିଆଗଲା । ୧୮୦୬ ଖ୍ରୀଷ୍ଟାବ୍ଦରେ ଜଣେ ସାହେବ ବାର୍ଷିକ ୨୦ ଟଙ୍କା ଜମାରେ ଏ ସତ୍ତ୍ୱକୁ ପଟ୍ଟା ନେଇଥିଲେ କିନ୍ତୁ ଲାଭ ନ ହେବାରୁ ଛାଡିଦେଲେ । ନିଷ୍କର ଗ୍ରାମସବୁ କରଦାୟୀ ହେବାରୁ ଏ କାର୍ଯ୍ୟରେ ଅଧିକ ଟଙ୍କା ମୂଳଧନ ଆବଶ୍ୟକ ହେଲା ସୁତରାଂ ଲାଭ ହେଲା ନାହିଁ ।

# ବିବିଧ ପ୍ରସଙ୍ଗ

ଧର୍ମ—ଏ ବିଶ୍ୱଜଗତକୁ ଯେ ଧରି ରଖିଛି ସେ ଧର୍ମ । ଏ ବିଶ୍ୱଜଗତକୁ ଧରି ରଖିଛି କିଏ ? ବିଶ୍ୱନିୟନ୍ତା ପରମପିତା ପରମେଶ୍ୱର । ତାଙ୍କୁ କେହି ବ୍ରହ୍ମ କହୁଛି, କେହି ପରମେଶ୍ୱର କହୁଛି, କେହି ପରମପୁରୁଷ କହୁଛି, କେହି ଈଶ୍ୱର ବୋଲି କହୁଛି । ଏହିପରି ନାନା ନାମରେ ସେ ଲୋକସମାଜରେ ପରିଚିତ । ସେହି ଏକ ପରମପୁରୁଷଙ୍କୁ ଲୋକମାନେ ନାନା ଭାବରେ ଭାବି ନାନା ସମ୍ପ୍ରଦାୟରେ ବିଭକ୍ତ ହୋଇଛନ୍ତି । ହିନ୍ଦୁସ୍ଥାନବାସୀମାନେ ତାଙ୍କୁ ନାନା ଦୃଷ୍ଟିରେ ଦେଖି ନାନା ସମ୍ପ୍ରଦାୟରେ ବିଭକ୍ତ ହୋଇଅଛନ୍ତି । ଯଥା—ଶୈବ, ବୈଷ୍ଣବ, ଗାଣପତ୍ୟ, ଶାକ୍ତ, ବୌଦ୍ଧ ଇତ୍ୟାଦି । ବୈଷ୍ଣବ ମଧ୍ୟରେ ମଧ୍ୟ ନାନା ଶାଖାପ୍ରଶାଖା ଅଛି । ଯଥା— ଶ୍ରୀ ସମ୍ପ୍ରଦାୟ, ଗୌଡ଼ୀୟ ସମ୍ପ୍ରଦାୟ, ଅତି ବଡ଼ୀ ସମ୍ପ୍ରଦାୟ, ମାଧ୍ୱାଚାର୍ଯ୍ୟ ସମ୍ପ୍ରଦାୟ ଇତ୍ୟାଦି । ବେଦାନ୍ତ, ସାଂଖ୍ୟ, ନ୍ୟାୟ ପ୍ରଭୃତି ଦର୍ଶନକାରମାନେ ବ୍ରହ୍ମ, ପୁରୁଷ, ପ୍ରକୃତି ଇତ୍ୟାଦି ନାନା ତତ୍ତ୍ୱ ଆଲୋଚନା କରିଅଛନ୍ତି । ଏ ସମସ୍ତ ଏକତ୍ର ଆଲୋଚନା କରି ଦେଖିଲେ ଜଣାଯାଏ ଯେ, ବିଶ୍ୱଜଗତ ମୂଳରେ ଏକ ଅଚିନ୍ତ୍ୟ ଶକ୍ତି କାର୍ଯ୍ୟ କରୁଅଛି । ସେହି ଶକ୍ତି ଏ ଦୃଷ୍ଟ ଜଗତର ମୂଳ କାରଣ । ସେହି ଶକ୍ତି ଏ ଜଗତକୁ ଧାରଣ କରିଛି । ସେହି ଶକ୍ତି ଧର୍ମ । ସେହି ଶକ୍ତିର ଅନେକଗୁଡ଼ିଏ ଧର୍ମ ଅଛି । ସେହି ଧର୍ମ ପାଳନ କଲେ ଲୋକ ରକ୍ଷା ହୁଏ ଏବଂ ସେହି ଶକ୍ତିର ଉଦ୍ଦେଶ୍ୟ ସାଧିତ ହୁଏ । ସେ ଧର୍ମର ଆକାର ପ୍ରକାର କଣ ? ସାମ୍ୟମୈତ୍ରୀ ଭାବ, ଅର୍ଥାତ୍ ସକଳ ପ୍ରାଣୀଠାରେ ସମାନ ଭାବ । ଭଗବାନ ଗୀତାରେ କହିଛନ୍ତି, "ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି" ଅର୍ଥାତ୍ ଯେ ମତେ ସବୁଠାରେ ଦେଖେ ଏବଂ ସବୁକୁ ମୋଠାରେ ଦେଖେ, ସେ ମୋର ପ୍ରିୟ ଅର୍ଥାତ୍ ସେ ମୋ ଉଦ୍ଦେଶ୍ୟ ଅନୁଶାରେ କାର୍ଯ୍ୟକରେ ଆହୁରି ମଧ୍ୟ ଗୀତାରେ କୁହାଯାଇଛି—ଏ ଦୃଷ୍ଟ ଜଗତରେ ଯେତେ ପ୍ରାଣୀ ଅଛନ୍ତି, ସେ ସବୁର "ଅହଂ ବୀଜପ୍ରଦ ପିତା" ଅର୍ଥାତ୍ ଏ ଜଗତରେ ଯାବତୀୟ ବସ୍ତୁର ପିତା ଭଗବାନ । ଏଥିରୁ ମଧ୍ୟ ସେହି ସାମ୍ୟମୈତ୍ରୀ ଭାବ ପ୍ରକାଶ ପାଉଛି । ଭାଗବତ ମଧ୍ୟ କହୁଛି ଯେ, "କାଷ୍ଠ ପାଷାଣ ତରୁ ତୃଣ, ବସନ୍ତ ଅନାଦି କାରଣ" । ଏଥିରୁ ମଧ୍ୟ ସେହି ସାମ୍ୟମୈତ୍ରୀ ଭାବ ଆସୁଛି ।

ଯେ କୌଣସି ଧର୍ମଶାସ୍ତ୍ର, ସ୍ମୃତି, ପୁରାଣ ଦର୍ଶନ ପ୍ରଭୃତି ଆଲୋଚନା କର ଯେ ସବୁର ସାରମର୍ମ ସାମ୍ୟମୈତ୍ରୀ ଭାବ।

ପ୍ରାଚୀନ ଉତ୍କଳର ଧର୍ମ କ'ଣ ଥିଲା ? ପ୍ରାଚୀନ ଉତ୍କଳ ବକ୍ଷରେ ହିନ୍ଦୁ-ଧର୍ମର ସକଳ ସମ୍ପ୍ରଦାୟ ଲୀଳାଖେଳା କରି ଯାଇଛନ୍ତି ଏବଂ ଉତ୍କଳ ଅତି ସ୍ନେହ ଆଦର ସହିତ ସମସ୍ତଙ୍କୁ ଆଶ୍ରୟ ଦେଇଛି । ଶୈବ ଧର୍ମର ପ୍ରଧାନ ଲୀଳାସ୍ଥାନ ଭୁବନେଶ୍ୱର, କୋଣାର୍କ ସୂର୍ଯ୍ୟପୂଜାର ପ୍ରଧାନ ଲୀଳାଖେଳା ସ୍ଥଳ । ଏହିପରି ପ୍ରତ୍ୟେକ ସମ୍ପ୍ରଦାୟର ଚିହ୍ନ ଓ ମୂର୍ତ୍ତି ଉତ୍କଳର ନାନା ସ୍ଥାନରେ ଅଦ୍ୟାବଧି ବିରାଜିତ ଅଛି । ହିନ୍ଦୁଧର୍ମ ପରି ବିଶାଳ ଧର୍ମ ପୃଥିବୀରେ ନାହିଁ । ହିନ୍ଦୁ ଧର୍ମଶାସ୍ତ୍ରରେ ସକଳପ୍ରକାର ଶାଖା ସମ୍ପ୍ରଦାୟର ଧର୍ମମତ ସ୍ଥାନ ପାଇଛି । ହିନ୍ଦୁସ୍ଥାନରେ ଏହି ସନାତନ ଧର୍ମ ଆବହମାନ କାଳରୁ ଚଳି ଆସୁଛି । ଏହା କେବେ ପ୍ରଥମେ ସୃଷ୍ଟି ହେଲା, ତାହା ଆଜି ପର୍ଯ୍ୟନ୍ତ କେହି ସ୍ଥିର କରିପାରିନାହିଁ । ବେଦ ହିନ୍ଦୁର ପ୍ରଧାନ ଧର୍ମଶାସ୍ତ୍ର । ବେଦ ଅପୌରୁଷେୟ । ଏ ସକଳ ସାମ୍ପ୍ରଦାୟିକ ମତର ଏକତ୍ର ସମନ୍ୱୟ କେବଳ ଉତ୍କଳରେ ଦେଖାଯାଏ । ଉତ୍କଳର ପବିତ୍ରତା ପୁରାଣପ୍ରସିଦ୍ଧ । ଉତ୍କଳ ଦେବଭୂମି ବୋଲି ପ୍ରସିଦ୍ଧ । ଜଗତରେ ଯାବତୀୟ ଦେଶ ମଧ୍ୟରେ ଭାରତ ସର୍ବଶ୍ରେଷ୍ଠ ଏବଂ ସମଗ୍ର ଭାରତ ମଧ୍ୟରେ ଉତ୍କଳ ଦେଶ ସର୍ବଶ୍ରେଷ୍ଠ । ଉତ୍କଳର ପ୍ରତ୍ୟେକ ଧୂଳିକଣା, ପ୍ରତ୍ୟେକ ପ୍ରତ୍ୟେକ ଜଳକଣା ବନପର୍ବତ ପବିତ୍ର । ଉତ୍କଳ ଦେଶ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ । ହିନ୍ଦୁର ଧର୍ମ ସାମ୍ରାଜ୍ୟର ପୁରୁଷୋତ୍ତମ କ୍ଷେତ୍ର ରାଜଧାନୀ । ଏହି ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ହିନ୍ଦୁମାନଙ୍କର ସର୍ବଶ୍ରେଷ୍ଠ ପୂଜ୍ୟ ଦେବତା ପ୍ରତିଷ୍ଠିତ । ହିନ୍ଦୁ-ଧର୍ମର ଯେତେ ଶାଖା ପ୍ରଶାଖା ଅଛି, ଯେତେ ସମ୍ପ୍ରଦାୟ ଅଛି, ସମସ୍ତେ ପୁରୁଷୋତ୍ତମ କ୍ଷେତ୍ରକୁ ନ ଆସିଲେ ନିଜର ଚିରପୋଷିତ ଅଭିଳାଷର ତୃପ୍ତି ହୁଏନାହିଁ । ପୁରୁଷୋତ୍ତମର ଏହି ବିଶେଷତ୍ୱ ଅଦ୍ୟାବଧି ଅକ୍ଷୁଣ୍ଣ ଭାବରେ ରହିଅଛି । ଏ କ୍ଷେତ୍ରର ପରମାରାଧ୍ୟ ଦେବତା କିଏ ? ଜଗନ୍ନାଥ । ଜଗନ୍ନାଥ କହିଲେ କୌଣସି ସମ୍ପ୍ରଦାୟ ବା କୌଣସି ଶାଖାର କୌଣସି ପ୍ରକାର ଆପତ୍ତିର ସ୍ଥାନ ନାହିଁ । ସାମ୍ୟମୈତ୍ରୀ ଧର୍ମର ପ୍ରଧାନ ପରମ ଆରାଧ୍ୟ ଦେବତାଙ୍କୁ ଅନ୍ୟ କୌଣସି ଉପଯୁକ୍ତ ନାମରେ ନାମକରଣ କରାଯାଇ ନପାରେ । ଖ୍ରୀଷ୍ଟିୟାନ ବା ମୁସଲମାନମାନେ ମୂର୍ତ୍ତିପୂଜାକୁ ଘୃଣା କରନ୍ତି ମାତ୍ର ସେମାନେ ପ୍ରକାରାନ୍ତରେ ମୂର୍ତ୍ତିପୂଜକ । ତଥାପି ସେମାନେ ମୂର୍ତ୍ତିପୂଜା କଥା ଛାଡ଼ିଦେଲେ ଆଉ ଅନ୍ୟ କୌଣସି ପ୍ରକାରେ ଆପତ୍ତି ସେମାନଙ୍କର ହୋଇ ନପାରେ । ଜଗନ୍ନାଥ ନାମକୁ କେହି ଆପତ୍ତି କରି ନପାରନ୍ତି । ଏହି ସାମ୍ୟ-ମୈତ୍ରୀ-ଧର୍ମର ପରମ ଆରାଧ୍ୟ ଦେବତା ଜଗନ୍ନାଥ ବହୁ ପୂର୍ବକାଳରୁ

ପ୍ରତିଷ୍ଠିତ । ଅନ୍ତତଃ ବେଦ ଓ ମହାଭାରତ ଯୁଗରୁ ଉତ୍କଳର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି ।

ଜଗନ୍ନାଥ କେବଳ ନାମରେ ସାମ୍ୟ ମୈତ୍ରୀ ଧର୍ମର ଇଷ୍ଟ ଆରାଧ୍ୟ ଦେବତା ନୁହନ୍ତି । କାର୍ଯ୍ୟରେ ମଧ୍ୟ ଏହି ଧର୍ମ ଅକ୍ଷରେ ଅକ୍ଷରେ ପ୍ରତିପାଳିତ ହୋଇ ଆସୁଅଛି । ଜଗନ୍ନାଥଙ୍କ ମହାପ୍ରସାଦ ସେବା ଲାଗି ଜାତିଭେଦ ବିଚାର ନାହିଁ । ହିନ୍ଦୁ ଜାତିର ସକଳ ଶ୍ରେଣୀସ୍ଥ ଲୋକେ ନିର୍ବିକାର ଚିତ୍ତରେ ଏକତ୍ର ବସି ମହାପ୍ରସାଦ ଭୋଜନ କରୁଛନ୍ତି । ବ୍ରାହ୍ମଣ ଚଣ୍ଡାଳ ହାତରୁ ନିର୍ବିକାର ଚିତ୍ତରେ ମହାପ୍ରସାଦ ନେଇ ସେବା କରି ନିଜର ଜୀବନକୁ ଧନ୍ୟ ମନେକରେ । ରଥଯାତ୍ରା ସମୟରେ ସକଳ ବର୍ଣ୍ଣର ଲୋକ, ସକଳ ଧର୍ମର ଲୋକ ଏବଂ ସକଳ ଶ୍ରେଣୀର ଲୋକମାନେ ଏକତ୍ରରେ ରଥ ଦଉଡ଼ି ଭିଡ଼ି ଟାଣନ୍ତି । ଏଠାରେ ମଧ୍ୟ ଜାତିଭେଦ ବିଚାର ନାହିଁ । ପୁରୀର ମହାରାଜା ଯେ ଲୋକସମାଜରେ ଚଳନ୍ତି ବିଷ୍ଣୁ ବୋଲି ପରିଚିତ ଏବଂ ଯାହାଙ୍କ ପାଦ ସ୍ପର୍ଶ କରି ଯାତ୍ରୀମାନେ ପବିତ୍ର ହେଲେ ବୋଲି ବିଶ୍ୱାସ କରନ୍ତି; ସେ ଜଗନ୍ନାଥ ରଥରେ ଚଣ୍ଡାଳର କାର୍ଯ୍ୟ କରନ୍ତି ଅର୍ଥାତ୍ ରଥ ଝାଡ଼ୁ କରି ଛେରା ପହରା ପକାନ୍ତି । ଜଗନ୍ନାଥଙ୍କ ସମକ୍ଷରେ ରାଜା ପ୍ରଜା ସମସ୍ତେ ସମାନ । ସେଠାରେ କେହି ଆପଣାକୁ ବଡ଼ ବୋଲି ଗର୍ବ କରିପାରିବ ନାହିଁ । ଏହି ମହାଶିକ୍ଷା ଦେବାଲାଗି ପୁରୀ ମହାରାଜାଙ୍କର ଏ ନୀତି କରିବାର ବିଧି ଅଛି । ଥରେ ଏହି କାର୍ଯ୍ୟ ଦେଖି କାଞ୍ଚି ରାଜା ପୁରୀର ତଦାନୀନ୍ତନ ମହାରାଜା ପୁରୁଷୋତ୍ତମ ଦେବଙ୍କୁ କନ୍ୟାପ୍ରଦାନ କରିବାକୁ ଅସ୍ୱୀକୃତ ହୋଇଥିଲେ ଏବଂ ସେହି ହେତୁରୁ କାଞ୍ଚି ଯୁଦ୍ଧ ହୋଇଥିଲା ଏବଂ ସ୍ୱୟଂ ଜଗନ୍ନାଥ ପୁରୀ ରାଜାଙ୍କ ପକ୍ଷ ନେଇ ଯୁଦ୍ଧ କରିଥିବା ବିଷୟ ମାଦଳାପାଞ୍ଜି ଦୀର୍ଘ-ସ୍ୱରରେ ଘୋଷଣା କରୁଅଛି । ଆଜି ଜାତିଭେଦ ଉଠାଇ ଦିଅ, ଅସ୍ପୃଶ୍ୟତା ନିବାରଣ କର ବୋଲି ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଡାକ ପଡ଼ିଛି । ମାତ୍ର ଉତ୍କଳ ଜଗନ୍ନାଥଦେବଙ୍କ ପ୍ରସାଦରୁ କେତେ କାଳରୁ ଏ ଧର୍ମ କାର୍ଯ୍ୟରେ ପରିଣତ କରିଛି । ସାମ୍ୟ ମୈତ୍ରୀ ଧର୍ମ ବିଶ୍ୱଜଗତର ଧର୍ମ । ଏହାକୁ ସାର୍ବଜନୀନ ଧର୍ମ କହିପାରି । ଏ ଧର୍ମ ଆଗରେ ଜଗତ ନତମସ୍ତକ । ସୌର, ଶାକ୍ତ, ଶୈବ, ଗାଣପତ୍ୟ, ବୈଷ୍ଣବ, ବ୍ରାହ୍ମ, ବୌଦ୍ଧ, ଖ୍ରୀଷ୍ଟାନ, ମୁସଲମାନ ସମସ୍ତ ଶାଖାଧର୍ମର ସାରମର୍ମ ସାର୍ବଜନୀନ ଧର୍ମ ସମକ୍ଷରେ ନତମସ୍ତକ । ଜଗନ୍ନାଥ ଏହି ସାର୍ବଜନୀନ ଧର୍ମର ଆରାଧ୍ୟ ଦେବତା । ଉତ୍କଳ ଏହି ଆରାଧ୍ୟ ଦେବତାଙ୍କୁ ବକ୍ଷପରେ ଧାରଣକରି ସର୍ବପାପହର ଦେଶ ବୋଲି ଖ୍ୟାତିଲାଭ କରିଛି । ନୀଳାଚଳ ଉପରେ ନୀଳଚକ୍ରରେ ସାମ୍ୟ ମୈତ୍ରୀ ପତାକା ଅହରହ ଉଡ଼ୁଛି ଏବଂ ଜଗନ୍ନାଥ ଦ୍ୱିଭୁଜ ଆଜାନୁଲମ୍ବିତ ଭୁଜ ଉତ୍ତୋଳନ କରି ଜାତି ଧର୍ମ ନିର୍ବିଶେଷରେ ସକଳ ଭକ୍ତମାନଙ୍କୁ ଆଶ୍ରୟ

ଦେବାପାଇଁ ଅଭୟ ଦେଇ ଉଦ୍‌ଗ୍ରୀବ ନୟନରେ ଗୃହିଁ ରହିଛନ୍ତି । ବିଶାଳ ବିସ୍ଫାରିତ ନୟନ, ବିଶାଳ ଭୁଜ, ବିଶାଳ କାୟା, ବିଶାଳ ଦେଉଳ ଭିତରେ କି ମୋହିନୀ ଘେନି ବିଦ୍ୟମାନ ଅଛନ୍ତି, ପାପୀ ତାପୀ, ବୈରାଗୀ, ସନ୍ନ୍ୟାସୀ, ମହାତ୍ମା; ମହାପୁରୁଷ ପ୍ରଭୃତି ଲୋକ ଶତ ଶତ, ସହସ୍ର ସହସ୍ର, ଲକ୍ଷ ଲକ୍ଷ ମୁକ୍ତିଭିକାରୀ ହୋଇ ଉତ୍କଣ୍ଠିତ ପ୍ରାଣରେ ଆସି ଦର୍ଶନ କରି ଯାଉଛନ୍ତି । ପ୍ରାଚୀନ ଉତ୍କଳର ଏହି ଅକ୍ଷୟ ଅନୁଷ୍ଠାନ ଦିନେ ଆଧୁନିକ ସଭ୍ୟ ଜାତିର ଶିକ୍ଷା ଦୀକ୍ଷା ଗୁରୁ ହେବ ବୋଲି ମୋର ବିଶ୍ୱାସ । ମୂର୍ତ୍ତିରେ ଶିଳ୍ପ ସୌନ୍ଦର୍ଯ୍ୟ କିଛି ନାହିଁ, ଅଥଚ ଏପରି ନୟନମନୋହର ମୂର୍ତ୍ତି ଆନ୍ୟ କୁତ୍ରାପି ଦେଖାଯାଏ ନାହିଁ । ମୂର୍ତ୍ତିର ତୁଳନା ନାହିଁ । କେଉଁ ମୂର୍ତ୍ତି ପରି ଏ ମୂର୍ତ୍ତି କେହି ଅଙ୍ଗୁଳି ନିର୍ଦ୍ଦେଶ କରି କହି ପାରିବ ନାହିଁ । କାହିଁକି ଏ ମୂର୍ତ୍ତି ଏପରି ହୋଇଛି ତାହା ମଧ୍ୟ ଏପର୍ଯ୍ୟନ୍ତ କେହି ନିଃସଂଶୟ ଭାବରେ ସ୍ଥିର କରି ପାରି ନାହିଁ । ସୁତରାଂ ପ୍ରାଚୀନ ଉତ୍କଳର ଧର୍ମ ସାମ୍ୟମୈତ୍ରୀ ଧର୍ମ । ବୁଦ୍ଧ ଶଙ୍କର, ରାମାନୁଜ, କୃଷ୍ଣ, ଚୈତନ୍ୟ ରାମ, ନାନକ, କବୀର ପ୍ରଭୃତି ଦେବପ୍ରତିମ ଭକ୍ତମାନେ ଶ୍ରୀକ୍ଷେତ୍ରରେ ନିଜ ନିଜ ଲୀଳାଖେଳା କରି ଯାଇଛନ୍ତି । ପ୍ରାଚୀନ ଉତ୍କଳ ପକ୍ଷରେ ଏହା ଊଣା ଗୌରବର ବିଷୟ ନୁହେଁ । ଜଗନ୍ନାଥ ଧର୍ମ ସାମନ୍ଦ ଚତ୍ତ୍ୱରେ ସକଳ ସମ୍ପ୍ରଦାୟର ମହାତ୍ମା, ମହାପୁରୁଷମାନଙ୍କ ସ୍ମୃତିଚିହ୍ନମାନଙ୍କୁ ନୀଳାଚଳ ବକ୍ଷରେ ସ୍ଥାନ ଦେଇଛି । ପ୍ରାଚୀନ ଉତ୍କଳର ଏହି ମହାନୁଭବତା, ମହାପ୍ରାଣତା ମାନବ-ଜଗତର ଆଦର୍ଶ ।

ପ୍ରାଚୀନ ଉତ୍କଳର ଏହି ବିଶାଳ ଧର୍ମ ମନ୍ଦିର ଜଗନ୍ନାଥ ଦେଉଳ କେବଳ ଗୋଟିଏ ଶୂନ୍ୟାଗାର ନୁହେଁ । ଏହା ଗୋଟିଏ ପ୍ରଧାନ କର୍ମ ମନ୍ଦିର । ସାଂସାରିକ ଯାବତୀୟ କର୍ମର ଆଦର୍ଶ ଏହି ମନ୍ଦିରରେ ଅଛି । ଏଠାରେ ଦିନରାତି କର୍ମସ୍ରୋତ ପ୍ରବାହିତ ହେଉଛି । ଶତ ଶତ, ସହସ୍ର ସହସ୍ର, ଲକ୍ଷ ଲକ୍ଷ ଲୋକଙ୍କ ଅନ୍ନସଂସ୍ଥାନ ଏ ମନ୍ଦିର ମଧ୍ୟରେ ଚଳୁଛି । ଅହରହ ୨୪ ଘଣ୍ଟା ବଡଦେଉଳର ଦ୍ୱାର ଶୋଷୀ-ଭୋକୀ ଲାଗି ଉନ୍ମୁକ୍ତ । ଯାତ୍ରା-ପର୍ବ ପ୍ରଭୃତିରେ ଯେତେ ଲୋକର ସମାଗମ ହେଉ, ମାତ୍ର କେହି ପ୍ରସାଦରୁ ବଞ୍ଚିତ ହେବ ନାହିଁ । ସୁତରାଂ ଏ ପ୍ରସାଦର ନାମ ମହା-ପ୍ରସାଦ । ଏ ପ୍ରସାଦର ମଧ୍ୟ ମହତ୍ ଗୁଣ ଅଛି । ସୁତରାଂ ଜଗନ୍ନାଥ ମନ୍ଦିର କେବଳ ଧର୍ମମନ୍ଦିର ନୁହେଁ, ଏହା ଧର୍ମ-କର୍ମ ସମନ୍ୱୟ ବଡଦେଉଳ । ସୁତରାଂ ମୋ ମତରେ ହିନ୍ଦୁ ଧର୍ମର ସାରସଂଗ୍ରହ ଏହି ଜଗନ୍ନାଥ ମନ୍ଦିରମଧ୍ୟରେ ମୂର୍ତ୍ତି ମାନାରେ ବିରାଜିତ । ବିଶଦ ଭାବରେ ଏ ବିଷୟ ଆଲୋଚନା କରିବା ପାଇଁ ଏଠାରେ ସ୍ଥାନ ନାହିଁ । ମାତ୍ର ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରାଚୀନ ଉତ୍କଳର ଧର୍ମାଲୋଚନା କରିବା ଲାଗି ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ମୂର୍ତ୍ତି ଜ୍ୱଳନ୍ତ ସାମଗ୍ରୀ ।

ପ୍ରାଚୀନ ଉତ୍କଳର ପ୍ରତି ନଗର, ପ୍ରତି ଗ୍ରାମ, ପ୍ରତି ପୁର, ପ୍ରତି ପଲ୍ଲୀ, ପ୍ରତ୍ୟେକ କୁଟୀର, ପ୍ରତ୍ୟେକ ରାଜଭବନ ଯେଉଁଆଡ଼କୁ ଚାହିଁ ଦେବାଳୟ ଦେବ ପ୍ରତିମା, ମଠ, ଦେବୋତ୍ତର ଭୂମିର ବିରାମ ନାହିଁ । ହିନ୍ଦୁ ପ୍ରତିମାପୂଜା କରେ ସତ, ମାତ୍ର କାଷ୍ଠ ପାଷାଣ ପୂଜକ ନାହିଁ । ପ୍ରତ୍ୟେକ ପ୍ରତିମାରେ ଭଗବାନଙ୍କୁ ଆବାହନ କରାଯାଇ ପୂଜା କରାଯାଏ । ଯେଉଁଠି ଦେଖ ସେହି ଜଗତନାଥ ପରାତ୍ପର ପରମେଶ୍ୱର ପରମବ୍ରହ୍ମଙ୍କ ପୂଜା । ଭଗବାନ ସର୍ବତ୍ର ଅଛନ୍ତି । ସେ ମୂର୍ତ୍ତିମାନଙ୍କରେ ତାଙ୍କର ଅସ୍ତିତ୍ୱ ମିଥ୍ୟା କାହିଁକି ହେବ ମୁଁ ବୁଝିପାରୁ ନାହିଁ । ଯେଉଁମାନେ ଭଗବାନଙ୍କର ନିରାକାର ଉପାସନାର ପକ୍ଷପାତୀ, ସେମାନେ କାହିଁକି ଗୀର୍ଜା, ମସଜିଦ୍, ଉପାସନା ମନ୍ଦିର ଆବଶ୍ୟକ କରନ୍ତି ? ନିରାକାର ଉପାସନା ଲାଗି ସାକାର ମନ୍ଦିରର ଆବଶ୍ୟକ କଣ ? ଛବିମୂର୍ତ୍ତି, ପ୍ରତିମୂର୍ତ୍ତି ଏ ସବୁର ଆବଶ୍ୟକ କଣ ? ପ୍ରତିଭା-ପୂଜା କ୍ରମେ ପ୍ରତିମାପୂଜାରେ ପରିଣତ ହୁଏ । ହିନ୍ଦୁ ଭଗବାନଙ୍କ ଅନନ୍ତ ଶକ୍ତିକୁ ଯେଉଁଠି ପ୍ରତିଭାପନ୍ନ ଥିବାର ଦେଖିଛି ସେଠି ତାଙ୍କୁ ପୂଜା କରିଛି । ଏହି କାରଣରୁ ହିନ୍ଦୁର ଅନେକ ଦେବତା, ଅନେକ ମୂର୍ତ୍ତିପୂଜାର ବିଧିବିଧାନ ଚଳି ଆସୁଛି ।

ଜଗନ୍ନାଥ ମନ୍ଦିର ଇତିହାସ ଆଲୋଚନା କଲେ ଜଣାଯାଏ ଯେ ଜଗନ୍ନାଥ ଲୋକସାଧାରଣର ଦେବତା, ଚଣ୍ଡାଳର ଦେବତା, ବ୍ରାହ୍ମଣର ଦେବତା, ରାଜାର ଦେବତା । ଜଗନ୍ନାଥଙ୍କ ପ୍ରଥମ ପୂଜକ ବିଶ୍ୱାବସୁ । ବିଶ୍ୱାବସୁ ଶବରକନ୍ୟା ସଙ୍ଗେ ବିଦ୍ୟାପତି ବ୍ରାହ୍ମଣର ବିବାହ । ସେମାନଙ୍କ ଔରସଜାତ ଦଇତାମାନେ ମଧ୍ୟ ଜଗନ୍ନାଥ ସେବକ । ଜଗନ୍ନାଥ ଦେଉଳର ପାଚକମାନେ ସୁଆର । ଏମାନଙ୍କୁ ବୈଦିକ ବ୍ରାହ୍ମଣମାନେ ନିକୃଷ୍ଟ ବ୍ରାହ୍ମଣ ବୋଲି କହନ୍ତି । ଶାସନୀ ବୈଦିକ ବ୍ରାହ୍ମଣଙ୍କ ସଙ୍ଗେ ଏମାନଙ୍କ ବୈବାହିକ ସମ୍ବନ୍ଧ ନାହିଁ, ଖିଆପିଆ ସମ୍ପର୍କ ନାହିଁ; ମାତ୍ର ମହା-ପ୍ରସାଦ ଭୋଜନ ବେଳେ ବ୍ରାହ୍ମଣମାନଙ୍କର ଏ ଭେଦାଭେଦ ନଥାଏ । ରକ୍ଷଣଶୀଳ ବ୍ରାହ୍ମଣମାନେ ଏଠାରେ ପରାସ୍ତ । ସାମ୍ୟମୈତ୍ରୀ ଧର୍ମର ପୂର୍ଣ୍ଣ ବିକାଶ ଜଗନ୍ନାଥ ମନ୍ଦିରରେ ହୋଇଛି । ଯେଉଁ ଭକ୍ତ ଯେତେବେଳେ ଧର୍ମପ୍ରଚାର କରିଛନ୍ତି ସେମାନେ ଜାତିଧର୍ମ-ନିର୍ବିଶେଷରେ ଏହି ଧର୍ମ ପ୍ରଚାର କରି ଯାଇଛନ୍ତି । ରାମାନୁଜଙ୍କ ମତାନୁସାରେ—

"ନ ଜାତିଃ କାରଣଂ ଲୋକେ ଗୁଣାଃ କଲ୍ୟାଣହେତବଃ ।"

ଜାତି ମନୁଷ୍ୟର କଲ୍ୟାଣଦାୟକ ନୁହେ, ଗୁଣ କେବଳ କଲ୍ୟାଣଦାୟକ । ରାମାନୁଜ କେବଳ ଏକଥା କଥାରେ କହିନାହାନ୍ତି, କାର୍ଯ୍ୟରେ କରିଯାଇଛନ୍ତି ।

ପ୍ରତ୍ୟେକ ମହାତ୍ମା, ମହାପୁରୁଷମାନେ ନିଜ ଜୀବନରେ ଏ ସତ୍ୟ କାର୍ଯ୍ୟରେ ଦେଖାଇଛନ୍ତି । ଆଜି ସେମାନଙ୍କ ଶିଷ୍ୟମାନେ ପଥଭ୍ରଷ୍ଟ ହୋଇ ସଂକୀର୍ଣ୍ଣ ମତ ନେଇ ବସିଛନ୍ତି । ସେମାନଙ୍କ ଗୁରୁବର୍ଗଙ୍କ ଉପଦେଶ ବହୁଦୂରରେ ପଡ଼ିଗଲାଣି । ରାମାନୁଜ ମୁସଲମାନ ସମ୍ରାଟଙ୍କ କନ୍ୟା ଶାହାଯାଦୀ ଲଛିମାରଙ୍କ ଭକ୍ତି ଦେଖି ତାଙ୍କୁ ଯାଦବାଦ୍ରିପତିଙ୍କ ଚଳନ୍ତି ପ୍ରତିମାଙ୍କୁ ଯାଦବାଦ୍ରିପତିଙ୍କ ମନ୍ଦିରରେ ପୂଜା କରିବାକୁ ଦେଇଥିଲେ । ସେହି ଚଳନ୍ତି ପ୍ରତିମାଙ୍କୁ ଆଣିମା ବେଳେ ଚଣ୍ଡାଳ ହସ୍ତରେ ଅର୍ପଣ କରିଥିଲେ । ଅଦ୍ୟାପି ଚଣ୍ଡାଳମାନେ ଯାଦବାଦ୍ରିପତିଙ୍କ ମନ୍ଦିରରେ ଅବାଧରେ ୩ ଦିନ ପ୍ରବେଶ ଲାଭକରି ଅନ୍ୟାନ୍ୟମାନଙ୍କ ସହିତ ନିଜ ପୂଜା ଅର୍ପଣ କରନ୍ତି । ରାମାନୁଜ ଶୂଦ୍ରର ଗୁଣ ଦେଖି ତାଙ୍କୁ ଭକ୍ତି କରିଥିଲେ ଏବଂ ଶୂଦ୍ରର ଶବ ଦାହ କରିଥିଲେ । ଶ୍ରୀରାମ ମଧ୍ୟ ଜଟାୟୁର ଶବ ଦାହ କରିଥିଲେ । ଉପରୋକ୍ତ ଲଛିମାରଙ୍କ ସ୍ୱାମୀ କବୀର । ସେ ଲଛିମାରଙ୍କ ସଙ୍ଗେ ସଙ୍ଗେ ଥିଲେ । ଲଛିମାରଙ୍କ ମୃତ୍ୟୁପରେ ସେ ରାମାନୁଜଙ୍କ ସଙ୍ଗେ ଶ୍ରୀରଙ୍ଗମ୍ ଯାଇଥିଲେ ଏବଂ କିଛିଦିନ ପରେ ପୁରୀଧାମକୁ ଆସି ପତିତପାବନ ଜଗନ୍ନାଥଙ୍କ ଶରଣାଗତ ହୋଇଥିଲେ । ଏବଂ ମୃତ୍ୟୁ ପର୍ଯ୍ୟନ୍ତ କ୍ଷେତ୍ରବାସ କରିଥିଲେ ରମାନୁଜ ସକଳ ବର୍ଣ୍ଣର ଲୋକଙ୍କୁ ଶିଷ୍ୟ କରିଥିଲେ । ରାମାନନ୍ଦ ତାଙ୍କର ଜଣେ ଶିଷ୍ୟ ଥିଲେ । ସେ ନିମ୍ନ ବର୍ଣ୍ଣର ଶିଷ୍ୟ ଗ୍ରହଣ କଲେ ଏବଂ ସାମ୍ୟଧର୍ମ ପ୍ରଚାର କଲେ । ରାମାନୁଜ ସଂସ୍କୃତ ଭାଷାରେ ଧର୍ମପୁସ୍ତକମାନ ଲେଖିଥିଲେ, ମାତ୍ର ରାମାନନ୍ଦ ପ୍ରାକୃତ ଭାଷାରେ ଲେଖିଲେ । ଲୋକେ ଯେଉଁ ଭାଷା ବୁଝନ୍ତି ସେ ସେହି ଭାଷାରେ ପୁସ୍ତକ ଲେଖିଲେ । ରାମାନନ୍ଦଙ୍କର ଜଣେ ଶିଷ୍ୟ କବୀର । କବୀର ମୁସଲମାନ ଓ ହିନ୍ଦୁଧର୍ମରେ କିଛି ପ୍ରଭେଦ ନାହିଁ ବୋଲି ପ୍ରଚାର କଲେ । ସେ କହିଲେ, ରାମ ରହିମ ଏକ, ଏକ ଭଗବାନ ସର୍ବତ୍ର ବିଦ୍ୟମାନ, ଯେଉଁ ନାମରେ ଡ଼ାକ ସେ ଏକ । ପ୍ରତ୍ୟେକ ମାନବ ହୃଦୟରେ ଯେଉଁ ଦେବତା ଆଛନ୍ତି ସେ ହିନ୍ଦୁ ଓ ମୁସଲମାନର ଦେବତା । ହିନ୍ଦୁର ଧର୍ମକ୍ଷେତ୍ର ପୂର୍ବ ଦିଗରେ ଏବଂ ମୁସଲମାନର ଧର୍ମକ୍ଷେତ୍ର ପଶ୍ଚିମ ଦିଗରେ ହୋଇ ପାରେ । ମାତ୍ର ପ୍ରତ୍ୟେକର ହୃଦୟକ୍ଷେତ୍ର ହିନ୍ଦୁ ଓ ମୁସଲମାନ ଉଭୟର ଧର୍ମକ୍ଷେତ୍ର । କବୀର ଅନେକ ଭଜନଗୀତ ରଚନା କରି ଯାଇଛନ୍ତି । ସେ ଅନେକ ନୀତି ଉପଦେଶ ଦେଇଛନ୍ତି । ହିନ୍ଦୁମାନେ କବୀରଙ୍କୁ ହିନ୍ଦୁ ବୋଲି ଦାବୀ କରନ୍ତି ଏବଂ ମୁସଲମାନମାନେ ତାଙ୍କୁ ମୁସଲମାନ ବୋଲି ଦାବୀ କରନ୍ତି । କିମ୍ବଦନ୍ତୀ ଅଛି ହିନ୍ଦୁ ମୁସଲମାନ ଉଭୟ ମିଳି ତାଙ୍କ ଶବର ସତ୍କାର ଯଥାବିଧି କରିଥିଲେ । କବୀର କେତେଦୂର ଲୋକପ୍ରିୟ ଥିଲେ ଏବଂ ସାମ୍ୟମୈତ୍ରୀ ଧର୍ମକୁ କେତେଦୂର ଅନୁଶୀଳନ କରିପାରିଥିଲେ ଏଥିରୁ ସ୍ପଷ୍ଟ ପ୍ରକାଶ ହେବ । ଆଜି ହିନ୍ଦୁ ମୁସଲମାନ ଏକତା ପାଇଁ କେତେ ଚେଷ୍ଟା ଲାଗିଛି । ମାତ୍ର ଚତୁର୍ଦ୍ଦଶ ଖ୍ରୀଷ୍ଟାବ୍ଦରେ କବୀର କିପରି ଏକତା ସ୍ଥାପନ କରିଥିଲେ ପାଠକମାନେ ବୁଝିବେ । କବୀର ମଠ ଅଦ୍ୟାପି ପୁରୀରେ

ବିଦ୍ୟମାନ ଅଛି ଏବଂ ଯାତ୍ରୀମାନେ କବୀର ମଠରୁ ତୋରାଣୀ ଟିକିଏ ପିଇ ନିଜକୁ ଧନ୍ୟ ମନେକରନ୍ତି । କବୀରଙ୍କ ପରେ ଚୈତନ୍ୟଙ୍କ ଆବିର୍ଭାବ । ସେ ମଧ୍ୟ ପୁରୀରେ ତାଙ୍କ ଲୀଳା ସାଙ୍ଗ କରିଥିଲେ । ସେ ମଧ୍ୟ ଜାତି ଧର୍ମ ନିର୍ବିଶେଷରେ ଶିଷ୍ୟ ଗ୍ରହଣ କରି ସାମ୍ୟମୈତ୍ରୀ ଧର୍ମ ପ୍ରଚାର କରିଥିଲେ । ସେ ମଧ୍ୟ ମୁସଲମାନ ଶିଷ୍ୟ ଗ୍ରହଣ କରିଥିଲେ । ଏହିପରି ଦେଖିବାକୁ ଗଲେ ପ୍ରାଚୀନ ଉତ୍କଳ ସାମ୍ୟମୈତ୍ରୀ ଧର୍ମ ଲୀଳାଖେଳାର ପ୍ରଧାନ କ୍ଷେତ୍ର । ଏ ମହାପୁରୁଷମାନଙ୍କ ପରେ ଧର୍ମର ଉଦାର ଭାବ କ୍ରମେ ସଙ୍କୁଚିତ ହୋଇଗଲାଣି । ଆଜି ବୈଷ୍ଣବର ସେ ସାମ୍ୟମୈତ୍ରୀ ଭାବ କାହିଁ ?

ମଠ :—ପ୍ରାଚୀନ ଉତ୍କଳରେ ଅନେକ ମଠ ସ୍ଥାପିତ ହୋଇଥିଲା । "ମଠଶ୍ଛାତ୍ରାଦିନିଲୟଃ" ଅର୍ଥାତ୍ ମଠ ଅର୍ଥ ଛାତ୍ରାବାସ । ଶିଷ୍ୟମାନେ ଯେଉଁଠି ରହି ଧର୍ମଶିକ୍ଷା ଓ ଧର୍ମଶାସ୍ତ୍ରାଲୋଚନା କରନ୍ତି ତାକୁ ମଠ କୁହାଯାଏ । ପୁରୀରେ ଅନେକଗୁଡ଼ିଏ ମଠ ଅଛି । ଶଙ୍କର ମଠ ସର୍ବାପେକ୍ଷା ପ୍ରାଚୀନ ମଠ ବୋଲି ଜଣାଯାଏ । ଶଙ୍କରାଚାର୍ଯ୍ୟ ଭାରତର ସକଳ ପ୍ରଧାନ ଧର୍ମକ୍ଷେତ୍ରରେ ମଠ ସ୍ଥାପନ କରିଥିଲେ । ପୁରୀର ଗୋବର୍ଦ୍ଧନ ପୀଠ ତହିଁମଧ୍ୟରୁ ଅନ୍ୟତମ । ମଠରେ ଧର୍ମାଚାର୍ଯ୍ୟ-ମାନେ ରହିବେ ଏବଂ ତାଙ୍କର ଶିଷ୍ୟବର୍ଗ ଏଠାରେ ରହି ଧର୍ମଶିକ୍ଷା ଲାଭ କରିବେ । ଧର୍ମାଚାର୍ଯ୍ୟମାନେ ଲୋକସମାଜରେ ଦେବତା ପରି ପୂଜିତ ହେଉଥିଲେ ଏବଂ ଧର୍ମପ୍ରାଣ ଧନୀ ଲୋକଙ୍କର ଭକ୍ତି କ୍ରମେ ଏ ମଠମାନଙ୍କ ପ୍ରତି ଆକୃଷ୍ଟ ହେଲା । ସେମାନେ ସଦ୍‌ବ୍ୟୟ ଲାଗି ମଠମାନଙ୍କୁ ଭୂସମ୍ପତ୍ତି ଦାନ କଲେ । ଧର୍ମାଚାର୍ଯ୍ୟମାନେ ଲୋକହିତରେ ସେହି ଧନ ବ୍ୟୟ କରିବେ ଏବଂ ନିଜ ଭୋଗବିଳାସରେ ବ୍ୟୟ କରିବେ ନାହିଁ ବୋଲି ଦାତାମାନଙ୍କର ବିଶ୍ୱାସ ଥିଲା । ସୁତରାଂ ସେମାନେ ଧର୍ମାଚାର୍ଯ୍ୟମାନଙ୍କ ମାରଫତରେ ଅନେକ ଲାଖରାଜ ବାହେଲ ବାଜ୍ୟାପ୍ତି ସମ୍ପତ୍ତି ରଖିଦେଲେ । ଏହିପରି ମଠଗୁଡ଼ିକ କ୍ରମେ ସମ୍ପତ୍ତିଶାଳୀ ହୋଇ ଉଠିଲା । ପୁରୀରେ ପ୍ରତ୍ୟେକ ଧର୍ମସମ୍ପ୍ରଦାୟର ମଠ ଅଛି । ଶଙ୍କର ସମ୍ପ୍ରଦାୟ, ରାମାନୁଜ ସମ୍ପ୍ରଦାୟ, ଚୈତନ୍ୟ ସମ୍ପ୍ରଦାୟ, ନାନକ ସମ୍ପ୍ରଦାୟ, କବୀର ସମ୍ପ୍ରଦାୟ, ଅତିବଡ଼ୀ ସମ୍ପ୍ରଦାୟର ମଠମାନ ପୁରୀରେ ବିଦ୍ୟମାନ ଅଛି । ସକଳ ସମ୍ପ୍ରଦାୟର ମଠମାନଙ୍କରେ ଭୂସମ୍ପତ୍ତି ଖଞ୍ଜାଅଛି । ମାତ୍ର ସର୍ବାପେକ୍ଷା ରାମାନୁଜପନ୍ଥୀ ମଠଗୁଡ଼ିକ ବିଶେଷ ସମୃଦ୍ଧିଶାଳୀ । ପ୍ରତ୍ୟେକ ମଠର ଇତିହାସ ଆଲୋଚନା କରିବା ପାଇଁ ଏଠାରେ ସ୍ଥାନ ନାହିଁ । ମଠମାନଙ୍କରେ ଉତ୍ତରାଧିକାରୀ ନିଯୁକ୍ତି ପ୍ରଥା ଭିନ୍ନ ଭିନ୍ନ । ଅଧିକାଂଶ ମଠରେ ଗୁରୁ ଶିଷ୍ୟ ପରମ୍ପରାକ୍ରମେ ମହନ୍ତ ହେବାର ପ୍ରଥା ଦେଖାଯାଏ । ଅଧିକାଂଶ ମହନ୍ତ ନିଜ ଜ୍ଞାତିଗୋତ୍ରରୁ ଶିଷ୍ୟ ଗ୍ରହଣ କରନ୍ତି । ସାମାନ୍ୟ କେତେଗୋଟି ମଠରେ ପଞ୍ଚାୟତ ନିଯୁକ୍ତିଦ୍ୱାରା ମହନ୍ତ ହୁଅନ୍ତି । ଉତ୍ତରାଧିକାରୀ ଶିଷ୍ୟ ନିଯୁକ୍ତି ସଙ୍ଗେ ଗୁରୁର

କିଛି ବିଗୁଡ଼ି ଥିବାର ଦେଖାଯାଏ ନାହିଁ । ଯାହା ନାମରେ ଗୁରୁ ଉଇଲ ଲେଖି ଦେଲେ ଏବଂ ଯେ ଡୋର କଉପୁନି କଣ୍ଠି ବାନ୍ଧିଲା ସେ ମଠାଧିପତି ଏବଂ ସେ ଧର୍ମାଚାର୍ଯ୍ୟଙ୍କ ପୁରାଣ ପ୍ରସିଦ୍ଧ ଧର୍ମାନୁଷ୍ଠାନର ମାଲିକ । ଧନ ଓ ଧର୍ମର ସାମଞ୍ଜସ୍ୟ ରକ୍ଷା କରିବା ଲାଗି ସେହିପରି ବୈରାଗ୍ୟ ଓ ଧର୍ମପ୍ରାଣ ଥିବା ଆବଶ୍ୟକ । ଅନ୍ୟଥା ଧନ, ଧର୍ମର ଉଚ୍ଚାସନରୁ ଧର୍ମାଚାର୍ଯ୍ୟଙ୍କୁ ଟାଣିନେଇ ଅତି ଅକ୍ଳେଶରେ ସଂସାରରେ ବୁଡ଼ାଇଦେବ । ଗୋଟିଏ ଅମୂଲ୍ୟ ନୀତିବାକ୍ୟ ଅଛି—

"ଯୌବନ ଧନସମ୍ପତ୍ତି ପ୍ରଭୁତ୍ୱମବିବେକିତା
ଏକୈକମପ୍ୟନର୍ଥାୟ କିମୁଯତ୍ର ଚତୁଷ୍ଟୟଂ ।"

ଏ ବାକ୍ୟଟି ଅକ୍ଷରେ ଅକ୍ଷରେ ପ୍ରତ୍ୟେକ ମଠ ପ୍ରତି ପ୍ରଯୁଜ୍ୟ । ପ୍ରତ୍ୟେକ ମଠରେ ଏ ଚାରିଗୋଟିର ସମନ୍ୱୟ ଅଛି । ଏଥିରେ ଅନର୍ଥ ନଘଟି କ'ଣ ହେବ ? ଧର୍ମାଚାର୍ଯ୍ୟ ଗାଦୀକୁ ଯେ ସେ ଉପଯୁକ୍ତ ନୁହେଁ । ବିଦ୍ୟା, ବୟସ, ବୈରାଗ୍ୟ, ଜ୍ଞାନ, ଧର୍ମଶାସ୍ତ୍ରାଲୋଚନା ପ୍ରଭୃତି ଗୁଣ ଦେଖି ଯଦି ଉତ୍ତରାଧିକାରୀ ନିଯୁକ୍ତ ହେଉଥାନ୍ତା ତେବେ ମଠଗୁଡ଼ିକ ପବିତ୍ର ଧର୍ମାନୁଷ୍ଠାନ ହୋଇ ଯୁଗେ ଯୁଗେ ବିରାଜୁଥାନ୍ତା । ଯେତେବେଳେ ହିନ୍ଦୁ ରାଜାମାନେ ରାଜତ୍ୱ କରୁଥିଲେ, ତେତେବେଳେ ମଠମାନଙ୍କ ଉପରେ ସେମାନଙ୍କର ପୂର୍ଣ୍ଣ କ୍ଷମତା ଥିଲା ଏବଂ କୌଣସି ମଠର ମହନ୍ତଙ୍କୁ ଅନୁପଯୁକ୍ତ ଦେଖିଲେ ତାଙ୍କୁ ଗାଦିଚ୍ୟୁତ କରୁଥିଲେ । ଏ ଅଙ୍କୁଶ କାଳକ୍ରମେ ଗଲାଣି । ଇଂରେଜ ସରକାର ହିନ୍ଦୁମାନଙ୍କ ଧର୍ମ ଉପରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି । ସୁତରାଂ ମଠଗୁଡ଼ିକ ନିରଙ୍କୁଶ ଭାବରେ ପରିଚାଳିତ ହେଉଅଛି । ମଠଗୁଡ଼ିକ ଯେ ମୂଳ ଆଦର୍ଶରୁ ସ୍ଖଳିତ ହୋଇଛି ଏଥିରେ କିଛି ଦ୍ୱିମତ ନାହିଁ । ଅନ୍ତତଃ ଇଂରେଜ ସରକାର ଆସିବାର ଅଳ୍ପଦିନ ପରେ ଅର୍ଥାତ ଛ' ବର୍ଷ ପରେ ମଠମାନଙ୍କ ବିରୁଦ୍ଧରେ ଇଂରେଜ ସରକାରଙ୍କ ନିକଟରେ ଆପତ୍ତି ଉପସ୍ଥିତ ହେଲା । ୧୮୧୦ ଖ୍ରୀଷ୍ଟାବ୍ଦରେ ପ୍ରଥମେ ୧୯ ଆଇନ ଜାରିହେଲା । ତା ପରେ ୧୮୬୩ ସାଲରେ ୨୦ ଆଇନ ଜାରିହେଲା । କେଦାରନାଥ ଦତ୍ତ ନାମକ ଜଣେ ଭଦ୍ରଲୋକ ୧୮୬୦ ମସିହାରେ ଓଡ଼ିଶା ମଠମାନଙ୍କ ସମ୍ବନ୍ଧେ ଏକ ଆଲୋଚନା ଲେଖିଥିଲେ । ସେ ମଠମାନଙ୍କ ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ । ୧୮୬୮ ମସିହାରେ ମଠମାନ ତଦନ୍ତ କରିବା ଲାଗି ଗୋଟିଏ କମିଟି ନିଯୁକ୍ତ ହୋଇଥିଲା । ସେମାନେ ଓଡ଼ିଶାର ଲୋକ, ସେମାନେ ନିଜେ ଦେଖି ଶୁଣି ଏବଂ ପୁଛାରେ ରିହି ରିପୋର୍ଟ କରିଥିଲେ । ସେମାନେ ଲେଖିଲେ ଯେ ମଠରେ ଯେସବୁ ସମ୍ପତ୍ତି ଗଚ୍ଛିତ ଅଛି ସେସବୁ ଦାନ ଓ ଖଇରାତ ଉଦ୍ଦେଶ୍ୟରେ ଗଚ୍ଛିତ ଅଛି । ମଠ ଠାକୁର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତମଣୋହି ସକାଶେ ଏମାନଙ୍କ ଜିମାରେ

କେତେକ ସମ୍ପତ୍ତି ଅଛି । ଏସମସ୍ତ ଦରିଦ୍ର ଲୋକ ଓ ନିରାଶ୍ରୟ ଲୋକମାନଙ୍କ ହିତ ସକାଶେ ମଠରେ ଗଚ୍ଛିତ ଅଛି । ମଠାଧିପତି ବୈରାଗୀ ହୋଇ ମଠରେ ରହିବ, ସଚ୍ଚରିତ୍ରବାନ୍ ହୋଇ ଜୀବନଯାପନ କରିବ ଏବଂ ଦେବତା ଓ ମନୁଷ୍ୟସେବାରେ କାଳ କଟାଇବ, ଅତି ନିରାଡ଼ମ୍ବର ଭାବରେ ଜୀବନଯାପନ କରିବ, ନିଜ ସୁଖାଭିଳାଷ ପାଇଁ କପର୍ଦ୍ଦକ ବ୍ୟୟ କରିବ ନାହିଁ, ଚିର ସନ୍ନ୍ୟାସୀ ହୋଇ ମଠରେ ରହିବ । ମଠାଧିପତି କେବଳ ଜମାଦାର, ତାର ମଠସମ୍ପତ୍ତିରେ କିଛିମାତ୍ର ସ୍ୱତ୍ୱାଧିକାର ନାହିଁ । ତାର ପରିଶ୍ରମ ଲାଗି ମୁଠିଏ ଖାଇବ, ଖଣ୍ଡେ ପିନ୍ଧିବ । ଅବଶିଷ୍ଟ ସମସ୍ତ ଉପସ୍ୱତ୍ୱ ଗରିବ, ନିରାଶ୍ରୟ ଲୋକ ଓ ଦେବତା ଭୋଗ ଲାଗି ଖଞ୍ଜା ଯାଇଛି । କମିଟି ରିପୋର୍ଟ କଲି ଯେ, ଏ ଆଦର୍ଶ ଆଉ ନାହିଁ । ଯଦି କୌଣସି ମଠରେ ଥାଏ ତାହାକୁ ସାଧାରଣ ଆଦର୍ଶର ବହିର୍ଭୂତ ବୋଲି ଧରିବାକୁ ହେବ । ୧୮୬୯ ମସିହା ୨୫ ତାରିଖ ମାର୍ଚ୍ଚ ମାସରେ କମିଟି ଏହି ମର୍ମରେ ରିପୋର୍ଟ ଦେଇଥିଲେ । ସେମାନେ ରିପୋର୍ଟରେ ସ୍ପଷ୍ଟ ଲେଖିଥିଲେ ଯେ, ମଠର ମୂଳ ଆଦର୍ଶ ଆଉ ନାହିଁ । ମଠାଧି-ପତିମାନେ ବର୍ତ୍ତମାନ ରାଜା ମହାରାଜାଙ୍କପରି ଭୋଗବିଳାସରେ କାଳଯାପନ କରୁଛନ୍ତି, ସେମାନଙ୍କ ମୂଳ କର୍ତ୍ତବ୍ୟ ସେମାନେ ଭୁଲିଗଲେଣି । ମଠସମ୍ପତ୍ତି ଯେ କେବଳ ଅପବ୍ୟୟ ହେଉଛି ତାହା ନୁହେଁ, ଅନେକ ସ୍ଥଳରେ ହସ୍ତାନ୍ତର ହେଲାଣି । ଏଥିର ଶୀଘ୍ର ପ୍ରତିକାର ଆବଶ୍ୟକ; ନଚେତ୍ ସାଧାରଣ ସମ୍ପତ୍ତି ନଷ୍ଟ ହୋଇଯିବ । ଏ ସେକାଳର କଥା, ଆଜକୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବର କଥା । ଏ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଆଉ ଅନେକ ପରିବର୍ତ୍ତନ ଘଟିଲାଣି । ମଠ ସମ୍ପତ୍ତି ପ୍ରାଚୀନ ଉତ୍କଳର । ଦାନଶୀଳତାର ଗୋଟିଏ ଜ୍ୱଳନ୍ତ ଉଦାହରଣ । ପ୍ରାଚୀନ ଉତ୍କଳର ଦେବୋତ୍ତର ପ୍ରଭୃତି ସମ୍ପତ୍ତିର ବାର୍ଷିକ ଖଜଣା ୫୦୦୦୦ ପାଉଣ୍ଡ ବା ୭୫୦୦୦୦ ଟଙ୍କା । ଏହା ପ୍ରାଚୀନ ଉତ୍କଳର ଜାତୀୟ ସମ୍ପତ୍ତି । ଏହାର ରକ୍ଷାଲାଗି ପ୍ରତ୍ୟେକ ଉତ୍କଳ ସନ୍ତାନ ଧର୍ମତଃ ଦାୟୀ । ଏହା ପିତୃପିତାମହଙ୍କ ଦାନ ଓ କୀର୍ତ୍ତି । ଏଗୁଡ଼ିକ ରକ୍ଷାକଲେ ପିତୃପିତାମହଙ୍କ କୀର୍ତ୍ତି ଅକ୍ଷୁର୍ଣ୍ଣ ରହିବ । କ୍ରମେ କ୍ରମେ ମଠ ପ୍ରଭୃତି ଧର୍ମାନୁଷ୍ଠାନ ରକ୍ଷା ବିଷୟରେ ନାନାପ୍ରକାର ଆଇନ କରାଯାଉଛି । ଧର୍ମଭାବ ଊଣା ହେଲାରୁ ଏମାନ୍ତୁ ଅନୁଷ୍ଠାନର ଏପରି ଦୁର୍ଦ୍ଦଶା । ଆଇନଦ୍ୱାରା ଯେ ଧର୍ମଭାବ ବଢ଼ିବ ଏକଥା ବିଶ୍ୱାସ ହେଉନାହିଁ । ଯେତେ ଦିନ ପର୍ଯ୍ୟନ୍ତ ଧର୍ମଭାବର ପୁନରୁତ୍ଥାନ ନହୋଇଛି ତେତେ ଦିନ ଆଇନଦ୍ୱାରା ଅପବ୍ୟୟର ଆକାର ପ୍ରକାର ବଦଳିପାରେ । ମାତ୍ର ସେ ପୂର୍ବ ଆଦର୍ଶ ଫେରି ଆସିବ ନାହିଁ ବୋଲି ଅନୁମାନ କରାଯାଏ । ତେବେ ବର୍ତ୍ତମାନ ଅବସ୍ଥାରେ ଆଇନର ଆଶ୍ରୟ ବ୍ୟତୀତ ଲୋକଙ୍କୁ ଅନ୍ୟ ଉପାୟ ଦେଖାଯାଉ ନାହିଁ । ଧର୍ମାନୁଷ୍ଠାନରେ ମୌରସୀ ଉତ୍ତରାଧିକାରିତ୍ୱ ବାଞ୍ଛନୀୟ ନୁହେଁ । ଗୁଣ ଉତ୍ତରାଧିକାରୀର କଷଟି ପଥର ହେବା ଆବଶ୍ୟକ ।

ଚିଲିକା—"ଉତ୍କଳ କମଳା ବିଳାସ ଭଣ୍ଡାର । ଉତ୍କଳର ତୁହି ଚାରୁ ଅଳଙ୍କାର" । ସେହି ମରାଳମାଳିନୀ ନୀଳାମ୍ବୁ ଚିଲିକା ଦେଖି କେତେ କବି କେତେ ଗୀତ ଗାଇ ଯାଇଛନ୍ତି । ଅଦ୍ୟାବଧି କେତେ ବୈଦେଶିକ ଲୋକେ ଚିଲିକା ଦେଖି ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହେଉଛନ୍ତି । ଚିଲିକା ଗୋଟିଏ ହ୍ରଦ । ଚିଲିକା ମଧ୍ୟରେ କେତେଗୁଡ଼ିଏ ଛୋଟ ଛୋଟ ଗ୍ରାମ ଅଛି । ପାରିକୁଦ ନାମରେ ଗ୍ରାମରେ ଏକ ଜମିଦାର ଅଛନ୍ତି । ଗଡ଼ କୃଷ୍ଣପ୍ରସାଦ ପୂର୍ବେ ଏକ ଗଡ଼ ଥିଲା । ପାରିକୁଦ ରାଜାଙ୍କ ଇଲାକା ମଧ୍ୟରେ ଚିଲିକା ଥିଲା । ମାଛ ଓ ଲୁଣ ଏ ଇଲାକାର ପ୍ରଧାନ ଆମଦାନି ଥିଲା । ଚିଲିକାରେ ଲୁଣ ପୋକ୍ତାନ ହେଉଥିଲା । ପାରିକୁଦ ରାଜାଙ୍କର ଲୁଣ ପୋକ୍ତାନରୁ ବହୁତ ଆୟ ହେଉଥିଲା । ପଙ୍ଗା ଓ କରକଚ ଦୁଇ ପ୍ରକାର ଲୁଣ ହେଉଥିଲା । କରକଚ ସୂର୍ଯ୍ୟକିରଣ ଦ୍ୱାରା ହୁଏ ଏବଂ ପଙ୍ଗାଲୁଣ ନିଆଁରେ ପାଣିକି ସିଝାଇ କରାଯାଏ । କରକଚ ଲୁଣ ବେଶୀ ପବିତ୍ର ବୋଲି ଲୋକେ କହନ୍ତି । ଚିଲିକାରୁ ଗୋଟିଏ ଛୋଟ ନାଳ ଖୋଳି ଥାଆନ୍ତି । ନାଳ ମୁଣ୍ଡରେ କିଆରି ଥାଏ । କିଆରିମାନଙ୍କର ଭିନ୍ନ ଭିନ୍ନ ନାମ ଅଛି । ନ. ୧ କଞ୍ଚା, ନ. ୨ ଗଣ୍ଡି, ନ. ୩ ସିଝା, ନ, ୪ ପାଚେଲା । ଲୁଣ ତିଆରି କରିବାକୁ ମହଣକେ ଟ ୦ । ୯ଇ ହୁଏ । ମଜୁରି ଟ ୦ ୵୬, ଖଜଣା ଟ ୦୵୬, ନାଳଖୋଳା ଓଗେର ଟ ୦୵୬, ବାକେ ଟ ୦୵୬ । ପାରିକୁଦର ଲୁଣପୋକ୍ତାନ ବନ୍ଦ ହେବାଦିନୁ ରାଜାଙ୍କର ଅନେକ ଆୟ କମିଗଲା । ଏସ୍ଥାନର ଲୋକେ ସର୍ବଦା ଦୁର୍ଭିକ୍ଷ ପ୍ରପୀଡ଼ିତ ହୋଇଥାନ୍ତି । ଚିଲିକା କେବେ ହେଲା ତାହାର କୌଣସି ନିର୍ଦ୍ଦିଷ୍ଟ ସମୟ ମିଳୁନାହିଁ । ଚିଲିକା ଓଡ଼ିଶାର ଦକ୍ଷିଣ-ପୂର୍ବ କୋଣରେ । ଚିଲିକାର ଗୋଟିଏ ସଂକୀର୍ଣ୍ଣ ମୁହଁ ଅଛି । ଏହି ମୁହଁଦ୍ୱାରା ଚିଲିକା ବଙ୍ଗୋପସାଗରର ସଙ୍ଗେ ମିଶିଛି । କିମ୍ବଦନ୍ତୀ ଅଛି ଯେ ୩୧୮ ଖ୍ରୀଷ୍ଟାବ୍ଦରେ ଯବନମାନେ ସମୁଦ୍ର ପଥରେ ଆସି ପୁରୀ ନିକଟରେ ଜାହାଜ ଲଙ୍ଗର କଲେ । ପୁରୀ ଜଗନ୍ନାଥ ମନ୍ଦିର ମଧ୍ୟରୁ ଧନରତ୍ନ ଅପହରଣ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ସେବକମାନେ ଏ ସମ୍ବାଦ ପାଇ ଜଗନ୍ନାଥ ମୂର୍ତ୍ତି ଓ ଧନରତ୍ନ ନେଇ ପଳାଇଲେ । ଯବନ ସେନାପତି ରକ୍ତବାହୁ ନିରାଶ ହେଲା ଏବଂ ସମୁଦ୍ର ସେବକମାନଙ୍କୁ ଏ ସମ୍ବାଦ ଦେଇଥିବା ବିଶ୍ୱାସ କରି ସମୁଦ୍ରକୁ ଦଣ୍ଡ ଦେବାପାଇଁ ଉଦ୍ୟତ ହେଲା । ସମୁଦ୍ର କୌଶଳ କରି କେତେକ ମାଇଲ ପଛକୁ ଘୁଞ୍ଚିଗଲା ପରେ ହଠାତ୍ ମାଡ଼ିଆସି ଯବନମାନଙ୍କୁ ଗର୍ଭସାତ୍ କଲା । ସେହି ସମୟରେ ପୁରୀ ଜିଲ୍ଲାର ଅନେକ ଦୂରଯାଏ ସମୁଦ୍ର ମାଡ଼ିଗଲା ଏବଂ ଫଳରେ ଚିଲିକାହ୍ରଦ ତିଆରି ହେଲା । ଏ କିମ୍ବଦନ୍ତୀ କେତେଦୂର ସତ୍ୟ କିଏ କହିପାରେ । ଚିଲିକା ଅଞ୍ଚଳରେ କେତେଗୁଡ଼ିଏ ଦୁର୍ଗ ଥିଲା । ବଜ୍ରକୋଟ, ମାଲୁଦ, କୃଷ୍ଣପ୍ରସାଦ ପାରିକୁଦ, ମାଣିକପାଟଣା ଓ ଅନ୍ଧାରି ଗଡ଼ମାନ ପ୍ରଧାନ । ପାରିକୁଦର ରାଜବଂଶ କ୍ଷତ୍ରିୟ । ଏମାନେ ପୂର୍ବେ ସୈନିକ

ଜାଗିର ଭୋଗ କରୁଥିଲେ । ଇଂରେଜମାନଙ୍କ ସୈନ୍ୟ ଏହି ଚିଲିକା ବାଟେ ଉତ୍କଳକୁ ଆସିଥିଲେ । ଇଂରେଜମାନେ ପାରିକୁଦରୁ ଅଳ୍ପ ରାଜସ୍ୱ ନିଅନ୍ତି । ମାଛ ମାଳୁଦ ପ୍ରଭୃତି ନିଷ୍କର । ହଣ୍ଟର ସାହେବ କହନ୍ତି ଯେ ୧୮୦୨ ଖ୍ରୀଷ୍ଟାବ୍ଦରେ ଇଂରେଜ ସୈନ୍ୟମାନେ ଗଞ୍ଜାମରୁ ଏହି ବାଟେ ଆସିଲାବେଳେ ବାଟରେ ସବୁ ଜମିଦାର ଓ ଖଣ୍ଡାଏତମାନେ ସେମାନଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ, ମାତ୍ର ପାରିକୁଦ ରାଜା ଯୋଗ ଦେଇ ନଥିଲେ । ଆକ୍ରମଣକାରୀ ସୈନ୍ୟ କୌଣସିଠାରେ ଏପରି ଲୋକପ୍ରିୟ ହେବାର ଦେଖା ନଥିଲା । ଚିଲିକା ପ୍ରାଚୀନ ଉତ୍କଳର ଗୋଟିଏ ପ୍ରଧାନ ବାଣିଜ୍ୟସ୍ଥଳୀ ଥିଲା । ଚିଲିକା ମଧ୍ୟରେ ଓ କୂଳ ପ୍ରଦେଶରେ ଅନେକ ପର୍ବତ ଅଛି । ନଳ ବଣ, କାଳୀଜାଇ ଠାକୁରାଣୀ ଚିଲିକା ମଧ୍ୟରେ ଅବସ୍ଥିତ । ଏଠାରେ ଅନେକ ପ୍ରକାର ପକ୍ଷୀ ବସା କରି ରହନ୍ତି ।

ଭୂସ୍ୱତ୍ୱ—ପ୍ରାଚୀନ ଉତ୍କଳରେ ଲୋକମାନଙ୍କର କି ପ୍ରକାର ଭୂସ୍ୱତ୍ୱ ଥିଲା ? ହିନ୍ଦୁ ରାଜାମାନଙ୍କ ଶାସନକାଳରେ ପ୍ରାଚୀନ ଉତ୍କଳ କେତେଗୁଡ଼ିଏ ବଡ଼ ବଡ଼ ଜିଲାରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ ଜିଲାର ନାମ ଦଣ୍ଡପାଟ । ମୁସଲମାନମାନଙ୍କ ଅମଳରେ ଦଣ୍ଡପାଟର ନାମ ହେଲା ସରକାର । ପ୍ରତି ଦଣ୍ଡପାଟରେ କେତେଗୁଡ଼ିଏ ରାଜସ୍ୱ ବିଭାଗ ଥିଲା । ପ୍ରତ୍ୟେକ ବିଭାଗର ନାମ ବିଶି ବା ଖଣ୍ଡ । ମୁସଲମାନମାନଙ୍କ ଅମଳରେ ବିଶିର ନାମ ହେଲା ପ୍ରଗନା । ପ୍ରତି ବିଶିରେ କେତେଗୁଡ଼ିଏ ଗ୍ରାମ ଥିଲା । ମୁସଲମାନମାନଙ୍କ ଅମଳରେ ଗ୍ରାମର ନାମ ହେଲା ମୌଜା । ପ୍ରତି ବିଶିରେ ଜଣେ ପ୍ରଧାନ ଥିଲା । ତାର ନାମ ବିଶୋୟୀ ବା ଖଣ୍ଡାଧିପତି । ଦକ୍ଷିଣାଞ୍ଚଳରେ ଏହା ନାମ ଦେଶମୁଖ । ମୁସଲମାନଙ୍କ ଅମଳରେ ଏହାଙ୍କ ନାମ ହେଲା ଚଉଧୁରୀ । ବିଶୋୟୀ ସାଧାରଣ ଶାନ୍ତି ରକ୍ଷା କରିବ, ରାଜସ୍ୱ ବୁଝାଇବ ଏବଂ ଶାସନ ଇଲାକାର ସମସ୍ତ ସାଧାରଣ କାର୍ଯ୍ୟମାନ କରିବ । ତାଂଠାରେ ମେଜେଷ୍ଟର କ୍ଷମତା ଥିଲା । ତାଙ୍କ ଅଧୀନରେ ଜଣେ ଖଣ୍ଡାଏତ ଏବଂ ଜଣେ ପାଇକ ଥିଲେ । ଏମାନେ ନିଷ୍କର ଜାଗିର ଭୋଗ କରୁଥିଲେ । ପାଇକମାନଙ୍କ ମଧ୍ୟରୁ କେତେକ ଖଣ୍ଡାଏତ ନିକଟରେ ଥାନ୍ତି ଏବଂ କେତେକ ପ୍ରତି ଗ୍ରାମରେ ଥାନ୍ତି ଏବଂ ସେମାନେ ଚଉକିଦାର କାର୍ଯ୍ୟ କରନ୍ତି । ଚଉକିଦାରମାନେ ନିଷ୍କର ଭୂମି ଭୋଗ ଦଖଲ କରନ୍ତି ଏବଂ ଗ୍ରାମରୁ ପାଞ୍ଚମାଣରେ ବିଡ଼ାଏ ବିଡ଼ାହଲା ପାଆନ୍ତି । ବିଶୋୟୀର ସମସ୍ତ ହୁକୁମ ଏମାନେ କାର୍ଯ୍ୟରେ ପରିଣତ କରନ୍ତି । ବିଶୋୟୀ ଅଧୀନରେ ଜଣେ ଭୂଇଁମୂଳ ଥିଲା । ମୁସଲମାନଙ୍କ ଅମଳରେ ତା ନାମ ହେଲା କାନୁନଗୋ । ଏମାନେ କରଣ ଥିଲେ । ସେମାନେ ଗ୍ରାମର ହିସାବ ରଖୁଥିଲେ, ଖଜଣା ଓ ଟିକସ ଆଦାୟ କରୁଥିଲେ । ସେମାନେ ରାଜସ୍ୱ ବିଭାଗର ପ୍ରଧାନ କର୍ମଚାରୀ ଥିଲେ । ସେମାନେ ଗ୍ରାମର ପ୍ରଧାନମାନଙ୍କଠାରୁ ରାଜସ୍ୱ ଆଦାୟ କରି ରାଜସରକାରକୁ

ଦେଉଥିଲେ । ପ୍ରଧାନ ଗ୍ରାମବାସୀଙ୍କଠାରୁ ରାଜସ୍ୱ ଆଦାୟ କରୁଥିଲେ । ରାଜା ପ୍ରଜା ମଧ୍ୟରେ ଅନ୍ୟ କେହି ସ୍ୱତ୍ୱାଧିକାରୀ ନଥିଲା । ଉତ୍କଳରେ ସମ୍ରାଟମାନେ ତାଙ୍କ ସାମ୍ରାଜ୍ୟକୁ ଦୁଇଭାଗରେ ବିଭକ୍ତ କରିଥିଲେ । ଅର୍ଦ୍ଧେକ ରାଜ୍ୟ ରାଜକର୍ମଚାରୀ, ସୈନ୍ୟ, ଧର୍ମଯାଜକ, ବିଶୋୟୀ ପ୍ରଭୃତିଙ୍କୁ ଦେଇଥିଲେ । ଅବଶିଷ୍ଟ ଅର୍ଦ୍ଧେକ ରାଜକୀୟ ବ୍ୟୟପାଇଁ ରକ୍ଷିତ ହୋଇଥିଲା । ମହାରାଜା ଅନଙ୍ଗଭୀମଦେବ ୨୩୮୦୦୦ ବାଟି ଭୂମି ବ୍ୟୟଲାଗି ଦେଇଥିଲେ ଏବଂ ୨୪୩୦୦୦୦ ବାଟି ରାଜକୀୟ ବ୍ୟୟପାଇଁ ରକ୍ଷିତ କରିଥିଲେ । ରାଜଧାନୀ ମଧ୍ୟରେ ସୈନ୍ୟ ରହୁଥିଲେ । ସୈନ୍ୟମାନଙ୍କର ଜଣେ ଅଧିପତି ଥିଲେ । ତାଙ୍କୁ କିଲ୍ଲାଦାର କହୁଥିଲେ । କିଲ୍ଲାଦାରଙ୍କ ଅଧୀନରେ ୧୦୦୦୦୦ ବା ୧୨୦୦୦୦ ବା ୩୦୦୦୦୦ ସୈନ୍ୟ ଥିଲେ । ଏମାନେ ଅଳ୍ପ ଖଜଣା ଦେଉଥିଲେ ବା ନିଷ୍କର ଭୂମି ଭୋଗ କରୁଥିଲେ । ମୁସଲମାନଙ୍କ ଅମଳରେ ଏମାନଙ୍କୁ ଫଉଜଦାର ବୋଲି କହୁଥିଲେ । ରାଜ୍ୟର ଅନ୍ତର୍ଦ୍ଦେଶରେ ଯେଉଁ କିଲ୍ଲାଦାରମାନେ ଥିଲେ ସେମାନଙ୍କର ଓ ଖଣ୍ଡାଏତମାନଙ୍କର ବିଶେଷ କିଛି ପ୍ରଭେଦ ନଥିଲା । ସୀମାନ୍ତ ପ୍ରଦେଶରେ ଯେଉଁମାନେ ଥିଲେ ସେମାନଙ୍କୁ ଭୂପତି, ମହାନାୟକ, ସାମନ୍ତ ବୋଲି କହୁଥିଲେ । ମାତ୍ର ସେମାନେ ସାଧାରଣତଃ ଖଣ୍ଡାଏତ ବୋଲି ପରିଚିତ । ଅନେକ ସ୍ଥଳରେ ଏମାନେ ଅନାର୍ଯ୍ୟ ଅଧିନାୟକ ଥିଲେ । ହିନ୍ଦୁ ସମ୍ରାଟମାନେ ସେମାନଙ୍କୁ ଜୟକରି ବା ତାଙ୍କସଙ୍ଗେ ସନ୍ଧିକରି ସେମାନଙ୍କୁ ସୀମାନ୍ତ ପ୍ରଦେଶ ରକ୍ଷକ ଶ୍ରେଣୀରେ ଭୁକ୍ତ କରୁଥିଲେ । ଆଉ କେତେକ କିଲ୍ଲାଦାରମାନେ ଉତ୍କଳ ରାଜବଂଶ ସମ୍ପର୍କୀୟ ଲୋକ ଥିଲେ । କେତେକ କିଲ୍ଲାଦାର ପୂର୍ଣ୍ଣ ସ୍ୱାଧୀନ ଭାବରେ ଥିଲେ ଏବଂ କୌଣସି ରାଜସ୍ୱ ଦେଉ ନଥିଲେ, ମାତ୍ର ସମ୍ରାଟଙ୍କ କ୍ଷମତା ସ୍ୱୀକାର କରୁଥିଲେ । ରାଜପରିବାରର ଲୋକେ ଜାଗିର ଭୋଗ କରୁଥିଲେ । ପ୍ରଧାନ ରାଜକର୍ମଚାରୀମାନେ ଜାଗିର ଭୋଗ କରୁଥିଲେ । ପ୍ରଧାନମନ୍ତ୍ରୀ ବା ବେବର୍ତ୍ତା ମହାପାତ୍ର, ଧର୍ମଯାଜକ ବା ରାଜଗୁରୁ, ସେନାପତି ଅନ୍ୟାନ୍ୟ ୧୬ ପ୍ରଧାନ କର୍ମଚାରୀ ଏବଂ ଅନେକ କ୍ଷେତ୍ରକୁଟୁମ୍ବମାନେ ଏବଂ ପାରିଷଦବର୍ଗମାନେ ରାଜକୋଷରୁ ସେମାନଙ୍କ ବୃତ୍ତିଲାଗି ଭୂମି ଜାଗିର ପାଉଥିଲେ ।

ଗ୍ରାମରେ ଜଣେ ପ୍ରଧାନ, ଜଣେ ଭୂଇଁମୂଳ ଏବଂ ଜଣେ ଚଉକିଦାର ଥିଲା । ଏମାନେ ବିଶୋଇମାନଙ୍କର ଅଧୀନ । ଗ୍ରାମବାସୀଙ୍କ ମତାନୁସାରେ ପ୍ରଧାନ ନିଯୁକ୍ତ ହେଉଥିଲା । ବଂଶପରମ୍ପରାକ୍ରମେ ପ୍ରଧାନ ହେଉଥିଲେହେଁ ରାଜାଙ୍କର ବା ରାଜପ୍ରତିନିଧିଙ୍କ ଅନୁମୋଦନ ବା ଅନୁମତି ଆବଶ୍ୟକ ହେଉଥିଲା । ପ୍ରଧାନ ଗ୍ରାମର ରାଜପ୍ରତିନିଧି ଏବଂ ଗ୍ରାମର ମୁଖପାତ୍ର । ଜମିର ମାଲିକ ସମ୍ରାଟ । ଦଖଲସ୍ୱତ୍ୱ ଗ୍ରାମବାସୀ ବା ପ୍ରତ୍ୟେକ କୃଷୀର ଥିଲା ।

ମୁସଲମାନଙ୍କ ଅମଳରେ ରାଜକର୍ମଚାରୀମାନେ ମଧ୍ୟସ୍ୱତ୍ୱାଧିକାରୀରେ ପରିଣତ ହେଲେ । ସେମାନେ ଅକ୍ଳେଶରେ ରାଜସ୍ୱ ଆଦାୟ ଲାଗି ସେମାନଙ୍କ ମଧ୍ୟସ୍ୱତ୍ୱାଧିକାରୀ ବୋଲି ସ୍ୱୀକାର କରିନେଲେ । ହିନ୍ଦୁ ରାଜାଙ୍କ ଅମଳରେ ରାଜକର୍ମଚାରୀଙ୍କ ଏତଦ୍ଧ୍ୱାରି ଲାଭହେଲା । ଏହି ପରିବର୍ତ୍ତନ ଫଳରେ ଉତ୍କଳରେ ଜମିଦାର, ସରବରାକାର, ମକଦ୍ଦମ, ପୁର୍ଷ୍ଟି, ପ୍ରଧାନ ଇତ୍ୟାଦି ଅନେକ ପ୍ରକାରର ମଧ୍ୟସ୍ୱତ୍ୱ ସୃଷ୍ଟି ହେଲା । ମରହଟ୍ଟାମାନେ ମଧ୍ୟ ଏହି ପ୍ରଥା ଅନୁମୋଦନ କଲେ । ମୁସଲମାନଙ୍କ ଅମଳରେ ମୋଗଲବନ୍ଦି ଓ ଗଡ଼ଜାତ ସୃଷ୍ଟି ହେଲା । ରାଜାଙ୍କ ରକ୍ଷିତ ଅର୍ଦ୍ଧେକ ରାଜ୍ୟ ମୋଗଲବନ୍ଦି ହେଲା ଏବଂ ସୈନିକ ଅଧିପତି ଅଧିକୃତ ରାଜ୍ୟ ଗଡ଼ଜାତ ହେଲା । ସାମାନ୍ୟ ପେସ୍‌କସ୍ ନେଇ ଗଡ଼ଜାତ ରାଜାମାନେ ଅଧୀନ ହେଲେ । ଖୋର୍ଦ୍ଧା ରାଜା ଓ ରାଜାଙ୍କ ପୋଷ୍ୟବର୍ଗଙ୍କୁ ୧୫୪୭ ବର୍ଗମାଇଲ ଛାଡ଼ିଦେଲେ । ଖୋର୍ଦ୍ଧା ରାଜା ପାଇଲେ ଖୋର୍ଦ୍ଧା, ରାହାଙ୍ଗ, ସିରାଇ, ଚବିଶକୁଦ, ଲେମ୍ବାଇ ୧୩୪୨୦୫୧ ବର୍ଗମାଇଲ । ପଟିଆ ରାଜା ପାଇଲେ ପଟିଆ, ସାଇବିର ୭୪୦୦୩ ବର୍ଗମାଇଲ । ଆଳି ରାଜା ପାଇଲେ ଆଳି ୧୩୧୧୦ ବର୍ଗମାଇଲ । ଅବଶିଷ୍ଟ ୫୦୦୦ ବର୍ଗମାଇଲ ବିଶୋଇମାନେ ଶାସନ କଲେ । ଏମାନଙ୍କର ବିଶେଷ କିଛି ନିର୍ଦ୍ଦିଷ୍ଟ ସ୍ୱତ୍ୱ ନଥିଲା, ମାତ୍ର ମରହଟ୍ଟାଙ୍କ ଅମଳରେ ଏମାନଙ୍କ ସ୍ୱତ୍ୱ ସ୍ଥାୟୀ ହେଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ୭ ଜଣ ବଡ଼ ଜମିଦାର ଥିଲେ ଏବଂ ସେମାନଙ୍କ ଅଧୀନରେ ୭ଗୋଟି ପ୍ରଗନା ଥିଲା । କୋଠଦେଶ, କଲଯୋଡ଼, ଶାହାବାଦ, ସାଇବିର, ଭିତରକଣି, ସୁଲତାନନଗର—ମୋଟ ରକବା ୨୯୩ ବର୍ଗମାଇଲ । ଏମାନେ ରାଜସ୍ୱ ଆଦାୟ କରିବାର ସ୍ୱତ୍ୱ ଲାଭକଲେ । ମାତ୍ର ଜମିରେ ଏମାନଙ୍କର କିଛି ସ୍ୱତ୍ୱ ନଥିଲା ।ଏହି ସୂତ୍ରରେ ମଧ୍ୟସ୍ୱତ୍ୱାଧିକାରୀଙ୍କ ସୃଷ୍ଟି ହେଲା । ପ୍ରଜାଙ୍କଠାରୁ ମକଦ୍ଦମ ସରବରାକାରମାନେ ଖଜଣା ଆଦାୟକରି ଜମି-ଦାରଙ୍କୁ ଦେବେ ଏବଂ ଜମିଦାର ଖଜଣାଖାନାରେ ଆଦାୟ ଦେବେ । ଏମାନେ ପ୍ରତ୍ୟେକ କିଛି କିଛି ମାଲିକାନା ପାଆନ୍ତି ଏବଂ ବଂଶପରମ୍ପରାକ୍ରମେ ଖଜଣା ଆଦାୟ କରିବାର ସ୍ୱତ୍ୱ ଲାଭ କରନ୍ତି । ଏମାନେ ନିଯୁକ୍ତି ସମୟରେ ସନନ୍ଦ ପାଉଥିଲେ । କ୍ରମେ ଜମିଦାର ଓ ଆନ୍ୟାନ୍ୟ ମଧ୍ୟସ୍ୱତ୍ୱାଧିକାରୀମାନେ ସେମାନଙ୍କ ସ୍ୱତ୍ୱବିକ୍ରୀ-ଖରିଦ କଲେ । ପ୍ରଜାମାନେ ସେମାନଙ୍କ ଦଖଲ ସ୍ୱତ୍ୱ ଖରିଦ ବିକ୍ରି କରୁନଥିଲେ । ସେମାନେ ଫସଲ ପତ୍ୟାରିରେ ଋଣ କରୁଥିଲେ । ସୁତରାଂ ମହାଜନମାନେ ସେମାନଙ୍କ କୃଷି ଜମି ନେଇ ପାରୁନଥିଲେ । ଏହାଦ୍ୱାରା କୃଷୀକୁଳ ନିଃସ୍ୱତ୍ୱବାନ୍ ହେଉ ନଥିଲେ । ୧୯୧୮ ମସିହା ପର୍ଯ୍ୟନ୍ତ ପ୍ରଜାମାନେ ଆଜି ପାହି ଜମି ବିକ୍ରି କରୁନଥିଲେ । ଉକ୍ତ ମସିହାର ପ୍ରାଦେଶିକ ବନ୍ଦୋବସ୍ତ ପରେ ପ୍ରଜାମାନେ ଜମି ବିକ୍ରିକରି ନିଃସ୍ୱତ୍ୱବାନ ହେଉଛନ୍ତି । ମହାଜନମାନେ ଜମି ନିଲାମ କରାଇ ନେଉଛନ୍ତି ।

———

# ପ୍ରାଚୀନ ଉତ୍କଳ ସମ୍ବନ୍ଧୀୟ ଲେଖା

୧ । ରାଜା ଇନ୍ଦ୍ରଦ୍ୟୁମ୍ନ—ଯେ. ଏନ. ସମଦର, ବି. ଏ.—ବିହାର—ଓଡ଼ିଶା ପ୍ରାଚୀନତତ୍ତ୍ୱ ପତ୍ରିକା ୫-୨—୨୯୫

୨ । କାଳୀଜୟୀ—ମନମୋହନ ରାଏ ବାହାଦୁର — ,, ୫-୨—୩୦୦

୩ । ପୁଷ୍ପକୁଶନ ମୁଦ୍ରା- ।ଇ ଏଚ୍. ସି. ଓ୍ୱାଲ୍ସ୍— ,, ୫-୧—୭୩

୪ । ପାଟଳିପୁତ୍ର ତୋସାଳି—ହରପ୍ରସାଦ ଶାସ୍ତ୍ରୀ— ,, ୫-୧—୩୪

୫ । କେରୁମନ ଓ କଳିଙ୍ଗ—କେ. ଜି. ଶଙ୍କର— ,, ୭-୧—୩୬

୬ । କଳିଙ୍ଗ ରାଜବଂଶ—ଜି. ରାମଦାସ, ବି, ଏ — ,, ୯-୩।୪—୩୯୮

୭ । ଓଡ଼ିଶା—ପ୍ରଫେସର କୃଷ୍ଣସ୍ୱାମୀ ଆୟାଙ୍ଗାର— ,, ୩-୧— ୧

୮ । ଯଯାତି ନଗର—ରାୟବାହାଦୁର ହୀରାଲାଲ— ,, ଏ .ଇ ୯—୧୮୯

୯ । ୧୭ଶ ଶତାବ୍ଦୀର ଓଡ଼ିଶାର ଇତିହାସ—
ଯଦୁନାଥ ସରକାର, ଏମ୍ ଏ. — ,, ବି. ଓ. ପ୍ରା. ୨-୨—୧୫୩

୧୦ । ,, ,, ,, ୭-୧—୫୩

୧୧ । ରାମାନନ୍ଦ ରାୟ—ତାରିଣୀ ଚରଣ ରଥ— ,, ୬-୩—୪୪୮

ହରପ୍ରସାଦ କହନ୍ତି, ରାଜଶେଖର ଏବଂ ଜୀବଦେବଙ୍କ ପୁସ୍ତକରେ ତୋସାଳି ନାମ ଉଲ୍ଲେଖ ଅଛି । ଏ ପୁସ୍ତକ ରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟର ଲେଖା । ଜୀବଦେବ ଓଡ଼ିଶା ରାଜବଂଶର ନାମ ଉଲ୍ଲେଖ କରିଛନ୍ତି—(୧) ଭୋଜବଂଶ, (୨) କେଶରୀବଂଶ, (୩) ଗଙ୍ଗବଂଶ, (୪) ଗଜପତିବଂଶ ।

ହୀରାଲାଲ କହନ୍ତି, ଯଯାତିନଗର ଯାଜପୁର ନୁହେଁ । ଯଯାତିନଗର ମହାନଦୀ ଉପରେ ସମ୍ଭବତଃ ବିନୀତପୁର, ବର୍ତ୍ତମାନ ବିନ୍କା—ସୋନପୁର ।

୧୨ । ଓଡ଼ିଶା ଦେଉଳ ଏବଂ ତାମ୍ରଶାସନ ଲିପି—ତାରିଣୀଚରଣ ରଥ
ବି. ଓ. ପ୍ରା ୩—୩—୪୨୧

୧୩ । ଭୁବନେଶ୍ୱର ଦେଉଳ ତାମ୍ରଶାସନ--
କେ. ପି; ଜଏସଓ୍ୱାଲ— ,, ୫-୨—୨୯୯

୧୪ । ଓଡ଼ିଆ ଅକ୍ଷର—ମିଷ୍ଟର ଫରସନ୍— ,, ୧୦-୧।୨—୨୬୮

୧୫ । ଗଞ୍ଜପା—ମହାରାଜା ସୋନପୁର— ,, ୧୦-୩— ୨୧

୧୬ । ବଣେଇ ଭୂୟାଁ—ଶରତଚନ୍ଦ୍ର ରାୟ: ଏମ୍ ଏ ,, ୫-୨—୨୩୧

ବଙ୍ଗଳାର ଏସିଆଟିକ୍ ସୋସାଇଟି ଜର୍ନାଲ ନାମକ ପତ୍ରିକାରେ ଅନେକ ଗୁଡ଼ିଏ ପ୍ରବନ୍ଧ ବାହାରିଛି । ସେଥିରେ ବୁଦ୍ଧଦେବଙ୍କ ଜନ୍ମସ୍ଥାନ ଲୁମ୍ବିନୀ ବୋଲି ଲେଖାଅଛି । ନେପାଳ ପାଖରେ ଯେଉଁ ଲିପି ମିଳିଛି ଏ ଲିପି ଠିକ୍ ସେହିପରି । ମାତ୍ର କେତେକ ଶବ୍ଦର ପ୍ରଭେଦ ଅଛି । ଓଡ଼ିଶାର କେହି କେହି ଏ ଲେଖା ଦେଖି ବୁଦ୍ଧଦେବଙ୍କ ଜନ୍ମ ଓଡ଼ିଶାରେ ହୋଇଥିବା ଦାବି କରୁଛନ୍ତି । ମାତ୍ର ଏ ବିଷୟର ଆଲୋଚନା ମୁଁ କରି ନଥିବାରୁ କିଛି ମତ ଦେଇ ପାରୁନାହିଁ ।

---

## ଓଡ଼ିଶାର ସୁବେଦାର

୧ । ହାକିମଖାଁ—୧୬୦୭ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୨୬ ତାରିଖରେ ନିଯୁକ୍ତ ।

୨ । କଲ୍ୟାଣସିଂହ—ତୋଡ଼ରମଲ୍ଲଙ୍କ ପୁତ୍ର—ନିଯୁକ୍ତ ୧୬୧୧ ଖ୍ରୀଷ୍ଟାବ୍ଦ,
ବରଖାସ୍ତ ୧୬୧୭ ଖ୍ରୀଷ୍ଟାବ୍ଦ ।

୩ । ମୁଆଜମଖାଁଙ୍କ ପୁତ୍ର ମକରମଖାଁ--ନିଯୁକ୍ତ ୧୬୧୭ ଖ୍ରୀଷ୍ଟାବ୍ଦ ।

୪ । ମିର୍ଜା ଅହମଦବେଗ ଖାଁ—୧୬୨୩-୧୬୨୪ ଖ୍ରୀଷ୍ଟାବ୍ଦ ।

---

## ଉପସଂହାର

ପ୍ରାଚୀନ ଉତ୍କଳର ବିଶାଳତା ଦୃଷ୍ଟିରେ ଏ ପୁସ୍ତକବର୍ଣ୍ଣିତ ବିଷୟ ଅତି କ୍ଷୀଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆହୁରି ଅନେକ ବିଷୟ ରହିଗଲା । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ଆଉ ଅନ୍ୟ ବିଷୟ ସନ୍ନିବେଶିତ କରିବାରୁ କ୍ଷାନ୍ତ ହେଲି । ଗଡ଼ଜାତ ବିଷୟ ଲେଖିବାକୁ ହେଲେ ଗୋଟିଏ ସ୍ୱତନ୍ତ୍ର ପୁସ୍ତକ ହେବ । ପ୍ରତ୍ୟେକ ମନ୍ଦିରର ଇତିହାସ ଲେଖିଲେ ଗୋଟିଏ ସ୍ୱତନ୍ତ୍ର ପୁସ୍ତକ ହେବ । ଯଦି ସୁବିଧା ହୁଏ ଅନ୍ୟ ଭାଗରେ ଲେଖାଯିବ ।

—ସମାପ୍ତ—